ଦାଦା

Digitized by srujanika@gmail.com

Digitized by srujanika@gmail.com

ଉତ୍ସର୍ଗ

ମୋର ଚିରପୂଜ୍ୟ

ପିତାମାତାଙ୍କ ସ୍ମୃତି ଉପଲକ୍ଷ୍ୟେ

ଲୋକାର୍ପଣ

ମହାମହିମ ଓଡ଼ିଶାର ରାଜ୍ୟପାଳ *ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ*

ତା. ୨୪.୦୨.୨୦୧୧

ରଜତ ଜୟନ୍ତୀ ସମାରୋହ ଅଠାବିରା ମହାବିଦ୍ୟାଳୟ

ରେଣୁ ମିଶ୍ର (ଉଦ୍‌ଗାତା)

Digitized by srujanika@gmail.com

ନାନା -(ଏକ ଜୀବନୀ)

ଡ:ଶ୍ରୀମତୀ ରେଣୁ ମିଶ୍ର (ଉଦ୍‌ଗାତା)

ପ୍ରକାଶକ ଓ ସତ୍ତ୍ୱାଧିକାରୀ, ସପ୍ତକନ୍ୟା ଓ ପୁତ୍ରବଧୂ

ପ୍ରଚ୍ଛଦ ଓ ମୁଦ୍ରଣ- ସତ୍ୟବ୍ରତ ପ୍ରିଣ୍ଟିଙ୍ଗ ପ୍ରେସ, ସମ୍ବଲପୁର

ପ୍ରଥମ ପ୍ରକାଶ - ୫.୧୧.୨୦୧୦ ଦୀପାବଳୀ

ସହାୟକ ମୂଲ୍ୟ -ଟ. ୬୦/ମାତ୍ର

ପ୍ରାପ୍ତିସ୍ଥାନ- ମିଶ୍ର ସଦନ, ଗୋପାଳମାଳ, ବୁଢାରଜା, ସମ୍ବଲପୁର ।

Digitized by srujanika@gmail.com

ଉଦ୍‌ଗାତା ପରିବାର

ପଣ୍ଡିତ ଶ୍ରୀ ଲଦ୍ଧୁକେଶ୍ୱର
ନେତ୍ରମଣି

ଡ଼ :ଗୋବିନ୍ଦ ଚନ୍ଦ୍ର
ସରସ୍ୱତୀ

ଭାଇ	**ଭଉଣୀ**
ଗିରୀଶ	ଦ୍ରୌପଦୀ
ସୁରେଶ	ରାଧାମଣି
ହରୀଶ	ଅମୃତ
ବୃନ୍ଦାବନ	କୁମୁଦିନୀ
ସୁଶୀଳ	ବିନୋଦିନୀ
ଶରତ	

- ଡ଼ : ରେଣୁ / ଡ଼ : ବିଭୂତି ଭୂଷଣ ମିଶ୍ର
  - ଡ଼ : ସୁକୁମାର / ଶକୁନ୍ତଳା
    - ସୁମକେଶ(ସିମାର)
    - ସ୍ୱରକେଶ(ସାଗନର)
  - ସୁଶ୍ରୀ / ମାନସ ରଂଜନ ପଣ୍ଡା
    - ମସ୍କା
    - ଅରିନ୍
  - ଶୋଭନ୍ / ଲିପ୍ସିତା
    - ସ୍ନେହନ୍
  - ସ୍ୱସ୍ତି / ତପନ୍ ଦାଶ
    - ସ୍ନିଗ୍ଧଦ୍ୟୁତ୍
    - ସଂସ୍କୃତା
- ଡ଼ : ମୀରା / ଡଃ ଅନ୍ତର୍ଯ୍ୟାମୀ ଦାଶ
  - ବର୍ଣ୍ଣାଳୀ / ଶ୍ରୀକାନ୍ତ ମିଶ୍ର
    - ଶ୍ରେୟାସ୍
  - ସଂବିତ୍ ବନ୍ଦନ / ଦେବସ୍ମିତା
  - ମଧୁବର୍ଣ୍ଣା
- ଜ୍ୟୋତି / ଡଃ ପଞ୍ଚାନନ ମିଶ୍ର
  - ପୁରଜିତ୍ / ସନ୍ତୋଷୀ
    - ଖୁସାଲ୍‌ଜିତ୍
  - ବିନୟଜିତ୍
- ଜ୍ୟୋତ୍ସ୍ନା / ଡଃ ପ୍ରସନ୍ନ କୁମାର ତ୍ରିପାଠୀ
  - ଭାବନା / ସମୀର୍ ରଂଜନ ପାଣିଗ୍ରାହୀ
    - ସାତ୍ତ୍ୱିକ
  - ଅନୁରାଗ / ସୁସ୍ମିତା
    - ଆକାଂକ୍ଷ୍
- ଇନ୍ଦିରା / ଡଃ ଶରତ୍ ଚନ୍ଦ୍ର ପାଣିଗ୍ରାହୀ
  - କୁନାଲ୍ ଗୌରବ / ପ୍ରାଚୀ
  - ସୋନାଲ ସ୍ୱରୂପ
- ରେଖା / ଶ୍ରୀ ମହେଶ୍ୱର ପ୍ରସାଦ ମିଶ୍ର
  - ଋତୁରାଜ
  - ସ୍ୱପ୍ନଲିପି / ଦେବାଶିଷ ଦାଶ
- ଆଶିଷ / ଆରତି
  - ଅନ୍ୱେଷା
  - ଅଭିଜିତ
- ମଧୁମିତା / ଡଃ. ସୁଦୀପ୍ତ କୁମାର ପଣ୍ଡା
  - ଅନିଶା
  - ଅର୍ଣ୍ଣବ

Digitized by srujanika@gmail.com

ସ୍ୱୀକାରୋକ୍ତି

ଈଶ୍ୱରଙ୍କ ଅଶେଷ ଆଶୀର୍ବାଦ ଓ ମୋର ମୈତ୍ର କାକା ଶ୍ରୀଯୁକ୍ତ ଭାଗବତ ପ୍ରସାଦ ନନ୍ଦ, ସାନ ପିଉସୀ ନାନୀ, ସ୍ୱାମୀ ଡ଼. ବିଭୂତି ଭୂଷଣ ମିଶ୍ର ଏବଂ କନିଷ୍ଠ ଭ୍ରାତାଭଗିନୀ, ପରିବାର ବର୍ଗଙ୍କର ପ୍ରେରଣା, ସୁଚିନ୍ତିତ ମତ ପ୍ରଦାନ ଓ ସାହାଯ୍ୟ ହେତୁ ମୁଁ ଏହି କାର୍ଯ୍ୟଦ୍ୱାରା କିଞ୍ଚିତ ପରିମାଣରେ ପିତାଙ୍କର ପଦତଳେ ଶ୍ରଦ୍ଧା ସୁମନ ଅର୍ପଣ କରି ପାରିଥିବାରୁ ଜ୍ୟେଷ୍ଠ ମାନଙ୍କ ନିକଟରେ କୃତଜ୍ଞ ଏବଂ ସାନମାନଙ୍କୁ ମୋର ଆନ୍ତରିକ ଧନ୍ୟବାଦ । ପୁସ୍ତକଟିର ପ୍ରକାଶନ ନିମିତ୍ତ ସେମାନେ ଯଥାଯଥ ସାହାଯ୍ୟ କରି ତାଙ୍କର କର୍ତ୍ତବ୍ୟ ପାଳନ କରିଛନ୍ତି ।

ମୋର ସାନ ପିଉସା ଡ: ଗୋପବନ୍ଧୁ ରଥଙ୍କ ରଚିତ ପ୍ରବନ୍ଧ ୰ ଡ: ଉଦ୍‌ଗାତାଙ୍କ ବ୍ୟକ୍ତିତ୍ୱର କେତେକ ଦିଗର ପରି ପ୍ରକାଶକ ରୂପେ ଏପୁସ୍ତକରେ ସ୍ଥାନିତ ହୋଇଛି । ତେଣୁ ମୁଁ ତାଙ୍କ ନିକଟରେ କୃତଜ୍ଞା ମୋର ଷଷ୍ଠ ଭଗିନୀ, ମଧୁମିତା ଏପୁସ୍ତକରେ ତାର ଅନୁଭୂତି ଲେଖିଛି । ଏତଦ୍ ବ୍ୟତୀତ ମୋର ୰ ନାନାଙ୍କର ନାତି, ନାତୁଣୀ ସୁକୁମାର, ଶକୁନ୍ତଳା (ବଡ଼ନାତି ବୋହୂ) ସୁଶ୍ରୀ, ଶୋଭନ, ସ୍ୱସ୍ତି, କୁନାଲ ଅନ୍ୱେଷା ଓ ସୁମକେଶ (ପଣନାତି) ଆଦି ସେମାନଙ୍କର ମର୍ମ୍ମ ସ୍ପର୍ଶୀ ଅନୁଭୂତି ପରିବେଷଣ କରି ପୁସ୍ତକଟିକୁ ରସମୟ ତଥା ଜାଜ୍ଜ୍ୱଲ୍ୟମାନ କରିଛନ୍ତି । ଏହା ନାନା (୰ ଉଦ୍‌ଗାତା) ଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା ଓ ଭକ୍ତି ଅର୍ଘ୍ୟ । ସେଥିପାଇଁ ସେମାନେ ମୋର ଚିତ୍ତାନନ୍ଦର ଆଧାର ଓ ଧନ୍ୟବାଦର ପାତ୍ର । ମୋର ଭଗିନୀ ଜ୍ୟୋସ୍ନା ଓ ରେଖାର ପିତାଙ୍କ ଜୀବନର ଅନ୍ତିମ ପର୍ଯ୍ୟାୟର ଶୋଚନୀୟ ଶାରୀରିକ ତଥା ମାନସିକ ଅବସ୍ଥା ଓ ଜୀବନର ଶେଷ ପୂର୍ଣ୍ଣଚ୍ଛେଦର ମର୍ମ୍ମସ୍ପର୍ଶୀ ବିବରଣୀ ଉପସ୍ଥାପନରେ ପୁସ୍ତକଟିର ପରିସମାପ୍ତି ହୋଇଛି । ତେଣୁ ସେମାନେ ଧନ୍ୟବାଦର ପାତ୍ରୀ ।

ସତ୍ୟବ୍ରତ ପ୍ରିଣ୍ଟିଂ ପ୍ରେସ୍ ପୁସ୍ତକଟିକୁ ଲୋକଲୋଚନକୁ ଯଥା ସମୟରେ ଆଣିବା ନିମିତ୍ତ ଅକ୍ଳାନ୍ତ ପରିଶ୍ରମ ତଥାକଷ୍ଟ ସ୍ୱୀକାର କରିଥିବାରୁ ପ୍ରେସ୍ ପରିଚାଳକ ଶ୍ରୀଯୁକ୍ତ ସୁରଞ୍ଜନ ମହାପାତ୍ରଙ୍କୁ ମୋର ହାର୍ଦ୍ଦିକ ସାଧୁବାଦ ।

ପରିଶେଷରେ ଅନେକ ଦିନରୁ ଅପେକ୍ଷମାଣ ସ୍ୱପ୍ନ ସାକାର ହୋଇଥିବାରୁ ଈଶ୍ୱରଙ୍କ ପଦତଳେ ଅର୍ପଣ କରୁଛି ମୋର ଭକ୍ତିପୂତ ପ୍ରଣାମ ଏବଂ ପୁସ୍ତକ ରୂପକ ଭକ୍ତି ସୁମନ ।

ପ୍ରକାଶିକା - ସପ୍ତକନ୍ୟା ଓ ପୁତ୍ରବଧୂ

ପୁସ୍ତକଟି ବିବେକୀ ଗ୍ରାହକ ମାନଙ୍କ ହସ୍ତରେ ଚିରଅମ୍ଳାନ ହୋଇ ରହିବ ବୋଲି ଆଶାକରି ସେମାନଙ୍କ ନିକଟରେ ଚିର କୃତଜ୍ଞ ତଥା ଋଣୀ ରହିଲି ।

ପରିଶେଷରେ ମୋର ପିତାଙ୍କ ଚରଣତଳେ ଏହା ମୋର ଭକ୍ତି ପୂତ ଶ୍ରଦ୍ଧା ସୁମନାଞ୍ଜଳି ।

ରେଣୁ ମିଶ୍ର

Digitized by srujanika@gmail.com

ନାନ୍ଦୀମୁଖୀ

"ପିତାଧର୍ମଃ, ପିତାସ୍ୱର୍ଗଃ, ପିତାହି ପରମଂ ତପଃ
ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତାଃ ।"

ଗତ ତା: ୩୦.୧୨.୨୦୦୦ ରେ ମୋ ପିତା ୰ ଡ: ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଦିନ "ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ସ୍ମରଣିକା" - ଉଦ୍‌ଗାତା ସ୍ମୃତି କମିଟୀ ତରଫରୁ ପ୍ରକାଶିତ ହୋଇଥିଲା । ତତ୍‌ପରେ ତାଙ୍କର ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ସୁଧୀ ମଣ୍ଡଳୀ ଉଦ୍‌ଗାତାବାବୁଙ୍କ ଜୀବନୀ ପ୍ରକାଶ କରିବାକୁ ମତ ପ୍ରଦାନ କରିଥିଲେ । ଉଦ୍‌ଗାତା ସ୍ମୃତି କମିଟୀର ସମସ୍ତ ସଦସ୍ୟଙ୍କର ମଧ୍ୟ ସେଥିରେ ସମର୍ଥନ ଥିଲା । ମୋର ଚିର ପୂଜନୀୟା ମାତା ଶ୍ରୀମତୀ ସରସ୍ୱତୀ ଉଦ୍‌ଗତା, ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ମିଶ୍ର, ଶ୍ରୀଯୁକ୍ତ ଭାଗବତ ପ୍ରସାଦ ନନ୍ଦ ଏବଂ ଡ: ବୃନ୍ଦାବନ ପଟେଲ ଓ ମୋର ପରିବାର ବର୍ଗ ଉକ୍ତ ମତକୁ ସମର୍ଥନ କରି ମୋତେ ସେହିକାର୍ଯ୍ୟ ସମ୍ପାଦନ କରିବା ନିମିତ୍ତ ପ୍ରେରଣା ତଥା ଉତ୍ସାହ ପ୍ରଦାନ କରିଥିଲେ ।

କାହିଁ ନୀଳାକାଶର ଚନ୍ଦ୍ରମା, କାହିଁ ଭୂପୃଷ୍ଠର ଅକିଞ୍ଚନ ମାନବ । ଏକ ଅସମ୍ଭବ ବୃହତ୍ କାର୍ଯ୍ୟ ସମ୍ପାଦନ କରିବା ନିମିତ୍ତ ପ୍ରୟାସ କରିଛି । ପ୍ରଥମେ ଈଶ୍ୱର ତଥା ମୋର ପିତାଙ୍କର ଆଶୀର୍ବାଦ ଭିକ୍ଷାକରି ତାଙ୍କ ଜୀବନୀ ରଚନା କରିବାକୁ ଆରମ୍ଭ କଲି । ସେଥିପାଇଁ ମୁଁ ଲେଖନୀ ଚାଳନା କରିବା ସମୟରେ ଚଳଚିତ୍ରର ଫ୍ଲାସ୍‌ବେକ୍ ପରି ମୋର ସ୍ମରଣ ମୁକୁରରେ ଉଦ୍‌ଭାସିତ ହୋଇଉଠେ ଗୋଟିଏପରେ ଗୋଟିଏ ଅତୀତର ଘଟଣାବଳୀ । ଅଶ୍ରୁସିକ୍ତ ହୋଇଯାଏ ଚକ୍ଷୁ । ବିକଳ ହୋଇଉଠେ ହୃଦୟ । ବିଳାପ କରେ ମର୍ମ । ବିଗଳିତ ହୋଇଯାଏ ମନ । ଲେଖନୀ ଚାଳନ କରିବା ସମୟରେ ଚକ୍ଷୁରୁ ଝରିଯାଏ ଲୋତକ । ସିକ୍ତ ହୋଇଯାଏ ନିର୍ଜୀବ ପତ୍ର । କିନ୍ତୁ ତଥାପି ମନ କହେ ନାହିଁ ଲେଖନୀକୁ ଉକ୍ତକାର୍ଯ୍ୟରୁ କ୍ଷାନ୍ତ ହେବା ପାଇଁ ।

ପିତାଙ୍କ ଜୀବନୀ ଲେଖିବାକୁ ମୁଁ ପ୍ରାୟ ୬/ ୭ ବର୍ଷ ପୂର୍ବେ ଆରମ୍ଭ କରିଥିଲି । କିନ୍ତୁ ମଝିରେ ପ୍ରାୟ ୩/ ୪ ବର୍ଷ ପର୍ଯ୍ୟନ୍ତ କେତେକ ଅନିବାର୍ଯ୍ୟ କାରଣ ହେତୁ କାର୍ଯ୍ୟଟି ବନ୍ଦ ହୋଇଯାଇଥିଲା । ତାପରେ ପୁଣି ଗୃହର ନାନାଦି କର୍ମ, ସାଂସାରିକ ଜଞ୍ଜାଳମୟ ସମୟ ମଧ୍ୟରୁ ମାତ୍ର କେତେକ ସମୟ ଲେଖନୀ ଚାଳନା କରି ତାଙ୍କ ଜୀବନର

Digitized by srujanika@gmail.com

ଅଗାଧ ସାଗରକୁ ମନ୍ଥନ କରି କାଣିଚାଏ ଉପାଦାନ ମାତ୍ର ଲାଭ କରିପାରିଲି । ତାହା ଏଠାରେ ମୋର ନଗଣ୍ୟ ବୁଦ୍ଧିରେ ପ୍ରକାଶ କରିବାକୁ ମନ ବଳାଇଛି । ତେଣୁ ଅନେକ ସ୍ଥାନରେ ନିଶ୍ଚୟ ଦୋଷ ତ୍ରୁଟି ରହିଥିବ । ସାଧୁତା, ପାଣ୍ଡିତ୍ୟ ପଣରେ କ୍ଷମା ଦେବା ପାଇଁ ସୁଧୀ ପାଠକ ବୃନ୍ଦଙ୍କୁ ମୋର ବିନୀତ ଅନୁରୋଧ ।

ଉଦ୍‌ଗାତାବାବୁଙ୍କ ସମଗ୍ର ଜୀବନ ଏକ ସାଧକର ଜୀବନ । ନାନାଦିଘାତ, ପ୍ରତିଘାତ ଦୁଃଖ କଷ୍ଟର ଅଗ୍ନିଦାହ ମଧ୍ୟରେ ଶୁଦ୍ଧ ସୁବର୍ଣ୍ଣ ପରି ଜାଜ୍ଜ୍ୱଲ୍ୟମାନ ହୋଇ ଉଠିଲା ଉଦ୍‌ଗାତା ବାବୁଙ୍କ ଜୀବନ । ସେ ଲାଭ କଲେ ତାଙ୍କର ତପସ୍ୱୀ ସାଧକ ଜୀବନର ଶାଶ୍ୱତ ଫଳ । ସାଧନାହିଁ ସିଦ୍ଧିଲାଭର ମୂଳମନ୍ତ୍ର । ଏହାହିଁ ବ୍ୟକ୍ତି, ପରିବାର, ଜାତି, ସମାଜ ତଥା ଦେଶବାସୀଙ୍କ ପ୍ରତି ତାଙ୍କ ଜୀବନର ବାଣୀ । ପରିଶେଷରେ ଏହାହିଁ ପାଠକ ତଥା ମାନବ ଜଗତର ଉନ୍ନତିର ପାଥେୟ ।

ପୁସ୍ତକଟି ପ୍ରଥମେ ତା: ୪.୩.୨୦୦୯ ଫାଲଗୁନ ପୂର୍ଣ୍ଣମୀ-ଦୋଳ ପୂର୍ଣ୍ଣମୀ ଦିନ ମୋ ପିତାଙ୍କ ଜୟନ୍ତୀ ସଭାରେ ଉନ୍ମୋଚିତ ହୋଇଥିଲା । ତାହାର ପ୍ରଚ୍ଛଦପଟରେ କେବଳ ତାଙ୍କର ଫଟୋ ଚିତ୍ରର ଏକ କଳା ସ୍କେଚ୍ ଆଉଟଲାଇନ୍‌ର ଫଟୋ ରହିଥିଲା ।

ମୋର ପରିବାରର ସଦସ୍ୟ ବର୍ଗଙ୍କର ଅନୁରୋଧ କ୍ରମେ ସେମାନଙ୍କର ରଚନା ବଳୀ ପ୍ରକାଶ କରି ଏକ ପରିବର୍ଦ୍ଧିତ ସଂସ୍କରଣ କରାହୋଇଛି । ପାଠକଙ୍କ ଅଭିମତାନୁସାରେ ଏହି ପୁସ୍ତକର ପ୍ରଚ୍ଛଦପଟ ରେ ତାଙ୍କର ରଙ୍ଗୀନ ଫଟୋ ଚିତ୍ର ପ୍ରଦତ୍ତ ହୋଇଛି ।

Digitized by srujanika@gmail.com

ସୂଚୀପତ୍ର

		ପୃଷ୍ଠା
୧.	ଜନ୍ମକାତକ	୧
୨.	ଛାତ୍ରାବାସ ଜୀବନ	୪
୩.	ବିଧିର ବିଡ଼ମ୍ବନା	୬
୪.	ଗୁରୁ ଓ ଶିଷ୍ୟ	୮
୫.	ସି.ଟି ସ୍କୁଲରେ ଶିକ୍ଷା	୯
୬.	ବାଲ୍ୟ ବିବାହ	୧୦
୭.	ଭ୍ରାତା ଓ ଭଗିନୀ	୧୩
୮.	ବଧୂ ସରସ୍ୱତୀ	୧୫
୯.	ପରିବାର	୧୮
୧୦.	ଚାକିରୀ ଓ ଘରୋଇ ଭାବରେ ଉଚ୍ଚ ଶିକ୍ଷାଲାଭ	୧୯
୧୧.	ତୁଳସୀ ଦୁଇ ପତ୍ରରୁ ବାସେ	୨୨
୧୨.	ମହାରାଜାଙ୍କ ଗୃହଶିକ୍ଷକ	୨୩
୧୩.	ପ୍ରତ୍ନତାତ୍ତ୍ୱିକ ପୂର୍ଣ୍ଣଚନ୍ଦ୍ର ରଥ	୨୫
୧୪.	ଭୂତଦେଖା	୨୬
୧୫.	ସ୍ନେହସିକ୍ତପିତା	୨୯
୧୬.	ରଞ୍ଜନରଶ୍ମି	୩୨
୧୭.	ସଂସ୍କୃତରେ ଏମ୍.ଏ.	୩୨
୧୮.	ସୋନପୁର ବଦଳି କର୍ତ୍ତବ୍ୟ ଆହ୍ୱାନ	୩୮
୧୯.	ଫୁଲରେଣୁ ମୀନାମଣ୍ଡଳୀ	୪୨
୨୦.	କୋଶଳକଳାମଣ୍ଡଳ	୪୬
୨୧.	ବୈକୁଣ୍ଠନାଥ ପଟ୍ଟନାୟକ	୪୮
୨୨.	ବଲାଙ୍ଗିର ରେ ନାରୀ ଶିକ୍ଷା	୪୯
୨୩.	ଖୋଲା ଚିଠି	୫୪
୨୪.	ତୃତୀୟସ୍ୟ ଲାଭଃ	୫୭
୨୫.	ପବ୍ଲିକ୍ ସାର୍ଭିସ୍ କମିଶନ ଇଣ୍ଟରଭ୍ୟୁ	୫୮
୨୬.	ଅଧ୍ୟାପକ ଉଦ୍ଗାତା	୬୦
୨୭.	କଟକରେ ଆମେ	୬୪

Digitized by srujanika@gmail.com

୨୮.	ସମାବର୍ତ୍ତନ ଉତ୍ସବ	୭୫
୨୯.	ହିନ୍ଦୁପରଂପରା	୭୯
୩୦.	ଶିକ୍ଷକ ଜୀବନର ପରୀକ୍ଷା	୮୧
୩୧.	ବାଗ୍ମୀ ଉଦ୍ଗାତା	୮୩
୩୨.	ଟ୍ରଷ୍ଟଫଣ୍ଡ ଛାତ୍ରାବାସ	୮୮
୩୩.	ରେଣୁର ବାହାଘର	୯୦
୩୪.	ନବୀନ ଆଲୋକ ଧାରକ	୯୪
୩୫.	ସମ୍ବଲପୁର ବିଶ୍ୱବିଦ୍ୟାଳୟ	୧୦୪
୩୬.	ଅବସର ଗ୍ରହଣ ପରେ	୧୦୮
୩୭.	ଡ଼ଃ ମହତାବ ଓ ହୀରାଖଣ୍ଡ	୧୦୯
୩୮.	ଗୋପାଳମାଳ.... କାର୍ଯ୍ୟକ୍ରମ	୧୧୧
୩୯.	ଜାତୀୟତା ବୋଧ	୧୧୫
୪୦.	ବେତାର ଓ ଦୂରଦର୍ଶନ	୧୧୭
୪୧.	ଭକ୍ତ ଉଦ୍ଗାତା	୧୧୮
୪୨.	ସାଧକ ଉଦ୍ଗାତା	୧୧୯
୪୩.	ସ୍ୱାଭିମାନୀ ଉଦ୍ଗାତା	୧୨୨
୪୪.	ସେମାନେ କହନ୍ତି... ଗୋପବନ୍ଧୁରଥ	୧୨୩
	ମଧୁମିତା ଉଦ୍ଗାତା	୧୨୮
	ସୁକୁମାର ମିଶ୍ର	୧୩୪
	ଶକୁନ୍ତଳା	୧୩୫
	ସୁଶ୍ରୀ	୧୩୫
	ଶୋଭନ	୧୩୮
	ସ୍ୱସ୍ତି	୧୪୦
	କୁନାଲ	୧୪୩
	ଋତୁରାଜ	୧୪୫
	ସ୍ୱପ୍ନଲିପି	୧୪୬
	ଅନ୍ୱେଷା	୧୪୭
	ସିମ୍ପର	୧୪୮
୪୫.	ଅନ୍ତିମପର୍ଯ୍ୟାୟ-ରେଖା	୧୪୮
	ଜ୍ୟୋସ୍ନା	୧୫୫
୪୬.	ଲେଖିକାଙ୍କ ଅଭିମତ	୧୬୬

Digitized by srujanika@gmail.com

ଜନ୍ମଜାତକ

ଋତୁନାଂ କୁସୁମାକରଃ ଧରାଧାମରେ ଅବତୀର୍ଣ୍ଣ । ଶୀତର ପ୍ରକୋପ ନାହିଁ କିମ୍ବା ଗ୍ରୀଷ୍ମର ପ୍ରଖର ଉତ୍ତାପ ନାହିଁ । ଏକ ଶାନ୍ତ ସ୍ନିଗ୍ଧ ସୁଶୀତଳ ମଧୁର କମନୀୟ ଆନନ୍ଦମୟ ପ୍ରାକୃତିକ ପରିବେଶ ମଧ୍ୟରେ ଉପନୀତ ହୋଇଛି ଦୋଳପୂର୍ଣ୍ଣମୀ, ଶ୍ରୀଜଗନ୍ନାଥଙ୍କ ଦୋଳଯାତ୍ରା । ସେଦିନ ଶ୍ରୀ ଜଗନ୍ନାଥ ବିଜେ କରନ୍ତି ଦୋଳମଣ୍ଡପକୁ । ଭକ୍ତ ମାନେ ସେଠାରେ ରୁଣ୍ଡ ହୁଅନ୍ତି ତାଙ୍କ ଦର୍ଶନ ଲାଳସାରେ । ଆହୁରି ମଧ୍ୟ ସେ ଦିନ ସମସ୍ତେ ଘରେ ଘରେ ଗୁଣ୍ଡିଖାଇ ଉତ୍ସବ ପାଳନ କରନ୍ତି । ଏହା ନବାନ୍ନ ଭକ୍ଷଣ ଉତ୍ସବ ପରି ଏକ ପ୍ରଧାନ ଗଣପର୍ବ । ଏହା ଏକ ସାମାଜିକ ମହତ୍ତ୍ୱ ବିଶିଷ୍ଟ ପର୍ବ । ଏ ଦିନ ପ୍ରତ୍ୟେକଙ୍କର ବନ୍ଧୁବାନ୍ଧବ ମାନେ ମୁଖ୍ୟ ଗୃହକର୍ତ୍ତା ବା ଯେ ପରିବାରର ଜ୍ୟେଷ୍ଠ ତାଙ୍କ ଘରକୁ ଆସନ୍ତି । ପିଠା ପଣା କରି ଲକ୍ଷ୍ମୀଙ୍କୁ ପୂଜା କରି ଆନନ୍ଦୋତ୍‌ଫୁଲ୍ଲିତ ହୃଦୟରେ ଉକ୍ତ ଦିନଟି ଅତିବାହିତ କରନ୍ତି । ଏ ଦିନ ଠାକୁରଙ୍କ ନିକଟରେ ଚଣା, ସାକରପଟି ବା ପାଗିଲା ଗୁଡ଼ରେ ତିଆରି ସ୍ତର ସ୍ତର ବିଶିଷ୍ଟ ଗୋଲ ଗୋଲ ଛୋଟ ଛୋଟ ଚେପ୍‌ଟା କୃତି ମିଠା, ଆମ୍ବକଷି, କିଂଶୁକ ପୁଷ୍ପ, ଗୁର ଫଳ ଭୋଗ କରାହୁଏ । ଫଗୁ ରଙ୍ଗ ଠାକୁରଙ୍କୁ ଅର୍ପଣ କରାହୁଏ ଏବଂ ତା ପରେ ସମସ୍ତେ ମୁଣ୍ଡରେ ଫଗୁ ଲଗାନ୍ତି । ତତ୍ ପରଦିନ ସମସ୍ତେ ଆନନ୍ଦରେ ହୋରି ଖେଳ ବା ଫଗୁ ଖେଳରେ ମଜ୍ଜିଯାଆନ୍ତି ।

ଏହିପରି ଏକ ପବିତ୍ର ଉଲ୍ଲାସ ଭରା ଦିବସରେ ୧୯୨୦ ଖ୍ରୀ:ଅ: ମାର୍ଚ୍ଚ ତା.୪ ଦିନ ବଲାଙ୍ଗିର ଜିଲ୍ଲାର ନରସିଂହ ବନ୍ଧ ନିକଟସ୍ଥ ବାଳିକା ବିଦ୍ୟାଳୟର ସମୀପରେ ଥିବା ଏକ ସରକାରୀ କ୍ୱାଟର ଘରେ ଏକ ନବଜାତ ଶିଶୁ ପୁତ୍ର ଭୂମିଷ୍ଠ ହୋଇଥିଲେ । ତାଙ୍କ ପିତାଙ୍କ ନାମ ଶ୍ରୀଯୁକ୍ତ ପଣ୍ଡିତ ଲଡୁକେଶ୍ୱର ଉଦ୍‌ଗାତା ଏବଂ ମାତା ଶ୍ରୀମତୀ ନେତ୍ରମଣି ଦେବୀ । ଉକ୍ତ ଶିଶୁ ସେଦିନ ପିତାମାତାଙ୍କୁ ଆନନ୍ଦ ସାଗରରେ ନିମଜ୍ଜିତ କରି ଦେଇଥିଲେ । ଦୋଳପୂର୍ଣ୍ଣମୀର ଉତ୍ସାହ ପୂର୍ଣ୍ଣ ଆନନ୍ଦାଲୋକରେ ଜନ୍ମଗ୍ରହଣ କରିଥିବାରୁ ପିତା ଉକ୍ତ ଶିଶୁ ପୁତ୍ରର ନାମ ରଖିଥିଲେ ଦୋଳଗୋବିନ୍ଦ । ପରେ ତାଙ୍କ ନାମରୁ ଦୋଳ ଉଠିଯାଇ କେବଳ ରହିଥିଲା ଗୋବିନ୍ଦ । ସେ ସମସ୍ତଙ୍କ ନିକଟରେ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ନାମରେ ପରିଚିତ ହେଲେ । ଫାଲଗୁନ ମାସରେ ବିଷ୍ଣୁ ଗୋବିନ୍ଦ ନାମରେ ପୂଜିତ ହୁଅନ୍ତି । ସେମାନେ ହେଉଛନ୍ତି ସାତ ଭାଇ ପାଞ୍ଚ ଭଉଣୀ । ସମସ୍ତଙ୍କ ମଧ୍ୟରେ ଗୋବିନ୍ଦ ଥିଲେ ଜ୍ୟେଷ୍ଠ । ଆଉ ଛଅ ଭାଇଙ୍କ ନାମ ହେଉଛି ଗିରୀଶ, ସୁରେଶ, ହରୀଶ, ବୃନ୍ଦାବନ, ସୁଶୀଳ ଓ ଶରତ

Digitized by srujanika@gmail.com

ଏବଂ ପାଞ୍ଚ ଭଉଣୀଙ୍କ ନାମ ହେଉଛି - ଦ୍ରୌପଦୀ, ରାଧାମଣି, ଅମୃତ, କୁମୁଦିନୀ ଓ ବିନୋଦିନୀ । କାଳକ୍ରମେ ସେମାନେ ସମସ୍ତେ ବିବାହ କରି ନିଜ ପରିବାର ମଧ୍ୟରେ ରହି ଜୀବନ ଅତିବାହିତ କଲେ ।

ଶିକ୍ଷା - ଗୋବିନ୍ଦଙ୍କୁ ଯେତେବେଳେ ଚ୍ଚରି, ପାଞ୍ଚ ବର୍ଷ ବୟସ ହେଲା ସେତେବେଳେ ସେ ବିଦ୍ୟାଶିକ୍ଷାରମ୍ଭ କରିଥିଲେ । ଟ୍ୟୁସନ୍ କିମ୍ବା ଚ୍ଚଟଶାଳୀରେ ନିମ୍ନ ପ୍ରାଥମିକ ପାଠଶିକ୍ଷା ଶେଷ କରି ଚତୁର୍ଥ ଶ୍ରେଣୀରେ ନାମ ଲେଖାଇଲେ । ସେ ପୃଥ୍ୱୀରାଜ ଉଚ୍ଚ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ରହି ବିଦ୍ୟାଶିକ୍ଷା ଲାଭ କରିଥିଲେ ।

୧୯୧୦-୧୯୨୪ ପର୍ଯ୍ୟନ୍ତ ବଲାଙ୍ଗିର ପାଟଣା ଷ୍ଟେଟର ରାଜା ଥିଲେ ପୃଥ୍ୱୀରାଜ ସିଂହ ଦେଓ । ପୃଥ୍ୱୀରାଜ ସିଂହ ୧୯୧୬ ସାଲରେ ବଲାଙ୍ଗିରରେ ଗୋଟିଏ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ୧୯୨୪ ଖ୍ରୀ:ଅ:ରେ ତାଙ୍କ ନାମାନୁସାରେ ଉକ୍ତ ବିଦ୍ୟାଳୟ ନାମିତ ହୋଇଥିଲା । ତାଙ୍କ ପରେ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହ ବଲାଙ୍ଗିରରେ ଏକ ବାଳିକା ମଧ୍ୟଇଂରାଜୀ ବିଦ୍ୟାଳୟ ସ୍ଥାପନ କରିଥିଲେ । ବାଳିକା ପ୍ରାଥମିକ ବିଦ୍ୟାଳୟ ୧୯୧୦ ସାଲରେ ସ୍ଥାପିତ ହୋଇଥିଲା । ଗୋଟିଏ ସଂସ୍କୃତ ଟୋଲ, ଗୁରୁଟ୍ରେନିଂ ସ୍କୁଲ ଇତ୍ୟାଦି ମଧ୍ୟ ବଲାଙ୍ଗିରରେ ପ୍ରତିଷ୍ଠିତ ହୋଇଥିଲା । ଏଥିରୁ ଜଣାପଡ଼େ ଯେ ବଲାଙ୍ଗିରରେ ଶିକ୍ଷା ପରିସର ବେଶ୍ ଉନ୍ନତ ଥିଲା ।

ସେ ସମୟରେ ସମାଜରେ ଧନୀକ ଗୋଷ୍ଠୀଙ୍କ ସଂଖ୍ୟା ଖୁବ୍ କମ୍ ଥିଲା । ପରିବାରର ସଦସ୍ୟ ସଂଖ୍ୟା ବେଶୀ ରହୁଥିଲା । ତେଣୁ ପରିବାର ପୋଷଣ କରି ନିଜ ସନ୍ତାନ ସନ୍ତତିଙ୍କ ଶିକ୍ଷା ନିମିତ୍ତ ଖର୍ଚ୍ଚ କରିବା ପାଇଁ ଆବଶ୍ୟକ ଅର୍ଥ ଗୃହକର୍ତ୍ତା ମାନଙ୍କୁ ପ୍ରାୟ ମିଳୁନଥିଲା । ତେଣୁ ରାଜା ମାନେ ମେଧାବୀ ଛାତ୍ର ମାନଙ୍କୁ ବିଦ୍ୟା ଶିକ୍ଷା ଲାଭନିମିତ୍ତ ଛାତ୍ରାବାସରେ ବିନା ଦେୟରେ ରହିବା ଓ ଖାଇବା ପାଇଁ ବନ୍ଦୋବସ୍ତ କରୁଥିଲେ । ମେଧାବୀ ଛାତ୍ର ଭାବରେ ଶ୍ରୀଯୁକ୍ତ ଉଦ୍‌ଗାତା ପୃଥ୍ୱୀରାଜ ଉଚ୍ଚ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ମାଫିରେ ରହି ଓ ଖିଆ ପିଆ ସୁଯୋଗ ଲାଭ କରି ବିଦ୍ୟା ଶିକ୍ଷା କରିଥିଲେ । ମାଁ ମନ ବୁଝେ ନାହିଁ । ଘରେ କେତେ ପ୍ରକାର ତରକାରୀ, କ୍ଷୀରି, ପୁରି, କାକରା ପିଠା, ମଣ୍ଡା, ମୁଗମଣ୍ଡା, ଚକୁଳିପିଠା, ଚିତଉ ପିଠା, ଏଣ୍ଡୁରି ପିଠା, ପୋଡପିଠା, ଅଟକାଳି, ଗଇଁଠା, ମୁଗଚକୁଳି, ଗୁଡ଼ ଦିଆ ମୁଗ ସିଝା, ମୁଗ ତିଖିରି, ଆରିଷା ପିଠା, ଘୋରାମଣ୍ଡା, ଧଳା ଚ୍ଚଉଳ ଚୂନାରେ ତିଆରି ପୁରଭର୍ତ୍ତି ମଣ୍ଡା, ଇତ୍ୟାଦି ପ୍ରସ୍ତୁତ ହୁଏ । ସେ ସମୟରେ ବିଭିନ୍ନ

Digitized by srujanika@gmail.com

ପର୍ବରେ ବିଭିନ୍ନ ପ୍ରକାର ସୁମିଷ୍ଟ ପିଷ୍ଟକ ତିଆରି କରି ଠାକୁରଙ୍କୁ ଭୋଗଦିଆ ହେଉଥିଲା । ଚତୁର୍ମାସ୍ୟା ଗୁରୁବାର ମାର୍ଗଶୀର ମାସର ଶେଷ ପାଳି ଗୁରୁବାରରେ ଶେଷ ହୁଏ । ଉକ୍ତ ଦିନ ଲକ୍ଷ୍ମୀପୂଜା ପାଇଁ ବିଭିନ୍ନ ପ୍ରକାର ପିଠା ପଣା ସହ ଲେଉଟଚକୁଳି ପୂଜା ହେବା ନିୟମ ଅଛି । ମାଁ ଲକ୍ଷ୍ମୀ ଲେଉଟ ଚକୁଳି ଖାଇଥିଲେ ଆଉ ଥରେ ଲେଉଟି କରି ବା ଫେରି କରି ଘରକୁ ଆସିବେ ବୋଲି ଜନମାନସରେ ବିଶ୍ୱାସ ଦୃଢ଼ୀଭୂତ ହୋଇ ରହିଛି ।

ଘରେ ଘରେ ଭିନ୍ନ ଭିନ୍ନ ତରକାରୀ ରନ୍ଧା ହେଉଥିଲା । ଯଥା :- ବାଡ଼ିବଗିଚ୍ଛରେ ଫଳି ଥିବା ଥୋଲି ଜହ୍ନି ସନ୍ତୁଳା, ଭଜା, ରାଇ, ଭେଣ୍ଡି ସରୁ ସରୁ ଚକି ଚକି କରି କାଟି କରଡ଼ି, ହେଣ୍ଡୁଆ ବେସର ବିଲାତି ବାଇଗଣ ଦେଇ ଭେଣ୍ଡୀ ଚୁଟ୍‌ଚୁଟା, ମାଛ ହଳଦୀ ପାଣି, କାଞ୍ଜି ଆମ୍ବିଳ, ଗୋଳିଆ ଗୋଳି ତରକାରୀ, ବିଭିନ୍ନ ପ୍ରକାର ମିଶ୍ରିତ ଶାଗର ଏକ ଘାଣ୍ଟ, ରସୁଣ ଫୁଟା ସଜନା ଶାଗ ଖରଡା ଇତ୍ୟାଦି କେତେ କ'ଣ । ମସଲା ଦିଆ ତରକାରୀ ତ ସବୁଠାରେ ଅତି ସହଜରେ ମିଳିପାରେ । କିନ୍ତୁ ଉପରଲିଖିତ ପାଟିସୁଆଦିଆ, ପାଟି ଅରୁଚି ଛଡ଼ା ତରକାରୀ, ଶାଗ ଇତ୍ୟାଦି ଜିନିଷ ପ୍ରାୟ ଅନେକ ଲୋକ ଖାଇବା ସ୍ଥାନ ଯଥା :- ଛାତ୍ରାବାସ, ହୋଟେଲ ମାନଙ୍କରେ ମିଳେ ନାହିଁ । ତେଣୁ ସବୁଦିନ ମାଁ ଙ୍କ ମନଦୁଃଖ ଲାଗି ରହିଥାଏ । ଖାଇଲା ବେଳେ ତାଙ୍କ ଆଖିରୁ ଦୁଇଧାର ଲୁହ ବୋହିଯାଏ । ଆହୁରି ମଧ୍ୟ, ତାଙ୍କ ପାଟିରୁ ଥରେ ଥରେ କ୍ଷୀଣ ସ୍ୱରରେ ବାହାରିଯାଏ, ଆହା, "ମୋ ଗୋବିନ୍ଦ କ'ଣ ଖାଉଥିବ ? ଛାତ୍ରାବାସରେ ଏସବୁ କାହୁଁ ପାଇବ । ସେତ ସୁଆଦଖିଆ, ଯାହା ତାହା କରି ରାନ୍ଧି ଦେଲେ ଖାଇପାରେ ନାହିଁ । ହେଲେ ଟିକିଏ ରାଗି କରି ବି କେବେ ଦି ପଦ କଥା କହେନି । ଯାହା ପାଟିକୁ ରୁଚିବ ତାହା ଲଗେଇ କରି ଖାଇବ । ଆହା ମୋ ଗୋବିନ୍ଦ ! ଛାତ୍ରାବାସରେ ଖାଉଥିବ ଯେ, ସେ ଆଉ କ'ଣ ଭୋକରେ ରହୁଥିବ କି । ହେଲେ ଏସବୁ ଚୁଟୁକା ଖାଦ୍ୟ ତ ତାକୁ ଆଉ ମିଳୁ ନଥିବ । ଚୁଟୁକା ଚୁଟୁକି କରି ଟିକିଏ ତା' ଲାଗି ଆଉ କ'ଣ କିଏ ଅଲଗା କରି ଦେଉଥିବ ।" ଏହିପରି ଦିନ ପରେ ଦିନ କଟିଯାଏ । ତାଙ୍କର ଅନ୍ୟ ଛୁଆ ପିଲା ମାନେ ବେଶ୍ ବୁଝି ନିଅନ୍ତି । ମୋ ଜେଜେ ବାପା ଆସନ୍ତି । ମୋ ଜେଜେ ମାଁଙ୍କ ମନ ଦୁଃଖ ବୁଝି କହନ୍ତି - "ଗୋବିନ୍ଦ କ'ଣ ଖାଉଥିବ, ଏ ସବୁ ପ୍ରକାର ତ ଆଉ ପାଉ ନଥିବ ବୋଲି ଭାବି ତୁମେ ମନ କଷ୍ଟ କରୁଛ । ଆସନ୍ତାକାଲି ଭଲ ଭାବରେ ତୁମ ମନମାଫିକ ତା ମନ ମୁତାବକ ତରକାରୀ ଇତ୍ୟାଦି ରାନ୍ଧି ଗିରୀଶ (ତାଙ୍କ ଦ୍ୱିତୀୟ ପୁତ୍ର)ଙ୍କ ହାତରେ ଗୋବିନ୍ଦ ପାଖକୁ ପଠାଇଦେବ । କାର୍ଯ୍ୟକ୍ରମ ଅନୁସାରେ

Digitized by srujanika@gmail.com

କାମ ହୁଏ । ଗିରୀଶ ବାବୁ ଖାଦ୍ୟ ଜିନିଷ ନେଇ ତାଙ୍କୁ ଧରାଇ ଦେଲା ବେଳେ ତାଙ୍କ ହାତରୁ ତାଙ୍କ ଅନ୍ୟ ସାଙ୍ଗମାନେ ତାହା ଛଡ଼ାଇ ନେଇ ସେଥିରୁ କିଛି କିଛି ଖାଇ ଦିଅନ୍ତି, ଓ କହନ୍ତି, "ହଇରେ ଗୋବିନ୍ଦ, ତୋ ପାଇଁ କ'ଣ ତୋବୋଉ ଏକୁଟିଆ ପଠାଇଛନ୍ତି, ସେ ଆମ ସମସ୍ତଙ୍କ ପାଇଁ ମଧ୍ୟ ପଠାଇଛନ୍ତି । ସେ କେବଳ ତୋ ବୋଉ ନୁହଁନ୍ତି, ଆମ ସମସ୍ତଙ୍କର ମଧ୍ୟ । ମାଁ ତ ମାଁ ।

(କ) ଛାତ୍ରାବାସ ଜୀବନ - ସେତେବେଳେ ପୃଥ୍ୱୀରାଜ ଉଚ୍ଚ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସର ତତ୍ତ୍ୱାବଧାରକ ଥିଲେ ଉକ୍ତ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ । ତାଙ୍କ ନାମ ଶ୍ରୀଯୁକ୍ତ ନରସିଂହ ମହାପାତ୍ର । ତାଙ୍କ ଘର ବାଙ୍କି (କଟକ) ପୂର୍ବ ଓଡ଼ିଶାର ଉପକୂଳ ଅଞ୍ଚଳରେ । ସେ ଦେଖିବାକୁ ଅତି ସୁନ୍ଦର । ଗୋରା ତନୁ ତୋରା । ପ୍ରାୟ ଛଅ ଫୁଟ ଉଚ୍ଚା, ସ୍ୱାସ୍ଥ୍ୟ ବେଶ୍ ଆନନ୍ଦ ପ୍ରଦାୟକ । ପରିଧାନ ତାଙ୍କର ଥିଲା ଧଳା ଧୋତି ଓ ଢ଼ିଲା । ସେ ଥିଲେ ବିପତ୍ନୀକ । ତାଙ୍କର କୌଣସି ପୁତ୍ର କନ୍ୟା ନଥିଲେ । ସେ ହାଇସ୍କୁଲର କ୍ୱାଟରରେ ତାଙ୍କର ଜଣେ ପୁତୁରା, ହାଇସ୍କୁଲର ଶିକ୍ଷକଙ୍କ ପାଖରେ ରହୁଥିଲେ । ତାଙ୍କ ନାମ ଶ୍ରୀଯୁକ୍ତ ବୈଦ୍ୟନାଥ ମହାପାତ୍ର । ଛାତ୍ରାବାସର ସମସ୍ତ ଛାତ୍ରଙ୍କର ଗତିବିଧି ପଣ୍ଡିତେ ଲକ୍ଷ୍ୟ କରୁଥିଲେ । ଯାହା ଶ୍ରେଣୀ ଗୃହରେ ପଢ଼ାଯାଏ ଉଦ୍‌ଗାତା ତାହାକୁ ମନଧ୍ୟାନ ସହକାରେ ଶୁଣନ୍ତି ଓ ମନେ ରଖନ୍ତି । ସ୍ମୃତିଶକ୍ତି ଥିଲା ତାଙ୍କର ଅତୀବ ପ୍ରଖର । ଏପରିକି ପରୀକ୍ଷା ସମୟରେ ମଧ୍ୟ ଅନ୍ୟ ମାନଙ୍କ ସଦୃଶ ସେ ଘୋଷବନ୍ତ ବଳବନ୍ତ ହୁଅନ୍ତି ନାହିଁ । ସ୍କୁଲରେ ପରୀକ୍ଷା ତାରିଖ ନୋଟିସ୍ ବୋର୍ଡରେ ବାହାରିଗଲା । ସବୁ ଛାତ୍ର ମାନେ ଭୟଭୀତ ହୋଇଗଲେ । ସେ ସମୟରେ ବଲାଙ୍ଗିରରେ ବିଦ୍ୟୁତ୍‌ଶକ୍ତି ଉତ୍ପନ୍ନ ହେଉନଥିଲା । ବିଦ୍ୟୁତ୍‌ଶକ୍ତି ବଲାଙ୍ଗିରରେ ମୂଳରୁ ନଥିଲା । ବଲାଙ୍ଗିର ପୌର ପରିଷଦ କେଉଁଠାରେ କେଉଁଠାରେ ଛକ ଜାଗା ଦେଖି ରାସ୍ତାରେ ଗ୍ୟାସ୍ ଲଣ୍ଠନ ଦୁଇ, ଗ୍ବରିଟା ଦେଇଥାଏ । ସେ ସମୟରେ ପ୍ରାୟ ଘର ମାନଙ୍କରେ କିରୋସିନ୍ ତେଲରେ ଜଳୁଥିବା ଲଣ୍ଠନ ବା ଲାଣ୍ଟିନ୍, ଡିବିରି ଇତ୍ୟାଦି ବ୍ୟବହୃତ ହେଉଥିଲା । ଆଉ କେତେକଙ୍କ ଘରେ ପୋଲାଙ୍ଗ ତୈଳର ଦୀପ ରାତ୍ରି ଅନ୍ଧକାରକୁ ଦୂର କରୁଥିଲା । ବନରେ ମୁନି ଋଷି ମାନେ ପୋଲାଙ୍ଗ, ଇଙ୍ଗୁଦୀ ତୈଳ ଦିଆ ହୋଇଥିବା ପ୍ରଦୀପ ପ୍ରଜ୍ୱଳନ କରି ରାତ୍ରି ଯାପନ କଲା ପରି ଗୃହୀ, ସଂସାରୀ ମାନେ ମଧ୍ୟ ତଦ୍ୱାରା ରାତ୍ରିର ଅନ୍ଧକାରରୁ ମୁକ୍ତିଲାଭ କରୁଥିଲେ । ସେହି ତୈଳ ମଧ୍ୟ ପ୍ରଚୁର ପରିମାଣରେ ଘର ମାନଙ୍କରେ ନଥାଏ । ତେଣୁ ଶୀଘ୍ର ନୈଶ ଭୋଜନ ସମାପନ କରି

Digitized by srujanika@gmail.com

ପରିବାରର ସମସ୍ତେ ନିଦ୍ରାଗତ ହେଉଥିଲେ । ଅତି ପ୍ରତ୍ୟୁଷରୁ ଉଠି ପୁଣି ସମସ୍ତେ ସ୍ୱକର୍ମରେ ରତ ହେଉଥିଲେ । ଏ ପରିସ୍ଥିତିରେ ଛାତ୍ର ତାର ପାଠପଢ଼ା ଅତି ଶୀଘ୍ର ସକାଳୁ ଆରମ୍ଭ କରି ଦେଉଥିଲା । ସେ ସମୟରେ ଯେଉଁ ଛାତ୍ର ମାନେ ଘରେ ରହୁଥିଲେ ସେମାନେ କିଏ ଘରେ ଲାଣ୍ଟିନ୍ ବା ଦୀପାଲୋକରେ ପାଠ ପଢୁଥିଲେ କିମ୍ବା ନିକଟସ୍ଥ ରାସ୍ତା ପାର୍ଶ୍ୱ ସ୍ଥିତ ପୌର ପରିଷଦ ବ୍ୟବସ୍ଥିତ କିରୋସିନି ଲେମ୍ପରେ ପାଠ ପଢୁଥିଲେ ।

ପରୀକ୍ଷା ଆସି ଛାତ୍ରାବାସରେ ସମସ୍ତ ଛାତ୍ରଙ୍କ ପ୍ରକୋଷ୍ଠର ଦ୍ୱାର ଠକ୍ ଠକ୍ କଲାଣି । ସମସ୍ତେ ପାଠ ପଢ଼ା ପଢ଼ି କରି ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହୋଇ ବସିଲେଣି । ଛାତ୍ର ମାନଙ୍କର ବୁଲାବୁଲି ବନ୍ଦ ହୋଇଗଲାଣି । ଆମ ପଣ୍ଡିତ ମହାଶୟ ପିଲା ମାନଙ୍କୁ ପଢୁଛନ୍ତି କି ନାହିଁ ବୋଲି ଯାଞ୍ଚ କରିବାକୁ ଆସିବା ବେଳେ ଦେଖିଲେ ଗୋବିନ୍ଦ ପାଠ ପଢ଼ି ବସିନାହିଁ। ତାଙ୍କୁ ଡାକି କହିଲେ - "ହଇରେ, କାଲି ପରୀକ୍ଷା, ଆଉ କେତେବେଳେ ପଢ଼ିବୁ । ଏ ପର୍ଯ୍ୟନ୍ତ ତ ପାଠ ପଢ଼ିବାକୁ ବସିନାହୁଁ। ଅନ୍ୟ କୌଣସି ଛାତ୍ର ହୋଇଥିଲେ ପଣ୍ଡିତ ମହାଶୟ କ୍ରୋଧରେ ଅଗ୍ନିଶର୍ମା ହୋଇଯାଇଥାନ୍ତେ । କିନ୍ତୁ ଶ୍ରେଣୀର ପ୍ରଥମ ସ୍ଥାନାଧିକାରୀ ଛାତ୍ର ଗୋବିନ୍ଦ । କ'ଣ ବା ତାଙ୍କୁ ଅଧିକ କହିବେ । ପଣ୍ଡିତ ମହାଶୟଙ୍କୁ ଛାତ୍ର ମାନେ ବହୁତ ଭୟ କରୁଥିଲେ । ସାଧାରଣତଃ ଛାତ୍ର ମାନେ ଇଂରାଜୀ, ଗଣିତ, ଭୂଗୋଳ, ସାହିତ୍ୟ ଇତ୍ୟାଦି ଶିକ୍ଷକ ମାନଙ୍କୁ ଯେତେ ଭୟ କରନ୍ତି, ସଂସ୍କୃତ, ବ୍ୟାକରଣ ସଙ୍ଗୀତ, ଡ୍ରଇଂ ଶିକ୍ଷକ ମାନଙ୍କୁ ସେତେ ଭୟ କରନ୍ତି ନାହିଁ। କିନ୍ତୁ ବ୍ୟାକରଣ ଶିକ୍ଷକ ପଣ୍ଡିତେ ଛାତ୍ର ମାନଙ୍କ ମୁହଁରୁ ଶବ୍ଦରୂପ, ଧାତୁରୂପ, କାରକ, ବିଭକ୍ତି, ସମାସ ଇତ୍ୟାଦି ବ୍ୟାକରଣ ମୁଖସ୍ଥ ନେବା ସମୟରେ ଭୁଲ ହୋଇଗଲେ ଯେଉଁ ମାଡ଼, କଠୋର ଶାସ୍ତି ବିଧାନ କରନ୍ତି ସେତିକିରେ ସମସ୍ତେ ଏକାଥରକୁ ଛାଟ୍ । ମାଡ଼କୁ କିଏ ନ ଡ଼ରେ । ମାଡ଼କୁ ମହାଦେବ ଡରନ୍ତି । ତେଣୁ ବିଦ୍ୟାଳୟରେ ପଣ୍ଡିତ ମହାଶୟଙ୍କର ବେଶ୍ ଧାକ୍ । ଛାତ୍ର ମାନେ ତେଣୁ ବାଧ ହୋଇ ତାଙ୍କ ପାଠ ଠିକ୍ ଭାବରେ ନିଜସ୍ୱ କରି ଶ୍ରେଣୀକୁ ଯାଆନ୍ତି ।

ପଣ୍ଡିତ ମହାଶୟଙ୍କ ନରମା କଥା ଗୋବିନ୍ଦଙ୍କ ହୃଦୟରେ ଦେଲା ଛୁରିକାଘାତ । ସେ ତତ୍‌କ୍ଷଣାତ୍ ଆରମ୍ଭ କଲେ ପାଠ ପଢ଼ା । ପରଦିନର ପରୀକ୍ଷା ପାଇଁ ଆବଶ୍ୟକ ଯେତିକି ପୁସ୍ତକ ଓ ନୋଟ୍ ଖାତା ଇତ୍ୟାଦି ନିଜ ବିଛଣା ଉପରେ, ପାଖରେ ରଖି ଆରମ୍ଭ କଲେ ପାଠ । ପଢ଼ା ଚାଲିଲା ରାତିସାରା । ନିଦ ରହିଲା ତା ବାଟରେ । ତାଙ୍କର ଇଚ୍ଛାଶକ୍ତିକୁ ଦମନ କରି ନ ପାରି ନିଦ୍ରା ହେଲା ଛଟପଟ, ସ୍ୱୀକାର କଲା ପରାଜୟ । ଉଦ୍‌ଗାତାଙ୍କର

Digitized by srujanika@gmail.com

ଥିଲା ଗୋଟିଏ ବଦଭ୍ୟାସ । ରାତିସାରା ବିଡି ଗୋଟେ ଗୋଟେ ହାତରେ ଧରି ପିଆ ଚାଲିଥାଏ ଓ ଏ ଆଡେ ବର୍ଷୁଥାଏ ସରସ୍ୱତୀଙ୍କ ଆଶୀର୍ବାଦ ବାରିଧାରା । ତତ୍‌ପର ଦିନ ଆଗମନ କଲା ଉଷା । ପରୀକ୍ଷାର୍ଥୀ ହେଲେ ଗୋବିନ୍ଦ । ଶ୍ରେଣୀରେ ପରୀକ୍ଷା ଫଳ ବାହାରିଲା । ଉଦ୍‌ଗାତାଙ୍କ ନାମ ରହିଥିଲା ସର୍ବାଗ୍ରେ । ପ୍ରଥମ ସ୍ଥାନରେ ସେ ହୋଇଥିଲେ ଅଧିଷ୍ଠିତ । ପଣ୍ଡିତ ମହାଶୟ ଛାତ୍ରର ମେଧା, ତୀକ୍ଷ୍ଣ ବୁଦ୍ଧି ଦେଖି ବିସ୍ମୟାଭିଭୂତ ହୋଇଗଲେ । ଘଟଣାଟି ତା କାନୁ ତା କାନ ହୋଇଗଲା । ତୁଣ୍ଡ ବାଇଦ ସହସ୍ର କୋଶ ।

ପୃଥ୍ୱୀରାଜ ହାଇସ୍କୁଲରେ ପ୍ରତିବର୍ଷ ବାର୍ଷିକୋତ୍ସବ ହେଉଥିଲା । ପୁରସ୍କାର ବିତରଣୀ ଉତ୍ସବ ଉକ୍ତ ଉତ୍ସବର କାର୍ଯ୍ୟକ୍ରମରେ ରହୁଥିଲା । ମଝିରେ ମଝିରେ ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ଶ୍ରେଣୀ ନିମିତ୍ତ ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ, ନାଟକ, ଏକାଙ୍କିକା, ଚିତ୍ରାଙ୍କନ, କବିତା ଓ କାହାଣୀ ଲିଖନ, ପଦ୍ୟାବୃତ୍ତି ପ୍ରତିଯୋଗିତା ଇତ୍ୟାଦି ଅନୁଷ୍ଠିତ ହେଉଥିଲା । ସେ ହାଇସ୍କୁଲରେ ପଢୁଥିବା ସମୟରେ ତାଙ୍କ ଭାଇ ମାନେ ଗିରୀଶ, ସୁରେଶ, ହରୀଶ ମଧ୍ୟ ପଢୁଥିଲେ । ସେ ସମୟରେ ବଲାଙ୍ଗିରରେ ନାରୀ ଶିକ୍ଷାର ପ୍ରଚଳନ ନଥିବାରୁ ତାଙ୍କର ଭଉଣୀ ମାନେ ଦ୍ରୌପଦୀ, ରାଧିକା ଓ ଅମୃତ ପଢ଼ିବାକୁ ବିଦ୍ୟାଳୟକୁ ଯାଉନଥିଲେ । ସେ ଓ ତାଙ୍କ ଭାଇ ମାନେ ପ୍ରତିଯୋଗିତା ମାନଙ୍କରେ ଅଂଶ ଗ୍ରହଣ କରି ପୁରସ୍କୃତ ହେଉଥିଲେ । ସେ ସମୟରେ ଶିକ୍ଷକ ମାନେ ସେମାନଙ୍କର କୃତିତ୍ୱରେ ବିମୁଗ୍ଧ ତଥା ଆନନ୍ଦିତ ହେଉଥିଲେ । ଏତଦ୍ୱାରା ସେମାନେ ଶିକ୍ଷକ ମାନଙ୍କର ଦୃଷ୍ଟ୍ୟାକର୍ଷଣ କରୁଥିଲେ । ଏପରିକି ଶିକ୍ଷକ ମାନେ ଆନନ୍ଦରେ କହି ପକାଉଥିଲେ- "ଏ ପଣ୍ଡିତ (ଲଡୁକେଶ୍ୱର ଉଦ୍‌ଗାତା) ପୁଅ, ଉଦ୍‌ଗାତା ପୁଅ ମାନେ କ'ଣସବୁ ପୁରସ୍କାର ନେଉଛନ୍ତି ।"

ଥରେ ଗିରୀଶ କ'ଣ ଗୋଟିଏ ସଂସ୍କୃତ ବ୍ୟାକରଣର ସଠିକ ଉତ୍ତର ଦେଇପାରିଲେ ନାହିଁ । ସେତେବେଳେ ସେହି ପଣ୍ଡିତ ମହାଶୟଙ୍କ ମୁଖରୁ ନିର୍ଗତ ହୋଇଥିଲା - "ହଇରେ ତୁ ଗୋବିନ୍ଦର ଭାଇ, ପଣ୍ଡିତ ପୁଅ - ତୁ ଏଇଟା କହି ପାରୁନୁ ।" ଏହା ମଧ୍ୟ ଏକ ପ୍ରକାର ଶାସ୍ତି ତାଙ୍କୁ ପଣ୍ଡିତ ମହାଶୟ ଦେଲେ । ହାତରେ ମାର କି ବାତ୍ (ବଚନ)ରେ ମାର, ଏତିକିରେ ସେ ପିଲା ସାବାଡ଼ । ଆଉ ଦିନେ ସେ ଭୁଲ କରି ନାହିଁ । ମନେ ରହିଲା ତାର ସାରା ଜୀବନ ଗୁରୁ ପରି ଗୁରୁଜଣେ ।

(ଖ) ବିଧିର ବିଡମ୍ବନା - ୧୯୩୭ ଖ୍ରୀ:ଅ:ରେ ସେ ମ୍ୟାଟ୍ରିକ୍ୟୁଲେସନ ପରୀକ୍ଷା

Digitized by srujanika@gmail.com

ଦେଇଥିଲେ । ବ୍ରିଟିଶ ରାଜତ୍ୱ କାଳରେ ଭାରତ କେତେକ ପ୍ରଦେଶରେ ବିଭକ୍ତ ହୋଇଥିଲା । ସେ ମଧ୍ୟରୁ ବଙ୍ଗ, ବିହାର ଓ ଓଡ଼ିଶା ମିଶି ଗୋଟିଏ ପ୍ରଦେଶ ହୋଇଥିଲା । ୧୯୦୫ ଖ୍ରୀ:ଅ : ରେ ବଙ୍ଗ ବ୍ୟବଚ୍ଛେଦ ବିରୁଦ୍ଧରେ ଆରମ୍ଭ ହେଲା ଆନ୍ଦୋଳନ । କ୍ରମେ ଆନ୍ଦୋଳନ ବୃହଦାକାର ଧାରଣ କଲା । ପଶ୍ଚିମବଙ୍ଗ ସ୍ୱତନ୍ତ୍ର ପ୍ରଦେଶ ରୂପେ ଘୋଷିତ ହେଲା । ୧୯୧୧ ଖ୍ରୀ:ଅ :ରେ ବିହାର ଓଡ଼ିଶା ଏକତ୍ରିତ ଏକ ଶାସନାଧୀନ ହୋଇ ରହିଲା । ପାଟନାରେ ଗୋଟିଏ ବିଶ୍ୱବିଦ୍ୟାଳୟ ଥିଲା । ଓଡ଼ିଶାର ଛାତ୍ର ମାନେ ପାଟନା ବିଶ୍ୱବିଦ୍ୟାଳୟରେ ମ୍ୟାଟ୍ରିକ ପରୀକ୍ଷା ଦେଉଥିଲେ । ତେଣୁ ସେତେବେଳେ ଶ୍ରୀ ଗୋବିନ୍ଦ ଉଦ୍‌ଗାତା ମଧ୍ୟ ପାଟନା ବିଶ୍ୱବିଦ୍ୟାଳୟରେ ମ୍ୟାଟ୍ରିକ୍ୟୁଲେସନ୍ ପରୀକ୍ଷା ଦେଇଥିଲେ । ପରୀକ୍ଷା କେନ୍ଦ୍ର ହୋଇଥିଲା ସମ୍ବଲପୁରରେ ବଲାଙ୍ଗୀରର ପରୀକ୍ଷାର୍ଥୀମାନେ ପାଟଣା ବଙ୍ଗଳାରେ ରହୁ ଥିଲେ । ତାଙ୍କ ସାଙ୍ଗରେ ପରୀକ୍ଷାର୍ଥୀ ଭାବରେ ଯାଇଥିଲେ ମୀନକେତନ ଦାସ, ମହେନ୍ଦ୍ର ମିଶ୍ର, ନୀଳାଚଳ ସରାଫ, ବିପିନ ବିହାରୀ ସିଂହ, ଅର୍ଜ୍ଜୁନ ଦାଶ, ଅଚ୍ୟୁତାନନ୍ଦ ମିଶ୍ର, ମୁରଲୀଧର ଯୋଷୀ ଇତ୍ୟାଦି । ପରୀକ୍ଷା ଦେଇସାରି ଘରକୁ ଫେରିବାର ପ୍ରାୟ ଦେଢ଼ କି ଦୁଇ ମାସ ପରେ ପରୀକ୍ଷା ଫଳ ପ୍ରକାଶିତ ହେଲା । ପୃଥ୍ୱୀରାଜ ଉଚ୍ଚ ଇଂରାଜୀ ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କ ମନରେ ଲାଗିଲା ବଜ୍ରାଘାତ । ଆଶାତୀତ ଘଟଣା ଘଟିଲା । ସେ ସମୟରେ ଉକ୍ତ ସ୍କୁଲରେ ପ୍ରଧାନ ଶିକ୍ଷକ ଥିଲେ ଶ୍ରୀଯୁକ୍ତ **ବାଳମୁକୁନ୍ଦ ହୋତା** । ସେ ସ୍କୁଲର ମ୍ୟାଟ୍ରିକ୍ୟୁଲେସନ୍ ଫଳ ପ୍ରକାଶିତ ହେଲା ତା.୨.୬.୩୭ରେ ତାହା ଦେଖି ସମସ୍ତେ ବିସ୍ମିତ ହୋଇଗଲେ । ଗୋବିନ୍ଦ ଉତ୍ତୀର୍ଣ୍ଣ ହୋଇଛି ଦ୍ୱିତୀୟ ଶ୍ରେଣୀରେ । ସଙ୍ଗେ ସଙ୍ଗେ ପାଟିରୁ ତାଙ୍କର ବାହାରିଗଲା ଦୁଃଖସୂଚକ ଶବ୍ଦ 'ଆଃ' । ତତ୍‌କ୍ଷଣାତ୍ ବିଦ୍ୟାଳୟର ଶିକ୍ଷକ ମହଲରେ ଖେଳିଗଲା ଏକ ଦୁଃଖର ଛାୟା ।

ପରୀକ୍ଷା କେନ୍ଦ୍ର ହୋଇଥିଲା ସମ୍ବଲପୁରରେ । ବଲାଙ୍ଗୀରର ପରୀକ୍ଷାର୍ଥୀ ମାନେ ପାଟଣା ବଙ୍ଗଳାରେ ରହୁ ଥିଲେ । କାରଣ ଆଶା ବୃକ୍ଷ ମୂଳରେ ହୋଇଛି କୁଠାରାଘାତ । ଚୂରମାର୍ ହୋଇଛି ଆଶା ସୌଧ । ଉକ୍ତ ବିଦ୍ୟାଳୟର ଶିକ୍ଷକଙ୍କ ସହ ତାଙ୍କ ପିତାଙ୍କର ପରିଚୟ ବେଶ୍ ଘନିଷ୍ଠ ଥିଲା । ସେ ସଂସ୍କୃତ ଟୋଲରେ ଚାକିରୀ କରୁଥିଲେ । ସେଠାରୁ ଘରକୁ ଫେରିବା ବେଳେ ବାଟରେ ବଲାଙ୍ଗିର ସମଲେଶ୍ୱରୀ ମନ୍ଦିର ନିକଟରେ ଗୋଟିଏ ଜାଗାରେ ତାଙ୍କର ସହକର୍ମୀ ଶିକ୍ଷକ ବନ୍ଧୁ ମାନଙ୍କ ଅନୁରୋଧ ରକ୍ଷା କରି ସେମାନଙ୍କ ସହ ପଶାଖେଳ ଶେଷ କରି ଆସୁଥିଲେ । ବାଟରେ ଗୋବିନ୍ଦଙ୍କ ପରୀକ୍ଷା ଫଳ ଶୁଣି ଏକମୁହାଁ

Digitized by srujanika@gmail.com

ହୋଇ ଘରକୁ ଆସି ବହୁତ କାନ୍ଦିଲେ ଓ ଦୁଃଖରେ ଭାଙ୍ଗି ପଡ଼ିଲେ । ଅନ୍ୟ ଶିକ୍ଷକ ମାନଙ୍କ ସହ ସେ ସମଦଶାପନ୍ନ ହୋଇ ଅତିଶୟ ମନ ଦୁଃଖରେ କାଳାତିପାତ କଲେ । ତାଙ୍କ ମୁଖରୁ କେବଳ ଏତିକି ନିଃସୃତ ହେଲା- "ମୋ ଗୋବିନ୍ଦ ପରି ପୁଅ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲା" କେବଳ ମାତ୍ର ତିନି ମାର୍କ ପାଇଁ ପରୀକ୍ଷାରେ ତାଙ୍କର ଦ୍ୱିତୀୟ ଶ୍ରେଣୀ ହୋଇଯାଇଥିଲା । ହେ ଭଗବାନ ଦୀନବନ୍ଧୁ, ଆର୍ତ୍ତତ୍ରାଣ, ଦୁଃଖୀର ଗୁହାରୀ ଶୁଣ ।

(ଗ) **ଗୁରୁ ଓ ଶିଷ୍ୟ** - ଆମ ଭାରତର ଆର୍ଯ୍ୟ ପରମ୍ପରାରେ ଗୁରୁ ଓ ଶିଷ୍ୟର ସମ୍ପର୍କ ଯୁଗେ ଯୁଗେ ଏକ ମହତ୍ତର ସ୍ଥାନ ଅଧିକାର କରି ଆସିଛି । ଗୋବିନ୍ଦଙ୍କ ମେଧା, ତୀକ୍ଷ୍ଣ ବୁଦ୍ଧି ନିକଟରେ ତାଙ୍କ ଗୁରୁ ବା ଶିକ୍ଷକ ମାନଙ୍କ କ୍ରୋଧ, ତିରସ୍କାର ଇତ୍ୟାଦି ଗୁଣ ଗୁଡିକ ପରାଜୟ ସ୍ୱୀକାର କରିଥିଲେ । ଉକ୍ତ ସ୍ଥାନରେ ଆଗେଇ ଆସିଥିଲେ ମମତା ଓ ସ୍ନେହ ଇତ୍ୟାଦି ସୁଗୁଣ । ସେ ସମୟରେ ଗଣିତ ଶିକ୍ଷକ ଥିଲେ ଶ୍ରୀଯୁକ୍ତ ଯୋଗେଶ୍ୱର ମେହେର, ଶ୍ରୀଯୁକ୍ତ ଗଙ୍ଗାରାମ ପଣ୍ଡା ଇତ୍ୟାଦି । ତାଙ୍କୁ ଦେଖିଲେ ସେମାନଙ୍କ ମନସ୍ୱତଃ ଆନନ୍ଦରେ ଦ୍ରବୀଭୂତ ହୋଇଯାଏ । ସେମାନଙ୍କ ଛାତ୍ର ଗୋବିନ୍ଦ ବିହାର-ପାଟଣା ବିଶ୍ୱବିଦ୍ୟାଳୟ କେନ୍ଦ୍ରରେ ହୋଇଥିବା ମ୍ୟାଟ୍ରିକ୍ୟୁଲେସନ ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛି- ଏହା ଜାଣିବା ପରେ ସମସ୍ତଙ୍କ ଆଶା ସୌଧ ଭୂଷୁଡି ପଡ଼ିଥିଲା ଓ ଦୁଃଖ ସମସ୍ତଙ୍କ ହୃଦୟରେ ଆସନ ବିସ୍ତାର କରିଥିଲା । ତଥାପି ନିଜ ମନକୁ ପ୍ରବୋଧନା ଦେଇ ବିଦ୍ୟାଳୟର ତତ୍‌କାଳୀନ ପ୍ରଧାନ ଶିକ୍ଷକ ଆସି ଜେଜେବାପାଙ୍କୁ ସାନ୍ତ୍ୱନା ଦେଇକରିଗଲେ । ଶେଷ ହେଲା ଗୋବିନ୍ଦ ବାବୁଙ୍କ ସ୍କୁଲ ଶିକ୍ଷା ଅଧ୍ୟାୟ ।

ସେ ସମୟରେ ତାଙ୍କ ପିତା ବଲାଙ୍ଗିରର ସଂସ୍କୃତ ଟୋଲ୍‌ରେ ସଂସ୍କୃତ ଶିକ୍ଷକ ପଣ୍ଡିତ ରୂପେ ଚାକିରୀ କରୁଥିଲେ । ବଲାଙ୍ଗିରରେ ଗୋଟିଏ ଜଗନ୍ନାଥଙ୍କ ମାଉସୀ ମନ୍ଦିର ଥିଲା । ମନ୍ଦିରର ମୁଖଶାଳା ପରି ତାର ପ୍ରବେଶଦ୍ୱାର ଥିଲା । ସେହି ମାଉସୀ ମନ୍ଦିରରେ ବଲାଙ୍ଗିରର ସଂସ୍କୃତ ଟୋଲ୍ ଅନୁଷ୍ଠିତ ହେଉଥିଲା । ତତ୍ପରେ ସେହି ଟୋଲ୍ ଉଠିଯାଇ ବଲାଙ୍ଗିରର ପୃଥ୍ୱୀରାଜ ହାଇସ୍କୁଲ ନିକଟରେ ଅନୁଷ୍ଠିତ ହେଲା ସଂସ୍କୃତ ମହାବିଦ୍ୟାଳୟ ରୂପରେ । ବଲାଙ୍ଗିର ବାସିନ୍ଦା ତଥା ପୂର୍ବତନ ମନ୍ତ୍ରୀ କଂଗ୍ରେସ ନେତା ଶ୍ରୀଯୁକ୍ତ କପିଳେଶ୍ୱର ପ୍ରସାଦ ନନ୍ଦଙ୍କ ଜେଜେବାପା ଶ୍ରୀଯୁକ୍ତ ବିଦ୍ୟାଭୂଷଣ ନନ୍ଦଙ୍କ ନାମାନୁସାରେ ଉକ୍ତ ମହାବିଦ୍ୟାଳୟ ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟ ରୂପେ ନାମିତ ହେଲା ।

ସଂସ୍କୃତ ଟୋଲ୍‌ରେ ଚାକିରୀ କରୁଥିବାରୁ ତାଙ୍କ ପିତାଙ୍କ ଦରମା ଅତି ଅଳ୍ପ ଥିଲା ।

Digitized by srujanika@gmail.com

ତେଣୁ ସେ ଘର ଘର ବୁଲି ପୁରୋହିତି ବା ଯଜମାନୀ କାମ, ବଲାଙ୍ଗିରର ସମଲେଶ୍ୱରୀ ମନ୍ଦିରରେ ଚଣ୍ଡୀପାଠ, ପୂଜା ଇତ୍ୟାଦି କରି ଯତ୍ କିଞ୍ଚିତ୍ ପଇସା ରୋଜଗାର କରୁଥିଲେ । ସେ ଏତେ ଅଳ୍ପ ପଇସାରେ ଅନ୍ୟ ସନ୍ତାନ ସନ୍ତତିଙ୍କୁ ପରିପୋଷଣ କରି ଗୋବିନ୍ଦଙ୍କୁ ନିୟମିତ ଭାବରେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ଜିଲ୍ଲା ବାହାରେ ଥିବା ଅନ୍ୟ କୌଣସି ମହାବିଦ୍ୟାଳୟକୁ ପଠାଇ ପାରିନଥିଲେ । ସଂସାର ଭିତରେ ଘର କରିଥିଲେ ପଥର ପଡିଲେ ସହି । ଉଦ୍‌ଗାତା ବାବୁ ପିତାଙ୍କର ଆର୍ଥିକ ଅନାଟନ ଯୋଗୁଁ ମହାବିଦ୍ୟାଳୟରେ ନିୟମିତ ବିଦ୍ୟାଶିକ୍ଷା ଲାଭରୁ ବଞ୍ଚିତ ହେଲେ ।

ସି.ଟି. ସ୍କୁଲରେ ଶିକ୍ଷା - ଉଦ୍‌ଗାତା ବାବୁ ମ୍ୟାଟ୍ରିକ୍ୟୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ କଟକ ଜିଲ୍ଲାରେ ଥିବା ମାଧ୍ୟମିକ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟରେ ନାମ ଲେଖାଇଲେ ୧୯୩୭ ଖ୍ରୀ:ଅ:ରେ ଓ ୧୯୩୯ ଖ୍ରୀ:ରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେଲେ । ତାଙ୍କ ବନ୍ଧୁ ଶ୍ରୀଯୁକ୍ତ ରାମପ୍ରସାଦ ମିଶ୍ର କଲିକତାରେ ଆଇ.ଏସ.ସି. ପାଠ ପଢ଼ି ଡାକ୍ତରୀ ପାଠ ଶେଷ କରି ସେଥିରେ ଉତ୍ତୀର୍ଣ୍ଣ ହୋଇ ଡାକ୍ତର ଭାବରେ କାର୍ଯ୍ୟାରମ୍ଭ କଲେ । ଉଦ୍‌ଗାତା ବାବୁ ସି.ଟି. ସ୍କୁଲର ପ୍ରଥମ ବର୍ଷରେ ପଢୁଥିବା ସମୟରେ ଭଟ୍‌ଲିର ମଦନମୋହନ ସାହୁ ତାଙ୍କର ସହପାଠୀ ଥିଲେ । ତାଙ୍କ ସାଙ୍ଗରେ ପଢୁଥିଲେ ପୁରୀ ଜିଲ୍ଲାବାସୀ ଶ୍ରୀଯୁକ୍ତ ହରିହର ମିଶ୍ର । ବନ୍ଧୁ ବନ୍ଧୁ ମଧ୍ୟରେ ଯେପରି ମକର, ସଙ୍ଗାତ, ମହାପ୍ରସାଦ ପୁଅ ଝିଅ ମାନେ ମକର ସଂକ୍ରାନ୍ତି ଦିନ ମକର ଚାଉଳ, ନୂଆଁ ଲୁଗା ଇତ୍ୟାଦି ପରସ୍ପର ପରସ୍ପରଙ୍କୁ ଉପହାର ରୂପେ ଦେଇ ବସିଥାନ୍ତି ସେହିପରି ଉଦ୍‌ଗାତା ବାବୁ ଶ୍ରୀଯୁକ୍ତ ହରିହର ମିଶ୍ରଙ୍କ ସାଙ୍ଗରେ ବସିଥିଲେ ଆମ୍ବକଷି । ସେମାନେ ଉଭୟେ ଉଭୟଙ୍କୁ ଆମ୍ବକଷି ବୋଲି ଡାକୁଥିଲେ । ତାଙ୍କ ସାଙ୍ଗରେ ଆଉ ଜଣେ ଶ୍ରୀଯୁକ୍ତ ଗୋପାଳ ପ୍ରଧାନ ମଧ୍ୟ ପାଠ ପଢୁଥିଲେ । ସେ ସମୟରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିଲେ ଶ୍ରୀଯୁକ୍ତ ଲଳିତ ମୋହନ ଘୋଷ ଏବଂ ସହକାରୀ ଶିକ୍ଷକ ରୂପେ ଥିଲେ ଶ୍ରୀଯୁକ୍ତ ବୈକୁଣ୍ଠ ନାଥ ପଟ୍ଟନାୟକ ଏବଂ ଅନ୍ୟ କେତେଜଣ। ଉଦ୍‌ଗାତା ବାବୁ ତାଙ୍କର ମେଧା ଓ ତୀକ୍ଷ୍ଣ ପ୍ରଜ୍ଞାଶକ୍ତି ଦ୍ୱାରା ଶିକ୍ଷକ ମାନଙ୍କର ପ୍ରିୟଭାଜନ ହୋଇପାରିଥିଲେ । ବିଦ୍ୟା ଓ ବୁଦ୍ଧିର ଆଦର ସର୍ବତ୍ର ହୋଇଥାଏ । ତାଙ୍କର ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତ, ବ୍ୟାକରଣ, ଗଣିତ, ଇତିହାସ, ଭୂଗୋଳ ଇତ୍ୟାଦି ବିଷୟକ ଜ୍ଞାନ ଦ୍ୱାରା ଶିକ୍ଷକ ମାନେ ତାଙ୍କୁ ଏକ ସୁଛାତ୍ର ଭାବରେ ଗ୍ରହଣ କରିଥିଲେ । ଉକ୍ତ ବିଦ୍ୟାଳୟରେ ଯେଉଁ ଶିକ୍ଷକ ମାନେ ତାଲିମ ନିଅନ୍ତି ସେମାନେ

Digitized by srujanika@gmail.com

ମାଧମିକ ବିଦ୍ୟାଳୟ ଗୁଡିକର ସମସ୍ତ ଶ୍ରେଣୀରେ ଥିବା ସମସ୍ତ ବିଷୟ ଛାତ୍ର ମାନଙ୍କୁ କିପରି ପଢ଼ା ହେବା କଥା ତାହା ଶିକ୍ଷା କରନ୍ତି । କେତେକ ଛାତ୍ର ସମସ୍ତ ବିଷୟ ପଢ଼ାଇବା ଦିଗରେ ନିପୁଣ ନଥାନ୍ତି । କିନ୍ତୁ ଉଦ୍‌ଗାତା ବାବୁ ପ୍ରତ୍ୟେକ ବିଷୟ ଭଲ ଭାବରେ ପଢ଼ାଇ ପାରୁଥିଲେ । ତେଣୁ ସମସ୍ତଙ୍କର ଦୃଷ୍ଟ୍ୟାକର୍ଷଣ କରିଥିଲେ ।

ପ୍ରତ୍ୟେକ ବିଷୟରେ ସେ, ଥିଲେ ବହୁତ ଆଗ୍ରହୀ । ଏକଦା ତାଙ୍କର ସହପାଠୀ ଶ୍ରୀ ମଦନ ମୋହନ ସାହୁ ଓ ସେ ଦୁହେଁ କୋଣାର୍କ ପରିଦର୍ଶନରେ ଯାଇଥିଲେ । ସେମାନଙ୍କର କୋଣାର୍କ ଦର୍ଶନ ପ୍ରତି ଏତେ ଆଗ୍ରହ ଥିଲା ଯେ ସେମାନେ ଶୁକ୍ଳପକ୍ଷରେ ଜ୍ୟୋସ୍ନା ବିଚ୍ଛୁରିତ ରଜନୀରେ ରାତ୍ରି ସାରା ଅକ୍ଳାନ୍ତ ପରିଶ୍ରମ କରି ପାଦରେ ଚାଲିଚାଲି ଯାଇଥିଲେ । କୋଣାର୍କ ଦେଖି ସାରି ପୁଣି ଶ୍ରୀକ୍ଷେତ୍ରର ଜଗନ୍ନାଥ ମହାପ୍ରଭୁଙ୍କ **ସଂଦର୍ଶନରେ ଯାଇଥିଲେ** । ବାସ୍ତବିକ କି ଉତ୍ସାହ ଓ ଉଦ୍ଦୀପନା ସେମାନଙ୍କଠ ଥିଲା !

ବାଲ୍ୟବିବାହ - ସେତେବେଳେ ସମାଜରେ ବାଲ୍ୟ ବିବାହ ପ୍ରଥା ପ୍ରଚଳିତ ଥିଲା । ବ୍ରାହ୍ମଣ ଘର ଝିଅ ଯୌବନାବସ୍ଥାରେ ପଦାର୍ପଣ କରିବା ପୂର୍ବରୁ ବିବାହ କରୁଥିଲେ । ଝିଅକୁ ତିନିଚାରି ବର୍ଷ ହୋଇଗଲେ ପିତାମାତା ତା ପାଇଁ ଉପଯୁକ୍ତ ବର ପାତ୍ର ଖୋଜିବାରେ ଲାଗି ପଡୁଥିଲେ । ଗୋବିନ୍ଦ ଉଦ୍‌ଗାତାଙ୍କ ପାଇଁ କନ୍ୟା ଖୋଜିବା ବେଳକୁ ତାଙ୍କ ବାପା ବଲାଙ୍ଗିର ଟିକ୍ରାପଡ଼ାରେ ଗୋଟିଏ ଘର ତିଆରି କରିଥିଲେ । ସେହି ଟିକ୍ରାପଡ଼ା ବାସଭବନ ନିକଟରେ ଜଣେ ବ୍ରାହ୍ମଣ ଘର ରହିଥିଲେ । ଉକ୍ତ ଘରର ନାମ ଥିଲା ମୂଷା ବାବୁଙ୍କ ଘର । ମୂଷା ତାଙ୍କର ଡାକ ନାମ । ତାଙ୍କ ଘର ପାଖରେ ଥିଲା ଦାଶରଥି ବାବୁଙ୍କ ଘର । ସାମନାରେ ଥିଲା ଶ୍ରୀ ଶଙ୍କର୍ଷଣ ପାଣିଗ୍ରାହୀ ଓକିଲଙ୍କ ଘର । ସେହି ମୂଷା ବାବୁଙ୍କ ମାଁ ସରସ୍ୱତୀ ଉଦ୍‌ଗାତାଙ୍କ ଦେଠେଇଙ୍କ ସାଙ୍ଗ ଥିଲେ । ସେମାନେ ବଲାଙ୍ଗିର ଜିଲ୍ଲା ନିକଟସ୍ଥ ଚନ୍ଦନଭାଟି ଗ୍ରାମର ଅନତି ଦୂରସ୍ଥ ଜମୁଟିଆ ଗ୍ରାମ ବାସିନ୍ଦା କୁଳୀନ **ବୈଦ୍ୟ** ଶ୍ରୀଯୁକ୍ତ ପ୍ରଭାକର ମିଶ୍ରଙ୍କ କନିଷ୍ଠା କନ୍ୟା ଶ୍ରୀମତୀ ସରସ୍ୱତୀଙ୍କ ସହ ଗୋବିନ୍ଦଙ୍କ ବୈଦ୍ର ବିବାହ ପ୍ରସ୍ତାବ ଉପସ୍ଥାପନ କଲେ । ସେତେବେଳକୁ ଗୋବିନ୍ଦଙ୍କୁ ମାତ୍ର ୧୩/ ୧୪ ବର୍ଷ ଏବଂ ସରସ୍ୱତୀଙ୍କୁ ମାତ୍ର ନଅ ବର୍ଷ ହୋଇଥିଲା । ଉକ୍ତ ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ ପ୍ରଭାକର ମିଶ୍ର ଏବଂ ତାଙ୍କ ପତ୍ନୀ **ଶ୍ରୀମତୀ ଅଗାଧୋଇ ଦେବୀ** । ଗୋବିନ୍ଦ ଯେତେବେଳେ ପୃଥ୍ୱୀରାଜ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ର ଥିଲେ ସେତେବେଳେ ତାଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଖ୍ରୀ:ଅ : ୧୯୩୪ ମଇ ତା.୫ ଦିନ ସେ ସରସ୍ୱତୀଙ୍କୁ ବିବାହ କରିଥିଲେ । ଏତଦ୍ୱାରା ସରସ୍ୱତୀ

Digitized by srujanika@gmail.com

ଗୋବିନ୍ଦ ଯୋଡି ହେଲା । ପୁରାଣରେ ବର୍ଣ୍ଣିତ ଅଛି ବିଷ୍ଣୁଙ୍କ ପତ୍ନୀ ସରସ୍ୱତୀ ଏବଂ ବିଷ୍ଣୁଙ୍କ ଅନ୍ୟ ଏକ ନାମ ଗୋବିନ୍ଦ । ପୁରାଣର ବର୍ଣ୍ଣନା ବାସ୍ତବରେ ପରିଣତ ହେଲା ।

ଏପରି ବାଲ୍ୟବିବାହରେ ଉଭୟେ ଉଭୟଙ୍କ ପ୍ରତି ଆକୃଷ୍ଟ ହେବା ବିଷୟ ଜାଣିନଥାନ୍ତି । ବିବାହର **ତାତ୍ପର୍ଯ୍ୟ** ବିଷୟରେ ସେମାନେ ଥାନ୍ତି ଅଜ୍ଞ । କିନ୍ତୁ ସେତେବେଳର ସାମାଜିକ ଚଳଣୀ ଅନୁସାରେ ବିବାହ ପରେ ପୁଅ ଶ୍ୱଶୁର ଘରେ ସାତ ଦିନ ରହିବା ବିଧି ଥିଲା । ସେ ଅନୁସାରେ ଗୋବିନ୍ଦ ମଧ ସେଠାରେ ରହିବା କଥା । ସେଠାରେ ତାଙ୍କର ତିନିଜଣ ଶାଳକ ଏବଂ ଚ୍ୱରିଜଣ ଦେଢ଼ ଶାଶୁ ଥିଲେ । ସେମାନେ ସମସ୍ତେ ବିବାହ କରି ସାରିଥିଲେ । ପ୍ରଭାକର ମିଶ୍ରଙ୍କର ଅନେକ ଚ୍ୱଷ ଜମି ଥିଲା । ସେଠାରେ ସେମାନେ ମୁଗ, ବିରି, କୋଳଥ, ରାଶି, ସୁଆଁ, ଗୁଞ୍ଜି, ଫଳମୂଳ ପନିପରିବା ଶାଗ ଇତ୍ୟାଦି ଆଦାୟ କରି ଆନନ୍ଦରେ ଚଳୁଥିଲେ ଏବଂ ବିକ୍ରୀ ମଧ କରୁଥିଲେ । ଗ୍ରାମର ବୈଦ୍ୟ ଭାବରେ ପ୍ରଭାକର ମିଶ୍ରଙ୍କ ଖ୍ୟାତି ବେଶ୍ ରହିଥିଲା । ପାଖ ପାଖ ଗ୍ରାମର ଲୋକ ମାନେ ଦେହଖରାପରେ ପଡିଲେ ତାଙ୍କ ପାଖରୁ ଚେରମୂଳିକିଆ କବିରାଜୀ ଔଷଧ ନେଇ ସେବନ କରି ସୁସ୍ଥ ହେଉଥିଲେ । ତାଙ୍କର ମଧମ ପୁତ୍ର ଶିକ୍ଷକ ଥିଲେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚନ୍ଦନଭାଟି ଗ୍ରାମରେ । ଶିକ୍ଷକ ଭାବରେ ତାଙ୍କର ମଧ ବେଶ୍ ସୁନାମ ଥିଲା । ତାଙ୍କର ଏତେ ଧାନ ହୁଏ ଯେ ସେସବୁ ଭଲ ଭାବରେ ନିଆଁ ପାଣି ଭୟରୁ ରକ୍ଷା କରି ସାଇତି କରି ରଖିବା ପାଇଁ ପ୍ରଭାକର ମିଶ୍ର ଆଟୁ ଘର ତିଆରି କରିଥିଲେ । ସେ ଘର ଝରକାଶୂନ୍ୟ । ଆଲୋକ ଟିକିଏ କେବଳ କବାଟ ଥିବା କାନ୍ଥ ପାଖ ଆଡୁ ଯାଏ । ଘରଟି ଶୀତଳ ଭଣ୍ଡାର ପରି ମନେ ହୁଏ । ସେହି ମାଟିଘରେ ଗୋଟିଏ ବଡ଼ ମାଟି ଘୁମା ତିଆରି କରାହୋଇ ଥାଏ । ତା ଉପରେ ଧାନ ପକାଇବା ନିମିତ୍ତ ବାଟ ଥାଏ । ତାର ତଳ ଆଡ଼କୁ ଧାନ ବାହାରିବା ପାଇଁ ବାଟ ଥାଏ । ସେହି ବାଟକୁ ବନ୍ଦ କରିବା ବ୍ୟବସ୍ଥା ମଧ ସେଠାରେ ରହିଥାଏ । ତାଙ୍କର ଆହୁରି ଅନେକ ମାଟିରେ ତିଆରି କାନ୍ଥ ନଡ଼ା ତିଆରି ଛାତ ଘର ରହିଥିଲା । ସରସ୍ୱତୀଙ୍କ ବିବାହ ଉତ୍ସବରେ ଯୋଗଦେବା ପାଇଁ ଯେତେ ବନ୍ଧୁ, ବାନ୍ଧବ, ଝିଅ, ଝିଆଣି ଆସିଥିଲେ ସମସ୍ତେ ସୁବିଧାରେ ରହି ପାରୁଥିଲେ । ଘରକୁ ଲାଗି ଗୋଟିଏ ବିରାଟ ବାଡ଼ିଆଡ଼ ବା ପଛ ପାଖ ଥିଲା । ସେଠାରେ ଅନେକ ପ୍ରକାର ଆମ୍ବ, ପିଜୁଳି, ବରକୋଳି, ଖଜୁରୀ କୋଳି, ବରଗଛ, କାଇଁଚ ଗଛ ସବୁ ରହିଥିଲା । କଦଳୀ କାନ୍ଧି କାନ୍ଧି ହୋଇ କଦଳୀ ଗଛରେ ଫଳି ତଳକୁ ଝୁଲିଥାଏ । ବାଡ଼ରେ ସବୁ **କାଇଁଚ** ଗଛ

Digitized by srujanika@gmail.com

ରହିଥାଏ । ଏହି ପ୍ରକାର ପରିବେଶରେ ସେତେବେଳର ଯୌଥ ପରିବାରରେ ଯେତେ ସଂଖ୍ୟାରେ ଛୋଟ ଛୋଟ ଶିଶୁ ଥିଲେ ମଧ ଆନନ୍ଦରେ ରହିଥାନ୍ତି । ସେମାନଙ୍କର ମନୋରଞ୍ଜନର ଉପାଦାନର ଅଭାବ ନଥିଲା ।

ଏହିପରି ଗ୍ରାମ୍ୟ ପରିବେଶରେ ବିବାହ ପରେ ଉଦ୍‌ଗାତା ସରସ୍ୱତୀ ଦେବୀଙ୍କ ପିତ୍ରାଳୟ ବା ତାଙ୍କର (ଉଦ୍‌ଗାତାଙ୍କର) ଶ୍ୱଶୁରାଳୟରେ ବିଧି ଅନୁସାରେ ସାତଦିନ ରହିବା କଥା । ଉଦ୍‌ଗାତା ବାବୁ ବଲାଙ୍ଗିର ସହରରୁ ସେଠାକୁ ବିବାହ କରିବା ପାଇଁ ଯାଇଥିଲେ । ବରଯାତ୍ରୀରେ ତାଙ୍କର ପିତା ତଥା ଅନ୍ୟ ଗୁରୁଜନ ମାନେ, ସାଙ୍ଗ ସାଥୀ ଓ ଗିରୀଶ, ସୁରେଶ ପ୍ରଭୃତି ଭାଇ ମାନେ ଯାଇଥିଲେ । ସେମାନେ ସମସ୍ତେ ତାଙ୍କୁ ସେଠାରେ ଛାଡି ତାଙ୍କ ଘରକୁ ଫେରି ଆସିଥିଲେ । ଗୋବିନ୍ଦ ଉଦ୍‌ଗାତା ସେଠାରେ ରହିଲେ ଏକାକୀ । ତାଙ୍କୁ ସେଠାକାର କୌଣସି ବିଷୟ ଭଲ ଲାଗୁ ନଥିଲା । ଉକ୍ତ ଗ୍ରାମ୍ୟପରିବେଶରେ ସେ ମୋଟେ ନିଜକୁ ଖାପଖୁଆଇ ପାରୁନଥିଲେ । ଖାଇବାକୁ, କିଛି କରିବାକୁ କେଉଁ ଆଡ଼େ ଯିବାକୁ, କାହା ସହିତ ମିଶିବାକୁ ତାଙ୍କୁ ଭଲ ଲାଗୁନଥିଲା । ଇଚ୍ଛା ହେଉଥିଲା କେମିତି ସେଠାରୁ ଚାଲିଆସି ବଲାଙ୍ଗିରରେ ସାଙ୍ଗ ସାଥୀ ମାନଙ୍କ ନିକଟରେ ଓ ଘରେ ଆତ୍ମୀୟ ସ୍ୱଜନଙ୍କ ପାଖରେ ପହଞ୍ଚିବେ । କିନ୍ତୁ ତତ୍‌କାଳୀନ ସାମାଜିକ ପ୍ରଥାନୁସାରେ ସାତଦିନକୁ ସାତ ପ୍ରକାର ବିଭିନ୍ନ ବିଭିନ୍ନ ପିଠାପଣା ଯଥା :- ବରା, ଦୁଦୁରା, ଚିତଉ, ପିଠାମଣ୍ଡା, ଚକୁଳି ଇତ୍ୟାଦି କରି ଅତି କମ୍‌ରେ ସାତଜଣ ସଧବା ସ୍ତ୍ରୀଲୋକ ବରକନ୍ୟାଙ୍କୁ ନୂଆଁ ବସନ, ମୁକୁଟ ପୁଷ୍ପହାର ଇତ୍ୟାଦି ପିନ୍ଧାଇ ସଜ ବେଶ କରି ନେଇ ବେଦୀରେ ବସାଇ, ଦୀପ, କଳସ ଇତ୍ୟାଦି ସ୍ଥାପନ କରି ଫୁଲ, ଦୁବ, ବରକୋଳି ପତ୍ର, ଅରୁଆ ଚାଉଳରେ ବନ୍ଦାପନା କରୁଥିଲେ । ପ୍ରତ୍ୟେକ ଦିନ ରାତ୍ରିରେ ମଧ ନବବିବାହିତ ବରପିଲା ବା ସ୍ୱାମୀର ନବ ବିବାହିତା ସ୍ତ୍ରୀ ପ୍ରତି କିଛି କର୍ତ୍ତବ୍ୟ ଥାଏ । ତାହା ହେଉଛି ପ୍ରତ୍ୟେକ ଦିନ ରାତିରେ ସେହି ସାତଦିନ ଯାକ ବର ବା ସ୍ୱାମୀ, ସ୍ତ୍ରୀ ଶୋଇଥିବା ଘରକୁ ଯାଇ ତାର ଶୋଇବା ଆସନ ଯଥା :- ମସିଣା ବା ବିଛଣାକୁ ପାଦରେ ସ୍ପର୍ଶ କରି ବା ମାଡି କରି ତା ନିଜ ଶୋଇବା ଘରକୁ ଫେରି ଆସିବ ଏବଂ ସେଠାରେ ଶୋଇବ । ସେହିପରି ଦୁଇ ଚାରିଦିନ କରିବା ପରେ ଗୋବିନ୍ଦଙ୍କୁ ବିରକ୍ତ ଲାଗିଲା । କେମିତି ସେ ସେଠାରୁ ଘରକୁ ଫେରି ଆସିବେ ସେହି ଚିନ୍ତା କରୁଥାନ୍ତି । ଦିନେ ହଠାତ୍ ସାଇକଲଟିଏ ଧରି ସେ ଜମୁଟିଆରୁ ବଲାଙ୍ଗିରକୁ ଚାଲି ଆସିଥିଲେ । ସମସ୍ତେ ନୂଆଁ ଜୋଇଁଙ୍କୁ ନିଜ ଗାଁରେ ଖୋଜାଖୋଜି କରି

Digitized by srujanika@gmail.com

ପୁଣି ବଲାଙ୍ଗିର ଆସି ତାଙ୍କୁ ଦେଖିଲେ । ବଲାଙ୍ଗିରକୁ ସେତେବେଳେ ଜଣେ କିଏ ବିଶିଷ୍ଟ ବ୍ୟକ୍ତି ଆସିଥିଲେ । ତାଙ୍କୁ ଦେଖିବା ବାହାନା ବା ଲୋଭରେ ଶ୍ୱଶୁର ଘର ଛାଡି ନୂଆଁ ଜୋଇଁ ଉଦ୍‌ଗାତା ବାବୁ ଚ୍ଲି ଆସିଥିଲେ ବଲାଙ୍ଗିର । ତାଙ୍କୁ ଦେଖି ତାଙ୍କ ବୋଉ ଚମକି ପଡିଲେ ଓ କହିଲେ "ସାତଦିନ ପର୍ଯ୍ୟନ୍ତ ମାଁର ମୁହଁ ଦେଖନ୍ତି ନାହିଁ, ତୁ କୁଆଡ଼େ ଆସିଲୁ । ସେତକ ଶୁଣିଦେଇ ସେ ତତ୍‌କ୍ଷଣାତ୍ ଶ୍ୱଶୁର ଘରକୁ ଫେରିଗଲେ ।

ଭ୍ରାତା ଓ ଭଗିନୀ :- ଉଦ୍‌ଗାତା ବାବୁଙ୍କର ଛଅ ଜଣ ଭ୍ରାତା ଓ ପାଞ୍ଚ ଜଣ ଭଗିନୀ ଥିଲେ । ସେ ନିଜେ ଜ୍ୟେଷ୍ଠ ଥିଲେ । ତାଙ୍କ ପରେ ଦ୍ରୌପଦୀ, ଗିରୀଶ, ସୁରେଶ, ହରୀଶ, ରାଧା, ଅମୃତ, ବୃନ୍ଦାବନ, ସୁଶୀଳ, ଶରତ ଓ ବିନୋଦିନୀ । ତାଙ୍କ ଭ୍ରାତାଗଣ ସମସ୍ତେ ରାଜ୍ୟ, ତଥା କେନ୍ଦ୍ର ସରକାରଙ୍କ କର୍ମଚ୍ଚାରୀ ରୂପେ ନିଯୁକ୍ତି ଲାଭ କରି ସେଥିରୁ ଅବସର ଗ୍ରହଣ କରି ଅଧୁନା ସେ ଏବଂ ଅନ୍ୟ ପାଞ୍ଚ ଜଣ ଭ୍ରାତା ଇହଲୀଳା ସମ୍ବରଣ କରି ସାରିଲେଣି । ସର୍ବକନିଷ୍ଠ ଭ୍ରାତା ବୟେରେ କିଛି ଦିନ ଚ୍ଚାକିରୀ କରି ଓଡ଼ିଶାର ଜେ.କେ. ପେପର୍ ମିଲ୍ ରାୟଗଡାରେ ଦୀର୍ଘ ଦିନ ଚ୍ଚାକିରୀ କରି ଅବସର ଗ୍ରହଣ କରିବା ପରେ ସେଠାକାର ବାସିନ୍ଦା ହୋଇ କାଳାତିପାତ କରୁଛନ୍ତି । ତାଙ୍କର ପ୍ରଥମ ଭ୍ରାତା ଶ୍ରୀଯୁକ୍ତ ଗିରୀଶ ଚନ୍ଦ୍ର ଡାକ ବିଭାଗର ସହକାରୀ ନିର୍ଦ୍ଦେଶକ ରୂପେ ଅବସର ଗ୍ରହଣ କରିଥିଲେ । ଦ୍ୱିତୀୟ ଭ୍ରାତା ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର - ତାର ବିଭାଗର ତତ୍ତ୍ୱାବଧାରକ ରୂପେ ଅବସରଗ୍ରହଣ କରିଥିଲେ । ତୃତୀୟ ଭ୍ରାତା ଶ୍ରୀଯୁକ୍ତ ହରୀଶ ଚନ୍ଦ୍ର - ମୁନ୍‌ସଫ୍ ଭାବରେ କେତେକ ବର୍ଷ ଚ୍ଚାକିରୀ କରିବା ପରେ ସେ ସବ୍ ଜଜ୍ ପଦବୀକୁ ଉନ୍ନୀତ ହୋଇଥିବା ନିଯୁକ୍ତି ପତ୍ର ସରକାରଙ୍କ ନିକଟରୁ ଲାଭ କରିଥିଲେ । କିନ୍ତୁ ଉକ୍ତ ପଦବୀରେ ଯୋଗଦାନ କରିବା ପୂର୍ବରୁ ହଠାତ୍ ତାଙ୍କ ଶରୀର ଉଦରରୋଗାକ୍ରାନ୍ତ ହେଲା ଓ ସେ ଚିର ବିଦାୟ ନେଇ ଇହଧାମ ତ୍ୟାଗ କରି ଚ୍ଚାଲିଗଲେ । ଚତୁର୍ଥ ଶ୍ରୀଯୁକ୍ତ ବୃନ୍ଦାବନ ଚନ୍ଦ୍ର - ବଲାଙ୍ଗିର ଓଡ଼ିଆ ମାଧମିକ ବିଦ୍ୟାଳୟ ଟିକ୍ରାପଡାରେ ଶିକ୍ଷକତା କରି ଅବସର ଗ୍ରହଣ କରିଥିଲେ । ସେ ଥିଲେ ଜଣେ କବି । କିନ୍ତୁ ସେ ଥିଲେ ଚିରରୁଗ୍‌ଣ । ତେଣୁ ତାଙ୍କର ସାହିତ୍ୟ ସାଧନାର ବିକାଶ ସମ୍ଭବ ହୋଇ ପାରିନଥିଲା । ସେ "ତୃଷ୍ଣା" 'ପୁଷ୍ପମେଘ' ନାମକ ଦୁଇଟି ଚତୁର୍ଦ୍ଦଶପଦୀ କବିତା ପୁସ୍ତକ ପ୍ରକାଶ କରିଥିଲେ । ଅବିବାହିତ ରହି ତାଙ୍କର ସମଗ୍ର ଜୀବନ ସେ ସାଂସାରିକ ସୁଖ ଅଭିଜ୍ଞତା ବିହୀନ ଭାବରେ, ପର ଉପରେ ନିର୍ଭର କରି ଅତିବାହିତ କରି ଚ୍ଚାକିରୀରୁ ଅବସର ଗ୍ରହଣ କରିବା ପରେ ମାତ୍ର ୨।୩ ବର୍ଷ ମଧରେ ଇହଧାମ

Digitized by srujanika@gmail.com

ପରିତ୍ୟାଗ କରି ଚ୍ଵଲିଗଲେ । ପଞ୍ଚମ - ଶ୍ରୀଯୁକ୍ତ ସୁଶୀଳ ଚନ୍ଦ୍ର - ତାଙ୍କର ଚ୍ଵକିରୀ ଜୀବନ ଆରମ୍ଭ ହୁଏ ତାଙ୍କର ସପ୍ତଦଶ ବର୍ଷ ବୟସରୁ । ଭାରତର କେନ୍ଦ୍ର ସରକାରଙ୍କ ସୈନ୍ୟ ବିଭାଗ ବା ଦେଶରକ୍ଷା ବାହିନୀ ବିଭାଗରେ ସେ ଯୋଗଦାନ କରିଥିଲେ ଜଣେ ସୈନ୍ୟ ଭାବରେ । ସେଠାରେ ସେ ନିଶ୍ଚୟ କୋଡ଼ିଏ ବର୍ଷ ଚ୍ଵକିରୀ କରିବେ ବୋଲି ସ୍ୱୀକାରୋକ୍ତି ପ୍ରଦାନ କରିଥିଲେ । ତତ୍‌ପୂର୍ବରୁ ସେହି ଚ୍ଵକିରୀରୁ ଇସ୍ତଫା ଦେଇ ଆସିବାକୁ ହେଲେ ସେଥିରେ ଅନେକ ପ୍ରକାର କଟକଣା ରହିଥାଏ । ସେ ତାଙ୍କ ପିତା ମାତାଙ୍କ **ଅସ୍ୱାସ୍ଥ୍ୟ** ତଥା ବୃଦ୍ଧାବସ୍ଥା ଓ ତାଙ୍କର ସେବା ଶୁଶ୍ରୁଷା ନିମିତ୍ତ ସେମାନଙ୍କ ନିକଟରେ ତାଙ୍କର ଉପସ୍ଥିତିର ଏକାନ୍ତ ଆବଶ୍ୟକତା ବିଷୟ ଉଲ୍ଲେଖ କରି ସେ ଉକ୍ତ ଚ୍ଵକିରୀରୁ ଇସ୍ତଫା ଦେଇ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ ଅବସର ଗ୍ରହଣ କରିବା ପୂର୍ବରୁ । ସେ ବଲାଙ୍ଗିରରେ ବ୍ୟବସାୟ କରୁଥିଲେ । ତତ୍ପରେ କେତେକ ବର୍ଷ ପରେ ସେ ଇହଲୀଳା ସମ୍ବରଣ କଲେ ।

ପାଞ୍ଚ ଜଣ ଭଗିନୀଙ୍କ ମଧ୍ୟରୁ ଜ୍ୟେଷ୍ଠା ଦ୍ରୌପଦୀ ବର୍ତ୍ତମାନ ଆଉ ଇହଜଗତରେ ନାହାନ୍ତି । ରାଧା, ଅମୃତ ଓ କୁମୁଦିନୀ ସମସ୍ତେ ବର୍ତ୍ତମାନ ବାର୍ଦ୍ଧକ୍ୟ ଜନିତ ଦୁର୍ବଳତା ତଥା ବିଭିନ୍ନ ପ୍ରକାର ରୋଗଗ୍ରସ୍ତ । ସର୍ବକନିଷ୍ଠା ବିନୋଦିନୀ ଉଦ୍‌ଗାତା ଅବସର ପ୍ରାପ୍ତ ବଲାଙ୍ଗିର ଜିଲ୍ଲା ଶିକ୍ଷାଧୀଶ ବଲାଙ୍ଗିର ନିବାସୀ ଡ: ଗୋପବନ୍ଧୁ ରଥଙ୍କ ଧର୍ମପତ୍ନୀ । ସେ ସ୍ନାତକୋତ୍ତର ଓଡ଼ିଆରେ ଉତ୍ତୀର୍ଣ୍ଣା ଓ ଶିକ୍ଷା ବିଭାଗରେ ସ୍ନାତକ ଉପାଧି ଧାରିଣୀ । ଅଧୁନା ସେ ଅବସରପ୍ରାପ୍ତା ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଡାଏଟ୍ ବଲାଙ୍ଗିର ସେ (ବିନୋଦିନୀ) ଉତ୍ତମ ଶିକ୍ଷୟିତ୍ରୀ ଭାବରେ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ମଧ୍ୟ ହୋଇଥିଲେ । ସେ (ବିନୋଦିନୀ) ଡ: ଗୋପବନ୍ଧୁ ରଥ ମଧ୍ୟ ଅନେକ ପୁସ୍ତକ ରଚନା କରିଛନ୍ତି । ଯଥା: ରସବତୀ ରସବଲ୍ଲରୀ (ସମ୍ବଲପୁରୀ କବିତା ସଂକଳନ) ପି.ଏଚ.ଡି. ସନ୍ଦର୍ଭ- ବଲାଙ୍ଗିର ପାଟଣାର ସାଂସ୍କୃତିକ ଓ ସାହିତ୍ୟ ପରଂପରା । ଆତ୍ମଜୀବନୀ- ମଠଖାଇରୁ ମସୋରୀ, ପଶ୍ଚିମ ଓଡ଼ିଶାର କଥିତ ଓଡ଼ିଆ ଭାଷା - ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ, ହିନ୍ଦି- ସାଏରୀ- କହିଁ ବାହାର କହିଁ ପତ୍‌ଝର୍ ।

ଅନ୍ୟ ଚ୍ଵରିଜଣ ଭଗିନୀଙ୍କ ଜାମାତା ମାନେ କ୍ରମାନ୍ୱୟରେ ହେଉଛନ୍ତି - ଜ୍ୟେଷ୍ଠ ଶ୍ରୀଯୁକ୍ତ ନୀଳାଦ୍ରୀଶ ଶତପଥି - ବଲାଙ୍ଗିର ପ୍ରତାପ ସାଗରପଡା ନିବାସୀ, ଅବସରପ୍ରାପ୍ତ କର୍ମଚ୍ଵରୀ ବଲାଙ୍ଗିର, ଆୟୁର୍ବେଦ ଚିକିତ୍ସାଳୟ ଦ୍ୱିତୀୟା- ରାଧା ୮ ସ୍ୱାମୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଆଚ୍ଵର୍ଯ୍ୟ ଅର୍ଜିନବିସ୍ । ସେ ଥିଲେ କବି, ଲେଖକ ଓ ଆଲୋଚକ । ତାଙ୍କର

Digitized by srujanika@gmail.com

କବିତା ସଂକଳନ - ଅଗ୍ରଗାମୀ, ଆମୃସଙ୍ଗୀତ, ଯାଅ ସଖୀ ଯାଅ ଚନ୍ଦ୍ରପୁରେ। ଭ୍ରମଣ ବୃତ୍ତାନ୍ତ - ଅଯୋଧ୍ୟା ଦର୍ଶନ, ରାମେଶ୍ୱର ପଥେ। ଆଲୋଚନା- ତୁଳସୀ ରାମାୟଣ, ଅଲିଭା ବଳିତା, ଶାନ୍ତିର ସଂକଟ ଇତ୍ୟାଦି, English: Nehruism, Peace in Dilemma, The weeping earth ଇତ୍ୟାଦି। ତୃତୀୟା - ଅମୃତ ୰ ସ୍ୱାମୀ ଶ୍ରୀଯୁକ୍ତ ବନମାଳୀ ମିଶ୍ର ଅବସରପ୍ରାପ୍ତ ସହକାରୀ ରେଜିଷ୍ଟ୍ରାର ସମବାୟ ସମିତି ଅବିଭକ୍ତ ପୁରୀ ଜିଲ୍ଲାର ବରପଲ୍ଲୀ ନିବାସୀ, ଚତୁର୍ଥ - କୁମୁଦିନୀ ୰ ସ୍ୱାମୀ ଶ୍ରୀଯୁକ୍ତ ସିଦ୍ଧନାଥ ତ୍ରିପାଠୀ ଅବସରପ୍ରାପ୍ତ ଶିକ୍ଷା ବିଭାଗୀୟ ଉପପରିଦର୍ଶକ ବଲାଙ୍ଗିର ଟିକ୍ରାପଡା ନିବାସୀ।

ବଧୂସରସ୍ୱତୀ - ୧୯୩୯ ଖ୍ରୀ:ରେ ମାଧ୍ୟମିକ ଶିକ୍ଷକ ପ୍ରଶିକ୍ଷଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଆସିବା ପରେ ଉଦ୍‌ଗାତା ବାବୁଙ୍କୁ ପରିବାରର ଜ୍ୟେଷ୍ଠ ସନ୍ତାନ ଭାବରେ ଉଣାଇଶ ବର୍ଷ ବୟସରେ ପରିବାର ପୋଷଣ ନିମିତ୍ତ ଚାକିରୀ କରିବାକୁ ହୋଇଥିଲା। ଚାକିରୀ କ୍ଷେତ୍ରରେ ତାଙ୍କର ପ୍ରଥମ ନିଯୁକ୍ତି ହୋଇଥିଲା ତା.୨୬.୭.୧୯୩୯ ଦିନ। ସେ ବଲାଙ୍ଗିର ଜିଲ୍ଲାର ମଧ୍ୟଙ୍ଗରାଜୀ ବିଦ୍ୟାଳୟରେ କିଛି ଦିନ ଶିକ୍ଷକତା କରିଥିଲେ। କିଛି ଦିନ ବଲାଙ୍ଗିରର କଚେରୀରେ କିରାଣୀ ଚାକିରୀରେ ମଧ୍ୟ ନିଯୁକ୍ତି ଲାଭ କରିଥିଲେ। ଉଦ୍‌ଗାତା ବାବୁଙ୍କର ଚାକିରୀ ଜୀବନ ଆରମ୍ଭ ହେବା ସଙ୍ଗେ ସଙ୍ଗେ ଆରମ୍ଭ ହେଲା ତାଙ୍କର ସାଂସାରିକ ଜୀବନ ପର୍ଯ୍ୟାୟ। ସେ ସଂସାର ରଙ୍ଗମଞ୍ଚରେ ନାଟକର ନାୟକ ରୂପେ ଅଭିନୟ ଆରମ୍ଭ କଲେ। ସେହି ୧୯୩୯ ଖ୍ରୀ:ଅ:ରେ ତାଙ୍କୁ ଯେତେବେଳେ ଉଣାଇଶ ବର୍ଷ ବୟସ ସେତେବେଳେ ଆସିଲେ ସରସ୍ୱତୀଦେବୀ ତାଙ୍କର ପତ୍ନୀ ସାଜି। ସରସ୍ୱତୀ ଦେବୀଙ୍କର ପୁଆଣୀ ଘର ହୋଇଥିଲା ୧୯୩୯ ମସିହା ଅକ୍ଷୟ ତୃତୀୟା ଦିନ। ତାଙ୍କ ଶ୍ୱଶୁର ଥିଲେ ଜଣେ ପଣ୍ଡିତ। ପୁଅ ବୋହୂଙ୍କ ଜାତକ ଦେଖି ଶୁଭ ତିଥି ଶୁଭ ଲଗ୍ନ ବେଳ ମୁହୂର୍ତ୍ତ ଦେଖି ଆଡମ୍ବର ସହକାରେ ସେ ଅନୁଷ୍ଠିତ କଲେ ସରସ୍ୱତୀ ଦେବୀଙ୍କର ପୁଆଣୀ ଘର। ସରସ୍ୱତୀ ଦେବୀଙ୍କ ଜନ୍ମ ୧୯୨୫ ଖ୍ରୀ:ଅ: ଏପ୍ରିଲ ଏକ ତାରିଖ ଦିନ। ତାଙ୍କ ପୁଆଣି ଘର ହେବା ବେଳକୁ ତାଙ୍କୁ ମାତ୍ର ପନ୍ଦର ବର୍ଷ ଚାଲିଥିଲା। ଶ୍ରୀମତୀ ସରସ୍ୱତୀ ଦେବୀ ଉଦ୍‌ଗାତା ପରିବାରକୁ ଆସିଲେ ନୂଆବୋହୂ ସାଜି ବଡ଼ ବୋହୂ ହୋଇ। ସରସ୍ୱତୀ ଦେବୀଙ୍କ ପିତାମାତାଙ୍କ ଆର୍ଥିକ ଅବସ୍ଥା ବେଶ୍ ସ୍ୱଚ୍ଛଳ ଥିଲା। ତିନିପୁଅ ଚାଷଜମିରୁ ଧାନ ମୁଗ, ବିରି ଇତ୍ୟାଦି ଉତ୍ପାଦନ କରି ନିଜ ବର୍ଷକର ଖାଦ୍ୟ ରଖି ବଳକା ତକ ବିକ୍ରୀ କରି ବେଶ୍ ଅର୍ଥ ସଞ୍ଚୟ ମଧ୍ୟ କରୁଥିଲେ। ବିଭିନ୍ନ ପନିପରିବା ମଧ୍ୟ ବଲାଙ୍ଗିର ସହରକୁ ଆଣି ବିକ୍ରୀ

Digitized by srujanika@gmail.com

କରି ବେଶ୍ ପଇସା ରୋଜଗାର କରୁଥିଲେ । ସେତେବେଳେ ସେ ଥିଲେ ଜଣେ ବିରାଟ ଚ୍ଚଷୀ । ଘରେ ଗୁଡ଼, ଘିଅ, ମୁଢ଼ି, ଲିଆର ଅଭାବ ନଥିଲା । ବଡ଼ଚ୍ଚଷୀଙ୍କ ଘରର ଝିଅ ସେ । ସେ ସମୟରେ ଧନୀ ଚ୍ଚଷୀ ଘର ସ୍ତ୍ରୀ ଲୋକ ମାନେ ଘରୁ ବାହାରି ଯେଉଁଆଡ଼େ ଗଲେ ବେକରେ ବଡ଼ ବଡ଼ ଘାଗୁଡ଼ି ବାଘୁଲ୍ ଘୁଲା ବନ୍ଧା ହୋଇଥିବା ବଡ଼ ବଡ଼ ବଳଦ ଯୋଚ୍ଚ (ଫନ୍ଦା) ହୋଇ ଟାଙ୍ଗାଗାଡ଼ିରେ ଯାଆନ୍ତି । ଶଗଡ଼ ଗାଡ଼ି ଉପରେ ଥାଏ ଘୋଡ଼ଣୀ । ଆଗ ଓ ପଛ ପାଖରେ ଥାଏ ପର୍ଦ୍ଦା । ଫଳରେ ଘରର ଝିଅ, ବୋହୂଙ୍କୁ କେହି ବାହାର ଲୋକ ଦେଖିପାରନ୍ତି ନାହିଁ । ସେତେବେଳେ ଏବକାର ଏତେ ପ୍ରକାର ଗାଡିର ପ୍ରଚଳନ ନଥିଲା । ତେଣୁ ସେହିପରି ଏକ ଟାଙ୍ଗାଗାଡି ଝଣନ୍‌ଝଣନ୍ କରି ପହଞ୍ଚିଗଲା ପଣ୍ଡିତ ଉଦ୍‌ଗାତାଙ୍କ ଘର ସମ୍ମୁଖରେ । ସରସ୍ୱତୀ ଦେବୀ ସେହି ଟାଙ୍ଗା ଗାଡ଼ିରୁ ଶାଶୁ ଘରେ ଓହ୍ଲାଇଲେ । ସାମାଜିକ ରୀତି ଅନୁସାରେ ଝିଅ ଗାଡ଼ିରୁ ଓହ୍ଲାଇବା ସମୟରେ ବାମ ପାଦ ପ୍ରଥମରେ ପକାଇବ । ନଚେତ୍ ଲକ୍ଷ୍ମୀ ନ ହୋଇ ସେ ଅଲକ୍ଷ୍ମୀ ହୋଇଯିବ । ତତ୍‌ପରେ ଦୀପ ଜାଗର ଜାଳି ବନ୍ଦାପନା ସାମଗ୍ରୀ ସଜ୍ଜିତ ନୂଆଁ କୁଲା ବା ତାଟ (ଚ୍ଚଙ୍ଗଡ଼ା) ଧରି ଶାଶୁ ଏବଂ ଅନ୍ୟ ସମ୍ପର୍କୀୟ ସଧବା ନାରୀ ମାନେ ପ୍ରସ୍ତୁତ ହୋଇ ରହିଥାନ୍ତି ଏବଂ ବନ୍ଦାପନା କରନ୍ତି । ପ୍ରଥମରେ ଶାଶୁ ବୋହୁର ଗୋଡ଼ ଧୋଇବାକୁ ଯିବା ସମୟରେ ନୂଆଁ ବୋହୂ ପାଣିଢ଼ାଳଟି ତାଙ୍କ ହାତରୁ ନେଇ ନିଜ ଗୋଡ଼ରେ ନିଜେ ପାଣି ଦେଇ ଧୋଇ ଦେବ । ଯଦି ବୋହୂ ଏହା ନକଲା ତା ହେଲେ ନାରୀ ମହଲରେ ସମାଲୋଚିତ ହେବ । ତତ୍‌ପରେ ସେ ଝୋଟି, ଚିତା ବା ଆଳ୍ପନା ଚିତ୍ରଣ କରି କରି ଘର ଭିତରକୁ ଯିବ । ଏଠାରେ ତାର ହୁଏ ଝୋଟି ପକାଇ ଘରକୁ ସୁନ୍ଦର କରି ଜାଣିବା ତଥା ମାର୍ଗଶିର ଗୁରୁବାର ଲକ୍ଷ୍ମୀ ପୂଜା ଦିନରେ ଝୋଟି ଦେଇ ଲକ୍ଷ୍ମୀ ପୂଜା କରି ଜାଣିବାର ପରୀକ୍ଷା । ଏଥିରେ ଉତ୍ତୀର୍ଣ୍ଣ ହୋଇ ସେ ଆସ୍ତେ ଆସ୍ତେ ଲଇଁଲଇଁ ଆଗକୁ ଯିବ । ଗୋଟିଏ ସ୍ଥାନରେ ରଖା ହୋଇଥିବ ସାତୋଟି ପୀଢ଼ା । ତାକୁ ଗୋଡ଼ରେ ଝୁଣ୍ଟାଇବ । ତତ୍‌ପରେ ଥିବା କଂସାରେ ନିର୍ମିତ ବାସନ ସାତୋଟି । ତାକୁ ଝୁଣ୍ଟାଇବ । କିନ୍ତୁ ସେଥିରେ ବିଶେଷ ଶବ୍ଦ ନ ହେବା ଉଚିତ । ତତ୍ ପରେ ହାତରେ ଧରିଥିବା ଗୁଡ଼ ଗିନାରୁ ଗୁଡ଼ ଟିକିଏ ଟିକିଏ ସମସ୍ତଙ୍କ ଗାଲରେ ତଥା ପାଟିରେ ଲଗାଇବ । ଏତଦ୍ୱାରା ସେ ସମସ୍ତଙ୍କ ନିକଟରେ ମଧୁର ହେବା ଏବଂ ସମସ୍ତେ ତାକୁ ଭଲ ପାଇବେ ଏବିଶ୍ୱାସ ହେଲା ଏ ବିଧାନର ମୂଳ । ଏ ସମସ୍ତ ସାମାଜିକ ବିଧାନ ପରେ ସେ ଗୃହାଭ୍ୟନ୍ତରକୁ ପ୍ରବେଶ କଲେ । ତାଙ୍କ ସାଙ୍ଗରେ ଆଣିଥିଲେ ସେ ଅନେକ ପ୍ରକାର ଖାଦ୍ୟ

Digitized by srujanika@gmail.com

ଦ୍ରବ୍ୟ । ଯଥା : ଗୁଡ଼ ପଗା ଲିଆବସ୍ତା, ନଡ଼ିଆ ପାତି ପଡ଼ିଥିବା ଶାଳ ଉଖୁଡ଼ା, ଆରିଷା ପିଠା, ଦାନ୍ତୁରି ଖଜା, ମିଠାଇ, ବାଲୁ ସାଇ, ଜିଲାପି, ଗୋଲାପଜାମୁ, ରସଗୋଲା ଏବଂ ପାଚିଲା କଦଳୀ, କଞ୍ଚାସୁଆଦୀ ଓ ପାଚିଲା ଆମ୍ବ, ପଣସ ଇତ୍ୟାଦି ।

ସେହି ଅକ୍ଷୟ ତୃତୀୟା ଦିନ ଠାରୁ ଆରମ୍ଭ ଉଦ୍‌ଗାତା ବାବୁଙ୍କର ସ୍ୱୀୟ ପରିବାର । କିନ୍ତୁ ସେ ଥିଲେ ଯୌଥ ପରିବାରର ସମର୍ଥକ । କେବେହେଲେ ଏକକ ପରିବାରର ସ୍ୱପ୍ନ ସେ ଦେଖୁନଥିଲେ । ସେ ବୋହୁ ହୋଇ ଶାଶୁ ଘରକୁ ଆସବା ବେଳକୁ ତାଙ୍କ ସାନ ଦିଅର ଶରତଙ୍କୁ ଦୁଇମାସ ହୋଇଥିଲା ସେ ଅନୁସାରେ ତାଙ୍କ ଉପର ଉପର ଭାଇ ଭଉଣୀ ଦଶ ଜଣ କିଏ ଦୁଇ ବର୍ଷ ତ କିଏ ଦେଢ଼ବର୍ଷ ବଡ଼ ଥିଲେ । ଫଳରେ ତାଙ୍କ ଘରେ ସମସ୍ତେ ମିଶି ହେଲେ ଚଉଦ ଜଣ । ସରସ୍ୱତୀ ଦେବୀ ସାରାଦିନ ଚକ୍ରବତ୍ ଘୂରିଘୂରି ପରିବାରରର ସମୂହ କଲ୍ୟାଣ କାର୍ଯ୍ୟରେ ନିଯୁକ୍ତ ରହି ଶାଶୁ, ଶ୍ୱଶୁର, ନଣନ୍ଦ, ଦିଅର ସମସ୍ତଙ୍କର ସେବା କରି ଆନନ୍ଦ ଭାଜନ ହୋଇଥିଲେ । ସତେ ଯେପରି ସେ ସାର୍ଥକ କରିଥିଲେ- ବଡଭାଉଜ ମାଁ ସଦୃଶ ଉକ୍ତିଟିକୁ । ସେହି ସମସ୍ତଙ୍କ ପାଇଁ ଦଶଟା ବେଳର, ୪ଟାର ପୁଣି ରାତ୍ରି ଭୋଜନର ବ୍ୟବସ୍ଥା ଦୁଇଥର ଗରମ ଭାତ ଓ ଥରେ ପଖାଳ ୪ଟା ବେଳର ସେ ପ୍ରସ୍ତୁତ କରୁଥିଲେ । ପରବର୍ତ୍ତୀ କାଳରେ ତା ସାଙ୍ଗରେ ପୁଣି ସେ କରୁଥିଲେ ତାଙ୍କ ଶ୍ୱଶୁର ଓ ସ୍ୱାମୀଙ୍କ ଭୋଜନ ପାଇଁ ରୋଟିର ବ୍ୟବସ୍ଥା । ତାଙ୍କ ଶାଶୁ ଘର ଥିଲା ମାଟି ଘର । ତାକୁ ଲିପା ପୋଛା ପରିଷ୍କାର କରିବା ଦାୟିତ୍ୱ ଥିଲା ତାଙ୍କର । ସେତେବେଳେ ଘରେ ଶାଳଗ୍ରାମ ଠାକୁରଙ୍କୁ ଅନ୍ନଭୋଗ ଦିଆ ହେଉଥିଲା । ତେଣୁ ଖଣ୍ଡିଏ ମଠା କିମ୍ବା ସିଲ୍କ ଶାଢ଼ୀ ପିନ୍ଧି ଏକାଥରକୁ ସମସ୍ତଙ୍କ ପାଇଁ ଭଲରେ ରନ୍ଧା କରିସାରି ସେ ସୂତା ଶାଢ଼ୀ ପିନ୍ଧୁଥିଲେ । ସେତେବେଳେ ଘରେ ଥିଲା ବେଳେ କୌଣସି ଝିଅ ବୋହୁ, ବୁଢ଼ୀ, ଶାଢ଼ୀ ସାଙ୍ଗରେ ଶାୟା, ବ୍ଲାଉଜ ଇତ୍ୟାଦି ପିନ୍ଧୁ ନଥିଲେ । କିନ୍ତୁ ଏହିପରି ୫।୭ ବର୍ଷ କଟିଯିବା ପରେ ସରସ୍ୱତୀ ଦେବୀ ଏବଂ ତାଙ୍କ ଭଉଣୀ ମାନଙ୍କ ପାଇଁ ଉଦ୍‌ଗାତା ବାବୁ ଶାୟା, ବ୍ଲାଉଜ୍ ଇତ୍ୟାଦି ଆଣି ଦେଇଥିଲେ । କାରଣ ମଝିରେ ମଝିରେ ସେ କୌଣସି କାମରେ କଟକ ଯାଉଥିଲେ । ସେତେବେଳେ କଟକ, ପୁରୀ ଇତ୍ୟାଦି ଅଞ୍ଚଳ ପଶ୍ଚିମାଞ୍ଚଳ ଅପେକ୍ଷା ଉନ୍ନତ ଥିଲା । ପୋଷାକ ଇତ୍ୟାଦିର ପରିଧାନ, ବ୍ୟବହାର ଦିଗରେ ସେମାନେ କିଞ୍ଚିତ ମାର୍ଜିତ ଥିଲେ । ସେସବୁ ଦେଖି ଉଦ୍‌ଗାତା ବାବୁ ମଧ ତାଦୃଶ ପୋଷାକ ତାଙ୍କ ସ୍ତ୍ରୀ ଓ ଭଉଣୀ ମାନଙ୍କ ପାଇଁ ଆଣି ଦେଉଥିଲେ । ଉଦ୍‌ଗାତା ବାବୁ ଯାହା କିଛି ତାଙ୍କ ସ୍ତ୍ରୀଙ୍କ ପାଇଁ ଆଣୁଥିଲେ

Digitized by srujanika@gmail.com

ଯେସବୁ ତାଙ୍କ ଭଉଣୀ, ବୋଉଙ୍କ ଲାଗି ମଧ୍ୟ ଆଣୁଥିଲେ । କାହାରି ମଧ୍ୟରେ ସେ ବ୍ୟବଧାନ ଆଣୁ ନଥିଲେ । ତେଣୁ ଘରେ ସର୍ବଦା ଶାନ୍ତି ଶୃଙ୍ଖଳା ବିରାଜିତ ଥିଲା । ସାଧାରଣତଃ ଯେଉଁ ବିଷୟ ନେଇ ଯୌଥ ପରିବାରରେ ଭାଉଜ, ନଣନ୍ଦ, ଶାଶୁ ବୋହୂ ମଧ୍ୟରେ ବାଦ ବିସମ୍ବାଦ, ଗଣ୍ଡଗୋଳ, ମୁହଁଫୁଲା, ରାଗ ରୁଷା ହୋଇଥାଏ ସେହି ବିଷୟ ଗୁଡ଼ିକ ସେ ସମସ୍ତଙ୍କ ପାଇଁ ସମାନ କରୁଥିଲେ । ତେଣୁ ପରିବାରରେ ବଡ଼ ଦାଦା ଭାବରେ ଉଦ୍‌ଗାତା ବାବୁଙ୍କ ସମ୍ମାନ ତଥା ଆସନ ଥିଲା ବହୁତ ଉଚ୍ଚରେ । ସରସ୍ୱତୀ ଦେବୀ ଶାଶୁ ଘରକୁ ଆସିବା ପରେ ତାଙ୍କ ସାନ ନଣନ୍ଦ ବିନୋଦିନୀ ଉଦ୍‌ଗାତାଙ୍କର ଜନ୍ମ । ତେଣୁ ତାଙ୍କର ଲାଳନ ପାଳନ ଦାୟିତ୍ୱ ମଧ୍ୟ କେତେକ ପରିମାଣରେ ତାଙ୍କ ଉପରେ ରହୁଥିଲା । ତଦ୍ୱାରା ସେ ତାଙ୍କ ନିଜ ସନ୍ତାନ ହେବା ପୂର୍ବରୁ ଶିଶୁ ପାଳନ ବିଷୟରେ ମଧ୍ୟ ଧାରଣା ଓ ଜ୍ଞାନ ଲାଭ କରିଥିଲେ । ତାଙ୍କର ଶାଶୁ ସର୍ବଦା ପେଟବ୍ୟଥା ରୋଗରେ ଆକ୍ରାନ୍ତ ହେଉଥିଲେ । ଫଳରେ ଗୃହର ସବୁକିଛି ଦାୟିତ୍ୱ ସରସ୍ୱତୀ ଦେବୀଙ୍କ ଉପରେ ନ୍ୟସ୍ତ ହେଉଥିଲା ।

ପରିବାର - ଉଦ୍‌ଗାତା ବାବୁଙ୍କୁ ଯେତେବେଳେ ଏକୋଇଶ ବର୍ଷ ବୟସ ଅର୍ଥାତ୍ ୧୯୪୧ ଖ୍ରୀ:ଅ:ରେ ତାଙ୍କ ପିରବାରକୁ ଆସିଲେ ଜଣେ ନୂତନ ଶିଶୁ କନ୍ୟା, ଜ୍ୟେଷ୍ଠ ସନ୍ତାନ ପିତାମାତାଙ୍କର ଆନନ୍ଦ ବିବର୍ଦ୍ଧନକାରୀ । କାରଣ ବିବାହ ପରେ ଉଭୟଙ୍କ ଦ୍ୱାରା ଆରମ୍ଭ ହୋଇଥାଏ ଯେଉଁ କ୍ଷୁଦ୍ର ସଂସାର ତାକୁ ସୁଦୃଢ଼ କରିଥାଏ ସେହି ଔରସଜ ସନ୍ତାନ । ଜ୍ୟେଷ୍ଠ ସନ୍ତାନ, ସେ ପୁତ୍ର ହେଉ କି କନ୍ୟା ହେଉ, ପିତାମାତାଙ୍କ ମନରେ ଅପାର ଆନନ୍ଦ ଉତ୍ପାଦନ କରିବାରେ କୌଣସି ପାର୍ଥକ୍ୟ ଆସେନାହିଁ । ତାଙ୍କ ଜ୍ୟେଷ୍ଠ ଶିଶୁ କନ୍ୟାର ଜନ୍ମ ତା.୨୩.୧୧.୧୯୪୧ ଦିନ । ତାର କୋମଳ କୁଆଁ କୁଆଁ ରାବ, ହସ, ଦରୋଟି ଭାଷାର ପ୍ରୟୋଗ ଇତ୍ୟାଦି କ୍ରମେ ପିତାମାତାଙ୍କ ମର୍ମସ୍ପର୍ଶୀ ହୋଇ ଉଠିଲା । ହିନ୍ଦୁ ଧର୍ମ ଅନୁସାରେ ମାର୍ଗଶିର ମାସ ଲକ୍ଷ୍ମୀଙ୍କ ମାସ । ଆହୁରି ମଧ୍ୟ ଭଗବଦ୍‌ଗୀତାରେ ଉଲ୍ଲିଖିତ ଅଛି- ମାସାନାଂ ମାର୍ଗଶିର୍ଷୋଽହଂ, ଅର୍ଥାତ୍ ମାସ ମାନଙ୍କ ମଧ୍ୟରେ ମୁଁ ମାର୍ଗଶିର ବା ମାର୍ଗଶିର ମାସ ହେଉଛି ସର୍ବଶ୍ରେଷ୍ଠ ମାସ । ଏହିପରି ଏକ ନାତିଶୀତୋଷ୍ଣ ପ୍ରାକୃତିକ ପରିବେଶରେ ଜନ୍ମ ଗ୍ରହଣ କରିଥିଲେ ତାଙ୍କର ଜ୍ୟେଷ୍ଠ କନ୍ୟା । ତାର ନାମକରଣ ଉତ୍ସବ ମହାସମାରୋହରେ କରି ନାମ ରଖିଥିଲେ ରେଣୁ । ଏହି ନାମଟି ତାଙ୍କର ପ୍ରଥମ ଭ୍ରାତା ଗିରୀଶ ଚନ୍ଦ୍ର ଉଦ୍‌ଗାତା ପ୍ରଥମେ କହିଥିଲେ । ତାଙ୍କ କଥାନୁସାରେ ମୋର ନାମ କରଣ କରାହେଲା 'ରେଣୁ' । ଏ କଥା ମୋତେ କାକା ପଛରେ କହିଥିଲେ । ଏହିପରି ଭାବରେ ଜଣେ ଜଣେ କରି ତାଙ୍କ

Digitized by srujanika@gmail.com

ପରିବାରର କଳେବର ବୃଦ୍ଧି ତଥା ବିମଣ୍ଡନ କଲେ ସାତୋଟି ଝିଅ ଓ ଗୋଟିଏ ପୁଅ ଈଶ୍ୱରଙ୍କ ଅଶେଷ ଆଶୀର୍ବାଦରୁ। ନାନା, ମାଁଙ୍କୁ ଝିଅ ମାନଙ୍କୁ କାମ କରାଇ ସେମାନଙ୍କ ପାଠପଢ଼ାରେ ବାଧା ସୃଷ୍ଟି କରିବାକୁ ମନା କରି ଦେଇଥିଲେ। ମାଁ ତାଙ୍କ କଥା ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ। ସେହିପରି ତା' ବୋହୂ ଆରତି ଉପରେ ମଧ୍ୟ ଘରର କୌଣସି କାମର ଚାପ ପକାଉ ନଥିଲା। କାରଣ ତାକୁ ମଧ୍ୟ କଲେଜରେ ପାଠ ପଢ଼ାଇ ସ୍ନାତକ ଏବଂ ସ୍ନାତକୋତ୍ତର କରାଇବାର ଗୁରୁଦାୟିତ୍ୱ ସେ ନେଇଥିଲେ। ତେଣୁ ତାକୁ ପାଠ ପଢ଼ିବାର ସମସ୍ତ ସୁଯୋଗ ଶାଶୁ ହେଲେ ମଧ୍ୟ ବିନା ଦ୍ୱିଧାରେ ଦେଉଥିଲେ। କାରଣ ନାନାଙ୍କୁ ସେ କହିଥିଲେ, ସେ ସ୍ନାତକୋତ୍ତର ନହେଲେ, ମୋ ଝିଅ ମାନଙ୍କ ସାଙ୍ଗରେ ପୁଣି ସମାନ ହେବ କିପରି । ତେଣୁ ତୁମ ବୋହୂକୁ ମଧ୍ୟ ସେଥିପାଇଁ ମୁଁ ସମସ୍ତ ପ୍ରକାର ସୁଯୋଗ ଦେବି। ନିଜର କେବଳ ପୁସ୍ତକ ପଠନ, ସ୍ୱନାମ ଲିଖନ ଜ୍ଞାନ ଥିଲେ ମଧ୍ୟ ଝିଅ, ବୋହୂ ମାନଙ୍କର ଉଚ୍ଚଶିକ୍ଷାଲାଭ ପ୍ରତି ଆସକ୍ତି ତାଙ୍କର ଥିଲା।

ଚାକିରୀ ଓ ଘରୋଇ ଭାବରେ ଉଚ୍ଚଶିକ୍ଷାଲାଭ :-

ପରିବାରର ଆର୍ଥିକ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ହୋଇଥିଲେ ମଧ୍ୟ, ଉପଯୁକ୍ତ ଭାବରେ ଚାକିରୀର କର୍ତ୍ତବ୍ୟ ସମାପନ କରି ଉଦଗାତା ବାବୁ ଉଚ୍ଚଶିକ୍ଷା ଲାଭ ନିମିତ୍ତ ଦୃଢ଼ ପ୍ରତିଜ୍ଞ ହୋଇଥିଲେ। ୧୯୩୯ ଖ୍ରୀ:ରୁ କିଛିଦିନ ଶିକ୍ଷକ ରୂପେ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଓ କିଛି ଦିନ କଚେରୀରେ କିରାଣୀ ରୂପେ ଚାକିରୀ କରିବା ପରେ ସେ ୧୯୪୩-୪୪ ଖ୍ରୀ:ରେ ବଲାଙ୍ଗିରର ପୃଥ୍ୱୀରାଜ ଉଚ୍ଚଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ସମୟରେ ସେ ଇଂରାଜୀ, ଓଡ଼ିଆ, ସାହିତ୍ୟ, ଅଙ୍କ, ଇତିହାସ, ଭୂଗୋଳ ଇତ୍ୟାଦି ସମସ୍ତ ବିଷୟରେ ନିପୁଣତାର ସହ ଶିକ୍ଷାଦାନ କରିପାରୁଥିଲେ। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଥିଲେ। କ୍ରମେ ଘରୋଇ ଛାତ୍ର ଭାବରେ ୧୯୪୬ ଖ୍ରୀ:ରେ ବଲାଙ୍ଗିର ଜିଲ୍ଲାର ରାଜେନ୍ଦ୍ର ମହାବିଦ୍ୟାଳୟରେ ଆଇ.ଏ. ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଥିଲେ। ଉକ୍ତ ମହାବିଦ୍ୟାଳୟ ୧୯୪୪ ଖ୍ରୀ:ଅ:ରେ ପ୍ରତିଷ୍ଠିତ ହୋଇଥିଲା। ତାହା ବଲାଙ୍ଗିର ପାଟଣାର ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନାମାନୁସାରେ ନାମିତ ହୋଇଥିଲା। ଉକ୍ତ ମହାବିଦ୍ୟାଳୟରେ ଛାତ୍ର ଭାବରେ ନାମଲେଖାଇ ନିୟମିତ ରୂପେ ପାଠ ପଢ଼ି ଉଦ୍‌ଗାତା ବାବୁଙ୍କ ସାଙ୍ଗରେ ଆଇ.ଏ. ପରୀକ୍ଷା ଦେଇଥିଲେ ବଲାଙ୍ଗିର ଟିକାପଡାର ବାସିନ୍ଦା **ଜଗଦାନନ୍ଦ ଛୁରିଆ** । ଘରୋଇ ଛାତ୍ର ଭାବରେ ତାଙ୍କ ସହ ପରୀକ୍ଷା

Digitized by srujanika@gmail.com

ଦେଇଥିଲେ ବଲାଙ୍ଗିରର ଶ୍ରୀ ଲକ୍ଷ୍ମୀ ନାରାୟଣ ଗୁରୁ ଏବଂ ଶ୍ରୀ ହରିହର ମିଶ୍ର । ଏମାନେ ମଧ୍ୟ ପୃଥ୍ୱୀରାଜ ହାଇସ୍କୁଲରେ ଶିକ୍ଷକତା କରୁଥିଲେ । ବରପାଲି ବାସିନ୍ଦା, ବରପାଲି ମଧ୍ୟଇଂରାଜୀ ସ୍କୁଲରେ ଶିକ୍ଷକତା କରୁଥିବା ଶ୍ରୀ ନବୀନ କୁମାର ସାହୁ ମଧ୍ୟ ତାଙ୍କ ସହ ଉକ୍ତ ବର୍ଷ ଆଇ.ଏ. ପରୀକ୍ଷା ଦେଇଥିଲେ । ଆଇ.ଏ. ଶ୍ରେଣୀରେ ତାଙ୍କର ଅତିରିକ୍ତ ବିଷୟ ଥିଲା ଗଣିତ, ତର୍କଶାସ୍ତ୍ର ଏବଂ ସଂସ୍କୃତ । ହିନ୍ଦୀ ଭାଷାରେ ମଧ୍ୟ ସେ ପ୍ରବେଶ୍ ପରୀକ୍ଷା ପାସ କରିଥିଲେ । ସରକାରୀ ନିୟମାନୁସାରେ ତିନିବର୍ଷରେ ଥରେ ଗୋଟିଏ ପରୀକ୍ଷା ଜଣେ ଛାତ୍ର ଘରୋଇ ଭାବରେ ଦେଇପାରୁଥିଲା । ତେଣୁ ସେ ୧୯୫୦ ଖ୍ରୀ:ରେ ସ୍ନାତକ ପରୀକ୍ଷା ଘରୋଇ ଛାତ୍ର ଭାବରେ ଦେଲେ । ସେ ସମୟରେ ତାଙ୍କର ପୂର୍ବର ବନ୍ଧୁ ମାନେ ମଧ୍ୟ ପରୀକ୍ଷା ଦେଇଥିଲେ । ସେଥର ତାଙ୍କ ସହ ପରୀକ୍ଷା ଦେଇଥିଲେ ତାଙ୍କର ତିନିନମ୍ବର ଭାଇ ଶ୍ରୀ ହରୀଶ୍ ଚନ୍ଦ୍ର ଉଦ୍‌ଗାତା । ୧୯୫୦ ଖ୍ରୀ: ବେଳକୁ ମୋତେ ନଅ ବର୍ଷ ହୋଇଥିଲା । ମୋର ଅଳ୍ପ ମନେ ପଡୁଛି ଯେ ମୋର କାକା ରାଜେନ୍ଦ୍ର ମହାବିଦ୍ୟାଳୟରେ ନିୟମିତ ଛାତ୍ର ଭାବରେ ସ୍ନାତକ ଶ୍ରେଣୀରେ ଅଧ୍ୟାପକ ଯାହା ସବୁ ପଢ଼ାଇଥାନ୍ତି ସେସବୁ ମୋ ବାପାଙ୍କୁ (ଉଦ୍‌ଗାତାଙ୍କୁ) କହନ୍ତି ଓ ଆଲୋଚନା କରନ୍ତି । ଆମେ ମାନେ ଅର୍ଥାତ୍ ମୁଁ ତାଙ୍କ ସାନ ଭାଇ ଭଉଣୀ ମାନେ ମଧ୍ୟ ସ୍କୁଲରୁ ପାଠ ପଢ଼ି ଆସି ସନ୍ଧ୍ୟା ଚ୍ଛରିଟା ବେଳେ ଘରେ ପହଞ୍ଚୁଥାଉଁ । ସେମାନଙ୍କ କଥା, ଆଲୋଚନା ଇତ୍ୟାଦି ଶୁଣୁ । ସେତେବେଳେ ମୁଁ ଚତୁର୍ଥ ଶ୍ରେଣୀ ପୃଥ୍ୱୀରାଜ ହାଇସ୍କୁଲରେ ପାଠ ପଢୁଥିଲି । ତେଣୁ ସେମାନଙ୍କ ଆଲୋଚନା, କିଛି ବୁଝିବା ଆମ ପକ୍ଷରେ ସମ୍ଭବ ନଥିଲା । ସେତେବେଳେ ସ୍କୁଲରୁ ଘରକୁ ଆସିଲା ପରେ ମୋର ମାଁ ଆମ ପାଇଁ ବାଢ଼ି ଦେଉଥିଲେ ଗରମ ସଜନା ଶାଗ ଖରଡ଼ା, ପଖାଳ ଭାତ, ବଡ଼ିଭଜା, ଆଚ୍ଛର, ଲଙ୍କାମରିଚ ଲୁଣ ଓ ପିଆଜ । ସେସବୁରୁ ପେଟପୂରା ଖାଇ ଆମେ କିଛି ସମୟ ଘରେ ରହି ଚ୍ଛଲି ଯାଉଥିଲୁ ବାହାରକୁ ଟିକିଏ ଖେଳିବା ପାଇଁ । ହରୀଶ୍ କାକା ଓ ମୋ ବାପା (ଉଦ୍‌ଗାତା ବାବୁ) ଜଳଖିଆ ଖାଆନ୍ତି । ଜଳଖିଆ କହିଲେ- ମୁଢ଼ୀ ତେଲ ପିଆଜ ଦେଇ ଭଜା ହୋଇଥାଏ । ଉଦ୍‌ଗାତା ବାବୁଙ୍କର ଭୀଷଣ ପେଟବ୍ୟଥା ହୁଏ । ତେଣୁ ଅନ୍ୟ ପ୍ରକାର ତେଲଛଣା କି ଗରିଷ୍ଠ ଜିନିଷ ସେ ଖାଇପାରୁ ନଥିଲେ । ତେଣୁ ଦୁଇ ଭାଇ ସେହି ମୁଢ଼ୀରୁ ମୁଠାଏ ମୁଠାଏ ପାଟିରେ ପକାଇ କଲେଜ କଥା ସବୁ ହେଉଥାନ୍ତି । ସ୍ନାତକ ଶ୍ରେଣୀରେ ଉଦ୍‌ଗାତା ବାବୁଙ୍କର ଅତିରିକ୍ତ ବିଷୟ ଥିଲା ସଂସ୍କୃତ ଏବଂ ଦର୍ଶନ ଶାସ୍ତ୍ର । ସେ ସମୟରେ ପଣ୍ଡିତ ଶ୍ରୀଯୁକ୍ତ ସଦାଶିବ ଦାଶ ଶର୍ମାଙ୍କର ଅଧ୍ୟାପକ ରୂପେ

Digitized by srujanika@gmail.com

ନିଯୁକ୍ତି ହୋଇଥିଲା ରାଜେନ୍ଦ୍ର ମହାବିଦ୍ୟାଳୟରେ । ସେ ଥିଲେ ତାଙ୍କ ପିତା ପଣ୍ଡିତ ଶ୍ରୀଯୁକ୍ତ ଲଡୁକେଶ୍ୱର ଉଦ୍‌ଗାତାଙ୍କ ଅନ୍ତରଙ୍ଗ ବନ୍ଧୁ । ଉଦ୍‌ଗାତା ବାବୁ ମଧ୍ୟ ତାଙ୍କୁ ବେଶ୍ ଭକ୍ତି ପ୍ରଦର୍ଶନ କରୁଥିଲେ । ୧୯୫୧ ଖ୍ରୀ:ରେ ରାଧାନାଥ ଟ୍ରେନିଂ କଲେଜରେ ଡି.ଇଡି ପଢ଼ି ଉତ୍କଳ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେଲେ । ୧୯୫୨ ଖ୍ରୀ:ରେ ସାହିତ୍ୟାଚାର୍ଯ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ୧୯୫୪ ଖ୍ରୀ:ରେ ସଂସ୍କୃତ ବିଷୟରେ ନାଗପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରୀକ୍ଷାରେ ଘରୋଇ ଛାତ୍ର ଭାବରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଉକ୍ତ ପରୀକ୍ଷାରେ ମାତ୍ର ୪ ନମ୍ବର ପାଇଁ ତାଙ୍କର ପ୍ରଥମ ଶ୍ରେଣୀ ହୋଇ ନଥିଲା । ତତ୍‌ପରେ ୧୯୫୭ ଖ୍ରୀ:ଅ:ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଘରୋଇ ଛାତ୍ର ଭାବରେ ଓଡ଼ିଆ ବିଷୟରେ ସ୍ନାତକୋତ୍ତର ପରୀକ୍ଷାରେ କୃତିତ୍ୱର ସହ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଥିଲେ । ଉତ୍କଳ ବିଶ୍ୱିଦ୍ୟାଳୟରୁ ଦୁଇଟି ସ୍ୱର୍ଣ୍ଣପଦକ ଲାଭ କରିଥିଲେ ଗୋଟିଏ ପ୍ରଥମ ଶ୍ରେଣୀରେ ପ୍ରଥମସ୍ଥାନ ଲାଭ କରିଥିବାରୁ ବିଶ୍ୱବିଦ୍ୟାଳୟ ପଦକ ଏବଂ ଆଉ ଗୋଟିଏ ଭକ୍ତ କବି ମଧୁସୂଦନ ପଦକ । ଦ୍ୱିତୀୟ ପଦକଟି ସ୍ନାତକ ଶ୍ରେଣୀର ଓଡ଼ିଆ ସମ୍ମାନ ପରୀକ୍ଷା ଏବଂ ସ୍ନାତକୋତ୍ତର ଶ୍ରେଣୀର ଓଡ଼ିଆ ବିଷୟ ମଧ୍ୟରେ ସର୍ବାପେକ୍ଷା ଅଧିକ ନମ୍ବର ଲାଭ କରିଥିବା ଛାତ୍ର ପାଇଥାଏ । ଉକ୍ତ ବର୍ଷ ଅର୍ଥାତ୍ ୧୯୫୭ ଖ୍ରୀ:ର ଉଭୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ମାନଙ୍କ ମଧ୍ୟରୁ ଉଦ୍‌ଗାତା ବାବୁ ଘରୋଇ ଛାତ୍ର ରୂପେ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇ ସମସ୍ତଙ୍କ ଠାରୁ ଅଧିକ ନମ୍ବର ଲାଭ କରିଥିଲେ । ତେଣୁ ଦ୍ୱିତୀୟ ପଦକଟି ପାଇବା ପାଇଁ ମଧ୍ୟ ସେ ଉକ୍ତ ବର୍ଷ ଯୋଗ୍ୟ ବିବେଚିତ ହୋଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ଉକ୍ତ ପଦକରେ ତାଙ୍କୁ ଭୂଷିତ କରିଥିଲା । ଘରୋଇ ଛାତ୍ର ଭାବରେ ଓଡ଼ିଆ ଏମ୍.ଏ. ପରୀକ୍ଷା ଦେଇ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିବାରେ ପ୍ରଥମ ହେଲେ ଉଦ୍‌ଗାତା ବାବୁ । ଏତଦ୍ୱାରା ନିୟମିତ ଭାବରେ ମହାବିଦ୍ୟାଳୟରେ ପଢୁଥିବା ଛାତ୍ର ମାନଙ୍କ ମନରେ ଗଭୀର ଦୁଃଖ ଜାତ ହୋଇଥିଲା । ସେତେବେଳର ଓଡ଼ିଆ ବିଭାଗର ଅଧ୍ୟାପକ, ପ୍ରାଧ୍ୟାପକ ତଥା ପ୍ରଫେସର ମାନେ ଉଦ୍‌ଗାତା ବାବୁଙ୍କ କୃତିତ୍ୱରେ ବିଶେଷ ଭାବରେ ବିସ୍ମିତ ହୋଇଯାଇଥିଲେ । ଉଦ୍‌ଗାତା ବାବୁଙ୍କ ଓଡ଼ିଆ ଏମ.ଏ.ରେ ତାଦୃଶ କୃତିତ୍ୱ, ତତ୍‌କାଳୀନ ଶିକ୍ଷକ, ଛାତ୍ର ତଥା ସର୍ବସାଧାରଣଙ୍କ ମଧ୍ୟରେ ଏକ ଚହଳ ସୃଷ୍ଟି କରିଥିଲା । ତତ୍ପରେ ୧୯୫୮ ଖ୍ରୀ: ଜାନୁୟାରୀ ତା.୩ ଦିନ ଉଦ୍‌ଗାତା ବାବୁ କଟକ ଜିଲ୍ଲାର ରେଭେନ୍ସା ମହାବିଦ୍ୟାଳୟର ଓଡ଼ିଆ ବିଭାଗରେ ଅଧ୍ୟାପକ ରୂପେ ନିଯୁକ୍ତ ହୋଇ

Digitized by srujanika@gmail.com

ଯୋଗଦାନ କଲେ । ସେତେବେଳକୁ ତାଙ୍କୁ ୩୮ ବର୍ଷ ବୟସ ହୋଇଥିଲା । ୧୯୬୧ ଖ୍ରୀ: ଅଗଷ୍ଟ ମାସରେ ରେଭେନ୍ସା ମହାବିଦ୍ୟାଳୟରୁ ବଦଳି ହୋଇ ସମ୍ବଲପୁରର ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ଯୋଗଦାନ କଲେ । ୧୯୬୬-୬୭ ଖ୍ରୀ:ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେବା ପରେ ସେ ପ୍ରଥମେ ଦୁଇ ତିନି ବର୍ଷ ବିଶ୍ୱ ବିଦ୍ୟାଳୟରେ ମଧ୍ୟ ଅଧ୍ୟାପକ ଭାବରେ ଅଧ୍ୟାପନା କାର୍ଯ୍ୟରେ ରତ ରହିଥିଲେ । ତତ୍ପରେ ୧୯୬୯-୭୦ ଖ୍ରୀ: ବେଳକୁ ସରକାରୀ ଅଧ୍ୟାପକ ଚାକିରୀରୁ ଲିଅନ ନେଇଯାଇ ବିଶ୍ୱ ବିଦ୍ୟାଳୟରେ ଚାକିରୀ କଲେ । ପରେ ୧୯୭୧-୭୨ ଖ୍ରୀ:ରେ ଉକ୍ତ ଲିଅନ୍ ଛାଡି ସମ୍ପୂର୍ଣ୍ଣ ଭାବରେ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଭାବରେ ଚାକିରୀ କଲେ । ୧୯୮୦ ଖ୍ରୀ:ରେ ଚାକିରୀରୁ ଅବସରଗ୍ରହଣ କଲେ । ଚାକିରିଆ ଜୀବନର ପରିସମାପ୍ତି ଘଟିଲା ।

ତୁଳସୀ ଦୁଇ ପତ୍ରରୁ ବାସେ

୧୯୪୦ -୪୫ଖ୍ରୀ:ର ଘଟଣା । ସେ ସମୟରେ ବଲାଙ୍ଗିର ଜିଲ୍ଲାରେ ଆରମ୍ଭ ହୋଇଥିଲା ପ୍ରାଥମିକ ଶିକ୍ଷକ ଆନ୍ଦୋଳନ । ଉଦ୍‌ଗାତା ବାବୁ ନିଜେ ସେତେବେଳେ ପୃଥ୍ୱୀରାଜ ହାଇସ୍କୁଲରେ ଶିକ୍ଷକ ରୂପେ ନିଯୁକ୍ତ ହୋଇଥିଲେ । ସେତେବେଳେ ସ୍କୁଲ ସାହେବ ବା ସ୍କୁଲ ମଣ୍ଡଳାଧୀଶ ଥିଲେ ଶ୍ରୀଯୁକ୍ତ ରାମଚନ୍ଦ୍ର ମଲ୍ଲିକ । ସେ ଶିକ୍ଷକ ମାନଙ୍କୁ ନାନା ପ୍ରକାର ତିରସ୍କାର, ତାଚ୍ଛଲ୍ୟ, କୁ ଭାଷା ପ୍ରୟୋଗ କରି କହିଥିଲେ । ଏହା ଶୁଣି ଶିକ୍ଷକ ମାନେ ଆହୁରି ତାତି ଉଠିଲେ । ସମସ୍ତଙ୍କୁ ସେହି ନିନ୍ଦା ବହୁତ ଅସହ୍ୟ ହୋଇଥିଲା । ତାହା ସମସ୍ତଙ୍କର ମର୍ମଭେଦ କରିଥିଲା । ତତ୍ପରେ ସମସ୍ତେ ଏହାର ବିରୋଧ କରିବା ପାଇଁ କାର୍ଯ୍ୟକ୍ରମ ସ୍ଥିର କଲେ । ପ୍ରଶ୍ନ ଉଠିଲା, ଏହାର ପ୍ରତ୍ୟୁତ୍ତର କିଏ ଲେଖିବ, କିଏ କହିବ ? ସମସ୍ତେ ଗୋବିନ୍ଦ ବାବୁଙ୍କୁ ସେହି କାମ ପାଇଁ ଯୋଗ୍ୟ ବୋଲି ସ୍ଥିର କଲେ । ଉଦ୍‌ଗାତା ବାବୁ ତାହାର ପ୍ରତ୍ୟୁତ୍ତର ଲେଖିଲେ ଓ ଯାହା କହିବା କଥା ନିର୍ଭୟ ଭାବରେ ସୁନ୍ଦର ଭାଷାରେ କହିଲେ । ତାଙ୍କର ଭାବ, ଭାଷା, ବିଷୟବସ୍ତୁ କର୍ତ୍ତୃପକ୍ଷଙ୍କ ଦୃଷ୍ଟ୍ୟାକର୍ଷଣ କଲା ଏବଂ ପରିଶେଷରେ ଶିକ୍ଷକ ମାନେ ଉପଯୁକ୍ତ ବିଚାର ଲାଭ କଲେ ।

୧୯୪୪ ଖ୍ରୀ:ରେ ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ବଲାଙ୍ଗିରରେ ଏକ ଇତିହାସ ସମ୍ମିଳନୀ ଆହ୍ୱାନ କରିଥିଲେ । ବିଭିନ୍ନ ଅଞ୍ଚଳରୁ ସୁବିଖ୍ୟାତ ଐତିହାସିକ ମାନେ ସେଥିରେ ଯୋଗଦାନ କରିବା ପାଇଁ ନିମନ୍ତ୍ରିତ ହୋଇ ଆସିଥିଲେ ।

Digitized by srujanika@gmail.com

ଉକ୍ତ ନିମନ୍ତ୍ରଣ ରକ୍ଷା କରି ସୁପ୍ରସିଦ୍ଧ ଖ୍ୟାତି ସମ୍ପନ୍ନ ଶ୍ରେଷ୍ଠ ଐତିହାସିକ ଆର.ଡି. ଭଣ୍ଡାରକର ମଧ୍ୟ ଉକ୍ତ ସଭାରେ ଯୋଗଦାନ କରିବା ନିମିତ୍ତ ଆଗମନ କରିଥିଲେ । ସେ ଥିଲେ ସୁବକ୍ତା, ବିଷୟବସ୍ତୁ ନିପୁଣ, ଜ୍ଞାନୀ । ତାଙ୍କର ମନ ମୁଗ୍ଧକାରୀ ଭାଷଣ ଶୁଣିବା ପାଇଁ ସଭାରେ ଅନେକ ସଂଖ୍ୟକ ବ୍ୟକ୍ତି ଏକତ୍ରିତ ହୋଇଥିଲେ । ସମ୍ମିଳନୀର ପରିଚାଳନା କମିଟୀରେ ଉଦ୍‌ଗାତା ବାବୁ ଜଣେ ସଦସ୍ୟ ଥିଲେ । ନିମନ୍ତ୍ରିତ ବ୍ୟକ୍ତି ମାନଙ୍କର ରହିବା, ଖାଇବା, ସୁବିଧା ଅସୁବିଧା ଇତ୍ୟାଦି ସବୁ ବିଷୟ ବୁଝିବା ଦାୟିତ୍ୱ ଉକ୍ତ କମିଟୀର ସଦସ୍ୟ ମାନଙ୍କ ଉପରେ ନ୍ୟସ୍ତ ଥିଲା । ସଭା କାର୍ଯ୍ୟ ଆରମ୍ଭ ହେବା ବେଳେ ପ୍ରଥମେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳିତ ହୋଇଥାଏ ଓ ତତ୍ପରେ କେତେ ଜଣ ବୟଃକନିଷ୍ଠ ବାଳକ ବାଳିକା ମାନେ ମିଶି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥାନ୍ତି । ଗିରୀଶ ଚନ୍ଦ୍ର ଉଦ୍‌ଗାତା ସମ୍ମିଳନୀରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଉକ୍ତ ସଙ୍ଗୀତ ସଂସ୍କୃତ ଭାଷାରେ ରଚିତ ହୋଇଥିଲା । ଯେ କୌଣସି ଗୀତ ହେଲେ ମଧ୍ୟ ଗିରୀଶ ଅତି ଶୀଘ୍ର ସ୍ୱର ସଂଯୋଜନା କରି ପାରୁଥିଲେ । ତେଣୁ ସେତେବେଳେ ବଲାଙ୍ଗିରରେ ଯେଉଁଠାରେ ଯେ କୌଣସି ପ୍ରକାର ସାଂସ୍କୃତିକ ସଭାସମିତି ଅନୁଷ୍ଠିତ ହେଲେ ପ୍ରାରମ୍ଭିକ ସଂଗୀତ ସେହି ଗିରୀଶ ବାବୁ ହିଁ ଗାନ କରିଥାନ୍ତି ଏବଂ ଗୋବିନ୍ଦ ଉଦ୍‌ଗାତା ବାବୁ ସଭାରେ ନେତୃତ୍ୱ ନେଇଥାନ୍ତି । Morning shows the day - ଏହାହିଁ ଯଥାର୍ଥ ।

ମହାରାଜା ରାଜେନ୍ଦ୍ର ନାରାୟଣ ସିଂ ଦେଓ ଓ ଗୃହଶିକ୍ଷକ ଉଦ୍‌ଗାତା ବାବୁ

ବଲାଙ୍ଗିର ପାଟଣା ଷ୍ଟେଟ୍ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ଉଦ୍‌ଗାତା ବାବୁଙ୍କୁ କଚେରୀରେ କିରାଣୀ ଚାକିରୀରେ ନିଯୁକ୍ତ କରିଥିଲେ । ସେତେବେଳେ ବଲାଙ୍ଗୀର ଟିକ୍ରାପଡା ନିବାସୀ ମହାରାଜାଙ୍କ ବ୍ୟକ୍ତିଗତ ସେକ୍ରେଟାରୀ ଥିଲେ ଶ୍ରୀଯୁକ୍ତ ଭବାନୀ ଶଙ୍କର ଯୋଷୀ । ସେତେବେଳେ ତାଙ୍କ ବାପା ରାଜକୃପା ଲାଭ କରି ସଂସ୍କୃତ ଟୋଲ୍‌ରେ ହେଡ୍ ପଣ୍ଡିତ ଥିଲେ । ତାହା ପରେ ୧୯୪୮/୪୯ ଖ୍ରୀ: ବେଳକୁ ସେ ତତ୍କାଳୀନ କଂଗ୍ରେସ ମନ୍ତ୍ରୀ ମହାମାନ୍ୟ ଶ୍ରୀମାନ୍ କପିଳେଶ୍ୱର ପ୍ରସାଦ ନନ୍ଦଙ୍କ ପିତାଙ୍କ ନାମରେ ନାମିତ ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ହୋଇଥିଲେ । ସେ ସମୟର ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ସୁପାରିଶ୍ କ୍ରମେ ମହାରାଜା ଉଦ୍‌ଗାତା ବାବୁଙ୍କୁ ଉକ୍ତ ସ୍କୁଲର ସହକାରୀ ଶିକ୍ଷକ ଭାବରେ ନିଯୁକ୍ତ କଲେ । ସେତେବେଳେ ଉଦ୍‌ଗାତା ବାବୁଙ୍କର ଶିକ୍ଷକ ରୂପେ ପ୍ରଶଂସା ଶୁଣି ମହାରାଜା ତାଙ୍କ ଜ୍ୟେଷ୍ଠ ପୁତ୍ର ରାଜରାଜ ସିଂଦେଓଙ୍କର ଗୃହଶିକ୍ଷକ

Digitized by srujanika@gmail.com

ଭାବରେ ତାଙ୍କୁ ନିଯୁକ୍ତ କରିଥିଲେ । ସେ ଗ୍ରୀଷ୍ମାବକାଶ ସମୟରେ ରାଜରାଜ ସିଂଙ୍କ ସହ ରାଜାଙ୍କର ଗ୍ରୀଷ୍ମନିବାସ ଉତ୍କାମଣ୍ଡରେ ଯାଇ ରହୁଥିଲେ । ଉତ୍କାମଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ, କିପରି ବାରିଦମାଳା ଗୃହର ଗବାକ୍ଷ ମାର୍ଗରେ ଗୃହାଭ୍ୟନ୍ତରକୁ ପ୍ରବେଶ କରି ଆସୁଥିଲା ତାହା ସେ ଆମ ସମସ୍ତଙ୍କ ସମ୍ମୁଖରେ ବର୍ଣ୍ଣନା କରୁଥିଲେ । ନୀଳଗିରି ଷ୍ଟେସନରୁ ଉତ୍କାମଣ୍ଡ ଯିବା ରାସ୍ତାରେ ଛୋଟ ଗଜ୍ ରେଳଗାଡ଼ିରେ ତଳୁ ପାହାଡ଼ ଉପରକୁ ଘୂରି ଘୂରି ଯିବାକୁ ହୁଏ । ଉକ୍ତ ରେଳଗାଡ଼ୀ ଗୁଡ଼ିକ ଯିବା ପାଇଁ ଚଉଡ଼ା ରେଳରାସ୍ତା ଆବଶ୍ୟକ ହୁଏ ନାହିଁ । ଗୋଟିଏ ରେଳଗାଡ଼ି ଉପରକୁ ଯାଏ ଏବଂ ପୁଣି ପ୍ରତ୍ୟାବର୍ତ୍ତନ କରେ । ଦୁଇଟି ଗାଡିର କ୍ରସିଂ ବା ଯିବା ଆସିବା ପାଇଁ ସେତେବେଳେ ସୁବିଧା ନଥିଲା । ଛୋଟ ରେଳଗାଡିରେ ଯାତ୍ରା କରିବା ସମୟରେ ତାଙ୍କୁ ବହୁତ ଖୁସୀ ଲାଗୁଥିଲା । ପାହାଡ଼ ସାରା ଛୋଟ ଛୋଟ ଝରଣା ଗୁଡିକ ଝର୍ଝର ନାଦ କରି ପ୍ରବାହିତ ହେଉଥିଲା । ମନେ ହେଉଥିଲା ଝରଣା, ବଉଦ ସବୁ ହାତ ପାଆନ୍ତାରେ ରହିଛି ଓ ସବୁ କିଛି ହାତରେ ଧରି ହୋଇଯିବ, ଏହିପରି ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ନୀଳଗିରି ପାହାଡ଼ ଉପର ଦେଇ ରେଳଗାଡ଼ିଟି ଯାଇ ପହଞ୍ଚିଲା ଉତ୍କାମଣ୍ଡ ଷ୍ଟେସନରେ । ସେଠାରେ ସେ ରାଜାଙ୍କ ଗ୍ରୀଷ୍ମ ନିବାସରେ ରାଜରାଜସିଂହଙ୍କ ଗୃହଶିକ୍ଷକ ରୂପେ ଗ୍ରୀଷ୍ମକାଳ ଅତିବାହିତ କଲେ । କିଛି ଦିନ ପରେ ବଲାଙ୍ଗୀର ପ୍ରତ୍ୟାବର୍ତ୍ତନ କଲେ । ପାଟଣା ମହାରାଜାଙ୍କ ସହ ସେ ଅନେକ ପ୍ରସଙ୍ଗ ଅନେକଥର ଆଲୋଚନା କରିଥିଲେ ଏବଂ ଷ୍ଟେଟ୍ ଅମଳରେ ରାଜକୃପା ମଧ୍ୟ ଲାଭ କରିଥିଲେ । ସେ ମହାରାଜାଙ୍କର ଅତି ନିକଟବର୍ତ୍ତୀ ବ୍ୟକ୍ତି ବୋଲି ସମସ୍ତଙ୍କୁ ବିଦିତ ଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତଷ୍ଠା ହେବା ପୂର୍ବରୁ ପାଟଣା ମହାରାଜାଙ୍କ ସାଙ୍ଗରେ ସେ ବିଷୟରେ ଆଲୋଚନା କରିବା ଲାଗି ଉଦ୍‌ଗାତା ବାବୁଙ୍କୁ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠାନ କମିଟୀ ନିଯୁକ୍ତ କରିଥିଲା । ସମ୍ବଲପୁରରେ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବା ନିମିତ୍ତ କଳାହାଣ୍ଡି ଓ ପାଟଣା ମହାରାଜାଙ୍କ ସମ୍ମତି ଲାଭ କରିବା ପାଇଁ ସେ ଓ ତାଙ୍କ ସହ କମିଟୀର ସଦସ୍ୟ ମାନେ ସେମାନଙ୍କ ପାଖକୁ ଯାଇଥିଲେ ଓ ସଫଳକାମ ମଧ୍ୟ ହୋଇଥିଲେ । ଉକ୍ତ କମିଟୀରେ ଥିଲେ **ବୃନ୍ଦାବନ ପଟେଲ୍** ଓ ଆଉ କେତେଜଣ । ବଲାଙ୍ଗିରରେ ପୃଥ୍ୱୀରାଜ ହାଇସ୍କୁଲରେ ଶିକ୍ଷକ ଥିବା ସମୟରେ ବର୍ତ୍ତମାନ ଯୁଗର ପ୍ରସିଦ୍ଧ ଖ୍ୟାତନାମା (ଶ୍ରୀରାଧା) ପୁସ୍ତକ ଏବଂ ଅନେକ କବିତା ପୁସ୍ତକର ରଚୟିତା, ବିବିଧ ପୁରସ୍କାର ତଥା ପ୍ରଶଂସା ପତ୍ରର ଅଧିକାରୀ ଶ୍ରୀମାନ୍ ରମାକାନ୍ତ ରଥଙ୍କର ଗୃହଶିକ୍ଷକ ରୂପେ ସେ ନିଯୁକ୍ତ ହୋଇଥିଲେ ।

Digitized by srujanika@gmail.com

ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟର ଶିକ୍ଷକ ଛାତ୍ରବତ୍ସଳ ଉଦ୍‌ଗାତା ବାବୁଙ୍କର ଛାତ୍ରଛାତ୍ରୀ ମାନେ ବର୍ତ୍ତମାନ ଆମ ଓଡ଼ିଶାର ପ୍ରତ୍ୟେକ କୋଣ ଅନୁକୋଣରେ ସର୍ବତ୍ର ବିଭିନ୍ନ ପ୍ରକାର କର୍ମକ୍ଷେତ୍ରରେ ରହିଥିଲେ, ରହିଛନ୍ତି ଈଶ୍ୱରଙ୍କ ଅଶେଷ ଆଶୀର୍ବାଦରୁ।

ପ୍ରତ୍ନ ତାତ୍ତ୍ୱିକ ପୂର୍ଣ୍ଣଚନ୍ଦ୍ର ରଥ ଓ ଉଦ୍‌ଗାତାବାବୁ

ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ରଥ ବଲାଙ୍ଗୀର ଜିଲ୍ଲାର ଜଣେ ସ୍ୱନାମଧନ୍ୟ ଐତିହାସିକ। ସେ ଯେଉଁ ଇତିହାସ ଲେଖନ୍ତି ତାର ମାନଚିତ୍ର ଅଙ୍କନ କରିବା ପାଇଁ ଉଦ୍‌ଗାତା ବାବୁଙ୍କୁ କହନ୍ତି। ଉଦ୍‌ଗାତାବାବୁ ଜଣେ ସୁଦକ୍ଷ ଚିତ୍ରକର ଥିଲେ। ଯେ କୌଣସି ଚିତ୍ର ସେ ଅତି ସୁନ୍ଦର ଭାବରେ ଅଙ୍କନ କରି ପାରୁଥିଲେ। ରଥ ମହାଶୟ ଯେତେବେଳେ ଉଦ୍‌ଗାତାବାବୁଙ୍କୁ କହିଲେ ମାନଚିତ୍ର ଅଙ୍କନ କରି ଦେବା ପାଇଁ, ସେ ପ୍ରଥମେ ସେଥିରେ ସମ୍ମତି ପ୍ରଦାନ କଲେ। ତାଙ୍କର ନିଜର ଅନେକ ପ୍ରକାର କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ସେହି ଅଙ୍କନ କାର୍ଯ୍ୟ କରିବା ପାଇଁ ସେ ତିଳେ ହେଲେ ଦ୍ୱିଧା ପ୍ରକାଶ କରି ନଥିଲେ। ଯେ ତାଙ୍କୁ ଯେଉଁ ପ୍ରକାର ସହାଯ୍ୟ ଭଲ ଦିଗରେ ବା ଉନ୍ନତିମୂଳକ ଦିଗରେ କରିବା ପାଇଁ କହିଲେ ସେ ପଶ୍ଚାତ୍ ପଦ ହେଉ ନ ଥିଲେ। ଏତାଦୃଶ ପରିସ୍ଥିତିରେ କୌଣସି ପ୍ରକାର ବାକ୍ୟ ବିନିମୟ କିମ୍ବା ଅପାରଗତା ପ୍ରକାଶ ନ କରି ସମ୍ମତି ପ୍ରଦାନ କରିବା ତାଙ୍କର ଏକ ସହଜାତ ଗୁଣ। ଇତିହାସ ଲେଖିବା ସମୟରେ ବିଷୟ ବସ୍ତୁ ଲେଖନ ସଙ୍ଗେ ସଙ୍ଗେ ମାନଚିତ୍ର ମଧ୍ୟ ଅତ୍ୟାବଶ୍ୟକ। କି ପ୍ରକାର ମାନଚିତ୍ର ଅଙ୍କନ କରାହେବା ଆବଶ୍ୟକ ତାହା ଉଦ୍‌ଗାତା ବାବୁଙ୍କୁ କହି ଶ୍ରୀଯୁକ୍ତ ରଥ ମହାଶୟ ନିଶ୍ଚିନ୍ତ ରହୁଥିଲେ। ଉଦ୍‌ଗାତା ବାବୁ ପ୍ରଥମେ ଅନ୍ୟ ମାନଚିତ୍ର ଦେଖି ଆବଶ୍ୟକୀୟ ସ୍ଥାନ ଚିହ୍ନଟ କରି ଦେଉଥିଲେ ବିନ୍ଦୁ ବିନ୍ଦୁ ସବୁ ଦେଇକରି। ତପ୍ରେ ତାଙ୍କର ଯାହା ଅନ୍ୟ କାମଥାଏ ତାହା ସମାପନ କରିବା ପାଇଁ ସେ ଚାଲି ଯାଉଥିଲେ। ସେହି ବିନ୍ଦୁ ଗୁଡ଼ିକୁ ସଂଯୋଗ କରି ଗାର ଟାଣିବା ପାଇଁ ଦାୟିତ୍ୱ ନ୍ୟସ୍ତ କରି ଦେଉଥିଲେ ଗିରୀଶ ବାବୁଙ୍କ ଉପରେ। ଗୋବିନ୍ଦ ବାବୁ ମଧ୍ୟ ଯେପରି ଅନ୍ୟ ସମସ୍ତଙ୍କ ଅନୁରୋଧକୁ ସମ୍ମାନ ଦିଅନ୍ତି ତାଙ୍କ କଥାକୁ ମଧ୍ୟ କେହି ଅସମ୍ମାନ କରି ତଳେ ପକାନ୍ତି ନାହିଁ। ଯାହାକୁ ସେ ଯାହା କହନ୍ତି, ସେ ସେହି କାମ ଠିକ୍ ଠିକ୍ କରି ଦେଇଥାନ୍ତି। ଆଉ ଗିରୀଶ ବାବୁ ତ ସହଜେ ଭାଇ। ଜ୍ୟେଷ୍ଠ ଭ୍ରାତାଙ୍କ କଥା ତଳେ ପଡିବ ନାହିଁ। ସେ ତାଙ୍କର କେତେକ ଜରୁରୀକାମ କରି ଏବଂ ଅନ୍ୟ କାମ ସବୁ ଛାଡ଼ି ଗୋବିନ୍ଦବାବୁ ଆସିବା ବେଳକୁ ମାନଚିତ୍ରଟି କରିଦେଇଥାନ୍ତି। ଫଳରେ ମାନଚିତ୍ରଟିର ଅଙ୍କନ ସମ୍ପୂର୍ଣ୍ଣ ହୋଇ ଯାଇଥାଏ।

Digitized by srujanika@gmail.com

ଗୋବିନ୍ଦ ବାବୁ ତାଙ୍କ କାମ ଶେଷ କରି ଆସି ଦେଖନ୍ତି ମାନଚିତ୍ରଟିର ପୂର୍ଣ୍ଣ କଳେବର । କି ଅନାବିଳ ଭ୍ରାତୃପ୍ରେମ । ଆହୁରି ମଧ କରି ଜାଣିଲେ କାର୍ଯ୍ୟ ସୁନ୍ଦର ।

ଉଦ୍‌ଗାତା ବାବୁଙ୍କ ଭୂତ ଦେଖା

ପ୍ରାୟ ୧୯୪୦ ଖ୍ରୀ: ର କଥା ସେତେବେଳେ ବଲାଙ୍ଗୀରରେ ଥିଲା ଏକ ଜେନେରାଲ କ୍ଲବ୍ ଦୈନିକ ବଜାର ହଟ୍‌ଲି ସମୀପରେ । ବର୍ତ୍ତମାନର ଟିକ୍ରାପଡ଼ା ବିକ୍ରମଛକ ଆଡୁ ଆସିଲେ ବାମ ପାର୍ଶ୍ୱରେ ରହେ 'ରାଣୀବନ୍ଧ' । ସିଧାରେ ଆଗକୁ ଆସିଲେ ଡାହାଣ ପାର୍ଶ୍ୱରେ ପଡେ ଜଗନ୍ନାଥ ଧର୍ମଶାଳା । ସେଠାରୁ ଆରମ୍ଭ ହୁଏ ବଲାଙ୍ଗୀରର ହଟ୍‌ଲି । ହଟ୍‌ଲିର ପଶ୍ଚାତ୍ ଦେଶରେ ଥିଲା ପୁରୁଣା ସିନେମା ହଲ୍ । ଏହି ସିନେମାହଲ ପ୍ରତିଷ୍ଠିତ ହେଲା ୧୯୪୪ ଖ୍ରୀ:ରେ । ସେତେବେଳେ ବଲାଙ୍ଗୀରରେ ଏହାଥିଲା ଅନ୍ୟ ଏକ ଅବସର ବିନୋଦନ ସ୍ଥଳ । ଆଉ ଏକ ଆମୋଦ ସ୍ଥଳ ହେଉଛି **ନରସିଂହବା ପାହୁଁଚ** ବନ୍ଧ ସମୀପସ୍ଥ ରାଜେନ୍ଦ୍ର ପାର୍କ । ସେଠାକୁ ସେତେବେଳେ କୌଣସି ଝିଅ, ବୋହୁ ସ୍ତ୍ରୀ ଲୋକମାନେ ପ୍ରାୟ ଯାଉନଥିଲେ । ସେ ସମୟରେ ସିନେମା ହଲ୍ ମାନଙ୍କରେ ପ୍ରାୟ ପୌରାଣିକ, ଧାର୍ମିକ ଚଳଚିତ୍ରର ବେଶ୍ ଆଦର ଥିଲା । ଏ ପ୍ରକାର ଚଳଚିତ୍ରର ବହୁତ ଆକର୍ଷଣୀୟ ଶକ୍ତି ଥିଲା । ପୌରାଣିକ, ଧାର୍ମିକ ବିଷୟବସ୍ତୁ ବିଶେଷ ପରିମାଣରେ ଜନମାନସକୁ ଆକୃଷ୍ଟ ତଥା ପ୍ରଭାବିତ କରୁଥିଲା । ସେତେବେଳେ ଯୌଥ ପରିବାର ପ୍ରଥା ସର୍ବତ୍ର ରହିଥିଲା । ତେଣୁ ଗୃହର ସମସ୍ତ କାର୍ଯ୍ୟ ମିଳିମିଶି ସ୍ତ୍ରୀ ଲୋକମାନେ ତୁଲାଉଥିଲେ । ସମସ୍ତ ସ୍ତ୍ରୀ ଲୋକଙ୍କ ମନ ମଧରେ ସ୍ନେହ, ସୌହାର୍ଦ୍ଦ୍ୟ, କର୍ତ୍ତବ୍ୟ ବୋଧତା, ସେବା ପରାୟଣତା, ତ୍ୟାଗଶୀଳତା, ସହିଷ୍ଣୁତା ତଥା କ୍ଷମାଶୀଳତା ସ୍ଥାନ ଲାଭ କରୁଥିଲା । ସବୁ କାମ ଶେଷ କରି ଚଳଚିତ୍ର ଦେଖିଯିବା ପାଇଁ ସେମାନଙ୍କର ସମୟ ନ ଥାଏ । ଦିନସାରା ଚକ୍ରବତ୍ ଚୁଲୀ ଲିପା, ଘରଘଷା, ହାତରେ ଲୁଗାସଫା, ସାନସାନ ସନ୍ତାନ, ସନ୍ତତିଙ୍କ ସେବା ଯତ୍ନ ସହ ଶାଶୁ, ଶ୍ୱଶୁର, ଦେଠେଇଶାଶୁ, ଦଦେଇ ଶ୍ୱଶୁର, ଖୁଡ଼ୀଶାଶୁ, କକେଇ ଶ୍ୱଶୁର, ନଣନ୍ଦ, ଦିଅର, ଦେଢ଼ଶୁର, ବଡଯାଆ, ସାନଯାଆ, ଦେବର ଇତ୍ୟାଦିଙ୍କ ଭୋଜନାଦି ଭଲମନ୍ଦ, ରୋଷାଇବାସ, ବାସନମଜା ଆଦି କାର୍ଯ୍ୟ ସମାପନ କରିବା ବେଳକୁ ଆଉ ସେମାନଙ୍କର ମନ (ଇଚ୍ଛା) କିମ୍ବା ସମୟ ନ ଥାଏ, ମନର ଆଉ କିଛି ଅଧିକା ଆନନ୍ଦ ବିବର୍ଦ୍ଧନ ନିମିତ୍ତ କୁଆଡ଼େ କ'ଣ ଦେଖିଯିବା ବା ମଉଜ କରିଯିବା ନିମିତ୍ତ । ତା' ପରେ ପୁଣି ରକ୍ଷଣଶୀଳ ବ୍ରାହ୍ମଣ ପରିବାର, ଘରେ ନାନାଦି ପୂଜା, ପର୍ବ, ପର୍ବାଣୀ, ଠାକୁର

Digitized by srujanika@gmail.com

ପୂଜା ଇତ୍ୟାଦି । ସେ ସମୟରେ ପ୍ରାୟ ଠାକୁରଙ୍କୁ ଅନ୍ନଭୋଗଦିଆ ହେଉଥିଲା । ସେଥିପାଇଁ ସେମାନେ ପ୍ରତ୍ୟୁଷରୁ ସ୍ନାନ କରି ଆସି ଖଣ୍ଡିଏ ସାଧାରଣ ସିଲ୍କ ଶାଢ଼ୀ କିମ୍ବା ଗାମୁଛା ଲୁଗା(ରଙ୍ଗ କରା ହୋଇଥିବା ଲୁଗା) ପରିଧାନ କରି ଠାକୁରଙ୍କ ନିମିତ୍ତ ଅନ୍ନ ରନ୍ଧନ କାର୍ଯ୍ୟ କରନ୍ତି । ସେହିକାମ ଶେଷ ହେଲେ ଠାକୁରଙ୍କ ପାଖରେ ସେହି ଗାମୁଛା ଲୁଗାକୁ ରଖି ଦେଇ ଅନ୍ୟ ବସନ ପିନ୍ଧି ପରିବାରର ଅନ୍ୟାନ୍ୟମାନଙ୍କ ପାଇଁ ରୋଷେଇ ଆରମ୍ଭ ହୁଏ । ସ୍ତ୍ରୀ ଲୋକମାନେ ସେହିପରି ଖଣ୍ଡିଏ କିମ୍ବା ଦୁଇଖଣ୍ଡ ଶାଢ଼ୀ ଶୀତ, ଖରା, ବର୍ଷା ସବୁଦିନ ପିନ୍ଧି ରନ୍ଧନ କାର୍ଯ୍ୟ କରନ୍ତି । ସେ ସମୟରେ ଅନେକ ଛୁଆଁ, ଛୁଇଁ ବାରଣ ଥିଲା । ସାନ ସାନ ଶିଶୁମାନେ ମଧ୍ୟ ସେଥିପାଇଁ ପ୍ରାୟ ଉଲଗ୍ନ ହୋଇ କିମ୍ବା ଗାମୁଛା କପଡ଼ାରେ ତିଆରି ବସନ ପରିଧାନ କରି ରହୁଥିଲେ । ସମସ୍ତ ପ୍ରକାର କାର୍ଯ୍ୟ ମଧ୍ୟରେ ସେମାନେ ପ୍ରାୟ ସିନେମା ଦେଖି ଯାଇ ପାରନ୍ତି ନାହିଁ । ୧୭,୧୮ ବର୍ଷର ମୋର ମାଁ, ୨୦ ବର୍ଷର ଦେଠେଇ, ୧୫ ବର୍ଷର ଖୁଡ଼ୀ ଇତ୍ୟାଦିଙ୍କୁ ହୁଏତ ଇଛା ହେଉଥିବ । ଯାହା ହେଲେ ଅଳ୍ପ ବୟସ । ସ୍ୱାମୀମାନେ ସେମାନଙ୍କୁ ସାଙ୍ଗରେ ନେଇ ସିନେମା ଦେଖିଯିବା ତ ଅତି ଦୂର ସ୍ୱପ୍ନ । ସେମାନଙ୍କ ସହ ଦିନରେ କଥାବାର୍ତ୍ତା ମଧ୍ୟ ସ୍ତ୍ରୀ ମାନେ ହୋଇ ପାରୁନଥିଲେ । କାରଣ ସେତେବେଳେ ଥିଲା "ଦିବାୟାଂ ସ୍ୱାମୀ ମୁଖ ଦର୍ଶନ ନିଷେଧ ।" ବର୍ତ୍ତମାନ ଯୁଗରେ କୋଡ଼ିଏ ବର୍ଷର ଝିଅ ହେଉଛି କୁନି ଝିଅ ଗେହ୍ଲେଇ, କୌଣସି ଘର ସଂସାର କାମ, ଦାୟିତ୍ୱ, ବିଷୟରେ ସେ ଅଜ୍ଞ ।

ସେହି ସିନେମା ହଲ୍ ପାଖରେ ଶୁଖୁଆ, ମାଛ ବଜାର ବସୁଥିଲା । ସେ ପାଖଆଡ଼େ ଗଲାବେଳେ ତେଣୁ ବହୁତ ଗନ୍ଧ ହେଉଥିଲା । ରାସ୍ତାର ବାମ ପାର୍ଶ୍ୱରେ ଆୟୁର୍ବେଦିକ୍ ହସପିଟାଲ୍ କବିରାଜଖାନା । ତାପରେ ଗୋଟିଏ ରାସ୍ତା ବାମ ଦିଗରେ ଯାଇଛି । ସିଧା ରାସ୍ତାରେ ଗଲେ ରାସ୍ତାକୁ ଲାଗି ବାମ ପାର୍ଶ୍ୱରେ ପଡିବ ବଲାଙ୍ଗୀର ଲେଡ଼ିଜ୍ କ୍ଲବ୍ ।ଏହା ମହାରାଣୀ ପ୍ରତିଷ୍ଠା କରିଥିଲେ । ବଲାଙ୍ଗୀରର ସମ୍ଭ୍ରାନ୍ତ ପରିବାରର ସ୍ତ୍ରୀ ଲୋକମାନେ ଉକ୍ତ କ୍ଲବ୍‌ର ସଦସ୍ୟା ଥିଲେ । ଏଠାରେ ତତ୍‌କାଳୀନ ଉଚ୍ଚ ଇଂରାଜୀ ବାଳିକା ବିଦ୍ୟାଳୟର ପୁରସ୍କାର ବିତରଣୀ ସଭା, ବିଚିତ୍ରାନୁଷ୍ଠାନ, ମୀନାମଣ୍ଡଳୀ, ବ୍ଲୁକାର୍ଡ, ଗାଇଡ୍ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା । ଏଠାରେ କେତେଦିନ ପାଇଁ ବଲାଙ୍ଗୀରର ଘରୋଇ ମହିଳା ମହାବିଦ୍ୟାଳୟ ଅନୁଷ୍ଠିତ ହେଉଥିଲା, ଏହା କେତେବେଳେ ଶିକ୍ଷୟତ୍ରୀ, ଅଧ୍ୟାପିକା, ଅଧ୍ୟକ୍ଷା ମାନଙ୍କର ବାସଗୃହ ରୂପେ ମଧ୍ୟ କାର୍ଯ୍ୟ କରୁଥିଲା । ଏହାର ଚତୁର୍ଦ୍ଦିଗରେ ବଡ଼ ବଡ଼ ପାଚେରୀ ଘେରା ହୋଇଥିଲା । ନାନାବିଧ ପୁଷ୍ପ, ବୃକ୍ଷଲତା,

Digitized by srujanika@gmail.com

ଦୋଳିରେ କ୍ଲବର ପଡ଼ିଆଟି ବେଶ୍ ମନୋମୁଗ୍ଧକର ହେଉଥିଲା ଏବଂ ନାରୀ ମାନଙ୍କର ମନର ଆନନ୍ଦ ବର୍ଦ୍ଧନ କରୁଥିଲା ।

ସେହି ଲେଡ଼ିଜ୍ କ୍ଲବର ସମ୍ମୁଖରେ ଥିବା ରାସ୍ତାର ଅପର ପାର୍ଶ୍ୱରେ ଅଛି ବଲାଙ୍ଗୀରର ଜେଣ୍ଟସ୍ କ୍ଲବ୍। ତାହା ପୁରୁଷମାନଙ୍କ ନିମିତ୍ତ ଉଦ୍ଦିଷ୍ଟ। ଏଠାରେ ଅନେକ ପ୍ରକାର କ୍ରୀଡ଼ା ସାମଗ୍ରୀ, ପତ୍ର ପତ୍ରିକା, ଉପାଦେୟ ପୁସ୍ତକାବଳୀ, ପାଠାଗାର ଥିଲା। ଏହାଥିଲା ବୁଦ୍ଧିଜୀବୀମାନଙ୍କର ବିଭିନ୍ନ ପ୍ରକାର ଆଲୋଚନା ସ୍ଥଳ। ଉଦ୍‌ଗାତା ଆଜ୍ଞା ଥିଲେ ସେମାନଙ୍କ ମଧ୍ୟରେ ଜଣେ। ସେଠାକାର ସବୁ ପ୍ରକାର କାର୍ଯ୍ୟକ୍ରମରେ ସେ ଅଂଶ ଗ୍ରହଣ କରୁଥିଲେ। ଯଥା:- ତାସ୍ ଖେଳର ବ୍ରିଜ୍, ମାଗଣ ବା ମଗଣି ଓ ଟ୍ୱେଣ୍ଟିନାଇନ୍, ଇତ୍ୟାଦି କ୍ୟାରମ୍, ପୁସ୍ତକ ପଠନ, ଆଲୋଚନା ଇତ୍ୟାଦି। ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ମତାମତ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଲାଭ କରୁଥିଲା। ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼କ୍ଟର ଶ୍ରୀଯୁକ୍ତ ରାମ ପ୍ରସାଦ ମିଶ୍ର, ସାଂସଦ ନରସିଂହ ନନ୍ଦ, ପ୍ରସିଦ୍ଧ ଆଡ୍‌ଭୋକେଟ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ସଦସ୍ୟ ଶ୍ରୀଯୁକ୍ତ ଯୁଧିଷ୍ଠିର ମିଶ୍ର ଇତ୍ୟାଦି ବୁଦ୍ଧିଜୀବୀ ଗଣଙ୍କ ସହ ସେ ଅନେକ ବିଷୟ ଆଲୋଚନା କରୁଥିଲେ। ସେ ରାତିରେ ପ୍ରାୟ ୯/୧୦ଟା ବେଳକୁ ଘରକୁ ଫେରୁଥିଲେ। ଉକ୍ତ କ୍ଲବର ଚତୁଃପାର୍ଶ୍ୱରେ ଅନେକ ଉଚ୍ଚା, ଝଙ୍କାଳିଆ ବୃକ୍ଷ ସବୁ ରହିଥିଲା । ୧୯୪୦ ଖ୍ରୀ: ର କଥା। ସେ ସମୟରେ ରାତି ୯/୯୨ଟା କହିଲେ ବଲାଙ୍ଗୀର ବାସୀଙ୍କ ଲାଗି ବହୁତ ରାତ୍ରି ସମୟ ପରି ଲାଗୁଥିଲା। ମୁଖ୍ୟ ରାସ୍ତା ମାନଙ୍କରେ ଜାଲି ଜାଲି ହୋଇଥିବା ଏକ ଡବା ମଧ୍ୟରେ ପ୍ରଜ୍ୱଳିତ ଏକ ଲ୍ୟାମ୍ପ ଗୋଟିଏ ଉଚ୍ଚ କାଠ ଖୁଣ୍ଟ ଉପରେ ରହିଥାଏ। ସେଥିରୁ ରାସ୍ତା ଯେତିକି ଆଲୋକିତ ହେଉଥିବ ତାହା ବେଶ୍ ଅନୁମେୟ । ସେ ପ୍ରକାର ଆଲୋକ ମଧ୍ୟ ଆମ ଘର ଆଡ଼କୁ କ୍ଲବ୍ ଘର ଆଡୁ ଆସିଲା ବେଳକୁ ନ ଥିଲା। ସେତେବେଳେ ସେ ରାସ୍ତାରେ ଏତେ ଘର ମଧ୍ୟ ନ ଥିଲା। ପ୍ରାୟ ଘଞ୍ଚ ବୃକ୍ଷ ଅନେକ ଦୂର ପର୍ଯ୍ୟନ୍ତ ବ୍ୟାପୀ ରହିଥିଲା। ତତ୍ପରେ ପୁଣି ସେ ସମୟରେ ଜନମାନସରେ ଅନ୍ଧବିଶ୍ୱାସ ବେଶ୍ ସ୍ଥାନ ଲାଭ କରିଥିଲା। ସେଠାରେ ମୃତ ରାଧିକା ଦୂତିକା ବୋଲି ଦୁଇ ଭଉଣୀ ଭୂତ ହୋଇ ବାହାରନ୍ତି ବୋଲି ଲୋକମାନେ କହୁଥିଲେ ଏବଂ ଶ୍ରୋତାମାନେ ତାହା ଅନ୍ଧ ଭାବରେ ବିଶ୍ୱାସ ମଧ୍ୟ କରୁଥିଲେ। ଏହିପରି ମନରେ ଭୟୋଦ୍ରେକ କଥା ଉଦ୍‌ଗାତାବାବୁ ଆଗରୁ ଶୁଣି ଥିଲେ।

ଦିନକର କଥା। ବର୍ଷାରାତି ଗ୍ଭରିଆଡ଼େ ଘନାନ୍ଧକାରା ଆକାଶରେ ରହିଛି ସାନ୍ଦ୍ର

Digitized by srujanika@gmail.com

କଜ୍ଜଳ କଳାମେଘ । ଚନ୍ଦ୍ର, ଚନ୍ଦ୍ରିକା ବା ଆସିବ କୁଆଡୁ । ସେସବୁର କ୍ଷୀଣ ଆଶା ମଧ ନାହିଁ । ରାସ୍ତାରେ ବିଦ୍ୟୁତ୍ ଆଲୋକ ନ ଥିଲା । କେବଳ ଥରେ ଥରେ ବାଟ ଦେଖାଏ ଆକାଶର ବିଦ୍ୟୁତ୍ ଝଲକ । ଏହିପରି ଅନ୍ଧକାର ଓ ଆଲୋକର ସମ୍ମିଶ୍ରଣ ମଧ୍ୟରେ ଟର୍ଚ୍ଚଟିଏ ଧରି ଆସ୍ତେ ଆସ୍ତେ ଘରକୁ ଫେରୁଥିଲେ ଉଦ୍‌ଗାତା ବାବୁ । ହଠାତ୍ ତାଙ୍କର ଦୃଷ୍ଟି ପଥାରୁଢ ହେଲା ସେହି ଦୀର୍ଘକାୟ ଉଚ୍ଚତମ ବୃକ୍ଷ । ସେଠାରେ ତାଙ୍କୁ ଦୃଶ୍ୟମାନ ହେଲା ଜଣେ କେହି ସ୍ତ୍ରୀ ଲୋକ ଦଣ୍ଡାୟମାନ । ସ୍ତ୍ରୀ ଲୋକଟି ବେଶ୍ ଉଚ୍ଚା, ଶ୍ୱେତବସନ ପରିହିତା । ତାହା ଦେଖିବା ସଙ୍ଗେ ସଙ୍ଗେ ତାଙ୍କ ଶରୀରର ସର୍ବାଙ୍ଗରୁ ସ୍ୱେଦ ବିନିର୍ଗତ ହୋଇଗଲା । ଦେହ ଗୋଟାକ ଯାକ ସ୍ୱେଦାର୍ଦ୍ର ହୋଇଗଲା । ତଥାପି ମନରେ ଖୁବ୍ ସାହସ ବାନ୍ଧି ଚାଲି ଚାଲି ଟର୍ଚ୍ଚଟି ଜଳାଇ, ସେ ଆଗକୁ ଆସିଲେ । ଯେତିକି ଉକ୍ତ ନାରୀ ମୂର୍ତ୍ତିର ନିକଟତମ ସେ ହେଉଥାନ୍ତି ସେତିକି ତାଙ୍କର ହୃତ୍ ସ୍ପନ୍ଦନ ବୃଦ୍ଧି ହେଉଥିଲା । ନାନାଦି ପୂର୍ବକଥା ସବୁ ସ୍ମୃତି ପଥାରୁଢ଼ ହୋଇ ତାଙ୍କ ମନକୁ ଶଙ୍କାକୁଳ ତଥା ବ୍ୟସ୍ତ କରି ଦେଉଥିଲା । ତଥାପି ସେ ସ୍ୱୟଂ ବ୍ରାହ୍ମଣ । ବ୍ରାହ୍ମଣର ସ୍କନ୍ଧରେ ଉପବୀତ ଥିଲେ ଭୂତ ପ୍ରେତାଦି କେହି କିଛି କରିପାରିବେ ନାହିଁ । ଏପରିକି ସେମାନେ ସ୍ପର୍ଶ ମଧ କରିପାରିବେ ନାହିଁ । ଏ ସବୁ ଚିନ୍ତା କରି ସେ ମନରେ ଦମ୍ଭ ଆଣୁଥିଲେ ମଧ ତଥାପି ଏକାକୀ ବୋଲି ଚିନ୍ତା କରୁଥିଲେ । କିନ୍ତୁ ଘରକୁ ତ ଯେମିତି ବି ହେଉ ଆସିବାକୁ ହେବ । ଏହିପରି ନାନାଦି ଦୁଶ୍ଚିନ୍ତା ତଥା ବ୍ୟସ୍ତତା ମଧ୍ୟରେ ଧୀର ପଦ ବିକ୍ଷେପରେ ଆଗକୁ ଆଗକୁ ପାହେ ପାହେ ପକାଇ ଆସି ଦେଖିଲା ବେଳକୁ ସେ ଦେଖିଲେ- ସେଠାରେ ନାହିଁ କୌଣସି ନାରୀମୂର୍ତ୍ତି କିମ୍ବା ଭୁତ ନା ପ୍ରେତ । ନାହିଁ ମଧ ଶ୍ୱେତ ବସନା ନାରୀ । ଉକ୍ତ ବୃକ୍ଷରେ ଧାର ହୋଇ ଲମ୍ବିଛି କେବଳ ବାରିଧାରା, ବିଭିନ୍ନ ପ୍ରକାରେ ବୃଷ୍ଟି ଜଳଧାରା । ତାହାଦେଖି ସେ ତତ୍‌କ୍ଷଣାତ୍ କହି ପକାଇଲେ ହାୟ ଭଗବାନ । ଓହୋ ମଣିଷ ମୁକ୍ତି ପାଇଗଲା କି ଏକ ବିରାଟ ଦୁର୍ଶ୍ଚିନ୍ତାରୁ । ଟର୍ଚ୍ଚ ଆଲୋକରେ ସେହି ବିଲମ୍ବିତ ବାରିଧାରା ପ୍ରତିଭାତ ହେଉଥିଲା ଏକ ଦଣ୍ଡାୟମାନା ଶ୍ୱେତବସନା ନାରୀ ମୂର୍ତ୍ତି ସଦୃଶ । ଏତାଦୃଶ ଭୟ ଆଉ କେବେ ବି ତାଙ୍କ ଜୀବନରେ ସେ ଜାଣି ନାହାନ୍ତି ବୋଲି ସେ କହୁଥିଲେ । ମିଥ୍ୟା କିପରି ମଣିଷ ମନକୁ ଆଚ୍ଛନ୍ନ କରେ ଓ ନାଟକ ଦେଖାଏ ଏହା ତାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ।

ସ୍ନେହସିକ୍ତ ପିତା

ମୋର ଦୁଇ ନମ୍ବର କାକା ସୁରେଶ ଚନ୍ଦ୍ର ଉଦ୍‌ଗାତାଙ୍କର ବିବାହ କାର୍ଯ୍ୟ ଅନୁଷ୍ଠିତ

Digitized by srujanika@gmail.com

ହୋଇଥିଲା ପୁରୀରେ। ସେଠାରୁ ବଲାଙ୍ଗୀରକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ବିଜୟନଗରମ୍ ଷ୍ଟେସ୍‌ନରେ ମୁଁ, ମୋର ସାନପିଉସୀ ନାନୀ ବିନୋଦିନୀ, ନୂଆଁ ଖୁଡ଼ୀ ଓ ଜେଜେମାଁ ଅଭଡାନ୍ନ ଖାଇସାରି ହାତ ଧୋଇବା ପାଇଁ ପାଣି ଅପେକ୍ଷାରେ ବସିଥିଲୁଁ। ପାଣି ଆଣିଯାଇଥିଲେ ମୋର ଜେଜେବାପା ଓ ମୋ ନାନ। ଇତ୍ୟ ବସରେ ଏକ ଶ୍ୱାନ ଆସି ସେଠାରେ ପହଞ୍ଚିଗଲା। ମୁଁ ତାକୁ ହାତ୍ ବା ଧାତ୍ କରି ଯାଃ କରିଦେଲି। ସେ ସେଠାରେ ଖାଉଥିଲା ଭୂମିରେ ପଡ଼ିଥିବା ଅନ୍ନ। ତତ୍‌କ୍ଷଣାତ୍ କ୍ରୁଦ୍ଧ ହୋଇ ପଶୁତ୍ୱର ପରାକ୍ରମ ଦେଖାଇ ମୋ ଆଣ୍ଠୁରୁ ଟିକିଏ ଉପରକୁ କ୍ଷତାକ୍ତ କଲା। ତାର ଦୁଇଟି ଦନ୍ତ ଚିହ୍ନ ସେଠାରେ ପଡିଥିଲା। ସେତେବେଳେ ମୋର ନାନା ଓ ଜେଜେବାପା ପାଣି ଆଣି କରି ଆସିଲେ। ଏ ଘଟଣାରେ ସମସ୍ତେ ଚିନ୍ତିତ ହୋଇଗଲେ। କାରଣ କୁକୁର କାମୁଡ଼ିବା ଭଲ ନୁହେଁ। କାରଣ ସେଥିରୁ ଅନେକ ପ୍ରକାର ଦୁର୍ଘଟଣା ଆସିପାରେ। ପ୍ଲାଟ ଫର୍ମରେ ଆହୁରି ଅନେକ ଯାତ୍ରୀ ରେଳଗାଡ଼ୀର ଆଗମନ ଅପେକ୍ଷାରେ ଥାନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ କୁକୁର କାମୁଡ଼ା ର ଚିକିତ୍ସା, ପରିଣତି ଇତ୍ୟାଦି ଅନେକ ବିଷୟ କହିଲେ ଯଥା- କୁକୁର କାମୁଡ଼ା ସ୍ଥାନରେ ପିନ୍ଧିଥିବା ଜୋତା ଘଷିବା, ପାଗଳା କୁକୁର ହୋଇଥିଲେ ତାକୁ ବାନ୍ଧିରଖି ତା ଉପରେ ଦୃଷ୍ଟି ରଖିବା ଉଚିତ ଇତ୍ୟାଦି। କୁକୁରଟି ମୋତେ କାମୁଡ଼ି ଦେଇ କୁଆଡ଼େ ଚାଲିଗଲା। ଫଳରେ ସେ ପାଗଳାକି ନୁହେ ଆଉ ଜାଣିବାର ଉପାୟ ନ ଥିଲା। ତପ୍ରେ ଗ୍ରୀଷ୍ମ ଦିନର ଦ୍ୱିପ୍ରହର ଉବୁଉଦିଆ ଝାଞ୍ଜି ଖରାରେ ୧୦ ବର୍ଷର ଝିଅ ରେଣୁ କୁ କାଖ କରି ଷ୍ଟେସନ୍‌ରେ ଥିବା ଓଭରବ୍ରିଜ୍ ଅତିକ୍ରମ କରି ନିକଟବର୍ତ୍ତୀ ଜନୈକ ଡାକ୍ତରଙ୍କ ନିକଟକୁ ନେଇ କରିଗଲେ। ତାହା ଏପର୍ଯ୍ୟନ୍ତ ମୁଁ ଭୁଲି ପାରିନାହିଁ। ଭୁଲିବି କିପରି ମୋ ପିତାଙ୍କର ଅନାବିଳ ସ୍ନେହ ମମତା। ମୋର ସ୍ୱାସ୍ଥ୍ୟ ବିଷୟକ ଚିନ୍ତାରେ ସମସ୍ତଙ୍କ ମନ ଦୁଃଖ ହୋଇଗଲା। ସମସ୍ତେ କାନ୍ଦିଲେ। ଆମେ ଡାକ୍ତରଙ୍କ ପାଖରୁ ଫେରିବା ପରେ ଯାତ୍ରା କଲୁଁ ଟିଟିଲାଗଡ଼ ଅଭିମୁଖେ। କିନ୍ତୁ ସେ ଯାତ୍ରାରେ ଆଉ ନ ଥିଲା ଆନନ୍ଦ, ଥିଲା ଏକ ମ୍ଳାନତା। ତାପରେ ବସ୍ ଯୋଗେ ଆସିଲୁ ବଲାଙ୍ଗୀର। ଚାଲିଲା ନବବଧୂର ଗୃହ ପ୍ରବେଶ ବିଧି ବିଧାନ, ଭୋଜି ଭାତର ଆୟୋଜନ ଇତ୍ୟାଦି।

ସେହି ବ୍ୟସ୍ତତା ମଧ୍ୟରେ ମୋର ନାନା ବଲାଙ୍ଗୀରର ଡାକ୍ତର ମାନଙ୍କ ସହ ଏହି କୁକୁର କାମୁଡ଼ା ପ୍ରସଙ୍ଗରେ ପରାମର୍ଶ କଲେ। ସେତେବେଳେ ବଲାଙ୍ଗୀରରେ ଅଳ୍ପ ସଂଖ୍ୟକ ଡାକ୍ତର ଥିଲେ। କେତେଜଣ ଖ୍ୟାତନାମା ଘରୋଇ ଡାକ୍ତର। ସେମାନେ ହେଲେ ମିସ୍

Digitized by srujanika@gmail.com

ଅଳକା ଜେନାଙ୍କ ପିତା ଡ:ଶ୍ରୀଯୁକ୍ତ ସାମୁଏଲ ଜେନା, ଡ: ଗୌରଚନ୍ଦ୍ର ପଣ୍ଡା (ରାଜ୍ୟସଭା ସାଂସଦ ସଦସ୍ୟ ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ଭାଇ), ଡ: ଦେବୀ ପ୍ରସାଦ ଘ୍ରେପଦାର, ଡ: ରାମ ପ୍ରସାଦ ମିଶ୍ର, ଡ: ହରିହର ଦେ ଇତ୍ୟାଦି। ଜେନା ଡାକ୍ତର ବୟୋଜ୍ୟେଷ୍ଠ, ଗୁରୁ ସ୍ଥାନୀୟ। ସେ ମୋ ଜେଜେବାପାଙ୍କୁ ବହୁତ ସମ୍ମାନ କରୁଥିଲେ। ସଂସ୍କୃତ ପଣ୍ଡିତ ରୂପେ ବଲାଙ୍ଗୀରରେ ମୋ ଜେଜେବାପା ବେଶ୍ ପ୍ରତିଷ୍ଠିତ ଥିଲେ। ପଣ୍ଡିତ ଶ୍ରୀଯୁକ୍ତ ଲଡୁକେଶ୍ୱର ଉଦ୍‌ଗାତା, ପଣ୍ଡିତ ଶ୍ରୀ ଗଦାଧର ଉଦ୍‌ଗାତା ପ୍ରଭୃତି ବଲାଙ୍ଗୀରରେ ସଂସ୍କୃତ ଶିକ୍ଷାର ଭିତ୍ତି ସ୍ଥାପନକରି ଥିଲେ। ସେମାନେ ପୁରୀ ଜିଲ୍ଲାର ଦିବ୍ୟସିଂହପୁରରୁ ଆସି ବଲାଙ୍ଗୀର ବାସୀନ୍ଦା ହୋଇ ସେଠାକାର ଶିକ୍ଷାର ମାନ ଉନ୍ନତ କରିବାଦିଗରେ ଯଥେଷ୍ଟ ଉଦ୍ୟମ ଶୀଳଥିଲେ ଓ ସେଥିରେ ସଫଳ କାମ ମଧ୍ୟ ହୋଇଥିଲେ।

ଜେନା ଡାକ୍ତର ଆଜ୍ଞା ଥିଲେ ଜଣେ ସ୍ନେହୀ, ଅମାୟିକ ବ୍ୟବହାର ପ୍ରଦର୍ଶନକାରୀ ଚିକିତ୍ସକ। ତାଙ୍କର ସୁମଧୁର ସ୍ନେହସିକ୍ତ ବଚନ ବର୍ତ୍ତମାନ ମଧ୍ୟ ମୋର କର୍ଣ୍ଣ ପଥାରୁଢ଼ ହେଲା ପରି ଲାଗୁଛି। ଝିଅ ମାନଙ୍କୁ ମାଁ ବୋଲି ସମ୍ବୋଧନ କରିବା ତାଙ୍କର ଏକ ବିଶିଷ୍ଟ ଗୁଣ। ତାଙ୍କ କଥାରେ ରୋଗୀର ରୋଗ ଅର୍ଦ୍ଧେକରୁ ଅଧିକ ଉପଶମିତ ହୋଇଯାଏ। "ସର୍ବଦା ମଧୁର ବଚନ, କହି ତୋଷିବ ଜନମନ" - ଉକ୍ତିଟି ସର୍ବଦା ସେ ଅନୁସରଣ କରୁଥିଲେ। ତାଙ୍କର ରୂପଶାନ୍ତ ସୌମ୍ୟ। ସେ ଥିଲେ କ୍ଷୀଣକାୟ, ପ୍ରାୟ ୬ ଫୁଟ ଉଚ୍ଚା ପରିଧାନ ଅତି ସାଦାସିଧା - ଦାମିକା ଧଳାଧୋତି ଓ ପଞ୍ଜାବୀ।

ଡାକ୍ତର ଶ୍ରୀଯୁକ୍ତ ରାମ ପ୍ରସାଦ ମିଶ୍ରଙ୍କୁ ମୋ ନାନା ମାମୁଁ ବୋଲି ଡାକୁ ଥିଲେ। ଆହୁରି ମଧ୍ୟ ସେ ତାଙ୍କର ବନ୍ଧୁ ଥିଲେ। ଆମେ ତାଙ୍କୁ ଅଜା ବୋଲି ଡାକୁଥିଲୁଁ। ତାଙ୍କ ଜ୍ୟେଷ୍ଠାକନ୍ୟା ଯଶୋବନ୍ତୀ ମିଶ୍ର ଆମ ସାଙ୍ଗରେ ପାଠ ପଢୁଥିଲେ। ତାଙ୍କ ଘରକୁ ଆମର ଅବାଧ ଗମନାଗମନ ଥିଲା। ସେ ମୋତେ ନାତୁଣୀ ହିସାବରେ ବହୁତ ଥଟ୍ଟା ପରିହାସ କରୁଥିଲେ, ମଜାମଜା କଥା କହୁଥିଲେ। ସବୁ କଥା ଏଇ କାଲି ପରିଲାଗୁଛି। ସଫା ଧଳା ଧୋତି, ଧଳା ପଞ୍ଜାବୀ ଥିଲା ତାଙ୍କର ପରିଧାନ। ଦେଖିବାକୁ ବେଶ୍ ଉଚ୍ଚା, ସ୍ୱାସ୍ଥ୍ୟବାନ। ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ରୂପେ ସେ ସମସ୍ତଙ୍କ ନିକଟରେ ପରିଚିତ। ଡାକ୍ତର ଦେବୀ ପ୍ରସାଦ ଘ୍ରେପ୍‌ଦାର୍ ଓ ଡାକ୍ତର ଦେ ମୋ ନାନାଙ୍କ ବନ୍ଧୁ। ମୋତେ କୁକୁର କାମୁଡ଼ିବା ଦୁର୍ଘଟଣାରୁ ରକ୍ଷା କରିବା ପାଇଁ ଏମାନେ ଉପଦେଶ ଦେଇଥିଲେ। ସେ ଅନୁସାରେ ବଲାଙ୍ଗୀର ଡାକ୍ତରଖାନାରେ ଚଉଦଦିନରେ ଚଉଦଟା ଇଞ୍ଜେକ୍‌ସନ୍ ମୋତେ ତଳ ପେଟରେ

Digitized by srujanika@gmail.com

ଦିଆହେଲା । ତାପରେ ଛଅ ମାସ ଗଲାପରେ ମୋତେ ଭୀଷଣ ଜ୍ୱର ହେଲା । କାହିଁକି ଜ୍ୱର ହେଲା ବୋଲି ସେ ସମୟରେ ଡାକ୍ତରମାନେ ଚିନ୍ତିତ ହୋଇ ପଡ଼ିଥିଲେ । ତାପରେ ପାରା ଟାଇଫଏଡ୍‌ର ଚିକିତ୍ସା କରି ମୋତେ ଆରୋଗ୍ୟ କଲେ । ଆମ ଘରକୁ ଆସି ଡାକ୍ତରମାନେ ଚିକିତ୍ସା କରୁଥିଲେ ।

ଆହୁରି ମଧ୍ୟ, ଥରେ ମୋର ସାନକାକା ଶରତ୍ ଚନ୍ଦ୍ର ଉଦ୍‌ଗାତାଙ୍କୁ ସେତେବେଳେ ବଲାଙ୍ଗୀରରେ ୧୦୫°, ୧୦୬° ଜ୍ୱର ହୋଇଥିଲା । ସମସ୍ତେ ତାଙ୍କର ବଞ୍ଚିବାର ଆଶା ଛାଡ଼ି ଦେଇଥିଲେ । ନାନାଙ୍କର ସେହି ଡ଼ାକ୍ତର ବନ୍ଧୁମାନେ ଆସି ତାଙ୍କୁ ଚିକିତ୍ସା କରି ରୋଗର ଉପଶମ କରିଥିଲେ ।

୧୯୪୮ ଖ୍ରୀ: ବେଳକୁ ବଲାଙ୍ଗୀରରେ ରଞ୍ଜନ ରଶ୍ମି (X-ray) ଯନ୍ତ୍ର ସ୍ଥାପିତ ହୋଇଥିଲା । ମୋର ପରବର୍ତ୍ତୀ ଭଉଣୀ ମୀରା ବର୍ତ୍ତମାନ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଓ ମୋର ପିଉସୀ ଅମୃତନାନୀଙ୍କ ବଡ଼ପୁଅ ଉମାକାନ୍ତ ମିଶ୍ର (ବର୍ତ୍ତମାନ Information & Broad Casting Dept of India ରେ ସେକ୍ରେଟାରୀ ପଦବୀରେ ଅଧିଷ୍ଠିତ) ମାତୃଗର୍ଭସ୍ଥ ହେବା ସମୟରେ ଏକ୍ସ୍‌ରେ ଯନ୍ତ୍ର ପରିଚାଳନାରେ ଜଣା ପଡିଥିଲେ । ବଲାଙ୍ଗୀରରେ ପ୍ରଥମେ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ଏହି ରଞ୍ଜନ ରଶ୍ମି ଯନ୍ତ୍ର ୧୯୪୪ ଖ୍ରୀ: ରେ ସ୍ଥାପନ କରିଥିଲେ ।

ଘରୋଇ ଭାବରେ ସଂସ୍କୃତରେ ଏମ୍.ଏ ପରୀକ୍ଷା

ଖ୍ରୀ:ଅ: ୧୯୫୨ରେ ଶ୍ରୀଯୁକ୍ତ ହରିହର ମିଶ୍ର ବଲାଙ୍ଗୀର ଜିଲ୍ଲା ଶିକ୍ଷା ବିଭାଗର ସର୍କଲ ଇନ୍‌ସ୍ ପେକ୍‌ଟର ଶିକ୍ଷା ପରିଦର୍ଶକ ହୋଇ ଆସିଲେ । ସେତେବେଳେ ସେ ବଲାଙ୍ଗୀର କଚେରୀ ସମ୍ମୁଖସ୍ଥ ସରକାରୀ କ୍ୱାଟର୍ସରେ ରହୁଥିଲେ । ତାଙ୍କର ଦଶଜଣ ପୁତ୍ର ଓ ଚାରିଜଣ କନ୍ୟା ଥିଲେ । ତାଙ୍କ ପୁତ୍ରମାନଙ୍କର ସମସ୍ତଙ୍କର ଶେଷରେ 'କ' ରହିଥିଲା । ଯଥା :- ସନକ, ଜନକ, ଚାଣକ୍ୟ ଇତ୍ୟାଦି । ସେମାନଙ୍କର ନାମ ଗୁଡ଼ିକ ଶୁଣିଲା ବେଳେ ଆମ ସମସ୍ତଙ୍କୁ ବହୁତ ମଜା ଲାଗୁଥିଲା । ସେମାନଙ୍କର ଜଣେ ଭଉଣୀ ସଂଯୁକ୍ତା ମିଶ୍ର ମୋ ସାଙ୍ଗରେ ବଲାଙ୍ଗୀର ବାଳିକା ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ପଢୁଥିଲେ । ସେ ତାଙ୍କ ଭାଇ ମାନଙ୍କ ନାମ, ବିଷୟ ଇତ୍ୟାଦି ଆମ ଆଗରେ ବର୍ଣ୍ଣନା କରେ । ସେମାନେ କଟକରେ କନ୍‌ଭେଣ୍ଟ ସ୍କୁଲରେ ଇଂରାଜୀ ଭାଷା ମାଧ୍ୟମରେ ପାଠ ପଢ଼ିଥିଲେ । ସଂଯୁକ୍ତା କନ୍‌ଭେଣ୍ଟ ସ୍କୁଲର ନିର୍ଦ୍ଦିଷ୍ଟ ପୋଷାକ ପରିଧାନ କରି ଆସୁଥିଲେ । ତାଙ୍କର ଇଂରାଜୀ ଭାଷା

Digitized by srujanika@gmail.com

ଜ୍ଞାନ ମଧ୍ୟ ବେଶ୍ ଥିଲା । ସେତେବେଳେ ବଲାଙ୍ଗୀରରେ ଇଂରାଜୀ ଭାଷା ମାଧ୍ୟମ ବିଦ୍ୟାଳୟ, କନ୍‌ଭେଣ୍ଟ ଇତ୍ୟାଦି ନ ଥିଲା । ଇଂରାଜୀ ବିଦେଶୀ ଭାଷା ହୋଇଥିବାରୁ ଛାତ୍ରଛାତ୍ରୀଙ୍କ ପାଇଁ ଏକ କଷ୍ଟ ବିଷୟ ହୋଇଥିଲା । ଇଂରାଜୀରେ କଥୋପକଥନ ଆମ ମାନଙ୍କ ପାଇଁ କଷ୍ଟ ସାଧ୍ୟ ବ୍ୟାପାର ଥିଲା । କିନ୍ତୁ ସଂଯୁକ୍ତା ମିଶ୍ର କନ୍‌ଭେଣ୍ଟ ସ୍କୁଲର ଛାତ୍ରୀ ହୋଇଥିବାରୁ ଇଂରାଜୀ ଭାଷାରେ କଥାବାର୍ତ୍ତା କରିବା ତାଙ୍କ ଲାଗି ଅତି ସହଜ ହୋଇଥିଲା । ସେଥିପାଇଁ ସେ ଶିକ୍ଷୟିତ୍ରୀ ମାନଙ୍କର ଅତି ଶ୍ରଦ୍ଧାଭାଜନ ମଧ୍ୟ ହୋଇଥିଲେ । ଆମେ ଅନ୍ୟମାନେ ସମସ୍ତେ ଏଥିରେ ଅବାକ୍ ହୋଇଯାଉଥିଲୁଁ ।

କେନ୍ଦ୍ର ଶିକ୍ଷା ପରିଦର୍ଶକ ଶ୍ରୀଯୁକ୍ତ ମିଶ୍ର ବହୁତ ନୀତିବାଦୀ ବ୍ୟକ୍ତି । ନୀତି ବିଗର୍ହିତ କାମ କରିବା ପାଇଁ ସେ ଆଦୌ ପସନ୍ଦ କରନ୍ତି ନାହିଁ । ସେ ଥିଲେ ଜଣେ ଟାଣୁଆ ଅଫିସର । ଗୋବିନ୍ଦବାବୁଙ୍କ କର୍ତ୍ତବ୍ୟ-ନିପୁଣତା, କର୍ତ୍ତବ୍ୟ ନିଷ୍ଠା, ସାଧୁତା ଇତ୍ୟାଦି ସ୍କୁଲ ପରିଦର୍ଶନ ସମୟରେ ସେ ଦେଖିଥିଲେ । ଅନ୍ୟ ମାନଙ୍କ ମୁଖରୁ ତାଙ୍କର କାର୍ଯ୍ୟ ଦକ୍ଷତା ବିଷୟ ମଧ୍ୟ ଶୁଣିଥିଲେ । ତାଙ୍କୁ ସେ ତାଙ୍କ ଅଫିସକୁ ବର୍ଷକୁ ଥରେ ଜାନୁୟାରୀରୁ ଜୁନ୍ ମଧ୍ୟରେ ୨/୩ ମାସ ପାଇଁ ଶିକ୍ଷାଗତ ପରିସଂଖ୍ୟାନ ବାହାର କରିବା ନିମିତ୍ତ ନିଯୁକ୍ତ କରୁଥିଲେ । ଉଦ୍‌ଗାତା ବାବୁ ଥିଲେ ଗଣିତ ବିଷୟରେ ଜଣେ ପ୍ରବୀଣ ଶିକ୍ଷକ । ତାଙ୍କର ଗଣିତ ଜ୍ଞାନ ଓ ନିର୍ଭୁଲ ହିସାବ କେନ୍ଦ୍ର ଶିକ୍ଷା ପରିଦର୍ଶକ ଶ୍ରୀଯୁକ୍ତ ମିଶ୍ର ମହୋଦୟଙ୍କଦୃଷ୍ଟ୍ୟାକର୍ଷଣ କରିଥିଲା । ଏହିପରି କିଛିଦିନ ଅତିବାହିତ ହେବାପରେ ଉଦ୍‌ଗାତାବାବୁ ସଂସ୍କୃତ ବିଷୟରେ ଏମ୍.ଏ.ପରୀକ୍ଷା ଦେବା ପାଇଁ ମନସ୍ଥ କଲେ । ଉକ୍ତ ପରୀକ୍ଷା ଦେବା ଉଦ୍ଦେଶ୍ୟରେ ଚାକିରୀରୁ କିଛି ଦିନ ସେହି ଜାନୁୟାରୀରୁ ଜୁନ୍ ଭିତରେ ଛୁଟି ମିଳିବା ପାଇଁ ଦରଖାସ୍ତ ଦେଲେ । ସେ ସମୟରେ ଶ୍ରୀଯୁକ୍ତ ହରିହର ନନ୍ଦ ଥିଲେ ପୃଥ୍ୱୀରାଜ ହାଇସ୍କୁଲର ହେଡମାଷ୍ଟର । ସେ ଉଦ୍‌ଗାତାବାବୁଙ୍କ ଦରଖାସ୍ତଟି ଦସ୍ତଖତ କରି କେନ୍ଦ୍ର ଶିକ୍ଷା ପରିଦର୍ଶକଙ୍କ ନିକଟକୁ ପ୍ରେରଣ କରିଦେଲେ । କେନ୍ଦ୍ର ଶିକ୍ଷା ପରିଦର୍ଶକ ଶ୍ରୀଯୁକ୍ତ ମିଶ୍ର ସାର୍ ଉଦ୍‌ଗାତାବାବୁଙ୍କୁ ଡାକି ପଠାଇଲେ । ତାଙ୍କ ଚପରାଶି ଆସି ତାଙ୍କୁ କହିଲା - "ସାର୍ ଡାକିଛନ୍ତି" । ତାହା ଶୁଣି ଉଦ୍‌ଗାତା ବାବୁ ସାର୍‌ଙ୍କ ପାଖରେ ଉପସ୍ଥିତ ହେଲେ । ମିଶ୍ର ସାର୍ କହିଲେ - "ଏମ.ଏ. ପରୀକ୍ଷା ଦେବା ପାଇଁ ମାଗିଥିବା ଛୁଟୀ ଦରଖାସ୍ତ ମୋ ପାଖରେ ପହଞ୍ଚିଛି । କିନ୍ତୁ ଆପଣ ଛୁଟୀରେ ରହିଲେ ଆପଣଙ୍କ କାମ କରିବ କିଏ ? ଅଫିସ୍ ଚଳିବ କେମିତି ?" ଏହା ଶୁଣି ଉଦ୍‌ଗାତା ବାବୁ ସ୍ତବ୍ଧ ହୋଇଗଲେ । ରହିଗଲେ ହତବାକ୍

Digitized by srujanika@gmail.com

ହୋଇ । କିଂକର୍ତ୍ତବ୍ୟ ବିମୁଢ଼ ହୋଇ ସେ ଏକାଥରକେ ନୀରବ ହୋଇଗଲେ । କିଛି ସମୟ ପରେ ସେ ସେଠାରୁ ଚାଲି ଆସିଲେ । କୁରାଳଚକ୍ର ପରାୟେ ଭ୍ରମୁଥାଏ ତାଙ୍କର ମନ। କାରଣ ମିଶ୍ର ସାର୍‌ଙ୍କ ନିକଟରେ ଅନୁନୟ ବିନୟ ପ୍ରାର୍ଥନାର ମୂଲ୍ୟ କିଛି ରହେ ନାହିଁ। ସେ ଯାହା ବୁଝିଥିବେ ସେଇଆ । ସେଥିରୁ ସେପାଦେ ହେଲେ ଓହରିବେ ନାହିଁ। ତେଣୁ ସେହି ପରିସ୍ଥିତିରେ କେବଳ ମାନସିକ ସନ୍ତୁଳନ ବ୍ୟତୀତ ଉଦ୍‌ଗାତା ବାବୁଙ୍କର ଆଉ କିଛି ରହିଲା ନାହିଁ। ସେ ଦୁଃଖ ଭରା ମନରେ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ଘରେ ଥିଲେ ତାଙ୍କ ବୋଉ (ମାଁ) । ସ୍ତ୍ରୀ ରୋଷେଇ ଶାଳରେ କାର୍ଯ୍ୟବ୍ୟସ୍ତ - ଯାହାଙ୍କର ନୀତି ଥିଲା - "କର୍ମ ମୋହର ନିଜଗୁରୁ ।" ତାଙ୍କ ନନା (ବାପା) ଯାଇଥିଲେ ସାନ୍ଧ୍ୟ ଭ୍ରମଣରେ । ସନ୍ଧ୍ୟା ୫ଟା ୬ ଟା ସମୟ । ବାକି ଶିଶୁ ଗଣ, କିଏ ଖେଳି ଯାଇଥିଲା, କିଏ ତାର ଆସନ୍ତା ଦିନର ଟାଇମ୍ ଟେବୁଲ୍ ବା ରୁଟିନ୍ ଦେଖି ବହି ବାଛି ସଜାଡୁଥିଲା ରାତିରେ ପଢ଼ିବା ପାଇଁ ଇତ୍ୟାଦି । ଏ ପରିସ୍ଥିତିରେ ଉଦ୍‌ଗାତା ବାବୁ ତାଙ୍କ ବୋଉ (ମାଁ)ଙ୍କୁ ଦେଖି ଆଉ କୋହ ସମ୍ଭାଳି ପାରିଲେ ନାହିଁ। ରୁଦ୍ଧ ଆବେଗ ହଠାତ୍ ବନ୍ୟାଜଳ ମାଡ଼ି ଆସିଲା ପରି ଭୁସ୍ କରି ପ୍ରକାଶିତ ହୋଇଗଲା । ସେ କଇଁ କଇଁ ହୋଇ ଜଣେ ଶିଶୁ ପରି କାନ୍ଦିବାକୁ ଲାଗିଲେ । ଏହାହିଁ ହେଉଛି ମଣିଷର ଅସହାୟ ବୋଧତାର ପରିପ୍ରକାଶ । ଯେତେବେଳେ ସମସ୍ତ ଅସ୍ତ୍ର ପରାଜୟ ସ୍ୱୀକାର କରନ୍ତି ସେତେବେଳେ ନିଜସ୍ୱ ରୂପେ ରହିଥାଏ- ଯେଉଁ ଲୋତକାସ୍ତ୍ର ତାହା ନିର୍ଗତ ହୁଏ ଓ ତାହା ବିଜୟ ଲାଭ କରେ ପାଷାଣ କଠିଣ ମର୍ମ୍ମ ସ୍ଥଳକୁ ଭେଦ କରି । ତାଙ୍କ ବୋଉ ସାଙ୍ଗେ ସାଙ୍ଗେ ତାଙ୍କୁ ପାଖରେ ବସାଇ ତାଙ୍କ ପିଠିକୁ ସାଉଁଳି ସାଉଁଳି ଅତିସହଜରେ କହିଲେ- "ଏଇ କଥାକୁ ନେଇ ତୁ କାନ୍ଦୁଛୁ । ତୁ ଆଉ ଆଉ କାନ୍ଦନା । ଆହୁରି ଦୃଢ଼ ସ୍ୱରରେ କହିଲେ - ତୁ ନିଶ୍ଚୟ ଏମ.ଏ. ପରୀକ୍ଷା ଦେଇପାରିବୁ ।" ଶିଶୁ ମାନେ ମାତାଙ୍କ ପାଖରେ ଅଳି ଅଝଟ କଲାପରି ପୁଣି ଗୋବିନ୍ଦ ବାବୁ କହିଲେ - "ବୋଉ ! ତୁ ବୁଝୁନୁ - ମୁଁ ଆଉ କେମିତି ପରୀକ୍ଷା ଦେବି, ଛୁଟୀ ପରା ମିଳୁନି । ତାପରେ ବୋଉ କହିଲେ - ତୁ ଆଉ ବ୍ୟସ୍ତ ହୁଅନା, ମୋ ଗୋବିନ୍ଦ ନିଶ୍ଚୟ ପରୀକ୍ଷା ଦେବ ।" ମାଁଙ୍କର ସଂବେଦନଶୀଳ କଥାରେ ୩୦।୩୫ ବର୍ଷର ପୁଅ ବୁଝିଗଲେ । ମାଁଙ୍କର ଆଶୀର୍ବାଦ ପାଇ ସାଙ୍ଗେ ସାଙ୍ଗେ ମନ ତାଙ୍କର ହାଲୁକା ହୋଇଗଲା । କିନ୍ତୁ ଥରେ ଥରେ ପୁଣି ମନରେ ଉଙ୍କି ମାରୁଥାଏ ସେହି ପରୀକ୍ଷା ଦେବା କିପରି ସମ୍ଭବ ହେବ - ପ୍ରଶ୍ନବାଚୀ । ତେଣୁ ଉକ୍ତି ଅଛି - "ଜନନୀ ଜନ୍ମଭୂମି ଶ୍ଚ ସ୍ୱର୍ଗାଦପି ଗରୀୟସୀ" ।

Digitized by srujanika@gmail.com

ପରଦିନ ସକାଳ । ପୂର୍ବଦିନ ମାନଙ୍କ ପରି ସେ ସ୍କୁଲକୁ ଗଲେ । ପୂର୍ବଦିନ ଘଟଣା ମନର କବାଟକୁ ମଝିରେ ମଝିରେ ଠକ୍ ଠକ୍ କରି ଦେଉଥିଲା । ବେଳେ ବେଳେ ଚକ୍ଷୁ ଅଶ୍ରୁସିକ୍ତ ହୋଇଯାଉଥିଲା । ପୁଣି ନିଜକୁ ସମ୍ଭାଳି ନେଇ ସେ ଆବେଗମୁକ୍ତ ହୋଇଯାଉଥିଲେ । ଏହିପରି ଭାବରେ କେତେବେଳେ ବାଦଲ ତ କେତେବେଳେ ମେଘମୁକ୍ତ ଆକାଶ ପରି ପ୍ରତିକ୍ରିୟା କରୁଥିଲା ତାଙ୍କ ମନ । ଏତାଦୃଶ ପରିସ୍ଥିତିରେ ପୁଣି ଶ୍ରୀଯୁକ୍ତ ମିଶ୍ର ତାଙ୍କୁ ଡାକି ପଠାଇଲେ । ଦୁଃଖୀର ଦୁଃଖ ଶୁଣିଲେ ଦୀନବାନ୍ଧବ ହରି । ବୋଉଙ୍କ ଆଶୀର୍ବଚନ କାମ କଲା ସ୍ପର୍ଶମଣି ପରି । ଲୌହ ପରି କଠିଣ ହୃଦୟକୁ ତରଳାଇ କରିଦେଲା ସୁବର୍ଣ୍ଣ ପରି ସୁନ୍ଦର ମନୋହର । ଆଃ - ଉପଯୁକ୍ତ ସତକର୍ମ କରିବା ଚିନ୍ତାର କିପରି ଯାଦୁକରୀ ଶକ୍ତି । ତାହା ଯାଦୁପରି ଅସାଧ ସାଧନ କରିପାରେ । ମିଶ୍ର ସାର୍ ପୂର୍ବୋଲ୍ଲିଖିତ ଦରଖାସ୍ତ ଉପରେ କରିଛନ୍ତି ସଦୟ କଲମ ଚ୍ଳନା । ପୂର୍ବଦିନ ମାନଙ୍କ ପରି ଉଦ୍‌ଗାତା ବାବୁ ଯାଇ ଉପନୀତ ହେଲେ ମିଶ୍ର ସାର୍‌ଙ୍କ ଅଫିସରେ । ହଠାତ୍ ସାର୍‌ଙ୍କ ମନ ପରିବର୍ତ୍ତନ ଦେଖି ଉଦ୍‌ଗାତା ବାବୁ ପୂର୍ବବତ୍ ହତବାକ୍ ହୋଇଗଲେ । କେବଳ ନତ ମସ୍ତକ ହୋଇ ତାଙ୍କର ଆଶୀର୍ବାଦ ମସ୍ତକ ଉପରେ ଧରି ଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ଦରଖାସ୍ତ ମଞ୍ଜୁର ହେଲା ଏବଂ ସେ ଏମ.ଏ. ପରୀକ୍ଷା ନିମିତ୍ତ ଅଧ୍ୟବସାୟ ଦିଗରେ ଢ଼ାଳିଦେଲେ ତନମନ ପ୍ରାଣ । ପରୀକ୍ଷାରେ ତାଙ୍କୁ ପାଠ ପଢ଼ା ଦିଗରେ ସାହାଯ୍ୟ କରିଥିଲେ ତାଙ୍କ ପିତା ପଣ୍ଡିତ ଶ୍ରୀଯୁକ୍ତ ଲଡୁକେଶ୍ୱର ଉଦ୍‌ଗାତା । ସେ ଥିଲେ ବଲାଙ୍ଗିର ସଂସ୍କୃତ ବିଦ୍ୟାଭୂଷଣ କଲେଜର ଅଧ୍ୟକ୍ଷ । ପଣ୍ଡିତ ଶ୍ରୀଯୁକ୍ତ ବାଉରୀ ବନ୍ଧୁ ନନ୍ଦ, ଓ ଉକ୍ତ କଲେଜର ଅଧ୍ୟାପକ ପଣ୍ଡିତ ଶ୍ରୀଯୁକ୍ତ ବନମାଳୀ ମିଶ୍ର, ପଣ୍ଡିତ ଶ୍ରୀଯୁକ୍ତ ଲଡୁକେଶ୍ୱର ଶତପଥୀ, ଶ୍ରୀଯୁକ୍ତ ମିଶ୍ର ଓ ଶ୍ରୀଯୁକ୍ତ ଶତପଥୀ ସଂସ୍କୃତ କଲେଜରେ ଥିଲେ ଅଧ୍ୟାପକ । ସେମାନଙ୍କର ସମସ୍ତଙ୍କର ଘର ଥିଲା ଟିକ୍ରାପଡ଼ାରେ ଆମ ଘର ପାଖରେ । ଶ୍ରୀଯୁକ୍ତ ବାଉରୀବନ୍ଧୁ ନନ୍ଦ ଆମ ଘରୁ ଗୋଟିଏ ଘର ପରେ ନିଜ ଘରେ ରହୁଥିଲେ । ତାଙ୍କୁ ଉଦ୍‌ଗାତା ବାବୁ କକେଇ ବୋଲି ଡାକୁଥିଲେ । ସେମାନଙ୍କର ପ୍ରକୃତରେ କ'ଣ ରକ୍ତ ସମ୍ପର୍କ ଥିଲା ମୋତେ ଜଣାନାହିଁ । କିନ୍ତୁ ବନ୍ଧୁବାନ୍ଧବ ସମ୍ପର୍କ ହେଉ, ବା ଡକାହକା ସାହୀ ସ୍ଥିତ ଲୋକ ହିସାବରେ ହେଉ ସେମାନଙ୍କ ସମ୍ପର୍କ କକେଇ ପୁତୁରା ସମ୍ବନ୍ଧ ଠାରୁ ଅଧିକ । ଏପରିକି ପିତା ପୁତ୍ରର ସମ୍ବନ୍ଧ ଠାରୁ ମଧ ଅଧିକ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଶ୍ରୀଯୁକ୍ତ ବାଉରୀବନ୍ଧୁ ନନ୍ଦଙ୍କୁ ଆମେ ନାତିନାତୁଣୀ ମାନେ ଜେଜେ ବାପାଙ୍କ ସାନଭାଇ ହିସାବରେ ସାନ

Digitized by srujanika@gmail.com

ଜେଜେବାପା ବୋଲି ଡାକିବା କଥା। କିନ୍ତୁ ସେ ଥିଲେ ଆମର ମକରବାପା ଓ ତାଙ୍କ ସହଧର୍ମିଣୀ ମକରମାଁ। ମୁଁ (ରେଣୁ) ଆମବଂଶରେ ଉଦ୍‌ଗାତା ବାବୁଙ୍କ ବଡ଼ଝିଅ ହୋଇଥିବାରୁ ବଡ଼ନାତୁଣୀ ଆଉତ ତା ଆଗରୁ କେହି ନାତି ନାତୁଣୀ ନଥିଲେ। ସେ ହିସାବରେ ମୋର ଗେହ୍ଲା ପଣିଆ ୧୯୪୧ ନଭେମ୍ବରରୁ ଆରମ୍ଭ କରି କେତେ ଥିବ ବେଶ୍ ଅନୁମେୟ। ତେଣୁ ଅତି ସ୍ନେହରେ, ଅତି ଗେହ୍ଲାରେ ମୋତେ ସେ ମକ୍ର (ମିତ ମହାପ୍ରସାଦ) ବୋଲି ଡାକୁଥିଲେ। ମୋ ଜେଜେବାପାଙ୍କର ଆହୁରି ଭାଇ ମାନେ ଥିଲେ। ସମସ୍ତେ ମୋତେ ମକର ବୋଲି ଡାକୁଥିଲେ।

ଆମ ଘର ପରେ ଆମର ବଡ଼ ଜେଜେବାପା ଶ୍ରୀଯୁକ୍ତ ଲିଙ୍ଗରାଜ ଉଦ୍‌ଗାତାଙ୍କ ଘର। ତା ପାଖକୁ ଲାଗିଥିଲା ପଣ୍ଡିତ ଶ୍ରୀଯୁକ୍ତ ନନ୍ଦ ବା ମକରବାପାଙ୍କ ଘର। ସେ ଦେଖିବାକୁ ବେଶ୍ ସ୍ୱାସ୍ଥ୍ୟବାନ୍। ଶରୀର ବର୍ଣ୍ଣ କୃଷ୍ଣ। ଉଚ୍ଚତା ପ୍ରାୟ ୫ ଫୁଟ ୪ ଇଞ୍ଚ ଖଣ୍ଡେ ହେବ। ସ୍ଥୂଳକାୟ। ମୋଟା ଥିଲେ ବୋଲି କି କ'ଣ ଯେ ପେଟଟା ତାଙ୍କର ଟିକିଏ ବେଶ୍ ବଡ଼ ଥିଲା। ଆଜି ଏହା ଲେଖିଲା ବେଳେ ମନ ଅତୀତରେ ପହଞ୍ଚି ସବୁ ଦରାଣ୍ଡି ପକାଉଛି। ସେ କାଳ କଥା। ବର୍ତ୍ତମାନ ମଧ୍ୟ ତାଙ୍କ ବଡ଼ ପେଟ, ତା ଉପରକୁ କେମିତି ତାଙ୍କର ଧୋତି ପିନ୍ଧିବାଟା ରହୁଥିଲା ସେସବୁ ମୋର ଆଖି ଆଗରେ ଚଳଚ୍ଚିତ୍ରରେ ପଶ୍ଚାତ୍‌ପଟ ଉଦ୍‌ଭାସିତ ହେଲା ପରି ଝଲସି ଯାଉଛି। ସେତେବେଳେ ପୁରୁଷ ମାନେ ପ୍ରାୟ ଧୋତି ପଞ୍ଜାବୀ ପିନ୍ଧୁଥିଲେ। ତେଣୁ ସେ ପିନ୍ଧୁଥିଲେ ଖଣ୍ଡିଏ ଧଳା ଧୋତି ଓ ପଞ୍ଜାବୀ। କୃଷ୍ଣକାୟକୁ ଧଳା ଧୋତି ପଞ୍ଜାବୀ ତାଙ୍କୁ ବେଶ୍ ମାନେ। "ବୈପରୀତ୍ୟେଦ୍ୟୁତି ବଢ଼ାଏ ବିଶେଷେ।"

ଗୋବିନ୍ଦ ବାବୁ ଓ ନନ୍ଦ କକେଇଙ୍କ ମଧ୍ୟରେ ଦୃଢ଼ ଭାବରେ ରହିଥିଲା ସ୍ନେହ ରଜ୍ଜୁ। ଯେତେବେଳେ ଉଦ୍‌ଗାତା ବାବୁ ଏମ.ଏ. ପରୀକ୍ଷା ଦେବା ଲାଗି ସ୍ଥିର କଲେ ସେତେବେଳେ ତାଙ୍କ ପାଖରେ ପଇସା ନଥିଲା ପରୀକ୍ଷା ଫିସ୍ ଦେବା ପାଇଁ। କାରଣ ସେତେବେଳକୁ ତାଙ୍କର ନିଜର ଭାଇ, ଭଉଣୀ, ବାପା ମାଁ ଓ ତାଙ୍କ ସହିତ ମୋର ମାଁ ଓ ଆମେ ପାଞ୍ଚ ଭଉଣୀ ତାଙ୍କ ଦାୟିତ୍ୱରେ ରହିଥିଲୁଁ। ଏତେ ସଂଖ୍ୟକ ପ୍ରାଣୀ କୁଟୁମ୍ବ। ସେଥିରେ ଟ୍ୟୁସନ ପ୍ରଭୃତି କରି ଯେତେ ଆୟ କଲେ ମଧ୍ୟ କିଛି କେଉଁ ଆଡ଼କୁ ଅଣ୍ଟେ ନାହିଁ। ସବୁଆଡ଼େ କେବଳ ନିଅଣ୍ଟ, ନିଅଣ୍ଟ। ସେତେବେଳେ ତାଙ୍କର ମାସିକ ଦରମା ଟ.୧୨୦ଙ୍କା। ଜେଜେବାପାଙ୍କ ଦରମା ମଧ୍ୟ ସେହିପରି କେତେ ଅଳ୍ପ ଟ.୧୦୦ଙ୍କା ଭିତରେ। ଆଜିକାଲି ପରି 'ହଜାର ଟଙ୍କା' ଶବ୍ଦ ପ୍ରାୟ କାହାରି ପାଟିକୁ ଆସୁନଥିଲା। ପ୍ରାୟ ଅଧିକାଂଶ ସେହି

Digitized by srujanika@gmail.com

ଅଳ୍ପ ରୋଜଗାର ମଧ୍ୟରେ Hand to mouth ହୋଇ ଚଳୁଥିଲେ । ତାଙ୍କର ୩/୪ ଜଣ ଭାଇ ଚାକିରୀ କରୁଥିଲେ ଯେ ସମସ୍ତେ ବଲାଙ୍ଗୀର ବାହାରେ ଅନ୍ୟତ୍ର ରହୁଥିଲେ । ସେମାନେ ଯେ ଯାହା ଉପାର୍ଜ୍ଜନ କରୁଥିଲେ ସେତିକିରେ ସେମାନେ ଚଳି ଯାଉଥିଲେ ଯଥାକଥା ଭାବରେ । ଥରେ ଥରେ ପୁଣି କେତେକେତେ ବେଳେ ମୁଖ୍ୟ ଘର ବଲାଙ୍ଗୀରରେ ଜ୍ୟେଷ୍ଠ ଭ୍ରାତାଙ୍କ ଦାୟିତ୍ୱରେ ପରିବାର ଛାଡି ଦେଇ ନିଜ ଚାକିରୀ ସ୍ଥାନକୁ ଚାଲି ଯାଉଥିଲେ । ଏହିପରି ଭାବରେ ଅଭାବ ଅନାଟନ ମଧ୍ୟରେ ଚଳି ଯାଉଥିଲା । କିନ୍ତୁ କିଛି ଅଧିକା ଟଙ୍କା ଖର୍ଚ୍ଚ କାର୍ଯ୍ୟକ୍ରମ ପହଞ୍ଚିଲେ ହୁଏ ସମସ୍ୟା । ସେହି ଖର୍ଚ୍ଚ ତୁଲାଇବା ହୁଏ ଏକ ଦୁରୁହ ବ୍ୟାପାର । ବର୍ତ୍ତମାନ ଆସିଛି ଉଦ୍‌ଗାତା ବାବୁଙ୍କ ଲାଗି ଏକ ଅନୁରୂପ ସମସ୍ୟା । ତାଙ୍କ ପାଖରେ କିମ୍ୱା ତାଙ୍କ ନନାଙ୍କ ପାଖରେ କାହାରି ପାଖରେ ଟଙ୍କା ନାହିଁ । ନନା କହି ଦେଲେ - "ତୁ ପରୀକ୍ଷା ଦେଇ ଯିବୁ । ମୋ ପାଖରେ ତୋର ପରୀକ୍ଷା ଫିସ୍ ଦେବା ପାଇଁ ପଇସା ନାହିଁ । "ଏହା ଶୁଣି ଉଦ୍‌ଗାତା ବାବୁଙ୍କ ଚକ୍ଷୁରୁ ଅନର୍ଗଳ ଅଶ୍ରୁଧାରା ବୋହିଗଲା । ସେହି ବୋଉ ପୁଣି ସାନ୍ତ୍ୱନା ଦେଲେ - ଈଶ୍ୱର ତୋତେ ନିଶ୍ଚୟ ଆଶୀର୍ବାଦ କରିବେ । ତୁ ନିଶ୍ଚୟ ପରୀକ୍ଷା ଦେବୁ ।" ଉଦ୍‌ଗାତା ବାବୁଙ୍କର ଏ ମନ କଥା ସତକୁ ସତ ଯାଇ କରି ପହଞ୍ଚିଗଲା ତାଙ୍କ କକେଇ ପଣ୍ଡିତ ଶ୍ରୀଯୁକ୍ତ ବାଉରୀବନ୍ଧୁ ନନ୍ଦଙ୍କ ପାଖରେ । ଈଶ୍ୱରଙ୍କ ଆଶୀର୍ବାଦ ତ ଅଛି । ତେଣୁ ତାଙ୍କ କକେଇ ସଙ୍ଗେ ସଙ୍ଗେ ଆସି ତାଙ୍କୁ ସାନ୍ତ୍ୱନା ଦେଇ ପରୀକ୍ଷା ଫିସ୍ ଟଙ୍କା ଦେଲେ । ଉଦ୍‌ଗାତା ବାବୁ ସଂସ୍କୃତ ଏମ.ଏ. ପରୀକ୍ଷା ଫର୍ମ ପୂରଣ କରି ପରୀକ୍ଷା ଫିସ୍ ବାନ୍ଧିଲେ ।

୧୯୫୨ ଖ୍ରୀ:ର କଥା । ସଂସ୍କୃତ ଏମ.ଏ. ପରୀକ୍ଷା ଦେବା ପାଇଁ ସେ ନାଗପୁର ବିଶ୍ୱବିଦ୍ୟାଳୟକୁ ଯାଇଥିଲେ । ସେଠାରେ ସେ ଗୋଟିଏ ଘର ଭଡା ଠିକ୍ କରି ରହୁଥିଲେ । ପାଠ ପଢ଼ା ଶେଷ କରି ସନ୍ଧ୍ୟାରେ ସେ ପ୍ରାୟ ଭ୍ରମଣ ଉଦ୍ଦେଶ୍ୟରେ ଯାଉଥିଲେ । ଦିନେ ଉକ୍ତ ବିଶ୍ୱବିଦ୍ୟାଳୟର କେତେକ ନିୟମିତ ସଂସ୍କୃତ ଏମ.ଏ. ଛାତ୍ର ମଧ ଭ୍ରମଣ ଉଦ୍ଦେଶ୍ୟରେ ଆସିଥିଲେ । ଉଦ୍‌ଗାତା ବାବୁଙ୍କର ସେମାନଙ୍କ ସହ ସାକ୍ଷାତ ହେଲା । କ୍ରମେ ଆରମ୍ଭ ହେଲା ବିଭିନ୍ନ ପ୍ରକାର ଆଲୋଚନା । ସେମାନେ ନିୟମିତ ବା Regular student ହେଲେ ମଧ କେତେକ ବିଷୟ ଉପରେ ସ୍ପଷ୍ଟ ଧାରଣା ସେମାନଙ୍କର ନଥିଲା । ଆନନ୍ଦବର୍ଦ୍ଧନାଚାର୍ଯ୍ୟଙ୍କ 'ଧ୍ୱନ୍ୟାଲୋକ ଲୋଚନ ଟୀକା' ସେମାନଙ୍କୁ ବହୁତ କଷ୍ଟ ଲାଗୁଥିଲା । ତାହା ସେମାନଙ୍କ ଲାଗି ଥିଲା ଅବୋଧ । ଉଦ୍‌ଗାତା ବାବୁଙ୍କର କିନ୍ତୁ ତା' ଉପରେ ସ୍ପଷ୍ଟ ଧାରଣା ଥିଲା । ସେ ତାହା ଉପଯୁକ୍ତ ଭାବରେ ବୁଝିଥିବାରୁ ସେମାନଙ୍କୁ ଯେଉଁ ବିଷୟ କଷ୍ଟସାଧ ଲାଗୁଥିଲା

Digitized by srujanika@gmail.com

ତାଙ୍କୁ ବୁଝାଇ ଦେଇ ପାରୁଥିଲେ । ଉଦ୍‌ଗାତା ବାବୁଙ୍କ ବୁଦ୍ଧିର ପ୍ରାଖର୍ଯ୍ୟ ସେମାନଙ୍କୁ କରିଥିଲା ସ୍ତମ୍ଭୀଭୂତ । ଏତେ ସହଜରେ ସେ 'ଧ୍ୱନ୍ୟାଲୋକ' ସେମାନଙ୍କୁ ବୁଝାଇ ଦେଇ ପାରିଥିଲେ ଯେ ସେମାନେ ଅତିଶୟ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇ ଯାଉଥିଲେ । ସେମାନେ ତାଙ୍କର ଉଚ୍ଛ୍ୱସିତ ପ୍ରଶଂସା କରି କହୁଥିଲେ- "ଓଡ଼ିଶା ସେ ଏକ ବ୍ରାହ୍ମଣ ପଣ୍ଡିତ ଆୟେ ହେଁ । ଉନ୍‌କୋ Sanskrit -ଇତନା ମାଲୁମ୍ ହୈ କି ବ 'ଧ୍ୱନ୍ୟାଲୋକ' ବହୁତ ସୁନ୍ଦର ସେ ସମ୍‌ଝା ଦେତେ ହେଁ ।" ସେମାନେ ଚାରିଜଣ ବନ୍ଧୁ ଥିଲେ । ଉଦ୍‌ଗାତା ବାବୁ ସେମାନଙ୍କ ଭିତରେ ବୟୋଜ୍ୟେଷ୍ଠ । ପରୀକ୍ଷା ଦିନ ଗୁଡ଼ିକ ସରିସରି ଆସିଲା । ତାପରେ ଗୃହାଭିମୁଖେ ପ୍ରତ୍ୟାଗମନ । ସବୁ ସାଙ୍ଗ ମାନେ ତାଙ୍କୁ ବିଦାୟ (see off) ଦେଇ କରି ସ୍ୱ ସ୍ୱ ବାସସ୍ଥାନକୁ ଫେରିଲେ । ନାଗପୁରରୁ ଟ୍ରେନ୍ ଚଢ଼ି ସେ ବଲାଙ୍ଗିର ପ୍ରତ୍ୟାବର୍ତ୍ତନ କଲେ ।

ତତ୍ପରେ ପ୍ରକାଶିତ ହେଲା ପରୀକ୍ଷା ଫଳ । ସେ ଉତ୍ତୀର୍ଣ୍ଣ ହେଲେ ଦ୍ୱିତୀୟ ଶ୍ରେଣୀରେ । ଅଳ୍ପ ନମ୍ବର ପାଇଁ ସେ ହରାଇଲେ ପ୍ରଥମ ଶ୍ରେଣୀ । ଏ ଅଧ୍ୟାୟର ହେଲା ଏକ ପ୍ରକାର ପରିସମାପ୍ତି ।

ସୋନପୁର ବଦଳି - କର୍ତ୍ତବ୍ୟ ଆହ୍ୱାନେ

ପରିବର୍ତ୍ତିତ ହେଲା ଉଦ୍‌ଗାତା ବାବୁଙ୍କର ଜୀବନ ସ୍ରୋତର ଗତିଧାରା । ପୂର୍ବବର୍ଣ୍ଣିତ ସେହି ଶ୍ରୀଯୁକ୍ତ ହରିହର ମିଶ୍ର ଶିକ୍ଷାବିଭାଗର ସି.ଆଇ. ଦେଲେ ଗୋଟିଏ ପରବାନା । ଉଦ୍‌ଗାତା ବାବୁଙ୍କର ବଦଳି ହେଲା ପୃଥ୍ୱୀରାଜ ହାଇସ୍କୁଲରୁ ମହାରାଜା ହାଇସ୍କୁଲ ସୋନପୁରକୁ । ଘରେ ବୃଦ୍ଧ ପିତାମାତା ବଦଳି ଅର୍ଡର ପାଇବା ପରେ ତାଙ୍କ ନନା ପଣ୍ଡିତ ଶ୍ରୀଯୁକ୍ତ ଲିଙ୍ଗୁକେଶ୍ୱର ଉଦ୍‌ଗାତା ସି.ଆଇ.ଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ । ସେ ଯେତେବେଳେ ତାଙ୍କର ବଦଳି ବନ୍ଦ କରିବାକୁ କହିଲେ, ସି.ଆଇ. ଶ୍ରୀଯୁକ୍ତ ମିଶ୍ର ତାଙ୍କୁ କହିଲେ- "ସେ (ଉଦ୍‌ଗାତାବାବୁ) ସେଠାକୁ ଗଲେ ସ୍କୁଲଟିକୁ ଭଲ ଭାବରେ ସଜାଡି ଦେବ ବୋଲି ତାକୁ ବଦଳି କରାହୋଇଛି ।" କିନ୍ତୁ, ପିତା ମନ କୌଣସି କଥା ବୁଝେ ନାହିଁ । ସେ କେବଳ ଚାହେଁ ତା' ସନ୍ତାନ (ଗୋବିନ୍ଦ) ତା' ପାଖରେ ରହୁ । ପଣ୍ଡିତେ ପୁଣି କହିଲେ- "ସ୍କୁଲ ସଜାଡୁ ସଜାଡୁ ଏଆଡ଼େ ଯେ ମୋ ଘର ଉଜୁଡ଼ିଯିବ । ଛୋଟ ଛୋଟ ଛୁଆ ମାନେ । ସମସ୍ତଙ୍କର ଦାୟିତ୍ୱ କିଏ ବହନ କରିବ । ସେମାନେ ବଲାଙ୍ଗିରରେ ରହିବେ କି ସୋନପୁର ତା' ସାଙ୍ଗରେ ଯିବେ ଇତ୍ୟାଦି ନାନା ପ୍ରକାର ସମସ୍ୟାରେ ମୁଣ୍ଡ ତାଙ୍କର

Digitized by srujanika@gmail.com

ଘୂରି ଯାଉଥିଲା ଆଉ ମୁଁ କ'ଣ କରିପାରିବି । ଯାହା ଆପଣଙ୍କ ଇଚ୍ଛା ।" ସି.ଆଇ କହିଲେ - ମୁଁ ବର୍ଷେ ଭିତରେ ତାଙ୍କୁ (ଉଦ୍‌ଗାତା ବାବୁଙ୍କୁ) ଏଠାକୁ ପୁଣି ନେଇ ଆସିବି । ବଦଳି ଅର୍ଡର କାଗଜ ଖଣ୍ଡକ ଧରି ଉଦ୍‌ଗାତାବାବୁ ଗଲେ ସି.ଆଇ.ଙ୍କୁ ସାକ୍ଷାତ କରିବାକୁ । ସେ ତାଙ୍କୁ ଅତି ବିନମ୍ର ସହକାରେ ବଦଳି କଥା କହିଲେ । ସେ କହିଲେ - "ବଦଳି ସାଧାରଣତଃ କୌଣସି ଗୁରୁତର ଅପରାଧ କରିଥିବା ବ୍ୟକ୍ତିକୁ ଦଣ୍ଡବିଧାନ କରିବା ନିମିତ୍ତ କରା ହୋଇଥାଏ । ମୋର ଜ୍ଞାତସାରରେ କୌଣସି ସେ ପ୍ରକାର ଗୁରୁତର ଅପରାଧ କରିଥିବା ମୋର ମନେ ପଡୁନାହିଁ । ଯଦି କିଛି ଅଜ୍ଞାତରେ ହୋଇଥିବ କହି ପାରିବିନି ।" ତତ୍ପରେ ସି.ଆଇ. ସାର୍ କହିଲେ- ଉଦ୍‌ଗାତାବାବୁ ତୁମକୁ କୌଣସି ଅପରାଧ ଲାଗି ବଦଳି କରା ହୋଇନାହିଁ । ତୁମର ଯେଉଁ ସାଂଗଠନିକ ଶକ୍ତି ରହିଛି ସେଥିପାଇଁ ତୁମେ କେବଳ ଗୋଟିଏ ସ୍କୁଲରେ ରହିଲେ ହେବ ନାହିଁ । ସେହି ଶକ୍ତିର ସଦୁପଯୋଗ ନିମିତ୍ତ ସୋନପୁର ମହାରାଜା ହାଇସ୍କୁଲକୁ ତୁମର ବଦଳି ହୋଇଛି । ସେ ସ୍କୁଲକୁ ତୁମେ ସଂଗଠନ (organise) କରି ପାରିବ । ଏହା ମୋର ଦୃଢ଼ ଆଶା ।" "ପଛଘୁଞ୍ଚା ନାହିଁ ବୀରର ଜାତକେ ।"

"ଆଶୀର୍ବାଦ ଏକି ଅଭିଶାପ ଏ ଯେ ପୁତ୍ର ନ ପାରେ ଜାଣି"

ସେ ସୋନପୁର ମହାରାଜା ହାଇସ୍କୁଲରେ ଯୋଗଦାନ କଲେ ୧୯୫୪ ଖ୍ରୀ: ରେ ସେତେବେଳେ ଶ୍ରୀଯୁକ୍ତ ବାଳମୁକୁନ୍ଦ ହୋତା ଥିଲେ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ । ସହକର୍ମୀ ଥିଲେ ଶ୍ରୀଯୁକ୍ତ ନୀଳାମ୍ବର ମିଶ୍ର, ଶ୍ରୀଯୁକ୍ତ ରାମଚନ୍ଦ୍ର ପଟ୍ଟନାୟକ, ଶ୍ରୀଯୁକ୍ତ ଧ୍ରୁବରାଜ ମିଶ୍ର, ଶ୍ରୀଯୁକ୍ତ ରଘୁନନ୍ଦନ ମିଶ୍ର ଇତ୍ୟାଦି । ସ୍କୁଲରେ ଯେତିକି ଶିକ୍ଷକ ଥିଲେ ସେମାନେ ଦୁଇଟି ଦଳ ହୋଇଥିଲେ । ଦଳେ ସୋନପୁରିଆ ଓ ଅପର ଦଳରେ ଥିଲେ ଅନ୍ୟ ସ୍କୁଲରୁ ବଦଳି ହୋଇ ଆସିଥିବା ଶିକ୍ଷକ ମାନେ । ଏହା ଅବଶ୍ୟ ଅତି ସାଧାରଣ । କିନ୍ତୁ ସେଠାରେ ଦଳୀୟ ମନୋଭାବ ଅତି ତୀବ୍ର ଥିଲା । ତାର ଶରବ୍ୟ ହେଉଥିଲେ ଛାତ୍ର ମାନେ । ସେହି ବିରୋଧୀ ମନୋବୃତ୍ତି ଛାତ୍ର ମାନଙ୍କ ନିକଟକୁ ମଧ୍ୟ ସଂକ୍ରମିତ ହୋଇ ଆସୁଥିଲା । ଶିକ୍ଷକ ଶିକ୍ଷକ ମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଅଭାବ ହେଉଥିଲା । କୌଣସି ଗୋଟିଏ ପଏଣ୍ଟରେ ସାମିଲ ହେବା ଲାଗି କେହି ବି ପ୍ରସ୍ତୁତ ହେଉନଥିଲେ । ଫଳରେ ସ୍କୁଲରେ ଦେଖା ଯାଉଥିଲା ଅରାଜକତା, ବିଶୃଙ୍ଖଳା । ଛାତ୍ର ମାନେ ମଧ୍ୟ ପ୍ରଦର୍ଶନ କରୁଥିଲେ ତଦ୍ରୂପ ଅସଂସ୍କୃତ ବ୍ୟବହାର ।

ସେହି ବର୍ଷର ଗୋଟିଏ ଘଟଣା । ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ଗଣେଶ ପୂଜା ସ୍କୁଲ ମାନଙ୍କରେ ଅନୁଷ୍ଠିତ ହୁଏ । ସେଠାରେ ମଧ୍ୟ ଉକ୍ତ ପୂଜା ଅନୁଷ୍ଠିତ ହେଉଥିଲା । ଛାତ୍ର ମାନେ

Digitized by srujanika@gmail.com

ପୂଜା ଗନ୍ଧା ଦିଅନ୍ତି । ପୂଜା ହୁଏ । ବୁନ୍ଦି, ଲିଆ, କଦଳୀ କରି ଅଳ୍ପ କିଛି, ପତ୍ର ଠୋଲା ବା ଦନା ମାନଙ୍କରେ ପ୍ରସାଦ ରୂପେ ଶିକ୍ଷକ ମାନେ ଛାତ୍ର ମାନଙ୍କୁ ଦେଉଥିଲେ । ତାହା ଧରି ଛାତ୍ର ମାନେ ନିଜ ନିଜ ଗୃହକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ପୁଣି ଆରଦିନ ମୂର୍ତ୍ତି ବିସର୍ଜନ ହେଉଥିଲା ।

କିନ୍ତୁ ସେ ବର୍ଷ ସ୍କୁଲରେ ଗୋଟିଏ ନୂତନ ଧାରା ପ୍ରବର୍ତ୍ତିତ ହେଲା । ପୂଜାର କିଛିଦିନ ଆଗରୁ ଗୋଟିଏ ପୂଜା କମିଟୀ ଉଦ୍‌ଗାତା ବାବୁଙ୍କ ନିର୍ଦ୍ଦେଶନାରେ ଗଠିତ ହେଲା । ପୂଜା ଦିନ ଯାହା ଯାହା ହେବ ସବୁ ଉକ୍ତ କମିଟୀରେ ଆଗରୁ ଗୃହୀତ ହେବ ଏବଂ ତଦନୁସାରେ କାର୍ଯ୍ୟ ହେବ । ସେପରି କଲେ ବିଶୃଙ୍ଖଳା ହେବ ନାହିଁ ଏବଂ କାମଟି ବେଶ୍ ପର୍ଯ୍ୟାୟକ୍ରମେ ଶୃଙ୍ଖଳିତ ଭାବରେ ହେବ । ପ୍ରଥମେ ସେ ଉଚ୍ଚଶ୍ରେଣୀର ଛାତ୍ର ୨୧୪ ଜଣଙ୍କୁ ଡାକି ଏକଥା କହିଲେ । ସେଥିରେ ସେମାନେ ରାଜି ହୋଇଗଲେ । ପ୍ରତ୍ୟେକ ଶ୍ରେଣୀରୁ ଦୁଇଜଣ କରି ପ୍ରତିନିଧି ଉକ୍ତ କମିଟୀରେ ସଦସ୍ୟ ହୋଇ ରହିଗଲେ । ଶ୍ରେଣୀ ପ୍ରତିନିଧିଙ୍କୁ ଉକ୍ତ ଶ୍ରେଣୀର ଛାତ୍ର ମାନେ ନିର୍ବାଚନ କରୁଥିଲେ । ଫଳରେ ପ୍ରତ୍ୟେକ ଛାତ୍ର ଭାବୁଥିଲେ ସେମାନେ ପ୍ରତ୍ୟେକେ ଗୋଟିଏ 'ପୂର୍ଣ୍ଣ'ର ଏକ ଅଂଶବିଶେଷ । ଆମର ମଧ୍ୟ କିଛି ସ୍ଥିତି ଅଛି । ଏତଦ୍ୱାରା ନିଜର ସ୍ଥିତି, କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ସଚେତନତା ସମସ୍ତଙ୍କ ଭିତରେ ଆସିଗଲା । ସେଥର ପୂଜା ଦିନ ଭୋଜି ହେବ ବୋଲି କମିଟୀ ସ୍ଥିର କଲା । ସେ ବର୍ଷ ଉଦ୍‌ଗାତା ବାବୁ ଥିଲେ ପୂଜା ଦାୟିତ୍ୱରେ । ଯେତେବେଳେ କିଛି ଗୋଟିଏ ନୂଆଁ କାମ କେହି କରନ୍ତି ସେତେବେଳେ ଅନେକ ଆଡୁ ତାଙ୍କ ପ୍ରତି ନିକ୍ଷିପ୍ତ ହୁଏ ସମାଲୋଚନାରୂପୀ ତୀକ୍ଷ୍ଣଶାଣିତ ଅସ୍ତ୍ର । ଠିକ୍ ତଦ୍ରୂପ ପରିସ୍ଥିତି ହେଲା ଉଦ୍‌ଗାତା ବାବୁଙ୍କର । ତଥାପି ସେ ସେଥିରୁ ଓହରି ନ ଆସି ୪/୬ ଜଣ ଶିକ୍ଷକଙ୍କ ସହ ଏକତ୍ର ଉକ୍ତ କାର୍ଯ୍ୟ ସାଧନ କରିବା ଦିଗରେ ଅଗ୍ରସର ହେଲେ । ପୂଜା ଦିନ ଆସି ପହଞ୍ଚିଲା । ପୂଜା କରାହେଲା । ଯେଉଁ ପୁରୋହିତ ଅନ୍ୟ ବର୍ଷ ପୂଜା କରୁଥିଲେ, ସେ ସେହି ବର୍ଷ ମଧ୍ୟ ଆସିଲେ, ପୂର୍ବବର୍ଷ ମାନଙ୍କରେ ସେ ନୂଆଁ ଧୋତି ପାଉ ନଥିଲେ । ସେହି ବର୍ଷ ତାଙ୍କୁ ଗୋଟିଏ ନୂଆଁ ଧୋତି ଦିଆ ହେଲା । ଆଗରୁ ସ୍କୁଲର ପୂଜା ପରଂପରାରେ ଥିଲା ଛାତ୍ର ମାନେ ସେମାନଙ୍କର ନଡ଼ିଆ ସବୁ ଠାକୁରଙ୍କ ପାଖରେ ସମର୍ପଣ କରି ଦେଉଥିଲେ । କିନ୍ତୁ ଉକ୍ତ ବର୍ଷ ଉଦ୍‌ଗାତା ସାର୍‌ଙ୍କ କଥାନୁସାରେ ନଡ଼ିଆ ସବୁ ଠାକୁରଙ୍କ ନିକଟରେ ବାଡ଼ିଆ ବା ଭଙ୍ଗା ହୋଇ ପୂଜା ହେଲା । ଭୋଗ ଲାଗିଲା । ସେଥିରେ ଛାତ୍ର ମାନଙ୍କର ମନ ବେଶ୍ ଖୁସୀ ହେଲା ।

Digitized by srujanika@gmail.com

ଗୋଟିଏ ପାଖରେ ପୂଜା ଚାଲିଥାଏ । ଅନ୍ୟ ପାଖରେ ଭୋଜି ଲାଗି ରୋଷେଇ ଚାଲିଥାଏ । ଭୋଜନ ସାମଗ୍ରୀ ହେଲା କ୍ଷୀରୀ, ଖେଚେଡି, ତରକାରୀ ଓ ଖଟା । ପୂଜାର ପୂର୍ଣ୍ଣାହୂତି ହେଲା ବେଳକୁ ପ୍ରାୟ ଦିନ ୧୨ଟା ହୋଇଯାଇଥିଲା । ଉଦରଜ୍ୱାଳା ପ୍ରବଳ । ଛାତ୍ର ମାନେ ଆସି ସ୍କୁଲ ବାରଣ୍ଡାରେ ବସିଗଲେ । ଖଲିଦନା ପଡ଼ିଲା । ପ୍ରଥମେ ନଡ଼ିଆ ଛୋଟ ଛୋଟ ଖଣ୍ଡ । କିଛି ମିଠା ବୁନ୍ଦି ଓ କଦଳୀ ଠାକୁରଙ୍କ ପ୍ରସାଦ ଛାତ୍ର ମାନଙ୍କୁ ଦିଆହେଲା । ତାପରେ ସେମାନଙ୍କୁ ପରିବେଷଣ କରାହେଲା ରନ୍ଧନ ସାମଗ୍ରୀ । ପିଲା ମାନେ ସମସ୍ତେ ଆନନ୍ଦରେ ପେଟପୂରା ଖାଇଲେ । ସମସ୍ତେ କି ଖୁସୀ । ଆନନ୍ଦରେ ସମସ୍ତଙ୍କ ମୁହଁରୁ ବାହାରିଲା "ଏ ବର୍ଷ ପୂଜା ବହୁତ ମଜା ଲାଗିଲା । ଏନ୍ତା ପୂଜା କେନ୍‌ସି ବର୍ଷ ବି ହେଇନାଇଁ ଥିଲା" (ଏମିତି ପୂଜା କୌଣସି ବର୍ଷ ବି ହୋଇନଥିଲା) ଏହା ଶୁଣି କର୍ମକର୍ତ୍ତା ମାନଙ୍କ ମନ ଆନନ୍ଦରେ ପରିପୂର୍ଣ୍ଣ ହେଲା ବେଳକୁ ଆଉ ଦଳେ ଶିକ୍ଷକଙ୍କ ମୁହଁ କ୍ରୋଧ, ବିରକ୍ତି ଓ ହିଂସାରେ ଉଛୁଳି ଯାଉଥିଲା ।

ଭୋଜି ତ ବେଶ୍ ଆରାମରେ ହେଲା । ଆନନ୍ଦ ପ୍ରଦାନ କଲା ସମସ୍ତଙ୍କୁ, ସମସ୍ତେ ମହାଖୁସୀରେ ଭୋଜି ଖାଇ ସାରି ପତ୍ର ବା ଖଲି ପାଖରୁ ଉଠି ହାତ ମୁହଁ ଧୋଇ ଗୃହାଭିମୁଖୀ ହେଲେ । ପତ୍ର ସବୁ ପଡିଥିବାର ଦେଖି ଉଦ୍‌ଗାତା ସାର୍ କାହାକୁ କିଛି ନକହି ନିଜେ ଅଇଁଠା ଖଲିଦନା ଉଠାଇବା କାମ ଆରମ୍ଭ କରିଦେଲେ । ଏହା ଦେଖି ଛାତ୍ରମାନେ ସଚେତନଶୀଳ ହୋଇ ଉଠିଲେ । ଘରକୁ ଯିବା ବନ୍ଦ କରି ନିଜେ ନିଜର ଖଲି ପତ୍ର ସବୁ ଉଠାଇବା କାମ ଆରମ୍ଭ କରିଦେଲେ । ପତ୍ର ସବୁ ଉଠାଇ ସେହି ଯାଗାକୁ ଝାଡୁ ମାରି ପୁଣି ସଫା ମଧ୍ୟ କରିଦେଲେ । ତାପରେ ନିଜ ଘରକୁ ଏଥର ଯିବେ କି ନାହିଁ ହିସାବରେ ଛିଡ଼ା ହୋଇରହିଲେ । ସେଥିରୁ ଅନୁମିତ ହେଉଥିଲା ସତେ ଯେପରି ଘରକୁ ଯିବା ପାଇଁ ସେମାନେ ଅନୁମତି ଭିକ୍ଷା କରୁଥିଲେ । ସେହି ରୀତିରେ କିଛି ସମୟ ଦଣ୍ଡାୟମାନ ହୋଇରହିଲା ପରେ ଉଦ୍‌ଗାତା ସାର୍‌ଙ୍କ ମୁହଁରୁ ନରମଗଳାରେ ବାହାରିଲା ଆଉ ଗୋଟିଏ ଆଦେଶ । କି ସୁନ୍ଦର ବୁଝାଇ କରି ସେ ଛାତ୍ର ମାନଙ୍କୁ କହିଲେ- ପିଲା ମାନେ ଆଉ ଗୋଟିଏ କାମ ବାକୀ, ରହିଲା । ଅବୋଧ ବାଳକ ମାନେ ଆଉ କି କାମ ବାକୀ କିଛି ଭାବିପାରୁ ନଥାନ୍ତି । କିନ୍ତୁ ସାର୍‌ଙ୍କ ମୁହଁରୁ କିଛି ଆଦେଶ ବାହାରିବା ସଙ୍ଗେ ସଙ୍ଗେ ଯେପରି କାର୍ଯ୍ୟଟା ସାଧିତ ହୋଇ ପାରିବ ସେହିପରି ଭାବରେ ଉତ୍‌କଣ୍ଠିତ ମନରେ ସମସ୍ତେ ତାଙ୍କ (ସାର୍‌ଙ୍କ) ଆଡ଼କୁ ଅନାଇ ରହିଥାନ୍ତି । ସାର୍ କହିଲେ- "ଆଉ ଗୋଟିଏ କାମ । ତାହା

Digitized by srujanika@gmail.com

ହେଉଛି - ଟେବୁଲ୍ ଚେୟାର୍ ଗୁଡାକୁ ପୂର୍ବବତ୍ ସଜାଡ଼ି ଯଥାସ୍ଥାନରେ ରଖିଦେବା।" ଏହା କହି ନିଜେ ପ୍ରଥମେ ଗୋଟିଏ ଟେବୁଲ ବୋହି କରି ନେଇ ଆସିଲେ। ତପ୍ରରେ ତତ୍‌କ୍ଷଣାତ୍ ଛାତ୍ର ଦଳକ ଯାକ କିଏ ଟେବୁଲ୍ କିଏ ଚୌକି କରି ବୋହି ଆଣି ଯଥାପୂର୍ବ ସଜାଡ଼ି ଦେଲେ। ଏହିପରି ଭାବରେ ସୁରୁଖୁରୁରେ କାମ ସବୁ ସମାପ୍ତ ହୋଇଗଲା। ସମସ୍ତେ ଆନନ୍ଦରେ ଯେ ଯାହା ଘରକୁ ଫେରିଲେ। ପୂଜା ପରଦିନ ଆଉ ଛୁଟୀ ହେବାର ମଧ୍ୟ ଆବଶ୍ୟକ ହେଲା ନାହିଁ। କ୍ଲାସ ସବୁ ପୂର୍ବବତ୍ ଠିକ୍ ଠିକ୍ ଚାଲିଲା। ତେଣୁ ଉକ୍ତ ଅଛି - Example is better than precept ଉପଦେଶ ଅପେକ୍ଷା ସ୍ୱୀୟ କାର୍ଯ୍ୟାଦର୍ଶ ଶ୍ରେଷ୍ଠତର।

ସୋନପୁର ମହାରାଜା ହାଇସ୍କୁଲର ଅନ୍ୟ ଶିକ୍ଷକ ମାନେ ତାଙ୍କ ଉପରେ ଅସହିଷ୍ଣୁଭାବ ପୋଷଣ କରି ତାଙ୍କୁ ଗଣିତ, ସାହିତ୍ୟ, ଇତିହାସ, ଭୂଗୋଳ, ବିଜ୍ଞାନ ସବୁ ବିଷୟ ପଢ଼ାଇବା ପାଇଁ ଦେଇଥାନ୍ତି। ଛାତ୍ର ମାନେ ଶିକ୍ଷକ ମାନଙ୍କର ଶ୍ରେଷ୍ଠ ବିଚାରକ। ଯେଉଁ ବିଷୟ ପଢ଼ାଇବାକୁ କହିଲେ ସେ ପଢ଼ାଇ ପାରୁଥିଲେ। ସେଥିରେ ମଧ୍ୟ ସେ ଅନ୍ୟ ସମସ୍ତଙ୍କର ହିଂସାତ୍ମକ ମନୋବୃତ୍ତିର ଶରବ୍ୟ ହେଉଥିଲେ। ସେଠାରେ କେତେ ଅଳ୍ପ ଦିନ ରହଣି ମଧ୍ୟରେ ତାଙ୍କର ଯାହା କର୍ତ୍ତବ୍ୟ ଏବଂ ତତ୍‌କାଳୀନ ସି.ଆଇ. ସାହେବଙ୍କ ଉଦ୍ଦେଶ୍ୟ ସାଧନ କରି ପୁଣି ବଲାଙ୍ଗିର ପୃଥ୍ୱୀରାଜ ହାଇସ୍କୁଲକୁ ବଦଳି ହୋଇ ଚାଲି ଆସିଥିଲେ। ତାଙ୍କର ସୋନପୁର ତଥା ବଲାଙ୍ଗିର ଛାତ୍ର ମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ରମାକାନ୍ତ ରଥ, ମଧୁସୂଦନ ପତି, ଦେବୀ ପ୍ରସାଦ ବାଗ୍‌ଚି, ବିଭୂତି ଭୂଷଣ ମିଶ୍ର, ପବିତ୍ର ମୋହନ ନାୟକ, ଶ୍ରୀଯୁକ୍ତ ରଘୁନାଥ ମିଶ୍ର, ଶ୍ରୀମତୀ ରେଣୁକା ମିଶ୍ର, ଶ୍ରୀଯୁକ୍ତ ହରପ୍ରସାଦ ରଥ, ଗୋପବନ୍ଧୁ ରଥ, ବିନୋଦିନୀ ଉଦ୍‌ଗାତା, ବିଘ୍ନରାଜ ପଟେଲ, ଶ୍ରୀମତୀ ରେଣୁ ମିଶ୍ର ଇତ୍ୟାଦି ଓଡ଼ିଶାର ଶିକ୍ଷା, ପ୍ରଶାସନ ଇତ୍ୟାଦି କ୍ଷେତ୍ରରେ ଉଚ୍ଚତମ ପଦାଧିକାରୀ ରୂପେ ଅଧିରୂଢ଼ ହୋଇ ବିଶେଷ ସୁଖ୍ୟାତି ଅର୍ଜନ କରିଛନ୍ତି। ଆହୁରି ଅନେକ ଛାତ୍ର ଯଥା ଶ୍ରୀଯୁକ୍ତ ଭାଗବତ ପ୍ରସାଦ ନନ୍ଦ, ଶ୍ରୀନିବାସ ଉଦ୍‌ଗାତା, ଶ୍ରୀଯୁକ୍ତ ନରସିଂହ ମିଶ୍ର ଇତ୍ୟାଦି ସାହିତ୍ୟ ରାଜନୀତି ଇତ୍ୟାଦି କ୍ଷେତ୍ରରେ ଶ୍ରେଷ୍ଠ ସ୍ଥାନ ଲାଭ କରିଛନ୍ତି।

ଫୁଲରେଣୁ ମୀନାମଣ୍ଡଳୀ

୧୯୪୯ ଖ୍ରୀ:ରେ ଡ: ହରେକୃଷ୍ଣ ମହତାବ ମୀନା ବଜାର ନାମରେ ଏକ

Digitized by srujanika@gmail.com

ସଂଗଠନ ଆରମ୍ଭ କରିଥିଲେ । ତାହା ଦୈନିକ ପତ୍ରିକା ପ୍ରଜାତନ୍ତ୍ରରେ କେତେକ ସ୍ଥାନରେ ପ୍ରକାଶିତ ହେଉଥିଲା । ସେଥିରେ କାର୍ଯ୍ୟକାରୀ କମିଟୀରେ ଡ: ମହତାବ ଥିଲେ ଚେୟାରମ୍ୟାନ୍ । ତାଙ୍କ ପରେ ଯେ ଥିଲେ ତାଙ୍କୁ 'ଜହ୍ଣରୀ ଭାଇ' ବୋଲି କୁହାଯାଉଥିଲା ସିଏ ହେଉଛନ୍ତି ଶ୍ରୀଯୁକ୍ତ ରାମପ୍ରସାଦ ମହାନ୍ତି । ତାଙ୍କ ସହ ଆହୁରି କେତେଜଣ ସଦସ୍ୟ ମଧ୍ୟ ଥିଲେ । ସେମାନେ ସମସ୍ତେ ଓଡ଼ିଶାର ବିଭିନ୍ନ ସ୍ଥାନର ସ୍କୁଲ ମାନଙ୍କୁ ଯାଇ ମୀନାବଜାର ଆନୁକୂଲ୍ୟରେ ମୀନା ମଣ୍ଡଳୀ ସବୁ ଗଠନ କରୁଥିଲେ । ଉକ୍ତ ମଣ୍ଡଳୀର ପରିଚ୍ଳନା ଦାୟିତ୍ୱରେ ସେହି ସ୍କୁଲର ପ୍ରଧାନଶିକ୍ଷକ ଜଣେ କିମ୍ବା ଦୁଇଜଣ ଶିକ୍ଷକଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଥାନ୍ତି । ସ୍କୁଲର ଛାତ୍ର ଛାତ୍ରୀ ମାନେ ଉକ୍ତ ମଣ୍ଡଳୀର ସଦସ୍ୟ ହେଉଥିଲେ । ସେ ଅନୁସାରେ ପୃଥ୍ୱୀରାଜ ହାଇସ୍କୁଲରେ ଫୁଲରେଣୁ ମୀନାମଣ୍ଡଳୀ ଗଠନ କରିଥିଲେ ; ଏ ମଣ୍ଡଳୀର ଦାୟିତ୍ୱରେ ଥିଲେ ଉଦ୍‌ଗାତା ବାବୁ ଏବଂ ଆଉ ଜଣେ ଶିକ୍ଷକ ବଙ୍କୁ ନାରାୟଣ ମୂର୍ତ୍ତି । ସେ ପୃଥ୍ୱୀରାଜ ହାଇସ୍କୁଲର ଛାତ୍ରାବାସ ଦାୟିତ୍ୱରେ ମଧ୍ୟ ଥିଲେ । ଛାତ୍ର ମାନେ କୌଣସି ଅସୁବିଧା ବଶତଃ ଯଦି କୌଣସି ଗଣ୍ଡଗୋଳ କରୁଥିଲେ ତା ହେଲେ ବି.ଏନ. ମୂର୍ତ୍ତି ସାର୍ ଉଦ୍‌ଗାତା ବାବୁଙ୍କ ଉପଦେଶ ନେଉଥିଲେ । ଉଦ୍‌ଗାତା ବାବୁ ସେହିପରି ଗଣ୍ଡଗୋଳର ସମାଧାନ ମଧ୍ୟ କରି ଦେଉଥିଲେ । ଏସବୁର ମୂଳ ହେଉଛି - ଛାତ୍ର ମାନେ ସମସ୍ତେ ତାଙ୍କୁ ବହୁତ ଭକ୍ତି ଓ ସମ୍ମାନ କରୁଥିଲେ । ସେ ଯାହା କହୁଥିଲେ ତାକୁ ଉଚିତ ବୋଲି ଗ୍ରହଣ କରୁଥିଲେ ।

୧୯୫୪/୫୫ ଖ୍ରୀ:ରେ ପୃଥ୍ୱୀରାଜ ହାଇସ୍କୁଲରେ 'ଫୁଲରେଣୁ ମୀନା ମଣ୍ଡଳୀ' ତରଫରୁ ମୀନାବଜାର ମେଳା ହାଇସ୍କୁଲ ମଧ୍ୟ ସ୍ଥିତ ଖୋଲା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ସେତେବେଳେ ଆମ ବଲାଙ୍ଗୀର ଉଚ୍ଚ ଇଂରାଜୀ ବାଳିକା ବିଦ୍ୟାଳୟରେ 'ମଂଜରୀ ମୀନାମଣ୍ଡଳୀ' କେତେକ ସଦସ୍ୟଙ୍କୁ ନେଇ ଗଠିତ ହୋଇଥିଲା । ସଭ୍ୟ ଚ୍ନ୍ଦା ଚ୍ରିଅଣା ଦେଲେ ସଭ୍ୟ ହେବାର ସ୍ୱୀକୃତି ମିଳୁଥିଲା । ସେହି ମୀନାବଜାର ମେଳାରେ ଆମ ଉଚ୍ଚ ବାଳିକା ବିଦ୍ୟାଳୟର "ମଂଜରୀ ମୀନାମଣ୍ଡଳୀ" ଓ ଆହୁରି ଅନେକ ଭିନ୍ନ ଭିନ୍ନ ବିଦ୍ୟାଳୟରୁ ଆଗତ ମୀନା ମଣ୍ଡଳୀ ମାନେ ଯୋଗ ଦେଇଥିଲେ । କିଏ ଏମ୍ବ୍ରୟେଡେରୀ ସିଲାଇ ଫଟୋ, କିଏ ଡ୍ରଇଂ, ପେଣ୍ଟିଂ, ସ୍ୱୀୟ ପୁଷ୍ପ ବାଟିକାର ଚମତ୍କାର ପୁଷ୍ପ, ବିଭିନ୍ନ ପ୍ରକାର ହସ୍ତକର୍ମ, ସ୍ୱରଚିତ କବିତା ପ୍ରବନ୍ଧ ଗଳ୍ପ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତାରେ ଭାଗ ନେଇଥିଲେ । ସେତେବେଳେ ଆମ ମୀରା ସଙ୍ଗୀତ ପ୍ରତିଯୋଗିତାରେ ଆହେ ନୀଳ

Digitized by srujanika@gmail.com

ଶଇଳ ଗାନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲା । କେତେଜଣ ସଦସ୍ୟ ମିଶି ଫନ୍ ଫେୟାର୍ କରିଥିଲେ । ଉଦ୍‌ଗାତା ବାବୁ ଥିଲେ ଏସବୁର ମୂଳ ପରିଚାଳକ । ବାହାରୁ ଆସିଥିବା ପିଲାମାନେ ବିଦ୍ୟାଳୟର ଛାତ୍ରାବାସରେ ରହିବା ବ୍ୟବସ୍ଥା ହେବା ବେଳେ ଛାତ୍ର ମାନଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା ଓ ତାର ତୁରନ୍ତ ସମାଧାନ କରିଥିଲେ ଉଦ୍‌ଗାତା ବାବୁ ।

ସେହି ମୀନାବଜାର ମେଳା ମଧ୍ୟରେ ଗୋଟିଏ ମଜା ଦୃଶ୍ୟ ସମସ୍ତଙ୍କୁ ବେଶ୍ ଆକୃଷ୍ଟ କରୁଥିଲା । ତାହା ହେଉଛି ବିଦ୍ୟାଳୟର ଗୋଟିଏ ପ୍ରକୋଷ୍ଠରେ ପ୍ରବେଶ ଦ୍ୱାରରେ ଗୋଟିଏ ଛୋଟ ସାଇନ୍‌ବୋର୍ଡରେ ଲିଖିତ ହୋଇଥିଲା "ସର୍ବାଙ୍ଗ ସୁନ୍ଦରୀ" । କ'ଣ ତାହା, କେମିତି ଦେଖାଯାଉଥିବ ସେ ସୁନ୍ଦରୀ ବୋଲି ତାକୁ ଦେଖିଯିବାକୁ ସମସ୍ତ ଦର୍ଶକଙ୍କର ବହୁତ ଭିଡ଼ ଜମୁଥିଲା । ଯେ ତା' ଭିତରକୁ ଯାଇ ଦେଖିକରି ଆସୁଥିଲା ସେ ମଧ୍ୟ ବେଶ୍ ନୀରବତା ରକ୍ଷା କରି କାହାକୁ କିଛି ବର୍ଣ୍ଣନା କରୁନଥିଲା । ତେଣୁ ଦର୍ଶକ ମାନେ ଭାବୁଥିଲେ ଯାହା ହେଉ ସେ ଦେଖିକରି ଫେରିଆସିଲା । ଆମେ ମଧ୍ୟ ତାକୁ ଦେଖିଯିବୁଁ । ତାହା ନ ଦେଖିବା ଆଗରୁ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ମନରେ ଭିନ୍ନ ଭିନ୍ନ ଭାବନା ଆସୁଥିଲା । ତାହା କ'ଣ ହୋଇପାରେ । କିଏ ଭାବୁଥିଲା ଇତିହାସ ପ୍ରସିଦ୍ଧ ମୋନାଲିସାର ଛବି ନିଶ୍ଚୟ ହୋଇଥିବ । ଆଉ କେହି ଭାବୁଥିଲେ ସେ ସମୟର ସୁନ୍ଦରୀ ଚିତ୍ର ତାରକା ନର୍ଗିସ୍, ମୀନାକୁମାରୀ କିମ୍ବା ନିରୂପା ରାୟ ଇତ୍ୟାଦି । କିନ୍ତୁ ଉକ୍ତ ପ୍ରକୋଷ୍ଠ ମଧ୍ୟକୁ ଯେ ପ୍ରବେଶ କରୁଥିଲା ଅନ୍ତର୍ହିତ ହୋଇଯାଉଥିଲା ତାର ସମସ୍ତ କଳ୍ପନା । ପାଠକ ବର୍ଗ ତା'ହେଲେ ସେଠାରେ ସେ କ'ଣ ଦେଖୁଥିଲା । ଆମ ମନରେ ମଧ୍ୟ ଉଙ୍କି ମାରୁଥିବ ନାନାଦି ପ୍ରକାର କଳ୍ପନା ତଥା ଭାବନା । ଏଥର ମୁଁ ଆପଣ ମାନଙ୍କ ସମ୍ମୁଖରେ ରଖି ଦେଉଛି ମୋର ଅଙ୍ଗେ ନିଭାଇବା ବାସ୍ତବ ଅନୁଭୂତିର ବିଷୟବସ୍ତୁ ।

ଉକ୍ତ ପ୍ରକୋଷ୍ଠ ମଧ୍ୟରେ ଗୋଟିଏ ଛୋଟ ଚୌକି ଉପରେ ରଖା ହୋଇଥିଲା ଗୋଟିଏ ପୂରା ୪/୫ ଫୁଟ ଲମ୍ବର ଦର୍ପଣ । ତା ଉପରେ ଗୋଟିଏ ପର୍ଦ୍ଦା ଢ଼ଙ୍କା ହୋଇରହିଥିଲା । କେହି ଗଲେ ପର୍ଦ୍ଦାଟି ଧୀରେ ଧୀରେ ଉପରକୁ ଉଠାଇବା ପାଇଁ ଦର୍ପଣର ଉଭୟ ପାର୍ଶ୍ୱରେ ଦୁଇଜଣ ଦଣ୍ଡାୟମାନ ହୋଇଥିଲେ । ସେମାନଙ୍କ ସଙ୍ଗରେ ଜଣେ ଶିକ୍ଷକ ମଧ୍ୟ ରହିଥିଲେ । ପର୍ଦ୍ଦାଟି ପୂରା ଖୋଲିଦେଲେ ଦେଖିବ ସ୍ୱ ଶରୀର ଓ ମୁଖ ଇତ୍ୟାଦି । ତାପରେ ହସି ହସି ପ୍ରକୋଷ୍ଠରୁ ବାହାରି ଆସି ଆଉ ଜଣେ ଦର୍ଶକଙ୍କ ଆଗରେ ନିଜେ

Digitized by srujanika@gmail.com

ବିସ୍ମୟାଭିଭୂତ ହେଲା ପରି ଯାଅ ଦେଖିବ ବିଶ୍ୱସୁନ୍ଦରୀଙ୍କୁ ବୋଲି କହିଥାନ୍ତି । ଫଳରେ ସମସ୍ତେ ଆଗ୍ରହ ସହକାରେ ତାହା ଦେଖିବାକୁ ଯାଉଥିଲେ । ସେଠାରେ ସେହି ଆନନ୍ଦମୟ ପରିବେଶ ମଧ୍ୟରେ ସନ୍ଧ୍ୟା ରାତ୍ରୀ ଉପନୀତ ହୋଇ ଯାଇଥିଲା । ଆସ୍ତେ ଆସ୍ତେ ମେଳାଟି ମଧ୍ୟ ଜନଶୂନ୍ୟ ହୋଇ ଆସିଲା ।

୧୯୫୨ ଖ୍ରୀ:ରେ ମୁଁ ଷଷ୍ଠ ଶ୍ରେଣୀର ଛାତ୍ରୀ ଥିବା ସମୟରେ 'ଛ' ଋତୁ ବର୍ଣ୍ଣନା' ବୋଲି ଗୋଟିଏ କବିତା ଲେଖି ମୀନାବଜାରରର କବିତା ପ୍ରତି ଯୋଗିତାରେ ଭାଗ ନେବା ପାଇଁ ପଠାଇଥିଲି ଓ ପୁରସ୍କୃତ ମଧ୍ୟ ହୋଇଥିଲି । ସେଦିନ ରାତ୍ରି ୯।୧୦ଟା ବେଳକୁ ଜହୁରୀ ଭାଇ, ଓ ତାଙ୍କର ବନ୍ଧୁ ଦୁଇଜଣ ଆମଘରକୁ ଉଦ୍‌ଗାତା ବାବୁଙ୍କ ସହ ଆସିଥିଲେ । ମୋ ମାଆ ଘରେ ରସବରା, ପିଠାମଣ୍ଡା, କ୍ଷୀରି, ପୁରୀ ତରକାରୀ କରିଥିଲେ । ଆମର ଘର ସମ୍ମୁଖ ପାର୍ଶ୍ୱରେ ଗୋଟିଏ ପଡ଼ିଆ ସଦୃଶ ଖୋଲା ସ୍ଥାନ ଥିଲା । ସେ ସ୍ଥାନ ଭଲ ଭାବରେ ସୁସଜ୍ଜିତ ହୋଇଥିଲା । ମୁଁ, ଓ ମୋର ପିଉସୀନାନୀ ସେମାନଙ୍କୁ ପରିବେଷଣ କରୁଥିଲୁଁ । ଜହୁରୀ ଭାଇ ଆମକୁ କେତେକ ପୁସ୍ତକ ଓ ଝରକଲମ ଇତ୍ୟାଦି ଉପହାର ମଧ୍ୟ ଦେଇଥିଲେ । ଆମ ମୀରା ତାଙ୍କ ଆଗରେ ଓଡ଼ିଶୀ ନାଚ କରିଥିଲା । ଜହୁରୀ ଭାଇ ଉଦ୍‌ଗାତା ବାବୁଙ୍କୁ ବହୁତ ଭଲ ପାଉଥିଲେ । ତତ୍ପରେ ମିଷ୍ଟାଳାପ ସହ ନୈଶ ଭୋଜନ ଶେଷ କରି ତାଙ୍କର ରହିବା ସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ ।

ଉଦ୍‌ଗାତା ବାବୁ ପୃଥ୍ୱୀରାଜ ହାଇସ୍କୁଲ୍‌ର ସ୍କାଉଟ୍ ଛାତ୍ର ମାନଙ୍କ ଦାୟିତ୍ୱରେ ମଧ୍ୟ ଥିଲେ । ସେତେବେଳେ ସିନିଅର କ୍ଲାସର ଛାତ୍ରୀ ମାନଙ୍କ ପାଇଁ ଗାଇଡ୍ ଓ ଛୋଟ ଶ୍ରେଣୀର ଛାତ୍ରୀ ମାନଙ୍କ ପାଇଁ ବ୍ଲୁ ବାର୍ଡ ସଂସ୍ଥା ରହିଥିଲା । ଏସବୁ ସଂସ୍ଥାର ମୂଳ ଲକ୍ଷ୍ୟ ଥିଲା ଅପରକୁ ସାହାଯ୍ୟ, ଦାନ, ଉଦାରତା ପ୍ରଦର୍ଶନ, ପରୋପକାର, ନିଃସ୍ୱାର୍ଥପର ସେବା ମନୋଭାବ ପୋଷଣ ଇତ୍ୟାଦି ଛାତ୍ର ମନରେ ସୃଷ୍ଟି କରିବା । ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନକୁ ଦଳ ଦଳ ହୋଇ ଛାତ୍ରଛାତ୍ରୀ ମାନେ ଯାଇ ପରିବେଶ ପରିଷ୍କାର କରିବା, ଅଶିକ୍ଷିତ ମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟସଚେତନତା ଆଣିବା ପାଇଁ ଯତ୍ନଶୀଳ ହେଉଥିଲେ ।

ସେ ପୃଥ୍ୱୀରାଜ ହାଇସ୍କୁଲର ଖେଳ ଓ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ପରିଚ୍ଳନା କରୁଥିଲେ । ବଲାଙ୍ଗିର ଜିଲ୍ଲାସ୍ତରୀୟ ପ୍ରତ୍ୟେକ ବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତାର ସୁବନ୍ଦୋବସ୍ତ ତଥା ପରିଚ୍ଳନା କରୁଥିଲେ । ଆହୁରି ମଧ୍ୟ ସେ ଫୁଟବଲ ଖେଳ ପ୍ରତିଯୋଗିତାର ପରିଚ୍ଳନା କରୁଥିଲେ ଓ ସେଥିରେ ରେଫରୀ ମଧ୍ୟ ହେଉଥିଲେ । ସେ

Digitized by srujanika@gmail.com

ବଲାଙ୍ଗୀର ଜିଲ୍ଲା ଅଲିମ୍ପିକ ଆସୋସିଏସନର ସମ୍ପାଦକ ଥିଲେ । ପୃଥ୍ୱୀରାଜ ହାଇସ୍କୁଲରେ ପ୍ରତିବର୍ଷ ପୁରସ୍କାର ବିତରଣୀ ଉତ୍ସବ ହୁଏ । ସେଥିରେ ପ୍ରବନ୍ଧ, ବକ୍ତୃତା, କବିତା, ଗଳ୍ପ ଇତ୍ୟାଦି ପ୍ରତିଯୋଗିତା ଛାତ୍ର ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୁଏ । ପ୍ରତିଯୋଗିତା ମାନଙ୍କରେ ଓ ପ୍ରତ୍ୟେକ ଶ୍ରେଣୀରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ମାନେ ପୁରସ୍କୃତ ହେଉଥିଲେ । ପୁରସ୍କାର ବିତରଣୀ ସଭା ସାଙ୍ଗ ହେବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ । ବହୁତ ଦର୍ଶକଗଣ ସେଠାକୁ ଆସି ଆନନ୍ଦ ଉପଲବ୍ଧି କରୁଥିଲେ । ଏ ସମସ୍ତ କାର୍ଯ୍ୟକ୍ରମର ଦାୟିତ୍ୱ ଉଦ୍‌ଗାତା ବାବୁ ବହୁତ ଶୃଙ୍ଖଳାର ସହ ତୁଲାଉଥିଲେ । ବଲାଙ୍ଗୀରର ଯେ କୌଣସି ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲେ ସେଠାରେ ଉଦ୍‌ଗାତା ବାବୁଙ୍କ ନେତୃତ୍ୱ ସ୍ୱତଃ ପ୍ରତିଭାତ ତଥା କର୍ମତଃ ପ୍ରତିଷ୍ଠିତ ହୋଇଯାଉଥିଲା । ଏପରିକି ତାଙ୍କ ବ୍ୟତୀତ ଏସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଦୃଷ୍ଟାନ୍ତ ପ୍ରାୟତଃ ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ ।

କୋଶଳ କଳାମଣ୍ଡଳ

ଏହି କୋଶଳ କଳାମଣ୍ଡଳ ବଲାଙ୍ଗୀରର ପ୍ରାଚୀନ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାୟକ । ଏହା ବଲାଙ୍ଗୀର ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂ ଦେଓଙ୍କ ଦ୍ୱାରା ୧୯୪୪ ଖ୍ରୀ:ରେ ପ୍ରତିଷ୍ଠିତ ହୋଇଥିଲା । ଏହା ବଲାଙ୍ଗୀର ଟିକ୍ରାପଡ଼ାର ରାଣୀବନ୍ଧର ଅନତି ଦୂରରେ ଅବସ୍ଥିତ । କଳାମଣ୍ଡଳଟି ରଙ୍ଗମଞ୍ଚ ସଦୃଶ ଗଠିତ ହୋଇଥିଲା । ତା ସମ୍ମୁଖରେ ଥିଲା ଏକ ବିରାଟ ପଡ଼ିଆ । ପଡ଼ିଆକୁ ତମ୍ବୁ ଦ୍ୱାରା ଆଚ୍ଛାଦିତ କରା ହେଉଥିଲା ଦର୍ଶକ ମାନଙ୍କର ସୁବିଧା ନିମିତ୍ତ । ଉକ୍ତ ପଡ଼ିଆରେ ସର୍କସ, ମୀନାବଜାର, ବିଭିନ୍ନ ପ୍ରକାର ପ୍ରଦର୍ଶନୀ ଇତ୍ୟାଦି ମଧ୍ୟ ଅନୁଷ୍ଠିତ ହେଉଥିଲା । ମୋତେ ୮ ବର୍ଷ ହେଲା ବେଳେ ଚତୁର୍ଥ ଶ୍ରେଣୀର ସ୍କୁଲ ପାଠ ପଢ଼ିସାରି ଆସି ମୁଁ, ମୋ ପିଉସୀ ବିନୋଦିନୀ, ପ୍ରଫୁଲ୍ଲ ପଢ଼ିହାରୀ ଓ ଆଉ କେତେଜଣ ସାଙ୍ଗ ସଙ୍ଗୀତ ଶିକ୍ଷା କରିବା ନିମିତ୍ତ ସନ୍ଧ୍ୟା ୪ଟାରୁ ୬ଟା କଳାମଣ୍ଡଳକୁ ଯାଉଥିଲୁଁ । ସେଠାରେ ହାରମୋନିୟମରେ ସଙ୍ଗୀତ ଶିକ୍ଷକ ଥିଲେ ଶ୍ରୀଯୁକ୍ତ ବୃଷଭ ବାରିକ, ଶ୍ରୀଯୁକ୍ତ ସାରଥି ଚାନ୍ଦ ଥିଲେ ତବଲାବାଦକ । ସେଠାରେ ଗୋଟିଏ ପରିଚାଳନା କମିଟୀ ଥିଲା । ସେଥିରେ ସେକ୍ରେଟାରୀ ଥିଲେ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ଓ ସଭ୍ୟ ଥିଲେ ଶ୍ରୀଯୁକ୍ତ ରାମପ୍ରସାଦ ମିଶ୍ର, ଭାନୁମତୀ ଦେବୀ, ବୃଷଭ

Digitized by srujanika@gmail.com

ବାରିକ୍, ସାରଥିଚ୍ନନ୍ଦ, ବସନ୍ତ ମହାନ୍ତି ଇତ୍ୟାଦି । ଉକ୍ତ ରଙ୍ଗମଞ୍ଚରେ ସେତେବେଳେ ଅନ୍ନପୂର୍ଣ୍ଣା ଥିଏଟର୍ ଆସି ନାଟକ ପ୍ରଦର୍ଶନ କରୁଥିଲେ । ବଲାଙ୍ଗୀର ନିବାସୀ ନାଟକ ପ୍ରେମୀ ବ୍ୟକ୍ତି ମାନେ ଏକତ୍ର କେତେଜଣ ମିଶି ନାଟକ ମଞ୍ଚସ୍ଥ କରୁଥିଲେ । ୧୯୫୪ ଖ୍ରୀ:ରେ ଉଦ୍‌ଗାତା ବାବୁଙ୍କ ସ୍ୱରଚିତ ନାଟକ 'ମାନସୀ' ଉକ୍ତ ମଞ୍ଚରେ ଅଭିନୀତ ହୋଇଥିଲା, ସେଥିରେ ଅଂଶଗ୍ରହଣ କରିଥିଲେ ଉଦ୍‌ଗାତା ବାବୁ ସ୍ୱୟଂ, ରାମପ୍ରସାଦ ମିଶ୍ର, ଭାନୁମତୀ ଦେବୀ, ଜଗଦାନନ୍ଦ ଛୁରିଆ, ବିପିନ ବିହାରୀ ଏବଂ ଆଉ କେତେଜଣ । କୁମାରୀ ପ୍ରଫୁଲ୍ଲ ପଢ଼ିହାରୀ ସେଠାରେ ନାଚ ଶିଖୁଥିଲେ । ଆମେ ଅଳ୍ପ ଦିନ ସଙ୍ଗୀତ ଶିକ୍ଷା କରି ବନ୍ଦ କରି ଦେଇଥିଲୁଁ । ସେତେବେଳେ ଝିଅ ମାନଙ୍କୁ ଘରୁ ବାହାରକୁ ଯିବା ଲାଗି ପିତାମାତା ନାରାଜ ହେଉଥିଲେ । ଯାହା ହେଉ ଆମ ଘରେ ଆମକୁ ବିଦ୍ୟା ଶିକ୍ଷା କରିବାକୁ ସ୍କୁଲକୁ ଛାଡି ଦେଉଥିଲେ ତାହା ଅତୀବ ବିସ୍ମୟ ତଥା ଆନନ୍ଦର କଥା । ସବୁ ହେଉଛି ସେହି ଦୟାମୟ ଈଶ୍ୱରଙ୍କ ଶୁଭାଶିଷ ଓ ଇଚ୍ଛା । ସେହି 'ମାନସୀ' ନାଟକ କୋଶଳ କଳାମଣ୍ଡଳରେ ଅଭିନୀତ ହେବା ଦିନ ଆମେ ସମସ୍ତେ ଉଦ୍‌ଗାତା ବାବୁଙ୍କ ପରିବାରର ସଦସ୍ୟ ବର୍ଗ ଦେଖିବାକୁ ଯାଇଥିଲୁଁ । ମୋ ନାନା (ଉଦ୍‌ଗାତା ବାବୁ) ଅଭିନୟ କରିବାକୁ ମଞ୍ଚ ଉପରକୁ ଆସିଲେ ଆମକୁ ବହୁତ ଖୁସୀ ଲାଗୁଥିଲା । ମୋର ସାନ ଭଉଣୀ ମାନେ ମୀରା, ଜ୍ୟୋତି, ଜ୍ୟୋତ୍ସ୍ନା ଇତ୍ୟାଦି କହୁଥିଲେ ହେଦେ ଆମର ନାନା ଆସଲେନ ଦେଖ । କେନ୍ତା ବେଶ୍ ହେଇଛନ୍, କେନ୍ତା କହୁଛନ୍ ଶୁଣ । ସେମାନେ ତାଙ୍କୁ ମଞ୍ଚୋପରି ଦେଖି ଆନନ୍ଦରେ ଡେଇଁ ପକଉଥିଲେ । ଜ୍ୟୋତ୍ସ୍ନା ଖୁସୀରେ ମୋ ମାଁଙ୍କ କୋଳରେ ନାଚି ଉଠୁଥିଲା । ଉଦ୍‌ଗାତା ବାବୁ ନିଜେ ଥିଲେ ଏକାଧାରରେ ନାଟ୍ୟକାର, ନାଟକରଚୟିତା, ନିର୍ଦ୍ଦେଶକ, ନାଟକ ପରିଚ୍ଚାଳକ, ସଂଗଠକ ଇତ୍ୟାଦି । ତାଙ୍କ ରଚିତ 'ମାନସୀ' ନାଟକଟି ଅଦ୍ୟାବଧି ଅପ୍ରକାଶିତ । ସେଠାରେ ୧୯୫୪ଖ୍ରୀ:ରେ ମୀରା, ଜ୍ୟୋତି, ଶ୍ରୀଯୁକ୍ତ ବାଉରୀ ବନ୍ଧୁ ନନ୍ଦଙ୍କ କନ୍ୟା ସୁରୁଚି, ଶ୍ରୀ ବସନ୍ତ ମହାନ୍ତିଙ୍କ କନ୍ୟା ରାଜଶ୍ରୀ ଓ ଜୟଶ୍ରୀ ନାଚଗୀତ ଶିଖି ଯାଉଥିଲେ । ପ୍ରତିମାସରେ କଳାମଣ୍ଡଳର ଛାତ୍ରୀ ମାନଙ୍କ ଦ୍ୱାରା ନାଚ ଗୀତ ଇତ୍ୟାଦି ପରିବେଷିତ ହେଉଥିଲା । ଏତଦ୍ୱାରା ଛାତ୍ରୀ ମାନଙ୍କର ଆଗ୍ରହ ବିଶେଷ ଭାବରେ ପରିବୃଦ୍ଧି ହେଉଥିଲା । ଆହୁରି ମଧ୍ୟ ସେମାନେ ହୀରାକୁଦ, ପାଟଣାଗଡ, ଟିଟିଲାଗଡ ଇତ୍ୟାଦି ସ୍ଥାନରେ ହେଉଥିବା ଉତ୍ସବ ମାନଙ୍କରେ ରଙ୍ଗମଞ୍ଚ ଉପରେ ନୃତ୍ୟଗୀତ ପରିବେଷଣ କରିବା ନିମିତ୍ତ ଯାଉଥିଲେ ।

୧୯୪୪-୪୫ ଖ୍ରୀ:ରେ ଉକ୍ତ କଳାମଣ୍ଡଳ ନିକଟରେ ପ୍ରତିଷ୍ଠିତ ହୋଇଥିଲା

Digitized by srujanika@gmail.com

ପାୱାର୍‌ହାଉସ୍ । ରାଜେନ୍ଦ୍ର ପାର୍କ ଥିଲା । ନରସିଂହ ବନ୍ଧ, ବଲାଙ୍ଗୀର ବସ୍‌ଷ୍ଟାଣ୍ଡ ନିକଟରେ । ଅନତିଦୂରରେ ଥିଲା ରଞ୍ଜନରଶ୍ମି ଚିକିତ୍ସା କେନ୍ଦ୍ର । ଏସବୁ ମଧ୍ୟ ବଲାଙ୍ଗୀରରେ ପ୍ରଥମେ ଅନ୍ୟ ସ୍ଥାନ ଅପେକ୍ଷା ୧୯୪୪-୪୫ ଖ୍ରୀ: ବେଳକୁ ପାଟଣା ମହାରାଜା ମହାମାନ୍ୟ ରାଜେନ୍ଦ୍ର ନାରାୟଣ ସିଂ ଦେଓଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଏସବୁ ସେ ସମୟରେ ବଲାଙ୍ଗୀର ଏକ୍‌ସ୍‌ଷ୍ଟେଟ୍‌ର ବେଶ୍ ମର୍ଯ୍ୟାଦା ପରିବୃଦ୍ଧି କରିଥିଲା । ବଲାଙ୍ଗୀର ବାସୀନ୍ଦା ବେଶ୍ ଆନନ୍ଦରେ ସମସ୍ତ ପ୍ରକାର ସୁବିଧା ଯଥା: ପାୱାରହାଉସ୍‌ରୁ ବିଦ୍ୟୁତ୍, ପାର୍କରୁ ଆମୋଦ, ରଞ୍ଜନ ରଶ୍ମି ଚିକିତ୍ସା କେନ୍ଦ୍ରରୁ ଭୀଷଣ ରୋଗର ଚିହ୍ନଟ ଓ ତଦନୁସାରେ ଚିକିତ୍ସା ଲାଭ କରି ଆନନ୍ଦରେ କାଳାତିପାତ କରୁଥିଲେ । ଆହୁରି ମଧ୍ୟ ରାଜେନ୍ଦ୍ର ପାର୍କରେ ବେଶୀ ଜନସଂଖ୍ୟା ବିଶିଷ୍ଟ ସଭା, ସମିତି ଇତ୍ୟାଦି ପାଳିତ ହେଉଥିଲା । ସେସବୁ ପ୍ରାୟ ବଲାଙ୍ଗୀରର କେନ୍ଦ୍ରସ୍ଥଳରେ ଅବସ୍ଥିତ ।

ବଲାଙ୍ଗୀରରୁ 'ଚତୁରଙ୍ଗ' ନାମକ ଏକ ପତ୍ରିକା ପ୍ରକାଶିତ ହେଉଥିଲା ୧୯୪୦-୪୫ଖ୍ରୀ: ମଧ୍ୟରେ । ସେଥିରେ ଶ୍ରୀଯୁକ୍ତ ଉଦ୍‌ଗାତା ବାବୁ ଥିଲେ ସମ୍ପାଦକ । ମୋର ମନେ ଅଛି- ଆମ ବଲାଙ୍ଗୀର ଘରେ ଗୋଟିଏ ପୁରୁଣା କାଠ ଆଲମାରୀରେ ତାହା ସୁରକ୍ଷିତ ହୋଇ ରହିଥିଲା । ଉଦ୍‌ଗାତା ବାବୁ ବଦଳି ହୋଇ କଟକକୁ ଚାଲିଯିବା ପରେ ସବୁ ଇତସ୍ତତଃ ହୋଇଗଲା । ପୃଥ୍ୱୀରାଜ ହାଇସ୍କୁଲର ମୁଖପତ୍ର 'ପାରିଜାତ' ମଧ୍ୟ ତାଙ୍କ ସମ୍ପାଦନାରେ ପ୍ରକାଶିତ ହେଉଥିଲା ।

ସି.ଆଇ. ଶ୍ରୀଯୁକ୍ତ ବୈକୁଣ୍ଠ ନାଥ ପଟ୍ଟନାୟକ

ସି.ଆଇ. ଶ୍ରୀଯୁକ୍ତ ହରିହର ମିଶ୍ର ବଲାଙ୍ଗୀରରୁ ବଦଳି ହୋଇ ଯିବା ପରେ ୧୯୫୬ ଖ୍ରୀ:ରେ ସବୁଜ **ଯୁଗୀୟ ପଞ୍ଚସଖା** କବିଙ୍କ ମଧ୍ୟରେ ସ୍ଥାନିତ ଶ୍ରୀଯୁକ୍ତ ବୈକୁଣ୍ଠ ନାଥ ପଟ୍ଟନାୟକ ତାଙ୍କ ସ୍ଥାନରେ ଯୋଗ ଦେଲେ । ଶ୍ରୀଯୁକ୍ତ ପଟ୍ଟନାୟକ କଟକରେ ସେକେଣ୍ଡାରୀ ଟ୍ରେନିଂ ସ୍କୁଲରେ ଉଦ୍‌ଗାତା ବାବୁଙ୍କୁ ପାଠ ପଢ଼ାଇଥିଲେ । ସେ ଥିଲେ ତାଙ୍କର ଅତି ପ୍ରିୟ ଛାତ୍ର । ତାଙ୍କର ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତ, ବ୍ୟାକରଣ, ଗଣିତ, ଇତିହାସ, ଭୂଗୋଳ ଇତ୍ୟାଦିରେ ଜ୍ଞାନ ତାଙ୍କୁ ବିମୁଗ୍ଧ କରିଥିଲା । ଏ ମଧ୍ୟରେ ଅନେକ ଦିନ ଅତିବାହିତ ହୋଇଯାଇଥିଲା । ଶ୍ରୀଯୁକ୍ତ ପଟ୍ଟନାୟକ ଓଡ଼ିଶା ଶିକ୍ଷା ବିଭାଗର ସି.ଆଇ. ଏବଂ ଶ୍ରୀଯୁକ୍ତ ଉଦ୍‌ଗାତା ସହକାରୀ ଶିକ୍ଷକ । ସବୁଜ କବି ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ବିରଚିତ

Digitized by srujanika@gmail.com

'ଯାତ୍ରା ସଙ୍ଗୀତ' - "ଚ୍ଛଲରେ ଚ୍ଛଲ ମନ ନିତ୍ୟ ମଧୁବନ, ଦେଖିବୁ ନିତ୍ୟ ରାସ ଅଦୂର ଗୋଲୋକରେ" ଏବଂ "ଜୀବନ ପାତ୍ର ମୋ ଭରିଛ କେତେମତେ ନଦେଲେ ବୋଲି କିଛି କହିବି କିହେ ଆଉ" ପଦ ଗୁଡ଼ିକ ସେତେବେଳେ ପ୍ରାୟ ସମସ୍ତଙ୍କ ମୁଖରେ ସ୍ଥାନ ଲାଭ କରିଥିଲା । ମହାବିଦ୍ୟାଳୟର ଓଡ଼ିଆ ସାହିତ୍ୟ ପାଠ୍ୟକ୍ରମରେ ତାହା ପାଠ୍ୟ କବିତା ରୂପେ ସ୍ଥାନଲାଭ କରିଥିଲା । ତାଙ୍କ ମଧ୍ୟମ କନ୍ୟା ସୁନନ୍ଦା ପଟ୍ଟନାୟକ ଉକ୍ତ ଗୀତଟିକୁ ବେତାର କେନ୍ଦ୍ରରେ ଅନେକ ଥର ପରିବେଷଣ କରୁଥିଲେ । ଉଦ୍‌ଗାତା ବାବୁ ଯେତେବେଳେ ସଂସ୍କୃତରେ ଏମ.ଏ. (ନାଗପୁର) ପାସ୍ କଲେ ସେତେବେଳେ ବଲାଙ୍ଗୀରରେ ସଂସ୍କୃତ ଏମ.ଏ. ପାସ କରିଥିବା ବ୍ୟକ୍ତି ପ୍ରାୟ କେହି ନଥିବେ କିମ୍ୱା କାଁ ଭାଁ ମୁଷ୍ଟିମେୟ ବ୍ୟକ୍ତି ଜଣେ ଦୁଇଜଣ ଥାଇପାରନ୍ତି । କାରଣ ସେତେବେଳେ ବଲାଙ୍ଗୀର ଜିଲ୍ଲାରେ ଶିକ୍ଷାର ପ୍ରସାର ଏତେ ନଥିଲା । ତେଣୁ ଶ୍ରୀଯୁକ୍ତ ପଟ୍ଟନାୟକ ଉଦ୍‌ଗାତା ବାବୁଙ୍କ ସହ ଅନେକ ସମୟରେ ସାହିତ୍ୟ ଓ ଅନ୍ୟାନ୍ୟ ବିଦ୍ୟାଚର୍ଚ୍ଚା ମଧ୍ୟ କରୁଥିଲେ । ତାଙ୍କର ଓଡ଼ିଆ ସାହିତ୍ୟରେ ଜ୍ଞାନ ଶ୍ରୀଯୁକ୍ତ ପଟ୍ଟନାୟକଙ୍କୁ ଆହୁରି ବିମୁଗ୍ଧ କରିଥିଲା । ଓଡ଼ିଆ ଏମ.ଏ. ପରୀକ୍ଷା ଦେବା ପାଇଁ ଉଦ୍‌ଗାତା ବାବୁ ୧୯୫୭ ଖ୍ରୀ:ରେ ଯେତେବେଳେ ତିନିମାସ ସ୍କୁଲ କାମରୁ ଛୁଟୀ ନେବା ପାଇଁ ଦରଖାସ୍ତ ଦେଲେ, ସେ ବିନାଦ୍ୱିଧାରେ ତାଙ୍କର ଦରଖାସ୍ତ ମଂଜୁର କରିଦେଲେ । କବି, ସାହିତ୍ୟିକ ସି.ଆଇ ସାହେବ ପଟ୍ଟନାୟକ ମହାଶୟ ବୁଝିଲେ ସାହିତ୍ୟ ପାଠର ମର୍ଯ୍ୟାଦା । ତେଣୁ କଥାରେ ଅଛି - ସୁନା ଚିହ୍ନେ ବଣିଆ, ଗୁଣ ଚିହ୍ନେ ଗୁଣିଆ ।

ବଲାଙ୍ଗୀରରେ ନାରୀ ଶିକ୍ଷା

ଉଚ୍ଚ ପ୍ରାଥମିକ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀ ମାନଙ୍କୁ ଶିକ୍ଷାଦାନ କରିବା ନିମିତ୍ତ ନିଯୁକ୍ତ ଶିକ୍ଷୟତ୍ରୀ ମାନଙ୍କ ମଧ୍ୟରେ କେତେଜଣ ସ୍ଥାନୀୟ ମହିଳା ଶିକ୍ଷୟତ୍ରୀ ଥିଲେ । ସେମାନେ ହେଲେ ଶ୍ରୀମତୀ ସତ୍ୟଭାମା ବେହେରା, ଶ୍ରୀମତୀ ଅହଲ୍ୟା ଦେବୀ ଓ ଶ୍ରୀମତୀ କୌଶଲ୍ୟା ଦ୍ୱାରୀ ଆଜ୍ଞା । ସେମାନଙ୍କୁ ସେତେବେଳେ ଛାତ୍ରୀ ମାନେ 'ଆଜ୍ଞା' ବୋଲି ସମ୍ବୋଧନ କରୁଥିଲେ । କିନ୍ତୁ ସ୍ଥାନାନ୍ତରାଗତା ଶିକ୍ଷୟତ୍ରୀ ମାନଙ୍କୁ 'ଦିଦି' ବୋଲି ସମ୍ବୋଧନ କରୁଥିଲେ । ସେହି ଶିକ୍ଷୟତ୍ରୀ ମାନେ ହେଉଛନ୍ତି ବିଷ୍ଣୁପ୍ରିୟା ଦାସ, ନମିତା ଚ୍ଛଟର୍ଜୀ, ଶ୍ରୀମତୀ ସୁଧାରାଣୀ ଦାସ, ବିଶିଷ୍ଟ କମ୍ୟୁନିଷ୍ଟ ନେତା ଶ୍ରୀ ବାଙ୍କବିହାରୀ ଦାସଙ୍କ ସହଧର୍ମିଣୀ, ଶ୍ରୀମତୀ

Digitized by srujanika@gmail.com

ସ୍ନେହଲତା, ଶ୍ରୀଲତା ଦାସ, ସାରା ଆନନ୍ଦିନୀ ଦାସ, ସାବିତ୍ରୀ ନନ୍ଦ ଇତ୍ୟାଦି । ସାରା ଆନନ୍ଦିନୀ ଦାସ ଥିଲେ ସମ୍ବଲପୁରର ବାସିନ୍ଦା । ଘର ତାଙ୍କର ଥିଲା ସମ୍ବଲପୁର ସାଧାରଣ ଡାକ୍ତରଖାନା ସମୀପସ୍ଥ ଖ୍ରୀଷ୍ଟିୟାନ୍ ପଡାରେ । ତାଙ୍କ ଭାଇ ହେଉଛନ୍ତି ସ୍ୱନାମଧନ୍ୟ ଚକ୍ଷୁ ବିଶେଷଜ୍ଞ ଅବସରପ୍ରାପ୍ତ ପ୍ରଫେସର ଶ୍ରୀଯୁକ୍ତ ବିଭୁ ପ୍ରସାଦ ଦାସ । ସେତେବେଳେ ଜଣେ ଦୁଇଜଣଙ୍କ ବ୍ୟତୀତ ଅନ୍ୟ ଶିକ୍ଷୟତ୍ରୀ ମାନେ ଥିଲେ ଅବିବାହିତା । ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଥିଲେ ବଲାଙ୍ଗୀର ସାଗରପଡ଼ା ନିବାସୀ ଜେନା ଡାକ୍ତରଙ୍କ ଜ୍ୟେଷ୍ଠା କନ୍ୟା ମିସ୍ ଅଳକା ଜେନା । ସେମାନେ ଥିଲେ ନଅ ଭଉଣୀ । ସମସ୍ତେ ଉଚ୍ଚ ଶିକ୍ଷିତା । କେତେକ ଉଚ୍ଚ ପଦାଧିଷ୍ଠିତା । ତାଙ୍କର ତିନି ଭାଇ ମଧ୍ୟ ଉଚ୍ଚ ପଦବୀରେ କାର୍ଯ୍ୟରତ ଥିଲେ । ଉପରୋକ୍ତ ନାରୀ ମାନଙ୍କ ବ୍ୟତୀତ ବଲାଙ୍ଗୀରର ସ୍ଥାନୀୟ ନାରୀ ପ୍ରାୟ ଆଉ କେହି ପାଠ ପଢୁନଥିଲେ କିମ୍ବା ଶିକ୍ଷିତା ନଥିଲେ ଅନେକ ଦିନ ପର୍ଯ୍ୟନ୍ତ । ୧୯୫୫ ଖ୍ରୀ:ଅ:ରେ ଆମେ କେତେଜଣ ସ୍ଥାନୀୟ ବାଳିକା ଯଥା :- ଉଦ୍‌ଗାତା ବାବୁଙ୍କ ବଡ଼ଝିଅ ରେଣୁ, ଭଉଣୀ ବିନୋଦିନୀ, ଡ: ରାମପ୍ରସାଦ ମିଶ୍ରଙ୍କ କନ୍ୟା ଯଶୋବନ୍ତୀ ମିଶ୍ର, ମନ୍ଦାକିନୀ ଭୋଇ, ସରୋଜିନୀ ମହାପାତ୍ର, ପ୍ରଫୁଲ୍ଲ ପଢ଼ିହାରୀ ଇତ୍ୟାଦି ନବମ ଶ୍ରେଣୀରେ ପଢୁଥିଲୁଁ । ଆମେ ସମସ୍ତେ ସେହି ଦିଦି ମାନଙ୍କୁ ଦେବତା ସଦୃଶ ଜ୍ଞାନ କରୁଥିଲୁଁ । ସେମାନଙ୍କର କେତେ କେତେ ବିଦ୍ୟା ଶିକ୍ଷାଲାଭ ଦେଖି ବିସ୍ମୟାଭିଭୂତା ହୋଇଯାଉଥିଲୁଁ । ଏହା ମୋର ଅଙ୍ଗେ ନିଭାଇବା କଥା । ଆମେ ଆଲୋଚନା କରୁଥିଲୁଁ "ମାଁ ସରସ୍ୱତୀ ଦେବୀ ସେମାନଙ୍କୁ କେତେ ଆଶୀର୍ବାଦ କରିଛନ୍ତି । ଆମେ ଏଇ ଦିଦି ମାନଙ୍କ ପରି ଏତେ ପାଠ ପଢ଼ି ପାରିବା" ! - ଭାବି ଆଶ୍ଚର୍ଯ୍ୟ ହୋଇ ଯାଉଥିଲୁଁ । ସେତେବେଳେ ସେମାନଙ୍କ ପାଠର ଡିଗ୍ରୀ, ସାର୍ଟିଫିକେଟ ଇତ୍ୟାଦି ଆମେ କିଛି ବୁଝି ପାରୁନଥିଲୁଁ । କାରଣ ବଲାଙ୍ଗୀରରେ ଶିକ୍ଷାର ପ୍ରସାର ନଥିଲା । କିନ୍ତୁ ବର୍ତ୍ତମାନ ଶିକ୍ଷାର ପ୍ରସାର ହେତୁ ଶିକ୍ଷାମୂଳକ ଡିଗ୍ରୀ, ସାର୍ଟିଫିକେଟ ଇତ୍ୟାଦି ବିଷୟ ସବୁଠାରେ ସମସ୍ତଙ୍କ ମଧ୍ୟରେ ଏତେ ଚର୍ଚ୍ଚିତ ବିଷୟ ହୋଇଛି ଯେ ସମସ୍ତ ଛାତ୍ରଙ୍କର ଜ୍ଞାନ ମଧ୍ୟ ସେହି ପରିମାଣରେ ବଢ଼ିଯାଉଛି । ଆମର ସେତେବେଳେ କୌଣସି ଭାବନା ନଥିଲା କେତେ ପଢ଼ିବୁ, କ'ଣ କରିବୁ ଇତ୍ୟାଦି । ଆହୁରି ମଧ୍ୟ ସେତେବେଳେ ବଲାଙ୍ଗୀରରେ ନାରୀ ଶିକ୍ଷାର ବିଶେଷ ପ୍ରଚଳନ ନଥିଲା । ନିମ୍ନ ପ୍ରାଥିମକ ବାଳିକା ବିଦ୍ୟାଳୟ ବହୁତ ଦିନ ଆଗରୁ ପ୍ରାୟ ୧୯୨୫ -୨୬ ଖ୍ରୀ: ବେଳକୁ ପ୍ରତିଷ୍ଠିତ ହୋଇଥିଲା । ତପ୍ରେ ତାହା ଉଚ୍ଚ ପ୍ରାଥମିକ ସ୍କୁଲରେ ପରିଣତ ହେଲା । ତାପରେ ଉକ୍ତ ସ୍କୁଲରେ ଷଷ୍ଠ

Digitized by srujanika@gmail.com

ଶ୍ରେଣୀ ଖୋଲିଲା ୧୯୪୯-୫୦ ଖ୍ରୀ:ରେ । କ୍ରମାନ୍ୱୟରେ ପ୍ରତିବର୍ଷ ଗୋଟିଏ ଗୋଟିଏ ଉପର ଶ୍ରେଣୀ ଖୋଲିଲା । ୧୯୫୫ରେ ବାଳିକା ବିଦ୍ୟାଳୟରୁ ପ୍ରଥମ ବର୍ଷ ମାଟ୍ରିକ୍ୟୁଲେସନ୍ ପରୀକ୍ଷା ଦେଇଥିଲେ ତିନିଜଣ ଝିଅ । ସେମାନେ କେହି ଫାଇନାଲ୍ କିମ୍ୱା ସପ୍ଲିମେଣ୍ଟାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିନଥିଲେ । ୧୯୫୬ ଖ୍ରୀ:ରେ ଜଣେ କି ଦୁଇଜଣ ମ୍ୟାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । **୧୯୫୭ଖ୍ରୀ:ରେ ଆମେ ପାଞ୍ଚଜଣ** - ସେକେଣ୍ଡ ଡିଭିଜନରେ ୪ ଜଣ ଯଥା: ରେଣୁ, ବିନୋଦିନୀ, ଯଶୋବନ୍ତୀ ମିଶ୍ର ଓ ସରୋଜିନୀ ଏବଂ ମନ୍ଦାକିନୀ ଭୋଇ ଥାର୍ଡ ଡିଭିଜନ୍‌ରେ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲୁଁ ।

ଆହୁରି ମଧ ୧୯୫୬ ଖ୍ରୀ:ରେ ବଲାଙ୍ଗୀରରେ ଷଢ଼େଇକଲା ଖରସୁଆଁ ସୀମା ଆନ୍ଦୋଳନ ଚାଲିଥିଲା । ସେଥିରେ ଆମ୍ଭେ ମାନେ କଳାପତାକା ପିନ୍ଧି ଯୋଗଦାନ କରିଥିଲୁଁ ।

ସେ ସମୟରେ ସ୍ଥାନୀୟ ବ୍ରାହ୍ମଣ ପରିବାରର ଝିଅମାନେ କେହି ସ୍କୁଲକୁ ବିଦ୍ୟାଶିକ୍ଷା ଲାଭ ନିମିତ୍ତ ଯାଉ ନଥିଲେ । ସେମାନଙ୍କ ପରିବାରରେ ବାଲ୍ୟ ବିବାହ ପ୍ରଥାର ପ୍ରଚଳନ ରହିଥିଲା । ମୋତେ ଯେତେବେଳେ ତିନିବର୍ଷ ବୟସ ହୋଇଥିଲା ସେତେବେଳେ ମୋର ଜେଜେବାପାଙ୍କୁ ବଲାଙ୍ଗୀର ନିକଟସ୍ଥ ଜମୁଟିଆ ନିବାସୀଙ୍କ ପୁତ୍ର ସହିତ ମୋର ବିବାହ ନିମିତ୍ତ ପ୍ରସ୍ତାବ ଦେଇଥିଲେ ଟିକ୍ରାପଡ଼ା ନିବାସୀ ଜଣେ ଭଦ୍ର ବ୍ୟକ୍ତି । ତାଙ୍କ ନାମ ମୋର ମନେ ପଡୁନାହିଁ । ମୋର ମାଁ, ନାନା କେହି ତ ବର୍ତ୍ତମାନ ଆଉ ନାହାନ୍ତି । ସେମାନେ କହିପାରିଥାନ୍ତେ । ଜେଜେବାପା ଏକଥା ମୋ ନାନାଙ୍କୁ କହିଲେ । ସେତେବେଳେ ୧୯୪୪ ଖ୍ରୀ: ରେ ନାନା ତାଙ୍କ ନନାଙ୍କୁ କହିଥିଲେ ଏତେ ଅଳ୍ପ ବୟସରୁ ତାର ବିବାହ ଚିନ୍ତା କରିବା ନାହିଁ । ମୋ ସହ ସମବୟସ୍କ ମୋର ପିଉସୀ ନାନୀ ମଧ ଥିଲେ । ନାନା କହିଲେ- ସେମାନେ ପାଠ ପଢ଼ନ୍ତୁ ତାପରେ ବିବାହ ଚିନ୍ତା କରିବା । ଉକ୍ତ ଅଧ୍ୟାୟ ଏତିକିରେ ଇତି ହେଲା । ପରେ ଶୁଣିଲୁଁ ସେ ଭଦ୍ରବ୍ୟକ୍ତି ଚମ୍ପା ଚଢ଼େଇ ଧରି ଖେଳାଇବା ବ୍ୟବସାୟରେ ରତ ରହିଲେ । ମୋର ନାନାଙ୍କର ଦୂର ଦୃଷ୍ଟି ଏବଂ ଈଶ୍ୱରଙ୍କ ଅଶେଷ ଆଶୀର୍ବାଦରୁ ମୁଁ ସେଥିରୁ ରକ୍ଷା ପାଇଗଲି । ତାପରେ ପୁଣି ଆରମ୍ଭ ହେଲା ଆଉ ଗୋଟିଏ ଆଲୋଚନା ମୂଳକ ଅଧ୍ୟାୟ ମୋ ନାନା ଓ ଜେଜେବାପାଙ୍କ ମଧରେ । ଜେଜେବାପା ଥିଲେ ରକ୍ଷଣଶୀଳ, ପାରମ୍ପରିକ ପଣ୍ଡିତ । ମୋତେ ସେତେବେଳେ ବାରବର୍ଷ ହୋଇଥିଲା । ମୁଁ ଅଷ୍ଟମ ଶ୍ରେଣୀରେ ପଢୁଥିଲି । ଜେଜେବାପା ନାନାଙ୍କୁ କହିଲେ ବ୍ରାହ୍ମଣ ଘରେ ଯୁବତୀ ବିବାହ ଅକରଣୀୟ । ଏମାନେତ ଆସି ଯୌବନରେ ପଦାର୍ପଣ କଲେଣି । ଆଉ କେତେଦିନ ସେମାନଙ୍କୁ ପାଠ

Digitized by srujanika@gmail.com

ପଢ଼େଇବୁ । ସେତେବେଳେ ମୁଁ ଓ ମୋ ପିଉସୀନାନୀ ପ୍ରମାଦ ଗଣୁଥାଉଁ । ଈଶ୍ୱରଙ୍କୁ ସଭକ୍ତି ରେଡାକୁଥାଉଁ । ପ୍ରଭୁ ଆମକୁ ପଢ଼ିବା ପାଇଁ ଜେଜେବାପା ଅନୁମତି ଦିଅନ୍ତୁ । ନାନା ଓ ଜେଜେବାପାଙ୍କ ମଧ୍ୟରେ ଅନେକ ଯୁକ୍ତି ତର୍କ ହେଲା । ମୋ ନାନା କହିଲେ ସେହି ପୂର୍ବବତ୍ ସମାନ କଥା । ବିବାହ ତ ସେମାନଙ୍କର ନିଶ୍ଚୟ ହେବ । କିନ୍ତୁ ବର୍ତ୍ତମାନ ତ ବର ନାହାନ୍ତି । ବର ମିଳିବା ପର୍ଯ୍ୟନ୍ତ ସେମାନେ ପଢୁଥାନ୍ତୁ । ହଉ, ତା ହେଲେ ତୋ କଥା ହେଉ ବୋଲି ଜେଜେବାପା ବୁଝିଗଲେ ଏବଂ ଆମେ ପାଠପଢିବାର ସୁଯୋଗ ଲାଭ କଲୁଁ । କିଛି ବର୍ଷ ପୂର୍ବରୁ ଶଙ୍ଖ ନାମରେ ତ୍ରିକ୍ରାପଡ଼ାର ଜଣେ ବ୍ରାହ୍ମଣ ଘର ଝିଅ ପୃଥ୍ୱୀରାଜ ହାଇସ୍କୁଲକୁ ପାଠପଢିବାକୁ ଯାଉଥିଲେ । ଆମ୍ଭେମାନେ ମଧ୍ୟ ୧୯୫୦-୫୧ ଖ୍ରୀ: ରେ ଚତୁର୍ଥ ପଞ୍ଚମ ଶ୍ରେଣୀ ପୃଥ୍ୱୀରାଜ ହାଇସ୍କୁଲରେ ପଢିଥିଲୁଁ । ସେ ସମୟରେ ଗୋଟିଏ ନିୟମ ହେଲା- କୌଣସି ଝିଅ ହାଇସ୍କୁଲରେ ନାମ ଲେଖାଇ ପାରିବେ ନାହିଁ । ସମସ୍ତେ ସ୍ଥାନୀୟ ଉଚ୍ଚ ଇଂରାଜୀ ବାଳିକା ବିଦ୍ୟାଳୟରେ ନାମ ଲେଖାଇବାକୁ ବାଧ୍ୟ । ସେ ପରି ନ କଲେ ବାଳିକା ବିଦ୍ୟାଳୟର ଛାତ୍ରୀ ସଂଖ୍ୟା ଅଳ୍ପ ହୋଇଯିବ ଏବଂ ବିଦ୍ୟାଳୟର ମହତ୍ତ୍ୱ କମିଯିବ । ଏହିପରି ଭାବରେ ଅଷ୍ଟମ ଶ୍ରେଣୀରେ ଆସୁଥିବା ବାଧା ଅପସରି ଗଲା । ମାଟ୍ରିକ୍ୟୁଲେସନ୍ ପରୀକ୍ଷାରେ ଈଶ୍ୱରଙ୍କ ଆଶୀର୍ବାଦରୁ ଆମେ ଉତ୍ତୀର୍ଣ୍ଣ ହେଲୁଁ । ତା ପରେ ମୋର ପରବର୍ତ୍ତୀ ଭଉଣୀ ମୀରା, ଜ୍ୟୋତି, ଜ୍ୟୋସ୍ନା, ଇନ୍ଦିରା, ରେଖା, ମଧୁମିତା ପ୍ରଭୃତିଙ୍କ ପାଠ ପଢ଼ା ସମୟରେ ଆଉ କିଛି ଅସୁବିଧା ହୋଇ ନାହିଁ । ସେତେବେଳକୁ ସମାଜରେ ନାରୀମାନଙ୍କର ମହତ୍ତ୍ୱ ବେଶ୍ ପରିବୃଦ୍ଧି ହୋଇଥିଲା । ତେଣୁ ସେମାନେ ସମସ୍ତେ ସ୍ୱସ୍ୱ ମେଧା ବଳରେ ଉଚ୍ଚ ଶିକ୍ଷିତା ହୋଇ ସମାଜରେ ପ୍ରତିଷ୍ଠିତା ହୋଇଛନ୍ତି ।

ଆମର ବିଦ୍ୟାଳୟ ଶିକ୍ଷା ସାଙ୍ଗ ହେବାପରେ ୧୯୫୭ ଖ୍ରୀ: ଜୁନ୍ ମାସରେ ପୁଣି ନାନା ଓ ଜେଜେବାପାଙ୍କ ମଧ୍ୟରେ ଆମର କଲେଜ ପାଠ ପଢ଼ା ବିଷୟ ନେଇ ଆଲୋଚନା ହେଲା । ବର୍ତ୍ତମାନ ଆଲୋଚନାର ବିଷୟ ହେଲା ବିବାହ ଯୋଗ୍ୟା ଝିଅ କଲେଜକୁ ଯାଇ ଯୁବକମାନଙ୍କ ସାଙ୍ଗରେ ବିଦ୍ୟା ଶିକ୍ଷା ଲାଭ କରିବ କି ନାହିଁ ? ପୁଣି ଚାଲିଲା ପୂର୍ବବତ୍ ଆଲୋଚନା ନାନା ଓ ଜେଜେବାପାଙ୍କ ମଧ୍ୟରେ । ନାନାଙ୍କର ଅକାଟ୍ୟ ଯୁକ୍ତି ଦ୍ୱାରା ଜେଜେବାପା ଆମର ପାଠ ପଢ଼ା ବିଷୟରେ ସମ୍ମତି ପ୍ରଦାନ କଲେ ।

ଆମେ ବଲାଙ୍ଗୀର ରାଜେନ୍ଦ୍ର କଲେଜରେ ନାମ ଲେଖାଇ ପାଠ ଆରମ୍ଭ କଲୁଁ । ସେ ସମୟରେ ସି.ଆଇ ଶ୍ରୀଯୁକ୍ତ ବୈକୁଣ୍ଠ ନାଥ ପଟ୍ଟନାୟକ ବଲାଙ୍ଗିର ଅଫିସରେ

Digitized by srujanika@gmail.com

ଯୋଗଦାନ କରିଥିଲେ । ତାଙ୍କର ଚାରୋଟି ଝିଅ । ସେମାନେ ହେଲେ ଚାରୁଲତା, ସୁନନ୍ଦା, ସୁଚରିତା ଓ ଚନ୍ଦ୍ରଲେଖା । ସୁନନ୍ଦା ପଟ୍ଟନାୟକ ହେଉଛନ୍ତି ଶ୍ରେଷ୍ଠ ଗାୟିକା । ସେଥିଲେ ଭୁବନେଶ୍ୱର ସ୍ଥିତ ସଂଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷା । ବର୍ତ୍ତମାନ ସେ ଅବସର ପ୍ରାପ୍ତା । ତାଙ୍କ ପିତାଙ୍କ ଦ୍ୱାରା ବିରଚିତ ତାଙ୍କର ଅତି ପ୍ରସିଦ୍ଧ ସର୍ବଜନ ମନ ମୋହକାରୀ ସଂଗୀତ - ଆକାଶବାଣୀ ଦ୍ୱାରା ପ୍ରଚାରିତ-

"ମାନସ ହଂସ ମୋ ମାନସେ ଯାଉ ଉଡ଼ି
ଜୀବନ ପାତ୍ର ମୋ ଭରିଛ କେତେ ମତେ
ନ ଦେଲ କିଛି ବୋଲି କହିବି କିହେ ଆଉ ।
ଜୀବନ ପ୍ରିୟତମ ହରିଛ ମୋ ଭରମ..........."

ବଲାଙ୍ଗୀର ରାଜେନ୍ଦ୍ର କଲେଜରେ ଚାରୁଲତା ବି.ଏ. ଓ ସୁଚରିତା ଆଇ.ଏ,. ଶ୍ରେଣୀରେ ପଢୁଥାନ୍ତି । ଚନ୍ଦ୍ରଲେଖା ସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିଲେ । ସେ ସମୟରେ ସେମାନଙ୍କର ଜୀବନ ଯାପନ ଧାରା ବଲାଙ୍ଗୀରରେ ନାରୀମାନଙ୍କ ମହଲରେ, ଛାତ୍ରୀମାନଙ୍କ ମଧ୍ୟରେ ଅସ୍ୱାଭାବିକ ତଥା ବ୍ୟତିକ୍ରମ ଥିଲା । ସେମାନେ ସବୁ ବିଷୟରେ ବେଶ୍ ଆଧୁନିକା ଥିଲେ । ସେତେବେଳେ ସେମାନଙ୍କର ଚଳଣି ବଲାଙ୍ଗିରର ସାମାଜିକ ଚଳଣି ଠାରୁ ପୃଥକ୍ ଥିଲା ।

୧୯୫୭ ସାଲର କଥା । ସେ ପର୍ଯ୍ୟନ୍ତ ବଲାଙ୍ଗୀରର ବ୍ରାହ୍ମଣ ପରିବାର ରିବାରର ଝିଅମାନେ ୧୨/୧୪ ବର୍ଷ ପରେ ଯୌବନାବସ୍ଥା ପ୍ରାପ୍ତ ହେବା ପରେ ଘରେ ଓଢ଼ଣା ଦେଇ ରହୁଥିଲେ । କେହି ଘରୁ ଗୋଡ଼ କାଢ଼ି ବାହାରକୁ ଯାଉ ନ ଥିଲେ । ସ୍କୁଲ, କଲେଜକୁ ଯାଇ ପାଠ ପଢ଼ିବା ତ ଦୂର କଥା । କଲେଜରେ ପୁଅ ମାନଙ୍କ ସାଙ୍ଗରେ ପାଠ ପଢ଼ିବେ ଝିଅମାନେ । ଏ ହେଲା ମୁଖ୍ୟ ସମସ୍ୟା । ଯଦି ଏହା ନ ହୁଏ ତା'ହେଲେ ଝିଅମାନଙ୍କର ପାଠପଢ଼ା ବନ୍ଦ ହେବ । ସେ ସମୟରେ ଉଦ୍‌ଗାତା ବାବୁ ଲୋଇସିଂହା ବିଧାୟକ (ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ) ଡାକ୍ତର ରାମ ପ୍ରସାଦ ମିଶ୍ରଙ୍କ ସହ କଥାବାର୍ତ୍ତା, ଆଳାପ, ଆଲୋଚନା କରିବା ପରେ ସ୍ଥିର ହେଲା ଯେ ଝିଅମାନେ କଲେଜରେ ପାଠ ପଢ଼ିବେ । ତା' ପରେ ରେଣୁ, ବିନୋଦିନୀ, ଯଶୋବନ୍ତୀ, ମନ୍ଦାକିନୀ, ରାଜେନ୍ଦ୍ର କଲେଜରେ ଆଇ.ଏ. ଶ୍ରେଣୀରେ ନାମ ଲେଖାଇଲେ ଏବଂ ପାଠ ପଢ଼ିବାକୁ ଗଲେ । ସମସ୍ତେ ପରସ୍ପର ସାଙ୍ଗ ହୋଇ ଟିକ୍ରାପଡ଼ାରୁ ପ୍ରାୟ ଦୁଇ ମାଇଲ୍ ପାଖାପାଖି ଦୂରରାସ୍ତାରେ ଚାଲି ଚାଲି

Digitized by srujanika@gmail.com

କଲେଜକୁ ଯାଉଥିଲେ । ଯଶୋବନ୍ତୀ (ରାମ ପ୍ରସାଦ ବାବୁଙ୍କ ଝିଅ) ଆଇ.ଏ. ଦ୍ୱିତୀୟ ବର୍ଷରେ ପଢୁଥିବା ସାବିତ୍ରୀ ମୁଖାର୍ଜୀଙ୍କ ସହିତ ଏକତ୍ର ରିକ୍ସାରେ ଘରୁ କଲେଜକୁ ଯାଉଥିଲେ । କଲେଜ ପାଠ ପଢ଼ିବାର କି ଅଦମ୍ୟ କାମନା । ଗ୍ରୀଷ୍ମ, ବର୍ଷା, ଶୀତ ସେମାନଙ୍କ ଗତି ପଥରେ ପ୍ରତିବନ୍ଧକ ହୋଇ ପାରୁନଥିଲା । ସେମାନେ ପରିଶ୍ରମ କାତର ନ ହୋଇ ହେଲେ କର୍ତ୍ତବ୍ୟରତା । ଈଶ୍ୱର ସେମାନଙ୍କ ପରିଶ୍ରମ ପାଇଁ ପୁରସ୍କାର ମଧ୍ୟ ଦେଲେ । ସେ ଦିନର ରେଣୁ ଉଦ୍‌ଗାତା ବର୍ତ୍ତମାନ ଡ଼: ଶ୍ରୀମତୀ ରେଣୁ ମିଶ୍ର ଓଡ଼ିଶା ସରକାରଙ୍କ ଅବସର ପ୍ରାପ୍ତ କଲେଜର ଅଧ୍ୟକ୍ଷା ; ଶ୍ରୀମତୀ ବିନୋଦିନୀ ଉଦ୍‌ଗାତା ଓ ମନ୍ଦାକିନୀ ଭୋଇ ଉତ୍ତମ ଶିକ୍ଷୟତ୍ରୀ ରୂପେ ଷ୍ଟେଟ୍ ଏଓ୍ୱାର୍ଡ ଲାଭ କରି ଯଥାକ୍ରମେ ସିନିୟର ଡ଼ି.ପି.ଇ.ପି. ଅଧ୍ୟକ୍ଷା ଓ ପ୍ରଧାନ ଶିକ୍ଷୟତ୍ରୀ ପଦବୀରେ ଥିବା ସମୟରେ ଅବସର ଲାଭ କଲେ । ଏଠାରେ ଉଲ୍ଲେଖନୀୟ ଯେ କେବଳ ମନ୍ଦାକିନୀ ଭୋଇଙ୍କ ବ୍ୟତୀତ ରେଣୁ ୧୯୫୮ ଜାନୁୟାରୀରେ ଆଇ.ଏ. ପ୍ରଥମ ବର୍ଷ, ବିନୋଦିନୀ ୧୯୫୮ ଜୁଲାଇରେ ଦ୍ୱିତୀୟ ବର୍ଷ ଓ ଯଶୋବନ୍ତୀ ବି.ଏ. ପଢ଼ିବା ପାଇଁ କଟକ ସ୍ଥିତ ରେଭେନ୍ସା କଲେଜରେ ନାମ ଲେଖାଇଲେ । ଏମାନେ ତିନିଜଣ ସଂସ୍କୃତ ଅନର୍ସ ସହ ବି.ଏ. ଶ୍ରେଣୀରୁ ଉତ୍ତୀର୍ଣ୍ଣ ହେଲେ । କାଳକ୍ରମେ ବଲାଙ୍ଗିରରେ ନାରୀଶିକ୍ଷାର ପ୍ରଗତି ହେବାକୁ ଲାଗିଲା । ୧୯୬୧-୬୨ ଖ୍ରୀ: ରେ ବଲାଙ୍ଗୀର ଜିଲ୍ଲାରେ ଏକ ମହିଳା ଘରୋଇ ମହାବିଦ୍ୟାଳୟ ପ୍ରତିଷ୍ଠିତ ହେଲା । ସେଠାରେ ରେଣୁ ଉଦ୍‌ଗାତା ଓଡ଼ିଆ ଅଧ୍ୟାପିକା ରୂପେ ନିଯୁକ୍ତି ଲାଭ କରିଥିଲେ । କିନ୍ତୁ ୧୯୬୪ ଖ୍ରୀ: ଜୁଲାଇ ମାସରେ ଶ୍ରୀଯୁକ୍ତ ବିଭୂତି ଭୂଷଣ ମିଶ୍ର (ଇତିହାସ ଅଧ୍ୟାପକ ତଥା ଅଧ୍ୟକ୍ଷ ଦେବଗଡ଼ ଘରୋଇ କଲେଜ)ଙ୍କ ସହ ତାଙ୍କର ବିବାହ ସମାପନ ହେବାପରେ ବଲାଙ୍ଗୀରରୁ ସେ ଦେବଗଡ଼ ଯାଇ ସେଠାରେ ଓଡ଼ିଆ ଅଧ୍ୟାପିକା ରୂପେ ଚାକିରୀ କରିଥିଲେ । ତତ୍ପରେ ୧୯୬୫ରେ ସେମାନେ ସୋନପୁର କଲେଜରେ ନିଯୁକ୍ତି ଲାଭ କରି ଯୋଗଦାନ କଲେ । ୧୯୬୮ ଖ୍ରୀ: ଜୁଲାଇ ତା ୧ ରେ ଗଙ୍ଗାଧର ମେହେର ସରକାରୀ କଲେଜରେ ଓଡ଼ିଆ ଅଧ୍ୟାପିକା ରୂପେ ଶ୍ରୀମତୀ ରେଣୁ ମିଶ୍ର ଯୋଗଦାନ କଲେ ।

ଖୋଲାଚିଠି

ଉଦ୍‌ଗାତା ବାବୁ ଓଡ଼ିଆ ଏମ୍.ଏ. ପରୀକ୍ଷା ଦେବା ପାଇଁ ସ୍ଥିର ସିଦ୍ଧାନ୍ତ କରିବା ପୂର୍ବରୁ ବଲାଙ୍ଗୀର ଜିଲ୍ଲା ସ୍ଥିତ ଉଚ୍ଚ ଇଂରାଜୀ ବାଳିକା ବିଦ୍ୟାଳୟର ଶିକ୍ଷୟତ୍ରୀ ମିସ୍

Digitized by srujanika@gmail.com

ବିଷ୍ଣୁପ୍ରିୟା ଦାସ ଓଡ଼ିଆ ଭାଷା ସାହିତ୍ୟରେ ଏମ୍.ଏ. ପରୀକ୍ଷା ଦେବା ପାଇଁ ମନସ୍ଥ କରି ପ୍ରସ୍ତୁତ ହେଉଥିଲେ। ସେ ଥିଲେ ଜଣେ ଟ୍ରେଣ୍ଡ ଗ୍ରାଜୁଏଟ୍ ଶିକ୍ଷୟତ୍ରୀ।

ବଲାଙ୍ଗୀର ବାଳିକା ବିଦ୍ୟାଳୟର ଶିକ୍ଷୟତ୍ରୀ ମିସ୍ ବିଷ୍ଣୁପ୍ରିୟା ଦାସ ଓଡ଼ିଆ ଏମ୍.ଏ.ର ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ସାହିତ୍ୟ, ସଂସ୍କୃତ, ଅଳଂକାର ତତ୍ତ୍ୱ ଇତ୍ୟାଦି ବିଷୟ ଆଲୋଚନା, ବୁଝିବା ତଥା ସନ୍ଦେହ ମୋଚନ କରିବା ନିମିତ୍ତ ଅନେକ ଥର ଆମ ଘରକୁ ନାନାଙ୍କ ପାଖକୁ ଆସୁଥିଲେ। ଆବଶ୍ୟକ ହେଲେ ପତ୍ରାଳାପ ମଧ୍ୟ କରୁଥିଲେ। ଏକଦା ବିଷ୍ଣୁପ୍ରିୟା ଦାସ ଏମ୍.ଏ. ପାଠ୍ୟକ୍ରମ ସଂକ୍ରାନ୍ତୀୟ କେତେକ ପ୍ରଶ୍ନର ଉତ୍ତର ଜାଣିବା ନିମିତ୍ତ ଗୋଟିଏ ପତ୍ର ଉଦ୍‌ଗାତା ବାବୁଙ୍କୁ ଲେଖି କରି ଦେଇଥିଲେ। ଉକ୍ତ ପତ୍ର ଦେଖି ତାଙ୍କର ସହକର୍ମୀଗଣ ଯଥା :- ଶ୍ରୀଯୁକ୍ତ ରାମଚନ୍ଦ୍ର ପଟ୍ଟନାୟକ ଇତ୍ୟାଦି ତାଙ୍କୁ ବହୁତ ଥଟ୍ଟା ପରିହାସ କଲେ। ସେ କହିଲେ - "କ'ଣ ଉଦ୍‌ଗାତା ବାବୁ! କାହାର ଚିଠି କି ହୋ ? କ'ଣ ପ୍ରେମ ପତ୍ର କି ?" ହସି ହସି ଉଦ୍‌ଗାତା ବାବୁ ଉତ୍ତର ଦେଲେ - "ହଇ ହୋ ରାମ ବାବୁ! ମୋତେ ମୁଣି କିଏ ପ୍ରେମ ପତ୍ର ଦେବ କି ହୋ। ମୁଁ ପରା ପାଞ୍ଚୋଟି ଝିଅର ବାପ।" ରାମଚନ୍ଦ୍ର ବାବୁ ପୁଣି କହିଲେ- ଆରେ ଛୁଆ ବା ସନ୍ତାନ ସଂଖ୍ୟା ସାଙ୍ଗରେ କ'ଣ ଅଛି ? ଗୋରା ଅଛ, ସୁନ୍ଦର ଅଛ। ଖଣ୍ଡାଧାର ପରି ନାକ। ଦେଖିଲେ ଚକ୍ ଚକ୍ କରୁଛ। କାହା ଆଖିରେ ଥରେ ପଡ଼ିଲେ ଆଉ ସେ ଭୁଲି ପାରିବ ନି। ତାପରେ ଉଦ୍‌ଗାତା ବାବୁ ତାଙ୍କୁ କହିଲେ- "ଥାଉ ଥାଉ। ଅଳଂ ବିସ୍ତରେଣ। ଆଉ ଏତେ ବଢ଼େଇ କରି କହ ନାହିଁ। ହଇହୋ ପଟ୍ଟନାୟକ ବାବୁ ଦେଖୁଛ ପରା, ଗୋଟିଏ ଖୋଲା ଚିଠି।" ଚିଠିଟି ମୁଦା (ବନ୍ଦ) ନ ହେଲେ କ'ଣ ପ୍ରେମ ପତ୍ର ହୁଏ। ରାମବାବୁ ତାପରେ କହିଲେ ଆମେ କ'ଣ ତୁମକୁ ସେ ପରି କହୁଛୁଁ। ଆମେ କହୁଛୁଁ-ତୁମେ ଓଡ଼ିଆ ଏମ୍.ଏ. ପାସ୍ ନ କରି ଯଦି ଅନ୍ୟ ମାନଙ୍କୁ ଏମ୍.ଏ. ପାଠ ପଢ଼ାଇ ପାରୁଛ, ପାଠ ପଢ଼ିବାର ମାର୍ଗ ପ୍ରଦର୍ଶନ କରିପାରୁଛ ତା' ହେଲେ ନିଜେ କାହିଁକି ଓଡ଼ିଆ ଏମ୍.ଏ. ପରୀକ୍ଷା ଦେବ ନାହିଁ। ତା'ପରେ ଉଦ୍‌ଗାତା ବାବୁ କହିଲେ- "ଠିକ୍ ଅଛି, ତା' ହେଲେ ଏମ୍.ଏ. ପରୀକ୍ଷା ଦେବା।" ତତ୍ପରେ ରାମବାବୁ କହିଲେ- "ହଁ, ହଁ, ଆପଣ ନିଶ୍ଚୟ ଓଡ଼ିଆ ଏମ୍.ଏ. ପରୀକ୍ଷା ଦେବେ, କଥା ଦିଅନ୍ତୁ।" ଆଉଥରେ ପୁନର୍ବାର ଉଦ୍‌ଗାତା ବାବୁ କହିଲେ- "ହଉ କଥା ଦେଲି, ମୁଁ ଓଡ଼ିଆ ଏମ୍.ଏ. ପରୀକ୍ଷା ଦେବି।" ଏ କଥା ରାମବାବୁ ଗଙ୍ଗାଧର ଜୟନ୍ତୀ ଉତ୍ସବ ସଭାପରେ କହିଥିଲେ। ଏହାହେଲା ଉପଯୁକ୍ତ ବନ୍ଧୁତାର ପରିଚ୍ୟୟକ। ତାପରେ ଘରକୁ ଆସି ସେ ତାଙ୍କ ନନାଙ୍କ

Digitized by srujanika@gmail.com

ଓଡ଼ିଆ ଏମ୍.ଏ. ପରୀକ୍ଷା ଦେବେ ବୋଲି କହିଲେ । ତାଙ୍କ ନନା ତତ୍‌କ୍ଷଣାତ୍ ତାଙ୍କ କଥାରେ ସମ୍ମତି ପ୍ରଦାନ କରି ପରୀକ୍ଷା ଫିଜ୍ ଟଙ୍କା ୩୦୦/୪୦୦ ତାଙ୍କୁ ଧରାଇ ଦେଲେ । ସେହି ଦିନଠାରୁ ଉଦ୍‌ଗାତା ବାବୁ ଆରମ୍ଭ କଲେ ତାଙ୍କର ଓଡ଼ିଆ ଏମ୍.ଏ. ପରୀକ୍ଷା ଦେବା ପାଇଁ ଅଧ୍ୟବସାୟ । ଆରମ୍ଭ ହେଲା ସାଧନା । ଚାକିରୀରୁ ଛୁଟୀ ନେଇ ଦିନ ରାତି ପ୍ରାୟ ୧୮ ଘଣ୍ଟା ଗୋଟିଏ ଜାଗାରେ ଆମର ବଲାଙ୍ଗୀର ବାସଗୃହର ଉପର କୋଠରୀରେ ବସି ସ୍ଥିର ଚିତ୍ତରେ ଅନ୍ୟ କୌଣସି ପ୍ରକାର ଦୁଶ୍ଚିନ୍ତା ମନକୁ ନ ଆଣି ଚାଲିଲା ବିଦ୍ୟାପାଠ ରୂପୀ ନିରବଚ୍ଛିନ୍ନ ଧ୍ୟାନ । ତାଙ୍କ ପାଖକୁ ଖାଦ୍ୟ ପେୟ ଇତ୍ୟାଦି ନେଇ ଯୋଗାଇବା ଏବଂ ତାଙ୍କର ଅନ୍ୟାନ୍ୟ ସେବା ପାଇଁ ଭଗବାନ ଜୁଟାଇ ଦେଇଥିଲେ ନିରଳସୀ, ସେବାପ୍ରେମୀ, ସେବାପରାୟଣା ସାଧିକା ସେବିକା ଶ୍ରୀମତୀ ସରସ୍ୱତୀ ଦେବୀ (ତାଙ୍କର ପତ୍ନୀ) ଙ୍କୁ । ସ୍ୱସୁଖ ନିରଭିଳାଷୀ ହୋଇ ପରିବାରର ଅନ୍ୟ ସମସ୍ତଙ୍କର ସେବା କରିବାହିଁ ଥିଲା ଶ୍ରୀମତୀ ଉଦ୍‌ଗାତାଙ୍କ ଜୀବନର ସାଧନା ତଥା ପରମବ୍ରତ । ମୋର ଓ ସାନ ପିଉସୀ ବିନୋଦିନୀର ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଶେଷ ହୋଇଥିଲା ୧୯୫୭ ଖ୍ରୀ: ମାର୍ଚ୍ଚ ମାସରେ । ଆମକୁ ମଧ୍ୟ ପାଠପଢ଼ାରୁ ଥରକୁ ଥର ଖାଇବା ପିଇବା କାମ ପାଇଁ ନ ଆସିବାକୁ କଠୋର ନିର୍ଦ୍ଦେଶ ଦିଆ ହୋଇଥିଲା । ଖାଇବା ଲାଗି ଜଳଖିଆ ସେଠାକୁ ଆମପାଇଁ ମୋର ମାଁ ନେଇ ଦେଉଥିଲେ । ଭାତ ଖାଇବା ପାଇଁ ଏବଂ ନିଦ୍ରା ଓ ଅନ୍ୟ ନିତ୍ୟକର୍ମ ପାଇଁ ଯେତେ ସମ୍ଭବ ଅଳ୍ପ ସମୟ ନଷ୍ଟ କରି **ପ୍ରାୟ ୧୬/୧୭ ଘଣ୍ଟା ଅଧ୍ୟବସାୟ କରୁଥିଲୁଁ ।** ମୋନାନା ସଂସ୍କୃତ ଏମ୍.ଏ. ପରୀକ୍ଷା ଦେବା ସମୟରେ ଏହିପରି ପାଠ ପଢ଼ିବା କଥା ଆମେ ଦେଖିଥିଲୁ ଓ ସେଠାରୁ ଶିଖିଥିଲୁଁ । ଓଡ଼ିଆ ଏମ.ଏ. ପରୀକ୍ଷା ଦେବା ସମୟରେ ସେହିପରି ଅକ୍ଳାନ୍ତ ପରିଶ୍ରମ କରି ସେ ପାଠ ପଢ଼ି ୧୯୫୭ଖ୍ରୀ: ମେ / ଜୁନ୍ ମାସରେ ପରୀକ୍ଷା ଦେବା ପାଇଁ କଟକ ଗଲେ । ଉକ୍ତ ବର୍ଷ ସେପ୍‌ଟେମ୍ବର / ଅକ୍ଟୋବର ଆଡ଼କୁ ତାଙ୍କର ପରୀକ୍ଷା ଫଳ ବାହାରିଲା । ସେତେବେଳେ ରେଭେନ୍ସା କଲେଜରେ ଓଡ଼ିଆ ବିଭାଗରେ ପ୍ରଫେସର୍ ଡ: କୁଞ୍ଜବିହାରୀ ତ୍ରିପାଠୀ ବିଭାଗୀୟ ମୁଖ୍ୟ ଥିଲେ । ଡ: ଆର୍ତ୍ତବଲ୍ଲଭ ମହାନ୍ତି ଶ୍ରୀଯୁକ୍ତ ଗୌରୀ କୁମାର ବ୍ରହ୍ମା, ଡ: କୁଞ୍ଜବିହାରୀ ଦାସ ପ୍ରଭୃତି ଓଡ଼ିଆ ସାହିତ୍ୟ ବିଭାଗ କ୍ଷେତ୍ରରେ ଥିଲେ ପ୍ରବୀଣ ଓ ଧୂରୀଣ । ସେତେବେଳେ ଉଦ୍‌ଗାତା ବାବୁଙ୍କର ଓଡ଼ିଆ ଏମ.ଏ. ପରୀକ୍ଷା ଫଳ ସାରା ଓଡ଼ିଶାରେ ସୃଷ୍ଟି କରିଥିଲା ଏକଚମକ । ଚାରିଆଡ଼େ ପଡ଼ିଯାଇଥିଲା ଚହଳ । ରେଖା ମହାନ୍ତି, ଦେବେନ୍ଦ୍ର ମହାନ୍ତି ପ୍ରଭୃତି ଯେଉଁ କେତେଜଣ ନିୟମିତ ଛାତ୍ର ଭାବରେ

Digitized by srujanika@gmail.com

ପରୀକ୍ଷା ଦେଇଥିଲେ ସେମାନଙ୍କର ପରୀକ୍ଷା ଫଳ ଘରୋଇ ଛାତ୍ର ଉଦ୍‌ଗାତାଙ୍କ ଠାରୁ ନ୍ୟୁନ ହେବା ଫଳରେ ସେମାନଙ୍କ ମନରେ ଅଶେଷ ଦୁଃଖଜାତ ହୋଇଥିଲା । ସମସ୍ତ ଓଡ଼ିଆ ଅଧ୍ୟାପକ ବର୍ଗ ମଧ୍ୟ ଏଥିରେ ବିସ୍ମୟାଭିଭୂତ ହୋଇ ଯାଇଥିଲେ । ତପ୍ରରେ ଆରମ୍ଭ ହେଲା ତାଙ୍କ ଜୀବନର ନୂତନ ଅଧ୍ୟାୟ ।

ଦ୍ୱୟୋର୍ବିବାଦେ ତୃତୀୟସ୍ୟ ଲାଭଃ

୧୯୫୭ ଖ୍ରୀ:ରେ ଉଦ୍‌ଗାତା ବାବୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଘରୋଇ ଭାବରେ ଓଡ଼ିଆ ଏମ.ଏ. ପରୀକ୍ଷା ଦେଲା ବେଳେ ତାଙ୍କ ସହ ନିୟମିତ ଛାତ୍ର ଭାବରେ ପରୀକ୍ଷା ଦେଇଥିଲେ ଶ୍ରୀଯୁକ୍ତ ଦେବେନ୍ଦ୍ର ମହାନ୍ତି ଓ ରେଖା ମହାନ୍ତି ଇତ୍ୟାଦି ଆହୁରି କେତେଜଣ । ସେ ପର୍ଯ୍ୟନ୍ତ ଘରୋଇ ଛାତ୍ର ଭାବରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ କେହି ଅଧିକାର କରିପାରି ନଥିଲେ । ଉଦ୍‌ଗାତା ବାବୁ ଏଥିରେ ପ୍ରଥମ ହୋଇ ଦୀର୍ଘଦିନର ରେକର୍ଡ ଭାଙ୍ଗିଲେ । ସେ ସମୟରେ କଟକର ରେଭେନ୍ସା ମହାବିଦ୍ୟାଳୟରେ ଓଡ଼ିଆ ଓ ସଂସ୍କୃତ ବିଭାଗ ଗୋଟିଏ ବିଭାଗ ହୋଇ ରହିଥିଲା । ତେଣୁ ପ୍ରଫେସର ଡ: ଆର୍ତ୍ତବଲ୍ଲଭ ମହାନ୍ତି, ପ୍ର: ଡ: କୁଞ୍ଜବିହାରୀ ତ୍ରିପାଠୀ, ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ମହାନ୍ତି, ସାବିତ୍ରୀ ନନ୍ଦ, ଶାନ୍ତି ମିଶ୍ର, ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ), ଡ: ସାବିତ୍ରୀ ରାଉତ୍, ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ତ୍ରିପାଠୀ ପ୍ରଭୃତି ଅନେକ ଅଧ୍ୟାପକ, ଅଧ୍ୟାପିକା ରୂପେ ଚାକିରୀ କରୁଥିଲେ । ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କର ଅଭୂତପୂର୍ବ କୃତିତ୍ୱ ଦେଖି ସେତେବେଳେ କଟକ ରେଭେନ୍ସା କଲେଜ, ଉତ୍କଳ ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର, ସମ୍ବଲପୁର ତଥା ସମଗ୍ର ଓଡ଼ିଶାରେ ଚହଳ ପଡ଼ିଗଲା । ସୃଷ୍ଟି ହେଲା ଏକ ଚମକ । ସମସ୍ତ ଅଧ୍ୟାପକ ଅଧ୍ୟାପିକା ବିସ୍ମୟାଭିଭୂତ ହୋଇଗଲେ । କାରଣ ପରୀକ୍ଷା ଫଳ ବାହାରିବା ଆଗରୁ ସମସ୍ତେ ଭାବୁଥିଲେ ଉକ୍ତ ସ୍ଥାନର ଅଧିକାରୀ ହେବେ ରେଭେନ୍ସା କଲେଜର ନିୟମିତ ଛାତ୍ର ଦେବେନ୍ଦ୍ର ମହାନ୍ତି କିମ୍ବା ରେଖା ମହାନ୍ତି । ଉଭୟ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଚାଲିଥିଲା ତୀବ୍ର ପ୍ରତିଯୋଗିତା । ଗୋଟିଏ ଦୁଇଟା ନମ୍ବରର କମ୍ ବେଶୀରେ ହେବ ଦୁହିଁଙ୍କର ଭାଗ୍ୟ ପରୀକ୍ଷା । ସମସ୍ତେ ଉତ୍କଣ୍ଠିତ ଚିତ୍ତ, ଉଦ୍‌ବିଗ୍ନ ହୃଦୟରେ ରହିଥାନ୍ତି ପରୀକ୍ଷା ଫଳ ଘୋଷଣା ଅପେକ୍ଷାରେ । ପରୀକ୍ଷା ଫଳ ଘୋଷିତ ହେଲା । ଫଳ ଦେଖିଲା ବେଳକୁ ଘଟିଛି ଦ୍ୱୟୋର୍ବିବାଦେ ତୃତୀୟସ୍ୟ ଲାଭଃ । କ'ଣ ହେଲା, କିପରି ହେଲା ଏ ଘଟଣା । ଯେଉଁ

Digitized by srujanika@gmail.com

ଛାତ୍ର କେବେ କଲେଜରେ ଅଧ୍ୟୟନ କରିନାହିଁ, କୌଣସି ଅଧ୍ୟାପକ, ଅଧ୍ୟାପିକାଙ୍କୁ ବ୍ୟକ୍ତିଗତ ଭାବରେ ଜାଣେ ନାହିଁ, ଚିହ୍ନା ପରିଚୟ ନାହିଁ, କେହି ମଧ୍ୟ ଯାହାକୁ ଜାଣନ୍ତି ନାହିଁ, ସେହି ଅନାମଧେୟ ଘରୋଇ ଛାତ୍ର ଶ୍ରୀଯୁକ୍ତ ଉଦ୍‌ଗାତା ଅଧିକାର କଲେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ। ସମସ୍ତେ କହନ୍ତି ସେତେବେଳେ ଏମ.ଏ.ରେ ଥିଲା ଆଠଟି ପେପର୍ ସାଙ୍ଗରେ ଆଉ ଗୋଟିଏ ଅଧିକା ପେପର୍। ତାହା ହେଉଛି ନବମ ପେପର୍। ଉକ୍ତ ପତ୍ରଟି ହେଲା ପ୍ରଫେସରଙ୍କୁ ତେଲ ମାରିବା ବା ଖୋସାମତ କରିବା। ସମସ୍ତେ ଭାବୁଥିଲେ ଦେବେନ୍ଦ୍ର କି ରେଖା କିଏ ସେ ପତ୍ରରେ ଅଧିକା ନମ୍ବର ରଖିବ। କାରଣ ଏ ପତ୍ରର ଓଜନ ଅନ୍ୟାନ୍ୟ ପେପର ଅପେକ୍ଷା ବେଶୀ। ସମସ୍ତଙ୍କର ଏହି ଭ୍ରମଧାରଣା ଚୂରମାର୍ କଲେ ଉଦ୍‌ଗାତାବାବୁ। ନବମ ପତ୍ର ହରାଇଲା ତାର ସ୍ଥିତି। ତାହା ହେଲା ମୂଲ୍ୟହୀନ। ସମସ୍ତେ ନତମସ୍ତକ ହେଲେ ପ୍ରତିଭା ଓ ଭାଗ୍ୟବାଦର ପଦ ତଳେ। ଦୃଢ଼ ଭାବରେ ପ୍ରତିଷ୍ଠିତ ହେଲା "ଭାଗ୍ୟଂ ଫଳତି ସର୍ବତ୍ର ନ ବିଦ୍ୟା ନ ଚ ପୌରୁଷମ୍"।

ପବ୍ଲିକ ସର୍ଭିସ୍ କମିଶନ୍ ଇଣ୍ଟରଭ୍ୟୁ

୧୯୫୭ ଖ୍ରୀ:ର ଦ୍ୱିତୀୟାର୍ଦ୍ଧ। ଓଡ଼ିଆ ଏମ.ଏ. ପରୀକ୍ଷା ଫଳ ଘୋଷିତ ହେବାପରେ ଅକ୍ଟୋବର / ନଭେମ୍ବର ବେଳକୁ ଓଡ଼ିଶା ପବ୍ଲିକ ସର୍ଭିଶ୍ କମିଶନ୍‌ର ଇଣ୍ଟରଭ୍ୟୁ ତାରିଖ। ସେତେବେଳେ ପ୍ରତିବର୍ଷ ଓଡ଼ିଶା ପି.ଏସ.ସି.ର ଇଣ୍ଟରଭ୍ୟୁ ହେଉଥିଲା। ସମଗ୍ର ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ପ୍ରାର୍ଥୀ ମାନେ ଉକ୍ତ ଇଣ୍ଟରଭ୍ୟୁ ଦେଇ ଯାଉଥିଲେ। ପ୍ରାୟ ୧୯୭୦/୮୦ ପର୍ଯ୍ୟନ୍ତ ଏହିପରି ହେଉଥିଲା। କିନ୍ତୁ ତାପରେ ଆଉ ପ୍ରତିବର୍ଷ ନହୋଇ ଆସ୍ତେ ଆସ୍ତେ ୪।୫।୭ କିମ୍ବା ଆହୁରି ବିଳମ୍ବରେ ଉକ୍ତ ଇଣ୍ଟରଭ୍ୟୁ ଅନୁଷ୍ଠିତ ହେଲା। ତେଣୁ ପରୀକ୍ଷାର୍ଥୀଙ୍କ ସଂଖ୍ୟା କ୍ରମଶଃ ପରିବୃଦ୍ଧି ହେବାକୁ ଲାଗିଲା। ଏତେ ଏତେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଯୋଗ୍ୟ ବିବେଚିତ ହେବା ବାସ୍ତବିକ କଷ୍ଟସାଧ୍ୟ। ତେଣୁ ବର୍ତ୍ତମାନ ଯୁଗର ଛାତ୍ରଗଣ ପ୍ରାୟ ନୈରାଶ୍ୟ ସାଗରରେ ନିମଜ୍ଜିତ ରହି ମାନସିକ ଯନ୍ତ୍ରଣା ଭୋଗ କରୁଛନ୍ତି। କାରଣ ସ୍ୱାବଲମ୍ବନଶୀଳ ନ ହୋଇ ଚାକିରୀ କରି ଅର୍ଥୋପାର୍ଜନ କରିବା ତାର ଅସ୍ଥି ମଜ୍ଜାଗତ ହୋଇଯାଇଛି।

୧୯୫୭ ସାଲ୍‌ରେ ଅନୁଷ୍ଠିତ ଇଣ୍ଟରଭ୍ୟୁରେ ଉଦ୍‌ଗାତା ବାବୁ ଓଡ଼ିଶା ଶିକ୍ଷା ବିଭାଗରୁ ଅଧ୍ୟାପକ ହେବା ପାଇଁ ଯୋଗ୍ୟ ବିବେଚିତ ହେଲେ। ଓଡ଼ିଶା ଉଚ୍ଚ ଶିକ୍ଷା

Digitized by srujanika@gmail.com

ବିଭାଗରୁ କଟକ ରେଭେନ୍ସା କଲେଜର ଅଧ୍ୟାପକ ଭାବରେ ତାଙ୍କ ନିକଟକୁ ନିଯୁକ୍ତି ପତ୍ର ଆସିଗଲା । ସେ ଦିନଟି ଉଦ୍‌ଗାତା ବାବୁଙ୍କ ଲାଗି ଆଣିଥିଲା ଅପାର ଆନନ୍ଦ । ଦୀର୍ଘଦିନ ଧରି ଶିକ୍ଷା ବିଭାଗରେ ଚାକିରୀ କରି ଘରୋଇ ଭାବରେ ପରୀକ୍ଷା ଗୋଟିଏ ପରେ ଗୋଟିଏ ଦେଇ ସେଥିରେ ଉତ୍ତୀର୍ଣ୍ଣ ହୋଇ ସୋପାନ ପରେ ସୋପାନ ଅତିକ୍ରମ କରି ଉଚ୍ଚରୁ ଉଚ୍ଚକୁ ଆରୋହଣ କରି ଚାକିରୀ, ପରିବାର ଦାୟିତ୍ୱ ସମାପନ କରି ସେ ଆଜି ଉଚ୍ଚତମ ସୋପାନରେ ଅଧିରୁଢ଼ । ଅବଶ୍ୟ ତା ଅପେକ୍ଷା ଆହୁରି ଅନେକ ସୋପାନ ନିଶ୍ଚୟ ବାକି ଅଛି । ତଥାପି ସେ ସମୟରେ ତାଙ୍କ ନିମିତ୍ତ ତାହା ଗୋଟିଏ ସିଡ଼ିର ଉଚ୍ଚତମ ସୋପାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାଦ୍ୱାରା ଉଦ୍‌ଗାତା ବାବୁ ହେବେ ଟ୍ରେଣ୍ଡ ଗ୍ରାଜୁଏଟ୍ ଟିଚର୍‌ରୁ କ୍ଲାସ୍ ଟୁ ଓ.ଇ.ଏସ. (Class II O.E.S.) ଅଧ୍ୟାପକ ।

ନିଯୁକ୍ତି ପତ୍ରଟି ପାଇବା ପରେ ସେ ତାଙ୍କ ପିତା ମାତାଙ୍କ ପାଦ ତଳେ ନତମସ୍ତକ ହେଲେ ଏବଂ ପତ୍ରର ବିଷୟବସ୍ତୁ କହିଲେ । ପିତାମାତା ତାହା ଶୁଣି ଆନନ୍ଦରେ ବିଭୋର ହୋଇ ଉଠିଲେ । ସ୍ନେହଶୀଳା ଜନନୀ କହିଲେ- "ଆଜି ମୋ ଗୋବିନ୍ଦର ମନସ୍କାମନା ପୂର୍ଣ୍ଣ କଲେ ମାଁ ସମଲାଇ" । ମୋ ଗୋବିନ୍ଦ ଅଧ୍ୟାପକ ହେବ । କଟକର ବଡ଼ କଲେଜରେ ବଡ଼ ବଡ଼ ପିଲା ମାନଙ୍କୁ ପାଠ ପଢ଼ାଇବ । ହେ ପ୍ରଭୁ ! ଅନ୍ତର୍ଯ୍ୟାମୀ, ଅନ୍ତର୍ଗତ ବାରତା ଜାଣ । ତାଙ୍କ ସ୍ତ୍ରୀ ଓ ପରିବାରର ଅନ୍ୟ ସମସ୍ତେ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇ ଉଠିଲେ । ଉଦ୍‌ଗାତା ବାବୁ ବର୍ତ୍ତମାନ ହେବେ ଶିକ୍ଷକରୁ ଅଧ୍ୟାପକ ।

ବଲାଙ୍ଗୀର ଟିକ୍ରାପଡ଼ାରେ ତାଙ୍କ ବାସଗୃହକୁ ଲାଗି ତାଙ୍କ ଦଦେଇ (ବଡ଼ବାପା) ଶ୍ରୀଯୁକ୍ତ ଲିଙ୍ଗରାଜ ଉଦ୍‌ଗାତାଙ୍କ ଘର । ତାଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଉଦ୍‌ଗାତା ଥିଲେ ପୃଥ୍ୱୀରାଜ ଉଚ୍ଚ ଇଂରାଜୀ ବିଦ୍ୟାଳୟ ବଲାଙ୍ଗୀରର ସଂସ୍କୃତ ଶିକ୍ଷକ । ସେ ଥିଲେ ତାଙ୍କର ଭାଇନା । ଉଦ୍‌ଗାତା ବାବୁ ତାଙ୍କ ପାଖକୁ ଯାଇ ନମସ୍କାର କରି ତାଙ୍କୁ ମଧ୍ୟ ପୂର୍ବକଥା ସବୁ କହିଲେ । ଆହୁରି ମଧ୍ୟ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଉଦ୍‌ଗାତା ଥିଲେ ଜଣେ ବଡ଼ ଜ୍ୟୋତିଷ । ଜାତକ ଦେଖିବାରେ **ସେଥିଲେ** ଜଣେ ଧୂରୀଣ ବ୍ୟକ୍ତି । ଉଦ୍‌ଗାତା ବାବୁ ତାଙ୍କୁ ସେଠାରେ ନୂଆଁ ଚାକିରୀରେ ଯୋଗଦାନ କରିବା ପାଇଁ ଏକ ତିଥି ଅମୃତ, ମାହେନ୍ଦ୍ର ବେଳା ଘଡ଼ି ଦେଖି ଦେବା ପାଇଁ କହିଲେ । ତାହା ଶୁଣି ସେ କହିଲେ- "ଗୋବିନ୍ଦ ! ତୁ ସେ ଚାକିରୀରେ ଯୋଗଦାନ କରିବା ନିମିତ୍ତ ଯାଆନା । ବଡ଼ ପୋଷ୍ଟ ସିନା । କିନ୍ତୁ କଟକ ସହର । କେଡ଼େ ମହରଗ ଜାଗା । ଅଧ୍ୟାପକ ଦରମା ପୁଣି କେତେ ଅଛା । ପୁଣି ସେଠି ତ ଆଉ ଟ୍ୟୁସନ୍ କରି

Digitized by srujanika@gmail.com

ଟଙ୍କା ପାଇବୁ ନାହିଁ । ତେଣୁ ଏତେ ଅଳ୍ପ ଦରମାରେ କଟକ ସହରରେ ପରିବାର ଚଳାଇବୁ କେମିତି ? ସେଥିପାଇଁ ତୁ ସେଠାକୁ ନଗଲେ ଭଲ ହୁଅନ୍ତା ବୋଲି ମୋର ମତ ।" ଉଦ୍‌ଗାତା ବାବୁ ତାହା ଉପରେ ନୀରବ ରହି କେବଳ ପାଞ୍ଜି ଦେଖି ଭଲ ସମୟ ବାହାର କରି ତାଙ୍କୁ କହିଦେବା ନିମିତ୍ତ ତାଙ୍କୁ (ଜ୍ୟୋତିଷଙ୍କୁ) ଅନୁରୋଧ କଲେ । ତାପରେ ସେ ତା.୩୧.୧୨.୫୭ ଦିନର ଅମୃତ ବେଳା ପାଞ୍ଜି ଦେଖି ବାହାର କରିଦେଲେ ।

ଅଧ୍ୟାପକ ଉଦ୍‌ଗାତା

୧୯୫୮ଖ୍ରୀ: ଜାନୁୟାରୀ ତା.୨ କଲେଜର ବଡ଼ଦିନ ଛୁଟୀ ପରବର୍ତ୍ତୀ କଲେଜ ଉନ୍ମୋଚନ ଦିବସ । ଉଦ୍‌ଗାତା ବାବୁ ବଲାଙ୍ଗୀରର ପୃଥ୍ୱୀରାଜ ଉଚ୍ଚ ଇଂରାଜୀ ବିଦ୍ୟାଳୟରୁ ରିଲିଭ୍ ହେଲେ କିଛିଦିନ ଆଗରୁ । ପୃଥ୍ୱୀରାଜ ହାଇସ୍କୁଲର ଶିକ୍ଷକ ମାନେ ଯଥା : ଶ୍ରୀଯୁକ୍ତ ହରିହର ମିଶ୍ର, ଲକ୍ଷ୍ମୀ ନାରାୟଣଗୁରୁ, ରାମଚନ୍ଦ୍ର ପଟ୍ଟନାୟକ ପ୍ରଭୃତି ଏବଂ ଛାତ୍ର ମାନେ ସମସ୍ତେ ଶୋକାକୁଳିତ ହୃଦୟରେ ବିଦାୟ ଦେଲେ ଉଦ୍‌ଗାତା ବାବୁଙ୍କୁ । ଉଦ୍‌ଗାତା ବାବୁ ତାଙ୍କର ଶିକ୍ଷାଳୟ, ଶିକ୍ଷକ ବନ୍ଧୁ ତାଙ୍କର ଆଦରର ଶ୍ରଦ୍ଧେୟ ଛାତ୍ର ମାନଙ୍କ ପାଖରୁ ବିଦାୟ ନେଇ ଅଗ୍ରସର ହେଲେ ନୂତନ କର୍ମକ୍ଷେତ୍ର କଟକ ରେଭେନ୍ସା କଲେଜ ଓଡ଼ିଆ ବିଭାଗରେ ଅଧ୍ୟାପକ ରୂପେ ଯୋଗଦାନ କରିବାକୁ । ଶିକ୍ଷକ ଥିଲେ, ହେଲେ ଅଧ୍ୟାପକ । ତାଙ୍କ ଜୀବନରେ ଆରମ୍ଭ ହେଲା ଦ୍ୱିତୀୟ ପର୍ଯ୍ୟାୟ । ଥିଲେ ବଲାଙ୍ଗୀରରେ, ଗଲେ କଟକ, ଯାହା ଦିନେଥିଲା ଓଡ଼ିଶାର ରାଜଧାନୀ । ମନେ ପଡ଼ିଯାଉଥିଲା । "କଟକ ସହର କେଡ଼େ ମନୋହର, ବାଟେ ଭାବୁଥାଏଁ ମୁହିଁ" - ପଂକ୍ତିଟି । ଉଦ୍‌ଗାତା ବାବୁ ଛାଡ଼ିଲେ ତାଙ୍କର ଜନ୍ମଭୂମି ବଲାଙ୍ଗୀର । ଛାଡ଼ିଲେ ତାଙ୍କର ଅଗାଧ ସ୍ନେହର ଆଧାର ନନା ବୋଉଙ୍କୁ । ଯାହା ହେଲେ, ଯେତେ କାମ କଲେ ମଧ୍ୟ ସେ ସେଠାରେ ରହିଥିଲେ ବାପର ପୁଅ ଭାବରେ । ତାଙ୍କର ବଲାଙ୍ଗୀର ଛାଡ଼ିବା ସମୟର "ଜନନୀ, ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" - **ଅନୁସାରେ** ଭାବପ୍ରବଣତା ଜନିତ ଦୁଃଖ ମୋର ଏବେ ମଧ୍ୟ ସ୍ମୃତିପଥାରୁଢ଼ ହେଉଛି । ଜ୍ୟେଷ୍ଠପୁତ୍ର, ଭଲ ବଡ଼ ଚାକିରୀ ପାଇ ନନା ବୋଉଙ୍କୁ ଛାଡ଼ି ଯାଉଥିଲେ, କର୍ମକ୍ଷେତ୍ରରେ ଯୋଗଦାନ କରିବା ନିମିତ୍ତ ଛୋଟ ଯାଗାରୁ ବଡ଼ ଯାଗାକୁ । ଉଦ୍‌ଗାତା ବାବୁ ନିଜେ ଜଣେ ଅତିଶୟ ଭାବପ୍ରବଣ ବ୍ୟକ୍ତି । ସେଥିରେ ସହାୟକ ହେଲା ପୁଣି ସାହିତ୍ୟ, ଯାହାର ମୂଳ ଉତ୍ସ ଭାବାବେଗ । ତା ସାଙ୍ଗରେ ପୁଣି ଯୋଗଦେଲେ ଜଣେ ବିଖ୍ୟାତ ସଂସ୍କୃତ ପଣ୍ଡିତ

Digitized by srujanika@gmail.com

ତାଙ୍କ ପିତା ଶ୍ରୀଯୁକ୍ତ ଲମ୍ବୁକେଶ୍ୱର ଉଦ୍‌ଗାତା । ତାଙ୍କ ସହ ପୁଣି ଆଉ ଜଣେ ମିଶିଲେ ତାଙ୍କର ଆବେଗମୟୀ ସ୍ନେହଶୀଳାଜନନୀ ନେତ୍ରମଣି । ଘରିଜଣଙ୍କର ସମ୍ମିଶ୍ରଣରେ ହେଲା ସମସ୍ତଙ୍କ ଚକ୍ଷୁରୁ ଅଶ୍ରୁ ବିମୁଞ୍ଚନ । କାହାରି ମୁଖରେ ନଥିଲା ବାକ୍‌ସ୍ଫୁର୍ତ୍ତି । କଣ୍ଠ ବାଷ୍ପରୁଦ୍ଧ ହୋଇଯାଉଥିଲା । ବୋଉଙ୍କର ସ୍ନେହାଶୀର୍ବାଦ ହସ୍ତ ଆଉ ଉଦ୍‌ଗାତା ବାବୁଙ୍କ ମସ୍ତକ, ପିଠି ସ୍ପର୍ଶ କରିବ ନାହିଁ । ଏତାଦୃଶ ଭାବନା ତାଙ୍କ ମନକୁ ବ୍ୟସ୍ତ ତଥା ବ୍ୟଥିତ କରୁଥିଲା । ଅବଶ୍ୟ ସେଥିରେ କିଞ୍ଚିତ ପରିମାଣରେ ମିଶିଥିବ ଆନନ୍ଦାଶ୍ରୁ । କିନ୍ତୁ ସେହି ମୁହୂର୍ତ୍ତରେ ଆନନ୍ଦ ଓ ଦୁଃଖକୁ ସ୍ୱତନ୍ତ୍ର କରିହୁଏ ନାହିଁ । ସେ ସମୟର ଅବସ୍ଥା ତେଣୁ ଗୋଟିଏ ପଦରେ କୁହାଯାଇପାରିବ ବର୍ଣ୍ଣନାତୀତ - "ହୃଦ ସେ କେବଳ ପାରେ ଅନୁଭବି ।"

ଜିପ୍ ଆସି ଘରେ ଦାଣ୍ଡଦୁଆରେ ପହଞ୍ଚିଗଲା । ସମସ୍ତ କଟକକୁ ନିଆ ହେବା ଜିନିଷାଦି ସେଥିରେ ରଖା ହେଲା । ଘରର ବଡ଼ ବୋହୁ ଶ୍ରୀମତୀ ସରସ୍ୱତୀ ଉଦ୍‌ଗାତା ଶାଶୁ ଘର ଛାଡି ସ୍ୱାମୀଙ୍କ ସହ କଟକ ଯିବେ ବୋଲି ସ୍ଥିର ହେଲା । ତାଙ୍କ ସହ ତାଙ୍କର ପାଞ୍ଚୋଟି କନ୍ୟା ରେଣୁ, ମୀରା, ଜ୍ୟୋତି, ଜ୍ୟୋତ୍ସ୍ନା (ଗୁଲୁ) ଇନ୍ଦିରା (ଝୁଲୁ) ମଧ୍ୟ ଯିବା କଥା । ସରସ୍ୱତୀ ଦେବୀ ତାଙ୍କ ପିତ୍ରାଳୟ ବଲାଙ୍ଗୀରର କେଉଁ ଏକ କ୍ଷୁଦ୍ରପଲ୍ଲୀ ଜମୁଟିଆରୁ ଆସିଥିଲେ ଶାଶୁଘର ବଲାଙ୍ଗୀର ସହରକୁ । ବାପଘର, ଶାଶୁଘର ଏବଂ ପରିବାରର ସମସ୍ତ ସଦସ୍ୟଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ ବ୍ୟତୀତ ଅନ୍ୟ କୌଣସି ବିଷୟରେ ତାଙ୍କର ଆଗ୍ରହ ନଥିଲା । ଅକ୍ଲାନ୍ତ ଶାରୀରିକ ପରିଶ୍ରମ କରି କର୍ତ୍ତବ୍ୟ ସାଧନ କରିବା ଥିଲା ତାଙ୍କ ଜୀବନର ଲକ୍ଷ୍ୟ । ସେବାହିଁ ଥିଲା ତାଙ୍କ ଜୀବନର ସର୍ବସ୍ୱ । ୧୯୩୭ଖ୍ରୀ: ରୁ ୧୯୫୭ଖ୍ରୀ: ପର୍ଯ୍ୟନ୍ତ ଦୀର୍ଘ କୋଡ଼ିଏ ବର୍ଷ ଯେଉଁ ଘରକୁ ସେ ଆପଣାର କରି ଆସିଥିଲେ ଆଜି ସେହିଘର, ଶାଶୁ, ଶ୍ୱଶୁର, ନଣନ୍ଦ, ଦିଅର, ଯାଆ, ଦେଢ଼ଶୁର, ଖୁଡ଼ୀ ଶାଶୁ, କକେଇ ଶ୍ୱଶୁର, ଦେଠେଇ ଶାଶୁ, ଦଦେଇ ଶ୍ୱଶୁର, ଦେଢ଼ଶାଶୁ ପୁତୁରା, ଝିଆରୀ, ଭଣଜା, ଭାଣିଜୀ ସମସ୍ତଙ୍କୁ ଛାଡ଼ି ତାଙ୍କୁ ଯିବାକୁ ହେବ କେବଳ ନିଜ ସ୍ୱାମୀ ଓ କନ୍ୟା ମାନଙ୍କ ସହ । ବର୍ତ୍ତମାନ ପରିବାର କହିଲେ ତାଙ୍କ ଲାଗି ହେବେ କେବଳ ଛଅ ଜଣ ଓ ସେ ନିଜେ । କଟକ ପରି ରାଜ୍ୟ ଘହିଁଲେ ଆଖି ପାଉ ନାହିଁ । ସାହୀ ପଡ଼ିଶା ସମସ୍ତେ ଅଚିହ୍ନା, ଅଜଣା । ଘରଲୋକ, ନିଜ ଲୋକ କେହି ନଥିବେ । ପରିବେଶ ସ୍ୱତନ୍ତ୍ର । ସେଥିରେ ନିଜର କେବଳ ଝିଅ ମାନେ । ସ୍ୱାମୀ ତ ଚାକିରୀ କରିବାକୁ ଚାଲିଯିବେ । ଝିଅ ମାନଙ୍କ ମଧ୍ୟରୁ ତିନିଚାରି ଜଣ ସ୍କୁଲ କଲେଜକୁ ପାଠ ପଢ଼ିବାକୁ ଯିବେ । ସେ ଏକାକିନୀ ସାନ ଝିଅକୁ ଧରି ଘରେ

Digitized by srujanika@gmail.com

ରହିବେ । କ'ଣ କରିବେ, କିପରି ଚଳିବେ । ମାତାପିତା ପ୍ରତିମ ଦାୟିତ୍ୱବହନକାରୀ ଶାଶୁ ଶ୍ୱଶୁରଙ୍କୁ ଛାଡ଼ିଗଲା ବେଳକୁ ତାଙ୍କର ମଧ ମନ ଭାରାକ୍ରାନ୍ତ ହୋଇ ଉଠୁଥିଲା । କଣ୍ଠ ବାଷ୍ପରୁଦ୍ଧ ହୋଇ ଯାଉଥିଲା । ହୃଦୟ ଶୋକ ଗଦ୍‌ଗଦ୍ ହୋଇ ଉଠୁଥିଲା । ଝିଅ ମାନେ ମଧ ତାଙ୍କର ବାଲ୍ୟ ସାଙ୍ଗସାଥୀ, ଜନ୍ମଭୂମି ଛାଡ଼ି ଯାଉଥିଲେ ବୋଲି ଦୁଃଖରେ ମ୍ରିୟମାଣ ହୋଇ ଉଠୁଥିଲେ । ସେମାନଙ୍କର ଚକ୍ଷୁରୁ ଧାର ଧାର ହୋଇ ଅଶ୍ରୁ ବିନିର୍ଗତ ହେଉଥିଲା । କିନ୍ତୁ ସବୁକାର୍ଯ୍ୟର ମୂଳରେ ରହିଛି ପରମେଶ୍ୱରଙ୍କ ସଦିଚ୍ଛା । ଭଉଣୀ, ଭାଇ, ସାହୀ ପଡ଼ିଶା ସମସ୍ତେ ଶୋକାକୁଳ ହୃଦୟରେ ବିଦାୟ ଦେଲେ ଉଦ୍‌ଗାତା ବାବୁଙ୍କୁ । ଗୋବନ୍ଦ ବାବୁ କଟକ ଯିବେ ବୋଲି ବଲାଙ୍ଗୀରର ଅନେକ ବ୍ୟକ୍ତି ଦୁଃଖରେ ଅଭିଭୂତ ହୋଇ ପଡ଼ିଥିଲେ । ତାଙ୍କର ବନ୍ଧୁ ମାନେ - ଶ୍ରୀ ତ୍ରିବିକ୍ରମ ମିଶ୍ର, ଶ୍ରୀଯୁକ୍ତ ରାମପ୍ରସାଦ ମିଶ୍ର, ଇତ୍ୟାଦି କହିଲେ- "ତୁମେ ତ ବଡ଼ ଚାକିରୀ ପାଇଲ ନିଶ୍ଚୟ ଯିବ କିନ୍ତୁ ବଲାଙ୍ଗୀର ହରାଇବ ତାର ଏକ ଜ୍ୱଳନ୍ତ ମଣି । ସବୁକାଲି ପରି ଲାଗୁଛି । ଦିଶିଯାଉଛି ସବୁ ମାନସ ପଟରେ । ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଉଦ୍‌ଗାତା ପାଞ୍ଜି ଦେଖି କହିଥିଲେ ତା.୩୧.୧୨.୫୭ ଦିନର ଅମୃତ ବେଳା ଦିନ ଦୂଇଟାରେ ଉଦ୍‌ଗାତା ବାବୁ ସପରିବାର ଯାତ୍ରା କଲେ କଟକ ଅଭିମୁଖେ । ଗାଡ଼ୀ ଷ୍ଟାର୍ଟ ହେଲା ।

ଜିପ୍ ଗାଡ଼ୀ ତା.୩୧.୧୨.୫୭ ରାତି ୯ଟା୧୦ଟା ବେଳକୁ କଟକରେ ପହଞ୍ଚିଗଲା । ସେଠାରେ ନୂଆପାଟଣାରେ ରହୁଥିଲେ ଭଡ଼ା ଘରେ ମୋର ଦୁଇ ନମ୍ବର କକେଇ (କାକା) ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ଉଦ୍‌ଗାତା, ତାଙ୍କର ପରିବାର କହିଲେ ୫ ପ୍ରାଣୀ । ସେ ନିଜେ, ତାଙ୍କ ସ୍ତ୍ରୀ, ଦୁଇପୁଅ ଓ ଗୋଟିଏ କନ୍ୟା । ନିଜେ କକେଇ ଥିଲେ ଟେଲିଗ୍ରାଫ୍ ବିଭାଗରେ, ପରେ ସେ ହେଲେ ଅବସର ପ୍ରାପ୍ତ ଟେଲିଗ୍ରାଫ ସୁପରିଣ୍ଟେଣ୍ଡେଣ୍ଟ । ତାଙ୍କ ଘରେ ତାଙ୍କ ଶୋଇବା ଘର, ରୋଷେଇ ଓ ଷ୍ଟୋର୍ ରୁମ୍ ବ୍ୟତୀତ ଆଉ ଗୋଟିଏ ବଡ଼ ହଲ୍ ଘର ପ୍ରାୟ ୧୪/୧୬ ଫୁଟ ଥିଲା । ଆଗରୁ ଖୁଡ଼ୀ ରନ୍ଧା କାମ ଶେଷ କରି ଦେଇଥିଲେ । ଜିନିଷ ପତ୍ର ଗାଡ଼ୀରୁ ଓହ୍ଲାଇବା ପାଇଁ କକେଇ ଦୁଇଜଣ ଲୋକ ଠିକ୍ କରି ଦେଇଥିଲେ । ସବୁ ଜିନିଷ ଓହ୍ଲାଇ ତାଙ୍କ ଘରେ ଅଗଣାରେ ଯଥାକଥା ରଖି ଦେଇ ମୁଠାଏ ମୁଠାଏ ଖାଇ ରାତିରେ ଆମେ ସମସ୍ତେ ଶୋଇଗଲୁ । ଦିନସାରାର କ୍ଲାନ୍ତି, ଅବସନ୍ନତା ସାଙ୍ଗକୁ ଯାତ୍ରାର ପରିଶ୍ରମ । ସମସ୍ତଙ୍କର ଶରୀର ଯେତେବେଳେ ସିଧା ହୋଇ ଶୋଇଯିବା ଲାଗି ଜାଗା ପାଇଲା ସଙ୍ଗେ ସଙ୍ଗେ ସମସ୍ତଙ୍କୁ ନିଦ ଆସିଗଲା । ନିଦ ଭାଙ୍ଗିଲା

Digitized by srujanika@gmail.com

ବେଳକୁ ଆସିଯାଇଛି ୧୯୫୮ ଜାନୁୟାରୀ ପହିଲା । ନୂତନ ବର୍ଷର ନୂତନ ସୂର୍ଯ୍ୟଙ୍କର ନବୀନ କିରଣର ରକ୍ତିମ ଆଭାରେ ଚତୁର୍ଦ୍ଦିଗ ସୁଶୋଭିତ ରଞ୍ଜିତ ହୋଇଯାଇଛି । ଆସିଛି ନବ ବର୍ଷ, ନବ ପ୍ରଭାତ, ନବ ରବି, ସମସ୍ତଙ୍କୁ ପ୍ରଦାନ କରିବ ନବ ଅନୁଭୂତି । ଆମ ପାଞ୍ଚ ଭଉଣୀ ରେଣୁ, ମୀରା, ଜ୍ୟୋତି, ଗୁଲୁ, ଝୁଲୁ ଓ ମାତା ସରସ୍ୱତୀ ଦେବୀଙ୍କ ପାଇଁ କଟକ ସହରରେ ପଦାର୍ପଣ କରିବା ଏହା ପ୍ରଥମ । ଅବଶ୍ୟ ତା'ପୂର୍ବରୁ ମୁଁ ମାଁ, ଓ ନାନାଙ୍କ ସାଙ୍ଗରେ ପୁରୀ ଯାଇଥିଲି । ମୀରା ବମ୍ବେ ଆଡୁ ବୁଲି କରି ଆସିଥିଲା । ବାକି ସମସ୍ତେ ଥିଲେ ସାନ ସାନ । ସେ ଦିନର ହୃଦୟର ଅନୁଭୂତି ବର୍ଣ୍ଣନାତୀତା ଖାଲି କହିଲେ ହେବ ମନଟା କେମିତି କେମିତି ଲାଗୁଥିଲା । କ'ଣ ସତେ ଯେପରି ହଜଯାଇଛି । ସେଠାରେ ଗଳି ଭିତରେ ଥିଲା ଘର । ତେଣୁ ସେଠାରେ ନଥିଲା ଆମ ବଲାଙ୍ଗୀର ଘର ପାଖର ଲୋକ ଗହଳି । ସବୁ କେମତି ଲାଗୁଥିଲା ନୂଆଁ ନୂଆଁ । ସବୁଥିରେ ଆସୁଥିଲା ଗୋଟିଏ ତୁଳନା, ଏଠା ଓ ସେଠା । ତା.୧.୧.୫୮ ଦିନ ସାରା ଚାଲିଲା ଜିନିଷ ପତ୍ର ସଜଡ଼ା ସଜଡ଼ି । ଏମିତି କଟିଗଲା ନବବର୍ଷର ଆରମ୍ଭ ଦିନ ।

ତା ପରେ ଆସିଲା ତା.୨.୧.୫୮ । ଦିନଟି ଆମ ଲାଗି ଅତୀବ ସ୍ମରଣୀୟ । ସେଦିନ ଆମ ନାନା ଗଲେ ରେଭେନ୍ସା କଲେଜକୁ ଅଧ୍ୟାପକ ଚାକିରୀରେ ଯୋଗଦାନ କରିବାକୁ ୧୦ଟା ୩୦ ବେଳକୁ । କାରଣ ଦିନର ୧୨ଟା ବାଜିବା ପୂର୍ବରୁ ଚାକିରୀରେ ଜଏନ୍ କରିବା ଆବଶ୍ୟକ । ବିଦେଶୀ ଷ୍ଟାଇଲ୍‌ର ପୋଷାକ ପେଣ୍ଟ, ସାର୍ଟ, ନେକ୍‌ଟାଇ, କୋର୍ଟ, ରିଷ୍ଟୱାଚ୍, ଜୋତା ଇତ୍ୟାଦି ପରିଧାନ କରି ଉଦ୍‌ଗାତା ବାବୁ ଚାଲିଲେ କଲେଜ ଅଭିମୁଖେ । ଅନିଚ୍ଛା ସତ୍ତ୍ୱେ ନୂତନ ପରିବେଶରେ ନିଜକୁ ଖାପ ଖୁଆଇବା ପାଇଁ ବାଧ ହୋଇ ସେ ତାହା କରିଥିଲେ । ସେଠାରେ କାଗଜ କଲମରେ ସରିଗଲା ଜଏନିଂ । ଶିକ୍ଷକ ଉଦ୍‌ଗାତା ବାବୁ ହେଲେ ଅଧ୍ୟାପକ ଉଦ୍‌ଗାତା ବାବୁ । ତା ପରେ ଚାଲିଲେ ରେଭେନ୍ସା କଲେଜର ଅଧ୍ୟାପକ ମାନଙ୍କ ସାଧାରଣ କକ୍ଷକୁ ବା ଷ୍ଟାଫ୍ କମନ୍ ରୁମ୍‌କୁ । ସେଠାରେ ପୂର୍ବ ଲିଖିତ ଓଡ଼ିଆ, ସଂସ୍କୃତ ଅଧ୍ୟାପକ, ଅଧ୍ୟାପିକା ବନ୍ଧୁ ମାନେ ଥିଲେ । ପୁଣି ଅନ୍ୟ ବିଷୟର ଅଧ୍ୟାପକ ଅଧ୍ୟାପିକା ମାନେ ଯଥା: ଇତିହାସ ବିଭାଗରେ ଥିଲେ ଡ: ମନ୍ମଥ ନାଥ ଦାସ, ଡ: ନବୀନ କୁମାର ସାହୁ, ରାଜନୀତି ବିଜ୍ଞାନରେ ଡ: ଶ୍ରୀରାମଚନ୍ଦ୍ର ଦାସ, ଅର୍ଥନୀତି ବିଭାଗରେ ବୈଦ୍ୟନାଥ ମିଶ୍ର, ଇଂରାଜୀ ବିଭାଗରେ ବିଧୁ ଭୂଷଣ ଦାସ, ଶ୍ରୀମତୀ ପ୍ରଭାତ ନଳିନୀ ଦାସ, ଓବ୍ରାଇନ୍ ଇତ୍ୟାଦି । ନିଜ ନିଜ ଟାଇମ୍ ଟେବୁଲ୍ ଅନୁସାରେ କ୍ଲାସ

Digitized by srujanika@gmail.com

ମାନଙ୍କୁ ଅଧାପକ ଅଧାପିକା ମାନେ ଯାଉଥିଲେ । ସେତେବେଳେ ଡ: ଶ୍ରୀଯୁକ୍ତ କୁଞ୍ଜବିହାରୀ ତ୍ରିପାଠୀ ଥିଲେ ଓଡ଼ିଆ ସଂସ୍କୃତ ବିଭାଗୀୟ ମୁଖ୍ୟ । ତାଙ୍କର ଗୋଟିଏ କ୍ଷୁଦ୍ର ସ୍ୱତନ୍ତ୍ର ବିଭାଗୀୟ କକ୍ଷ ଥିଲା । ସେଠାକୁ ଗଲେ ଉଦ୍‌ଗାତା ବାବୁ । ବିଭାଗୀୟ ମୁଖ୍ୟଙ୍କ ସାଙ୍ଗରେ କଥାବାର୍ତ୍ତା କରି ସେଦିନ ଗୋଟିଏ ଦୁଇଟି ପିରିୟର୍ଡ ପାଠ ପଢ଼ାଇ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ଫେରିବା ବେଳକୁ ସନ୍ଧ୍ୟା ଆଗତ ପ୍ରାୟ । ରେଭେନ୍ସା କଲେଜ ଓଡ଼ିଶାର ସର୍ବ ପ୍ରଥମ କଲେଜ । କେତେବଡ଼ ତାରଆୟତନ, କେତେ ଶ୍ରେଣୀ ଗୃହ । ବିଜ୍ଞାନ ବିଭାଗ ସବୁ ବିଷୟ ପାଇଁ ସ୍ୱତନ୍ତ୍ର । ତାର ପାଠାଗାର ନାମ କନିକା । ତାହା ମଧ ଏକ ବୃହତ୍ କକ୍ଷ । ଗୋଟିଏ ପାର୍ଶ୍ୱରେ ପଢ଼ିବା ପାଇଁ ସୁବିଧା କରା ହୋଇଥିଲା । ଟେବୁଲ୍ ମାନଙ୍କରେ ମଝିରେ ଗୋଟିଏ କାଠପଟା ରହିଥାଏ । ଟେବୁଲ୍‌ର ଉଭୟ ପାର୍ଶ୍ୱରେ ଛାତ୍ର ମାନେ ବସି ପାଠ ପଢ଼ନ୍ତି । ଟେବୁଲ୍‌ଟି ଆହୁରି ଛୋଟ ଛୋଟ ହୋଇ ଭାଗ ଭାଗ କରା ହୋଇଥିଲା । ସେଥିପାଇଁ ବିଦ୍ୟାର୍ଥୀ ଗଣ କେହି କାହାକୁ ଦେଖିପାରନ୍ତି ନାହିଁ । ତେଣୁ କାହାରି ପାଠପଢ଼ାରେବାଧା କିମ୍ୱା ବିଶୃଙ୍ଖଳା ଉପୁଜେ ନାହିଁ । ପରସ୍ପର କଥା ହେବା ତ ଦୂରର କଥା । ତେଣୁ ସେଠାରେ ସମସ୍ତେ ବେଶ ନୀରବତା ରକ୍ଷା କରି ପାଠ ପଢୁଥିଲେ ।

ସେତେବେଳେ ଉକ୍ତ ମହାବିଦ୍ୟାଳୟର ଅଧକ୍ଷ ଥିଲେ ଅର୍ଥନୀତି ବିଭାଗର ଡ: ସଦାଶିବ ମିଶ୍ର । ସାର ଦିନ ଭିତରେ ଅନେକ ଥର ବିଦ୍ୟାଶିକ୍ଷା ସମୟ ନିର୍ଘଣ୍ଟାନୁଯାୟୀ ହେଉଛି କି ନାହିଁ ବୋଲି ଯାଞ୍ଚ କରି ଆସୁଥିଲେ । ଅଧକ୍ଷ ମହାଶୟ ରେଭେନ୍ସା ମହାବିଦ୍ୟାଳୟର ବାରଣ୍ଡାରେ ଚ୍ଚଲି ଯାଉଥିବା ସମୟରେ ଛାତ୍ର ମାନେ ଭୟ ଓ ଭକ୍ତିରେ ବାରଣ୍ଡାର ପାର୍ଶ୍ୱକୁ ଚ୍ଚଲି ଯାଉଥିଲେ । ତାଙ୍କର ଥିଲା କି ଶାନ୍ତ ସୌମ୍ୟ ଚେହେରା । ଦେଖିବାକୁ ଗୋରା, ଡେଙ୍ଗା ଅତି ସୁନ୍ଦର । ସେତେବେଳର ବିଲାତୀ ରୀତିର ପୋଷାକ ତାଙ୍କୁ ବେଶ୍ ସୁନ୍ଦର ଦେଖାଯାଉଥିଲା । ତାଙ୍କର ଶିକ୍ଷା, ସଂସ୍କୃତି ଓ ବ୍ୟବହାର ପାଇଁ ତାଙ୍କ ନିକଟରେ ଛାତ୍ର ଛାତ୍ରୀ ମାନଙ୍କର ମସ୍ତକ ସ୍ୱତଃ ଅବନମିତ ହୋଇଯାଉଥିଲା । ତାଙ୍କ ସମ୍ମୁଖରେ ପାଟି ତୁଣ୍ଡ, ହୋ ହଲ୍ଲା କରିବାର ପ୍ରଶ୍ନ ନଥିଲା । ଏହା ହେଲା ଅଧକ୍ଷଙ୍କ ପ୍ରତି ସେ ସମୟର ଛାତ୍ରର ବ୍ୟବହାର । ଏ ଯୁଗ ସେ ଯୁଗ ମଧରେ ରହିଛି ଆକାଶ ପାତାଳ ତଫାତ୍ । ତା.୩.୧.୫୮ ରୁ ଚ୍ଚଲିଲା ଉଦ୍‌ଗାତା ବାବୁଙ୍କର ଗତାନୁଗତିକ କାର୍ଯ୍ୟ ସାଧନ । ସେ ହଜାଇ ଦେଲେ ନିଜକୁ ସ୍ୱ କର୍ତ୍ତବ୍ୟ ସାଧନ ମଧରେ ।

Digitized by srujanika@gmail.com

କଟକରେ ଆମେ

୧୯୫୮ ମସିହା ଜାନୁୟାରୀ ମାସଟି କାକାଙ୍କ ଘରେ ରହିଲୁଁ । ସେଠାରେ ରହିବା ସମୟରେ ମୋ ନାନା ଅନ୍ୟ ଗୋଟିଏ ଭଡ଼ା ଘର ଅନ୍ବେଷଣରେ ଲାଗିପଡ଼ିଲେ । ସେଠାରେ ତାଙ୍କର କେତେକ ପରିଚିତ ବନ୍ଧୁ ଥିଲେ । ଉଦ୍‌ଗାତା ବାବୁଙ୍କର ଭଡା ଘର ଗୋଟିଏ ଖୋଜିବା ବିଷୟ ତା କାନୁ ତା କାନ ହୋଇ ଅନେକେ ଜାଣିଗଲେ । ସେମାନେ ଆସି ଉଦ୍‌ଗାତାବାବୁଙ୍କୁ ଖବର ଦେଲେ । କେତେଟା ଘର ସେମାନଙ୍କ ସାଙ୍ଗରେ ଦେଖିଗଲେ । ସେ ମଧ୍ୟରୁ ମଙ୍ଗଳାବାଗ୍ର ମହ୍ଲାସାହୀ ସ୍ଥିତ ଗୋଟିଏ ଭଡାଘର ଯଥାକଥା ଭାବରେ ମନକୁ ପସନ୍ଦ ହେଲା । ହେଲେ ବଲାଙ୍ଗୀର ଘର, ବାଡି ବଗିଚ୍ଚ ଅପେକ୍ଷା ଘରଟି ବହୁତ ସାନ । ତଥାପି ମଧ୍ୟ ସେଠାରେ ପରିବାରକୁ ନେଇ ଯେମିତି ବି ହେଉ ସୁଖେ ଦୁଃଖେ ଚଳିବାକୁ ପଡ଼ିବ । ଉକ୍ତ ଘରେ ଥିଲା ସାନ ବଡ଼ ହୋଇ ପାଞ୍ଚୋଟି ବଖରା, ଛୋଟ ଅଗଣାଟିଏ । ଅଗଣାରେ ଗୋଟିଏ ଛୋଟ କୂପ । ତା ପାଖକୁ ଗୋଟିଏ ଛୋଟ ସ୍ନାନାଗାର । ତା ଭିତରେ ଗୋଟିଏ ପାଣି ଟାଙ୍କି ଥିଲା । ଗୋଟିଏ ଖଞ୍ଜା ମଧ୍ୟରେ ପ୍ରାୟ ଚ୍ଚରୋଟି ପରିବାର ରହୁଥିଲେ । ସମସ୍ତେ ବନ୍ଧୁତା ସୂତ୍ରରେ ଆବଦ୍ଧ ହୋଇ ଭାଇ, ଭଉଣୀ, ମାଉସୀ ମଉସା ପରି ଚଳୁଥିଲୁଁ । ଅଚିହ୍ନା, ଅଜଣା ହେଲେ ମଧ୍ୟ ସମସ୍ତେ ପରସ୍ପର ନିଜ ଭାଇ ବନ୍ଧୁ, କୁଟୁମ୍ବ ସଦୃଶ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ରହୁଥିଲୁଁ । ସେହି ଘରର ଯେ ଅଧିକାରୀ ସେ ଥିଲେ ଜଣେ ବୃଦ୍ଧା । ସେ ତାଙ୍କ ପୁତ୍ର, ପୁତ୍ରବଧୂ ଓ ନାତି ନାତୁଣୀଙ୍କ ସହ ରହୁଥିଲେ । ସେମାନେ ମଧ୍ୟ ବେଶ୍ ବନ୍ଧୁତା ରକ୍ଷା କରି ଆବଶ୍ୟକ ସମୟରେ ସାହାଯ୍ୟ କରୁଥିଲେ । ମୀରା, ଜ୍ୟୋତି ରାଣୀହାଟ ହାଇସ୍କୁଲରେ ପଢୁଥିଲେ । ଜ୍ୟୋତ୍ସ୍ନା, ଇନ୍ଦିରା ଘରେ ଟ୍ୟୁସନ୍ ମାଷ୍ଟରଙ୍କ ପାଖରେ ପଢ଼ିଲେ । ବାକୀ ୨ ଭଉଣୀ ଓ ଭାଇ ଜନ୍ମଗ୍ରହଣ କରିନଥିଲେ । ସେହି ଗଳି ଭିତରୁ ମଙ୍ଗଳାବାଗର ପ୍ରଧାନ ରାସ୍ତାକୁ ଚ୍ଚାଲି ଚ୍ଚାଲି ଆସି ତପ୍‌ରେ ସେଠାରୁ ରିକ୍ସାରେ ରେଭେନ୍ସା କଲେଜକୁ ପାଠ ପଢ଼ିବାକୁ ଯାଉଥିଲି । ପ୍ରଥମ ୨/୪ ଦିନ ମୁଁ ମୋ ନାନାଙ୍କ ସହ କଲେଜକୁ ଗଲି । ସେଠାରେ ଇତିହାସ ଏମ.ଏ. ପ୍ରଥମ ବର୍ଷରେ ବଲାଙ୍ଗୀରର ଦୁର୍ଗା ବରାଇଙ୍କ ଜ୍ୟେଷ୍ଠ କନ୍ୟା କୁମୁଦିନୀ ବରାଇ ଅଧୁନା ଅବସରପ୍ରାପ୍ତ ଅଧ୍ୟକ୍ଷ, ଏନ.ସି.ସି. ଅଫିସର, କଲେଜରେ ମୋର ଟାଇମ୍ ଟେବୁଲ ଅନୁସାରେ ଶ୍ରେଣୀ କକ୍ଷରେ ପହଞ୍ଚାଇ ଦେଲେ । ତାପରେ ମୋ ଶ୍ରେଣୀର କେତେକ ଝିଅଙ୍କ ସାଙ୍ଗରେ ସେ ପରିଚିତ କରାଇ ଦେଇ ନିଜ କ୍ଲାସ୍‌କୁ ଗଲେ । ରେଭେନ୍ସା କଲେଜରେ ପିରିୟଡ଼ ଟି ସରିଲା ପରେ ଶିକ୍ଷକଙ୍କ

Digitized by srujanika@gmail.com

ପଛରେ ଆଗ ଛାତ୍ରୀ ମାନେ ଶ୍ରେଣୀରୁ ବାହାରନ୍ତି ଓ ତାପରେ ଛାତ୍ର ମାନେ। ଆଉ କେତେକ ଜଣ ସାର୍ ଥାନ୍ତି, ସେମାନେ ପ୍ରଥମେ ଛାତ୍ରୀ ମାନେ ଶ୍ରେଣୀ କକ୍ଷରୁ ବାହାରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି ଓ ତପ୍ରରେ ନିଜେ ଆସନ୍ତି ଓ ତାଙ୍କ ପଛରେ ଛାତ୍ର ମାନେ ଆସନ୍ତି। ବଲାଙ୍ଗୀର ରାଜେନ୍ଦ୍ର କଲେଜରେ ମୁଁ ୧୯୫୭ ଜୁଲାଇରୁ ଡିସେମ୍ବର ପର୍ଯ୍ୟନ୍ତ ଆଇ.ଏ. କ୍ଲାସର ପ୍ରଥମ ବର୍ଷ ପଢ଼ିଥିଲି। ସେଠାରେ ଛାତ୍ରୀ ମାନେ ତାଙ୍କର ଆବଶ୍ୟକ ଖାତା ଓ ପୁସ୍ତକାଦି ଧରି ଶ୍ରେଣୀ କକ୍ଷକୁ ଯାଆନ୍ତି ଓ ବାକୀ ପୁସ୍ତକାଦି ଛାତ୍ରୀ ମାନଙ୍କ କମନ୍‌ରୁମ୍‌ରେ ରଖି ଦେଇ ଯାଆନ୍ତି। କ୍ଲାସ ସରିବା ପରେ କମନ୍‌ରୁମ୍‌କୁ ଆସି ପୁଣି ପରବର୍ତ୍ତୀ ପିରିୟଡ଼ର ପାଠ୍ୟ ପୁସ୍ତକାଦି ନେଇ ଯାଆନ୍ତି। ବଲାଙ୍ଗୀର କଲେଜରେ ମଧ ଛାତ୍ରୀ ମାନେ ଶ୍ରେଣୀ କକ୍ଷରୁ ବାହାରି ସାରିବା ପରେ ସାର୍ ମାନେ ଆସନ୍ତି। ଏହିପରି ଅଭ୍ୟାସରେ ମୁଁ ଛଅମାସ ରାଜେନ୍ଦ୍ର କଲେଜରେ ଅତିବାହିତ କରିଥିଲି। ରେଭେନ୍ସା କଲେଜରେ କମନ୍‌ରୁମ୍‌ରେ ସବୁ କ୍ଲାସର ଛାତ୍ରୀ ମାନେ ବହୁତ ସଂଖ୍ୟାରେ ଯିବା ଆସିବା କରି ପାଠ ପଢ଼ନ୍ତି। ତେଣୁ ସେଠାରେ କୌଣସି ଛାତ୍ରୀ ପୁସ୍ତକାଦି ଥୋଇ ଦେଇ କ୍ଲାସ୍‌କୁ ଆବଶ୍ୟକୀୟ ପୁସ୍ତକାଦି ନେଇ ଯାଆନ୍ତି ନାହିଁ। ସମସ୍ତେ ସ୍ୱ ସ୍ୱ ଖାତା ପୁସ୍ତକାଦି ଧରି କ୍ଲାସକୁ, ପାଠାଗାର କକ୍ଷକୁ ଯାଆନ୍ତି। ସେ କଲେଜରେ ୨୪ ଦିନ ପଢ଼ିବା ପରେ ଦିନେ ମୋର ଖାତା ପୁସ୍ତକ ଇତ୍ୟାଦି ଡେସ୍କ ଭିତରେ ରଖି ପାଠ ସରିବା ପରେ କ୍ଲାସ ଛାଡି ଚାଲି ଆସିଲି। ମୋର ଅଭ୍ୟାସ ତ ଭିନ୍ନ ପ୍ରକାର ଥିଲା। ଛାତ୍ରୀ ମାନଙ୍କ କମନ୍ ରୁମ୍‌ରେ ପହଞ୍ଚିବା ପରେ ଅନ୍ୟାନ୍ୟ ବହି ଖାତା ଇତ୍ୟାଦି ସବୁ ଶ୍ରେଣୀ କକ୍ଷରେ ଛାଡ଼ି ଆସିବା କଥା ମନେ ପଡ଼ିଲା। ମୁଁ ତ ସେଠାରେ ନୂଆଁ। ଚାରିଆଡ଼େ ଛାତ୍ର ମାନେ ବହୁ ସଂଖ୍ୟାରେ ଯିବା ଆସିବା କରୁଥାନ୍ତି। ମୋର ସହାଧାୟିନୀ ମାନଙ୍କୁ ମଧ ସେହିପରି ଅନ୍ତରଙ୍ଗ ଭାବରେ ଚିହ୍ନି ନଥିଲି। ସେତେବେଳେ ବଲାଙ୍ଗୀରରୁ ଯାଇଥିଲି। ମୋତେ ଜଳ ବିନା ମତ୍ସ୍ୟ ପରି ବୋଧ ହେଉଥିଲା। ତତ୍‌କ୍ଷଣାତ୍ ବଲାଙ୍ଗୀର ସାଙ୍ଗ ମାନଙ୍କ କଥା ମନେ ପଡିଗଲା। ଚକ୍ଷୁରେ ଅଶ୍ରୁ ଛଳ ଛଳ ହୋଇଗଲା। ଏଠାରେ ଛାତ୍ରୀ ମାନେ ବିଶେଷ ପରିଚିତା ହୋଇ ନଥିଲେ। ତେଣୁ ମନରେ ନିଜକୁ ନ୍ୟୁନ ବୋଲି ଭାବନା ଆସୁଥିଲା। ସେଥିପାଇଁ ମୁଁ ଭାବୁଥିଲି - ସେ କଥା କାହାକୁ କହିଲେ ସେମାନେ ବଲାଙ୍ଗୀରିଆ ବୋଲି ନ୍ୟୁନ ଭାବିବେ କି ହସିବେ . ଇତ୍ୟାଦି ଭିନ୍ନ ଭିନ୍ନ ପ୍ରକାର ଭାବନାରେ ମନ ଭାରାକ୍ରାନ୍ତ ହୋଇ ଉଠୁଥିଲା। ତଥାପି ମନରେ ସାହାସ ବାନ୍ଧି ମୋର ସହପାଠିନୀ ପ୍ରିୟମ୍ବଦା ପଟ୍ଟନାୟକ (ବର୍ତ୍ତମାନ

Digitized by srujanika@gmail.com

ରାଉରକେଲାର ସରକାରୀ ସୁଶୀଳା ବତୀ ଖୋସଲା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷା) ଶାନ୍ତି ମହାନ୍ତି (ଅଧୁନା ଅବସର ପ୍ରାପ୍ତ ପ୍ରାଧାପିକା ଶ୍ରୀମତୀ ଶାନ୍ତି ଧଳ)ଙ୍କୁ ପୂର୍ବବୃତ୍ତାନ୍ତ କହିଲି। ସେମାନେ ମୋ ସହିତ ଗଲେ ଶ୍ରେଣୀ କକ୍ଷକୁ। ମୋର ବହିଖାତା ଆଶାବନ୍ଧୁ ସାହୁ ବୋଲି ଜଣେ ସହପାଠୀ ଆମ ପାଖକୁ ଆଣି ଆସୁଥିଲେ। ଶାନ୍ତି ଓ ପ୍ରିୟମ୍ବଦାଙ୍କୁ ମୋ ସହ ଦେଖି ସେମାନଙ୍କୁ ପୁସ୍ତକାଦି ଦେଇଦେଲେ। କାରଣ ସେସବୁ ଛାତ୍ରୀ ମାନେ ବସିଥିବା ଡେସ୍କ ଭିତରେ ରହିଥିଲା। ମୁଁ ମଧ୍ୟ ସେଥିରେ ମୋର ନାମ ଲେଖି ନଥିଲି। ବାକୀ ମୋର ନୂତନ ପୁସ୍ତକ ସଂସ୍କୃତ 'ରଘୁବଂଶମ୍'ର ଉପର ଖୋଳ ପୃଷ୍ଠାଟି କିଏ ଚିରି ଦେଇଥିଲେ। ମନେ ମନେ ଈଶ୍ୱରଙ୍କୁ ଜଣାଇଲି ଗଭୀର କୃତଜ୍ଞତା - ଭାବିଲି, ହେ ଭଗବାନ ବହି ସବୁ ମିଳିଗଲା।

ଉଦ୍‌ଗାତା ବାବୁ ଆମର ଏମ.ଆଇ.ଏଲ. ଓଡ଼ିଆ ବିଷୟ ପଢ଼ାଉଥିଲେ। ସେ ଛାତ୍ରଛାତ୍ରୀଙ୍କର ରୋଲ୍‌ନମ୍ବର ଡାକି ପ୍ରେଜେଣ୍ଟ ପକାଇବା ସମୟରେ ମୋର ରୋଲ୍‌ନମ୍ବର ମଧ୍ୟ ଡାକନ୍ତି। ସେତେବେଳେ ଅନ୍ୟ ମାନେ ସମସ୍ତେ ମୋ ଆଡ଼କୁ ଅନାଇ ରହିଥାନ୍ତି - ସେ କ'ଣ କହି ପ୍ରେଜେଣ୍ଟ ପକାଇବ ବୋଲି। ଅନ୍ୟମାନଙ୍କ ପରି ମୁଁ ମଧ୍ୟ ପ୍ରେଜେଣ୍ଟ ସାର୍ ବୋଲି କହୁଥିଲି। ମୋର ସାଙ୍ଗ ମାନେ ମୋତେ ପ୍ରେଜେଣ୍ଟ ବାପା ବୋଲି ତୁମେ କାହିଁକି କହୁନ ବୋଲି ଚିଡ଼ାଉଥିଲେ।

ଆଉଥରେ ସେହିପରି ଗୋଟିଏ ଟ୍ୟୁଟୋରିଏଲ୍ ଗ୍ରୁପ୍‌ରେ ମୁଁ ଜଣେ ମାତ୍ର ଝିଅ ଥିଲି । ବଲାଙ୍ଗୀରରେ ସମସ୍ତେ ଏକାସାଙ୍ଗରେ ଛାତ୍ରୀ ମାନେ ଦଳେ ହୋଇ କ୍ଲାସକୁ ଯିବା ବୁଦ୍ଧି ଯାଇ ନଥିଲା। ସେହି କୁମୁଦିନୀ ବରାଇ ନାନୀ ମୋତେ ଉକ୍ତ କ୍ଲାସରୁମ୍‌କୁ ଛାଡ଼ି ନେଲେ। କହିଲେ- "ଏ ରୁମ୍ ଆଗରେ ଛିଡ଼ା ହୋଇ ଥାଆ, ସାର୍ ଆସିଲେ ଯିବୁ। ମୁଁ କହିଲି - ତୁମେ ଥାଅ, ତୁମେ ନାଇଁ ରହିଲେ ମୁଁଇଁ କ୍ଲାସକେ ନାଇଁ ଯାଏଁ। ସେ କହିଲେ - ହେନ୍ତା ନାଇଁ। ମୁଁଇଁ ଯାଉଛେଁ। ମୋର କ୍ଲାସ୍‌ରୁ ଆସ୍‌ଲା ବେଲକେ ତୋତେ ଫେର୍ ଡାକିକରି ନେମି।" ତାପରେ ୫ ମିନିଟ୍ ପରେ ଆସିଲେ ବଲାଙ୍ଗୀର ବାଳିକା ସ୍କୁଲରେ ପଢ଼ିବା ବେଳର ମୋର ଅତି ପରିଚିତା ଦିଦି ସାବିତ୍ରୀ ନନ୍ଦ। ସେତେବେଳେ ସେଠାରେ ଅଧ୍ୟାପିକା ମାନଙ୍କୁ ନାନୀ ବୋଲି ସମ୍ବୋଧନ କରୁଥିଲୁଁ। ତାଙ୍କୁ ଦେଖିବା ପରେ ମୋତେ ବହୁତ ଖୁସୀ ଲାଗିଲା। କହିଲି - "ହେ ଭଗବାନ ଯାହା ହେଉ ରକ୍ଷା କଲ।" ଏହିପରି ଭାବରେ ଛଅ ମାସ ବିତିଯିବା ପରେ ବଲାଙ୍ଗୀରରୁ ମୋର ପିଉସୀ ବିନୋଦିନୀ, ରାମପ୍ରସାଦ

Digitized by srujanika@gmail.com

ମିଶ୍ର ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜ୍ୟେଷ୍ଠାକନ୍ୟା ଯଶୋବନ୍ତୀ ମିଶ୍ର ରେଭେନ୍ସା କଲେଜରେ ଦ୍ୱିତୀୟ ବର୍ଷ ଆଇ.ଏ. ଶ୍ରେଣୀରେ ନାମ ଲେଖାଇଲେ । ମୁଁ ତ ସେଠାକାର ରୀତି ନୀତି ସବୁ ଜାଣି ଯାଇଥିଲି । ତେଣୁ ମୋ ସାଙ୍ଗରେ ରହି କଲେଜରେ ଆଉ ସେମାନେ କୌଣସି ଅସୁବିଧାର ସମ୍ମୁଖୀନ ହୋଇନଥିଲେ । ଏତ ଗଲା କଲେଜ କଥା ।

ଆମ ମହ୍ଲାସାହୀ ଘରେ ଥିଲା ସାନ, ବଡ଼ ହୋଇ ପାଞ୍ଚୋଟି ପ୍ରକୋଷ୍ଠ । ଆମ ସାଙ୍ଗରେ ରହୁଥିଲେ ଜେଜେ ମାଁ, ଜେଜେବାପା, ସାନ ପିଉସୀ ନାନୀ ବିନୋଦିନୀ ଓ ସାନ କାକା ଶରତ୍ ଚନ୍ଦ୍ର । ସାନ କାକା ରାଣୀହାଟ ହାଇସ୍କୁଲ୍‌ରେ କେତେଦିନ ପାଇଁ ଶିକ୍ଷକତା କରିଥିଲେ । ତା ପରେ କଟକରୁ ବାରଙ୍ଗକୁ ଯିବା ଆସିବା କରି ସେଠାକାର କାଚ କାରଖାନାରେ ବି.ଏସ.ସି. ପାଠ ଅନୁସାରେ ଚାକିରୀ କରୁଥିଲେ । ୧୯୫୮ ଅଗଷ୍ଟରେ କଟକ ଯିବାର ୮ ମାସ ପରେ ଉଦ୍‌ଗାତା ବାବୁଙ୍କର ଆଉ ଗୋଟିଏ କନ୍ୟା ଜାତ ହେଲା । ତାର ନାମ ରେଖା । ଛଅ ଝିଅ ହେଲେ ମଧ୍ୟ ମାଁ, ନାନାଙ୍କ ମନରେ ତିଳେ ହେଲେ ଦୁଃଖ ଜାତ ହୋଇନଥିଲା । କଟକ ବଡ଼ ଡାକ୍ତରଖାନାରେ ଝିଅ ଜନ୍ମ ପରେ ମୋ ଜେଜେ ମାଁଙ୍କ ମନ ଟିକିଏ ଦୁଃଖ ଅବଶ୍ୟ ହୋଇଥିଲା । କିନ୍ତୁ ତାହା ଶିଶୁ କନ୍ୟାର ରୂପ ଲାବଣ୍ୟ ସନ୍ଦର୍ଶନରେ ଅପସାରିତ ହୋଇଗଲା । ଜେଜେ ମାଁ କହୁଥିଲେ "ମୁଁ କାହିଁକି ମନ ଦୁଃଖ କରୁଥିଲି ଲୋ । କେଡ଼େ ସୁନ୍ଦର ଝିଅ । ଦେଖେ, ଧଳା କପଡ଼ା ଭିତରେ କେମିତି ମଲ୍ଲୀ ଫୁଲ ପରି ଦିଶୁଛି ।" ତାଙ୍କର ପରିବାରର ସଦସ୍ୟ ହେଲେ - ତାଙ୍କର ପିତା, ମାତା, ସାନଭାଇ, ସାନ ଭଉଣୀ, ସ୍ତ୍ରୀ ଓ ଛଅ ଜଣ କନ୍ୟା । ଅର୍ଥାତ୍ ସମସ୍ତେ ମିଶି ବାର ପ୍ରାଣୀ କୁଟୁମ୍ବ । ସେତେବେଳେ ଉଦ୍‌ଗାତା ବାବୁଙ୍କର ଦରମା ଥିଲା ଟ.୨୩୦/- (ଦୁଇ ଶହ ତିରିଶ ଟଙ୍କା) । ପ୍ରତିମାସ ଦରମା ଆଣିବା ସଙ୍ଗେ ସଙ୍ଗେ ପ୍ରଥମେ ଘରଭଡ଼ା ଟ.୫୦/- (ପଚାଶ ଟଙ୍କା), ଟ୍ୟୁସନ୍ ମାଷ୍ଟରଙ୍କ ଦରମା ଦୁଇଜଣଙ୍କର ଟ.୨୦/- (କୋଡ଼ିଏ ଟଙ୍କା) । ମୋର ଓ ପିଉସୀ ନାନୀର କଲେଜର ଫିଜ୍ ବା ଦରମା ମାସକୁ ଥିଲା ଟ.୩ +ଟ.୩ =ଟ.୬/- (ଛଅ ଟଙ୍କା) । ବାକୀ ମୀରା, ଜ୍ୟୋତିଙ୍କର ସ୍କୁଲର ଦରମା ଛ ମାସ ପାଇଁ ଲାଇବ୍ରେରୀ, ଖେଳ, ପୂଜା ଇତ୍ୟାଦି ମିଶି ଟ.୨୦/- । ତାପରେ ମୋର ପିଉସୀ ସେଠାକୁ ନଯିବା ପୂର୍ବରୁ ମୁଁ ରିକ୍ସାରେ ଘରୁ କଲେଜକୁ ଯାଉଥିଲି । ଯିବା ଆସିବା କେଉଁ ଦିନ ଟ.0/6 (ଛଅ ଅଣା) ବା କେଉଁ ଦିନ ଟ.04 (ଆଠଅଣା) କେଉଁ ଦିନ ଟଠା (ଚାରିଅଣା) ମୋର ଖର୍ଚ୍ଚ ହେଉଥିଲା । ସେତେବେଳେ ଟ.୧/- (ଏକ ଟଙ୍କା)କୁ ୧୬ (ଷୋହଳ)

Digitized by srujanika@gmail.com

ଅଣାରେ ଭାଗ କରା ହେଉଥିଲା । ଏକ ଅଣାକୁ ଚାରି ପଇସା ହେଉଥିଲା । ଏହିପରି ଭାବରେ ମାସକୁ ମୋର କଲେଜ ଯିବା ଆସିବା ଖର୍ଚ୍ଚ ପ୍ରାୟ ଟ.୧୦ ରୁ ଟ.୧୫/- ମଧ୍ୟରେ ହେଉଥିଲା । ଏହିପରି ଭାବରେ ଆମର ଖାଦ୍ୟ ଖର୍ଚ୍ଚ ବ୍ୟତୀତ ବାହାରିଆ ଖର୍ଚ୍ଚ ହେଉଥିଲା ପ୍ରାୟ ଟ.୯୧/- (ଏକାନବେ) । ମୀରା ଜ୍ୟୋତିର ସ୍କୁଲ ଦରମା ମିଶିଗଲେ ହେଉଥିଲା ଟ.୧୧୧/- ସବୁ ମିଶି ମୋଟରେ ଧରାଯାଉ ଟ.୧୨୦ (ଏକଶତ କୋଡ଼ିଏ) । ଆଉ କେଉଁ ଠାରେ କେତେକ ଅଧିକ ବା ଊଣା ହୋଇପାରେ । ବାକୀ ଦରମା ଟ.୧୨୦/- ବଳକା ରହିଲା । ସେଥିରେ ଖାଦ୍ୟ, ବସ୍ତ୍ର, ଔଷଧାଦି । ଜେଜେ ବାପାଙ୍କର ବୟସ ଷାଠିଏ ରୁ ଅଧିକ ହୋଇଥିଲା । ଜେଜେ ମାଁଙ୍କର ସେତେବେଳେ ପୁଣି ହେଲା ଜରାୟୁ ବହିଃ ନିଷ୍କ୍ରମଣ ଅପରେସନ୍ । ଉଭୟଙ୍କର ସେବା, ଶୁଶ୍ରୂଷା, ଔଷଧାଦି ଆବଶ୍ୟକ । ସେଥିରେ ପୁଣି ହେଲା ଜ୍ୟୋତ୍ସ୍ନାକୁ ଟାଇଫଏଡ୍ । ସେତେବେଳେ ଉଦ୍‌ଗାତା ବାବୁଙ୍କର କଟକର ମେଡିକାଲରେ ଡାକ୍ତର ଉମେଶଚନ୍ଦ୍ର ନାଏକ ନାମକ ବଲାଙ୍ଗୀରର ଜଣେ ଅତିପ୍ରିୟ ଛାତ୍ର ଥିଲେ । ତେଣୁ ଡାକ୍ତରଙ୍କ ଫିଜ୍‌ରୁ ଆମକୁ ଟିକିଏ ରକ୍ଷା ମିଳୁଥିଲା । ଆବଶ୍ୟକ ହେଲେ ସେ ଆମ ଘରକୁ ଆସି ରୋଗୀଙ୍କୁ ଦେଖି ଯାଉଥିଲେ । ଆମେ ତାଙ୍କୁ ଦାଦା ବୋଲି ଡାକୁଥିଲୁଁ । ତାଙ୍କ ପରିବାର ଯଥା- ବୋହୁ ଓ ତାଙ୍କ ସନ୍ତାନ ସନ୍ତତି ମାନେ ମଝିରେ ମଝିରେ ଆମ ଘରକୁ ବୁଲି ଆସୁଥିଲେ । ଆମେ ମଧ୍ୟ ଯାଉଥିଲୁଁ । ଆହୁରି ମଧ୍ୟ ମୋର ପିଉସୀ ନାନୀଙ୍କର ଶରୀର ସେତେବେଳେ ବହୁତ ଅସୁସ୍ଥ ହେଉଥିଲା । ସେଥିପାଇଁ କବିରାଜଙ୍କ ପାଖକୁ ତାଙ୍କୁ ଚିକିତ୍ସା ନିମିତ୍ତ ନିଆଯାଏ । ଉକ୍ତ କବିରାଜଙ୍କ ନାମ ଥିଲା ଶ୍ରୀଯୁକ୍ତ ଅନନ୍ତ ମିଶ୍ର । ସେ ଜଣେ ବିଖ୍ୟାତ କବିରାଜ ଥିଲେ । ଆମ ଘର ପାଖରେ ପ୍ରଧାନ ରାସ୍ତା ଉପରେ ବିରାଟ କୋଠା କରି ନିଜ ଘରେ କଟକରେ ରହୁଥିଲେ । ସେସବୁ ଖର୍ଚ୍ଚ ଉଦ୍‌ଗାତା ବାବୁ ନିଜେ ବହନ କରୁଥିଲେ । ବାକୀ ଅଳ୍ପିକିଆ ଜ୍ୱର, ଥଣ୍ଡା, କାଶ ଇତ୍ୟାଦି ଦେହ ଖରାପ ଆମର ହେଲେ **ସେ ନିଜେ ହୋମିଓପ୍ୟାଥିକ ଔଷଧ ମେଟେରିଆମେଡିକା,** ବାଇଓକେମିକ ବହି ପଢ଼ି ରୋଗର ଲକ୍ଷଣ ଅନୁସାରେ ଔଷଧ ନିର୍ଣ୍ଣୟ କରି ପ୍ରୟୋଗ କରି ରୋଗ ଦୂର କରି ଭଲ କରି ଦେଉଥିଲେ । ତେଣୁ ବେଶୀ ଥର ଡାକ୍ତରଙ୍କ ନିକଟକୁ ଯିବାକୁ ତାଙ୍କୁ ପଡୁନଥିଲା ।

ଉଦ୍‌ଗାତା ବାବୁଙ୍କ ଆୟ ଅନୁସାରେ ବ୍ୟୟ ବହୁତ ବେଶୀ ଥିଲା । ତେଣୁ ବହୁତ ଭାବିଚିନ୍ତି କେବଳ ଅତ୍ୟାବଶ୍ୟକୀୟ ଖର୍ଚ୍ଚ ସବୁ ସେ କରୁଥିଲେ । ବ୍ୟୟବହୁଳତା କରି

Digitized by srujanika@gmail.com

ଧାର, କରଜ କରି ସେ ସେଥିରେ ବୁଡ଼ି ଯାଇନଥିଲେ । ଆମେ ସମସ୍ତେ ମଧ୍ୟ କୌଣସି ପ୍ରକାର ବିଳାସମୟ ଜୀବନ ଯାପନ କରୁନଥିଲୁ । ଶିକ୍ଷା ଉପାର୍ଜନ ହିଁ ଆମ ଜୀବନର ଏକମାତ୍ର କାମ୍ୟ ଥିଲା । ସିନେମା, ଥିଏଟର, ହୋଟେଲ୍ ଖାନା, ବୁଲାବୁଲି, ମଉଜ ମଜ୍‌ଲିସ୍ କରି କୌଣସି ପ୍ରକାର ଅର୍ଥ ଖର୍ଚ୍ଚ କରିବାର ଇଚ୍ଛା କରୁନଥିଲୁଁ । ସେତେବେଳେ ମୋ ପାଖରେ କଲେଜକୁ ପିନ୍ଧି ପାଠପଢ଼ି ଯିବାର ଶାଢ଼ୀ ୮/୯ ଟଙ୍କିଆ ୪/୫ ଖଣ୍ଡ ଥିଲା । ମୋର ଓ ମାଁଙ୍କର ଦୁଇଟା ହସ୍ତତନ୍ତ ବୁଣା ପର୍ଦ୍ଦା ଶାଢ଼ୀ ଥିଲା । ଗୋଟିକର ଦାମ ଥିଲା ଟ.୧୭/- ଓ ଆଉ ଗୋଟିକର ଥିଲା ଟ.୧୪/- ଏବଂ ସେତେବେଳେ ଆହୁରି ମଧ୍ୟ ଆମର ଶିଲ୍କ ଶାଢ଼ୀ ୨ ଖଣ୍ଡ ଓ ଗୋଟିଏ ଜର୍ଜଟ ଶାଢ଼ୀ ଥିଲା । ଗ୍ରୀଷ୍ମାବକାଶରେ ବର୍ଷସାରା ଘରେ ପିନ୍ଧିବା ପାଇଁ ମାଁ ଙ୍କ ଲାଗି ଓ ମୋ ଲାଗି ୪ ଖଣ୍ଡ ୭/୮ ଟଙ୍କିଆ ଶାଢ଼ୀ କିଣା ହେଉଥିଲା । ଯେଯେମାଁ ପ୍ରଭୃତିଙ୍କ ପାଇଁ ମଧ୍ୟ କିଣା ହେଉଥିଲା । ସେହି ଆର୍ଥିକ ସଂକଟ ମଧ୍ୟରେ ମଧ୍ୟ ନାନାଙ୍କର ତତ୍‌କାଳୀନ ଯାନିଯାତ୍ରା, ପର୍ବପର୍ବାଣୀ, ସାଂସ୍କୃତିକ କାର୍ଯ୍ୟକ୍ରମ ମାନଙ୍କରେ ସବିଶେଷ ଆଗ୍ରହ ରହିଥିଲା । ଆମେ କଟକର ବାଲିଯାତ୍ରା, ଦଶହରା, କଟକର କାଳୀ ଦେବୀ, ଚଣ୍ଡୀ ମନ୍ଦିର ଇତ୍ୟାଦି ଦେଖିବାକୁ ପ୍ରତିବର୍ଷ ଯାଉଥିଲୁଁ । ଦଶହରା, ବାଲିଯାତ୍ରା, ଝୁଲଣପୂର୍ଣ୍ଣମୀ ଇତ୍ୟାଦି ଦୁଇ ତିନିଟା ପର୍ବ ମାନଙ୍କରେ ଆମେ ସମସ୍ତେ ରିକ୍ସାରେ ବସି ତାହା ଦେଖିବାକୁ ଯାଉଥିଲୁଁ । ତାଙ୍କ ଝିଅ ମାନଙ୍କର ମନ ଆନନ୍ଦ ନିମିତ୍ତ ସେ ସର୍ବଦା ଇଚ୍ଛୁକ ଥିଲେ । ଆମ ମୀରା କଟକର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଘରକୁ ଯାଇ ଅନ୍ୟ ଝିଅ ମାନଙ୍କ ସହ ଓଡ଼ିଶୀ ନାଚ ଶିଖୁଥିଲା । ତାଙ୍କ ଘର ଥିଲା ଜଗନ୍ନାଥବଲ୍ଲଭରେ । ଆମ ଘର ମହ୍ଲାସାହୀରୁ ତାଙ୍କ ଘରକୁ ଯିବା ଆସିବା ପାଇଁ ଟ.୧/- ରିକ୍ସା ଖର୍ଚ୍ଚ ହେଉଥିଲା । ମୋ ଜେଜେମାଁ ପ୍ରତିବର୍ଷ ଦୁତିଆ ଓଷା ବା ପୁଅ ଜୀଉଁନ୍ତିଆ ଉପଲକ୍ଷେ ତାଙ୍କର ସାତ ପୁଅଙ୍କ ପାଖରୁ ସାତଖଣ୍ଡ ବେଶ୍ ଦାମୀ ୧୬/୧୭/୨୦ ଟଙ୍କିଆ ସୁନ୍ଦର ଶାଢ଼ୀ ପାଉଥିଲେ । ଅନ୍ୟାନ୍ୟ ସାଙ୍ଗ ମାନେ ଦାମିକା ଶାଢ଼ୀ ଗହଣା ଇତ୍ୟଦି ପରିଧାନ କରି କଲେଜକୁ ଆସୁଥିଲେ । କିନ୍ତୁ ସେସବୁ ଦେଖି ମୋମନରେ ଦୁଃଖ କିମ୍ବା ପରଶ୍ରୀକାତରତା ବା ଆମେ ଦରିଦ୍ର ବୋଲି ନ୍ୟୁନତା ମଧ୍ୟ ମନର ଭାବନା ମଧ୍ୟରେ ସ୍ଥାନଲାଭ କରୁନଥିଲା ।

ମୋର ଭଉଣୀ ମାନଙ୍କ ଲାଗି ଫ୍ରକ୍, ପ୍ୟାଣ୍ଟ, ସେମିଜ୍, ଆମର ଶାୟା, ବ୍ଲାଉଜ୍ ଇତ୍ୟାଦି ସବୁ ମୁଁ ଓ ମୋ ମାଁ ଓ ପିଉସୀ ନାନୀ ହାତରେ ସିଲାଇ କରୁଥିଲୁଁ । ସେତେବେଳେ

Digitized by srujanika@gmail.com

ସିଲାଇ ମେସିନ କିଣିବା ପାଇଁ କିମ୍ବା ଦର୍ଜୀ ଦ୍ୱାରା ତିଆରି କରାଇବା ପାଇଁ ଆମର ପଇସା ନଥିଲା । ମୁଁ ସବୁ କପଡ଼ା ସେମାନଙ୍କ ମାପ ଅନୁସାରେ କାଟି କରି ବାନ୍ଧି ବାନ୍ଧି ଥୋଇ ଦେଇ କଲେଜକୁ ଯାଏଁ । ଆମ ଘରେ ବାସନସଫା, ଲୁଗା ସଫାଇ ଇତ୍ୟାଦି ଗୃହକର୍ମ କରିବା ପାଇଁ କୌଣସି ଲୋକ ରହିନଥିଲେ । ମୁଁ ଘରେଥିବା ଗୋଟିଏ ବଡକୁଣ୍ଡରେ ପ୍ରାୟ ୩୦/୪୦ ବାଲଟି ପାଣି କୂଅଁରୁ ଟାଣି ଭର୍ତ୍ତି କରି କଲେଜ ଯାଏଁ । ମୋ ମାଁ ସବୁ ପ୍ରକାର ଘର କାମ ରୋଷାଇ, ଲୁଗାସଫା, ଘର ଓଳା ପୋଛା, ବାସନ ମଜା ଇତ୍ୟାଦି କାମ ଶେଷ କରି ବାକୀ ଯାହା ସମୟ ମିଳେ, ସେହି ସମୟର ସଦ୍‌ବିନିଯୋଗ କରନ୍ତି ସମସ୍ତଙ୍କର ପ୍ୟାଣ୍ଟ, ଫ୍ରକ୍ ଇତ୍ୟାଦି ସିଲାଇ କରି । କିନ୍ତୁ ଅନ୍ୟ ଘରଣୀମାନେ ସେହି ସମୟରେ ପ୍ରାୟ ୪ଟା ୫ଟା ପର୍ଯ୍ୟନ୍ତ ବିଶ୍ରାମ କରନ୍ତି । ସମୟାନୁସାରେ ଯେତିକି କରିଥାନ୍ତି ମୁଁ କଲେଜରୁ ଫେରିଲେ ବାକୀ ଅଂଶ ଶେଷ କରେଁ । ଆଗ ସମସ୍ତେ ପ୍ରାୟ ଅଣ୍ଟାରେ କୁଞ୍ଚ କୁଞ୍ଚ ହୋଇଥିବା ଫ୍ରକ୍ ପରିଧାନ କରୁଥିଲେ । ମୋର ମାଁ ସେହି କୁଞ୍ଚ କାମ ଓ ବେକରେ ପଟି ଠିକ୍ କରି ବସାଇ ପାରୁନଥିଲେ । ସେଇଟା ପ୍ରାୟ ମୋର କାମ ଥିଲା । ଆହୁରି ମଧ୍ୟ ଏ ପ୍ରକାର କାମ ସରିଗଲେ, ମୋ ମାଁଙ୍କର ସିଲାଇ ପ୍ରତି ଏତେ ଆଗ୍ରହ ଥିଲା ଯେ ସେ ଏମ୍ବ୍ରୟେଡେରି କାମ କରୁଥିଲେ । ସମସ୍ତେ ତାହା ଯେଉଁ ପ୍ରଣାଳୀରେ କରନ୍ତି, ସେ ଭିନ୍ନ ପ୍ରକାର ଭାବରେ କରୁଥିଲେ । ଷ୍ଟିଲ୍ କିମ୍ବା କାଠର ଫ୍ରେମ ମଧ୍ୟରେ କପଡ଼ାକୁ ଚିପି ଉକ୍ତ ଏମ୍ବ୍ରୟେଡେରୀ କାମ କରାହୁଏ । ତାର ଦାମ ମଧ୍ୟ ସେତେବେଳେ ଟ.୧୦/୧୫ ଥିଲା । ତେଣୁ ସେଥିରୁ ଗୋଟେ ନ ଆଣି ଗୋଟିଏ ଛୋଟ ଷ୍ଟିଲ୍ ଗିନା ଉପରେ କପଡାଟିକୁ ରଖି, ବାମ ହାତରେ ତାକୁ ଚିପି ଧରି ସେଥିରେ ଅଙ୍କା ହୋଇଥିବା ଡ୍ରଇଁ ଉପରେ ଫୁଲ, ପତ୍ର, ଡାଳ ଇତ୍ୟାଦି ଦକ୍ଷିଣ ହସ୍ତରେ ଛୁଞ୍ଚି ସୂତାରେ ତିଆରି କରୁଥିଲେ । ଶାୟା, ତକିଆ ଖୋଳ ଇତ୍ୟାଦିରେ ଏହିପରି ଭାବରେ ସେ ଏମ୍ବ୍ରୟେଡେରି ତିଆରି କରୁଥିଲେ । ଆମ୍ଭେ ମାନେ ମଧ୍ୟ ସେତେବେଳେ କପଡ଼ାରେ ନାନା ପ୍ରକାର ଫଟୋଚିତ୍ର ଯଥା - ଶ୍ରୀକୃଷ୍ଣ, ବୁଦ୍ଧଦେବ, ଶୁଆ, ସିନେରୀ, ହରିଣ ଇତ୍ୟାଦିରେ ଏମ୍ବ୍ରୟେଡେରୀ କରି କାଚରେ ବାନ୍ଧି ଗୃହ କାନ୍ଥରେ ଟଙ୍ଗେଇ ଦେଉଥିଲୁଁ । ଝିଅ ମାନଙ୍କର ସିଲାଇ, ରୋଷାଇ, ଗୃହକର୍ମ ଅନ୍ୟ ମାନଙ୍କର ସେବାଯତ୍ନ, ମନମାଫିକ୍ କାମ କରିପାରିବା ତତ୍ ସହ ବିଦ୍ୟା ଶିକ୍ଷାଲାଭ ଇତ୍ୟାଦି ବିବାହ ସମୟରେ ବିଚାର୍ଯ୍ୟର ବିଷୟ ହେଉଥିଲା । ତେଣୁ ସେତେବେଳେ ଝିଅ ମାନେ ପାଠ ପଢ଼ା ଘର କାମ ଇତ୍ୟାଦି ଅବଶିଷ୍ଟ ସମୟର ଏହିପରି ଭାବରେ ସଦ୍‌ବିନିଯୋଗ

Digitized by srujanika@gmail.com

କରୁଥିଲେ। ଝିଅ ୧୨/୧୪ ବର୍ଷର ହୋଇଗଲେ ସ୍କୁଲ, କଲେଜ ବ୍ୟତୀତ ଘରୁ ବୁଲିବା ପାଇଁ କୁଆଡ଼େ ଏକୁଟିଆ ବୁଲିଯିବାଟା ସମାଜରେ ଚଳୁନଥିଲା। ଯେଉଁଆଡ଼େ ଯିବେ ସାଙ୍ଗରେ ଥିବେ ପିତା ମାତା, ଗୁରୁଜନ ଇତ୍ୟାଦି ଯେ ହେଲେ। ଶାଢ଼ୀରେ ସେମାନଙ୍କର ପ୍ରାୟ ସର୍ବାଙ୍ଗାବୃତ ହେଉଥିଲା। ଅନ୍ୟମାନଙ୍କ ମାଁ ମାନେ ଝିଅ ମାନଙ୍କୁ ସବୁ ନୀତି ବାକ୍ୟ, ଆଦର୍ଶ, କର୍ତ୍ତବ୍ୟବୋଧତା, ଗୁରୁଜନ ମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ, ଶାନ୍ତ ଶିଷ୍ଟ, ସହିଷ୍ଣୁତା, ତ୍ୟାଗ ଇତ୍ୟାଦି ଗୁଣ ସବୁ ଶିକ୍ଷା ଦେଇ ପାଠ ପଢ଼ିବାକୁ ଛାଡୁଥିଲେ। ସେତେବେଳେ ଝିଅ ମାନଙ୍କ ମନ ମଧ୍ୟରେ ସ୍ୱୀୟ ସୌନ୍ଦର୍ଯ୍ୟ ପରି ପ୍ରକାଶର ସଚେତନତା ନଥିଲା। ଅପାରମ୍ପରିକ, ଶାଳୀନତା ବିହୀନ ବେଶଭୂଷଣ, ସାଜସଜ୍ଜା ମଧ୍ୟ ଧାରଣ କରୁନଥିଲେ। ଆମର ବ୍ୟୟ ସାପେକ୍ଷ ବେଶଭୂଷା ନଥିଲା।

ସେତେବେଳେ ଆମ ଘରେ ପିଇବା ପାଣିର କୌଣସି ବ୍ୟବସ୍ଥା ନଥିଲା। କୂପଜଳ ତାର ସମାଧାନ କରିପାରୁନଥିଲା। ଆମ ଘରୁ ୪।୫ଟା ଘର ପରେ ଗୋଟିଏ ପିଇବା ପାଣି କଳ ଥିଲା। ସେଠାକାର ସମସ୍ତେ ସେଠାରୁ ପିଇବା ପାଣି ନେଉଥିଲେ। ୧୯୫୮ ଖ୍ରୀ:ର କଥା। ସେ ସମୟରେ ୧୫।୧୬ ବର୍ଷ ବୟସ୍କା ଅବିବାହିତା ଝିଅ ମାନେ ବହୁଜନ ସମାଗମ ସ୍ଥାନକୁ ସ୍ୱଚ୍ଛନ୍ଦରେ ଯାଉନଥିଲେ। ପିତା ମାତା ସେମିତି ସ୍ଥାନକୁ ଯିବାକୁ ଝିଅ ମାନଙ୍କୁ ଅତି ଆବଶ୍ୟକ ହେଲେ ଅନୁମତି ଦେଉଥିଲେ। ସେଥିପାଇଁ ମାଁ, ମୁଁ ଓ ପିଉସୀ ନାନୀ ପ୍ରାୟ କଳକୁ ପାଣି ଆଣିବା ପାଇଁ ଯାଉନଥିଲୁଁ । ମାଁ ସେତେବେଳେ ଶ୍ୱଶୁର, ଶାଶୁ ପାଖରେ ଥିବା ବୋହୁ ହୋଇଥିଲେ। ତେଣୁ ଜେଜେ ମାଁ ତାଙ୍କୁ ମଧ୍ୟ ସେଠାକୁ ଯିବାକୁ ହଁ କରୁନଥିଲେ। ଛଅଟି କନ୍ୟାଙ୍କର ମାତା ହୋଇଥିଲେ ମଧ୍ୟ ସେ ଶାଶୁ ଶ୍ୱଶୁରଙ୍କ କଥାକୁ ମାନିକରି ଚଳୁଥିଲେ। ସେମାନଙ୍କର ଶାଶୁ ବୋହୁର ସମ୍ପର୍କ ବେଶ୍ ଉତ୍ତମ ଥିଲା। ତାଙ୍କରଧାରଣା ଥିଲା- ଗୁରୁଜନ ମାନଙ୍କର ଆଶୀର୍ବାଦ ହିଁ ଆମର ଜୀବନର ପାଥେୟ ଏଦୃଢ଼ ବିଶ୍ୱାସରେ ସେତେବେଳର ଯୌଥ ପରିବାର ପରିଚାଳିତ ହେଉଥିଲା। ମୋ ଜେଜେ ମାଁ (ଉଦ୍‌ଗାତା ବାବୁଙ୍କ ବୋଉ (ମାଁ)), ଭଉଣୀ ମୀରା, ଜ୍ୟୋତି ନିଜର ସାମର୍ଥ୍ୟ ମୁତାବକ ଗରା, ବାଲଟିନ୍ ଧରି ପାଣି ଆଣିବା ପାଇଁ ଯାଉଥିଲେ। ଏପରିକି ଦିନେ ଦିନେ ଧାଡ଼ି ବାନ୍ଧି ଛୋଟ ଡ଼ାଳ, ମଗ୍, ଜଗ୍ ଧରି ସାନ ଦୁଇ ଭଉଣୀ ଜ୍ୟୋତ୍ସ୍ନା ଓ ଇନ୍ଦିରା ମଧ୍ୟ ଯାଉଥିଲେ। ଧାଡ଼ିଟି ବେଶ୍ ଦର୍ଶନୀୟ ହେଉଥିଲା। ଜେଜେବାପା ସେମାନଙ୍କୁ ତୁମେ ସମସ୍ତେ ପାଣି ଆଣିଲକି' ବୋଲି ପ୍ରଶ୍ନ କଲେ କି ଖୁସୀରେ ସମସ୍ୱରରେ ହଁ ବାପା ବୋଲି

Digitized by srujanika@gmail.com

ଉତ୍ତର ଦେଉଥିଲେ ।

ଆମର ଖାଦ୍ୟ, ଆମେ ଅର୍ଥାଭାବ ହେତୁ ପ୍ରତ୍ୟେକ ଦିନ ମାଛ, ମାଂସ, ପନୀର କିମ୍ବା ବିଭିନ୍ନ ପ୍ରକାର ଫଳର ସାଲାଡ୍ ଇତ୍ୟାଦି ଖାଉନଥିଲୁଁ । ଏପରିକି ଯେଉଁମାନେ ଡାଲି ନହେଲେ ମଧ୍ୟ ଭାତ, ତରକାରୀ, ଶାଗ, ଭଜା, ଖଟା ଇତ୍ୟାଦି ମିଶାଇ ଖାଇପାରୁଥିଲେ, ସେମାନଙ୍କ ନିମିତ୍ତ ଡାଲି ମଧ୍ୟ ପ୍ରତ୍ୟେକ ଦିନରନ୍ଧା ହେଉନଥିଲା । ବିନ ନାନୀ କେବଳ ଡାଲି ସାଙ୍ଗରେ ଭାତ ଅଳ୍ପ ଟିକିଏ ଖାଉଥିଲା । ସେତେବେଳେ ତାର ବହୁତ ଦେହ ଖରାପ ଥିଲା । ପେଟରେ କୌଣସି ରୋଗ ଥିବା ବିଷୟ ସେତେବେଳର କଟକର ପ୍ରସିଦ୍ଧ ଖ୍ୟାତନାମା ଭେଷଜ ବିଶେଷଜ୍ଞ (ମେଡିସିନ୍ ସ୍ପେଶିଏଲିଷ୍ଟ) ଡାକ୍ତର ଶରତ ମିଶ୍ର ମଧ୍ୟ ଯେଉଁ ଔଷଧ ଦେଇ ଚିକିତ୍ସା କଲେ କିଛି ବିଶେଷ ଫଳପ୍ରଦ ହେଲା ନାହିଁ । କବିରାଜୀ ଔଷଧ, ହୋମିଓପ୍ୟାଥିକ, ବାଇଓକେମିକ୍‌ରେ ମଧ୍ୟ କିଛି ଲାଭ ହେଲା ନାହିଁ । ସେ କିଛି ନଖାଇ ନଖାଇ ଶୁଖି ଶୁଖି ଅସ୍ଥିକଙ୍କାଳ ସାର ହୋଇଗଲା । କିନ୍ତୁ ତଥାପି କଲେଜ ଯିବା, ପାଠପଢ଼ିବା ତାର ମନବଳ ଲାଗି କେବେ ବି ବନ୍ଦ ହୋଇନଥିଲା । ସେତେବେଳେ ଆମେ ଟେବୁଲ୍, ଚୌକି ଧରି ପାଠ ପଢୁନଥିଲୁଁ । ତଳେ ବସି ଅଧ୍ୟବସାୟ ଚାଲିଥିଲା । ସେହିପରି ଅବସ୍ଥାରେ ବିନନାନୀ ରେଭେନ୍ସା କଲେଜରେ ପରୀକ୍ଷା ହଲ୍‌ରେ ମୋର ସାମ୍ନାରେ ତଳେ ବସି ଡେସ୍କ ଉପରେ ଖାତା ରଖି ପରୀକ୍ଷା ଦେଲା । ଏହପରି ଦୁରାବସ୍ଥାରେ ସେ ବି.ଏ ପାସ କଲା । ମୁଁ ମଧ୍ୟ ବି.ଏ. କ୍ଲାସରୁ ଉତ୍ତୀର୍ଣ୍ଣ ହେଲି ।

ଜେଜେ ମାଁ, ଜେଜେ ବାପା, ମୋ ନାନା (ଉଦ୍‌ଗାତା ବାବୁ) ସାନ କାକା ଓ ମୋର ସାନ ଭଉଣୀ ଦୁଇଜଣ ମୁଗଡାଲି ଖାଆନ୍ତି । ମାଁ ତ ପ୍ରାୟ ପ୍ରତ୍ୟହ ପଖାଳ ଖାଆନ୍ତି । ତେଣୁ ତାଙ୍କର ଡାଲି ଆବଶ୍ୟକ ହୁଏ ନାହିଁ । ବାକୀ ମୁଁ, ମୀରା, ଜ୍ୟୋତି ପ୍ରାୟ ତରକାରୀ ଝୋଳ, ସନ୍ତୁଳା, ସଜନା ଶାଗ ଓ ଚୂନା ଚିଙ୍ଗୁଡି ଭଜା ବା ତରକାରୀ ଯେଉଁ ଦିନ ଯାହା ହେଲା ତାହା ମିଶାଇ ଭାତ ପେଟ ପୂରା ଖାଉଥିଲୁଁ । ଚୂନା ଚିଙ୍ଗୁଡି ପ୍ରାୟ ସବୁଦିନ ହୁଏ । ଆମ ଘର ଠାରୁ ଅଳ୍ପ ଦୂରରେ ମହାନଦୀ ପ୍ରବାହିତ ହେଉଥିଲା । ପ୍ରାୟ ସକାଳ ୬ଟା ୬½ଟା ବେଳକୁ ମାଁ, ଜେଜେ ମାଁ, ମୁଁ, କେବେ କେମିତି ବିନନାନୀ ମହାନଦୀରେ ସ୍ନାନ କରି ଆସି ଯେ ଯାହା କର୍ତ୍ତବ୍ୟରେ ଲାଗି ପଡୁଥିଲୁଁ । ବାକୀ ମାନେ ଘରେ ସ୍ନାନ କରନ୍ତି । ନାନାଙ୍କ ସବୁବେଳେ ପ୍ରାୟ ଥଣ୍ଡା, ଶର୍ଦ୍ଦି, କାଶ ହୁଏ । ତେଣୁ ଅଳ୍ପ ଗରମ ପାଣିରେ ପୋଛା ପୋଛି ହୋଇଗଲେ ତାଙ୍କର କାମ ଚଳିଲା । ଆମ ଘର ସମ୍ମୁଖରେ ଗୋଟିଏ ସଜନା ଗଛ

Digitized by srujanika@gmail.com

ଥିଲା । ଘରବାଲୀ ବୂଢ଼ୀ ଯେଉଁ ଦିନ ଶାଗ ତୋଳନ୍ତି ସେ ଦିନ ସମସ୍ତ ଭଡ଼ାଘର ବାଲାଙ୍କୁ ମଧ୍ୟ ଦିଅନ୍ତି । ସେତେବେଳେ ଗୋଟିଏ ବୁଢ଼ା ସବୁଦିନ ଚୂନା (ଛୋଟ) ଚିଙ୍ଗୁଡି, ଚୂନା ଚିଙ୍ଗୁଡି ବୋଲି ପାଟି କରି କହି କହି ବିକ୍ରୀ କରି ଆଣୁଥିଲା । ଆମେ ତାକୁ ଆମ ଘରେ ଆଣି ପ୍ରତିଦିନ ଦେବା ପାଇଁ କହି ଦେଇଥିଲୁଁ । ଆମେ ପ୍ରାୟ ୧ପା ଚୂନା ଚିଙ୍ଗୁଡ଼ି କିଣୁଁ । ତାକୁ ଭାଜି କରି ରଖୁଁ ଓ ଶୁଖା, ପଖାଳ ଭାତ ସାଙ୍ଗରେ ଆନନ୍ଦରେ ମନଖୁସୀରେ ଖାଇ ନିଜ ନିଜ ସ୍କୁଲ୍ କଲେଜ ଇତ୍ୟାଦିକୁ ଯାଉଥିଲୁଁ । ଚିଙ୍ଗୁଡ଼ିକୁ ଭିନ୍ନ ଭିନ୍ନ ପ୍ରକାର ଭାବରେ ମାଁ ରାନ୍ଧୁଥିଲେ । କେତେବେଳେ ପରିବା ଗୋଳିଆ ଗୋଳିରେ, ଘାଣ୍ଟ ତରକାରୀରେ କେତେବେଳେ ଖାଲି ଆଳୁ, ଚିଙ୍ଗୁଡି ମସଲା ଝୋଳ, କେତେବେଳେ ପୁଣି ଚିଙ୍ଗୁଡ଼ି, ବଡ଼ି ବେସର ଇତ୍ୟାଦି ରନ୍ଧନ କରି ମାଁ ଆମକୁ ଭୋଜନ କରିବାକୁ ଦେଇ ଆମର ତୃପ୍ତି ବିଧାନ କରୁଥିଲେ । ପ୍ରାୟ ପ୍ରତ୍ୟହ ତାହା ଖାଇ ସମସ୍ତେ ଖୁସୀ । ଚିଙ୍ଗୁଡି ବିକ୍ରୀ କରେ ବୋଲି ଉକ୍ତ ବୁଢ଼ାକୁ ଆମେ 'ଚିଙ୍ଗୁଡ଼ି ବୁଢ଼ା' ବୋଲି କହୁଥିଲୁଁ । ଚିଙ୍ଗୁଡି ବୁଢ଼ା ପ୍ରଥମ କରି ଆମ ଘରକୁ ଚିଙ୍ଗୁଡି ଆଣି ଆସେ । ମୋ ମାଁଙ୍କୁ ସେ "ତୁ ଲକ୍ଷ୍ମୀ" ବୋଲି କହେ । "ତୋ ହାତ ଲାଗିଲେ ସବୁ ଚିଙ୍ଗୁଡ଼ି ମୋର ବିକ୍ରୀ ହୋଇଯିବ" ଏହି ଅତୁଟ ବିଶ୍ୱାସ ତାର ଥିଲା । ଚିଙ୍ଗୁଡି ବୁଢ଼ାର ଶରୀର ବର୍ଣ୍ଣ କଳା ଓ କେଶ, ନିଶ ସବୁ ଧଳା ହୋଇଯାଇଥିଲା । ଆଣ୍ଠୁ ତଳକୁ ଧୋତି, ପୁରୁଣା ସାର୍ଟ ପିନ୍ଧି ବା ଗାମୁଛା ଖଣ୍ଡିଏ ଧରି ଆସି ଆମ ଘରେ ଚିଙ୍ଗୁଡ଼ି ନିଅ, ଚୂନାଚିଙ୍ଗୁଡି ବୋଲି ଡାକେ । ବର୍ତ୍ତମାନ ମଧ୍ୟ ମୋର ସେହି 'ଚିଙ୍ଗୁଡି ବୁଢ଼ା'ର ସ୍ୱରୂପ ଦୃଷ୍ଟି ପଥାରୁଢ଼ ହୋଇଯାଉଛି । ମାସକୁ ଥରେ ମାଂସ, ମଝିରେ ୨।୩ ଥର ବଡ଼ ମାଛ, କେତେ ଦିନ ସାନ ମାଛ ଖାଉଥିଲୁଁ । ସେ ସମୟରେ ଅଣ୍ଡା ଖାଇବାର ବ୍ରାହ୍ମଣ ଘରେ ପ୍ରଚଳନ ନଥିଲା । ତେଣୁ ଆମ ଘରକୁ କେବେ ବି ଅଣ୍ଡା ଅଣା ହେଉନଥିଲା ।

ପର୍ବପର୍ବାଣୀ ପାଳନ ଦିନ ମାନଙ୍କରେ କ୍ଷୀରି, ପିଠା, ପୁରୀ, ତରକାରୀ ଇତ୍ୟାଦି ହୁଏ । ମୋ ମାଁ ରସବରା, ଦହିବରା ବହୁତ ଭଲ କରନ୍ତି । **ଏପରିକି ବର୍ଦ୍ଧମାନ କୋଠାରେ ଥରେ** ସମ୍ବଲପୁରୀ ଏସୋସିଏସନ୍‌ର 'ନବାନ୍ନ ଭକ୍ଷଣ' ଉତ୍ସବ ପାଳିତ ହେଉଥିଲା । ମୋ ନାନା କହିଲେ ସମସ୍ତଙ୍କୁ ଭୋଜିରେ ଆମ ଘରୁ ରସବରା ନେଇ ଆମେ ଖାଇବାକୁ ଦେବା । ମାଁ ମୁଗ ସବୁ ଶିଳରେ ବାଟି, ଫେଣି ପରିଶ୍ରମ କରି ସବୁ ପ୍ରସ୍ତୁତ କଲେ । ସମସ୍ତଙ୍କୁ ଭୋଜିରେ ତାହା ପରିବେଷଣ କରାହେଲା । ତାହା ଭୋଜନ କରି ସମସ୍ତେ ଆପ୍ୟାୟିତ ହୋଇଥିଲେ ।

ମୋର ନାନା ଘରେ ଯେତିକ ରହନ୍ତି ପ୍ରାୟ ସଦାସର୍ବଦା ପୁସ୍ତକ ପଠନରେ

Digitized by srujanika@gmail.com

ରତଥାନ୍ତି । କେତେବେଳେ କ୍ଲାସ୍ ଲାଗି ପ୍ରସ୍ତୁତି ତ କେତେବେଳେ ବିଶେଷ ଜ୍ଞାନ ଆହରଣ ନିମିତ୍ତ ଅନ୍ୟାନ୍ୟ ପୁସ୍ତକ ପଠନ କରନ୍ତି। ଗୋଟିଏ ବଡ଼ ହଲ୍ ଘର ଥିଲା ସେଠାରେ ଶୋଇବା ନିମିତ୍ତ ତାଙ୍କ ଲାଗି ଗୋଟିଏ ଖଟ ଥିଲା । ତାର ଅର୍ଦ୍ଧେକରେ ରହିଥାଏ ବିଭିନ୍ନ ପ୍ରକାର ପଠନୀୟ ପୁସ୍ତକ । ମାଁ ଓ ଅନ୍ୟ ଭଉଣୀମାନେ ତଳେ କନ୍ଥା ପକାଇ ଶୋଉଥିଲେ । ସେ ଭିତରେ ଗୋଟିଏ ପାର୍ଶ୍ୱରେ କାନ୍ଥକୁ ଲାଗି ରହିଥାଏ ସବୁ ପ୍ରକାର ଷ୍ଟୋର ଘରର ଜିନିଷ । ଆଉ ଗୋଟିଏ ୬/୭ ଫୁଟର ଛୋଟ ଘର । ସେଠାରେ ତଳେ କନ୍ଥା ପକାଇ ମୁଁ ଓ ମୋ ପିଉସୀ ନାନୀ ଶୋଉଥିଲୁଁ, ପଢୁଥିଲୁଁ ଇତ୍ୟାଦି । ଆଉ ଗୋଟିଏ ଘରେ ଜେଜେମାଁ ଓ ଜେଜେବାପା ଫିତାଖଟରେ ଶୋଉଥିଲେ । ବାଟ ଘରେ ବା ଡ୍ରଇଂ ରୁମ୍‌ରେ ଶୋଉଥିଲେ ମୋର ସାନ କାକା । ଖରାଦିନରେ ଗୋଟିଏ ଛୋଟ ସିମେଣ୍ଟ ଅଗଣାରେ, ଦୁଇତିନିଥର ତାକୁ ଧୋଇ ଦେଇ ମସିଣା, କନ୍ଥା ଇତ୍ୟାଦି ବିଛାଇ ଶୋଇ ପଡୁଥିଲୁଁ ଆମେ ବିଞ୍ଚଣାରେ ବିଞ୍ଚି ହୋଇ ହୋଇ । ଆମ ଘରେ ସେତେବେଳେ ବୈଦ୍ୟୁତିକ ପଙ୍ଖା ନ ଥିଲା । ଏହିପରି ଭାବରେ ଗ୍ରୀଷ୍ମଦିନ କଷ୍ଟେମଷ୍ଟେ ଗ୍ଲଳିଯାଏ । ସମୟ କାହାକୁ ଅପେକ୍ଷା କରେ ନାହିଁ। ଉକ୍ତି ଅଛି- Time and Tide waits for none ।

ସମାବର୍ତ୍ତନଉତ୍ସବ

ଖ୍ରୀ: ୧୯୫୯ ର କଥା । ସେତେବେଳେ ପ୍ରତିବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେଉଥିଲା । ସ୍ନାତକ ଶ୍ରେଣୀରେ କୃତକାର୍ଯ୍ୟ ହେବାପରେ ଛାତ୍ରମାନେ ସମାବର୍ତ୍ତନ ଉତ୍ସବରେ ଯୋଗଦାନ କରି ଉପାଧି ପ୍ରମାଣପତ୍ର ଆଣୁଥିଲେ। ସ୍ନାତକ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ ସମାବର୍ତ୍ତନ ଉତ୍ସବରେ ଛାତ୍ରମାନେ ଯୋଗ ଦେଉଥିଲେ। ତତ୍ପରବର୍ତ୍ତୀ ଶ୍ରେଣୀ ସ୍ନାତକୋତ୍ତର ଯେଉଁମାନେ ଉତ୍ତୀର୍ଣ୍ଣ ହୁଅନ୍ତି ଏବଂ ବିଦ୍ୟାବାରିଧି ଉପାଧି ପାଇବା ଲାଗି ଯେଉଁମାନେ ଯୋଗ୍ୟ ବିବେଚିତ ହୁଅନ୍ତି, ସେମାନେ ସମସ୍ତେ ସେହି ଉତ୍ସବରେ ନିଜ ନିଜର ପ୍ରମାଣପତ୍ର ଲାଭ କରନ୍ତି। ବିଭିନ୍ନ ଶ୍ରେଣୀ ଲାଗି ବିଭିନ୍ନ ରଙ୍ଗର ସମାବର୍ତ୍ତନୀ ପୋଷାକ ଏବଂ ଆଚ୍ଛାଦନୀ ଇତ୍ୟାଦି ରହିଛି । ସେହି ପୋଷାକ ପରିଧାନ କରି ସେମାନେ ନିଜ ନିଜ ସ୍ଥାନରେ ବସିଥାନ୍ତି। ସେଠାରେ ସର୍ବସମକ୍ଷରେ ରହିଥାଏ ମଞ୍ଚ । ସେଠାରେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା, ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବ ଏବଂ ଅନ୍ୟାନ୍ୟ କେତେକ ସଦସ୍ୟ ବସିଥାନ୍ତି। ଦର୍ଶକମାନଙ୍କ ଲାଗି ଉଦ୍ଦିଷ୍ଟ

Digitized by srujanika@gmail.com

ଚୌକି ଗୁଡ଼ିକର ପ୍ରଥମ କେତେକ ଧାଡ଼ିରେ ବିଶ୍ୱବିଦ୍ୟାଳୟର ସିନେଟ ଏବଂ ସିଣ୍ଡିକେଟ ସଦସ୍ୟ ବର୍ଗ ଉପବସନ କରନ୍ତି । ବିରାଟ ଆଡ଼ମ୍ବର । ଦର୍ଶକମାନଙ୍କୁ ଉତ୍ସବ ମଧ୍ୟକୁ ପ୍ରବେଶ କରିବା ପାଇଁ ଗୋଟିଏ ଗୋଟିଏ ଅନୁମତି ପତ୍ର ଦିଆଯାଏ । ଉକ୍ତ ପତ୍ର ପ୍ରବେଶ ପଥରେ ଦର୍ଶାଇଲେ ଭିତରକୁ ପ୍ରବେଶ କରିପାରିବ । ଏହି ପ୍ରଣାଳୀରେ ଆମେ ଭଉଣୀମାନେ ଓ ମୋର ମାଁ ସମସ୍ତେ ସମାବର୍ତ୍ତନ ଉତ୍ସବ ଦେଖିବାକୁ ଯାଇଥିଲୁଁ । **ସେତେବେଳେ ମୁଁ ଆଇ.ଏ. ପ୍ରଥମ ବର୍ଷରେ ରେଭେନ୍ସା ମହାବିଦ୍ୟାଳୟରେ ପଢୁଥିଲି । ସେ ବର୍ଷର ବାର୍ଷିକ ପରୀକ୍ଷା ହୋଇ ନଥିଲା ।** ସମାବର୍ତ୍ତନ ଉତ୍ସବ ପ୍ରାୟ ମାର୍ଚ୍ଚ,ଏପ୍ରିଲ ମାସରେ ଅନୁଷ୍ଠିତ ହୁଏ । ଅନ୍ୟ ଭଉଣୀମାନେ ସମସ୍ତେ ବିଦ୍ୟାଳୟରେ ପଢୁଥିଲେ । ତେଣୁ ସେମାନଙ୍କ ଭାବନା ସ୍ନାତକ ହେବା ପର୍ଯ୍ୟନ୍ତ ଯାଇନଥିବ । ମୋର ସାନ ଭଉଣୀ **ମୀରା ଉଦ୍ଗାତା ସପ୍ତମ ଶ୍ରେଣୀରେ ରାଣୀହାଟ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପଢୁଥିଲା ।** କିନ୍ତୁ ମୋର ସ୍ନାତକ ହେବାର ଭାବନା କେତେବେଳେ କବିବର ରାଧାନାଥ ରାୟଙ୍କ ଚିଲିକା କାବ୍ୟର ପଂକ୍ତି "ଦୁଃଖୀମନେ ଆଶା ଉତ୍‌ଥାନ ପତନ" ପରି ଆଶା ମଧ୍ୟରେ ନୈରାଶ୍ୟ, ଏବଂ ନୈରାଶ୍ୟ ମଧ୍ୟରେ ଆଶାର ସଞ୍ଚାର ହେଉଥିଲା । ଦିନକର ଘଟଣା ମୋର ନାନା ମହାବିଦ୍ୟାଳୟରୁ ଫେରି କହିଲେ ସମାବର୍ତ୍ତନ ଉତ୍ସବ ହେବ ୩-୪ ଦିନ ପରେ । ସେତିକିବେଳୁ ମନରେ ସୃଷ୍ଟି ହେଲା ଭାବାନ୍ତର । ମଥୁରାମଙ୍ଗଳରେ ଶ୍ରୀକୃଷ୍ଣଙ୍କ ଧନୁଯାତ୍ରା ଉତ୍ସବ ଦର୍ଶନର ଔତ୍ସୁକ୍ୟ, ଗଙ୍ଗାଧରଙ୍କ "ତପସ୍ୱିନୀ" କାବ୍ୟରେ ବର୍ଣ୍ଣିତ ଲବକୁଶଙ୍କ, ଶ୍ରୀରାମଙ୍କ ଅଶ୍ୱମେଧ ଯଜ୍ଞ ଦର୍ଶନର ଔତ୍ସୁକ୍ୟ ଆସି ରାଜତ୍ୱ କଲା ଆମ୍ଭମାନଙ୍କ ମନରାଜ୍ୟରେ । କ'ଣ ହୁଏ ସମାବର୍ତ୍ତନ ଉତ୍ସବ ଦେଖିବୁ । ଅନୁମତି ପତ୍ରଟି ନେଇ ପ୍ରବେଶ କଲୁଁ ସମସ୍ତେ । ସେଠାରେ ଯାଇ ଦେଖିଲୁଁ ଦଳେ କଳା ସମାବର୍ତ୍ତନୀ ପୋଷାକ, ମୁଣ୍ଡରେ କଳା ଟୋପି ପିନ୍ଧି ବସିଛନ୍ତି । ସ୍ନାତକୋତ୍ତର ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା କଳା ବିଭାଗ ଛାତ୍ରମାନେ ସେହି କଳା ପୋଷାକ, ଟୋପି ସାଙ୍ଗରେ ଲାଲ ସାର୍ଟିନ୍ କନାର ଆଚ୍ଛାଦନୀ ଏବଂ ବିଜ୍ଞାନ ଛାତ୍ରମାନେ ନୀଳ ସାର୍ଟିନ୍ କନାର ଆଚ୍ଛାଦନୀ ପକାଇ ବସିଥିଲେ । ବିଦ୍ୟାବାରିଧି ଛାତ୍ରମାନେ ଧଳା ସମାବର୍ତ୍ତନୀ ପୋଷାକ ଉପରେ ଲାଲ (କଳା ବିଭାଗ) କିମ୍ବା ନୀଳ (ବିଜ୍ଞାନ ବିଭାଗ) ଆଚ୍ଛାଦନୀ ପକାଇ ଉପବିଷ୍ଟ ହୋଇଥିଲେ । ବିଦ୍ୟାବାଚସ୍ପତି ଛାତ୍ର ବିଜ୍ଞାନ କିମ୍ବା କଳା ବିଭାଗରେ ପ୍ରାୟ ବିରଳ ଥାନ୍ତି । ପ୍ରତ୍ୟେକ ଛାତ୍ରଙ୍କର ନାମ ସେହି ମଞ୍ଚ ଉପରୁ ପ୍ରତ୍ୟେକ ମହାବିଦ୍ୟାଳୟ ଅଧ୍ୟକ୍ଷମାନେ ପାଠ କରୁଥିଲେ ଏବଂ ପ୍ରତ୍ୟେକେ ମଞ୍ଚ ଉପରକୁ ଯାଇ ମୁଖ୍ୟ ଅତିଥିଙ୍କ

Digitized by srujanika@gmail.com

ହସ୍ତରୁ ପ୍ରମାଣପତ୍ର ଆଣୁଥିଲେ। ପରିଶେଷରେ ଗୋଟିଏ ଶପଥ ପତ୍ର ମଧ୍ୟ ପାଠ କରୁଥିଲେ। ଜଣକ ପରେ ଜଣେ ନିଜ ନାମ ପାଠ ହେବା ପରେ ଛାତ୍ରମାନେ ଯାଇ ପ୍ରମାଣପତ୍ର ଆଣିବାବେଳେ ମନରେ ତାଙ୍କର କି ଆନନ୍ଦ, ଆଶା, ଆକାଂକ୍ଷା ଉଦ୍ଦୀପନା ଜାଗ୍ରତ ହେଉଥିଲା ତାହା ବର୍ଣ୍ଣନାତୀତ। ଆମପରି ସେତେବେଳର ତଳ ବରଡାମାନେ କେବଳ ଈଶ୍ୱରଙ୍କ ଆଗରେ ଆତ୍ମସମର୍ପଣ କରି କହୁଥିଲେ "ହେ ପ୍ରଭୁ ! ମୋ ଦିନ କାଳ ଆସୁଛି।" ସେ ସମୟରେ ଜଣେ ଛାତ୍ର ସ୍ନାତକ ହୋଇଗଲେ, ସମାଜରେ ସେ ବହୁତ ଉଚ୍ଚ ସ୍ଥାନ ଲାଭ କରୁଥିଲା। ପାଠ ପଢିସାରିଲା ବେଳକୁ ଚାକିରୀଟିଏ ଥୁଆ। ଏ ପରିସ୍ଥିତିରେ ଅନ୍ନ ସଂସ୍ଥାନ ନିମିତ୍ତ ତାର କୌଣସି ଚିନ୍ତା ରହୁ ନଥିଲା। କିନ୍ତୁ ବର୍ତ୍ତମାନ ସମାଜରେ ଛାତ୍ର ଯେତେ ଯେତେ ଉଚ୍ଚଶ୍ରେଣୀକୁ ଯାଉଛି, ପାଠ ପଢା ଶେଷ କରୁଛି, ସେତିକି ମନ ତାର ନୈରାଶ୍ୟରେ ଭାରାକ୍ରାନ୍ତ ହୋଇ ଉଠୁଛି। ବିଦ୍ୟାଶିକ୍ଷା ପରେ କଣ ବା ପନ୍ଥା ? ଏ ବିରାଟ୍ ପ୍ରଶ୍ନାବାଚୀରେ ମନ ତାର ଆଚ୍ଛନ୍ନ। ତାକୁ ସେ ପ୍ରମାଣପତ୍ର ସବୁ ଲାଗୁଛି ନିରର୍ଥକ, ବିରାଟ ବୋଝ। ଏ ସମାବର୍ତ୍ତନ ଉତ୍ସବରେ ଉଦ୍ଗାତା ବାବୁଙ୍କ ନାମ, ସ୍ନାତକୋତ୍ତର ଓଡିଆ ତାଲିକାରେ ପ୍ରଥମରେ ଡକା ହେଲା। ନାମ ପାଖରେ ବନ୍ଧନୀ ଭିତରେ ଲେଖା ଥିଲା (ଘରୋଇ)। ତାହା ମଧ୍ୟ ପଢାହେଲା। ନାମ ପଢା ହେଲା ପରେ ଉଦ୍ଗାତା ବାବୁ ମଞ୍ଚ ଉପରକୁ ତାଙ୍କର ଉପାଧି ପ୍ରମାଣପତ୍ର ଆଣିବା ପାଇଁ ଗଲେ। ସେଠାରେ ପୁଣି ଦେଖିବାକୁ ମିଳିଲା କି ଆଚମ୍ବିତ କଥା। ପ୍ରଥମତଃ ତାଙ୍କ ପୂର୍ବରୁ କୌଣସି ଘରୋଇ ଛାତ୍ର ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ନ ଥିଲେ। ସମସ୍ତେ ଘରୋଇ ଛାତ୍ର ବୋଲି ଜାଣିବା ପରେ ଆଶ୍ଚର୍ଯ୍ୟ ହୋଇଥିଲେ। ସେ ଲାଭ କଲେ ଏକ ସ୍ୱର୍ଣ୍ଣପଦକ। ପୁଣି ମଧୁସୂଦନ ରାଓ ସ୍ୱର୍ଣ୍ଣପଦକ ମଧ୍ୟ ସେ ଲାଭ କରିଥିଲେ। କାରଣ ସେ ବର୍ଷ ଓଡିଆ ସମ୍ମାନରେ ମଧ୍ୟ କେହି ପ୍ରଥମ ଶ୍ରେଣୀ ପାଇ ନ ଥିଲେ। ଉକ୍ତ ସମାବର୍ତ୍ତନ ଉତ୍ସବରେ ଉଦ୍ଗାତା ବାବୁ ଲାଭ କଲେ ଦୁଇଟି ସ୍ୱର୍ଣ୍ଣପଦକ। ଦୀର୍ଘଦିନର ସ୍ନାତକୋତ୍ତର ସର୍ବୋଚ୍ଚ ମାର୍କସୀମା କୁ ଅତିକ୍ରମ କରି ସେ ଘରୋଇ ଛାତ୍ରମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଓ ଚିର ପୂଜ୍ୟ ହୋଇ ଦୀପ୍ତିମନ୍ତ ହେଲେ ଉଜ୍ଜ୍ୱଳ ନକ୍ଷତ୍ରସମ। ୧୯୬୨ ଖ୍ରୀ: ର କଥା। ଆସ୍ତେ ଆସ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ସଂଖ୍ୟା ପରିବୃଦ୍ଧି ହେଲା। ଫଳରେ ସମାବର୍ତ୍ତନ ଉତ୍ସବ ଦିନ ଛାତ୍ରମାନଙ୍କ ନାମ ଡାକି ବ୍ୟକ୍ତିଗତ ଭାବରେ ତାଙ୍କୁ ପ୍ରମାଣପତ୍ର ଦେବା ଅସମ୍ଭବ ହେଲା। ସେଥିପାଇଁ ବିଶ୍ୱବିଦ୍ୟାଳୟର ଅଧକ୍ଷ ସେ ସବୁ ତାଙ୍କ ଅନୁଷ୍ଠାନର ଛାତ୍ରମାନଙ୍କୁ ବଣ୍ଟନ କରି

Digitized by srujanika@gmail.com

ଦେଉଥିଲେ । ପୂର୍ବରୁ ଉକ୍ତ ଉତ୍ସବ ଦିନ ମଞ୍ଚ ଉପରେ ଗୋଟିଏ ମହାବିଦ୍ୟାଳୟର ଅଧ୍ୟକ୍ଷ ତାଙ୍କ ଅନୁଷ୍ଠାନର ଛାତ୍ରମାନଙ୍କ ନାମ ପାଠ କରୁଥିଲେ ଏବଂ ସେହି ଛାତ୍ରମାନେ ସ୍ୱ ସ୍ୱ ସ୍ଥାନରେ ଦଣ୍ଡାୟମାନ ହୋଇ ପୂର୍ବଲିଖିତ ଶପଥ ପତ୍ର ପାଠ କରୁଥିଲେ । ୧୯୫୮ ଖ୍ରୀ:ରୁ ୧୯୬୧ ଖ୍ରୀ: ମଧ୍ୟରେ ଛାତ୍ର ସଂଖ୍ୟା ଏତେ ପରିବୃଦ୍ଧି ହେଲା ଯେ ଛାତ୍ରମାନଙ୍କୁ ସ୍ନାତକ ପ୍ରମାଣପତ୍ର ବଣ୍ଟନ ନିମିତ୍ତ ଉତ୍କଳ ବିଶ୍ୱବିଦ୍ୟାଳୟ ଉପର ଲିଖିତ ଉପାୟ ଅବଲମ୍ବନ କଲେ । ୧୯୬୨ ଖ୍ରୀ:ରେ ମୁଁ ଓ ମୋ ସାଙ୍ଗମାନେ ଉପର ଲିଖିତ ଉପାୟରେ ସ୍ନାତକ ପ୍ରମାଣପତ୍ର ଲାଭ କଲୁଁ । ସଭା ମଧ୍ୟରେ ସର୍ବସମକ୍ଷରେ ନିଜ ନାମ ଅଧ୍ୟକ୍ଷ କହିବେ । ତାପରେ ନିଜେ ମଞ୍ଚ ଉପରକୁ ଯାଇ ମୁଖ୍ୟ ଅତିଥିଙ୍କ ହସ୍ତରୁ ପ୍ରମାଣପତ୍ର ଆଣିବାର ଯେଉଁ ଆନନ୍ଦ ଏବଂ ଗୌରବ ମିଳିଥାନ୍ତା ସେଥିରୁ ଆମେ ବଞ୍ଚିତ ହେଲୁଁ । ତେଣୁ ସମସ୍ତଙ୍କ ମନ ଈଷତ୍ ବିଷାଦ ଭରା ଥିଲା । ଅବଶ୍ୟ ପର ମୁହୂର୍ତ୍ତରେ ପୁଣି ସ୍ନାତକ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ତନ୍ନିମିତ୍ତ ପ୍ରମାଣପତ୍ର ଲାଭ ଜନିତ ଆନନ୍ଦ ମନକୁ ଆଚ୍ଛନ୍ନ କରିଦେଲା । ସମସ୍ତେ ମନ ଖୁସୀରେ ଉପାଧିଧାରୀ ପୋଷାକ ପରିଧାନ କରି ସନ୍ନିକଟସ୍ଥ ଛାୟାଚିତ୍ରଶାଳାକୁ ଛାୟାଚିତ୍ର ଉଠାଇବା ପାଇଁ ଗଲୁଁ । ଛାୟାଚିତ୍ର ଉଠାହେଲା । ମନ ଆନନ୍ଦରେ ଉକ୍ତ ଦିନଟି ଅତିବାହିତ ହେଲା ।

୧୯୬୭ ଖ୍ରୀ: ରେ ଓଡିଶାର ପଶ୍ଚିମାଞ୍ଚଳର ସମ୍ବଲପୁରରେ ଏବଂ ଦକ୍ଷିଣରେ ବ୍ରହ୍ମପୁରରେ ଦୁଇଟି ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଲା । ଅନେକ ଘରୋଇ ମହାବିଦ୍ୟାଳୟ ମଧ୍ୟ ସ୍ଥାପିତ ହେଲା । ଆସ୍ତେ ଆସ୍ତେ ୧୯୬୮-୬୯ ଖ୍ରୀ: ବେଳକୁ ସେଥିରୁ କେତେକ ବେସରକାରୀ ମହାବିଦ୍ୟାଳୟ ରୂପେ ସ୍ୱୀକୃତି ଲାଭ କଲା । ଫଳରେ ଛାତ୍ର ସଂଖ୍ୟା ବିଶେଷ ଭାବରେ ପରିବୃଦ୍ଧି ହେଲା । ଏତଦ୍ୱାରା ବିଶ୍ୱବିଦ୍ୟାଳୟ ଗୁଡ଼ିକ ସ୍ନାତକ, ସ୍ନାତକୋତ୍ତର ଶ୍ରେଣୀରୁ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କର ପ୍ରମାଣପତ୍ର, ନାମ ତାଲିକା ନିଜ ନିଜ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ନିକଟକୁ ତାଙ୍କ ଛାତ୍ର ଛାତ୍ରୀମାନଙ୍କୁ ତାହା ବଣ୍ଟନ କରିଦେବା ପାଇଁ ଦେଲେ । ତେଣୁ ଆମେ ଯେତିକି ସମ୍ମାନ ସଭା ମଧ୍ୟରେ ଲାଭ କରିଥିଲୁଁ ଅଧୁନାତନ ଯୁଗର ଛାତ୍ରମାନେ ଆଉ ସେତିକି ମଧ୍ୟ ପାଇଲେ ନାହିଁ । ସମାବର୍ତ୍ତନୀୟ ପୋଷାକ ପରିଧାନ କରିବା ନିମିତ୍ତ ଇଚ୍ଛାଥିଲେ ମଧ୍ୟ ସୁଯୋଗ ପାଇଲେ ନାହିଁ । ବର୍ତ୍ତମାନ କେତେବେଳେ ତିନି ବର୍ଷ କିମ୍ବା ପାଞ୍ଚ ଛଅ ବର୍ଷରେ ଥରେ ସମାବର୍ତ୍ତନ ଉତ୍ସବ ହେଉଛି । ଯାହାର ଭାଗ୍ୟ ଥିବ ସେହି ଉତ୍ସବରେ ଉପାଧି ପ୍ରମାଣପତ୍ର ଆଣିପାରିବ । ମୁଁ ମଧ୍ୟ ଏହିପରି ଏକ ସୁଯୋଗ

Digitized by srujanika@gmail.com

ପାଇଥିଲି । ମୁଁ ୧୯୮୮ ଖ୍ରୀ:ରେ **ବିଦ୍ୟାବାରିଧି** ଉପାଧି ଲାଭ କଲି ଈଶ୍ୱରଙ୍କ ଅଶେଷ ଆଶୀର୍ବାଦରୁ ତଥା ପିତାମାତାଙ୍କ ମଙ୍ଗଳକାମନା ଏବଂ ସଦିଚ୍ଛାରୁ । ୧୯୮୯ ଖ୍ରୀ: ଜାନୁୟାରୀ/ଫେବୃୟାରୀ ବେଳକୁ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଁ ମଞ୍ଚ ଉପରକୁ ଯାଇ ଧଳା ସମାବର୍ତ୍ତନ ପୋଷାକ ଉପରେ ଲାଲ ଆଚ୍ଛାଦନୀ ଏବଂ ଟୋପି ପରିଧାନ କରି ମୁଁ ମୋର ବିଦ୍ୟାବାରିଧି ଉପାଧି ପ୍ରମାଣପତ୍ର ଆଣିଥିଲି ମୁଖ୍ୟ ଅତିଥିଙ୍କ ହସ୍ତରୁ । ମୋର ମନ ସେତେବେଳେ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇ ଉଠୁଥିଲା । ୧୯୪୮/୫୦ ଖ୍ରୀ: ବେଳକୁ ବଲାଙ୍ଗିର ପରି ରାଜ୍ୟରେ ଯେତେବେଳେ ଝିଅମାନେ କେହି ଘରୁ ଦାଣ୍ଡକୁ ବାହାରୁ ନଥିଲେ ସେତେବେଳେ ମୋର ନାନା, ମାଁ, ଜେଜେମାଁ, ଜେଜେବାପାଙ୍କ ଶୁଭକାମନା ତଥା ସମ୍ମତି ଏବଂ ଈଶ୍ୱରଙ୍କ ଅଶେଷ ଆଶୀର୍ବାଦ ଲାଭ କରି ଘରୁ ଗୋଡ଼ କାଢି ପାଠ ପଢିବାକୁ ଯାଇଥିଲି । ଅବଶ୍ୟ ମୋ ସାଙ୍ଗରେ ମୋ ପିଉସୀ ବିନୋଦିନୀ ଉଦ୍ଗାତା, ଯଶୋବନ୍ତୀ ମିଶ୍ର ଇତ୍ୟାଦି ଆହୁରି ଅନେକ ସାଙ୍ଗଥିଲେ । ସେମାନଙ୍କ ମଧ୍ୟରୁ ମୁଁ ଅଧ୍ୟାପିକା, ପ୍ରାଧ୍ୟାପିକା ତଥା ଅଧ୍ୟକ୍ଷା ହୋଇ କଳାଶିକ୍ଷା ଦିଗର ଗୋଟିଏ ପ୍ରକାର ଏକ ସୀମାନ୍ତରେ ଉପନୀତ ହୋଇ ପାରିଲି । ସେଦିନ ନାନା, ମାଁ, ସ୍ୱାମୀ, ପୁତ୍ର, କନ୍ୟା ସମସ୍ତେ ଅତୀବ ଆନନ୍ଦିତ ହୋଇଥିଲେ । ଆହୁରି ମଧ୍ୟ ଯେତେବେଳେ ମୁଁ ପାଠ ଆରମ୍ଭ କଲି ସେତେବେଳେ ଆମ ଘର ଦାଣ୍ଡ ପାଖ ବାରଣ୍ଡାରେ ହେଉଥିବା ଚଟଶାଳୀକୁ ପଢି ଯିବାପାଇଁ ରାଜି ହେଉ ନ ଥିଲି । ମୋତେ ସେତେବେଳେ ମାତ୍ର ୫ ବର୍ଷ ହେଉଥିଲା । ୧୯୪୬ ଖ୍ରୀ:ର କଥା । ମୋ ବୟସର ଅନ୍ୟ ଝିଅମାନେ ସମସ୍ତେ ଖେଳୁଥିବେ । ସେହି ଖେଳ ସାଥୀମାନଙ୍କୁ ଛାଡି ପାଠ ପଢି ଯିବାପାଇଁ ମୋର ଇଚ୍ଛା ହୁଏ ନାହିଁ । ବହୁତ କାନ୍ଦ ମାଡେ । ମୋର ନାନା, ମାଁ ମୋତେ ବହୁତ ବୁଝାନ୍ତି । ବୁଝି ବାଝି କେଉଁ ଦିନ ପଢିଯାଏଁ ପୁଣି କେଉଁ ଦିନ ମଧ୍ୟ ଯାଏଁ ନାହିଁ । ମୋର କାକାମାନେ, ପିଉସୀନାନୀ, ଜେଜେମାଁ ସମସ୍ତେ ମୋତେ ପାଠ ପଢି ଯିବାପାଇଁ ବୁଝାନ୍ତି । ଶେଷରେ ସେମାନଙ୍କର ଆଶୀର୍ବାଦ ଓ ଭଗବାନଙ୍କର ସଦିଚ୍ଛା ହେତୁ ମୋର ବିଦ୍ୟାଶିକ୍ଷା ଓ ତଦନୁଯାୟୀ ଉନ୍ନତି ସମ୍ଭବ ହୋଇ ପାରିଥିଲା ।

ହିନ୍ଦୁ ପରଂପରା

ବ୍ରାହ୍ମଣ ହିନ୍ଦୁ ପରିବାରରେ ବିବାହ ଏକ ପବିତ୍ର ଧାର୍ମିକ ବନ୍ଧନ, ତଥା କର୍ମ ମଧ୍ୟ । ପିତ୍ରାଳୟରେ ଥିବା ସମୟରେ କନ୍ୟା କୁମାରୀ, ବିବାହ ପରେ ସ୍ତ୍ରୀ, ସନ୍ତାନ ଲାଭ

Digitized by srujanika@gmail.com

ପରେ ଜନନୀ ହୋଇଥାଏ । କୁମାରୀ ଅବସ୍ଥାରେ ଥିବା ବେଳେ ତାର ଦାୟିତ୍ୱ ନ୍ୟସ୍ତ ହୁଏ ପିତାଙ୍କ ଉପରେ, ବିବାହ ପରେ ପତିଙ୍କ ଉପରେ ଏବଂ ବୃଦ୍ଧାବସ୍ଥାରେ ପୁତ୍ର ଉପରେ । ଆହୁରି ମଧ୍ୟ ବିଭିନ୍ନ ଅବସ୍ଥାରେ ବିଭିନ୍ନ ବେଶ ଭୂଷଣରେ ସେ ହୁଏ ଭୂଷିତା । ବିବାହ ପରେ କନ୍ୟା ହୁଏ ସ୍ତ୍ରୀ । ସେତେବେଳେ ପରଂପରାନୁସାରେ ସାଧାରଣ ମଧ୍ୟବିତ୍ତ ପରିବାରର କନ୍ୟା ସୁଶୋଭିତା ହୁଏ, ଯଥୋଚିତ ବିଭିନ୍ନ ଅଳଂକାର ବିମଣ୍ଡିତା, ଲଲାଟରେ ସିନ୍ଦୂର ବିନ୍ଦୁ ସୁଶୋଭିତା, ସୀମନ୍ତରେ ସିନ୍ଦୂର ଗାର ରଞ୍ଜିତା, ହସ୍ତରେ ଖଡ଼ୁ ସୁବର୍ଣ୍ଣ ଓ କାଚଚୂଡ଼ି ବିମଣ୍ଡିତା । ୧୯୫୯/୬୦ ଖ୍ରୀ:ର କଥା । ରେଭେନ୍ସା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପିକା ଶ୍ରୀମତୀ ସାବିତ୍ରୀ ନନ୍ଦ ବିବାହ କରି ଆସି ମହାବିଦ୍ୟାଳୟରେ ଚାକିରୀରେ ଯୋଗଦାନ କଲେ । ନବ ବିବାହିତା ସେ । କିନ୍ତୁ କପାଳରେ ସିନ୍ଦୂର ବିନ୍ଦୁ କିମ୍ୱା ସୀମନ୍ତରେ ସିନ୍ଦୂର ଲଗାଇ ନଥିଲେ ଅବିବାହିତା କନ୍ୟା ସଦୃଶ । ସେ ସମୟରେ ଅବିବାହିତା କନ୍ୟା ମାନେ ପ୍ରାୟ ବିଶେଷ ପ୍ରସାଧନ କରି ପାଠ ପଢ଼ିବାକୁ ମହାବିଦ୍ୟାଳୟ ମାନଙ୍କୁ ଆସୁନଥିଲେ । ବିଦ୍ୟାର୍ଥୀର ନିରାଡ଼ମ୍ୱର ବେଶଧାରଣ କରି ପ୍ରାୟ ଅଧିକାଂଶ ଝିଅ ଆସୁଥିଲେ । କପାଳରେ ସିନ୍ଦୂର ବିନ୍ଦୁ ବ୍ୟତୀତ ଅନ୍ୟ କୌଣସି ପ୍ରକାର ଟୀକା ବା ବିନ୍ଦୁ ଅବିବାହତା କନ୍ୟା କପାଳରେ ଧାରଣ କରିପାରେ । କିନ୍ତୁ ବିବାହିତା ଶ୍ରୀମତୀ ସାବିତ୍ରୀ ନନ୍ଦ ଗୋଟିଏ ଛୋଟ କଳା ଟୀକା ଆଖିକୁ ନ ଦିଶିଲା ପରି କପାଳରେ ଧାରଣ କରୁଥିଲେ । ସବୁଦିନ ସେ ସେହି ପୂର୍ବବତ୍ କନ୍ୟା ବେଶରେ ମହାବିଦ୍ୟାଳୟକୁ ଆସନ୍ତି । ତାଙ୍କ ସହ ପ୍ରତ୍ୟେକ ଦିନ ଉଦ୍‌ଗାତା ବାବୁଙ୍କର ଦେଖାହୁଏ । ଏହିପରି ଭାବରେ ଦିନେ ଗଲା, ଦୁଇଦିନ ଗଲା, ତିନିଦିନ ଗଲା । ଉଦ୍‌ଗାତା ବାବୁ ଭାବିଲେ- "ଇଏ ତ ବିବାହ କରିବା ପାଇଁ ଚାକିରୀରୁ କିଛି ଦିନ ଛୁଟୀ ନେଇଥିଲେ । ବିବାହ ତ ତାଙ୍କର ହୋଇଥିବା କଥା । କିନ୍ତୁ କାହିଁକି ସେ ଆମର ପାରଂପରିକତା ରକ୍ଷା କରୁନାହାନ୍ତି ।" ଏହିପରି ଭାବନ୍ତି ଓ ଘରେ ଆସି ମୋ ମାଁଙ୍କୁ କହନ୍ତି । ଏହିପରି ଭାବରେ ମଧ୍ୟ ଦିନେ ଦୁଇଦିନ ଅତିବାହିତ ହୋଇଗଲା । ତାପରେ ଷଷ୍ଠ କି ସପ୍ତମ ଦିନ ଅଧ୍ୟାପକ ମାନଙ୍କ ସାଧାରଣ ବୈଠକ କକ୍ଷରେ ସାବିତ୍ରୀ ନନ୍ଦ ପ୍ରଭୃତି ଅନ୍ୟ ଅଧ୍ୟାପକ ମାନେ କଥା ହେବା ବେଳେ ଆଲୋଚନା ହେଲା ସ୍ତ୍ରୀ ମାନଙ୍କର ସିନ୍ଦୂର ବିନ୍ଦୁ ଧାରଣ କରିବା ବିଷୟରେ । ଉଦ୍‌ଗାତା ବାବୁ କହିଲେ "ସିନ୍ଦୂର ବିନ୍ଦୁ ହେଉଛି ସ୍ତ୍ରୀ ମାନଙ୍କର ସୌଭାଗ୍ୟ ବିନ୍ଦୁ । ଏହା ଆମର ହିନ୍ଦୁ ପରଂପରା ।" ଏହି ସିନ୍ଦୂର ବିନ୍ଦୁ ଧାରଣ ବିଷୟରେ ଓଡ଼ିଆ କାବ୍ୟ ରଚୟିତା ଗଣ କାବ୍ୟରେ ମଧ୍ୟ ବର୍ଣ୍ଣନା କରି ଯାଇଛନ୍ତି ।

Digitized by srujanika@gmail.com

ଯଥା: ରାଧାନାଥ 'ଚନ୍ଦ୍ରଭାଗା'ରେ, ଗଙ୍ଗାଧର 'ତପସ୍ୱିନୀ'ରେ ଇତ୍ୟାଦି ।

ତେଣୁ ଆପଣ ଏଥର କାଲି ଠାରୁ କପାଳରେ ସିନ୍ଦୂର ବିନ୍ଦୁ ଏବଂ ହସ୍ତରେ ସୁବର୍ଣ୍ଣ ଚୂଡ଼ି ସହ କାଚ ଚୂଡ଼ି ପରିଧାନ କରି କଲେଜ ଆସିବେ । ସତକୁ ସତ ବାଧ ଶିଶୁ ସଦୃଶ ଶ୍ରୀମତୀ ସାବିତ୍ରୀ ନନ୍ଦ ଗୋଟିଏ କ୍ଷୁଦ୍ର ସିନ୍ଦୂର ବିନ୍ଦୁ କପାଳରେ ଏବଂ ହସ୍ତରେ ସୁବର୍ଣ୍ଣ ଚୂଡ଼ି ସହ କାଚ ଚୂଡ଼ି ଧାରଣ କରି ଆରଦିନ କଲେଜକୁ ଆସିଲେ । ପାରଂପରିକତା ବିଷୟକ ଶିକ୍ଷାଦାନ ଉଦ୍‌ଗାତା ବାବୁଙ୍କ ଜୀବନର ଏକ ଆଦର୍ଶ । ତାଙ୍କ ମତରେ ମଥାରେ ସିନ୍ଦୂର ବିନ୍ଦୁ, କାଚଚୂଡ଼ି, ଓଢ଼ଣା ବିବାହିତା ନାରୀର ଶୁଭ ଲକ୍ଷଣ । ଏହା ନାରୀ ଜୀବନର ଗତିପଥରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରୁନାହିଁ । ତେଣୁ ଏହା ନାରୀ ମାନଙ୍କର କର୍ତ୍ତବ୍ୟ । ଯେଉଁ ପରଂପରା ରକ୍ଷା କଲେ ନାରୀ ଜୀବନର ଆଧୁନିକ ଯୁଗର ନୂତନ ଅଗ୍ରଗତି ପଥରେ କୌଣସି ଅନ୍ତରାୟ ସୃଷ୍ଟି ହେଉନାହିଁ ତାହା କରଣୀୟ ଏବଂ ପାଳନୀୟ ମଧ୍ୟ । ସେ ହିନ୍ଦୁ ଧର୍ମର ସଂସ୍କୃତ ଶ୍ଳୋକର ମହତ୍ତ୍ୱ ଓ ଧାର୍ମିକ ପରଂପରାର ମହତ୍ତ୍ୱ ଉପଲବ୍ଧି କରି ତଦନୁଯାୟୀ ପାରୁପର୍ଯ୍ୟନ୍ତ ବାସ୍ତବ ଜୀବନରେ ତାହା କରୁଥିଲେ । 'ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ' - ଅନୁସରଣ କରି ସେ ପ୍ରତିବର୍ଷ ଶ୍ରଦ୍ଧାର ସହିତ ତାଙ୍କର ପିତା, ମାତା, ମହାଳୟା ଏବଂ ଦୀପ ଦାନ ବା ପୟାଶ୍ରଦ୍ଧ କରୁଥିଲେ । ଶ୍ରାଦ୍ଧର ନିୟମାନୁସାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତର୍ପଣାଦି ପିଷ୍ଟକ, ଶାକର, କଦଳୀ ଭଜା ଇତ୍ୟାଦି ପିଣ୍ଡ ନିମିତ୍ତ ଆବଶ୍ୟକ ବ୍ରାହ୍ମଣ ଭୋଜନ ସାମଗ୍ରୀ ଆଦି ପ୍ରସ୍ତୁତ କରା ହୁଏ, ମାଁ ଓ ଅନ୍ୟ ଭଉଣୀ ମାନେ ସେଥିରେ ବ୍ୟସ୍ତ ରହନ୍ତି । ପିଷ୍ଟକ (ପିଠା) ତିଆରି କରିବା କଷ୍ଟ ତଥା ସମୟ ସାପେକ୍ଷ । ତେଣୁ ମୋର ନାନା ସବୁବେଳେ ମାଁଙ୍କୁ କହନ୍ତି - "ରେଣୁ ଆସୁଥିବ" ସେ ଆସିଲେ କରିଦେବ, ତୁମେ ବ୍ୟସ୍ତ ହେବା ଦରକାର ନାହିଁ । ନନା ବୋଉଙ୍କୁ ପିଠା ବହୁତ ଭଲ ଲାଗୁଥିଲା । ତେଣୁ ପିତୃ ପୁରୁଷଙ୍କ ପରିତୃପ୍ତି ନିମିତ୍ତ ଏହା କରଣୀୟ । ମୁଁ ପିଠା ତିଆରି କରୁଥିଲି ।

ଶିକ୍ଷକ ଜୀବନର ପରୀକ୍ଷା

୧୯୬୧ ଖ୍ରୀ:ର ଗୋଟିଏ ଘଟଣା । ସେତେବେଳେ ସ୍ନାତକ ଶ୍ରେଣୀର କଳା ଓ ବିଜ୍ଞାନ ପାଠ୍ୟ ଖସଡ଼ାରେ ମହାବିଦ୍ୟାଳୟ ମାନଙ୍କରେ ସାଧାରଣ ଶିକ୍ଷା ବୋଲି ନିୟମାନୁଯାୟୀ କୃତ କାର୍ଯ୍ୟକ୍ରମରେ ଗୋଟିଏ ସମୟ ନିର୍ଘଣ୍ଟ ରହୁଥିଲା । ରେଭେନ୍ସା

Digitized by srujanika@gmail.com

ମହାବିଦ୍ୟାଳୟରେ ମଧ୍ୟ ତାହା ଅନୁସୃତ ହେଉଥିଲା । ଏହି ବିଷୟରେ ଛାତ୍ର ମାନଙ୍କୁ ପରୀକ୍ଷା ଦେବାକୁ ଆବଶ୍ୟକ ହେଉନଥିଲା । କିନ୍ତୁ ସେହି ପିରିୟଡ୍‌ରେ ଉପସ୍ଥିତି ୭୫ ପ୍ରତିଶତ ଆବଶ୍ୟକ ବୋଲି ନିୟମ ଥିଲା । ନଚେତ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବା ନିମିତ୍ତ ସମର୍ଥ ହେବେ ନାହିଁ । ତେଣୁ ସେ କ୍ଲାସର ମହତ୍ତ୍ୱ ଅନ୍ୟାନ୍ୟ ବିଷୟର ସମୟ ନିର୍ଘଣ୍ଟରେ ଅନ୍ୟ ବିଷୟକ ଶିକ୍ଷା ଅପେକ୍ଷାକୃତ ନ୍ୟୂନ ହେଲେ ମଧ୍ୟ ଉକ୍ତ ବିଦ୍ୟାଶିକ୍ଷା ତାର ଉପାଦେୟତାର ଧ୍ୱଜା ଧରି ରହିଥିଲା । ତେଣୁ ଛାତ୍ରଛାତ୍ରୀ ମାନେ ଉକ୍ତ ସମୟ ନିର୍ଘଣ୍ଟରେ ଉପସ୍ଥିତ ରହିବାକୁ ବାଧ୍ୟ ହେଉଥିଲେ । ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଲା ବିଜ୍ଞାନ ଛାତ୍ର ମାନେ କଳା ବିଷୟକ ଓ କଳା ଛାତ୍ର ମାନେ ବିଜ୍ଞାନ ବିଷୟରେ ଯତ୍ କିଞ୍ଚିତ୍ ଜ୍ଞାନ ଲାଭ କରିବେ । ବିଜ୍ଞାନ ଛାତ୍ରଙ୍କ ନିମିତ୍ତ କଳା ବିଭାଗର ବିଭିନ୍ନ ବିଷୟ ଯଥା : ସାହିତ୍ୟ, ସଂସ୍କୃତ, ଅର୍ଥନୀତି, ଇତିହାସ, ଦର୍ଶନ, ମନସ୍ତତ୍ତ୍ୱ ଇତ୍ୟାଦି ବିଭିନ୍ନ ବିଭାଗର ଅଧ୍ୟାପକ ଦୁଇଜଣ କରି ଯାଇ ସ୍ୱୀୟ ବକ୍ତବ୍ୟ ଉପସ୍ଥାପନ କରନ୍ତି । ତଦନୁରୂପ କଳା ବିଷୟର ଛାତ୍ର ମାନଙ୍କୁ ବିଜ୍ଞାନ ବିଭାଗର ଦୁଇଜଣ କରି ଅଧ୍ୟାପକ ଆସି ରସାୟନ, ପଦାର୍ଥ, ପ୍ରାଣୀ, ଉଦ୍ଭିଦ ବିଜ୍ଞାନ ବିଷୟରେ ଆବଶ୍ୟକୀୟ କିଞ୍ଚିତ ଜ୍ଞାନ ପରିବେଷଣ କରନ୍ତି । ଏତଦ୍ୱାରା କଳା ଓ ବିଜ୍ଞାନ ଛାତ୍ର ମାନେ ନିଜ ନିଜ ବିଭାଗୀୟ ଜ୍ଞାନ ବ୍ୟତୀତ ସାଧାରଣ ଭାବରେ ପରସ୍ପର ବିଷୟକ ଜ୍ଞାନଲାଭ କରନ୍ତି । ଉକ୍ତ ବର୍ଷ ମୁଁ ଓ ମୋର ପିଉସୀନାନୀ ବିନୋଦିନୀ ଦୁହେଁ ସ୍ନାତକ ଶ୍ରେଣୀର ଶେଷ ବର୍ଷରେ ପଢୁଥିଲୁଁ । ଥରେ କଳା ବିଭାଗର ସାଧାରଣ ଶିକ୍ଷା ଅବଧିକୁ ଉଦ୍‌ଗାତା ବାବୁ ଓ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) ଓଡ଼ିଆ ବିଭାଗର ଅଧ୍ୟାପକ ଦ୍ୱୟ ଓଡ଼ିଆ ସାହିତ୍ୟ ବିଷୟକ ଜ୍ଞାନ ପରିବେଷଣ କରିବା ନିମିତ୍ତ ଯାଇଥିଲେ । ଶ୍ରୀ ଜାନକୀ ବଲ୍ଲଭ ମହାନ୍ତି ପ୍ରଥମେ ଓଡ଼ିଆ ଭାଷାରେ କିଛି ସମୟ ବକ୍ତୃତା ଦେବା ପରେ ଉଦ୍‌ଗାତା ବାବୁଙ୍କର ପାଳି ପଡ଼ିଲା । ଉଦ୍‌ଗାତା ବାବୁ ପ୍ରଥମେ ଛାତ୍ର ମାନଙ୍କୁ ପଚାରିଲେ "ତୁମ୍ଭେ ମାନେ କେଉଁ ଭାଷାରେ ମୋ ପାଖରୁ ବକ୍ତୃତା ଶୁଣିବାକୁ ଇଚ୍ଛୁକ ।" ଛାତ୍ର ମାନେ ସମସ୍ୱରରେ କହିଲେ - "ସାର୍ ଆପଣ ଇଂରାଜୀ ଭାଷାରେ ବକ୍ତୃତା ଦିଅନ୍ତୁ ଆମ୍ଭେ ମାନେ ଶୁଣିବୁ । ମୁଁ ଓ ପିଉସୀ ନାନୀ ମଧ୍ୟ ଉକ୍ତ ଅବଧିରେ ଉପସ୍ଥିତ ଥିଲୁଁ । ଛାତ୍ର ମାନଙ୍କର ଉକ୍ତ ପ୍ରସ୍ତାବରେ ମୋ ମନରେ ଟିକିଏ ଦକା ପଶିଥିଲା । କାରଣ ଉକ୍ତ ସମୟ ନିର୍ଘଣ୍ଟରେ ଯେଉଁ ଶିକ୍ଷକଙ୍କ ଶିକ୍ଷାଦାନ ପଦ୍ଧତି ଛାତ୍ର ମାନଙ୍କ ମନକୁ ଆସକ୍ତ କରିପାରେ ନାହିଁ, ସେହି ସମୟରେ ଛାତ୍ରମାନେ ପାଟିତୁଣ୍ଡ ହା ହା କାର କରି, ନାନାଦି ବିଶୃଙ୍ଖଳା

Digitized by srujanika@gmail.com

ସୃଷ୍ଟି କରନ୍ତି । ତେଣୁ ମୁଁ ଭାବୁଥିଲି କ'ଣ ହେବ ? ଯଦି ନାନା ଇଂରାଜୀ ଭାଷାରେ ବାକୀ ସମୟ କହି ନପାରିବେ ତା' ହେଲେ ଛାତ୍ର ମାନେ ପାଟିତୁଣ୍ଡ ହାହାକାର କରି ଦେବେ । ତା ହେଲେ ମୋ ନାନା ଏତେ ଛାତ୍ରଙ୍କ ଆଗରେ ଅପମାନିତ ହେବେ । ତାହା ଆମକୁ ମଧ ଖରାପ ତଥା ଦୁଃଖ ଲାଗିବ ।" ଛାତ୍ର ମାନଙ୍କ ମନରେ ଭାବନା ଥିଲା ଯେ- ଦେଖାଯାଉ, ଓଡ଼ିଆ ଅଧାପକତ ଇଂରାଜୀ ଭାଷାରେ ସେ ପାଠ ପଢ଼ାଇବା ପାଇଁ ସମର୍ଥ କି ନୁହେଁ ।

ଛାତ୍ର ମାନଙ୍କ ମୁଖରୁ ତାଙ୍କ ପ୍ରଶ୍ନର ଉତ୍ତର ଶୁଣିବା ପରେ ସେ ତାଙ୍କ ଭାଷଣ ଆରମ୍ଭ କଲେ ଇଂରାଜୀ ଭାଷାରେ । ଦୋଷ ମୁକ୍ତ ଭାବରେ ଇଂରାଜୀ ଭାଷାରେ ତାଙ୍କ ପାଠ ଯେମିତି ପଢ଼ାଇବା କଥା ସେହିପରି ନିର୍ଦ୍ୱନ୍ଦ, ନିର୍ବିଘ୍ନ ଭାବରେ ପଢ଼ାଇଲେ । ତାହା ଶୁଣି ଛାତ୍ର ମାନେ ଅବାକ୍ ହୋଇଗଲେ । ପରସ୍ପର କଥା ହୋଇ ପୁଣି କହିଲେ "ନାଇଁ ଆଜ୍ଞା, ଆପଣ ଓଡ଼ିଆରେ କହନ୍ତୁ । ଆମେ ଶୁଣିବୁ । ପୁଣି ଉଦ୍‌ଗାତା ବାବୁ କହିଲେ' କାହିଁକି, କ'ଣ ହେଲା କି ?" ସେମାନେ ପୁଣି କହିଲେ "ସେହି ସମାନ କଥା" । ଉଦ୍‌ଗାତା ବାବୁ ପୁଣି ତାଙ୍କ ଭାଷଣ ଆରମ୍ଭ କଲେ ଓଡ଼ିଆ ଭାଷାରେ । କିଛି ସମୟ ପରେ ସମୟ ନିର୍ଘଣ୍ଟଟି ସମାପ୍ତ ହେଲା, ଘଣ୍ଟି ବାଜିଗଲା । ପରିଶେଷରେ ଛାତ୍ର ମାନଙ୍କର ଉଦ୍‌ଗାତା ଆଜ୍ଞାଙ୍କ ଉପରେ ମନ୍ତବ୍ୟ ହେଲା - "ଓଡ଼ିଆ ଅଧାପକ ହେଲେ ମଧ ଇଂରାଜୀ ଭାଷାରେ ବକ୍ତୃତା ଦେବା ପାଇଁ ତାଙ୍କର ଗଭୀର ଜ୍ଞାନ ରହିଛି । ଶିକ୍ଷକର ପ୍ରଶଂସା ଛାତ୍ରାଭିମୁଖୀ । ଛାତ୍ର ମାନେ ହିଁ ହେଉଛନ୍ତି ଭଲଭେଲ ଶିକ୍ଷକ ମାନଙ୍କର ଉପଯୁକ୍ତ ବିଗ୍ଚରକ । ଆଧୁନିକ ଯୁଗରେ ଏହା କେତେକ ସ୍କୁଲରେ ନିୟମ ରୂପେ ଅନୁସୃତ ହେଉଛି ।

ବାଗ୍ମୀ ଉଦ୍‌ଗାତା ବାବୁ

ବଲାଙ୍ଗୀରରେ ଅବସ୍ଥାନ କାଳରେ ପ୍ରତ୍ୟେକ ସଭା, ସମିତି ଯେଉଁଠାରେ କିଛି ବକ୍ତୃତା ଦେବାର ଆବଶ୍ୟକ ସେଠାରେ ନିଶ୍ଚୟ ଥିବେ ଉଦ୍‌ଗାତା ବାବୁ । ଯେ କୌଣସି ବିଷୟରେ ସେ ଓଜସ୍ୱିନୀ ଭାଷାରେ ଅନର୍ଗଳ ଭାବରେ ବକ୍ତୃତା ଦେଇପାରୁଥିଲେ । ଶ୍ରେଣୀ ଗୃହରେ ପାଠ ପଢ଼ାଇବା ଯେମିତି ଅନନ୍ୟ ବକ୍ତୃତା ଦେବା ଶୈଳୀ ମଧ ତଦନୁରୂପ ଏକକ ବା ଅସାଧାରଣ । ବଲାଙ୍ଗୀରରେ ୩୮ ବର୍ଷ ଜୀବନକାଳ ଅତିବାହିତ କରିବା ପରେ ସେ କଟକ ଗଲେ । ଆମେ କଟକ ଯିବାର ଛଅ ମାସ ପରେ ମୋର ଜେଜେ ମାଁ, ଜେଜେ ବାପା ଏବଂ ସାନ ପିଉସୀ ନାନୀ ବିନୋଦିନୀ ଉଦ୍‌ଗାତା କଟକ ଗଲେ । ତାଙ୍କର

Digitized by srujanika@gmail.com

ଶୋଇବା ଘରେ ଗୋଟିଏ ୩୬ର କାଠପଟା ଖଟ ପଡ଼ିଥାଏ। ତାରି ଉପରେ କାନ୍ଥକୁ ଲାଗିଥିବା ଖଟର ପାର୍ଶ୍ୱରେ ବିଭିନ୍ନ ପ୍ରକାର ପୁସ୍ତକ (କାବ୍ୟ, ସମାଲୋଚନା, ଅଳଙ୍କାର ଶାସ୍ତ୍ର, ସଂସ୍କୃତ, ହିନ୍ଦୀ, ବଙ୍ଗାଳୀ ଭାଷାରେ ରଚିତ ଗ୍ରନ୍ଥ ସମୂହ) ଖାତା, କଲମ ଇତ୍ୟାଦି ରହିଥାଏ। କଟକରେ ନାନା ଅବସର ସମୟରେ ବସି ଯେ କୌଣସି ପୁସ୍ତକ ପାଠ କରନ୍ତି। ପୁସ୍ତକ ନଧରି ସେ ଖାଲିଟାରେ କେତେବେଳେ ବସିବା ପ୍ରାୟ ଆମେ ଦେଖିନାହୁଁ। ଯେତେବେଳେ ବଲାଙ୍ଗୀରରେ ଆମେ ରହୁଥିଲୁଁ ସେତେବେଳେ ଆମେ କେତେବେଳେ ବି ଆମ ନାନାଙ୍କୁ ଦେଖି ପାରୁନଥିଲୁଁ। କାରଣ ସକାଳୁ ଆମେ ୬ଟାରେ ଉଠିଲା ବେଳକୁ ସେ ଟ୍ୟୁସନ୍‌କୁ ଯାଇଥିବେ, ପୁଣି ସେଆଡୁ ଆସି ଭାତ, ଡାଲି, ତରକାରୀ, ଭଜା, ଖଟା ଯାହା ରନ୍ଧା ହୋଇଥିବ ତାହା ଖାଇ ପୃଥ୍ୱୀରାଜ ହାଇସ୍କୁଲକୁ ଯିବେ। ତା'ପରେ ସ୍କୁଲରୁ ଫେରି ଜଳଖିଆ ଖାଇ ସନ୍ଧ୍ୟା ପୂର୍ବରୁ ବାହାରି ଯାଆନ୍ତି। ବୁଲାବୁଲି, କ୍ଲବ ଗମନ କଳାମଣ୍ଡଳ ଯିବା ଇତ୍ୟାଦି ପରେ ଘରକୁ ଫେରିଲା ବେଳକୁ ପ୍ରାୟ ୧୦.୩୦ କିମ୍ବା ୧୧ଟା ହୋଇଯାଇଥିବ। ସେତେବେଳକୁ ଆମେ କନ୍ୟା ମାନେ ସମସ୍ତେ ଶୋଇ ପଡିଥିବୁଁ। ବଲାଙ୍ଗୀରରେ ଜୀବନ ତାଙ୍କର ଥିଲା ବିଭିନ୍ନ କାର୍ଯ୍ୟବ୍ୟସ୍ତତାମୟ। ପ୍ରାୟ ଗୃହ ବାହାରେ ତାଙ୍କର ଅଧିକାଂଶ ସମୟ ଅତିବାହିତ ହେଉଥିଲା। କିନ୍ତୁ କଟକରେ ତାର ଠିକ ଓଲଟା ହେଲା। ପ୍ରାୟ ଘରେ ବସି ତାଙ୍କର ପାଠପଢ଼ା ସର୍ବଦା ଚାଲିଥାଏ। ତେଣୁ କଟକରେ ଆମେ ତାଙ୍କୁ ଦେଖୁଁ ସିନା। କିନ୍ତୁ ଯେତେବେଳେ ସେ ପଢ଼ା କାମ ଶେଷ କରି ଉଠନ୍ତି ସେତେବେଳେ ଯାହାର ଯାହା ଆବଶ୍ୟକ ଝିଅ ମାନେ କହନ୍ତି। ଆହୁରି ମଧ୍ୟ ତାଙ୍କର ସମୟ ଥିଲେ କୌଣସି ଗୋଟିଏ ସାହିତ୍ୟ ରଚନାର ବିଷୟବସ୍ତୁକୁ ଗଳ୍ପ ଆକାରରେ ବର୍ଣ୍ଣନା କରି କହନ୍ତି। ଥରେ ଥରେ ତାଙ୍କର ଅତୀତ ଜୀବନ କଥା ମଧ୍ୟ କହନ୍ତି।

କଟକରେ ବର୍ଷେ ଦେଢ଼ବର୍ଷ ଅତିବାହିତ ହେବା ପରେ ଅର୍ଥାତ୍ ଖ୍ରୀ: ୧୯୫୯ରେ ଭଞ୍ଜ ଜୟନ୍ତୀ ଉତ୍ସବରେ ତାଙ୍କୁ ମୁଖ୍ୟବକ୍ତା ରୂପେ ଯୋଗଦାନ କରିବା ପାଇଁ ଗୋଟିଏ ଅନୁଷ୍ଠାନ ତରଫରୁ ନିମନ୍ତ୍ରଣ କରା ହୋଇଥିଲା। ଉକ୍ତ ଅନୁଷ୍ଠାନରେ ଶ୍ରୀଯୁକ୍ତ ବିଚ୍ଛନ୍ଦ ଚରଣ ପଟ୍ଟନାୟକ ଥିଲେ କର୍ମକର୍ତ୍ତା ମାନଙ୍କ ମଧ୍ୟରେ ଜଣେ। ଶ୍ରୀଯୁକ୍ତ ବିଚିତ୍ରାନନ୍ଦ ମହାନ୍ତି, ପ୍ରଫେସର ହରିଚନ୍ଦନ ଇତ୍ୟାଦି ବହୁତ ଆଗ୍ରହର ସହିତ ଜୟନ୍ତୀ ପାଳନର ଦାୟିତ୍ୱ ସବୁ ସମାପନ କରୁଥିଲେ। ସେ ସମୟରେ ଶ୍ରୀଯୁକ୍ତ ହୃଦାନନ୍ଦ ରାୟ, ଦର୍ଶନ ବିଭାଗ, ଶ୍ରୀଯୁକ୍ତ କାହ୍ନୁଚରଣ ମିଶ୍ର ଓଡ଼ିଆବିଭାଗ, ଶ୍ରୀଯୁକ୍ତ ଗଙ୍ଗାଧର ବଳ ଓଡ଼ିଆ ବିଭାଗ ଇତ୍ୟାଦି

Digitized by srujanika@gmail.com

ଅଧ୍ୟାପକଗଣ ଉକ୍ତ ଉତ୍ସବରେ ଗତବର୍ଷ ଗୁଡ଼ିକରେ ବକ୍ତା ରୂପରେ ଯୋଗଦାନ କରିଥିଲେ । ତାହା ଥିଲା ଅଧ୍ୟାପକ ମାନଙ୍କ ଲାଗି ବକ୍ତୃତାର କଷଟି ପଥର । କଷଟି ପଥରରେ ଘଷି ଦେଲେ ଜଣାପଡ଼େ ସୁନା ଭଲ କି ଭେଲ । ତଦନୁରୂପ ଉକ୍ତ ଅନୁଷ୍ଠାନରେ ଜଣେ ନିଜ ଅଭିଭାଷଣରେ ଉପଯୁକ୍ତ ବକ୍ତା ରୂପେ ବିବେଚିତ ହେଲେ ସେ ହୁଏ ପ୍ରକୃତ ବାଗ୍ମୀ । ଉଦ୍‌ଗାତା ବାବୁ ମୁଖ୍ୟବକ୍ତା ରୂପେ ଆମନ୍ତ୍ରିତ ହେବା ପରେ ସେ ନିମନ୍ତ୍ରଣ ରକ୍ଷା କରି ଉକ୍ତ ଅନୁଷ୍ଠାନରେ ବକ୍ତୃତା ଦେବା ପାଇଁ ଗଲେ । ସେଠାରେବେଶ୍ ସଫଳତାର ସହ ସ୍ୱୀୟ ଅଭିଭାଷଣ ପ୍ରଦାନ କରି ଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ସେତେବେଳକୁ ପ୍ରାୟ ରାତି ୧୦ଟା । ମୁଖ ଉପରେ ତାଙ୍କର ବିଜୟ ତଥା ଆତ୍ମତୃପ୍ତିର ଛାୟା ସୁସ୍ପଷ୍ଟ ହୋଇ ଉଠୁଥିଲା । ସେଠାରୁ ଫେରି ତୃପ୍ତିର ନିଃଶ୍ୱାସ ପକାଇ କହିଲେ "ଆଜି ବକ୍ତୃତା ବହୁତ ଭଲ ହେଲା । ଶ୍ରୋତା ମାନଙ୍କ ମଧ୍ୟରେ ଅନେକ ବଡ଼ ବଡ଼ ପଣ୍ଡିତମାନେ ଥିଲେ । ସେମାନଙ୍କ ପାଣ୍ଡିତ୍ୟ ନିକଟରେ ମୁଁ ଅତି ନଗଣ୍ୟ । ନମ୍ରନ୍ତି ଗୁଣିନୋଜନାଃ । କିନ୍ତୁ ଶ୍ରୋତା ମାନଙ୍କ ମଧ୍ୟରେ କୌଣସି ପ୍ରକାର ପାଟିତୁଣ୍ଡ ନହୋଇ ବିରାଜିତ ହୋଇଥିଲା ନୀରବତା । ଯେଉଁ କଥାରେ ଅଛି - **Pindrop silence** ହୋଇ ସମସ୍ତେ ଶୁଣୁଥିଲେ । ଆଜି ମୋରଥିଲା ଗୋଟିଏ ବିରାଟ ପରୀକ୍ଷା । ଈଶ୍ୱରଙ୍କ ଅଶେଷ ଆଶୀର୍ବାଦରୁ ପରୀକ୍ଷାରେ ବେଶ୍ କୃତକାର୍ଯ୍ୟ ହୋଇପାରିଲି ।" ଏତିକି କହି ରାତ୍ରି ଭୋଜନ କଲେ ଓ ପରେ ଶୟନ କଲେ । ଆରଦିନ କଲେଜର ଅଧ୍ୟାପକ ମାନଙ୍କ ସାଧାରଣ ବୈଠକ କକ୍ଷରେ ଚାଲିଛି ସମସ୍ତଙ୍କ ମଧ୍ୟରେ ସେହି ଭଞ୍ଜ ଜୟନ୍ତୀ ସଭାରେ ଉଦ୍‌ଗାତା ବାବୁଙ୍କ ଅଭିଭାଷଣ ଉପରେ ଆଲୋଚନା । ଅଧ୍ୟାପକ ଶ୍ରୀଯୁକ୍ତ ହୃଦାନନ୍ଦ ରାୟ ନିଜେ ଦର୍ଶନ ବିଭାଗର ହେଲେ ମଧ୍ୟ ଓଡ଼ିଆ ସାହିତ୍ୟରେ ତାଙ୍କର ବେଶ୍ ଦକ୍ଷତା ଥିଲା । ଭଞ୍ଜ ସାହିତ୍ୟ ବିଷୟରେ ତାଙ୍କର ଜ୍ଞାନ ବେଶ୍ ପ୍ରଶଂସନୀୟ । ଉଦ୍‌ଗାତା ବାବୁଙ୍କ ଅଭିଭାଷଣ ଉପରେ ସେ ତାଙ୍କର ମନ୍ତବ୍ୟ ଦେଲେ - "ଉଦ୍‌ଗାତାବାବୁ ! ଆପଣଙ୍କ "ଭଞ୍ଜ ଜୟନ୍ତୀ"ର ଅଭିଭାଷଣ ବହୁତ ଉଚ୍ଚକୋଟୀର ହୋଇଥିଲା । ଶ୍ରୀଯୁକ୍ତ କାହ୍ନୁଚରଣ ମିଶ୍ରଙ୍କ ମନ୍ତବ୍ୟ ମଧ୍ୟ ତଦନୁରୂପ । ଏସବୁ ଶୁଣି ଉଦ୍‌ଗାତା ବାବୁଙ୍କ ମନ ବେଶ୍ ଆଶ୍ୱସ୍ତ ହେଉଥିଲା । ଗୋଟିଏ ଅଗ୍ନିପରୀକ୍ଷାରୁ ଉଦ୍‌ଗାତା ବାବୁ ଉତ୍ତୀର୍ଣ୍ଣ ହେଲେ । ତା ପରେ ତାଙ୍କର ନାମ ଲିପିବଦ୍ଧ ହେଲା ବାଗ୍ମୀ ତାଲିକାରେ । ବିଭିନ୍ନ ସ୍ଥାନରୁ ସଭାରେ ବକ୍ତା ହେବା ପାଇଁ ସେ ନିମନ୍ତ୍ରିତ ହେଲେ ।

କଟକ ନିକଟରେ ଝଙ୍କଡ ଗ୍ରାମ । ତା ପାଖରେ କନକପୁର । ସେଠାରୁ ସେ ନିମନ୍ତ୍ରିତ ହେଲେ ବକ୍ତୃତା ଦେବା ପାଇଁ । ବିଷୟବସ୍ତୁ କ'ଣଥିଲା ମୋର ସଠିକ୍ ମନେ

Digitized by srujanika@gmail.com

ପଢୁନାହିଁ । ସେତେବେଳେ ଗ୍ରୀଷ୍ମ ଦିନ ହୋଇଥିଲା । ସେଠାକାର ବିଦ୍ୟାଳୟର ବାର୍ଷିକୋତ୍ସବ ବୋଧ ହୁଏ ଥିଲା । ମୁଁ ମଧ୍ୟ ତାଙ୍କ ସାଙ୍ଗରେ ଯାଇଥିଲି । କଟକ ଜିଲ୍ଲାର ଗ୍ରାମ୍ୟ ପରିବେଶ, ଗ୍ରାମବାସୀଙ୍କ ବ୍ୟବହାର, ସରଳ ଜୀବନଯାପନ ଧାରା ମୋତେ ବେଶ୍ ଆକୃଷ୍ଟ କରିଥିଲା । **ମୁଁ ସେତେବେଳେ କଲେଜରେ ଆଇ.ଏ. ପଢୁଥିଲି । ଖ୍ରୀ: ୧୯୫୯ର କଥା ।** ସେଠାରେ ଜଣେ ଭଦ୍ର ମହିଳା ଥିଲେ । ବୋଧହୁଏ ଉକ୍ତ ବିଦ୍ୟାଳୟର ସେ ଜଣେ ଶିକ୍ଷୟତ୍ରୀ । ମୋତେ ତାଙ୍କ ଘରକୁ ଡାକି ନେଇ ବେଶ୍ ଆତିଥ୍ୟ ପ୍ରଦାନ କରିଥିଲେ । ମୋତେ ସେଥିରେ ବହୁତ ଖୁସୀ ଲାଗିଥିଲା । ତାଙ୍କ ଘରର ପଛ ପାଖରେ ପୁଆଳ ଏକାଥରେ ଗଦା ହୋଇ ରହିଥିଲା । ଗାଈ ଗୁହାଳରେ ଧଳା, ମାଟିଆ, କଳା, ଗାଈ, ବଳଦ, ବାଛୁରୀ ଇତ୍ୟାଦି ସମସ୍ତେ ବନ୍ଧା ହୋଇଥିଲେ । କଳାଗାଈର ମୁଣ୍ଡରେ ଗୋଟିଏ ଧଳା ରାମାନନ୍ଦୀ ଚିତା ବା ଟୀକା ଥିଲା । ତାକୁ ଦେଖିଲେ ଦର୍ଶକର ମନ ସ୍ୱତଃ ଆନନ୍ଦିତ ହୋଇଯାଉଥିଲା । ଆମେ ସଂସ୍କୃତରେ ପଢ଼ିଥିଲୁଁ 'ଗୋଷୁ କୃଷ୍ଣା ବହୁ କ୍ଷୀରା' । କେଉଁ ସୁଦୂର ଅତୀତରେ ତାହାପାଠ କରା ହୋଇଥିଲା । ସେତେବେଳେ ସେହି ଗାଈକୁ ଦେଖି ମୋର ଯାହା ସ୍ୱତଃ ମନେ ପଡିଥିଲା ବର୍ତ୍ତମାନ ମଧ୍ୟ ସେହିପରି ଏକ ଗାଈକୁ ଦେଖିଲେ ଅବିକଳ ଭାବରେ ସେହିପରି ଭାବନା ହିଁ ମନକୁ ଆସିଯାଇଥାଏ । ଆହୁରି ମଧ୍ୟ ସେଠାରେ ଖରାଦିନିଆ ଶାଗ ପଟାଳି, କଖାରୁ (ମାଖନ) ବୋଇତାଳୁ ଦେଖି ମୋ ମନରେ ଆମ ବଲାଙ୍ଗୀର ଘରେ ଥିବା ବାଡ଼ି ବଗିଚ୍ଚ ବିଷୟ ସ୍ମୃତି ପଥାରୁଢ଼ ହୋଇଥିଲା । ଆମ ଜେଜେବାପା କିପରି ସବୁ ପ୍ରକାରର ପନିପରିବା ଶାଗ ବଗିଚ୍ଚରୁ ତୋଳି କରି ଆଣନ୍ତି ଏବଂ ତାହା ମୋ ମାଁ ରାନ୍ଧନ୍ତି । ସଜନା ଶାଗ ଗଛରୁ କୁଲା କୁଲା ସଜନା ଶାଗ ଅଣା ହୁଏ । ପୁଣି ରନ୍ଧା ହୁଏ । କକେଇ ମାନେ, ପିଉସୀ ନାନୀ ମାନେ ତାଙ୍କ ଝିଅ ପୁଅ ମାନେ ଓ ଆମ ଘର କକେଇ ମାନଙ୍କ ପୁଅ ଝିଅ ଓ ମୋ ଭଉଣୀ ମାନେ ବସି କିପରି ଘରଆମ୍ବିଳିଆ ପଖାଳ ଭାତ ସାଙ୍ଗରେ ସେ ସବୁ ଖାଉଥିଲୁଁ, ଆମ ଅଗଣାରେ ଗୋଲେଇ କରି ବସି । ସେସବୁ ତତ୍କ୍ଷଣାତ୍ ଚଳଚ୍ଚିତ୍ରର ପର୍ଦ୍ଦାର ଗତି ଠାରୁ ଆହୁରି ବେଗଗାମୀ ଭାବରେ ସ୍ମରଣ ପର୍ଦ୍ଦାରେ ଚିତ୍ର ରୂପେ ଉଦ୍‌ଭାସିତ ହୋଇଗଲା । ମନେ ପଡିଗଲା ମଧୁସୂଦନ ରାଓଙ୍କ ନିର୍ବାସିତର ବିଳାପ କବିତାର ଗୋଟିଏ ପଂକ୍ତି- "ଜିଣଇ ସହଜରେ ମନୁଷ୍ୟ ମତି, ପ୍ରଭଞ୍ଜନର ବେଗ ଆଲୋକ ଗତି । ହଠାତ୍ ଚକ୍ଷୁମୋର ଲୋତକାର୍ଦ୍ର ହୋଇଗଲା । ପୁଣି ମନେ ପଡ଼ିଗଲା- କବି ସୂର୍ଯ୍ୟ ବଳଦେବ ରଥଙ୍କ ଚମ୍ପୂର ଗୋଟିଏ ପଦ "ଗଲାଣିତ ଗଲା କଥାରେ ସଙ୍ଗାତ,

Digitized by srujanika@gmail.com

ଗଲାଣିତ ଗଲା କଥା ।" ସୂର୍ଯ୍ୟ ଯେପରି ନିଷ୍କ୍ରିୟକୁ ସକ୍ରିୟ କରନ୍ତି ତଦନୁରୂପ ଭାଙ୍ଗି ପଡୁଥିବା ବା ଧିମେଇ ଆସୁଥିବା ମୋର ପଦଟି ମନକୁ କରିଦେଲା କ୍ରିୟାଶୀଳ, ଗତିଶୀଳ ଓ ଚଳଚଞ୍ଚଳ ।

ତତ୍ପରେ ମୋର ନାନା ତାଙ୍କର ବନ୍ଧୁ ମିଳନ ଶେଷ କରି ତାଙ୍କ ଘରକୁ ଆସିଲେ ଓ ଆମେ ଆମ ଗୃହକୁ ପ୍ରତ୍ୟାବର୍ତ୍ତନ କଲୁଁ । ଗୃହରେ ପହଞ୍ଚିଲା ବେଳକୁ ରାତି ପ୍ରାୟ ୧୦ଟା ହୋଇଯାଇଥିଲା । ସମସ୍ତଙ୍କ ଆଗରେ ସବୁ ପୂର୍ବ ବୃତ୍ତାନ୍ତ ବର୍ଣ୍ଣନା କରି କରି କେତେବେଳେ ସମସ୍ତେ ଆଶ୍ରୟ ନେଇ ଯାଇଥିଲୁଁ ନିଦ୍ରାଦେବୀଙ୍କ କମନୀୟ ଅଙ୍କରେ ।

କଟକ ରେଭେନ୍ସା କଲେଜରେ **ମାତ୍ର ତିନିବର୍ଷ ଆଠମାସ ରହିବା** ପରେ ଉଦ୍‌ଗାତା ବାବୁ ସମ୍ବଲପୁରର ଗଙ୍ଗାଧର ମେହେର କଲେଜକୁ ବଦଳି ହୋଇ ଆସିଲେ **ଖ୍ରୀ:୧୯୬୧ ଅଗଷ୍ଟ ମାସରେ ।** ଉକ୍ତ କଲେଜରେ ଓଡ଼ିଆ ଅଧ୍ୟାପକ ରୂପେ ସେ ଯୋଗାଦାନ କଲେ । ପ୍ରତ୍ୟେକ ବର୍ଷ ଗଙ୍ଗାଧର ମେହେର କଲେଜରେ ଏବଂ ଅନ୍ୟାନ୍ୟ ବିଦ୍ୟାପୀଠ ତଥା ବିଦ୍ୟାଳୟ ମାନଙ୍କରେ ଗଙ୍ଗାଧର ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୁଏ । ସ୍ୱଭାବ କବି ଗଙ୍ଗାଧର ମେହେର ଏ ଅଞ୍ଚଳର ଜଣେ ପ୍ରସିଦ୍ଧ କବି । ୧୮୬୨ଖ୍ରୀ: ଶ୍ରାବଣପୂର୍ଣ୍ଣମୀରେ କବିଙ୍କ ଜନ୍ମ । ସେ ଅନୁସାରେ ୧୯୬୨ଖ୍ରୀ:ରେ ହେଲା ତାଙ୍କର ଜନ୍ମଶତବାର୍ଷିକୀ ଉତ୍ସବ । ଅନ୍ୟାନ୍ୟ ବର୍ଷ ଠାରୁ ଆହୁରି ଜାକ୍‌ଜମକ୍‌ରେ ଉତ୍ସବଟି ପ୍ରତିପାଳିତ ହେଲା । କଲେଜର ଚତୁର୍ଦ୍ଦିଗରେ ବିଦ୍ୟୁତ ଆଲୋକ ସଜ୍ଜା ହୋଇଥିଲା । ଫଳରେ ରାତ୍ରିମଧ ଦିବା ପ୍ରାୟ ଆଲୋକିତ ହୋଇ ଉଠୁଥିଲା । ଉତ୍ସବଟି ଏକାଧିକ ଦିନଧରି ପାଳିତ ହୋଇଥିଲା । ପ୍ରତ୍ୟେକ ଦିନ ଦିବା ୧୦ ଘଣ୍ଟାରୁ ୨ଟା ପୁଣି ୩ଟାରୁ ୬ଟା ପର୍ଯ୍ୟନ୍ତ ହେଉଥିଲା ବକ୍ତୃତା ମାଳା । ବିଭିନ୍ନ ସ୍ଥାନରୁ ଗଙ୍ଗାଧର ପ୍ରେମୀ ପ୍ରସିଦ୍ଧ ବାଗ୍ମୀ ମାନେ ଆମନ୍ତ୍ରିତ ହୋଇ ଆସି ସ୍ୱୀୟ ବକ୍ତବ୍ୟ ପ୍ରଦାନ କରି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ସେତେବେଳେ ଶ୍ରୀଯୁକ୍ତ ବ୍ରଜବନ୍ଧୁ ମିଶ୍ର ଥିଲେ ଗଙ୍ଗାଧର ମେହେର କଲେଜର ଅଧ୍ୟକ୍ଷ । ଉଦ୍ଗାତା ବାବୁଙ୍କୁ ସେ ଆଗରୁ କହିଥିଲେ ଯଦି କୌଣସି ବକ୍ତା କୌଣସି ଦିନ ଆସି ନ ପାରନ୍ତି ତା' ହେଲେ କେମିତି କରିବା । ଆପଣ କାମ ଚଳେଇବେ । ଉଦ୍ଗାତା ବାବୁ ମଧ ସେଥିରେ ସମ୍ମତି ପ୍ରଦାନ କଲେ ଓ କହିଲେ - "ହଁ, ନିଶ୍ଚୟ କାମ ଚଳେଇବା ଏଥିରେ କିଛି ସନ୍ଦେହ ନାହିଁ । ସେଥିପାଇଁ ଆପଣ ନିଶ୍ଚିନ୍ତ ରହନ୍ତୁ ।" କଲେଜରୁ ଫେରିଲେ । ଉତ୍ସବ ଆରମ୍ଭ ହେବା ପାଇଁ ଆଉ ଚାରି ପାଞ୍ଚ ଦିନ ବାକୀ ଅଛି । ଟିକିଏ ଟିକିଏ ପଢ଼ାପଢ଼ି ମନକୁ ମନ

Digitized by srujanika@gmail.com

ବକ୍ତୃତା ଉପଲକ୍ଷ୍ୟେ କରୁଥାନ୍ତି । ମୋର ସଠିକ୍ ମନେ ପଡୁନାହିଁ । ଉତ୍ସବର କେଉଁ ଗୋଟିଏ ଦିନରେ ସତକୁ ସତ ମୁଖ୍ୟବକ୍ତା ଉକ୍ତ ସଭାରେ ଯୋଗଦାନ କରିବା ପାଇଁ ଆସି ପାରିଲେ ନାହିଁ । ତେଣୁ ବିକଳ୍ପ ବ୍ୟବସ୍ଥା ହେତୁରୁ ଉଦ୍ଗାତା ବାବୁ ହେଲେ ତାଙ୍କ ସ୍ଥାନରେ - **ମୁଖ୍ୟବକ୍ତା ଉଦ୍ଗାତା ବାବୁଙ୍କର ଏହା ସମ୍ବଲପୁର ବାସୀଙ୍କ ସମ୍ମୁଖରେ ପ୍ରଥମ ଅଭିଭାଷଣ ।** ତାଙ୍କର ମର୍ମସ୍ପର୍ଶୀ ଭାଷଣରେ ଉଦ୍ଗାତା ବାବୁ ଶ୍ରୋତାବର୍ଗଙ୍କର ମନ ମୁଗ୍ଧ କରିଦେଲେ । ଗଙ୍ଗାଧର ସାହିତ୍ୟ ଉପରେ ତାଙ୍କର ଓଜସ୍ୱିନୀ ଅଭିଭାଷଣ ସମସ୍ତ ଶ୍ରୋତାବର୍ଗଙ୍କୁ ପ୍ରଦାନ କଲା ଏକ ନୂତନ ଦିଗ୍‌ଦର୍ଶନ । ସେହି ଦିନ ଠାରୁ ସେ ସମ୍ବଲପୁରରେ ହେଲେ ବାଗ୍ମୀ ତାଲିକା ଭୁକ୍ତ । କ୍ରମେ ସେ ଓଡ଼ିଶାର ପଶ୍ଚିମାଞ୍ଚଳର ବିଭିନ୍ନ ସ୍ଥାନରେ, ବିଦ୍ୟାଳୟ, ମହାବିଦ୍ୟାଳୟ ମାନଙ୍କରେ ମୁଖ୍ୟବକ୍ତା, ରୂପେ ଯୋଗଦାନ କଲେ । ସେ ଗଙ୍ଗାଧର ସାହିତ୍ୟର ବିଭିନ୍ନ ବିଭାବ ତଥା ଓଡ଼ିଆ ସାହିତ୍ୟ ର ଅନ୍ୟାନ୍ୟ ଉପାଦାନ, ସଂସ୍କୃତ ଅଳଙ୍କାର ତତ୍ତ୍ୱ, ସଂସ୍କୃତ ସାହିତ୍ୟର ବିଭିନ୍ନ ବିଷୟବସ୍ତୁ ଅବଲମ୍ବନ କରି ଭାଷଣ ପ୍ରଦାନ କରି ଶ୍ରୋତାମାନଙ୍କୁ ବିମୁଗ୍ଧ କରି ଦେଉଥିଲେ । ତାଙ୍କର ବକ୍ତୃତାକୁ କେସେଟ୍; ମଧ୍ୟ କରାହୋଇଥିଲା । ସର୍ବ ଭାରତୀୟ ବେତାର କେନ୍ଦ୍ର ସମ୍ବଲପୁରରେ ପରିବେଷିତ ହୋଇଥିବା ଅନେକ ଆଲୋଚନା ମଧ୍ୟ କେସେଟ୍‌ରେ ସୁରକ୍ଷିତ ହୋଇ ଅନେକ ଥର ପରିବେଷିତ ହୋଇଥିଲା ।

ଟ୍ରଷ୍ଟଫଣ୍ଡ୍ ଛାତ୍ରାବାସ

୧୯୬୨ ମସିହାର କଥା । ଗଙ୍ଗାଧର ମହାବିଦ୍ୟାଳୟରେ ସେତେବେଳେ ତିନୋଟି ଛାତ୍ରାବାସ ଥିଲା । ଯଥା:- ନୂତନ ଛାତ୍ରାବାସ (ନ୍ୟୁ ହଷ୍ଟେଲ), ଟ୍ରଷ୍ଟ ଫଣ୍ଡ୍ ଛାତ୍ରାବାସ ଓ ମୁଖ୍ୟ ଛାତ୍ରାବାସ (ମେନ୍ ହଷ୍ଟେଲ୍) । ଟ୍ରଷ୍ଟ ଫଣ୍ଡ୍ ଓ ମେନ୍ ଛାତ୍ରାବାସର ଗୃହ ତଥା ତତ୍ତ୍ୱାଧାରକଙ୍କ କ୍ୱାଟର୍ସ ଗୁଡ଼ିକ ବେଶ୍ ଆଧୁନିକ ହୋଇଥିଲା । ଗଙ୍ଗାଧର ମହାବିଦ୍ୟାଳୟର ପ୍ରଥମ ଛାତ୍ରାବାସ ହେଉଛି ନ୍ୟୁ ହଷ୍ଟେଲ୍ । ଛାତ୍ରାବାସଟି ବହୁତ ପୁରୁଣା ହୋଇଯାଇଥିଲା । ତାର ପ୍ରକୋଷ୍ଠ ଗୁଡ଼ିକର ସିମେଣ୍ଟ ଇତ୍ୟାଦି ମଧ୍ୟ ଭାଙ୍ଗି ଯାଇଥିଲା । କେଉଁଠାରେ ଛାଡ଼ିଯାଇଥିଲା ତ କେଉଁ ଠାରେ ମରାମତି ହୋଇ ସିମେଣ୍ଟ ବୋଳା ହୋଇ ଦେଖାଯାଉଥିଲା ଘା, ଘଉଡ ହେଲା ପରି । ଛାତର ସ୍ୱରୂପ ମଧ୍ୟ ତଦ୍ରୂପ । ଛାତ ଏସ୍‌ବେସ୍ ଟସ୍ ଓ ପୁଆଳରେ ତିଆରି ହୋଇଥିଲା । ସେ ସମୟରେ ଏ ପ୍ରକାର ଘରେ ରହି ପଇସା ଖର୍ଚ୍ଚ କରି ବିଦ୍ୟା ଉପାର୍ଜନ କରିବା ପାଇଁ ଛାତମାନଙ୍କ ମନରେ ତିଳେ ହେଲେ କୁଣ୍ଠା ବୋଧ ନ ଥିଲା ।

Digitized by srujanika@gmail.com

ସେତେବେଳେ ସେମାନଙ୍କର ନୀତି ଥିଲା "ଛାତ୍ରା ଣାଂ ଅଧ୍ୟୟନଂ ତପଃ ।" ଅନେକ ପ୍ରକାର ତପସ୍ୟାର ବର୍ଣ୍ଣନା ରହିଛି ଶ୍ରୀମଦ୍‌ଭଗବତ୍ ଗୀତାରେ । ଯଥା :- ଶାରୀରିକ, ବାଚନିକ ଓ ମାନସିକ ।

ଅଧ୍ୟୟନ ଏକ ପ୍ରକାର ତପସ୍ୟା । ତପସ୍ୟା ଯେ କରେ ସେ ତପସ୍ୱୀ । ତପସ୍ୱୀର ଜୀବନର ମୂଳମନ୍ତ୍ର ସାଧନା । ତେଣୁ ସାଧକ ପରି ସେ ହୁଏ କଷ୍ଟ ସହିଷ୍ଣୁ । ଗ୍ରୀଷ୍ମ, ବର୍ଷା, ଶୀତର ପ୍ରାଦୁର୍ଭାବ ସମୟ ହୁଏ ତାର ସାଧନାର ପରୀକ୍ଷା ସମୟ । ସେହିପରି ସେତେବେଳେ ଛାତ୍ରମାନଙ୍କ ପାଇଁ ଆବଶ୍ୟକ ନ ଥିଲା ପକ୍କା ସିମେଣ୍ଟ ଛାତ କିମ୍ବା ବାୟୁ ନିୟନ୍ତ୍ରିତ କକ୍ଷ । ଓଡ଼ିଆ ପ୍ରବାଦ - "କଷ୍ଟ କଲେ କୃଷ୍ଣ ମିଳେ"- ସେମାନଙ୍କ ନିମିତ୍ତ ପ୍ରଯୁକ୍ତ ହୋଇ ପାରୁଥିଲା । ମେନ୍ ହଷ୍ଟେଲ୍‌ର ତତ୍ତ୍ୱାବଧାରକ ଥିଲେ ଅର୍ଥନୀତି ବିଭାଗର ଅଧ୍ୟାପକ ଶ୍ରୀଯୁକ୍ତ ଗଜେନ୍ଦ୍ର ଆଗ୍ରର୍ଯ୍ୟ । ଟ୍ରଷ୍ଟଫଣ୍ଡ ଛାତ୍ରାବାସର ସହକାରୀ ତତ୍ତ୍ୱାବଧାରକ ଥିଲେ ଉଦ୍‌ଗାତା ବାବୁ । ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଶ୍ରୀଯୁକ୍ତ ସର୍ବେଶ୍ୱର ଗୁରୁଥିଲେ ନ୍ୟୁହଷ୍ଟେଲ୍‌ର ତତ୍ତ୍ୱାବଧାରକ । ସେ ଯେଉଁ ସରକାରୀ ଗୃହ ପାଇଥିଲେ ତାର ଛାତରେ ମଧ୍ୟ ଥିଲା ଏସ୍ ବେସ୍‌ଟସ୍‌ର ଆବରଣ । କବାଟ, ଝରକା ଗୁଡ଼ିକର କାଷ୍ଠ ମଧ୍ୟ ଥିଲା ସୌନ୍ଦର୍ଯ୍ୟ ବିହୀନ, ନିଷ୍ପ୍ରାଣ । ଗୃହର ତଳର ସିମେଣ୍ଟ ମଧ୍ୟ ତଦ୍ରୂପ । ଜୀର୍ଣ୍ଣ ଶୀର୍ଣ୍ଣ ଅବସ୍ଥାରେ ସେ ସବୁଥିଲା । ସେଥିରେ କିଞ୍ଚିତ ପରିମାଣରେ ନୂତନତାର ରଙ୍ଗ ପ୍ରଦାନ କରା ହୋଇ ବାସୋପଯୋଗୀ କରାହେଲା । ସେ ସେହି ସରକାରୀ ଗୃହରେ ରହି ମହାବିଦ୍ୟାଳୟ କାମ ଏବଂ ଛାତ୍ରାବାସର ଦାୟିତ୍ୱ ସୁସଂପନ୍ନ କରୁଥିଲେ ।

ଅତିଶୟବାସୋପଯୋଗୀ ନ ହେବା ଫଳରେ୧୯୬୩ ଖ୍ରୀ: ରେ ଉଦ୍‌ଗାତା ବାବୁ ସେହି ପୂର୍ବ ବର୍ଣ୍ଣିତ ଏସବେସଟସ ଛାତ୍ରଥିବା ସରକାରୀ ଗୃହ ଛାଡ଼ି ଟ୍ରଷ୍ଟଫଣ୍ଡ ଛାତ୍ରାବସର ତତ୍ତ୍ୱାବଧାରକଙ୍କ ସରକାରୀ ଗୃହର ଅର୍ଦ୍ଧେକାଂଶରେ ରହିଲେ । ସେତେବେଳେ କିଛିଦିନ ଗୋଟିଏ ପାଖରେ ଟ୍ରଷ୍ଟଫଣ୍ଡଛାତ୍ରାବାସର ତତ୍ତ୍ୱାବଧାରକ ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ଶ୍ରୀଯୁକ୍ତ ଭରଗୀଜ୍ ବାବୁ ତାଙ୍କର ଏକମାତ୍ର କନ୍ୟାଙ୍କ ସହ ରହୁଥିଲେ । ତାଙ୍କର ଭାଷାଥିଲା ମାଲାୟାଲାମ । ଝିଅଟି ମେହେର ମହାବିଦ୍ୟାଳୟରେ ସ୍ନାତକ ଶ୍ରେଣୀରେ ପଢୁଥିଲା । ଆଉ ଗୋଟିଏ ପାଖରେ ଉଦ୍ଗାତା ବାବୁ ତାଙ୍କ ପରିବାର ସହ ରହୁଥିଲେ । ସେହି ଘରେ ରହି ୧୯୬୩ ଖ୍ରୀ: ର ମେ ମାସରେ ମୁଁ ଓଡିଆ ଏମ୍.ଏ. ପରୀକ୍ଷା ଘରୋଇ ଭାବରେ ପଢ଼ି ଉତ୍କଳ ବିଶ୍ୱବିଦ୍ୟାଳୟରେ ଦେଲି । ସେତେବେଳେ ଏସ୍‌ବେସ୍‌ଟସ୍ ଘରଟି ମରାମତି ହେଉଥିଲା । ମରାମତି ହୋଇସାରିଲାପରେ ଉଦ୍ଗାତା

Digitized by srujanika@gmail.com

ବାବୁ ପୁଣି ସେହି ଏସ୍‌ବେସ୍‌ଟସ୍ ଘରକୁ ଗଲେ । ସେଠାରେ ଛଅଜଣ କନ୍ୟାଙ୍କ ପରେ ତାଙ୍କର ଏକୋଇର ବଳାପୁତ୍ର ସନ୍ତାନ ରାଜା ବା ଆଶିଷ ଭୂମିଷ୍ଠ ହେଲା ୧୯୬୩ ଖ୍ରୀ: ନଭେମ୍ବର ମାସ ଦୁଇ ତାରିଖରେ ।

୧୯୬୫ ଖ୍ରୀ: ରେ ଉଦ୍ଗାତା ବାବୁ ଟ୍ରଷ୍ଟଫଣ୍ଡ ହଷ୍ଟେଲ୍‌ର ତତ୍ତ୍ୱାବଧାରକ ରୂପେ ନିଯୁକ୍ତି ଲାଭ କଲେ । ପୂର୍ବରୁ ଯେଉଁ ସରକାରୀ ବାସଭବନର ଅର୍ଦ୍ଧେକରେ ରହୁଥିଲେ ବର୍ତ୍ତମାନ ସେ ସଂପୂର୍ଣ୍ଣ ରୂପେ ସେହି ଗୃହରେ ସପରିବାର ଆନନ୍ଦରେ ରହିଲେ । ଛାତ୍ରମାନଙ୍କୁ ସେ ପୁତ୍ର ରୂପେ ସ୍ନେହ କରୁଥିଲେ । ସେମାନଙ୍କର ସୁବିଧା, ଅସୁବିଧା, ଖିଆ, ପିଆ, ପାଠ ପଢା ଇତ୍ୟାଦି ସବୁ ପ୍ରତ୍ୟେକଦିନ ସେ ବୁଝନ୍ତି । ଦିନକର କଥା ଗ୍ରୀଷ୍ମ ଦିନ । ରୋଷେୟା ଯେଉଁ ତରକାରୀ, ଡାଲି ରାନ୍ଧିଥିଲା ତାହା ଅତିଶୟ ଅସ୍ୱାଦୁକର ହୋଇଥିଲା । ଫଳରେ କେତେ ଜଣ ଛାତ୍ର ତାହା ନ ଖାଇ ତତ୍ତ୍ୱାବଧାରକଙ୍କ ପାଖକୁ ଚାଲି ଆସିଲେ ରୋଷେୟା ବିରୁଦ୍ଧରେ ଅଭିଯୋଗ କରିବା ନିମିତ୍ତ । ଛାତ୍ରମାନେ ଅତିଶୟ କ୍ଷୁବ୍ଧ ତଥା ଉତ୍ତ୍ୟକ୍ତ ହୋଇ ବହୁତ ଉଚ୍ଚ ସ୍ୱରରେ ରୋଷେୟାକୁ ତିରସ୍କାର କରି ଉଦ୍ଗାତା ବାବୁଙ୍କ ସମ୍ମୁଖରେ ସେମାନେ କହୁଥାନ୍ତି- ଆଜ୍ଞା ! ଏନ୍ତା କରି ଦାଏଲ୍ ରାନ୍ଧସନ୍ କାଏଁ ? ଇ'ଟା କାଏଁ ତରକାରୀ ରାନ୍ଧିଛେ ଯେ ଆମେ ଖାଏମୁଁ । ଇ' ଦାଏଲ୍ ଦେଖୁନ୍ । ଇ'ତରକାରୀ ଚାଖୁନ୍ । କେନ୍ତା ଲାଗୁଛେ, ଇଟା କାଏଁ, ମୁନୁଷ୍ ଖାଏସି ଇତ୍ୟାଦି । ଉଦ୍ଗାତା ବାବୁ ଧୀର ଚିତ୍ତରେ ଶୁଣୁଥାନ୍ତି । କ୍ରୋଧ କିମ୍ବା ବିରକ୍ତିର କୌଣସି ଛାପା ତାଙ୍କ ମୁଖ ମଣ୍ଡଳରେ ପ୍ରତିଭାତ ହେଉ ନଥିଲା । ଛାତ୍ରମାନଙ୍କର ଅଭିଯୋଗ ସବୁ ନୀରବରେ ଶୁଣି ସାରିବା ପରେ କହିଲେ- ଏହା ଉପରେ କି କାର୍ଯ୍ୟକ୍ରମ କରିବା, ରୋଷେୟା ପ୍ରତି କି ଦଣ୍ଡ ବିଧାନ କରିବା ତାହା ପରେ ବିଚାର କରିବା । ବର୍ତ୍ତମାନ ପ୍ରଥମେ ତୁମ୍ଭେମାନେ ଉଦରଶାନ୍ତ କରିବ ଚାଲ ମୋ ଘରେ । କାରଣ ପେଟ କାନ୍ଦୁଥିଲେ ମନ ରାଗୁଥାଏ । ତେଣୁ ତୁମେ ପ୍ରଥମେ ମୋ ଘରେ ଚାଲ ଖାଇବ । ଅବଶ୍ୟ ମୋ ଘରେ ମାଛ ମାଂସଇତ୍ୟାଦି ହାଇଫାଇ ଖାଦ୍ୟ ନିଶ୍ଚୟ ନାହିଁ । କିନ୍ତୁ ପଖାଳଭାତ, ବଡ଼ିଭଜା, ଆଳୁଭଜା ତ ନିଶ୍ଚୟ ଅଛି । ଏହିପରି ସ୍ନେହସିକ୍ତ କଥା ଶୁଣି ଛାତ୍ରମାନେ ଶାନ୍ତ ହୋଇଗଲେ । ପ୍ରଶମିତ ହୋଇଗଲା ସେମାନଙ୍କର କ୍ରୋଧାଗ୍ନି । ସ୍ନେହ, ମମତା ହିଁ ଅପରକୁ ବଶୀଭୂତ କରିବା ପାଇଁ ଏକମାତ୍ର ଅସ୍ତ୍ର ।

Digitized by srujanika@gmail.com

ବଡ଼ଝିଅ ରେଣୁର ବାହାଘର

୧୯୬୪ ଖ୍ରୀ:ର କଥା । ସେଠାରେ ଉଦ୍‌ଗାତା ବାବୁଙ୍କ ବଡ଼ ଝିଅ ରେଣୁ (ମୋର) ବାହାଘର ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୋର ଯାହାମନେ ପଡୁଛି - ମେହେର ମହାବିଦ୍ୟାଳୟରେ ଯେତେଜଣ ଅଧ୍ୟାପକ ଗୋଷ୍ଠୀରେ ଥିଲେ ସେମାନଙ୍କରସନ୍ତାନ ସନ୍ତତିଙ୍କ ମଧ୍ୟରେ ମୁଁ ବୋଧହୁଏ ବୟୋ ଜ୍ୟେଷ୍ଠା । ମୁଁ ଆମ ପରିବାରରେ ଯେପରି ଶ୍ରୀଯୁକ୍ତ ଲିଙ୍ଗୁକେଶ୍ୱର ଉଦ୍ଗାତାଙ୍କ ଯେତେ ନାତି ନାତୁଣୀ ମଧ୍ୟରେ ବୟୋଜ୍ୟେଷ୍ଠା, ଏଠାରେ ମଧ୍ୟ ମୋର ସ୍ଥାନ ତଦନୁରୂପ । ତେଣୁ ମୁଁ ସେତେବେଳେ ହୋଇଥିଲି ସମସ୍ତଙ୍କର ବଡ଼ଝିଅ । କି ଅନାବିଳ ଆନନ୍ଦ,ଉଲ୍ଲାସ ସମସ୍ତଙ୍କ ମନ ମଧ୍ୟରେ ଥିଲା । ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଅନ୍ୟାନ୍ୟ ବନ୍ଧୁ, ବାନ୍ଧବ ସମସ୍ତେ ଆନନ୍ଦିତ ହେଉଥିଲେ । ସେତେବେଳେ ଶ୍ରୀଯୁକ୍ତ ବ୍ରଜବନ୍ଧୁ ମିଶ୍ର ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅଧ୍ୟକ୍ଷ ହେଲେ ମଧ୍ୟ ଆମ ସମସ୍ତଙ୍କର ଅବାଧ ପ୍ରବେଶ ଥିଲା ତାଙ୍କ ଗୃହକୁ । ତାଙ୍କର ସହଧର୍ମିଣୀ ଥିଲେ କି ସ୍ନେହଶୀଳା, ମମତାମୟୀ । ସେଥିଲେ କ୍ଷୁଦ୍ରକାୟା, ଉଚ୍ଚତା ୫ ଫୁଟ ଭିତରେ । ଶରୀର ରଙ୍ଗ କନକ ଚମ୍ପା ପରି । ସାରାଦିନ ଗୃହକର୍ମରେ ବ୍ୟସ୍ତ ରହିଥାନ୍ତି । କେତେ ପିଅନ, ଚାକର ଥିଲେ ମଧ୍ୟ ନିଜେ ସବୁ କାମ କରୁଥିଲେ । ଅତିଥି ଅଭ୍ୟାଗତଙ୍କର ତ ଗମନା ଗମନ ଲାଗି ରହିଥାଏ । ତାଙ୍କର ତିନୋଟି ଝିଅ ଓ ଗୋଟିଏ ପୁଅ । ସେମାନେ ସମସ୍ତେ ମୋ ଠାରୁ ବୟସରେ ସାନ । ମୋର ଭଉଣୀ ମୀରା, ଜ୍ୟୋତି, ଜ୍ୟୋତ୍ସ୍ନା (ଗୁଲୁ),ଇନ୍ଦିରା (ଝୁଲୁ), ରେଖା (ମାମୀ) ଏବଂ ତାଙ୍କର ଝିଅ କନକ ମଞ୍ଜରୀ, ସୁକାନ୍ତି ନୀହାର ଓ ଟିଟିନ୍ ଏମାନେ ବହୁତ ସାଙ୍ଗ । ଏପରିକି ଗୋଟିଏ ପରିବାର ପରି ଆମେ ସମସ୍ତେ ଚଳୁଥିଲୁଁ । ଶ୍ରୀମତୀ ପ୍ରିନ୍ସିପାଲ୍‌ଙ୍କୁ ସମସ୍ତେ ଆମେ ମାଉସୀ ବୋଲି ଡାକୁଥିଲୁଁ । ମାଉସୀ କହିଲେ ସତେ ମାଉସୀ । ନିଜ ମାଉସୀଠୁ ବଳି । ଆମେ ମାଉସୀର ସ୍ନେହ କ'ଣ ଜାଣିବାର କେବେ ବି ସୁଯୋଗ ପାଇ ନଥିଲୁଁ । ପାଞ୍ଚଜଣ ମାଉସୀ ଯେ ପ୍ରାୟ କେହି କେବେ ଏତେ ଦୂର ଘର ବୋଲି ଆସନ୍ତି ନାହିଁ । ଆମେ ମଧ୍ୟ ସମସ୍ତେ ପାଠ ପଢ଼ାରେ ସବୁବେଳେ ଏତେ ବ୍ୟସ୍ତ ଯେ କେବେ କେଉଁଆଡେ ପ୍ରାୟ ଯାଇପାରୁ ନଥିଲୁଁ । ଯେ ଆମ ଘରକୁ ଆସିବେ ଆସନ୍ତୁ । ଶ୍ରୀଯୁକ୍ତ ବ୍ରଜବନ୍ଧୁ ମିଶ୍ରଙ୍କ ମାଁ, ବାପା ମଧ୍ୟ ତାଙ୍କ ପାଖରେ ରହୁଥିଲେ । ଶାଶୁ ଶ୍ୱଶୁରଙ୍କ ସେବାକୁ ମଧ୍ୟ ଶ୍ରୀମତୀ ମିଶ୍ର ତାଙ୍କ ଜୀବନର ବ୍ରତ କରିଥିଲେ । ସେତେବେଳର ଅମାୟିକ ସ୍ନେହ, ମମତା କଥା ବର୍ତ୍ତମାନ ଚିନ୍ତା କଲେ ଲାଗେ ଆକାଶ ପାତାଳ ପ୍ରଭେଦ ।

Digitized by srujanika@gmail.com

· ଆଉ ସେ ଯୁଗ ଆସିବ ନାହିଁ କି ସେ ମଣିଷ ଆଉ ମିଳିବେ ନାହିଁ।

ମୋ ବାହାଘର ବେଳକୁ ମୋ ଭାଇର ବୟସ ହୋଇଥିଲା ମାତ୍ର ଆଠ ମାସ। ବାକୀ ଘରେ ରହିଲେ ୫ ଭଉଣୀ ଓ ମାଁ, ବାପା। ସେତେବେଳେ ଝିଅମାନେ ଘରୁ ବାହାରି ବଜାର, ହାଟ ସଉଦା ଇତ୍ୟାଦି କିଣାକିଣି କରି ଆଣିବା ଆମ ସଂସ୍କୃତି ପରମ୍ପରାର ବହିର୍ଭୂତ ଥିଲା। ତେଣୁ ବାହାର କାମ କରିବା ପାଇଁ ମୋ ନାନା ଏକୁଟିଆ ହୋଇ ଯାଉଥିଲେ। ସେଥିପାଇଁ ତାଙ୍କର ଅଧ୍ୟାପକ ଭାଇବନ୍ଧୁ ଗଣ ଅକାତରେ ଅକୁଣ୍ଠ ଚିତ୍ତରେ ବାହାଘର ନିମିତ୍ତ ଆବଶ୍ୟକ ସମସ୍ତ ପ୍ରକାର ସାହାଯ୍ୟ କରିବା ପାଇଁ ଆଗେଇ ଆସୁଥିଲେ। କାହାରି ସହିତ ତାଙ୍କର ବିଦ୍ୱେଷ ଭାବ ନଥିଲା। ବାହାଘର ସେହି ପୂର୍ବବର୍ଣ୍ଣିତ କ୍ୱାର୍ଟର୍ସ ଘରେ ଅନୁଷ୍ଠିତ ହେଲା। ମୁଁ ହୋଇଥିଲି ସମସ୍ତଙ୍କର ଝିଅ, ଶ୍ରୀଯୁକ୍ତ ବିଭୂତି ଭୂଷଣ ମିଶ୍ର ଉଦ୍‌ଗାତା ବାବୁଙ୍କ ଜ୍ୟେଷ୍ଠ ଜାମାତା ହେବା ସଙ୍ଗେ ହେଲେ ସମସ୍ତଙ୍କର ଜାମାତା ସଦୃଶ । ସେତେବେଳେ ଗଣିତ ବିଭାଗରେ ଅଧ୍ୟାପକ ଥିଲେ ଶ୍ରୀଯୁକ୍ତ ମଦନ ନନ୍ଦ, ଶ୍ରୀମତ୍ ସାହୁ ଥିଲେ ଇଂରାଜୀ ବିଭାଗର ଅଧ୍ୟାପକ । ଆମକୁ ସେମାନେ ସିଧା ସଳଖ ଭାବରେ ଝିଅ ଜ୍ୱାଇଁ ବୋଲି ଡାକନ୍ତି। କି ଅଗାଧ ସ୍ନେହ ମମତା। ଆଉ ବର୍ତ୍ତମାନ ସେମାନଙ୍କ ମଧ୍ୟରୁ କେହି ନାହାନ୍ତି। ଯେକି ସ୍ନେହରେ ପଦେ ସମ୍ବୋଧନ କରିବେ।

ମୋ ବାହାଘର ବେଳେ ଆମ ପରିବାରର ସମସ୍ତେ ପ୍ରାୟ ଆମ ଘରକୁ ଆସିଥିଲେ। ଆମର ପୂର୍ବଘର ଅର୍ଥାତ୍ ଜେଜେବାପାଙ୍କ ନିଜ ଘର ଥିଲା ପୁରୀ ଜିଲ୍ଲାର ଦିବ୍ୟସିଂହପୁର ଶାସନରେ। ସେଠାରୁ ସେ ବଲାଙ୍ଗିର ଆସିଥିଲେ ଜୀବିକା ନିର୍ବାହ ଉଦ୍ଦେଶ୍ୟରେ। ତାଙ୍କ ଦଦେଇ ପୁଅ ଭାଇ ପଣ୍ଡିତ ଶ୍ରୀଯୁକ୍ତ ଗଦାଧର ଉଦ୍ଗାତା ନିଜ ଗାଁ ଛାଡ଼ି ଆଗରୁ ବଲାଙ୍ଗିର ଆସିଥିଲେ। ତାଙ୍କର ଆଉ ଜଣେ ଭାଇ ଶ୍ରୀଯୁକ୍ତ ଶ୍ରୀଧର ଉଦ୍ଗାତା ମଧ୍ୟ ତାଙ୍କ୍ ଗାଁ ରୁ ବଲାଙ୍ଗିର ଚାଲିଆସି ଥିଲେ। ତାଙ୍କ ବଡପୁଅ ହେଉଛନ୍ତି ଶ୍ରୀନିବାସ ଉଦ୍‌ଗାତା। ସେ ଜଣେ ବିଦ୍ୱାନ ସାହିତ୍ୟିକ ଭାବରେ ବର୍ତ୍ତମାନ ସୁପରିଚିତ। ଓଡିଆ ସାହିତ୍ୟ ଏକାଡେମୀର ଉପସଭାପତି ରୂପେ ସେ ନିଯୁକ୍ତି ଲାଭ କରିଥିଲେ। ଅନୁବାଦ ସାହିତ୍ୟରେ ତାଙ୍କର ପାରଦର୍ଶିତା ପ୍ରଶଂସନୀୟ। ସେଥିପାଇଁ ସେ ଅନେକ ପୁରସ୍କାର ଲାଭ କରିଥିଲେ। ୨୦୦୨ ମସିହାରେ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନ ସୂଚକ ଡ଼ି.ଲିଟ୍ ଉପାଧିରେ ଭୂଷିତ ହୋଇଥିଲେ। "ବିଦ୍ୱାନ୍ ସର୍ବତ୍ର ପୂଜ୍ୟତେ" ଉକ୍ତିଟି ତାଙ୍କ ପାଇଁ ପ୍ରଯୁଜ୍ୟ।

Digitized by srujanika@gmail.com

ମୋର ଜେଜେ ବାପାଙ୍କୁ ମିଶାଇ ସେମାନେ ତିନି ଜଣ ଭାଇ ଓ ଗୋଟିଏ ଭଉଣୀ । ତାଙ୍କ ଜ୍ୟେଷ୍ଠ ଭ୍ରାତା ଶ୍ରୀ ଲିଙ୍ଗରାଜ ଉଦ୍‌ଗାତା ନିଜ ଗାଁ ଛାଡ଼ି ଆସି ବଲାଙ୍ଗିରରେ ଯଜମାନି କାମ କଲେ । ମୋ ଜେଜେବାପା ସଂସ୍କୃତ ଟୋଲ୍‌ରେ ଶିକ୍ଷକତା କଲେ । ଅନ୍ୟ ସମୟରେ ସେ ମଧ୍ୟ ଯଜମାନି କାମ କରୁଥିଲେ । ବଲାଙ୍ଗିରର ସମଲାଇ ମନ୍ଦିର, ଶିବ ମନ୍ଦିରରେ ବିଭିନ୍ନ ପ୍ରକାର ପୂଜା କରୁଥିଲେ । ମୋ ଯେଯେବାପା ହେଉଛନ୍ତି ସାନ ଭାଇ । ଭଉଣୀଟି ଗାଁରେ ବିବାହ କରିଥିଲେ । ତାଙ୍କର ଗୋଟିଏ ପୁଅ । ତାକୁ ଛାଡ଼ି ଅତି ଅଳ୍ପ ୩୦/୩୫ ବୟସରେ ସେ ଇହଧାମ ତ୍ୟାଗ କରି ଚାଲିଗଲେ କେଉଁ ଏକ ଅଜଣା ରାଇଜକୁ । ଦିବ୍ୟସିଂହପୁରରେ ନିଜଗାଁ ଘରେ କେବଳ ଜଣେ ମଝିଆଁ ଭାଇ ବସବାସ କରି ରହୁଥିଲେ । ସେଠାରେ ସେ ମଧ୍ୟ ଯଜମାନି କାମ କରୁଥିଲେ ଓ କିଛି ଅଳ୍ପ ଜମିବାଡ଼ି ଥିଲା ତାହା ଚାଷ କରି ସେଥିରେ ସେ ସୁଖେ ଦୁଃଖେ ଜୀବନ ଅତିବାହିତ କରୁଥିଲେ । ତାଙ୍କର ଗୋଟିଏ ପୁଅ । ସେହି ମଝିଆଁ ଜେଜେବାପା ଶ୍ରୀଯୁକ୍ତ ମହେଶ୍ୱର ଉଦ୍‌ଗାତା ମଧ୍ୟ ଆସିଥିଲେ ସମ୍ବଲପୁର ମୋର ବିବାହ ଉତ୍ସବରେ ଯୋଗଦାନ କରିବା ପାଇଁ ।

ସେଦିନ ସମସ୍ତେ ଏକା ସାଙ୍ଗରେ ଖାଇବସିଲୁଁ । ଆମର ସାମାଜିକ ପରମ୍ପରାନୁସାରେ ପ୍ରଥମେ ଯେତିକି ପୁରୁଷ ଅତିଥି ଏବଂ ଉଦ୍‌ଗାତା ବାବୁ ଏକତ୍ରିତ ଭୋଜନ କରି ବସିଲେ । ନାନା ମୋତେ ତାଙ୍କ ସାଙ୍ଗରେ ଖାଇବା ପାଇଁ ଡାକିଲେ, ଆମର ପରମ୍ପରାନୁସାରେ ଝିଅର ବିବାହ ହୋଇଯିବା ପରେ ସେ ଆଉ ବାପାଙ୍କ ସାଙ୍ଗରେ ଭୋଜନ କରିବାର ଅଧିକାର ଲାଭ କରିପାରିବ ନାହିଁ । ତେଣୁ ସେଦିନ ମୋ ଜୀବନର ଅପର ଅଧ୍ୟାୟ ଆରମ୍ଭ ହେଲା । ପିତ୍ରାଳୟ ପରିତ୍ୟାଗ କରି ମୋତେ ମୋର ନିଜର ନୂଆଁ ସଂସାର କରିଯିବା ପାଇଁ ହେବ । ସମ୍ମୁଖରେ ପଡିଛି ଅମଡାବାଟ । ମୋତେ ଯିବାକୁ ହେବ ସେଇ ପଥରେ । ଏକଥା ଚିନ୍ତା କରି ମୋତେ ବହୁତ ଭୟ ଲାଗୁଥିଲା, କାନ୍ଦ ଲାଗୁଥିଲା । କିନ୍ତୁ ସେଥିରୁ ରକ୍ଷା ପାଇବା ପାଇଁ କୌଣସି ଉପାୟ ନଥିଲା । ମୋର ନାନା ମଧ୍ୟ ସାଶ୍ରୁଳନୟନରେ, ମୋ ପିଠିକୁ ଆଉଁସି ବାଷ୍ପରୁଦ୍ଧ କଣ୍ଠରେ କହିଲେ "ଆ- ମୋ ସାଙ୍ଗରେ ଆଜି ଦିନକ ଖାଇନେ ।" ଏହା କହି ନିଜେ କାନ୍ଦି ପକାଇଲେ । ବାକୀ ଯେଉଁମାନେ ସେଠାରେ ଭୋଜନ ନିମିତ୍ତ ବସିଥିଲେ ସମସ୍ତେ ମଧ୍ୟ କାନ୍ଦି ପକାଇଲେ । ତାଙ୍କର ପଦେ କଥାରେ ଥିଲା କି ଭାବ ପ୍ରବଣତା । ଏହା ଲେଖିଲାବେଳେ ମୋର ମନେ ପଡିଯାଉଛି- ଶକୁନ୍ତଳା, କଣ୍ୱମୁନିଙ୍କ ଦୁହିତାଙ୍କ କଥା ଯେତେବେଳେ ସେ ଯାଉଥିଲେ ଆଶ୍ରମରୁ ବିଦାୟ

Digitized by srujanika@gmail.com

ନେଇ ଦୁଷ୍ମନ୍ତଙ୍କ ରାଜପୁରୀକୁ । ଏହା କବିଶ୍ରେଷ୍ଠ କାଳିଦାସ ଲେଖିଛନ୍ତି ତାଙ୍କ ଅଭିଜ୍ଞାନ ଶକୁନ୍ତଳମ୍ ନାଟକରେ । ମୋ ନାନା ମୁଁ ଆଇ.ଏ.ପାସ୍. କରିବା ପରେ ଏହି ନାଟକଟି ମୋତେ ପଢ଼ାଇ ଦେଇଥିଲେ । ସେତେବେଳେ ମଧ ନାଟକର ଚତୁର୍ଥ ଅଙ୍କରେ ଶକୁନ୍ତଳାର ପତିଗୃହଯାତ୍ରା ବର୍ଣ୍ଣନା ପାଠ କରିବା ସମୟରେ ମୋତେ ବହୁତ କାନ୍ଦ ଲାଗିଥିଲା କଣ୍ୱମୁନିଙ୍କ ଉକ୍ତି ପ୍ରଥମ ଶ୍ରେଷ୍ଠ ଶ୍ଳୋକ ବର୍ତ୍ତମାନ ମଧ ମୋର ସ୍ମୃତି ପଥାରୂଢ଼ ହୁଏ ଏବଂ ଚକ୍ଷୁ ଅଶ୍ରୁସିକ୍ତ ହୋଇଯାଏ । ଉକ୍ତ ଶ୍ଳୋକଟି ହେଲା-

"ଯାସ୍ୟତ୍ୟଦ୍ୟ ଶକୁନ୍ତଳେତି ହୃଦୟଂ ସଂସ୍ପୃଷ୍ଟମୁକଣ୍ଠୟା
କଣ୍ଠ ସ୍ତମ୍ଭିତ ବାଷ୍ପବୃତ୍ତି କଲୁଷର୍ଣ୍ଣ ଚିନ୍ତାଜଡଂ ଦର୍ଶନମ୍
ବୈକ୍ଳବ୍ୟଂ ମମତାବଦୀଦୃଶମହୋ ସ୍ନେହାଦରଣ୍ୟୌକସଃ
ପୀଡ୍ୟନ୍ତେକଥଂନୁ ଗୃହୀଣସ୍ତନୟା ବିଶ୍ଳେଷଦୁଃଖୈର୍ନବୈଃ ।"

ଉଦ୍ଗାତା ବାବୁ ତାଙ୍କ ଜ୍ୟେଷ୍ଠକନ୍ୟାଙ୍କର ବିବାହ ସମାପନ କରି ତାଙ୍କ ଜୀବନର ପୂର୍ବ ପ୍ରତିଜ୍ଞା ରକ୍ଷା କରିବାକୁ ସମର୍ଥ ହେଲେ । ସେ ଝିଅକୁ ଏମ୍.ଏ. ପାଠ ପଢାଇଦେଲେ ଏବଂ ଉପଯୁକ୍ତ ପାତ୍ର ହସ୍ତରେ ତାକୁ ଅର୍ପଣ କରି ନିଜର ଗୁରୁ ଦାୟିତ୍ୱ ସମାପନ କଲେ । ଝିଅ ତାଙ୍କର ଘରୁ ବିଦାୟ ହୋଇ ଯାଉଥିବା ବେଳେ ସେ କହିଥିଲେ - ମୋ ମାଆର ଏ ସୌଭାଗ୍ୟ ବିନ୍ଦୁ ଚିରଦିନ ଚକ୍‌ଚକ୍ କରୁଥାଉ, ତେଜୀୟାନ୍ ହୋଇ ରହିଥାଉ । ମୋ ନାନାଙ୍କର ଏକଥା ପଦକ ମୋର ପ୍ରତ୍ୟେକ ଦିନ ସ୍ମୃତି ପଥାରୂଢ଼ ହୁଏ ଏବଂ ସବୁଦିନ ସେହି ସ୍ମୃତି ହୁଏ ସତେଜ ଓ ପ୍ରଫୁଲ୍ଲ ।

ନବୀନ ଆଲୋକଧାରକ

ପାରମ୍ପରିକତାକୁ ଧରି ରଖିବା ଉଦ୍ଗାତା ।ବାବୁଙ୍କ ଜୀବନର ଅପର ଏକ ଆଦର୍ଶ । ତାଙ୍କମତରେ ନୂତନତା ବା ଆଧୁନିକତାର ଗ୍ରହଣର ଅର୍ଥ ପାରମ୍ପରିକତା ବର୍ଜନ ନୁହେଁ । ବଲାଙ୍ଗିରରେ ଥିବା ସମୟରେ ତାଙ୍କ ଦଦେଇ ପୁଅ ଭାଇନା (ବଡଭାଇ) ପଣ୍ଡିତ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ଉଦ୍ଗାତାଙ୍କ ଜ୍ୟେଷ୍ଠାକନ୍ୟା ଶ୍ରୀମତୀ ସ୍ୱର୍ଣ୍ଣମୟୀ ଉଦ୍ଗାତାଙ୍କର ବିବାହ ସମ୍ପନ୍ନ ହେଲା ସେହି ବଲାଙ୍ଗୀର କ୍ଲବପଡ଼ା ନିବାସୀ ଜନୈକ ଭଦ୍ରବ୍ୟକ୍ତିଙ୍କ ସହିତ । ସେଠାରେ ତାର ଶାଶୁ, ଶ୍ୱଶୁର, ନଣନ୍ଦ, ଦିଅର ଇତ୍ୟାଦି ପରିବାରର ସମସ୍ତେ ରହୁଥିଲେ । ସେମାନେ ସ୍ୱର୍ଣ୍ଣମୟୀଙ୍କ ଉପରେ କେତେବେଳେ ଶାନ୍ତି ହେଉନଥିଲେ । କାରଣ କଣ ମୁଁ ଜାଣି ନାହିଁ ।

Digitized by srujanika@gmail.com

କାରଣ ସେତେବେଳକୁ ମୋତେ ୧୧/୧୨ ବର୍ଷ ମାତ୍ର ହେଉଥିଲା । ଅର୍ଥାତ୍ ୧୯୫୨/୫୩ ସାଲର କଥା । ସ୍ୱର୍ଣ୍ଣମୟୀଙ୍କର କଣ ଶାରୀରିକ ଅସୁସ୍ଥତା ହେଲା କେଜାଣି । ତାକୁ ଆଣି ତା ଶାଶୁଘର ଆମ ଦଦେଇ ପୂର୍ଣ୍ଣଚନ୍ଦ୍ର ଉଦ୍ଗାତାଙ୍କ ଘରେ ଛାଡ଼ି ଦେଇ ଗ୍ଲଲିଗଲେ । ସେଠାରେ ତାର କେତେ ପ୍ରକାର ଚିକିତ୍ସା ସବୁ କରାହେଲା । ମୋର ନାନା, ମାଁ, ଜେଜେମାଁ, ଜେଜେବାପା, ଦଦେଇଙ୍କ ପରିବାରର ସମସ୍ତେ ବହୁତ ବ୍ୟସ୍ତ ଚିନ୍ତିତ ଓ ମନସ୍ତାପରେ ରହିଥାନ୍ତି । ସ୍ୱର୍ଣ୍ଣମୟୀ ନାନୀର ତାଦୃଶୀ ଅବସ୍ଥା ଅବଲୋକନ କରି ମୋ ନାନା କହିଲେ- "ମୁଁ ମୋ ଝିଅ ମାନଙ୍କୁ ପାଠ ପଢାଇବି ଓ ତାପରେ ବିବାହ କରିବି । ପାଠ ପଢି ନାହିଁ ବୋଲି ସିନା ବର୍ତ୍ତମାନ ସ୍ୱର୍ଣ୍ଣମୟୀର ଏ ଦୁର୍ଦ୍ଦଶା ।" କେତେ ଦୂର ଦୃଷ୍ଟି ତାଙ୍କର (ମୋ ନାନାଙ୍କର) ଥିଲା ଯେ ସେ ସେହି ସମୟରେ ଭବିଷ୍ୟତ ଚିନ୍ତା କରି ଭାବିଥିଲେ ଯେ- ନାରୀ ଶିକ୍ଷା, ପ୍ରଗତିର ସ୍ରୋତ ନିଶ୍ଚୟ ଅଳ୍ପଦିନ ମଧ୍ୟରେ ଆସିବ । ଝିଅମାନେ ଶିକ୍ଷା ଲାଭ କରିନଥିଲେ ସମାଜରେ ତାଙ୍କର ସ୍ଥାନ ରହିବ ନାହିଁ । ବିବାହ କଲେ ପୁରୁଷ ଦ୍ୱାରା ଅତ୍ୟାଚାରିତା ହେଲେ ମଧ୍ୟ ସେମାନଙ୍କର କିଛି କହିବାର ସତ୍ସାହସ ନଥିବ । ତେଣୁ ଉକ୍ତ ଦୁର୍ଦ୍ଦଶାରୁ ରକ୍ଷା ପାଇବା ନିମିତ୍ତ ଏକମାତ୍ର ଅସ୍ତ୍ର ହେଉଛି ଶିକ୍ଷା । ତେଣୁ ନବୀନ ପନ୍ଥା ଧାରଣ, ନବଜାଗରଣର ସେଥିଲେ ପକ୍ଷପାତୀ ।

ଶିକ୍ଷିତା ହେଲେ ବୋଲି ଯେ କନ୍ୟାର ବିବାହ ହେବ ନାହିଁ ତାହା ନୁହେଁ । କାରଣ କନ୍ୟାର ବିବାହ ହୋଇ ନ ପାରିଲେ ମଧ୍ୟ ସମାଜରେ ତାର ସ୍ଥାନ ରହିବ ନାହିଁ । ତେଣୁ ତାଙ୍କ ମତରେ **ପରମ୍ପରା ସହିତ ଆଧୁନିକତାରୁ ଯେତିକି ଆବଶ୍ୟକ ତାହା ଆହରଣ କରି ଆଦର୍ଶ ପୂର୍ଣ୍ଣ ଜୀବନରେ ଦୃଢ଼ୀଭୂତ ହୋଇ କାଳାତିପାତ କରିବା ବିଧେୟ ।** ଉଦ୍ଗାତା ବାବୁ ସ୍ୱୀୟ ପ୍ରତିଜ୍ଞା ରକ୍ଷା କରି ତାଙ୍କର ଜ୍ୟେଷ୍ଠାକନ୍ୟା ଡ଼ଃ ଶ୍ରୀମତୀ ରେଣୁ ମିଶ୍ର (ଉଦ୍ଗାତା) ଠାରୁ ଆରମ୍ଭ କରି ସାନ ଝିଅ ମଧୁମିତା ପର୍ଯ୍ୟନ୍ତ ସାତଜଣଙ୍କୁ ଉଚ୍ଚ ଶିକ୍ଷିତା ତଥା ଉଚ୍ଚ ପଦବୀରେ ଅଧିରୁଢ଼ା କରି ସମସ୍ତଙ୍କୁ ଉପଯୁକ୍ତ ସତ୍ ପାତ୍ର ହସ୍ତରେ ବୈବାହିକ ସୂତ୍ରରେ ଅର୍ପଣ କରିଥିଲେ । ଅନ୍ୟ ପାଞ୍ଚଜଣ କନ୍ୟା ହେଲେ ଡ଼ଃ ମୀରା, ଜ୍ୟୋତି, ଜ୍ୟୋତ୍ସ୍ନା, ଇନ୍ଦିରା ଓ ରେଖା ତାଙ୍କର ଏକମାତ୍ର ପୁତ୍ର ଆଶିଷ । ତାଙ୍କର ବଡ ପାଞ୍ଚଜଣ କନ୍ୟା ଓଡିଶା ଶିକ୍ଷା ବିଭାଗରେ ଅଧ୍ୟାପକ ରୂପେ ନିଯୁକ୍ତି ଲାଭ କରିଥିଲେ । କ୍ରମେ ଯଥୋଚିତ ପଦବୀରେ ଅଧିରୁଢ଼ା ହୋଇ ସେମାନଙ୍କ ମଧ୍ୟରୁ ବଡ ତିନିଜଣ ବର୍ତ୍ତମାନ ଅବସର ପ୍ରାପ୍ତ । ତାଙ୍କ ବଡ ଝିଅ ରେଣୁ ଓଡିଆ ଭାଷା ସାହିତ୍ୟ ବିଭାଗ, ମହିଳା ମହାବିଦ୍ୟାଳୟ ସମ୍ବଲପୁରର

Digitized by srujanika@gmail.com

ଅଧକ୍ଷା, ତତ୍‌ପରେ ଡ଼. ମୀରା ପ୍ରାଧାପିକା ପଦାର୍ଥ ବିଜ୍ଞାନ ବିଭାଗ ଶୈଳବାଳା ମହିଳା ମହାବିଦ୍ୟାଳୟ କଟକ, ତତ୍‌ପରେ ଜ୍ୟୋତି ଅଧାପିକା ଉଦ୍ଭିଦ ବିଜ୍ଞାନ ବିଭାଗ ଭଦ୍ରକ ମହାବିଦ୍ୟାଳୟ । ଅଧୁନା ଜ୍ୟୋସ୍ନା ଏମ୍‌ଫିଲ ଅଧାପିକା ଅର୍ଥନୀତି ବିଭାଗ ଖୋର୍ଦ୍ଧା ମହାବିଦ୍ୟାଳୟ, ଇନ୍ଦିରା ଅର୍ଥନୀତି ବିଭାଗ ମହିଳା ମହାବିଦ୍ୟାଳୟ ପୁରୀରେ କାର୍ଯ୍ୟରତ । ତତ୍‌ପରେ ରେଖା ଶିକ୍ଷୟତ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁରରେ କାର୍ଯ୍ୟରତା । ମଧୁମିତା ସ୍ନାତକୋତ୍ତର ରସାୟନ ବିଜ୍ଞାନରେ ପ୍ରଥମ ଶ୍ରେଣୀ ଓ ଏମ୍.ଫିଲ୍ ଡ଼ିଗ୍ରୀ ଲାଭ କରି ସୁଗୃହିଣୀ ହୋଇ ରହିଛନ୍ତି । ତାଙ୍କର ପୁତ୍ର ଶ୍ରୀଯୁକ୍ତ ଆଶିଷ ଉଦ୍ଗାତା ପରିସଂଖ୍ୟାନ ବିଭାଗ ଇସ୍ପାତ ମହାବିଦ୍ୟାଳୟ ରାଉରକେଲାରେ କନିଷ୍ଠ ଅଧାପକ ଭାବରେ କାର୍ଯ୍ୟରତ । ତାଙ୍କର ପୁତ୍ରବଧୂ ଶ୍ରୀମତୀ ଆରତୀ ସ୍ନାତକୋତ୍ତର ଓଡିଆ ଭାଷା ସାହିତ୍ୟରେ ଉତ୍ତୀର୍ଣ୍ଣ ହୋଇ ସୁଗୃହିଣୀ ହୋଇ ରହିଛନ୍ତି ।

ଉଦ୍ଗାତା ବାବୁଙ୍କର ସାତଜଣ ଜାମାତା । ସେମାନଙ୍କ ମଧରୁ ବର୍ତ୍ତମାନ ତିନିଜଣ ଅବସର ପ୍ରାପ୍ତ । ଜ୍ୟେଷ୍ଠ ଜାମାତା ଡ଼ଃ ବିଭୂତି ଭୂଷଣ ମିଶ୍ର ଇତିହାସ ବିଭାଗ ଅଧକ୍ଷ ହୀରାକୁଦ ମହାବିଦ୍ୟାଳୟ, ତତ୍‌ପରେ ଦ୍ୱିତୀୟ ଇଂ ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ଦାଶ ଜେନେରାଲ ମେନେଜର ଓଡିଶା ପାଓ୍ୱାର ଟ୍ରାନ୍ସମିଶନ୍ କର୍ପୋରସନ୍ ଲିମିଟେଡ୍, ତୃତୀୟ ଜାମାତା ଇଂ ଶ୍ରୀଯୁକ୍ତ ପଞ୍ଚାନନ ମିଶ୍ର ଯାନ୍ତ୍ରିକ ଯନ୍ତ୍ରୀ, ପ୍ରୋପ୍ରାଇଟର, ଜିତ କନ୍‌ସଲ୍‌ଟାନ୍‌ସି । ଚତୁର୍ଥ ଜାମାତା ଇଂ ଶ୍ରୀଯୁକ୍ତ ପ୍ରସନ୍ନ ତ୍ରିପାଠୀ, ନିର୍ବାହୀ ଯନ୍ତ୍ରୀ (ଯାନ୍ତ୍ରିକ) ଜଳସେଚନ ବିଭାଗ, ଭୁବନେଶ୍ୱର, ପଞ୍ଚମ ଜାମାତା ଇଂ ଶ୍ରୀଯୁକ୍ତ ଶରତ୍ ଚନ୍ଦ୍ର ପାଣିଗ୍ରାହୀ, ମେନେଜର ଓଡିଶା ପାଓ୍ୱାର ଟ୍ରାନ୍ସମିଶନ୍ କର୍ପୋରେସନ୍ ଲିମିଟେଡ୍, ଷଷ୍ଠ ଜାମାତା ଶ୍ରୀଯୁକ୍ତ ମହେଶ୍ୱର ମିଶ୍ର, ଅଧକ୍ଷ, ମ୍ୟାକ ଗୁଫେ ଇଣ୍ଟରନେସନାଲ ସ୍କୁଲ, ଭୁବନେଶ୍ୱର, ସପ୍ତମ ଜାମାତା ଇଂ ଶ୍ରୀଯୁକ୍ତ ସୁଦୀପ୍ତ ପଣ୍ଡା ପ୍ରୋଜେକ୍ଟ ମ୍ୟାନେଜର ଏଲ୍.ଏଣ୍ଡ.ଟି. ଇନଫୋଟେକ, ବମ୍ବେ ।

ମୁଁ ଉଦ୍ଗାତା ବାବୁଙ୍କ ଜ୍ୟେଷ୍ଠାକନ୍ୟା । ବିବାହ ପରେ କନ୍ୟା ଅବଗୁଣ୍ଠନ ବତୀ ହେବା ଆମ ପରମ୍ପରାଗତ ସାମାଜିକ ଚଳଣୀ । ସାଧାରଣତଃ କନ୍ୟାମାନେ ଶ୍ୱଶୁରାଳୟରୁ ପିତ୍ରାଳୟକୁ ଆସିଲେ ଓଢ଼ଣା ବିଷୟରେ ଆଉ ଏତେ ଯତ୍ନଶୀଳା ହୋଇନଥାନ୍ତି । ଶାଶୁ ଘର ଲୋକ କେହି ନାହାନ୍ତି ବୋଲି ଟିକିଏ ନିଶ୍ଚିନ୍ତ ହୋଇ ସ୍ୱାଧୀନ ଭାବରେ ରହନ୍ତି । ୧୯୬୪/୬୫ ସାଲ୍‌ର କଥା । ସେତେବେଳେ ଥରେ ମୋ ମାଁ ଓ ମୁଁ ଗୋଟିଏ ରିକ୍ସାରେ ବସି କୁଆଡେ ବୁଲିବାକୁ ଯାଉଥିଲୁଁ । ମୋର ନାନା ଓ ମୋର ସ୍ୱାମୀ ବିଭୂତି ଭୂଷଣ ମଧ

Digitized by srujanika@gmail.com

ଯାଉଥିଲେ । ସେତେବେଳକୁ ମୋ ମାଁ ଙ୍କୁ ଚ୍ଚାଳିଶ ବର୍ଷ ବୟସ ହୋଇଥିଲା ମାଁଙ୍କ ମୁଣ୍ଡରୁ କିଛି । ସମୟ ପାଇଁ ଓଢ଼ଣା ଖସି ଯାଇଥିଲା । ଆମେ ଏଣୁ ତେଣୁ କଥାବାର୍ତ୍ତା କରି କରି ଯାଉଥିଲୁଁ । ତେଣୁ ଓଢ଼ଣା ବିଷୟରେ ସେ ଯତ୍ନଶୀଳା ହୋଇ ପାରି ନଥିଲେ । ତାପରେ କିଛି ସମୟ ପରେ ପୁଣି ସ୍ୱତଃ ତାଙ୍କ ହାତ ଅଭ୍ୟାସ ବଶତଃ ଲୁଗାକୁ ମସ୍ତକ ଉପରକୁ ନେଇଗଲା । ନାନାତ ପଛରେ ଆସୁଥିଲେ । ସବୁ ଦେଖୁଥିଲେ । ତଥାପି ଘରକୁ ଫେରିବା ପରେ ଭୁଲ୍ ସଂଶୋଧନ ନିମିତ୍ତ ମାଁ ଙ୍କ ଉପରେ ଚ୍ଚାଲିଲା ବାକ୍ୟବାଣ । ଏପରିକି ବିବାହ ପରେ ମୁଁ ମଧ୍ୟ ଘର ବାହାରେ ଦଣ୍ଡାୟମାନ ହେଲାବେଳେ ଓଢ଼ଣା ଦେଇ ନଥିଲେ ତାଙ୍କୁ ଭଲଲାଗେ ନାହିଁ । **ମୋ ସ୍ୱାମୀଙ୍କୁ ମଧ୍ୟ ପସନ୍ଦ ଲାଗେ ନାହିଁ ।** ତେଣୁ ସର୍ବଦା ମହାବିଦ୍ୟାଳୟ ମାନଙ୍କରେ ଶିକ୍ଷାଦାନ ସମୟରେ, ସଭା ସମିତି ମାନଙ୍କରେ ଘରେ ବାହାରେ, ସର୍ବତ୍ର ମୋ ମୁଣ୍ଡରେ ଓଢ଼ଣା ରହିଥାଏ ।

ଉଦ୍ଗାତା ବାବୁ ଯେ କେବଳ କନ୍ୟାମାନଙ୍କର ବିଦ୍ୟାଶିକ୍ଷା ଲାଭ ଦିଗରେ ମନ ବଳାଇଥିଲେ ତା ନୁହେଁ । ଝିଅ ପୁଅ ମାନଙ୍କୁ ସଙ୍ଗୀତ, ନୃତ୍ୟ, ଏନ୍‌ସିସି ଇତ୍ୟାଦିରେ ଅଂଶ ଗ୍ରହଣ କରିବା ପାଇଁ ଅନୁମତି ଦେଉଥିଲେ । ଛାତ୍ରଛାତ୍ରୀ ମାନେ ଏକତ୍ରିତ ହୋଇ ବଣଭୋଜି, ଅନ୍ୟସ୍ଥାନ ପରିଭ୍ରମଣ ଇତ୍ୟାଦି କରିବା ପାଇଁ ମଧ୍ୟ ସମ୍ମତି ପ୍ରଦାନ କରୁଥିଲେ । ୧୯୫୯ ଖ୍ରୀ:ରେ କେଉଁ ସୁଦୂର ଅତୀତରେ ରେଭେନ୍ସା ମହାବିଦ୍ୟାଳୟରେ ଆମେ ଆଇ.ଏ. ଶ୍ରେଣୀର ରାଜନୀତି ବିଜ୍ଞାନ ପଢୁଥିବା ଛାତ୍ରଛାତ୍ରୀମାନେ ଏକତ୍ର ଭୁବନେଶ୍ୱରକୁ ଡ଼: ଶ୍ରୀ ରାମଦାସ, ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକଙ୍କ ସହିତ ବିଧାନ ସଭା କିପରି ହୁଏ, ମନ୍ତ୍ରୀମାନେ କିପରି ପ୍ରଶ୍ନୋତ୍ତର ଇତ୍ୟାଦି କରନ୍ତି, ତାହା ଦେଖିବାକୁ ଯାଇଥିଲୁଁ । ୧୯୬୦ ଖ୍ରୀ:ରେ ସ୍ନାତକ ଶ୍ରେଣୀରେ ଚଣ୍ଡୀଖୋଲକୁ ବଣଭୋଜି ଉଦ୍ଦେଶ୍ୟରେ ଉପରଲିଖିତ ଅଧ୍ୟାପକଙ୍କ ସହ ଯାଇଥିଲୁଁ । ଆମ ସହିତ ତାଙ୍କ ପତ୍ନୀ ଓ କନ୍ୟା ମଧ୍ୟ ଯାଇଥିଲେ । ୧୯୬୨ ଖ୍ରୀ:ରେ ଶିକ୍ଷା ସ୍ନାତକ (ବି. ଇଡ଼ି) ଶ୍ରେଣୀରେ ମୁଁ, ଅନ୍ୟ ଛାତ୍ରଛାତ୍ରୀ ଗଣ ଓ ଅଧ୍ୟାପକ ଶ୍ରୀଯୁକ୍ତ ବିଷ୍ଣୁ ଜେନାଙ୍କ ସହିତ ଦକ୍ଷିଣ ଭାରତ ପରିଭ୍ରମଣରେ ଯାଇଥିଲି । ସେ ସମୟରେ କଟକରେ ନାରୀଶିକ୍ଷା ବହୁତ ଅଗ୍ରଗତି କରିଥିଲା । ତେଣୁ କଟକ ସହର ଲାଗି ଏ ସବୁ କିଛି ବିଶେଷ ଆଶ୍ଚର୍ଯ୍ୟ ବିଷୟ ନୁହେଁ । କିନ୍ତୁ ସେ ସମୟରେ ବଲାଙ୍ଗୀର ବାସିନ୍ଦାମାନଙ୍କ ପାଇଁ ଏସବୁ ଅତ୍ୟାଶ୍ଚର୍ଯ୍ୟ ବିଷୟ ରୂପେ ପ୍ରତିଭାତ ହେଉଥିଲା । ମୀରା ୧୯୪୮ ଖ୍ରୀ:ରେ ଜନ୍ମ ଗ୍ରହଣ କରିଥିଲା । ତାକୁ ମୋ

Digitized by srujanika@gmail.com

ଜେଜେମାଁ ଶ୍ରଦ୍ଧାରେ ପାଟ ବୋଲି ଡାକୁଥିଲେ । କାରଣ ମୋପରେ ସାତ ବର୍ଷ ଅନ୍ତରରେ ସେ ଜନ୍ମ ହୋଇଥିଲା । ସେତେବେଳକୁ ମୁଁ ଯେପରି ଓଡ଼ିଶା ବାହାରକୁ ଦକ୍ଷିଣଭାରତ ପରିଭ୍ରମଣ ଉଦ୍ଦେଶ୍ୟରେ ଯାଇଥିଲି, ସେହିପରି ମୋର ଅନ୍ୟ ଭଉଣୀମାନେ ସମସ୍ତେ ମଧ୍ୟ କାଶ୍ମୀର, ମାଡ୍ରାସ, ବମ୍ବେ, ପାଟନା ଇତ୍ୟାଦି ସ୍ଥାନ ପରିଭ୍ରମଣ କରିବାକୁ ଯାଇଥିଲେ । ସେହି ସୀମିତ ଆର୍ଥିକ ସମ୍ବଳ ମଧ୍ୟରେ ନାନା ଏସବୁ ଦିଗରେ ମଧ୍ୟ ସମସ୍ତଙ୍କୁ ସୁଯୋଗ ଦେଉଥିଲେ । ଯୌଥ ପରିବାରରେ ଆଉ ଶିଶୁ କେହି ନ ଥିଲେ । ମୀରା ବହୁତ ଭଲ ପଢୁଥିଲା ଓ କଳାମଣ୍ଡଳରେ ନାଚ ଶିଖି ଭଲ ଓଡ଼ିଶୀ ନାଚ କରୁଥିଲା । ସେ ନୃତ୍ୟ ପରିବେଷଣ କରିବା ନିମିତ୍ତ ବିଭିନ୍ନ ସ୍ଥାନକୁ ଯାଇଥିଲା । ୧୯୬୯ ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶ୍ରେଣୀରୁ ଉତ୍ତୀର୍ଣ୍ଣ ହେଲା । ୧୯୬୯ ଖ୍ରୀ: ଅକ୍ଟୋବର ପୂଜା ଛୁଟୀ ପୂର୍ବରୁ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ପଦାର୍ଥ ବିଜ୍ଞାନ ବିଭାଗରେ କେହି ଅଧ୍ୟାପକ ନ ଥିବାରୁ ଧର୍ମଘଟ କରିଥିଲେ । ସେ ସମୟରେ ପ୍ରଫେସର ବିଧୁଭୂଷଣ ଦାସ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଥିଲେ । ଘଟଣା ଚକ୍ରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ସଭାରେ ଯୋଗଦାନ କରିବା ପାଇଁ ସେ ଆସିଥିଲେ । ସେ ସମୟରେ ଡ଼: ମହେନ୍ଦ୍ର ରାଉତ୍ ଥିଲେ ଗଙ୍ଗାଧର ମହାବିଦ୍ୟାଳୟର ଅଧ୍ୟକ୍ଷ । ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଦାସଙ୍କ ସହିତ ସେ ମଧ୍ୟ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସଭାକୁ ଯାଇଥିଲେ । ସେଦିନ ରାତିରେ ବିଶ୍ୱବିଦ୍ୟାଳୟରୁ ସମ୍ବଲପୁରକୁ ଫେରିବା ରାସ୍ତାରେ ଆମ ଘର ସମ୍ମୁଖରେ ତାଙ୍କ ଗାଡ଼ୀ ରଖିଲେ । ଡ଼: ମହେନ୍ଦ୍ର ରାଉତ୍ ଗାଡ଼ୀରୁ ଓହ୍ଲାଇ ଆମ ଘରକୁ ଆସି ନାନାଙ୍କୁ ଡାକିଲେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଦାସଙ୍କୁ ସାକ୍ଷାତ କରିବା ପାଇଁ । ଗାଡ଼ିରେ ପ୍ରଫେସର ଦାସ ବସିଥିଲେ । ଡ଼: ରାଉତ୍ ଡାକିବା ବେଳେ ନାନା ନୈଶ ଭୋଜନ କରୁଥିଲେ । ସେ ସଙ୍ଗେ ସଙ୍ଗେ ତାଙ୍କ ଡାକ ଶୁଣି ପ୍ରଫେସର ଦାସଙ୍କୁ ସାକ୍ଷାତ କରିବା ପାଇଁ ଗାଡ଼ୀ ନିକଟକୁ ଗଲେ । ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ତାଙ୍କୁ କାହିଁକି ଡାକିଲେ ବୋଲି ଭାବି ଭାବି ସେ ତାଙ୍କ ପାଖକୁ ଗଲେ । ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ସେତେବେଳେ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କର ଧର୍ମଘଟ ବନ୍ଦ କରିବା ନିମିତ୍ତ ତତ୍କ୍ଷଣାତ୍ ମୀରାକୁ ଓ ତା ସାଙ୍ଗ ସ୍ନେହ ସ୍ୱାଇଁକୁ ମୌଖିକ ଭାବରେ ଅସ୍ଥାୟୀ ନିଯୁକ୍ତି ପ୍ରଦାନ କଲେ । ନାନା କହିଲେ:- "ନିଯୁକ୍ତି ପତ୍ର ନଥାଇ ସେମାନେ କେମିତି ମହାବିଦ୍ୟାଳୟରେ ଅଧ୍ୟାପିକା ରୂପେ ଯୋଗଦାନ କରିବେ ।" ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ କହିଲେ - ମୁଁ କହିଦେବି ମହିଳା

Digitized by srujanika@gmail.com

ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଉମା ମିଶ୍ରଙ୍କୁ ।ସେ ସେମାନଙ୍କୁ ଯୋଗଦାନ କରେଇଦେବେ । ସ୍ନେହ କଟକରେ ଥିବାରୁ ମୀରା କେବଳ ଯୋଗଦାନ କରି କାର୍ଯ୍ୟରତା ହେଲା । କିଛିଦିନ ପରେ ସ୍ନେହ ମଧ୍ୟ ଯୋଗ ଦେଲା । ତାପରେ ପୁଣି ସେମାନଙ୍କର ଲିଖିତ ନିଯୁକ୍ତି ପତ୍ର ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରୁ ସେମାନେ ପାଇଗଲେ । ତପ୍ରେ ସେ ବ୍ରହ୍ମପୁର ଖଲିକୋଟ ମହାବିଦ୍ୟାଳୟ, ବ୍ରହ୍ମପୁର ମହିଳାମହାବିଦ୍ୟାଳୟ, ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ଯୋଗଦାନ କଲା । ଓଡିଶା ଲୋକସେବା ନିୟୋଗ ସାକ୍ଷାତକାର ଦ୍ୱାରା ସେ ନିର୍ବାଚିତା ହେଲା । ତପ୍ରେ ତାର ସମସ୍ତ ଅସ୍ଥାୟୀ ଚ଼ାକିରୀ ଚିରସ୍ଥାୟୀ ଚ଼ାକିରୀ ସହ ଯୁକ୍ତ ହେଲା । ଆହୁରି ମଧ୍ୟ ସେ ଗଙ୍ଗାଧର ମେହେର ମହାବିଦ୍ୟାଳୟ ସ୍ଥିତ ବିଭାଗୀୟ ପାଠ୍ୟକ୍ରମ ବର୍ହିର୍ଭୁତ ଅନ୍ୟ କାର୍ଯ୍ୟର ଦାୟିତ୍ୱ ବହନ କରିବା ସହ ତତ୍ରସ୍ଥ ଜାତୀୟ ସେବା ସଂସ୍ଥାର ଦାୟିତ୍ୱ ବହନକାରିଣୀ ରୂପେ ମଧ୍ୟ ନିଯୁକ୍ତ ହୋଇଥିଲା । ସେ ସେହି ଦାୟିତ୍ୱ ଅନୁସାରେ ସନ୍ନିକଟସ୍ଥ ବିଭିନ୍ନ ମହାବିଦ୍ୟାଳୟ ମାନଙ୍କରେ ସ୍ଥିତ ଜାତୀୟ ସେବାସଂସ୍ଥା ପରିଦର୍ଶନରେ ଅନ୍ୟାନ୍ୟ ଦାୟିତ୍ୱ ବହନକାରୀଙ୍କ ସହ ଯାଉଥିଲା । ଚ଼ାକିରୀର ଶେଷାଂଶରେ ବିଦ୍ୟାବାରିଧି (ପି.ଏଚ୍.ଡ଼ି) ଉପାଧି ଲାଭ କଲା । ତପ୍ରେ ଅବସର ଗ୍ରହଣ କଲା । ତାଙ୍କର ତୃତୀୟା କନ୍ୟା ଜ୍ୟୋତି । ୧୯୫୦ ଖ୍ରୀ:ରେ ଜନ୍ମ ଗ୍ରହଣ କରିଥିଲା ବଲାଙ୍ଗୀରରେ । ତାକୁ ମୋ ଜେଜେ ମାଁ ଛିଟ ବୋଲି ଡାକୁଥିଲେ । ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ୧୯୬୮ ଖ୍ରୀ:ରେ ଆଇ.ଏସ୍‌ସି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ବୀର ସୁରେନ୍ଦ୍ର ସାଏ ଭେଷଜ ବିଜ୍ଞାନ ମହାବିଦ୍ୟାଳୟ ବୁର୍ଲାରେ ନାମ ଲେଖାଇବା ପାଇଁ ସବୁ ଅତ୍ୟାବଶ୍ୟକ ପରିଚୟ ପତ୍ର (ସାର୍ଟିଫିକେଟ୍), ଏବଂ ଅର୍ଥ ନେଇ ମେହେର ମହାବିଦ୍ୟାଳୟରୁ ମହାବିଦ୍ୟାଳୟ ପରିତ୍ୟାଗ ପରିଚୟ ପତ୍ର ଆଣିବା ନିମିତ୍ତ ଉଦ୍ଗାତା ବାବୁ ଯିବା ସମୟରେ ସେ ବହୁତ କ୍ରନ୍ଦନ କଲା ଓ ଡାକ୍ତର ପାଠ ପଢି ଯିବାକୁ ମନା କଲା । ତେଣୁ ସେ ସେଥିରୁ ନିବୃତ୍ତ ହେଲେ । ନଚେତ୍ ଆମ ଭିତରୁ ଜଣେ ଡାକ୍ତର ମଧ୍ୟ ହୋଇଥାନ୍ତା । ତପ୍ରେ ସେ ଉଦ୍ଭିଦ ବିଜ୍ଞାନରେ ସ୍ନାତକୋତ୍ତର ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ସେହି ମେହେର ମହାବିଦ୍ୟାଳୟରେ ଅସ୍ଥାୟୀ ଅଧ୍ୟାପିକା ରୂପେ ନିଯୁକ୍ତି ଲାଭ କଲା । ତପ୍ରେ ସମ୍ବଲପୁର ମହିଳା ମହାବିଦ୍ୟାଳୟରେ ଅଧ୍ୟାପିକା ରୂପେ ଯୋଗ ଦେଲା. ମହାବିଦ୍ୟାଳୟର ପାଠ୍ୟକ୍ରମ ବହିର୍ଭୂତ ଅନ୍ୟ କାର୍ଯ୍ୟର ଦାୟିତ୍ୱ ସହ ତତ୍ରସ୍ଥ ଜାତୀୟ ସେବା ସଂସ୍ଥାରଦାୟିତ୍ୱ ମଧ୍ୟ ଗ୍ରହଣ କରିଥିଲା ଓ ଅନ୍ୟ ମହାବିଦ୍ୟାଳୟ ଗୁଡ଼ିକର ଉକ୍ତ

Digitized by srujanika@gmail.com

ସଂସ୍ଥା ପରିଦର୍ଶନ କରିବା ନିମିତ୍ତ ଅନ୍ୟ ଦାୟିତ୍ୱ ବହନକାରୀଙ୍କ ସହ ଯାଉଥିଲା । ତପୂରେ ସେ ଓଡ଼ିଶା ଲୋକସେବା ନିୟୋଗ ସାକ୍ଷାତକାରରେ ଶିକ୍ଷା ବିଭାଗ ତରଫରୁ ନିର୍ବାଚିତ ହେଲା । କିନ୍ତୁ ମହାବିଦ୍ୟାଳୟ ମାନଙ୍କରେ ଯେତିକି ପଦବୀ ଖାଲିଥିଲା ସେତିକି **ପୂର୍ବରୁ ପୂର୍ବରୁ** ପରିପୂର୍ଣ୍ଣ ହୋଇଗଲା । ତପୂରେ ତାର ନାମ ଥିଲା । ଠିକ ସେତିକି ବେଳେ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗର ଅଧ୍ୟାପିକା ପଦବୀ ଖାଲି ହେଲା । ସେହି ସାକ୍ଷାତକାରର ନିର୍ବାଚିତ ଜ୍ୟୋତି ଉଦ୍ଗାତାକୁ ସ୍ୱାସ୍ଥ୍ୟ ବିଭାଗର ଖାଲି ହୋଇଥିବା ପଦବୀ ନିମିତ୍ତ ନିଯୁକ୍ତି ପତ୍ର ମିଳିଲା । ସେ ତାପରେ ରାମଚନ୍ଦ୍ର ଭଞ୍ଜ ଭେଷଜ ବିଜ୍ଞାନ ମହାବିଦ୍ୟାଳୟ କଟକରେ ଯୋଗଦାନ କଲା । ତପୂରେ ଉକ୍ତ ପଦବୀ ଉଠିଗଲା ଓ ସେ ପୁଣି ଓଡିଶା ସରକାରୀ ଶିକ୍ଷା ବିଭାଗରେ ଯୋଗଦାନ କରି ଅବସର ପ୍ରାପ୍ତ ହେଲା ।

ତାଙ୍କର ଚତୁର୍ଥୀ କନ୍ୟା ଜ୍ୟୋସ୍ନା (ଗୁଲ)ର ଜନ୍ମ ୧୯୫୨ ଖ୍ରୀ: ଏବଂ ପଞ୍ଚମାକନ୍ୟା ଇନ୍ଦିରାର ଜନ୍ମ ୧୯୫୪ ଖ୍ରୀ: । ଉଭୟେ ଅର୍ଥନୀତି ବିଷୟରେ ସ୍ନାତକୋତ୍ତରରେ ଉତ୍ତୀର୍ଣ୍ଣା ହୋଇ ଶିକ୍ଷା ବିଷୟରେ ମଧ୍ୟ ସ୍ନାତକୋତ୍ତରରେ ଉତ୍ତୀର୍ଣ୍ଣା ହୋଇଥିଲେ । ସେମାନେ ଘରୁ ବରଗଡ ସନ୍ନିକଟସ୍ଥ ଏକ ଗ୍ରାମରେ ଶିକ୍ଷୟିତ୍ରୀ ରୂପେ ନିଯୁକ୍ତ ହୋଇ କାର୍ଯ୍ୟ ନିର୍ବାହ କରୁଥିଲେ । କିନ୍ତୁ ଜ୍ୟୋସ୍ନା ସୁନ୍ଦରଗଡ କଲେଜରେ ଇନ୍ଦିରା ଫକୀର ମୋହନ କଲେଜରେ ଅସ୍ଥାୟୀ ଅଧ୍ୟାପିକା ରୂପେ ଯୋଗଦାନ କରିଥିଲେ । ଅଧ୍ୟାପିକା ରୂପେ ଘରୋଇ ମହାବିଦ୍ୟାଳୟରେ ନିଯୁକ୍ତି ଲାଭ କରି ପରବର୍ତ୍ତୀ କାଳରେ ଜ୍ୟୋସ୍ନା ଖୋର୍ଦ୍ଧା ମହାବିଦ୍ୟାଳୟରେ ଏବଂ ଇନ୍ଦିରା ସମ୍ବଲପୁର ଟ୍ରଷ୍ଟଫଣ୍ଡ୍ ମହାବିଦ୍ୟାଳୟରେ ଯୋଗଦାନ କଲେ । ତାପରେ ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟ ସରକାରୀ ହେଲା ପରେ ସେ ସରକାରୀ କଲେଜକୁ ସ୍ଥାନାନ୍ତରିତ ହେଲା । ଜ୍ୟୋସ୍ନା ପରବର୍ତ୍ତୀ କାଳରେ ଅର୍ଥନୀତି ବିଷୟରେ ଏମ୍‌ଫିଲ୍ କଲା । ଜ୍ୟୋସ୍ନା ଇନ୍ଦିରା ଦୁହେଁ ନୃତ୍ୟ ପରିବେଷଣ ନିମତ୍ତ ଭୁବନେଶ୍ୱର, ରାଉରକେଲା ଓ ପାଟନା କୁ ଯାଇଥିଲେ ।

ଇନ୍ଦିରା (ଝୁଲୁ)ର ଜନ୍ମ ବଲାଙ୍ଗୀରରେ ହୋଇଥିଲା । ଗ୍ଋରୋଟି କନ୍ୟା ସନ୍ତାନ ଜାତ ହେବା ପରେ ବଲାଙ୍ଗିର ବାସିନ୍ଦା ତାଙ୍କ ଭାଇନା ଜ୍ୟୋତିଷ ପଣ୍ଡିତ ପୂର୍ଣ୍ଣ ଚନ୍ଦ୍ର ଉଦ୍ଗାତା ଗୋବିନ୍ଦ ଚନ୍ଦ୍ର ଉଦ୍ଗାତା ଓ ସରସ୍ୱତୀ ଦେବୀଙ୍କ ଜାତକ ତନ୍ନତନ୍ନ କରି ଗଣନା କରିବା ନିମିତ୍ତ ଲାଗି ପଡିଲେ । ତାଙ୍କ ଗଣନା ଅନୁସାରେ ଉକ୍ତଶିଶୁଟି ପୁତ୍ର ହେବା କଥା । କିନ୍ତୁ ଏଠାରେ ଜ୍ୟୋତିଷଙ୍କ ଗଣନା ମଧ୍ୟ ସଠିକ ହେଲା ନାହିଁ । ତେଣୁ ଉକ୍ତ ଅଛି- "ଭାଗ୍ୟଂ

Digitized by srujanika@gmail.com

ଫଳତି ସର୍ବତ୍ର ଏହା ହିଁ ଚିରନ୍ତନ ସତ୍ୟ । ପଞ୍ଚମା କନ୍ୟା ଜାତ ହେଲା । ତାର ନାମକରଣ ସମୟରେ ଆମର ଯେତିକି ସମ୍ପର୍କୀୟ ବନ୍ଧୁ ବାନ୍ଧବ ଏକତ୍ରିତ ହୋଇଥିଲେ ସମସ୍ତେ ସମସ୍ୱରରେ କହିଲେ- "ଏ କନ୍ୟାର ନାମ ତିନୋଟି ଅକ୍ଷର ବିଶିଷ୍ଟ ହେବ ଏବଂ ପୂର୍ବ ଚ଼ରିକନ୍ୟାଙ୍କ ପରି ଏହାର ନାମ ଦୁଇ ଅକ୍ଷର ବିଶିଷ୍ଟ କରାହେବ ନାହିଁ । ତାପରେ ତ୍ରିଅକ୍ଷର ବିଶିଷ୍ଟ 'ଇନ୍ଦିରା' ଅର୍ଥାତ୍ ଲକ୍ଷ୍ମୀ ବୋଲି ନାମକରଣ କରାହେଲା ।

୧୯୫୮ ଖ୍ରୀ:ରେ କଟକ ଯିବା ପରେ ସେଠାରେ ତାଙ୍କୁ ମିଳିଗଲେ ଦୁଇଜଣ ବଲାଙ୍ଗିର ବାସିନ୍ଦା ବନ୍ଧୁ । ସେମାନଙ୍କ ନିଜ ଘର ବଲାଙ୍ଗୀର । କିନ୍ତୁ ଚ଼କିରୀ ଉଦ୍ଦେଶ୍ୟରେ କଟକରେ ଭଡ଼ାଘରେ ରହୁଥିଲେ । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଶ୍ରୀଯୁକ୍ତ ଦୁର୍ଗା ବରେଇ, କୁମୁଦିନୀ ବରାଇ ନାନୀଙ୍କ ପିତା, କଟକ ଛତ୍ର ବଜାର ଭଡ଼ାଘର ବାସୀ । ସେତେବେଳେ ସେ ଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର । ସେ ମଧ୍ୟ ଥିଲେ ଜ୍ୟୋତିଷ । ସେ ସମୟରେ ଜଣେ ବଲାଙ୍ଗିରିଆ ଉତ୍କଳ ବିଶ୍ୱବିଦ୍ୟାଳୟରେ ରେଜିଷ୍ଟ୍ରାର ହୋଇପାରିଥିଲେ । ତାହା ବାସ୍ତବିକ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

ଅନ୍ୟ ଜଣେ ହେଉଛନ୍ତି- ଶ୍ରୀଯୁକ୍ତ ମାଧବ ଚନ୍ଦ୍ର ପାଣିଗ୍ରାହୀ ।ସେ ସୋନପୁର ବାସିନ୍ଦା ବଲାଙ୍ଗିରିଆ । ସେ ଥିଲେ ସମବାୟସମିତି କଟକର ରେଜିଷ୍ଟ୍ରାର ।

ସେ ରହୁଥିଲେ କଟକର ଝାଞ୍ଜିର ମଙ୍ଗଳା ସାହୀ ସ୍ଥିତ ଏକ ଭଡ଼ାଘରେ । ତାଙ୍କର ବଡ ଝିଅ ସୁଲୋଚନା ପାଣିଗ୍ରାହୀ ଆମର ତଳ ଶ୍ରେଣୀରେ ପଢୁଥିଲେ । ସେ ପରେ ଡାକ୍ତର ହେଲେ । ତାଙ୍କର ଆହୁରି ଚ଼ରି/ପାଞ୍ଚଜଣ ଭ୍ରାତା ଓ ଭଗିନୀ ମଧ୍ୟ ଥିଲେ । ପାଣିଗ୍ରାହୀ ବାବୁ ମଧ୍ୟ ଥିଲେ ଜଣେ ଜ୍ୟୋତିଷ ।

ଉଦ୍ଗାତା ବାବୁ ମଧ୍ୟ ସେତେବେଳକୁ ଜ୍ୟୋତିଷ ଗଣନା ଶିକ୍ଷା କରିଥିଲେ । ସେମାନେ ତିନିବନ୍ଧୁ ପ୍ରାୟ ପ୍ରତି ରବିବାର ଦିନ ରାତ୍ରିରେ ଏକତ୍ରିତ ହୋଇ ଜ୍ୟୋତିଷ ଶାସ୍ତ୍ର ଗଣନା ଇତ୍ୟାଦି ଆଲୋଚନା କରୁଥିଲେ । ସେମାନେ ସମସ୍ତେ ମିଶି ଉଦ୍ଗାତା ବାବୁଙ୍କ ଇନ୍ଦିରା ଜନ୍ମ ବେଳର ଗର୍ଭ କିପରି ପୁତ୍ର ସନ୍ତାନ ନ ହୋଇ କନ୍ୟା ହେଲା - ଆଲୋଚନା କରୁଥିଲେ । ଏହା ଜ୍ୟୋତିଷମାନଙ୍କ ପାଇଁ ହୋଇଗଲା ଏକ ବିରାଟ ପ୍ରଶ୍ନବାଚୀ ।

୧୯୫୮ ଖ୍ରୀ:ରେ କଟକରେ ଷଷ୍ଠ କନ୍ୟା ରେଖା(ମାମୀ) ର ଜନ୍ମ । ସମ୍ବଲପୁର ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଷୟରେ ସ୍ନାତକୋତ୍ତର ଶ୍ରେଣୀରୁ ଉତ୍ତୀର୍ଣ୍ଣ ହେବା ପରେ ଶିକ୍ଷା ବିଷୟରେ ସ୍ନାତକରେ ଉତ୍ତୀର୍ଣ୍ଣ ହେଲା ତତ୍ପରେ

Digitized by srujanika@gmail.com

ସମ୍ବଲପୁର ସ୍ଥିତ ମଦନାବତୀ ଘରୋଇ ପବ୍ଲିକ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଭାବରେ ନିଯୁକ୍ତି ଲାଭ କଲା । ତତ୍‌ପରେ ଶିକ୍ଷା ବିଷୟରେ ସ୍ନାତକୋତ୍ତର କରିଥିଲା ଓ କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷୟତ୍ରୀ ହେଲା । ସେ ରାଉରକେଲା INDO, GDR Cullíral Exchange ରେ ବାରକାଟୀ ଷ୍ଟେଡ଼ିୟମ୍‌କୁ ଯାଇଥିଲା ।

୧୯୬୩ ଖ୍ରୀ:ରେ ତାଙ୍କର ଏକମାତ୍ର ପୁତ୍ର ଆଶିଷ (ରାଜା) ର ଜନ୍ମ । ନାନା ମେହେର ମହାବିଦ୍ୟାଳୟର ଟ୍ରଷ୍ଟଫଣ୍ଡ୍ ଛାତ୍ରାବାସର ସହକାରୀ ତତ୍ତ୍ୱାବଧାରକ ଭାବରେ ସରକାରୀ ବାସଭବନରେ ଥିବାବେଳେ ସେ ସମ୍ବଲପୁର ସାଧାରଣ ଡାକ୍ତରଖାନାରେ ଜନ୍ମ ଗ୍ରହଣ କରିଥିଲା କାର୍ତ୍ତିକ ମାସ ପ୍ରତିପଦା ତିଥିରେ ସକାଳ ୧୦ଟା ସମୟରେ । ଛଅ ଜଣ କନ୍ୟାଙ୍କ ପରେ ତାର ଜନ୍ମ । ମୁଁ ସେତେବେଳେ ବଲାଙ୍ଗିରିର ଘରୋଇ ମହିଳା ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପିକା ରୂପେ କାର୍ଯ୍ୟରତ ହୋଇସାରିଥିଲି । ଆମେ ଛଅ ଜଣ ଆମର ଭାଇ ହେବା କଥାଶୁଣି ଆନନ୍ଦରେ ଅଧୀରା ହୋଇଗଲୁଁ । ମୋ ଯେଯେମାଁ ଡାକ୍ତରଖାନାରେ ମୋ ମାଁଙ୍କ ପାଖରେ ଥିଲେ । ଆମେ ସମସ୍ତେ ଉକ୍ତ ସମ୍ବାଦ ଶୁଣିବା ସଙ୍ଗେ ସଙ୍ଗେ ଗୋଟିଏ ଗଳି ରାସ୍ତାରେ ଆବଶ୍ୟକୀୟ ଜିନିଷାଦି ସାଙ୍ଗରେ ନେଇ ଗ୍ଭଲିଲୁଁ ଡାକ୍ତରଖାନାକୁ । ସେଠାରେ ଭାଇକୁ ଦେଖି ସମସ୍ତେ ଆନନ୍ଦରେ ଉତ୍‌ଫୁଲ୍ଲିତା ହୋଇ ଯାଉଥିଲୁଁ । ପରଦିନ ସକାଳୁ ମୋ ମାଁ ଓ ଭାଇ ଦୁହେଁ ଡାକ୍ତରଖାନାରୁ ଘରକୁ ଆସିଲେ । ତାପରେ ଆମର ପରଂପରାନୁସାରେ ଆମମାମୀର ପିଠିରେ ଚନ୍ଦନ ଲଗା ହେଲା । ସେତେବେଳେ ମୋର ବଲାଙ୍ଗିରର ଖେଳ ସାଥୀ ମାନଙ୍କ କଥା ମନେ ପଡ଼ିଯାଉଥିଲା । ତାହା ହେଉଛି ଆମେ ତିନିଜଣ ଝିଅ ହେବା ପରେ ତାଙ୍କ ସହ ଖେଳିବାକୁ ଗଲେ ସେମାନେ ମୋତେ କହୁଥିଲେ - "ଏ ରେଣୁ, ତିନିଟା ଝିଅରେ ଭାଇ ନାଇଁ ଖୁଜ । ଭଲ ନୁହେଁ ଜାଣିଛ ।" ତାହା ଶୁଣି ମୋତେ ବହୁତ ଦୁଃଖ ଲାଗେ । ସମସ୍ତେ ଭାଇ ମାନଙ୍କୁ ସାଙ୍ଗରେ ଆଣି ଖେଳନ୍ତି । କିନ୍ତୁ ମୋର ଗୋଟିଏ ଭାଇ ନାହିଁ ବୋଲି ମୋତେ ଦୁଃଖ ଭରା ଅପମାନ ଲାଗେ । ଏହି ମନ, ରାଜାର ଜନ୍ମ ପରେ ଅପସାରିତ ହୋଇଗଲା । ମୁଁ କିନ୍ତୁ କାହାରିକୁ ଏତାଦୃଶ ମନଦୁଃଖ କଥା କହେ ନାହିଁ । ମୋ ସାଙ୍ଗ ମାନଙ୍କ କଥା ବର୍ତ୍ତମାନ ଏ ବୟସରେ ମଧ୍ୟ ଥରେ ଥରେ କର୍ଣ୍ଣ ପଥାରୁଢ଼ ହୋଇଯାଏ । ମୋ ନାନା, ମାଁ ଆମ ଆଗରେ କି କାହାରି ସମ୍ମୁଖରେ ତାଙ୍କର ଏତେଜଣ ଝିଅ ବୋଲି କେବେବି ମନଦୁଃଖ କରି ନଥିଲେ । ଆମକୁ କେବେ ହତାଦର ମଧ୍ୟ କରିନଥିଲେ । ପୁତ୍ର ଜନ୍ମ ହେବା ପରେ ମଧ୍ୟ ପୁତ୍ର କନ୍ୟା

Digitized by srujanika@gmail.com

ମଧ୍ୟରେ କିଛି ପାର୍ଥକ୍ୟ ଆମେ ଉପଲବ୍ଧି କରି ନଥିଲୁଁ । ବରଂ ତତ୍ ପରିବର୍ତ୍ତେ ଏକମାତ୍ର ପୁତ୍ର ହେଲେ ମଧ୍ୟ ଉଦ୍‌ଗାତା ବାବୁ ତାଙ୍କୁ କେବଳ ଏକୋଇରବଳା ବୋଲି ଗେହ୍ଲା ନ କରି କଡ଼ା ଶାସନରେ ରଖୁଥିଲେ ।

ରାଜାକୁ ୬/୭ ବର୍ଷ ହୋଇଥିଲା । ଦିନେ ସେ ଜିଦି କରି ଘରେ ରନ୍ଧା ହୋଇଥିବା ଆଳୁ ପୋଟଳ ତରକାରୀ ଖାଇବ ନାହିଁ ବୋଲି ଅଳି କରି ରୁଷି କରି ଅଖିଆ ମୁହଁ ଫୁଲାଇ ବସିଥିଲା । ସେତେବେଳେ ସେ ପ୍ରଫେସର କଲୋନୀର ଆରମ୍ଭରେ ଥିବା ଦୁଇଟି ସରକାରୀ ବାସଭବନରୁ ଗୋଟିକରେ ବାସ କରୁଥିଲେ । ଉକ୍ତ ବାସଭବନରେ ଥିବା ବେଳେ ଆମେ ବାରଣ୍ଡାରେ ଭୋଜନ କରୁଥିଲୁଁ ଏବଂ ତା ପାଖକୁ ଲାଗି ଯେଉଁ ବାଟ କୋଠରୀ ତାର ଗୋଟିଏ କୋଣରେ ମୁଖ୍ୟ ରାସ୍ତା ଆଡ଼କୁ ମୁହଁ କରି ଉଦ୍‌ଗାତା ବାବୁ ଗୋଟିଏ ଚୌକିରେ ବସି ମେଜ ଉପରେ ପୁସ୍ତକ ରଖି ପଢ଼ା ପଢ଼ି କରନ୍ତି । ସେଦିନ ମଧ୍ୟ ସେ ସାୟଂ ଭ୍ରମଣ ଶେଷ କରି ଆସି ପଢ଼ାରେ ମନ ନିବେଶ କରିଥିଲେ । ସେତିକି ବେଳେ ରାଜା ସହ ମାଁଙ୍କର କଥାବାର୍ତ୍ତା ସବୁ ସେ ଶୁଣିଲେ । ପଢ଼ା ଜାଗାରୁ ଉଠି ଆସି ରାଜାକୁ ଶାସନ କରିବାରେ ଲାଗିଗଲେ । ରାଜା ମଧ୍ୟ ତା ଜିଦ୍‌ରେ ରହିଲା ଅଟଳ । ତପ୍ତରେ ଉଦ୍‌ଗାତା ବାବୁ ତାକୁ ନେଇ ଘର ବାହାରେ ଛାଡ଼ିଦେଲେ । ବିଦ୍ୟୁତ୍ ଆଲୋକ ସବୁ ଲିଭାଇ ଦେଇ ଘର ଭିତରକୁ ଆସି ବାଟର କବାଟ ବନ୍ଦ କରିଦେଲେ । ସେ ବାହାରେ ବସି କାନ୍ଦୁଥାଏ । ଇତ୍ୟବସରେ ଅନ୍ୟ ମାନେ ସମସ୍ତେ ଭୋଜନ ଶେଷ କରି ସାରିଲେ । ଉଦ୍‌ଗାତା ବାବୁ ସରସ୍ୱତୀ ଦେବୀଙ୍କୁ ମଧ୍ୟ ତାଗିଦ୍ କରି ଦେଇଥିଲେ ଯେ ସେ ଯଦି ଗୋଟିଏ ପୁଅ ବୋଲି ଗେଲରେ ତାକୁ ଘର ଭିତରକୁ ଡାକି କରି ଆଣିବେ ତା ହେଲେ ଭବିଷ୍ୟତରେ ସେ ଯଦି ଚୋର, ତସ୍କର ହେବ ସେତେବେଳେ ମୋତେ ଆଉ ଦାୟୀ କରିବେ ନାହିଁ । ତାହା ଶୁଣି ସରସ୍ୱତୀ ଦେବୀ ମଧ୍ୟ ଭୟଭୀତା ହୋଇଗଲେ ଓ ନୀରବରେ ରହିଗଲେ । ଉଦ୍‌ଗାତା ବାବୁ ଚୁପ୍‌ଚାପ୍ ମଶାରି ଲଗାଇ ଶୋଇବା ଉଦ୍ଦେଶ୍ୟରେ ବିଛଣା ଉପରକୁ ଚାଲିଗଲେ ମଧ୍ୟ । ରାଜା ବାବୁ ବାହାରେ ବସିଥିବାର ଦେଖିଲା ତାଙ୍କ ଘରର ବାସନ ସଫା କରୁଥିବା ସ୍ତ୍ରୀ ଲୋକଟି । ସେ କାହିଁକି ତା ଘରୁ ବାହାରକୁ ଆସିଥିଲା କେଜାଣି । ତା ନାଁ ସାବିତ୍ରୀ । ସେ ପାଖକୁ ଆସି ଦେଖିଲା- ରାଜାବାବୁ ବାହାରେ ବସିଛି । ଘରର ଆଲୁଅ ଲିଭିଯାଇଛି । ଚାରିଆଡ଼ ଅନ୍ଧକାର ଦିଶୁଛି । ସେ ତାପରେ ରାଜା ବାବୁର ହାତ ଧରି ଆଣି ଘର କବାଟ ଠକ୍ ଠକ୍ କରି କବାଟ ଖୋଲିବାକୁ କହି, ସମସ୍ତଙ୍କ ଉପରେ ମାଲିକାଣି

Digitized by srujanika@gmail.com

ସାଜି ରାଜାବାବୁର ସପକ୍ଷରେ ସମସ୍ତଙ୍କୁ କହିଲା- "ଇଏ ବୁଆ ଦେଖ ତ, ହଇଗୋ ହେନ୍ତା ହେଲେ କର୍‌ସନ୍। ଛୁଆ କେ ବାହାରେ ଅନ୍ଧାରେ ଛାଡ଼ି ଦେଇ ଘରର୍ ସଭେ ଶୁଇବାକେ ଗଲନ। ରଖ, ଘରେ ରଖ ବାବୁକେ" ଇତ୍ୟାଦି - ସେହିଦିନ ଠାରୁ ରାଜାବାବୁ ହୋଇଗଲା ସାବାଡ଼୍, ଶିଖିଗଲା ସବୁ। ଆଉ ଦିନେ ବି କେବେ ସେହିପରି ସେ କରିନାହିଁ। ଏ ପରି କି ସନ୍ତାନ ପାଇଁ ସେନିଜର ବହୁ ଦିନର କୁ ଅଭ୍ୟାସ ବଡ଼ି ସିଗାରେଟ ପାନ ଅକ୍ଲେଶ ରେ ତ୍ୟାଗ କରି ଦେଇ ଥିଲେ । ଉଦ୍‌ଗାତା ବାବୁ ଆମ ସମସ୍ତଙ୍କୁ ମଧ୍ୟ ଉପଦେଶ ଦେଇ କହନ୍ତି- ସନ୍ତାନ୍ ସନ୍ତତିଙ୍କ ପ୍ରତି ସ୍ନେହ ନିଜ ଅନ୍ତର ମଧ୍ୟରେ ରଖିଥିବ। କିନ୍ତୁ ବାହାରେ ଆବଶ୍ୟକ ସ୍ଥଳେ ରୁକ୍ଷ ଭାବରେ ଲାଲ ଆଖି ଦେଖାଇ **ଶାସନ କରିବା ବିଧେୟ। ନଚେତ୍ ସନ୍ତାନ ସନ୍ତତି ଗଣ ସୁମଣିଷ ହୋଇ ସତ୍‌ପଥଗାମୀ ହେବେ ନାହିଁ।** ତାଙ୍କର ଏତାଦୃଶ ଉକ୍ତି ଆମେ ଅନୁସରଣ କରି ଆସିଲୁଁ। ବର୍ତ୍ତମାନ ଆମେ ମଧ୍ୟ ଆମର ପରବର୍ତ୍ତୀ ପୀଢ଼ୀଙ୍କୁ ସେହି ଉପଦେଶ ଦେଉଛୁଁ। କାରଣ ତାହାହିଁ ପ୍ରକୃତରେ ଉପଯୁକ୍ତ ପିତାମାତାଙ୍କର କର୍ତ୍ତବ୍ୟ । ସେ କ୍ଲାସିକାଲ ହିନ୍ଦୁସ୍ଥାନୀ ମ୍ୟୁଜିକରେ ତୃତୀୟ ବର୍ଷ ଉତ୍ତୀର୍ଣ୍ଣ ହୋଇଥିଲା ।

ସପ୍ତମ କନ୍ୟା ମଧୁମିତା ଉଦ୍‌ଗାତାର ଜନ୍ମ ୧୯୬୭ ଖ୍ରୀ:ରେ ସମ୍ବଲପୁରରେ। ସେ ମେହେର ମହାବିଦ୍ୟାଳୟରୁ ରସାୟନ ବିଜ୍ଞାନ ବିଷୟରେ ସ୍ନାତକୋତ୍ତର ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଏମ.ଫିଲରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷା ବିଷୟରେ ସ୍ନାତକ କରି ମଦନାବତୀ ପବ୍ଲିକ୍ ବିଦ୍ୟାଳୟରେ ଶିକ୍ଷୟତ୍ରୀ ରୂପେ ନିଯୁକ୍ତି ଲାଭ କରି କିଛି ଦିନ କାର୍ଯ୍ୟରତା ହେଲା ପରେ ବିବାହ କରି ବର୍ତ୍ତମାନ ମୁମ୍ବାଇରେ ସୁଗୃହିଣୀ ଭାବରେ ରହିଛି। ଆନ୍ତଃ ବିଦ୍ୟାଳୟ ନାଟକ ପ୍ରତିଯୋଗିତାରେ ସେ ଉତ୍ତମ ନାୟିକା ରୂପେ ବିବେଚିତ ହୋଇ ସୁବର୍ଣ୍ଣ ପଦକ ଲାଭ କରିଥିଲା ।

ସେ କ୍ଲାସିକାଲ ହିନ୍ଦୁସ୍ଥାନୀ ମ୍ୟୁଜିକ୍‌ରେ ତୃତୀୟ ବର୍ଷ ଉତ୍ତର୍ଣ୍ଣ ହୋଇଥିଲା ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ

୧୯୬୮ ଖ୍ରୀ: ଜାନୁୟାରୀ ତା.୧ ଦିନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା। ତତ୍‌କାଳୀନ ରାଷ୍ଟ୍ରପତି ଡ: ଜାକୀର ହୋସେନ୍ ଜାନୁୟାରୀ ତା.୪.୧୯୬୮ ଦିନ ଏହା ଉଦ୍‌ଘାଟନ କରିଥିଲେ। ଡ: ପର୍ଶୁରାମ ମିଶ୍ର ଏହାର ପ୍ରଥମ କୁଳପତି। ପ୍ରଥମେ ବିଶ୍ୱବିଦ୍ୟାଳୟର ସ୍ୱଗୃହ ନିର୍ମିତ ହୋଇନଥିଲା। ତେଣୁ ବିଶ୍ୱବିଦ୍ୟାଳୟର ଅଫିସ୍ ପ୍ରଥମେ କୁଳପତିଙ୍କ ବାସଭବନରେ ଅନୁଷ୍ଠିତ ହେଉଥିଲା। ତାଙ୍କର ବାସଭବନରେ ଅନେକ ଗୁଡ଼ିଏ

Digitized by srujanika@gmail.com

କକ୍ଷ ଥିଲା । ସେଥିରୁ କିଛି ଘର ବିଶ୍ୱବିଦ୍ୟାଳୟର ଅଫିସ୍ ନିମିତ୍ତ ସେ ଛାଡ଼ି ଦେଇଥିଲେ । ୧୯୬୮ ଜୁଲାଇ ମାସରୁ ବିଶ୍ୱବିଦ୍ୟାଳୟରେ ପ୍ରଥମେ ଶିକ୍ଷାଦାନ (ଏକାଡେମିକ୍) ବିଭାଗ ଖୋଲା ହେଲା । ପ୍ରଥମେ ଓଡ଼ିଆ ଭାଷା ସାହିତ୍ୟ ଓ ରାଜନୀତି ବିଜ୍ଞାନ ଦୁଇଟି ବିଭାଗ ଖୋଲା ହେଲା । ପ୍ରତ୍ୟେକ ବିଭାଗରେ ୧୬ ଜଣ ଛାତ୍ର ନାମ ଲେଖାଇ ପାଠପଢ଼ିବାର ବ୍ୟବସ୍ଥା ଥିଲା । ଓଡ଼ିଆ ବିଭାଗରେ ଉଦ୍‌ଗାତା ବାବୁ ଓ ରାଜନୀତି ବିଜ୍ଞାନ ବିଭାଗରେ ଆଦିତ୍ୟ ପ୍ରସାଦ ପାଢ଼ୀ ତାଙ୍କର ଅବସର ସମୟରେ ବିଶ୍ୱବିଦ୍ୟାଳୟର ଅନୁରୋଧ କ୍ରମେ ଛାତ୍ର ମାନଙ୍କୁ ପାଠ ପଢ଼ାଇବା ପାଇଁ ଯାଉଥିଲେ । ସେତେବେଳେ ସେମାନେ ଉଭୟେ ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ଅଧ୍ୟାପକ ରୂପେ ଚାକିରୀ କରୁଥିଲେ । ଉଦ୍‌ଗାତା ବାବୁ ପ୍ରଫେସର କଲୋନୀର ଟ୍ରଷ୍ଟଫଣ୍ଡ୍ କ୍ୱାଟର୍ସରେ ରହୁଥିଲେ । ସେତେବେଳେ ସମ୍ବଲପୁରର ଧନୁପାଲିରେ ଗୋଟିଏ ଭଡ଼ା ଘରେ ପାଠପଢ଼ା ହେଉଥିଲା । ପ୍ରଫେସର୍ କଲୋନୀରୁ ସେ ସାଇକଲ୍‌ରେ ଧନୁପାଲି ପ୍ରତ୍ୟେକ ଦିନ ଯାଇ କ୍ଲାସ ନେଉଥିଲେ । ସେମାନଙ୍କର କ୍ଲାସ ସଂଖ୍ୟା ଅନୁସାରେ କିଛି କିଛି ପାରିଶ୍ରମିକ ମଧ୍ୟ ସେମାନେ ପାଉଥିଲେ ।

ପ୍ରଥମ ଦୁଇବର୍ଷ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଉତ୍କଳ ବିଶ୍ୱବିଦ୍ୟାଳୟର ପାଠ୍ୟ ଖସଡ଼ା ଅନୁସାରେ ହେଉଥିଲା । କ୍ରମେ ବିଶ୍ୱବିଦ୍ୟାଳୟ ଅଫିସ୍ ଧନୁପାଲିକୁ ଉଠିଗଲା । କିନ୍ତୁ ଓଡ଼ିଆ ଭାଷା ଓ ସାହିତ୍ୟ ଓ ରାଜନୀତି ବିଜ୍ଞାନର ପାଠ ପଢ଼ା ହେଲା ସମ୍ବଲପୁର ବଡ଼ବଜାର ସ୍ଥିତ ପାଟଣା ଭବନରେ । ସେଠାରେ ମଧ୍ୟ ଉଦ୍‌ଗାତା ବାବୁ ଓ ପାଢ଼ୀ ବାବୁ କ୍ଲାସ ନେଲେ । ସ୍ନାତକୋତ୍ତର ଶ୍ରେଣୀର ଦ୍ୱିତୀୟ ବର୍ଷର କ୍ଲାସ୍ ଆରମ୍ଭ ହେଲା ପରେ ଅନ୍ୟ ଅଧ୍ୟାପକ ମାନେ ସେହିପରି ପାର୍ଟଟାଇମ ଭାବରେ କାର୍ଯ୍ୟ ଚଳାଇଲେ । ୧୯୬୮ ସାଲ୍‌ରେ ବିଶ୍ୱବିଦ୍ୟାଳୟର ପ୍ରଥମ ସିନେଟ୍ ମିଟିଂ ଅନୁଷ୍ଠିତ ହୋଇଥିଲା ସମ୍ବଲପୁରର ନାରୀ ସେବା ସଦନରେ । ସେତେବେଳେ ଉଦ୍‌ଗାତାବାବୁ ସିନେଟ୍-ସଦସ୍ୟ ଭାବରେ ସେଥିରେ ଯୋଗଦାନ କରିଥିଲେ । ଆହୁରି ଅନେକ ସଦସ୍ୟ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । କୁଳାଧିପତିଙ୍କ ପ୍ରତିନିଧି (ନୋମିନି) ଭାବରେ ମୁଁ ଉକ୍ତ ସଭାରେ ଯୋଗଦାନ କରିଥିଲି । ମୋର ସ୍ୱାମୀ ଶ୍ରୀଯୁକ୍ତ ବିଭୂତି ଭୂଷଣ ମିଶ୍ର ସୋନପୁର କଲେଜର ଅଧ୍ୟକ୍ଷ ଭାବରେ ସଦସ୍ୟ ରୂପେ ସେହି ସଭାରେ ଯୋଗ ଦେଇଥିଲେ । ଉକ୍ତ ସଭାରେ ଅଳ୍ପ କେତେଜଣ ଭଦ୍ର ମହିଳା ମାତ୍ର ଥିଲେ । ଆମେ ମହିଳା ସଦସ୍ୟ ମାନେ ସଭା ସରିବା ପରେ ଡ: ପର୍ଶୁରାମ ମିଶ୍ରଙ୍କୁ ସାକ୍ଷାତ କରିଥିଲୁଁ । ସେ ମୋତେ ତାଙ୍କ ପାଖକୁ

Digitized by srujanika@gmail.com

ଡାକି କହିଲେ - "ତୁ ଉଦ୍‌ଗାତା ବାବୁଙ୍କ ଝିଅ ପରା । ତେଣୁ ତୁ ଆମର ନାତୁଣୀ ହେଲୁ । ହଇଲୋ ତୋ ବର (ସ୍ୱାମୀ) ନାଆଁ କ'ଣ ? ସେ ଆସିଛି କି ନାହିଁ ।" ମୁଁ କହିଲି ହଁ ଆସିଛନ୍ତି । ତାଙ୍କ ନାଆଁଟା ସର୍ବସମକ୍ଷରେ କହିବା ପାଇଁ ମୋତେ ବାସ୍ତବିକ ବହୁତ ଅଡୁଆ ଲାଗୁଥିଲା । ବାହା ଘରର ଅଳ୍ପ ଦିନ ହୋଇଥିଲା । ଏତେ ଗୁରୁଜନଙ୍କ ଆଗରେ ତାଙ୍କ (ମୋ ସ୍ୱାମୀ) ନାଆଁ କହିବା ପାଇଁ ମୋତେ ବହୁତ ସଙ୍କୋଚ ଲାଗୁଥିଲା । ତାପରେ ପୁଣି ସେତେବେଳ ସମାଜର କଥା । ସେ କାଳ ଏକାଳ ଭିତରେ ଆକାଶ ପାତାଳ ପାର୍ଥକ୍ୟ । ତାପରେ ନିଜେ କୁଳପତି କଥାଟା ଏତେ କୌତୁକପୂର୍ଣ୍ଣ ଭାବରେ କହିଲେ ଯେ ତାହା ଶୁଣି ସେଠାରେ ଯେତେ ଜଣ ଥିଲେ ସମସ୍ତେ ହୋହୋ ହୋଇ ହସି ଉଠିଲେ । ସେ କହିଲେ ଓହୋ, ତୁଇ ପରେ ତୋର ବରର ନାଆଁ ନାଇଁଧରୁ । ହେନ୍ତା ହେଲେ ଅନ୍ୟ ମାଇକିନିଆ ମାନେ ଯେନ୍ତା କହେସନ୍- ଗୁରି ଗୁରି ଚଉଦ ଗୁରି, କାଟ ଗୁରି ହେବି ପାରି ଯିବି ଗାଁ, ସେ ଗାଁ ନାଁ ମୋର ବରର ନାଆଁ ।" ଏହିପରି ଏକ ହାସ୍ୟପୂର୍ଣ୍ଣ ବାତାବରଣ ଭିତରେ ସମସ୍ତେ କିଛି ସମୟ ଆନନ୍ଦରେ ଅତିବାହିତ କଲୁଁ । ତାଙ୍କ ମଧ୍ୟରେ ନଥିଲା କୁଳପତି ଭାବର ଗର୍ବ, ଅହଂକାର । ସେ ସମୟରେ ସେ ଥିଲେ ବୟୋଜ୍ୟେଷ୍ଠ, ବିଦେଶ ଫେରନ୍ତା ଶିକ୍ଷିତ । ସେ ନଥିଲେ ଶିକ୍ଷାଭିମାନୀ । ଉପରୋକ୍ତ ଘଟଣାକୁ ଘରକୁ ଆସି ଭଉଣୀ ମାନଙ୍କୁ କହିଲି । ସେଥିରେ ମୋର ମାଁ, ନାନା ସମସ୍ତେ ଭାଗ ନେଇ ଆନନ୍ଦରେ ହସି ଉଠିଲେ ।

ଉଦ୍‌ଗାତା ବାବୁ ଖ୍ରୀ:୧୯୭୦ରେ ଓଡ଼ିଶା ସରକାରଙ୍କ ଚାକିରୀରୁ ଲିଅନ୍ (Leon) ନେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ମୁଖ୍ୟ ଅଧ୍ୟାପକ ଭାବରେ ବିଶ୍ୱବିଦ୍ୟାଳୟର ନିଯୁକ୍ତି ଅନୁସାରେ ଯୋଗଦାନ କଲେ । ତତ୍ପରେ ତାଙ୍କ ଜୀବନରେ ଆସିଲା ତୃତୀୟ ପର୍ଯ୍ୟାୟ । ତାପରେ ତାଙ୍କ ଛାତ୍ର ହେଲେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶ୍ରେଣୀର ବିଦ୍ୟାର୍ଥୀଗଣ । ତାଙ୍କର ସେଠାକାର ଅନେକ ଛାତ୍ର ବିଭିନ୍ନ ପଦବୀରେ ପରବର୍ତ୍ତୀ କାଳରେ ଅଧିଷ୍ଠିତ ହୋଇଥିଲେ । ବର୍ତ୍ତମାନ କେତେକ ଅବସର ପ୍ରାପ୍ତ ଓ ଆଉ କେତେଜଣ କାର୍ଯ୍ୟରତ ଅଛନ୍ତି ମଧ୍ୟ । ସେମାନେ ହେଉଛନ୍ତି - ଡ଼. କୁମୁଦ ରଞ୍ଜନ ପାଣିଗ୍ରାହୀ, ଡ଼. ଆଦିକନ୍ଦ ସାହୁ, ଡ଼.ସ ହଦେବ ରଥ, ଡ଼. ଶ୍ୟାମ ସୁନ୍ଦର ଧର, ଡ଼. ଦ୍ୱାରିକା ନାଏକ, ଡ଼. ହାଡ଼ିବନ୍ଧୁ ମିର୍ଦ୍ଧା, ଡ଼. ସରୋଜ ସୁଆର, ଡ଼. ଅନୁସୂୟା ମହାପାତ୍ର, ପ୍ରଣୀତା ମହାନ୍ତି ଇତ୍ୟାଦି ଆହୁରି ଅନେକ । ତାଙ୍କର ତତ୍ତ୍ୱାବଧାନରେ ଏକମାତ୍ର ବିଦ୍ୟାବାରିଧି ଉପାଧି ଧାରୀ ଛାତ୍ର ହେଉଛନ୍ତି

Digitized by srujanika@gmail.com

୪ ପ୍ରାଧ୍ୟାପକ ଡ଼ଃ ପୂର୍ଣ୍ଣାନନ୍ଦ ଦାନୀ, ଆହୁରି କେତେକ ବିଦ୍ୟାବାରିଧି ସନ୍ଦର୍ଭର ସେ ଥିଲେ ପରୀକ୍ଷକ । ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଇଚ୍ଛାଧୀନ ଓଡ଼ିଆ ଓ ଆଧୁନିକ ଭାରତୀୟ ଭାଷା କମିଟୀର ପାଠ୍ୟଖସଡ଼ା ପ୍ରସ୍ତୁତକାରୀ ସଦସ୍ୟ/ଅଧ୍ୟକ୍ଷ ପରୀକ୍ଷକ ନିର୍ଦ୍ଧାରଣ କମିଟୀର ସଦସ୍ୟ /**ଅଧ୍ୟକ୍ଷ, ମୁଖ୍ୟ ପରୀକ୍ଷକ, ଅଧ୍ୟକ୍ଷ ଇତ୍ୟାଦି** ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମରେ ସେ ଓତଃପ୍ରୋତ ଭାବରେ ଜଡ଼ିତ ଥିଲେ ।

ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଓଡ଼ିଆ ସାହିତ୍ୟ ବିଷୟରେ, ଓଡ଼ିଶାର ଉତ୍କଳ, ବ୍ରହ୍ମପୁର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଭିନ୍ନ ଭିନ୍ନ ସମୟରେ ଇଚ୍ଛାଧୀନ ଓଡ଼ିଆ ଓ ମାତୃଭାଷା ଓଡ଼ିଆ ବିଷୟରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀ ନିମିତ୍ତ ଓଡ଼ିଆ ଭାଷା ଓ ସାହିତ୍ୟରେ ପ୍ରଶ୍ନକର୍ତ୍ତା, ପ୍ରଶ୍ନ ସମୀକରଣ କମିଟୀର ସଦସ୍ୟ/ ଅଧ୍ୟକ୍ଷ ଇତ୍ୟାଦି ଭାବରେ ନିଯୁକ୍ତି ଲାଭ କରୁଥିଲେ । ବିଶ୍ୱବିଦ୍ୟାଳୟର କ୍ୟାମ୍ପସର ନାମକରଣ କମିଟୀରେ ମଧ୍ୟ ସେ ଜଣେ ସଦସ୍ୟ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପ୍ରକାଶିତ ମୁଖପତ୍ର ସମ୍ବଲପୁର ୟୁନିଭରସିଟି ଜର୍ନାଲ୍ ଓ ସପ୍ତର୍ଷିର କଳାବିଭାଗର ପରିଚାଳନା ସମ୍ପାଦକ ଥିଲେ । ସପ୍ତର୍ଷିର ମୁଖ୍ୟ ସମ୍ପାଦକ ଥିଲେ କୁଳପତି ପ୍ରଃ ଭୁବନେଶ୍ୱର ବେହେରା ।

ପାଠ୍ୟଖସଡ଼ାରେ ଥିବା ଯେ କୌଣସି ବିଷୟରେ ଶିକ୍ଷାଦାନ କରିବାରେ ସେ କୁଣ୍ଠାବୋଧ କରନ୍ତି ନାହିଁ । ସାହିତ୍ୟର ସୌନ୍ଦର୍ଯ୍ୟ ତତ୍ତ୍ୱ ଯଥାଃ ଅଳଙ୍କାର, ରସ, ରୀତି, ଗୁଣ, ଧ୍ୱନି, ବକ୍ରୋକ୍ତି ଇତ୍ୟାଦି, ବ୍ୟାକରଣ, ଭାଷାତତ୍ତ୍ୱ, ସମାଲୋଚନା ସାହିତ୍ୟ, ସଂସ୍କୃତ, ପ୍ରାକୃତ, ପ୍ରାଚୀନ ଓ ଆଧୁନିକ, ଅତ୍ୟାଧୁନିକ ସାହିତ୍ୟ, ଇତ୍ୟାଦି ବିଷୟରେ ଶିକ୍ଷା ଦେବାରେ ଥିଲା ତାଙ୍କର ଅନାବିଳ ମମତା ଭରା ଆନନ୍ଦ । ଉପନ୍ୟାସ, ନାଟକ ଇତ୍ୟାଦି ବିଷୟରେ ମଧ୍ୟ ସେ ଶିକ୍ଷା ଦେଉଥିଲେ । ସେ ଇଂରାଜୀ, ହିନ୍ଦୀ, ବଙ୍ଗାଳୀ, ସଂସ୍କୃତ, ଓଡ଼ିଆ ଭାଷା ଓ ସାହିତ୍ୟରେ ଦକ୍ଷତା ଲାଭ କରିଥିଲେ । ଓଡ଼ିଆ ଶିକ୍ଷାଦାନ ସମୟରେ ସେ ଅନୁରୂପ ବର୍ଣ୍ଣନା, ପଦାବଳୀ ଇତ୍ୟାଦି ବିଭିନ୍ନ ସାହିତ୍ୟରୁ ଉପାଦାନର ଅବତାରଣା କରି ଛାତ୍ର ମାନଙ୍କର ମାନସିକ ପରିସର ପରିବୃଦ୍ଧି କରି ପାରୁଥିଲେ । ଛାତ୍ର ମାନଙ୍କ ମଧ୍ୟରେ ନିଜର ବକ୍ତୃତା ଶୁଣିବା ପାଇଁ ଆଗ୍ରହ, ଉତ୍କଣ୍ଠା ସୃଷ୍ଟି କରିପାରିବା ଶିକ୍ଷକର

Digitized by srujanika@gmail.com

ଅପର ଏକ ପ୍ରଶଂସନୀୟ ଧର୍ମ। ସାହିତ୍ୟରୁ ନିଜେ ଶିକ୍ଷକ ରସୋପଲବ୍ଧି କରିପାରିଲେ ତାହା ଉପଯୁକ୍ତ ଭାବରେ ଛାତ୍ର ମାନଙ୍କୁ ସେ ବିତରଣ କରିପାରେ। ତଦ୍ୱାରା ଛାତ୍ର ଶିକ୍ଷାଲାଭ କରିବା ସଙ୍ଗେ ସଙ୍ଗେ ରସୋପଲବ୍ଧି ଜନିତ ଆନନ୍ଦ ମଧ ଉପଭୋଗ କରିଥାଏ। ତାହା ତା ଜୀବନରେ ଚିରଦିନ ସମ୍ବଳ ହୋଇ ମନ ମଧ୍ୟରେ ସ୍ଥାନ ଲାଭ କରେ।

ଅବସରଗ୍ରହଣପରେ

୧୯୮୦ଖ୍ରୀ:ରେ ଜ୍ୟୋତିବିହାର ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ କରିବା ପରେ ତାଙ୍କର ଚାକିରୀ ଜୀବନରେ ପଡ଼ିଲା ପୂର୍ଣ୍ଣଚ୍ଛେଦ। କିନ୍ତୁ ପୁଣିଥରେ ବିଶ୍ୱବିଦ୍ୟାଳୟରେ ଶିକ୍ଷକତା କରିବା ନିମିତ୍ତ ଏକବର୍ଷ ପାଇଁ ସୁଯୋଗ ଲାଭକରିଥିଲେ। ସେତେବେଳକୁ ତାଙ୍କର ଛଅ ଜଣ କନ୍ୟାଙ୍କର ଶିକ୍ଷା ଓ ବିବାହ ସମାପ୍ତ ହୋଇଥିଲା। ପୂର୍ବରୁ ସେ ବାସକରୁଥିବା ଟ୍ରଷ୍ଟଫଣ୍ଡ ବାସଭବନ ଛାଡ଼ିବାଲାଗି ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅଧ୍ୟକ୍ଷ ତାଙ୍କ ଦପ୍ତରରୁ ପତ୍ର ପ୍ରେରଣ କଲେ। ଚିଠିପାଇ ଉଦ୍‌ଗାତାବାବୁ ଆଉ ଅଧିକ କିଛି ମାସ ସେଠାରେ ବାସ କରିବା ପାଇଁ ଅନୁମତି ପ୍ରାର୍ଥନାକଲେ। ଉକ୍ତ ସମୟ ମଧ୍ୟରେ ୧୯୬୫/୬୬ ରେ କିଣିଥିବା ସମ୍ବଲପୁର ଜିଲ୍ଲାର ଗୋପାଳମାଳସ୍ଥ ବାସୋପଯୋଗୀ ଜମିରେ ୧୯୮୨ ସାଲ୍‌ରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭକଲେ। ପିତା ଯେପରି ଈଶ୍ୱରଙ୍କ ଆଶୀର୍ବାଦ ସହ ହୃଦୟରେ ତାଙ୍କ କନ୍ୟା ମାନଙ୍କୁ ଉଚ୍ଚଶିକ୍ଷିତା କରିଥିଲେ ସେହିପରି ତଦ୍ୱାରା ତାଙ୍କର କନ୍ୟାମାନେ ମଧ ଉଚ୍ଚଚାକିରୀରେ ଅଧିରୂଡା ହୋଇ ଆର୍ଥିକ ସାହାଯ୍ୟଦେଇ ପିତୃଋଣ କିଞ୍ଚିତ ପରିମାଣରେ ପରିଶୋଧ କରିବା ନିମିତ୍ତ ପଶ୍ଚାତ୍ ପଦା ହୋଇନ ଥିଲେ। ପିତାଙ୍କର ଆର୍ଥିକ ଅସୁବିଧା ଦୂର କରିବା ପାଇଁ ଅର୍ଥାତ୍ କେହି ବାସଗୃହ ନିର୍ମାଣତ କେହି ପୁସ୍ତକ ପ୍ରକାଶନ ଏବଂ ଅନ୍ୟାନ୍ୟ କାମ ପାଇଁ ସଦା ସର୍ବଦା ସେମାନେ ଜାଗରୁକ ଥିଲେ।

ଫଳରେ ତାଙ୍କର ବାସଗୃହ ଛଅମାସ ମଧ୍ୟରେ ନିର୍ମାଣ ହୋଇଗଲା। ଗୃହର ମୁଖ୍ୟ ପ୍ରବେଶ ପଥର ଦ୍ୱାରର କବାଟ ଏବଂ ପଶ୍ଚାତ୍‌ପଟର ଦ୍ୱାର କବାଟ ଲଗାଇ ଗୃହ ପ୍ରତିଷ୍ଠା କରିତାଙ୍କର ପୂର୍ବ ବାସଭବନ ପରିତ୍ୟାଗ କରି ସ୍ୱଗୃହକୁ ସେ ସପରିବାର

Digitized by srujanika@gmail.com

ଚାଲି ଆସିଲେ ୧୯୮୨ ଖ୍ରୀ:ରେ। ସେହି ଗୃହରେ ପ୍ରଥମେ ହେଲା ୧୯୮୪ରେ ରେଖାର ଶୁଭ ପରିଣୟ। ତତ୍ପରେ ପୁତ୍ର ଆଶିଷ ଓ ମଧୁମିତାର ଶୁଭ ବିବାହ ସମ୍ପନ୍ନ ହେଲା। ପୁନଶ୍ଚ ଉକ୍ତ ବାସଭବନ ତାଙ୍କର ଓ ସରସ୍ୱତୀ ଦେବୀଙ୍କର ଚିର ବିଦାୟ ଓ ତତ୍ ସମ୍ପର୍କୀୟ କାର୍ଯ୍ୟାବଳୀର ମୂକ ସାକ୍ଷୀ ହୋଇ ଦଣ୍ଡାୟମାନ ହୋଇଛି। ସନ୍ତାନ ସନ୍ତତିଙ୍କର ଶିକ୍ଷା, ବିବାହ ଇତ୍ୟାଦି ଓ ତତ୍ସହ ପୁସ୍ତକ ପ୍ରକାଶନ ନିମିତ୍ତ ସମସ୍ତ ବ୍ୟୟ ବହନ କରି ସର୍ବଦା ତାଙ୍କର ଆର୍ଥିକ ଅନାଟନ ଲାଗି ରହିଥାଏ। କିନ୍ତୁ କେତେବେଳେ ସେ ସେହିଚିନ୍ତାରେ ମ୍ରିୟମାଣ ହୋଇ ପଡ଼ନ୍ତି ନାହିଁ। ଜୀବନଯାତ୍ରା ପଥରେ ଅଗ୍ରସର ହେବାଥିଲା ତାଙ୍କର ମୁଖ୍ୟ ଧର୍ମ। ଅବସର ଗ୍ରହଣ ପରେ ସେ ଯେଉଁ ୩୦୦୦ ଟଙ୍କା ପେନ୍ସନ୍ ପାଉଥିଲେ ତାହା ତାଙ୍କ ବ୍ୟୟ ବହୁଳଜୀବନରେ "ସମୁଦ୍ରକୁ ଶଙ୍ଖେ ପଣା" ସଦୃଶ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଠିକ୍ ସେହି ସମୟରେ ମିଳିଲା ତାଙ୍କପାଇଁ ଈଶ୍ୱରଙ୍କ ଅଭୟାଶିଷ। ୧୯୮[illegible] ଖ୍ରୀ:ରେ ସେ ବର୍ତ୍ତମାନର ବରଗଡ଼ ଜିଲ୍ଲା ସନ୍ନିକଟସ୍ଥ ଅତାବିରା ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଭାବରେ ନିଯୁକ୍ତ ହୋଇଥିଲେ। ଅତାବିରା ମହାବିଦ୍ୟାଳୟର ପ୍ରତିଷ୍ଠାତା କମିଟୀର ସମ୍ପାଦକ ତାଙ୍କୁ ନିମନ୍ତ୍ରଣ କରିନେଲେ। ତତ୍ପରେ ସେ ସମ୍ବଲପୁରରୁ ପ୍ରତ୍ୟେକ ଦିନ ବସ୍ ରେ ଅତାବିରାକୁ ଯିବା ଆସିବା କରି ଅଧ୍ୟକ୍ଷ କାର୍ଯ୍ୟ ନିର୍ବାହ କଲେ। ସେହିପରି ଦୁଇତିନି ବର୍ଷ ଅତିବାହିତ ହେବାପରେ ସେ ସୁନ୍ଦରଗଡ଼ ଜିଲ୍ଲାର ବରଗାଁରେ ପ୍ରତିଷ୍ଠିତ ଘରୋଇ ମହାବିଦ୍ୟାଳୟରେ ପ୍ରଥମ ଅଧ୍ୟକ୍ଷରୂପେ ନିଯୁକ୍ତ ହେଲେ। ସେ ସେଠାରେ ମହାବିଦ୍ୟାଳୟର ପ୍ରଦତ୍ତ ଏକବାସ ଭବନରେ ସପ୍ତାହରେ କିଛିଦିନ ରହନ୍ତି ଓ କେତେଦିନ ପୁଣି ସମ୍ବଲପୁରକୁ ଆସନ୍ତି। ସେହିପରି କିଛିଦିନ ଅଧ୍ୟକ୍ଷ କାର୍ଯ୍ୟ ସମାପନ କରିବାପରେ ସେ ଆଉ କୌଣସି ଘରୋଇ ମହାବିଦ୍ୟାଳୟରେ ଚାକିରୀ କରି ନାହାନ୍ତି। ଅବସାନ ହେଲା ତାଙ୍କର ଚାକିରୀ ଜୀବନ।

ଡ଼: ମହତାବ ଓ ହୀରାଖଣ୍ଡ

ଆମ ଓଡ଼ିଶାର ପୂର୍ବତନ ମୁଖ୍ୟ ମନ୍ତ୍ରୀ ମହା ମାନ୍ୟ ଡ଼: ହରେ କୃଷ୍ଣ ମହତାବ ଥିଲେ 'ପ୍ରଜାତନ୍ତ୍ର ଦୈନିକ ସମ୍ବାଦ ପତ୍ରର ପ୍ରତିଷ୍ଠାତା। ୧୯୪୮ ଖ୍ରୀ:ରେ ବଲାଙ୍ଗୀରରେ

Digitized by srujanika@gmail.com

କଳିଙ୍ଗ ଐତିହାସିକ ଗବେଷଣା ସମିତିର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସେ ସମୟରେ ଡ଼: ମହତାବଙ୍କ ସହ ତାଙ୍କର ପୂର୍ବ ପରିଚୟ ଆହୁରି ଦୃଢ଼ୀଭୂତ ହେଲା । ୧୯୫୫ ଖ୍ରୀ: ତା ୨୫ ଓ ୨୬ ମାର୍ଚ୍ଚ ଫୁଲରେଣୁ ମୀନା ମଣ୍ଡଳୀର ବାର୍ଷିକ ଉତ୍ସବ ସମାରୋହରେ ଡ଼: ମହତାବଙ୍କ ସହ ସେ ଆହୁରି ଘନିଷ୍ଠ ହେଲେ । ସେଥିଲେ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲର ଫୁଲରେଣୁ ମୀନାମଣ୍ଡଳୀର ସଭାପତି । ୧୯୬୧ ଖ୍ରୀ:ରେ ତାଙ୍କ ଉଦ୍ୟମରେ ଅନୁଷ୍ଠିତ ହେଲା ସମ୍ବଲପୁର ଜିଲ୍ଲା ଲେଖକ ସମ୍ମିଳନୀ । ସେଥିରେ ଥିଲେ ମୁଖ୍ୟ ଅତିଥି ଡ଼: ମହତାବ, ୧୯୬୨ଖ୍ରୀ:ରେ କୁଚିଣ୍ଡାରେ ଅନୁଷ୍ଠିତ ଭଞ୍ଜକଳା ପରିଷଦର ଉଦ୍‌ଘାଟକ ଥିଲେ ଡ଼: ମହତାବ ଏବଂ ସେ ଏକମାତ୍ର ବକ୍ତାଥିଲେ । ଗୋଟିଏ ମଞ୍ଚରେ ଉଭୟେ ସାହିତ୍ୟ ଆଲୋଚନା କରିବା ତାହା ଥିଲା ତାଙ୍କର ପ୍ରଥମ ସୁଯୋଗ । ପୁନଶ୍ଚ ୧୯୬୨ ନଭେମ୍ବରରେ ବଲାଙ୍ଗିର କଳା ମଣ୍ଡଳ ମଞ୍ଚରେ ସେ "ଗଙ୍ଗାଧର ସାହିତ୍ୟରେ ସୀତା ଚରିତ୍ର" ର ଆଲୋଚନା କଲାବେଳେ ଡ଼: ମହତାବ ଥିଲେ ସଭାପତି ଏବଂ ସ୍ୱର୍ଗତଃ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଥିଲେ ମୁଗ୍ଧ ଶ୍ରୋତା । ୧୮୭୮ ରେ ଲିଖିତ ପ୍ରଥମ ଓଡ଼ିଆ ନାଟକ 'ବାବାଜୀ'ର ଶତ ବାର୍ଷିକୀ ପାଳନ ଉପଲକ୍ଷେ ବଲାଙ୍ଗିରରେ ଅନୁଷ୍ଠିତ ସଭାରେ ଡ଼: ମହତାବ ଥିଲେ ସଭାପତି ଏବଂ ଉଦ୍‌ଗାତାବାବୁ ନାଟକ ରଚନା କ୍ଷେତ୍ରରେ କରିଥିବା ବିଶ୍ଳେଷଣରେ ଡ଼: ମହତାବ ବିଶେଷ ପ୍ରଭାବିତ ହୋଇଥିଲେ । ୧୯୭୮ ବିଷୁବ ମିଳନର ପ୍ରଥମ ଦିବସୀୟ ଆଲୋଚନାର ବିଷୟ ରଖିଥିଲେ 'ଓଡ଼ିଆ ନାଟକର କ୍ରମ ବିକାଶ ଏବଂ ଉକ୍ତ ସଭାରେ ଉଦ୍‌ଗାତାବାବୁ ସଭାପତି ହେବାର ଗୌରବ ପାଇଥିଲେ । ୧୯୮୧ ମେ ତା ୧୧ ରେ ନିଖିଳ ଭାରତ ଓଡ଼ିଆ ଅଧ୍ୟାପକ ସମ୍ମିଳନୀର ବ୍ରହ୍ମପୁର ଅଧିବେଶନରେ ଡ଼: ମହତାବଥିଲେ ମୁଖ୍ୟ ଅତିଥି । ଉକ୍ତ ସମ୍ମିଳନୀରେ ଅବସର ପ୍ରାପ୍ତ ଓଡ଼ିଆ ଅଧ୍ୟାପକ ପ୍ରଫେସର ରାଜ କିଶୋର ରାୟ ଡ଼: ବେଣୀ ମାଧବ ପାଢ଼ୀ ଏବଂ ଉଦ୍‌ଗାତା ବାବୁ ସମ୍ବର୍ଦ୍ଧିତ ହୋଇଥିଲେ । ଡ଼: ମହତାବ ଉଦଗାତା ବାବୁଙ୍କ ପରିଚୟ ଦେବାବେଳେ ପୂର୍ବରୁ ସମ୍ବଲପୁରରୁ ପ୍ରକାଶିତ ହୀରାଖଣ୍ଡ ଦୈନିକର ସମ୍ପାଦକ ପଦବୀରେ ତାଙ୍କୁ ଅଧିଷ୍ଠିତ କରିବାକୁ ମତ ପ୍ରକାଶ କରିଥିଲେ । ତାହା କାର୍ଯ୍ୟକାରୀ ହେଲା ୧୯୮୪ ଖ୍ରୀ: ଜୁନ୍ ମାସରେ । ଦୁଇ ବର୍ଷରୁ

Digitized by srujanika@gmail.com

କିଛି ଅଧିକ ସମୟ ସେ ଉକ୍ତ କାର୍ଯ୍ୟ ସମାପନ କରିଥିଲେ ।

ଏହାର ପ୍ରଥମ ସଂପାଦକଥିଲେ ପୂର୍ବତନ ସାଂସଦ ମହାମାନ୍ୟ ଡ଼ଃ ଶ୍ରଦ୍ଧାକର ସୂପକାର ଓ ତତ୍ପରେ ପୂର୍ବତନ ସାଂସଦ ମହାମାନ୍ୟ ଶ୍ରୀ ଯୁକ୍ତ ଶ୍ରୀ ବଲ୍ଲଭ ପାଣିଗ୍ରାହୀ । ସେମାନେ ଥିଲେ ଓଡ଼ିଶା ରାଜନୀତିର କଂଗ୍ରେସ ଦଳର ଜଣେ ଜଣେ ବିରାଟ କର୍ଣ୍ଣଧାର ।

ହୀରାଖଣ୍ଡ ପ୍ରକାଶନ ସ୍ଥାନ, କର୍ମଶାଳା ଇତ୍ୟାଦି ସମ୍ବଲପୁର ଷ୍ଟେଡିୟମ୍ ସମୀପସ୍ଥ ମୁସଲମାନ ପଡ଼ାରେ । ତନ୍ନିକଟରେଥିଲା ସେତେବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଡ଼ଃ ପ୍ରଫୁଲ୍ଲ ପତିଙ୍କ ବାସଭବନ । ସେତେବେଳେ ଉକ୍ତ ସମ୍ବାଦ ପତ୍ରରେ 'ସୁଭଦ୍ରା' ଶିରୋନାମାରେ ଗୋଟିଏ ସାହିତ୍ୟ ପୃଷ୍ଠା ପ୍ରକାଶିତ ହେଉଥିଲା । ତାର ନିୟମଥିଲା, ଯେ ଯଦି ଜଣେ ଲେଖକ/ଲେଖିକାର ପାଞ୍ଚୋଟି ରଚନା କ୍ରମାଗତଭାବରେ ପ୍ରକାଶିତ ହେବ ଏବଂ ବିଚାରକ ମଣ୍ଡଳୀ ଦ୍ୱାରା ତାହା ଉତ୍କୃଷ୍ଟ ବିବେଚିତ ହେବ, ତା' ହେଲେ ସେ ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୁଲ୍ୟରେ ପ୍ରତିଷ୍ଠିତ ହୀରାଖଣ୍ଡ ଦୈନିକ ସମ୍ବାଦପତ୍ର ତରଫରୁ ପୁରସ୍କୃତ ହେବ । ପ୍ରତ୍ୟେକ ବର୍ଷ ସେମାନଙ୍କ ଦ୍ୱାରା ଆୟୋଜିତ ତଥା ଅନୁଷ୍ଠିତ 'ବସନ୍ତ ମିଳନ' ଉତ୍ସବରେ ଉକ୍ତ ପୁରସ୍କାର ପ୍ରଦତ୍ତ ହୋଇଥାଏ । ସେତେବେଳେ ସେ ସମ୍ପାଦକ ହିସାବରେ ଏକ ହଜାର ଟଙ୍କା ମାସିକ ଦରମା ରୂପେ ଲାଭକରୁଥିଲେ ।

ମୁଁ ୧୯୯୧ ଖ୍ରୀ:ରେ ପ୍ରଜାତନ୍ତ୍ର ପଚାର ସମିତି ଆନୁକୁଲ୍ୟରେ ପ୍ରତିଷ୍ଠିତ ହୀରାଖଣ୍ଡ ଦୈନିକ ସମ୍ବାଦ ପତ୍ର ତରଫରୁ 'ସୁଭଦ୍ରା' ରେ ପ୍ରକାଶିତ ରଚନା ନିମିତ୍ତ ସାହିତ୍ୟ ସମାଲୋଚକ ରୂପେ ଏକ ପରିଚୟ ପତ୍ର ସହ ପଞ୍ଚଶତ ମୁଦ୍ରା ପୁରସ୍କାର ଲାଭ କରିଥିଲି । ତାହା ଜାଣି ସେ ଅତ୍ୟନ୍ତ ଖୁସି ହୋଇ ଯାଇଥିଲେ ଓ କହିଥିଲେ ସାଧନାକଲେ ସିଦ୍ଧି ଅବଶ୍ୟମ୍ଭାବୀ ।

Digitized by srujanika@gmail.com

ଗୋପାଳମାଳ ସାଂସ୍କୃତିକ ସଂଘ ଓ ସାମାଜିକ କାର୍ଯ୍ୟକ୍ରମ

ଉଦ୍‌ଗାତାବାବୁ ବାସ କରୁଥିବା ସମ୍ବଲପୁର ଗୋପାଳମାଳ ସାହୀରେ ତା: ୧୭.୨.୧୯୯୧ ଖ୍ରୀ: ରେ ହେଲା ଗୋପାଳମାଳ ସାଂସ୍କୃତିକ ସଂଘର ଶୁଭାରମ୍ଭ । ଉଦ୍‌ଗାତାବାବୁ ଥିଲେ ଉକ୍ତ ସଂଘର ପ୍ରଥମ ସଭାପତି । ଗୋପାଳମାଳ ସାଂକୃତିକ ସଂଘ ସଦସ୍ୟବର୍ଗ ।

୧. ଶ୍ରୀ ଗୋବିନ୍ଦ ଚନ୍ଦ୍ର ଉଦଗାତା, ସଭାପତି
୨. ଶ୍ରୀ ବଂଶୀଧର ପଣ୍ଡା - ଉପ ସଭାପତି
୩. ଶ୍ରୀ ରାମ କୁମାର ପ୍ରଧାନ - ସଂପାଦକ
୪. ଶ୍ରୀ ଧନପତି ପଣ୍ଡା - କୋଷାଧକ୍ଷ
୫. ଶ୍ରୀ ବ୍ରଜବାସୀ ନାୟକ - ସଭ୍ୟ
୬. ଶ୍ରୀ ଲୋକନାଥ ପୁରୋହିତ - ସଭ୍ୟ
୭. ଶ୍ରୀ ରାମକୃଷ୍ଣ ଦାସ - ସଭ୍ୟ
୮. ଶ୍ରୀ ଚନ୍ଦ୍ର ଶେଖର ବାବୁ - ସଭ୍ୟ
୯. ଶ୍ରୀ ଶ୍ୟାମସୁନ୍ଦର ତ୍ରିପାଠୀ - ସଭ୍ୟ
୧୦. ଶ୍ରୀ ହରିବଂଧୁ ଦେବତା - ସଭ୍ୟ
୧୧. ଶ୍ରୀ ରାଜେନ୍ଦ୍ର ନାୟକ - ସଭ୍ୟ
୧୨. ଶ୍ରୀ ବଳରାମ ପଣ୍ଡା (କ) - ସଭ୍ୟ
୧୩. ଶ୍ରୀ ନରସିଂହ ପଣ୍ଡା - ସଭ୍ୟ
୧୪. ଶ୍ରୀ ପୂର୍ଣ୍ଣଚନ୍ଦ୍ର ହୋତା - ସଭ୍ୟ
୧୫. ଶ୍ରୀ ଜୟ ନାରାୟଣ ଦୀକ୍ଷିତ - ସଭ୍ୟ
୧୬. ଶ୍ରୀ ବଳରାମ ପଣ୍ଡା (ଖ) - ସଭ୍ୟ
୧୭. ଶ୍ରୀ ମଦନ ମୋହନ ମହାପାତ୍ର - ସଭ୍ୟ
୧୮. ଶ୍ରୀ ଲୋକେଶ୍ୱର ପଟେଲ - ସଭ୍ୟ
୧୯. ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର - ସଭ୍ୟ
୨୦. ଡ଼ା: ଅଜିତ କୁମାର ପଣ୍ଡା - ସଭ୍ୟ

Digitized by srujanika@gmail.com

ସେ ଏହି ସଂଘର ରେଜିଷ୍ଟ୍ରେସନ୍ ନମ୍ବର ଆନୟନ, ଜମିବନ୍ଦୋବସ୍ତ, ସ୍ୱତନ୍ତ୍ର ଗୃହ ନିର୍ମାଣ କରାଇବା ପାଇଁ ତତ୍କାଳୀନ ଜିଲ୍ଲାପାଳଙ୍କ ନିକଟକୁ ପତ୍ରାଦି ଲେଖନ ଓ ପ୍ରେରଣ କରିବା ଦିଗରେ ବିଶେଷ ଯତ୍ନଶୀଳ ଥିଲେ । ତତ୍କାଳୀନ ସମ୍ବଲପୁର ବିଧାୟକ ମହାମାନ୍ୟ ଦୁର୍ଗାଶଙ୍କର ପଟ୍ଟନାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୫୦,୦୦୦ ଟଙ୍କା ଓ ସମ୍ବଲପୁର ଜିଲ୍ଲାର ସାଂସଦ ମହାମାନ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ସଂଘର ଗୃହ ନିର୍ମାଣ ଉପଲକ୍ଷେ ଟ. ୫୦,୦୦୦.୦୦ ମଧ୍ୟ ତତ୍କାଳୀନ ଜିଲ୍ଲାପାଳଙ୍କ ମାଧ୍ୟମରେ ମଞ୍ଜୁର କରାଇଥିଲେ ।

ସଂଘର ସଭା ଅନେକ ଥର ତାଙ୍କ ଘରେ ହେଉଥିଲା । ସାମାଜିକ ଚଳଣି ଅନୁସାରେ ମୋ ମାଁ ସେମାନଙ୍କ ସମ୍ମୁଖକୁ ଯାଉନଥିଲେ । ସେମାନଙ୍କ ପାଇଁ ରେଖା, ମଧୁମିତା ଓ ଋତୁରାଜ (ଟିଙ୍କୁଲୁ) ଙ୍କ ହାତରେ ଜଳଖିଆ ପଠାଇ ଦେଉଥିଲେ । ତାହା ଭୋଜନ କରି ସମସ୍ତେ ଆପ୍ୟାୟିତ ହୋଇ ଆନନ୍ଦରେ ସଭା କାର୍ଯ୍ୟ ସମାପନ କରି ସ୍ୱ ସ୍ୱ ଗୃହକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସମାଜର କେହି ଦୁରାରୋଗ୍ୟ ରୋଗରେ ପୀଡ଼ିତ ହୋଇ ଔଷଧ ପାଇଁ ତାଙ୍କ ନିକଟକୁ ଆସିଲେ ସେ ହୋମିଓ ପ୍ୟାଥିକ ଓ ବାଇଓ କେମିକ ଔଷଧ ଦେଇ ଆରୋଗ୍ୟ କରୁଥିଲେ । ବୁଢ଼ାରଜା ସ୍ଥିତ ଜଣେ ସ୍ତ୍ରୀ ଲୋକ ଜଣ୍ଡିସ୍ ରୋଗରେ ପୀଡ଼ିତ ହୋଇ ବହୁତ କଷ୍ଟ ପାଉଥିଲେ । ମେଟେରିଆ ମେଡ଼ିକା ଓ ବାଇଓ କେମିକ ପୁସ୍ତକାନୁସାରେ ତାଙ୍କୁ ଔଷଧାଦି ଦେଇ ତାଙ୍କ ରୋଗ ଉପଶମ କରିଥିଲେ । ଆହୁରି ମଧ୍ୟ ଦୀର୍ଘଦିନ ଧରି କାହାର ସନ୍ତାନ ସନ୍ତତି ଜାତ ହେଉନଥିଲେ କିମ୍ବା ଗୋଟିଏ ସନ୍ତାନ ହେବା ପରେ ଦ୍ୱିତୀୟ ସନ୍ତାନ ଜନ୍ମ ଗ୍ରହଣ କରିବା ଦିଗରେ ବିଳମ୍ବ ହେଉଥିଲେ, ସେ ବାଇଓକେମିକ ଔଷଧ ତାକୁ ସେବନ କରିବାକୁ ଦେଇ ତାର ଉକ୍ତ ଅଭାବ ଓ ମନସ୍ତାପ ଦୂର କରିପାରୁଥିଲେ । ପୁନଶ୍ଚ ଦୁରାରୋଗ୍ୟ ସ୍ପଣ୍ଡିଲାଇଟିସ୍ ରୋଗର ନିରାକରଣ ନିମିତ୍ତ ମଧ୍ୟ ହୋମିଓ ପ୍ୟାଥିକ ଓ ବାଇଓ କେମିକ ଔଷଧ ରୋଗୀକୁ ସେବନ କରିବା ପାଇଁ ଦେଉଥିଲେ । ମୋର ଶ୍ୱଶୁର ଶ୍ରୀଯୁକ୍ତ ଗୌରୀ ଶଙ୍କର ମିଶ୍ରଙ୍କର ଏବଂ ବିଦ୍ୟାବାରିଧି ଉପାଧି ନମିତ୍ତ ପଠନ ଓ ଲିଖନ ଜନିତ ପରିଶ୍ରମ ନିମତ୍ତ ହୋଇଥିବା ମୋର ସ୍ପଣ୍ଡିଲାଇଟିସ୍‌କୁ ମଧ୍ୟ ସେ ଆରୋଗ୍ୟ କରି ଦେଇଥିଲେ । ଆହୁରି ମଧ୍ୟ ରୋଗୀକୁ ଭିନ୍ନ ଭିନ୍ନ ଅବସ୍ଥାରେ ଅନୁଧ୍ୟାନ

Digitized by srujanika@gmail.com

କରି ମାନସିକ ଅବସାଦ କୁ ମଧ୍ୟ ଦୂରକରିବା ନିମିତ୍ତ ଔଷଧାଦି ଦେଇ ସେ ଭଲ କରୁଥିଲେ। ପରିବାରର ପୁତ୍ର କନ୍ୟା, ନାତି ନାତୁଣୀ, ଭାଇ, ଭଉଣୀ, ପିତା ମାତାଙ୍କର ରୋଗ ଦୂରୀକରଣ ନିମିତ୍ତ ମଧ୍ୟ ପ୍ରଥମେ ନିଜ ଜ୍ଞାନ ପ୍ରୟୋଗ କରି ଔଷଧାଦି ଦେଇ ଭଲ କରୁଥିଲେ। ତଥାପି ଯଦି ନିଜ ଚିକିତ୍ସାର ବହିର୍ଭୂତ ହୁଏ ତା ହେଲେ ସେ ଯାଉଥିଲେ ଡ଼ାକ୍ତରଙ୍କ ନିକଟକୁ। କୌଣସି ଗରିବ ସମ୍ବଲପୁର ସ୍ତ୍ରୀଲୋକ ଔଷଧ ନେବାଲାଗି ଆସିଲେ ସେମାନଙ୍କ ସହିତ ସମ୍ବଲପୁରୀ ଭାଷାରେ ସେ କଥା ବାର୍ତ୍ତା କରୁଥିଲେ। ସେମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରୁଥିଲେ। ପଇସା ଗ୍ରହଣ କରିବା ପରିବର୍ତ୍ତେ ସେ ସେମାନଙ୍କୁ ଆର୍ଥିକ ସାହାଯ୍ୟ କରୁଥିଲେ। ଶିଶୁ ରୋଗ ପାଇଁ ତାଙ୍କର ଚିକିତ୍ସା ପ୍ରାୟ ଅବ୍ୟର୍ଥ ଥିଲା। ସେ ଦୁଃଖୀ ଜନଙ୍କର ଜଣେ ଉପକାରୀ ଦରଦୀ ବନ୍ଧୁଥିଲେ। ଥରେ ଜଣେ ସ୍ତ୍ରୀ ଲୋକ ତାର ନାତି ସୁସ୍ଥ ହୋଇଯିବା ପରେ ତାଙ୍କୁ ଆସି କୃତଜ୍ଞତାରେ ସହିତ କହିଲା "ବାପା ତୁମେ ମହାପୁରୁ ଅ" ମୋର ଗୁଟେ ବଲି ନାତି କେତେ ଉଷୋକଷାକଲି, କେତେଠାନକେ ଧାଇଁଲି, ମୁଁଇଁତ ତାର ଆଶାଛାଡ଼ି ଦେଇଥିଲି ନ। ତୁମର ପାନେ ଉଷୋଥି ମୋର ନାତି ନୁକୋ ହେଇଗଲା। ତମର ଗୁନ୍ ଗାଉଥିମି। ତମର ରନ୍ ଲାଗିଥିମି। ଏହା କହି ସେ ଦଶ ଟଙ୍କିଆ ନୋଟ୍ ଖଣ୍ଡିଏ ବାହାର କରି ତାଙ୍କୁ ଦେଲା। ତତ୍ପରେ ସେ ନିଜପକେଟରୁ ଖଣ୍ଡିଏ ଦଶଟଙ୍କିଆ ନୋଟ୍ କାଢ଼ି ସ୍ନେହ, କୋମଳ ଓ ଦୟା ପୂର୍ଣ୍ଣ ଭାଷାରେ କହିଲେ- "ବହେନ୍ ସେ ନୋଟ୍‌ଟା ନେ, ଆଉ ମୁଇଁ ଦଉଛେଁ ନୋଟ୍‌ଟେଭି ନେ। ହର୍‌ଲିକ୍ସ ଡ଼ବାଟେ କିଣିକରି ତୋର୍ ନାତି କେ ଖୁଆବୁ।"

ପୁନଶ୍ଚ, ଜ୍ୟୋତିଷୀ ବିଦ୍ୟା ଦ୍ୱାରା ମଧ୍ୟ ସେ ସମାଜ ସେବା କରୁଥିଲେ। କେହି ଯଦି ଜାତକର ଭଲମନ୍ଦ, ବିବାହ ମେଳକ, ଜନ୍ମ ସମୟ ଓ ତିଥି ଅନୁସାରେ ଶୁଭଲଗ୍ନ, ତିଥିବାର ଇତ୍ୟାଦି ପାଞ୍ଜି ଅନୁସାରେ କହିଦେବା ପାଇଁ କିମ୍ବା ପ୍ରଥମ କରି ଜାତକ ଲେଖିଦେବା ପାଇଁ ଅନୁରୋଧ କରୁଥିଲେ ତାହେଲେ ବିନାଦ୍ୱିଧାରେ ସେ ତାହା କରିଦେଉଥିଲେ। ଆହୁରି ମଧ୍ୟ ଠାକୁର ପୂଜା ବିଷୟକ ଜ୍ଞାନ, ତାଙ୍କର ରହିଥିଲା। ଏକଦା ବୁଢ଼ାରଜା ଅଧ୍ୟାପକ କଲୋନୀରେ ବାଣିଜ୍ୟ ବିଭାଗ ପ୍ରଫେସର ବଟକୃଷ୍ଣ ମହାନ୍ତିଙ୍କ କନ୍ୟାର ବାହାଘରଥିଲା। ପୁରୋହିତ ରାତି ଏଗାରଟା ପାର୍ଯ୍ୟନ୍ତ ପହଞ୍ଚିଲେ ନାହିଁ। ସେମାନେ ଉଦ୍‌ଗାତା ବାବୁଙ୍କ ପାଖକୁ ଆସି ସମସ୍ୟାଟି

Digitized by srujanika@gmail.com

ବର୍ଣ୍ଣନାକଲେ । ସେତତ୍କ୍ଷଣାତ୍ ତାଙ୍କର କୁଶ, ପାତ୍ରୀ, ପାଞ୍ଜି ପୋଥି, ଇତ୍ୟାଦି ଧରି ମଠାଯଥା ପରିଧାନ କରି ତାଙ୍କ ଝିଅ ବାହାଘର କରିବା ପାଇଁ ବାହାରି ପଡ଼ିଲେ ଓ ତାଙ୍କ ଘରେ ପହଞ୍ଚି ବିବାହ କାର୍ଯ୍ୟ ହୋମାଦି କରି ସୁରୁଖୁରୁରେ ସମାପନ କଲେ ।

ଆହୁରି ମଧ୍ୟ ବଲାଙ୍ଗିର ପୃଥ୍ୱୀରାଜ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ସମୟରେ ତାଙ୍କର ଜ୍ୟୋତିଷୀ ଗଣନାର ସଠିକତା ଉପରେ ଅନ୍ୟ ଶିକ୍ଷକ ମାନେ ତାଙ୍କୁଥରେ ପରୀକ୍ଷା କରିଥିଲେ । କେତେକ ବନ୍ଧୁଙ୍କ ମଧ୍ୟରେ ବାଜି ପଡ଼ିଥିଲା ଥରେ ଉଦ୍‌ଗାତା ବାବୁ ଆସନ୍ତା କାଲିର ଘଟଣାବଳୀର ଗଣନା ଜ୍ୟୋତିଷ ଶାସ୍ତ୍ର ଅନୁସାରେ କରି ମତ ପ୍ରଦାନ କରିଥିଲେ ଯେ- ଆସନ୍ତା କାଲି ୨ ରୁ ୩ଟା ମଧ୍ୟରେ ନିଶ୍ଚୟ ବୃଷ୍ଟିପାତ ହେବ । ତାହା କେତେକ ଛାତ୍ର ମଧ୍ୟ ଜାଣିପାରିଥିଲେ । ଛାତ୍ର ଓ ଶିକ୍ଷକ ସମସ୍ତେ ଉଦ୍‌ବିଗ୍ନ ହୃଦୟରେ ଉକ୍ତ ସମୟକୁ ଅପେକ୍ଷା କରି ରହିଥିଲେ । ସତକୁ ସତ ସେ ସମୟ ମଧ୍ୟରେ ବୃଷ୍ଟିପାତହେଲା । ସମସ୍ତେ ତାହା ଦେଖିଲେ ।

ଆହୁରି ମଧ୍ୟ, ବଲାଙ୍ଗିରରେ ଥିବା ସମୟରେ କାର୍ତ୍ତିକ ପୂର୍ଣ୍ଣମୀ ଦିନ ଅନ୍ୟାନ୍ୟ ବନ୍ଧୁମାନଙ୍କ ସହରାତିଚାରିଟାରୁ ହାରମୋନିୟମ୍ ବାଦନକରି ଭକ୍ତି ସଙ୍ଗୀତ, ହରେ ରାମକୃଷ୍ଣ ଇତ୍ୟାଦି ଭଜନ, ଜଣାଣ ଗାନକରି ଗୋଟିଏ ମନ୍ଦିରରୁ ଅନ୍ୟ ଗୋଟିଏ ମନ୍ଦିରକୁ ଚାଲି ଚାଲି ଯାଉଥିଲେ । ସେ ଗାୟକ ହେଉଥିଲେ ଓ ଅନ୍ୟମାନେ ପାଳିଆ ଧରୁଥିଲେ । ସେ ଜ୍ୟେଷ୍ଠ ପୁତ୍ର ହେଲେ ମଧ୍ୟ ପିତା ଜୀବିତଥବା ସମୟରେ ସାମାଜିକ ଲୋକାଚାରରବାରଣକୁ ନମାନି ସାମାଜିକ କର୍ତ୍ତବ୍ୟ ପାଳନକରି ଅନ୍ୟ କେତେଜଣଙ୍କର ଶବ ସଂସ୍କାର ନିମନ୍ତେ ଯାଉଥିଲେ ।

ଜାତୀୟତା ବୋଧ

ଉଦ୍‌ଗାତାବାବୁ ଇଂରାଜୀ, ଓଡ଼ିଆ, ସଂସ୍କୃତ ଓ ବଙ୍ଗାଳୀ ଭାଷାରେ ଲେଖନ ଓ କଥୋପ କଥନରେ ପ୍ରବୀଣ, ଜ୍ଞାନୀ ଓ ଧୂରନ୍ଧରଥିଲେ । ଓଡ଼ିଆ ସ୍ନାତକୋତ୍ତର ପାଠ୍ୟଖସଡ଼ାରେ ଏକଶତ ମାର୍କର ଏକ ଅତିରିକ୍ତ ଭାଷାପତ୍ରଥିଲା । ସେଥିରେ ପୁଣି ଗୋଟିଏ ନିୟମ ଥିଲା ଯେ - ଯେଉଁ ଛାତ୍ର ଆଇ,ଏ ଶ୍ରେଣୀରେ ସଂସ୍କୃତ ଗୋଟିଏ ବିଷୟ ଭାବରେ ନେଇ ପରୀକ୍ଷା ଦେଇଥବ ସେ ପୂର୍ବଲିଖିତ ପତ୍ର ନିମିତ୍ତ ତାହାନେଇ

Digitized by srujanika@gmail.com

ପାରିବ ନାହିଁ । ସେହି ଛାତ୍ରଙ୍କୁ ହିନ୍ଦୀ କିମ୍ବା ବଙ୍ଗାଳୀ ଭାଷାରେ ପରୀକ୍ଷା ଦେବାକୁ ପଡ଼ିବ । ଉଦ୍‌ଗାତା ବାବୁ ସଂସ୍କୃତରେ ସ୍ନାତକୋତ୍ତର ଓ ସାହିତ୍ୟାଚାର୍ଯ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାରିଥିଲେ । ତଥାପି ସଂସ୍କୃତ ଭାଷା, ନିୟମାନୁସାରେ ସେ ନେଇ ପାରିଲେ ନାହିଁ । ବଙ୍ଗାଳୀ ଭାଷାକୁ ଅତିରିକ୍ତ ଭାଷା ପତ୍ର ଭାବରେ ନେଇ ପରୀକ୍ଷା ଦେଲେ । ଫଳରେ ବଙ୍ଗାଳୀ ଭାଷାରେ ମଧ୍ୟ ତାଙ୍କର ଜ୍ଞାନ ରହିବା ସ୍ୱାଭାବିକ ହୋଇଗଲା ।

ଓଡ଼ିଆ ଅଧ୍ୟାପକରୂପେ ନିଯୁକ୍ତି ଲାଭକରିବା ପରେ ରେଭେନ୍ସା ମହାବିଦ୍ୟାଳୟକୁ ଅଳ୍ପ କେତେ ଦିନ ମାତ୍ର ପେଣ୍ଟ ସାର୍ଟ, କୋଟ୍ ପରିଧାନ କରି ଯିବାପରେ ଆସ୍ତେ ଆସ୍ତେ ଉକ୍ତ ବେଶ ପୋଷାକ ପ୍ରତି ତାଙ୍କର ମମତା ଚାଲିଗଲା । ତାହାତ ଅଗରୁ କେବେ ନଥିଲା । କିନ୍ତୁ ନୂତନ ପରିବେଶ ତାଙ୍କୁ ସେଥିପାଇଁ ଯେଉଁ ବାଧ କରିଥିଲା ସେଥିରୁ ସେ ବିମୁକ୍ତ ହେଲେ । ଆସିଗଲା ତାଙ୍କର ସ୍ୱାଭାବିକତା । ସେ ପରିଧାନ କଲେ ତାଙ୍କର ସ୍ୱାଭାବିକ ଆରାମଦାୟକ ଭାରତୀୟ ଜାତୀୟ ପୋଷାକ, - ଧଳାଧୋତି ଓ ଧଳାପଞ୍ଜାବୀ । ମୋର ମନେ ଅଛି ବଲାଙ୍ଗିରରେ ସେ ଧଳା ଧୋତି ସାଙ୍ଗରେ ପରିଧାନ କରୁଥିଲେ ଧଳା ଡ଼ବଲକପ୍ କୁର୍ତ୍ତା । କିନ୍ତୁ କଟକ ଯିବାପରେ ସେ ପରିଧାନ କଲେ ଜାତୀୟ ପୋଷାକ । ଆଖିରେ ଥାଏ ସାରେ କଳାରଙ୍ଗର ଘରୁଆ ବିଶିଷ୍ଟ ଚଷମା । ଗୋରାରଙ୍ଗର ମୁହଁରେ ତାହା ତାଙ୍କୁ ବେଶ୍ ସୁନ୍ଦର ଦେଖାଯାଉଥିଲା । ଏପରିକି ତାଙ୍କୁ ଦେଖିଲେ ମନେ ହୁଏ ସେ ଶୁଭ୍ରବସ୍ତ୍ରାବୃତା ବାଗ୍‌ଦେବୀ ଙ୍କ ବରପୁତ୍ର । କାରଣ ବେଶ ସହ ସର୍ବଦା ରହିଥିଲା ତାଙ୍କର ସାହିତ୍ୟ ସାଧନା, ବରଦାଙ୍କର ଆଶିଷା

ଯେତେବେଳେ ସେ ସମ୍ବଲପୁର ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ଟ୍ରଷ୍ଟଫଣ୍ଡ ଛାତ୍ରାବାସର ମୁଖ୍ୟ ତତ୍ତ୍ୱାବଧାରକ ଥିଲେ ସେତେବେଳେ ସମ୍ବଲପୁର ଟାଉନ୍‌ର କେତେକାଂଶ ନିକଟବର୍ତ୍ତୀ ଗ୍ରାମାଞ୍ଚଳ ଗୁଡ଼ିକ ର ବାସିନ୍ଦାମାନେ ମହାନଦୀର ଭୀଷଣ ବନ୍ୟା ବିପନ୍ନ ଗ୍ରସ୍ତ ହୋଇଥିଲେ । ସେ ସମୟରେ ନିଜେ କେତେ ଜଣ ଛାତ୍ରମାନଙ୍କୁ ସାଙ୍ଗରେ ନେଇ ସ୍ୱେଚ୍ଛାସେବୀ ରୂପେ ନୌକାରେ ଯାଇ ଖାଦ୍ୟ, ପେୟ, ବସନ, ଓ ଔଷଧାଦି ବିତରଣ କରିବାକୁ ଯାଇଥିଲେ ।

Digitized by srujanika@gmail.com

୧୯୬୬ ଖ୍ରୀ:ରେ ଭାରତ ଓ ପାକିସ୍ଥାନ ମଧ୍ୟରେ ଯୁଦ୍ଧ ଚାଲିଥିଲା । ସେତେବେଳେ ଭାରତର ପ୍ରଧାନ ମନ୍ତ୍ରୀଥିଲେ ସମ୍ମାନୀୟ ଲାଲା ବାହାଦୂର ଶାସ୍ତ୍ରୀ । ସେ ଦେଶବାସୀଙ୍କୁ ଅନୁରୋଧ କରିଥିଲେ ସପ୍ତାହକ ଗୋଟିଏ ଦିନ ନୈଶ ଭୋଜନ ପରିତ୍ୟାଗକରି ଉପବାସ ରହିବା ନିମିତ୍ତ ଏବଂ ଆର୍ଥିକ, ପୋଷାକ ଇତ୍ୟାଦି ନିଜର ସାମର୍ଥ୍ୟ ଅନୁସାରେ ସୈନିକ ମାନଙ୍କ ସାହାଯ୍ୟ ନିମିତ୍ତ ପ୍ରେରଣ କରିବା ଲାଗି ଏବଂ ରାତ୍ରିରେ ମଝିରେ ମଝିରେ କିଛି ଦିନ ଗୃହମାନଙ୍କରେ, ରାସ୍ତାମାନଙ୍କରେ ସର୍ବତ୍ର ଆଲୋକ ପ୍ରଜ୍ୱଳନ ବାରଣ । ନାନା ନିଜେ ଦେଶାତ୍ମବୋଧତାରେ ଉଦ୍‌ବୁଦ୍ଧ ହୋଇ ନିଜର ପରିବାର ବର୍ଗଙ୍କୁ ତଥା ଅନ୍ୟମାନଙ୍କୁ ସେସବୁ ଅକ୍ଷରେ ଅକ୍ଷରେ ପାଳନ କରିବା ନିମିତ୍ତ ଉପଦେଶ ଦେଉଥିଲେ । ସେ ନିଜେ ଓ ତାଙ୍କ ପୁତ୍ରକନ୍ୟା ତାଙ୍କର ବାଧ ହୋଇ ତାଙ୍କ ଉପଦେଶ ଅନୁସାରେ କାର୍ଯ୍ୟକରୁଥିଲେ । ସେହିପରି ଜାତୀୟ ସଙ୍ଗୀତ ଶୁଣିବା ସଙ୍ଗେ ସଙ୍ଗେ ସେ ଓ ପରିବାର ବର୍ଗ ସମସ୍ତେ ସ୍ଥିରହୋଇ ଦଣ୍ଡାୟମାନ ମଧ୍ୟ ହେଉଥିଲେ ।

ପୁନଶ୍ଚ ଓଡ଼ିଆ ଭାଷାରେ କଥୋପକଥନ କିମ୍ବା ଲେଖନ ସମୟରେ ସେ କୌଣସି ସ୍ଥାନରେ ଇଂରାଜୀ ଶବ୍ଦ ମଧ୍ୟେ ମଧ୍ୟେ ବ୍ୟବହାର କରନ୍ତି ନାହିଁ । କାଳକ୍ରମେ ତାଙ୍କର ବୟସର ପରିବୃଦ୍ଧି ସଙ୍ଗେ ସଙ୍ଗେ ଏଧାରଣା ହୋଇ ଉଠିଲା ଦୃଢ଼ୀଭୂତ ଓ ବଳବତ୍ତର । ଏପରିକି ଯେ କଥୋପ କଥନ କିମ୍ବା ଲେଖନ ସମୟରେ ଇଂରାଜୀ ଶବ୍ଦ ଉଚ୍ଚାରଣ କିମ୍ବା ବ୍ୟବହାର କଲା ସେ ହେଲା ତିରସ୍କୃତ । ଆହୁରି ମଧ୍ୟ ଅଧୁନା ବିବାହ ବ୍ରତୋପନୟନ, ଉତ୍ସବାଦିରେ ନିମନ୍ତ୍ରଣ ପତ୍ର ଇଂରାଜୀ ଓ ଓଡ଼ିଆ ଉଭୟ ଭାଷାରେ ମୁଦ୍ରିତ ହୋଇ ଅତିଥିମାନଙ୍କୁ ବଣ୍ଟନ କରା ହେଉଅଛି । ସେ ପ୍ରଥମେ ସେପରି ନକରିବା ପାଇଁ ଉପଦେଶ ଦେଲେ । ତତ୍ପରେ ଯେ ଇଂରାଜୀ ଭାଷାରେ ଲିଖିତ ନିମନ୍ତ୍ରଣ ପତ୍ର ତାଙ୍କୁ ଦେଉଥିଲେ ସେ ତାଙ୍କ ଗୃହକୁ ଯାଉନଥିଲେ । ତାଙ୍କୁ ଉକ୍ତ ଉତ୍ସବରେ ଯୋଗନଦେବାର କାରଣ ପ୍ରଶ୍ନକଲେ, ସେ ଉତ୍ତର ଦେଉଥିଲେ - "ତୁମେ ଓଡ଼ିଆ ପ୍ରଦେଶ ବାସୀ, ତୁମ ମାତୃଭାଷା ଓଡ଼ିଆ - ତୁମେ ସେହିଭାଷାରେ ନିମନ୍ତ୍ରଣ ପତ୍ର ମଧ୍ୟ ମୁଦ୍ରଣ କରିଛ - ମୋତେ କାହିଁକି ସେଥିରୁ ଖଣ୍ଡିଏ ପତ୍ର ନଦେଇ ଇଂରାଜୀରେ ଲିଖିତ ପତ୍ର ଦେଲ । ସେହି କଥାରେ ସମସ୍ତେ ଅବାକ୍ । ତାଙ୍କର ତାଦୃଶ

Digitized by srujanika@gmail.com

ଉତ୍ତର କ୍ରମେ ପ୍ରସାରିତ ଓ ପ୍ରଚାରିତ ହୋଇଗଲା । ସମାଜ ମଧ୍ୟରେ ଏବଂ ସାମାଜିକ ବ୍ୟକ୍ତି ମାନଙ୍କ ମଧ୍ୟରେ ସୃଷ୍ଟିକଲା ସଚେତନତା । କ୍ରମେ ସମସ୍ତେ ତାଙ୍କ ମତାନୁସାରେ କାର୍ଯ୍ୟ କଲେ ଏବଂ ଓଡ଼ିଆ ଭାଷାରେ ଲିଖିତ ନିମନ୍ତ୍ରଣ ପତ୍ର ତାଙ୍କୁ ଦେଲେ ।

ସର୍ବ ଭାରତୀୟ ବେତାର କେନ୍ଦ୍ରଓ ଦୂର ଦର୍ଶନ ସମ୍ବଲପୁର ଓ ଉଦ୍‌ଗାତା ବାବୁ

ସେ ଥିଲେ ସର୍ବ ଭାରତୀୟ ବେତାରକେନ୍ଦ୍ର ସମ୍ବଲପୁର ପରିଚାଳନା ବୋର୍ଡ଼ର ଜଣେ ସଦସ୍ୟ, କଥାକାର ସାହିତ୍ୟ ଆଲୋଚନା ବିଭାଗର ନାଟକ କ୍ରମଣିକାରେ ଜଣେ ନାଟ୍ୟକାର ଓ ଅଭିନେତା । ମାନବ ଓ ବିଜ୍ଞାନ କ୍ରମଣିକାରେ 'ଅଜା' ଭୂମିକାରେ ଅଂଶଗ୍ରହଣ କରି ବେଶ ଜନମାନସ ରଞ୍ଜକ ଓ ସଫଳ କାମୀ ହୋଇ ପାରିଥିଲେ । ୧୯୯୮ ଖ୍ରୀ:ରେ ସମ୍ବଲପୁରର 'ଅଶୋକା' ଚଳଚିତ୍ର କକ୍ଷ ରେ ସମ୍ବଲପୁର ଆକାଶବାଣୀ ଦ୍ୱାରା ଅନୁଷ୍ଠିତ ଗଙ୍ଗାଧର ଜୟନ୍ତୀ ଉତ୍ସବ ପାଳନ ଉପଲକ୍ଷେ 'କବି ଗଙ୍ଗାଧର' ନାଟକରେ ସେ କବି ଗଙ୍ଗାଧର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ତାଙ୍କର ପ୍ରସ୍ତାବ ଗୁଡ଼ିକ ଆକାଶବାଣୀ ଦ୍ୱାରା ଗୃହୀତ ହେଉଥିଲା । ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଧାରା ବିବରଣୀ ତାଙ୍କ ଜୀବନର ଅନ୍ତିମ କାଳ ପର୍ଯ୍ୟନ୍ତ ତାଙ୍କ ଦ୍ୱାରା ହିଁ ପ୍ରଚାରିତ ହେଉଥିଲା । ଅନ୍ୟ ପ୍ରଚାରକ ବନ୍ଧୁମାନେ ଭିନ୍ନ ଭିନ୍ନ ବର୍ଷରେ ପରିବର୍ତ୍ତିତ ହେଉଥିଲେ । କିନ୍ତୁ ସେ ସର୍ବଦା ଉକ୍ତ ପ୍ରଚାରରେ ସ୍ଥାନ ଲାଭ କରୁଥିଲେ ।

ଦୂରଦର୍ଶନ ସମ୍ବଲପୁର କେନ୍ଦ୍ରରେ ମଧ୍ୟ ସାହିତ୍ୟ ଆଲୋଚନା କରୁଥିଲେ । ତାଙ୍କ ସହିତ ସାକ୍ଷାତ୍‌କାର ଦୂର ଦର୍ଶନ ସମ୍ବଲପୁର କେନ୍ଦ୍ରରୁ ପ୍ରଚାର କରାଯାଇଥିଲା ସେ ସାହିତ୍ୟ ସମାଲୋଚକ ରୂପେ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ପ୍ରଥମରେ ତାଙ୍କ ଦ୍ୱାରା ବିରଚିତ 'କାବ୍ୟ ଶିଳ୍ପୀ ଗଙ୍ଗାଧର' ପୁସ୍ତକ ନିମିତ୍ତ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିବା ସମୟରେ ତାହା ସମଗ୍ର ଭାରତରେ ଦୂରଦର୍ଶନରେ ପ୍ରଚାରିତ ହୋଇଥିଲା ।

ଭକ୍ତ ଉଦ୍‌ଗାତାବାବୁ

ଉଦ୍‌ଗାତାବାବୁ ଥିଲେ ଭକ୍ତ । ଘରେ ଦୁର୍ଗାଷ୍ଟମୀ ଦିନ ପ୍ରାୟ ଚଣ୍ଡୀପାଠ କରନ୍ତି । ଗଣେଶ ପୂଜା, ସରସ୍ୱତୀ ପୂଜା, ସତ୍ୟନାରାୟଣ ପୂଜା, ଦୁତିଆ ଓଷା, ବାଲି ତୃତୀୟା, ଭାଇଜୀଅଁନ୍ତିଆ ଇତ୍ୟାଦି ପୂଜା ସେ ନିଜେ କରନ୍ତି । ଦୁତିଆ ଓଷା ଦିନ ଆମ ଘରେ

Digitized by srujanika@gmail.com

ହୋଇଥିବା କୋଠିରେ ପୂଜା କରିବା ନିମିତ୍ତ ସମ୍ବଲପୁରର ପ୍ରଫେସର କଲୋନୀରେ ରହୁଥିବା ସମୟରେ ଅଧ୍ୟାପକ, ପ୍ରାଧ୍ୟାପକ, ପ୍ରଫେସର ଇତ୍ୟାଦିଙ୍କ ସ୍ତ୍ରୀମାନେ ଆସୁଥିଲେ । ସେହିପରି ଆମର ଗୋପାଳମାଳ ଘରେ ବାସକରୁଥିବା ସମୟରେ ତତ୍ରସ୍ଥ ପାଖପାଖ ଅନ୍ୟାନ୍ୟ ଘରର ସ୍ତ୍ରୀ ଲୋକମାନେ ସେ ସ୍ଥାନର ଦୁତିଆ ଓଷା ପୂଜା କୋଠିକୁ ଆସୁଥିଲେ । ଅତୀବ ଆନନ୍ଦରେ ସେ ପୂଜା କରୁଥିଲେ । ଏପରିକି କଲୋନୀ ଛାଡ଼ି ସେ ଗୋପାଳମାଳ ସ୍ଥିତ ଘରକୁ ଆସିବାପରେ ମଧ୍ୟ ଅବସର ପ୍ରାପ୍ତ ସମ୍ବଲପୁର ବିଶ୍ୱ ବଦ୍ୟାଳୟର କୁଳ ସଚିବ ଇଂରାଜୀ ବିଭାଗୀୟ ଶ୍ରୀଯୁକ୍ତ ନନ୍ଦକିଶୋର ପୂଜାରୀଙ୍କ ସ୍ତ୍ରୀ କୋଠି ପରିବର୍ତ୍ତନ କରିବା ଅନୁଚିତ କଥାକୁ ବିଶ୍ୱାସ କରି ପ୍ରତିବର୍ଷ ପୁଅଜୀଅଁନ୍ତିଆଦିନ ପୂଜା କରିବା ନିମିତ୍ତ ଆସୁଥିଲେ ।

ସେ ଥିଲେ ମାଁ ସମଲେଶ୍ୱରୀ ଦେବୀଙ୍କ ଭକ୍ତ । ଏକଦା ସେ ଦେବୀଙ୍କ ଦ୍ୱାରା ସ୍ୱପ୍ନାଦିଷ୍ଟ ମଧ୍ୟ ହୋଇଥିଲେ । ତତ୍ପରେ ଆରମ୍ଭ ହେଲା ତାଙ୍କର କଠିଣ ସାହିତ୍ୟ ସାଧନା ସାହିତ୍ୟ ସାଧକ ଭାବରେ ସେ ହେଲେ ସୁପ୍ରତିଷ୍ଠିତ । ମାଁ ସମଲେଶ୍ୱରୀ ଦେବୀଙ୍କ ଆଶୀର୍ବାଦରୁ ସେ ପରିଚିତ ହେଲେ ସମାଜରେ ବାଗ୍‌ଦେବୀଙ୍କ ବରପୁତ୍ର ରୂପେ ।

ସେ ପ୍ରତ୍ୟେକଦିନ ପ୍ରଭାତରୁ ନିଦ୍ରୋତ୍ଥିତ ହେବାପରେ ଜଗନ୍ନାଥଙ୍କ ଜଣାଣ ଗାନ କରୁଥିଲେ । ସ୍ନାତକୋତ୍ତର ଓଡ଼ିଆ ପରୀକ୍ଷା ଦେବା ସମୟରେ ଓଡ଼ିଶୀ ବୈଷ୍ଣବ ଧର୍ମ ମଧ୍ୟ ସ୍ୱତନ୍ତ୍ର ପତ୍ର ରୂପେ ସେ ନେଇଥିଲେ । ଉକ୍ତ ସାହିତ୍ୟର ମୂଳ ଥିଲେ ଶ୍ରୀ ଜଗନ୍ନାଥ । ମନେହୁଏ ସେ ନିଶ୍ଚୟ ଉକ୍ତ ସାହିତ୍ୟର ଆରାଧ ଦେବତା ଜଗନ୍ନାଥଙ୍କର ମଧ୍ୟ ଭକ୍ତଥିଲେ । ଆହୁରି ମଧ୍ୟ, ସେ ତାଙ୍କର ଜୀବନ ଯାତ୍ରା ପଥର ଅନ୍ତିମ ସମୟ ପର୍ଯ୍ୟନ୍ତ ସେହି ଜଗନ୍ନାଥଙ୍କୁ ହିଁ ଡାକୁଥିଲେ ।

ସାଧକ ଉଦ୍‌ଗାତା

ସାଧନା ହିଁ, ସିଦ୍ଧି ଲାଭର ଭିତ୍ତି ସମଗ୍ର ଜୀବନ କାଳ ମଧ୍ୟରେ ସେ ଅନେକ ସାହିତ୍ୟ ସମାଲୋଚନା କରି ବିଭିନ୍ନ ସ୍ଥାନରେ ପୁରସ୍କୃତ ହୋଇଥିଲେ । ଆହୁରି ମଧ୍ୟ ୧୯୯୮ ସାଲରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ । ଅଷ୍ଟାଦଶ ସମାବର୍ତ୍ତନ ଉତ୍ସବରେ, ତାଙ୍କୁ ସମ୍ମାନ ସୂଚକ (Honourary) ଡ଼ିଲିଟ୍ ଉପାଧି ପ୍ରଦାନ

Digitized by srujanika@gmail.com

କରିଥିଲେ । ସାହିତ୍ୟ ସମାଲୋଚନା କ୍ଷେତ୍ରରେ ସେ ପ୍ରଥମେ ତାଙ୍କ ଦ୍ୱାରା ବିରଚିତ 'କାବ୍ୟ ଶିଳ୍ପୀ ଗଙ୍ଗାଧର' ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲେ । ନିରାଡ଼ମ୍ବର ଚଳଣି ମଧ୍ୟରେ ସେ ସମାଲୋଚନା ସାହିତ୍ୟ କ୍ଷେତ୍ର ଋଦ୍ଧିମନ୍ତ କରିଥିଲେ । ତାଙ୍କ ରଚିତ ଆହୁରି ଅନେକ ସମାଲୋଚନା ମୂଳକ ପ୍ରବନ୍ଧ ପାଣ୍ଡୁଲିପି ଅକାରରେ ରହିଛି । ଅନେକ ପ୍ରବନ୍ଧ ସାହିତ୍ୟ ସମାଲୋଚନା କୋଣାର୍କ ଝଙ୍କାର, ଇତ୍ୟାଦିରେ ସ୍ଥାନିତ ହୋଇ ରହିଛି । ସେଥିଲେ ଏକ ଚଳନ୍ତି ଅଭିଧାନ । ଭାଷା ବିଷୟକ କୌଣସି ସମସ୍ୟା ଆସିଲେ ସେ ତାହା ସଙ୍ଗେ ସଙ୍ଗେ ତୁରନ୍ତ ସମାଧାନ କରିପାରୁଥିଲେ । ତାଙ୍କ ରଚିତ ପୁସ୍ତକାବଳୀର ପରିଚୟ ନିମ୍ନରେ ସଂକ୍ଷେପରେ ଦିଆ ହୋଇଛି ।

ଅଳଙ୍କାର ପ୍ରସଙ୍ଗ - ଏହା ୧୯୭୮ ସାଲ ରେ ପ୍ରକାଶିତ । ଉକ୍ତ ପୁସ୍ତକ ନିମିତ୍ତ ସେ ୧୯୮୦ ସାଲରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଭୁବନେଶ୍ୱର ଦ୍ୱାରା ପୁରସ୍କୃତ ହୋଇଥିଲେ । ଉକ୍ତ ପୁସ୍ତକରେ ସଂସ୍କୃତ ଅଳଂକାରତତ୍ତ୍ୱ ର ବିଭିନ୍ନ ବିଭାବ ଯଥା- ରସ, ରୀତି, ଗୁଣ, ବକ୍ରୋକ୍ତି ଇତ୍ୟାଦି କୁ ଛାତ୍ର ତଥା ସୁଧୀ ପାଠକ ବର୍ଗଙ୍କର ସହଜରେ ବୋଧଗମ୍ୟ ହେବା ନିମିତ୍ତ ସରଳ, ସହଜ ଭାଷାରେ ତନ୍ନ ତନ୍ନ କରି ବିଶ୍ଳେଷଣ କରି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ତାହାର ପ୍ରୟୋଗ ପ୍ରଦର୍ଶନ କରିଛନ୍ତି । ତାଙ୍କର ସଂସ୍କୃତ ଭାଷା ସାହିତ୍ୟରେ ଗଭୀର ପାଣ୍ଡିତ୍ୟଥିଲା । ତେଣୁ ତାଙ୍କର ସମାଲୋଚନା ପ୍ରାୟ ସଂସ୍କୃତ ଭିତ୍ତିକ ।

କାବ୍ୟଶିଳ୍ପୀ ଗଙ୍ଗାଧର - ଏହା ୧୯୯୨ ସାଲରେ ପ୍ରକାଶିତ ସେ ଉକ୍ତ ପୁସ୍ତକ ନିମିତ୍ତ ୧୯୯୫ ସାଲ୍‌ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦିଲ୍ଲୀ ଦ୍ୱାରା ପୁରସ୍କୃତ ହୋଇଥିଲେ । ସେଥିରେ ସେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ବିରଚିତ ତପସ୍ୱିନୀ, ପ୍ରଣୟବଲ୍ଲରୀ, କୀଚକବଧ, ଉତ୍କଳଲକ୍ଷ୍ମୀ ଇତ୍ୟାଦିର ସମାଲୋଚନା ଏକ ନୂତନ ଦୃଷ୍ଟିଭଙ୍ଗୀରୁ କରିଛନ୍ତି । ସାହିତ୍ୟ ସମାଲୋଚକ ଉଦ୍‌ଗାତା ସାହିତ୍ୟ ସାମଲୋଚନା କ୍ଷେତ୍ରରେ ପ୍ରଥମ ରେ ଏହି ପୁସ୍ତକ ନିମିତ୍ତ କେନ୍ଦ୍ର ସାହିତ୍ୟ ପୁରସ୍କାର ବିଜେତା ହୋଇଥିଲେ ।

ବମ୍ବେ ଡ଼ାଏରୀ - ଏହା ୧୯୫୭ ସାଲ୍‌ରେ ପ୍ରକାଶିତ । ଏହା ଏକ ଭ୍ରମଣ ସାହିତ୍ୟ । ଛାତ୍ରବତ୍ସଳ ଉଦ୍‌ଗାତାବାବୁ ବଲାଙ୍ଗୀରର ପୃଥ୍ୱୀରାଜ ହାଇସ୍କୁଲର ୧୦/ ୧୨ ଜଣ ଛାତ୍ର ମାନଙ୍କୁ ସାଙ୍ଗରେ ନେଇ ବଲାଙ୍ଗୀରରୁ ବମ୍ବେ ଯାଇଥିଲେ । ସେଠାରେ

Digitized by srujanika@gmail.com

ତତ୍‌କାଳୀନ ବମ୍ବେ ସହରର ମୁଖ୍ୟ ଦର୍ଶନୀୟ ସ୍ଥାନ ଗୁଡ଼ିକ ଦେଖି ବଲାଙ୍ଗୀର ପ୍ରତ୍ୟାବର୍ତ୍ତନ କରିଥିଲେ । ତତ୍ରସ୍ଥ ବର୍ଣ୍ଣନାବଳୀ ଛାତ୍ରତଥା ପାଠକ ବର୍ଗଙ୍କର ଆନନ୍ଦ ବିବର୍ଦ୍ଧନ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାର ଜ୍ଞାନ ପ୍ରଦାନ କରିଥାଏ ।

ସାହିତ୍ୟ ସମୀକ୍ଷଣ - ଏହା ୧୯୬୩ ଖ୍ରୀ:ଅ:ରେ ରଚିତ । ଉକ୍ତ ପୁସ୍ତକରେ କବି ରାଧାନାଥ, ଗଙ୍ଗାଧର ମେହେର ଇତ୍ୟାଦି କବିମାନଙ୍କର ରଚନା ଉପରେ ସମାଲୋଚନାମୂଳକ କେତେକ ପ୍ରବନ୍ଧ ଗ୍ରଥିତ ହୋଇଛି ।

ସାହିତ୍ୟ ପ୍ରସଙ୍ଗ - ଏହା ୧୯୮୧ ସାଲ୍‌ରେ ପ୍ରକାଶିତ ଉକ୍ତ ପୁସ୍ତକରେ କାବ୍ୟ, ନାଟକ, କ୍ଷୁଦ୍ରଗଳ୍ପ, ଉପନ୍ୟାସ ଇତ୍ୟାଦିର କିଞ୍ଚିତ ସମାଲୋଚନା ପ୍ରତିପାଦିତ ହୋଇଛି । ସେ ଯେ କେବଳ ଓଡ଼ିଆ କାବ୍ୟର ସମାଲୋଚନା କରୁଥିଲେ ତାହା ନୁହେଁ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଉପରେ ମଧ୍ୟ ତାଙ୍କର ସମାଲୋଚନାତ୍ମିକା ବୁଦ୍ଧି ପ୍ରଦର୍ଶାଇଥିଲେ ।

କବି ଗଙ୍ଗାଧର - ଏହି ପୁସ୍ତକଟି ୧୯୮୮ ସାଲରେ ପ୍ରକାଶିତ । ଉକ୍ତ ପୁସ୍ତକରେ କବି ଗଙ୍ଗାଧର ମେହେରଙ୍କ ବିରଚିତ ଗ୍ରନ୍ଥାବଳୀ ସ୍ଥିତ କାବ୍ୟ ଗୁଡ଼ିକର ସଂକ୍ଷିପ୍ତ ପରିଚୟ ନିହିତ । ପୁସ୍ତକଟି ପାଠକଲେ ପାଠକମନରେ ଗଙ୍ଗାଧରଙ୍କ କାବ୍ୟାବଳୀ ଉପରେ ଏକ ସମ୍ୟକ ଅବଧାରଣା ଜାତ ହୋଇପାରିବ ।

ତପସ୍ୱିନୀର ସୀତା-ଉକ୍ତ ପୁସ୍ତକ ୧୯୮୩ ସାଲରେ ପ୍ରକାଶିତ । ଏହା ସରଳ ସାବଲୀଳ ଭାଷାରେ ରଚିତ । ଏହା ସର୍ବଜନ ବୋଧ । ଏହାନବ ଶିକ୍ଷିତା ମହିଳା ମାନଙ୍କପାଇଁ ଉଦ୍ଦିଷ୍ଟ। **ଶିଶୁପାଳବଧ** - ଏହି ପୁସ୍ତକଟିରେ ସେ ମାଘ କବିଙ୍କ ବିରଚିତ ଶିଶୁପାଳବଧ କାବ୍ୟର ଓଡ଼ିଆ ଭାଷାନ୍ତର କରିଛନ୍ତି । ଶ୍ରୀରାଧା - ଏହି ପୁସ୍ତକଟି ୧୯୯୯ ସାଲରେ ପ୍ରକାଶିତ । ଏହା ବିଖ୍ୟାତ କବି ରମାକାନ୍ତ ରଥଙ୍କ ଓଡ଼ିଆ ଭାଷାରେ ରଚିତ 'ଶ୍ରୀରାଧା' ର ସଂସ୍କୃତ ଭାଷାନ୍ତର । ମାନସୀ - ଏହା ଏକ ଓଡ଼ିଆ ନାଟକ । ଏହା ପାଣ୍ଡୁଲିପି ଆକାରରେ ରହିଛି ଲୋକ ଲୋଚନର ଅନ୍ତରାଳରେ । ଆହୁରି ଅନେକ ତାଙ୍କର ରଚନା ବଳୀ ପାଣ୍ଡୁ ଲିପି ରୂପେ ରହିଛି ।

ବିଭିନ୍ନ ପତ୍ର ପତ୍ରିକା, ମୁଖପତ୍ର ଅର୍ଥାତ, ସପ୍ତର୍ଷି, ଝଙ୍କାର, କୋଣାର୍କ, ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ମହାବିଦ୍ୟାଳୟ ଅନୁକୂଲ୍ୟରେ ଆୟୋଜିତ ୟୁ,ଜି,ସି,

Digitized by srujanika@gmail.com

ସେମିନାର ଗୁଡ଼ିକ ଦ୍ୱାରା ପ୍ରକାଶିତ ସ୍ମରଣିକା ପ୍ରଭୃତି ବିଭିନ୍ନ ସ୍ଥାନରେ ତାଙ୍କର ଅନେକ ପ୍ରବନ୍ଧ, ସମାଲୋଚନା ଇତ୍ୟାଦି ପ୍ରକାଶିତ ହୋଇଛି । ଆହୁରି ମଧ୍ୟ ସେଥିଲେ ୧୯୭୬ ସାଲରେ 'ସାହିତ୍ୟ' (ସାହିତ୍ୟିକ ପ୍ରବନ୍ଧାବଳୀ) ମୁଖ ପତ୍ରର ସମ୍ପାଦକ । ସେ ଆହୁରି ଅନେକ ପୁରସ୍କାର ମଧ୍ୟ ଲାଭ କରିଥିଲେ । ଯଥା :-

ଧରିତ୍ରୀ ସମ୍ମାନ- ୧୯୮୪

ଉତ୍କଳ ପାଠକ ସଂସଦ କଟକ ସମ୍ମାନ - ୧୯୮୮, ସାରଳା ପୁରସ୍କାର ଭୁବନେଶ୍ୱର - ୧୯୯୦, ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ପୁରୀ - ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ - ୧୯୯୫, ସମ୍ମାନସୂଚକ ଡ଼ି, ଲିଟ୍ - ସମ୍ବଲପୁର ବିଶ୍ୱବିଦ୍ୟାଳୟ ବୁର୍ଲା ୧୯୯୮ ଅଷ୍ଟାଦଶ ସମାବର୍ତ୍ତନ ଉତ୍ସବ ।

ସିଭିକ୍ ଏୱାର୍ଡ଼ ସମ୍ବଲପୁର ମ୍ୟୁନିସିପାଲିଟି - ୧୯୯୮

ସେ ବଲାଙ୍ଗିରରୁ ମଧ୍ୟ ସଂବର୍ଦ୍ଧନା ଲାଭ କରିଥିଲେ ।

ସ୍ୱୀକାର ସମ୍ମାନ - ୧୯୯୬, ରୁଦ୍ର ଆହ୍ୱାନ ସମ୍ମାନ - ୧୯୯୬, ଶାରଳା ସମ୍ମାନ - ୧୯୯୬ । ସେ ଅନେକ କବିତା ମଧ୍ୟ ରଚନା କରିଯାଇଛନ୍ତି । ସେ ୧୮,୮,୧୯୯୮, ପଦ୍ମଶୀରାଧା ମୋହନ ଗଡ଼ନାୟକଙ୍କ ଜୟନ୍ତୀ ଉପଲକ୍ଷେ କବିତା ମାଧ୍ୟମରେ ଅଭିନନ୍ଦନ ଜ୍ଞାପନ କରିଥିଲେ । ନଭେମ୍ବର ୧୯୯୯ରେ 'ଅନ୍ତିମ ବାସନା' - ନାମରେ ଏକ କବିତା ରଚନା କରିଥିଲେ । ସେଗୁଡ଼ିକର ନମୁନା ୮ଡ଼ଃ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ସ୍ମରଣିକାରେ ପ୍ରକାଶିତ ହୋଇଛି ।

ଆହୁରି ମଧ୍ୟ ସେ ମାନକ ଓଡ଼ିଆରେ ରଚିତ କବି ଗଙ୍ଗାଧରଙ୍କ ବିରଚିତ 'ତପସ୍ୱିନୀ'ର ଆଶ୍ରମେ ପ୍ରଭାତର କିୟଦଂଶ ସମ୍ବଲପୁରୀ ଭାଷାରେ ଭାଷାନ୍ତରିତ କରିଥିଲେ । ସମ୍ବଲପୁରୀ ଭାଷାରେ ସେ ପତ୍ର ବିନିମୟ ମଧ୍ୟ କରୁଥିଲେ । ତାର ନମୁନା ସ୍ମରଣିକାରେ ପ୍ରଦତ୍ତ ହୋଇଛି ।

ସ୍ୱାଭିମାନୀ ଉଦ୍‌ଗାତା

ସେଥିଲେ ସ୍ୱାଭିମାନୀ । ସ୍ୱାଭିମାନୀ ର ଅର୍ଥ ଗର୍ବ ନୁହେଁ । ସେଥିଲେ ଆତ୍ମ ମର୍ଯ୍ୟାଦା ସମ୍ପନ୍ନ । ସେଥିଲେ ବାସ୍ତବବାଦୀ । ସ୍ୱପ୍ନ ବିଳାସୀ ସେ କେବେ ନଥିଲେ ।

Digitized by srujanika@gmail.com

ସ୍ୱାଭିମାନଥିଲା ତାଙ୍କ ଜୀବନର ମୂଳମନ୍ତ୍ର । ଏହି ସ୍ୱାଭିମାନ ପାଇଁ ସେ ତ୍ୟାଗ କରିଥିଲେ ଅତାବୀରା ମହାବିଦ୍ୟାଳୟର ଅଧ୍ୟକ୍ଷ ପଦବୀ । ସେହି ସ୍ୱାଭିମାନ ର ଟେକ ବଜାୟ ରଖିବା ନିମନ୍ତେ ସେ ପରିତ୍ୟାଗ କଲେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ଉପସଭାପତି ପଦବୀ । ବିନାଉଦ୍ୟମରେ ପଦବୀ ଆସି ସ୍ୱୟଂ ତାଙ୍କର କର ତଳଗତ ହୋଇଥିଲା । ଜୀବନର ଶେଷ ପର୍ଯ୍ୟାୟରେ ୧୯୯୭ଖ୍ରୀ: ର ଏ ଘଟଣା । ଆଉଜଣେ ତାଙ୍କର ବୟଃ କନିଷ୍ଠ ବ୍ୟକ୍ତି ହେଲେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ର ସଭାପତି ଏବଂ ତାଙ୍କୁ ଦିଆ ହେଲା ଉପସଭାପତି ର ସ୍ଥାନ । ତେଣୁ ତାହା ହେଲା ତାଙ୍କର ଅଗ୍ରାହ୍ୟ ।

ସେ ସମ୍ବଲପୁରୀ ଭାଷାରେ ପତ୍ରାଳାପ କରୁଥିଲେ ତାର ଦୃଷ୍ଟାନ୍ତ ସ୍ୱରୂପ ଏକ ସ୍ୱରଚିତ ପତ୍ର ସ୍ମରଣିକାରେ ପ୍ରଦତ୍ତ ହୋଇଛି । ପୁନଶ୍ଚ ୧୯୮୦/୮୫ ଖ୍ରୀ: ବେଳକୁ ଓଡ଼ିଶାର ପଶ୍ଚିମାଞ୍ଚଳର କଥିତଭାଷା ଲିଖିତ ଭାଷା ରୂପେ ବ୍ୟବହୃତ ହେବା ଆରମ୍ଭ ହେଲା । ଉକ୍ତ ଭାଷାରେ ବିଭିନ୍ନ ପ୍ରକାର ସାହିତ୍ୟ ସୃଷ୍ଟି ହେବାକୁ ବସିଲା । ତତ୍ପରେ ତତ୍‌କାଳୀନ ଉକ୍ତ ଭାଷାବିତ୍ ମାନଙ୍କ ମଧ୍ୟରେ ତାର 'ନାମକରଣ' ଉପରେ ବିଭିନ୍ନ ପ୍ରକାର ମତଭେଦ, ବାଦାନୁବାଦ ପ୍ରକାଶିତ ହେଲା । ସେତେବେଳେ ସେ ନିଜେ ଜଣେ ଭାଷାବିତ୍, ସାହିତ୍ୟିକ, ବୈୟାକରଣିକ ଭାବରେ ସେହି ସମସ୍ୟା ମଧ୍ୟରେ ଜଡ଼ିତ ହୋଇଗଲେ । ଡ଼: ପ୍ରଫୁଲ୍ଲ କୁମାର ପତିଙ୍କ ସହିତ ତାଙ୍କର ମଧ୍ୟ ମତଭେଦ ହେଲା । ସେସମୟରେ ଉଦ୍‌ଗାତା ବାବୁଙ୍କୁ ସମସ୍ତେ ଉପଯୁକ୍ତ ଭାଷାବିତ୍ ବୋଲି ଗ୍ରହଣ କରୁଥିଲେ । ତେଣୁ ପ୍ରୟାଗଦତ୍ତ ଯୋଷୀ, ନୀଳମାଧବ ପାଣିଗ୍ରାହୀ ଏବଂ ଅନ୍ୟାନ୍ୟ ବ୍ୟକ୍ତିମାନେ ଉକ୍ତ ଭାଷାର ନାମକରଣର ଦାୟିତ୍ୱ ତାଙ୍କୁଦେଲେ । ସେ ଉକ୍ତ ଭାଷାର ନାମକରଣ କଲେ ସମ୍ବଲପୁରୀ - କୋଶଳୀ ବା କୋସଲି ସଂବଲପୁରୀ । ସେ କବି ହେମଚନ୍ଦ୍ର ଆଚାର୍ଯ୍ୟଙ୍କ 'ରାମରାହା' ଓ ନୀଳମାଧବ ପାଣିଗ୍ରାହୀଙ୍କ ମହାଭାରତ ର ମୁଖବନ୍ଧ ଲେଖିଥିଲେ ।

ମାନକ ଓଡ଼ିଆ ଭାଷାରେ କବି ଗଙ୍ଗାଧରଙ୍କ ରଚିତ ତପସ୍ୱିନୀ କାବ୍ୟର 'ଆଶ୍ରମେ ପ୍ରଭାତ'ର କିୟଦଂଶ ସେ ସମ୍ବଲପୁରୀ ଓ ସଂସ୍କୃତ ଭାଷାରେ ଅନୁବାଦ କରିଥିଲେ । ତାର ନମୁନା ସ୍ମରଣିକାରେ ପ୍ରଦତ୍ତ ହୋଇଛି ।

Digitized by srujanika@gmail.com

ସେମାନେ କହନ୍ତି
ସେ ଥିଲେ ଏକ କିମ୍ବଦନ୍ତୀ ପୁରୁଷ

ଡ଼. ଗୋପବନ୍ଧୁ ରଥ

मुबारक हो उन सबका
जिन्हें मुहब्बत हो
गैर दुनियाबी इल्मीयत से
उनका फिर क्या कहना
जिन्हें बखूबी पहचान हो
इल्मी कदर से।

Blessed are those who cherish ultramundane love for literature. They are undoubtedly doubly blessed. Who really understand and appreciate the intrinsic literary value.

ସାହିତ୍ୟ ଏବଂ ସଂସ୍କୃତି ପ୍ରତି ପ୍ରତିବଦ୍ଧତା ଏବଂ ପ୍ରଗାଢ ପ୍ରେମ ନଥିଲେ ମାନବ ଜୀବନ ସଂପୂର୍ଣ୍ଣ ଭାବରେ ନିରର୍ଥକ ମନେ ହୋଇଥାଏ । ଅସାମାନ୍ୟ ପ୍ରତିଭାଧର ଡ଼. ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଂକ ଜୀବନ ବୃତ୍ତାନ୍ତରେ ତାଙ୍କର ସାରସ୍ୱତ ସେବା ଏବଂ ସଂସ୍କୃତି ପ୍ରତି ଅନୁରକ୍ତି ନିଶ୍ଚିତ ରୂପେ ଅତୁଳନୀୟ । ପ୍ରଜ୍ଞାବାନ ପୁରୁଷ ବାଗ୍‌ଦେବୀଙ୍କ ପଦ ପ୍ରକ୍ଷାଳନ କଲେ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଅଦମ୍ୟ ଆତ୍ମବଳ ଏବଂ ନିରବଚ୍ଛିନ୍ନ ଅଧ୍ୟବସାୟକୁ ସମ୍ବଳକରି ଏକନିଷ୍ଠ ଭାବରେ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥାଏ । ଗୋବିନ୍ଦ ବାବୁଂକ ଜୀବନ ଦର୍ପଣରେ ତାଂକ ବ୍ୟକ୍ତିଗତ ନିଷ୍ଠା ଏବଂ କର୍ତ୍ତବ୍ୟ ପରାୟଣତାର ସଂତୁଳନ, ସାଧୁତା ଏବଂ ସଚ୍ଚରିତ୍ରତାର ସମ୍ମିଶ୍ରଣ, ସ୍ୱଚ୍ଛତା ଏବଂ ନୈତିକତାର ସମନ୍ୱୟ, ନିର୍ଭୀକତା, ନିରପେକ୍ଷତା ଏବଂ ସମୟାନୁବର୍ତ୍ତିତାର ସଫଳ ପ୍ରୟୋଗ, ପ୍ରଜ୍ଞା ଓ ପବିତ୍ରତାର ସଂଚଳନ ତଥା ଅନୁପମ ସମଦୃଷ୍ଟି ଓ ଦୂରଦୃଷ୍ଟିର ଝଲକ ପ୍ରତିଫଳିତ ହୋଇଥିବା ପରିଲକ୍ଷିତ ହୋଇଥାଏ । ତାଙ୍କର ଅନବଦ୍ୟ ସାରସ୍ୱତ ସିଦ୍ଧି ତଥା ପ୍ରଜ୍ଞା ପ୍ରଚୋଦିତ ଅସାଧାରଣ ସାଂସ୍କୃତିକ ଚେତନାର ବିଭୂତି ଲାଭ କରିଥିବା ଶତ ଶତ ଶିକ୍ଷାର୍ଥୀ ଆଜି ମଧ୍ୟ ସହସ୍ର ହୃଦୟରେ ଜ୍ଞାନ ରେଣୁ ବପନ ଉଦ୍ଦେଶ୍ୟରେ ଶ୍ରଦ୍ଧାବାରି ସେଚନ କର୍ମରତ । ଏଣୁ ଏହି ମହିମା ମଣ୍ଡିତ ଗୁରୁ ନିଃସନ୍ଦେହରେ ସମଗ୍ର ଓଡ଼ିଆ ଜାତି ପାଇଁ ଚିର ବନ୍ଦନୀୟ ହୋଇ ରହିଥିବେ !

ଗୋବିନ୍ଦ ବାବୁ ଏକାଦଶ ଶ୍ରେଣୀରେ ଆମର ଶିକ୍ଷକ ଥିଲେ ଏବଂ ଆମକୁ

Digitized by srujanika@gmail.com

'ଭୂଗୋଳ' ପଢାଉଥିଲେ । ସେ ଦଶମରେ ଓଡ଼ିଆ ସାହିତ୍ୟ ପଢାଇଥିବା କଥା ମନେ ପଡେ । ଆମ ସାଥୀରେ ଏବର ବିରୋଧୀଦଳ ଉପନେତା ନରସିଂହ ମିଶ୍ର ଏବଂ ବରିଷ୍ଠ ସାମ୍ବାଦିକ ଭାଗବତ ନନ୍ଦ ପଢୁଥାନ୍ତି । ଓଡ଼ିଶାର ଲୋକପାଳ ବିଚାରପତି ପ୍ରସନ୍ନ କୁମାର ପାତ୍ର ଆମ ତଳ ଶ୍ରେଣୀରେ ପଢୁଥାନ୍ତି । 'ଭୂଗୋଳ' ହେଉକି 'ସାହିତ୍ୟ' ହେଉ ଗୋବିନ୍ଦ ବାବୁ ଯାହା ପଢାଉଥିଲେ ଆମେ ତାହା ବେଲପଣା ପରି ପିଇ ଯାଉଥିଲୁ ।

ସେହି 'ଭୂଗୋଳ' ଶ୍ରେଣୀଟି ଦିନେ Western Circle ର ପରିଦର୍ଶକ ପ୍ରଥିତ ଯଶା ହରିହର ମିଶ୍ରଙ୍କ ଉପସ୍ଥିତିରେ ଆହୁରି ଚଳ ଚଞ୍ଚଳ ହୋଇ ଉଠିଥିଲା । ସେହି ଶ୍ରେଣୀରେ ପଢୁଥିବା ଦୀପକ ମିଶ୍ରଙ୍କୁ ସାହେବ-ପିତାଙ୍କର ଉପସ୍ଥିତି ହୁଏତ ଅସ୍ୱସ୍ତିକର ବୋଧ ହୋଇଥାଇ ପାରେ । ପ୍ରସଙ୍ଗ ଥିଲା 'ଅକ୍ଷାଂଶ ଓ ଦ୍ରାଘିମା' । ଗୋବିନ୍ଦ ବାବୁ ପ୍ରଥମେ କଳାପଟାରେ ରାଉଣ୍ଡର୍ ସାହାଯ୍ୟରେ କଳ୍ପିତ ପୃଥିବୀଟିଏ ଅଙ୍କନ କରିବା ପରେ 'ବିଷୁବ ରେଖା' ଆଙ୍କିବା ବେଳେ ସାହେବ ଶ୍ରେଣୀରେ ପହଞ୍ଚି ଗଲେ । ତେବେ ତାଙ୍କର ପ୍ରତ୍ୟାଶିତ ଉପସ୍ଥିତି ସେହି ସ୍ଥିତପ୍ରଜ୍ଞ ମହାନ ଗୁରୁଙ୍କ ମନରେ କୌଣସି ପ୍ରକାର ଅହେତୁକ ଚାଞ୍ଚଲ୍ୟ ସୃଷ୍ଟିକରି ପାରିନଥିଲା । ବରଂ ସାହେବ ତନ୍ମୟ ଚିତ୍ତରେ ତାଙ୍କର ଶିକ୍ଷାଦାନଟିକୁ ଉପଭୋଗ କରୁଥିବା ମନେ ହେଲା ।

ମୁଁ ତାଙ୍କର ସବାସାନ ଭଉଣୀ ବିନୋଦିନୀଙ୍କୁ ବିବାହ କରିବାପରେ ଆମ ଦୁହିଁଙ୍କ ସଂପର୍କ ଆହୁରି ଘନିଷ୍ଠ ହୋଇଥିଲା । ଅନେକ ସମୟରେ କାର୍ଯ୍ୟୋପଲକ୍ଷ୍ୟେ ସମ୍ବଲପୁର ଗଲେ ମୋତେ ତାଙ୍କ ନିବାସରେ ଅବସ୍ଥାନ କରିବା ସୁଯୋଗ ମିଳୁଥିଲା । ସେହି ସୁଯୋଗଟି ମୋତେ ତାଙ୍କର ଆହୁରି ନିକଟତର ହେବାପାଇଁ ସମୁତ୍ସାହିତ କରୁଥିଲା । ସେ ଜଣେ ଅତି ଉଚ୍ଚ ଶ୍ରେଣୀର ବକ୍ତା ଥିବା କଥା ସର୍ବଜନବିଦିତ, ତେବେ ସାଧାରଣ ଘରୋଇ କଥାବାର୍ତ୍ତାରେ ମଧ୍ୟ ସେ ନିଶ୍ଚିତ ରୂପେ ଧୂରୀଣ ଥିଲେ । ତେଣୁ ବାହାରେ ଯେତେ ବଡ କାର୍ଯ୍ୟଥିଲେ ମଧ୍ୟ ତାଙ୍କ କଥା ଛାଡ଼ି ପଦାକୁ ପଳେଇ ଆସିବାପାଇଁ କେବେହେଁ ମନ ବଳୁ ନଥିଲା ।

ଥରେ ସେ ନିଜ BA ପରୀକ୍ଷା ଦେବା ବେଳର କଥା କହୁଥିଲେ ଏବଂ ଆଉ ଥରେ କଥା ପ୍ରସଙ୍ଗରେ ନିଜର Ph.D ପରୀକ୍ଷକର ଅନୁଭୂତିରୁ ଉଦାହରଣଟିଏ ଅବତାରଣା କରିବା କଥା ମନେ ପଡେ । ଏହି ପ୍ରସଙ୍ଗ ଦ୍ୱୟକୁ ଉଦ୍‌ଗାତା ଶୈଳୀରେ ଉପସ୍ଥାପନ କରିବା ପାଇଁ ପ୍ରୟାସ କରୁଛି ।

Digitized by srujanika@gmail.com

BA ପରୀକ୍ଷା ଦେବା ପ୍ରସଙ୍ଗ

ମୁଁ BA ପରୀକ୍ଷା ଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଥାଏ । ସେତେବେଳେ ମୋର ସାନ ଭାଇ ୰ ହରିଶ୍ଚନ୍ଦ୍ର ମଧ୍ୟ ମୋର ସାଙ୍ଗରେ ରେଗୁଲାର ଛାତ୍ର ଭାବରେ ସେହି ପରୀକ୍ଷା ପାଇଁ ପଢ଼ାପଢି କରୁଥାଏ । ମଝିରେ ମଝିରେ ମୁଁ ତାର କଲେଜ ନୋଟତକ ଆଣି ତା ଉପରେ ଆଖି ବୁଲାଇ ନେଉଥାଏ । ଉଭୟେ ପରୀକ୍ଷାରେ ବସିଲୁଁ ହେଲେ ମୁଁ ଙ୍ଗଳିଆ ହୋଇ ମଧ୍ୟ ତାଠାରୁ ଢେର ଭଲ କରିଥିଲି ଏବଂ ଫଳ ମଧ୍ୟ ଆଶାନୁରୂପ ହୋଇଥିଲା ।

Ph.D ପରୀକ୍ଷକର ଅନୁଭୂତି

ଗୋପବନ୍ଧୁ ବାବୁ, ତୁମେ ପ୍ରୟାସ କରିଛ ତେଣୁ ନିଃସନ୍ଦେହରେ Ph.D ପାଇବ । ଲୋକେ କିପରି ବିନା ଚେଷ୍ଟାରେ Ph.D ପାଉଛନ୍ତି ଶୁଣ ।

ଥରେ ମୁଁ ଜଣେ ଝିଅର Ph.D ନିବନ୍ଧ ଦେଖୁଥିଲି । ନିବନ୍ଧଟି ଭଂଜ ସାହିତ୍ୟର ସାଙ୍ଗୀତିକତାକୁ ନେଇ ଲେଖାଯିବା କଥା କିନ୍ତୁ ତହିଁରେ ନା ଭଂଜ ଥିଲେ ନା ତାଙ୍କର ସଂଗୀତ ଥିଲା । ନିବନ୍ଧଟିରେ ମୋଗଲ ଯୁଗର ଇତିହାସ ପ୍ରସିଦ୍ଧ ସଂଗୀତଜ୍ଞମାନଙ୍କ ଚିତ୍ରପଟ ତଥା ରାଗ ରାଗିଣୀର ପରାକାଷ୍ଠା ପ୍ରତିପାଦିତ ହୋଇଥିଲା । ମୁଁ ତାକୁ ତତ୍‌କ୍ଷଣାତ୍ ଅଗ୍ରାହ୍ୟ କରିବା ସଙ୍ଗେ ସଙ୍ଗେ ମୋର ପ୍ରଦର୍ଶିତ ମାର୍ଗରେ ପୁନର୍ଲିଖନ ପାଇଁ ମନ୍ତବ୍ୟ ପ୍ରଦାନ କରି ନିବନ୍ଧଟିକୁ ଫେରସ୍ତ କରି ଦେଇଥିଲି ।

ସେପରି କ୍ଷେତ୍ରରେ ଛଅମାସ ପରେ ପରୀକ୍ଷାର୍ଥୀ ପୁନର୍ବାର ପରୀକ୍ଷା ଦେବାପାଇଁ ହକଦାର ହୋଇଥାଏ । ତେବେ ଝିଅଟି ପାଞ୍ଚ-ସାତ ବର୍ଷର ନୀରବତା ଅବଲମ୍ବନ ପରେ ଆଉଥରେ ପଛକୁ ଚାହିଁବ ବୋଲି କିଏ କାହିଁକି ଭାବିବ ? ଏଣୁ ଝିଅଟିକୁ ଦୀର୍ଘ ସାତ ବର୍ଷପରେ ପରୀକ୍ଷା ପାଇଁ ଆସିଥିବା ଦେଖି ମୁଁ ବିସ୍ମିତ ହେବା ସ୍ୱାଭାବିକ ।

ନିର୍ଦ୍ଦିଷ୍ଟ ସ୍ଥାନ ଏବଂ କାଳରେ ମୌଖିକ ପରୀକ୍ଷା ଆରମ୍ଭ ହେଲା । ମୁଁ ହାତରେ ଚା' କପିଟି ଧରି ଝିଅଟିକୁ ପଚାରିଲି - 'ଝିଅ, ତୁମେ ପୁଣିଥରେ ଏତେ ଦୀର୍ଘ ସମୟ ବ୍ୟବଧାନରେ ଆସିବ ବୋଲି ମୁଁ ଜମା ଆଶା କରିନଥିଲି । ତେବେ ଏହି ଅହେତୁକ ବିଳମ୍ବ ହେବାର କାରଣ କ'ଣ ?' ଝିଅଟିର ନୀରବତା ଲକ୍ଷ୍ୟକରି ମୁଁ କହିଲି- 'ତୁମ ବିଳମ୍ବିତ ପ୍ରତ୍ୟାଗମନ ପାଇଁ ଅଶେଷ ସାଧୁବାଦ ଜ୍ଞାପନ କରୁଛି । ତେବେ ଏଥର

Digitized by srujanika@gmail.com

ମଧ୍ୟ ତୁମ ନିବନ୍ଧଟିକୁ ଅନୁଧ୍ୟାନ କଲି ଏବଂ ତାହା ଆଶାନୁରୂପ ସଫଳତା ଲାଭ ନକରିଥିବା ବିଷୟ ମୋତେ ଦ୍ୱିଧାଗ୍ରସ୍ତ କରିଦେଲା । ତେବେ ତୁମର ଅସୀମ ଧୈର୍ଯ୍ୟ ଏବଂ ଅନୁରକ୍ତି ତଥା ଅସାଧାରଣ ପ୍ରତୀକ୍ଷା ପ୍ରବଣତା ଉପରେ ଗଭୀର ଆସ୍ଥା ସ୍ଥାପନ କରି ତୁମର Ph.D ଲାଭ କ୍ଷେତ୍ରରେ ଏଥର ମୋ ପକ୍ଷରୁ କୌଣସି ପ୍ରକାର ପ୍ରତିବନ୍ଧକ ସୃଷ୍ଟି ନ କରିବା ପାଇଁ ମନସ୍ଥ କରି କେବଳ ଔପଚାରିକତା ଦୃଷ୍ଟିରୁ ପ୍ରଶ୍ନଟିଏ କରିବା ପାଇଁ ସ୍ଥିର କରିଛି । ମୋର ଆଶା ଓ ବିଶ୍ୱାସ, ତୁମେ ମୋର ଅନୁରୋଧ ରକ୍ଷା ପୂର୍ବକ ଦ୍ୱିଧାହୀନ ଚିତ୍ତରେ କେବଳ ସତ୍ୟାଶ୍ରିତ ବୟାନଟିଏ ପ୍ରଦାନ କରିବ । ମନେରଖ, ତୁମର ଅଭିବ୍ୟକ୍ତି ତୁମର Ph.D ପ୍ରାପ୍ତି କ୍ଷେତ୍ରରେ କସ୍ମିନ୍ କାଳେ ଏକ ଅନ୍ତରାୟ ଭାବରେ ଗ୍ରହଣୀୟ ହେବ ନାହିଁ ।

ତଦନନ୍ତରେ ମୁଁ ତାକୁ ପ୍ରଶ୍ନ କଲି :-

'ମା' ସତ କହ, ଏହି ନିବନ୍ଧଟିକୁ କ'ଣ ତୁମେ ନିଜେ ପ୍ରସ୍ତୁତ କରିଛ ?' ଏକଥା ଶ୍ରବଣ କରିବା ମାତ୍ରେ ଝିଅଟି କଇଁ କଇଁ ହୋଇ କାନ୍ଦିବାକୁ ଆରମ୍ଭ କଲା ଏବଂ କିଛିଟା ପ୍ରବୋଧନା ଦେବା ପରେ କହିଲା- 'ଏଇଟିକୁ ମୋ ଗାଇଡ୍ ଲେଖିଛନ୍ତି ।' ଝିଅଟିର ଉତ୍ତର ଶୁଣି ମୁଁ କହିଲି- 'ତୁମେ ନିଜେ ନ ଲେଖିଥିବା କଥା ନିଶ୍ଚିତ ରୂପେ ଯନ୍ତ୍ରଣା ପ୍ରଦାୟକ ତଥାପି ତୁମ ଗାଇଡ୍, ଯାହାକୁ ମୁଁ ରେଭେନ୍ସାରେ ଦୁଇବର୍ଷ ଓଡିଆ ଭାଷା ଓ ସାହିତ୍ୟ ପଢାଇଥିଲି, ସେ ମଧ୍ୟ ମୋ ନିର୍ଦ୍ଧାରିତ ମାର୍ଗରେ ଉଲ୍ଲେଖନୀୟ ଅଗ୍ରଗତି କରି ନ ପାରିଥିବା ହେତୁ ମୁଁ ମର୍ମାହତ ।'

ଏହି ମହାମନାଙ୍କର ଅପୂର୍ବ ଉତ୍ସାହପ୍ରଦ, ତଥ୍ୟପୂର୍ଣ୍ଣ ତଥା ଜ୍ଞାନଗର୍ଭକ ବାଂମୟ ଓ ବାକଚାତୁରୀରେ ଦିନେ ପୃଥ୍ୱୀରାଜ ହାଇସ୍କୁଲର ପରିସର, ବଲାଙ୍ଗିରସ୍ଥ କଳାମଣ୍ଡଳ ଜି.ଏଲ.ଏସ୍.କ୍ଲବ ଗୃହ ଏବଂ କୋଶଳ କଳାମଣ୍ଡଳ ପ୍ରତିଧ୍ୱନିତ ହେଉଥିଲା । ଜୀବନର ପରବର୍ତ୍ତୀ ପର୍ଯ୍ୟାୟରେ ତାଂକ ପ୍ରଜ୍ଞାର ପରିସର ମଧ୍ୟରେ ରେଭେନ୍ସା କଲେଜ ଓ ଗଙ୍ଗାଧର ମେହେର କଲେଜ ତଥା ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପ୍ରତିଭାଦୀପ୍ତ ଅନ୍ତେବାସୀବୃନ୍ଦ କୁହୁକାଚ୍ଛନ୍ନ ହୋଇ ଯାଉଥିଲେ । ବାଣୀ ଓ ବାଣୀର ଅନବଦ୍ୟ ସେବକ ଭାବରେ ପଶ୍ଚିମ ଓଡ଼ିଶାର ଅନ୍ୟତମ ବରପୁତ୍ର ଡ.ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କ ଯଶୋଦୀପ୍ତ ଅବଦାନ ନିଶ୍ଚିତ ରୂପେ କାଳଜୟୀ ଏବଂ ଅବିସ୍ମରଣୀୟ ହୋଇ ରହିଥିବ ।

Digitized by srujanika@gmail.com

ମହାମନାଙ୍କ ମହାଯାତ୍ରା

हमें इरादतन अपने दिल को इजाजत देना चाहिए ताकि खुदा के पास खुदको नुमायान करें।

We have to deliberately liberate our heart to exhibit itself before God.

ଆମ୍ଭା ଯେତେବେଳେ ସର୍ବବିଧ ଭୌତିକ ବନ୍ଧନ ମୁକ୍ତ ହେବା ପାଇଁ ବ୍ୟାକୁଳତା ପ୍ରକାଶ କରେ ସେ ସେତେବେଳେ ଦିବ୍ୟ ଚକ୍ଷୁରେ ସ୍ୱୟଂ ଭଗବାନଙ୍କ ଦର୍ଶନ କରେ, ସେ ଦିବ୍ୟ କର୍ଣ୍ଣରେ ପରାପୂର ପରମେଶ୍ୱରଂକ ଅମୃତମୟ ବାଣୀ ଶ୍ରବଣ କରେ। ଜୀବନର ଅନ୍ତିମ ମୁହୂର୍ତ୍ତର ପଦଧ୍ୱନି ଶୁଣିବା ମାତ୍ରେ ଡ. ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଂକ କ୍ଷେତ୍ରରେ ମଧ ଏବଂବିଧ ପରିସ୍ଥିତି ସୃଷ୍ଟି ହୋଇଥିଲା। ଡ. ଉଦ୍‌ଗାତାଂକୁ କଟକ ବଡ଼ ଡ଼ାକ୍ତରଖାନାରେ ICU ରେ ରଖାଯାଇ ତାଙ୍କ କ୍ଷେତ୍ରରେ ଉପଲବ୍ଧ ସର୍ବୋତ୍ତମ ଚିକିତ୍ସା କରାଯିବା ସତ୍ତ୍ୱେ ଯାହା ବିଧି ନିର୍ଦ୍ଦେଶଥିଲା ତାହାହିଁ ହେଲା। ମରଣାନ୍ତକ ଯନ୍ତ୍ରଣାର ଶରବ୍ୟ ହୋଇ ଉଦ୍‌ଗାତା ମହାଶୟ ନିଜର ଶେଷ ସମୟ ଆଗତ ପ୍ରାୟ ବୋଲି ଭାବି ଅନ୍ତିମକ୍ଷଣରେ ଏକାନ୍ତବାସରେ ଜଗନ୍ନାଥଙ୍କ ଆରାଧାନା କରିବା ପାଇଁ ଇଚ୍ଛା ପ୍ରକଟ କଲେ ଏବଂ ତଦନୁସାରେ ତାଙ୍କୁ ସାକ୍ଷାତ କରିବା ପାଇଁ ସମାଗତ ଜ୍ଞାତିବର୍ଗ, ବନ୍ଧୁବାନ୍ଧବ ଓ ପରିବାର ପରିଜନଙ୍କୁ ତାଙ୍କଠାରୁ ଦୂରେଇ ରଖାହେବାର କିଛି କ୍ଷଣପରେ ସେ ସମସ୍ତଙ୍କୁ ଶୋକାଭିକୃତ କରି ସବୁଦିନ ପାଇଁ ଦୂରେଇ ଯାଇଥିଲେ ସମସ୍ତଙ୍କଠାରୁ। ସାରସ୍ୱତ ସାଧନା ଓ ସିଦ୍ଧିର ଅସରନ୍ତି ମାର୍ଗରେ ସ୍ୱର୍ଣ୍ଣ ଶାମୁକା ସଂଗ୍ରହ କରୁଥିବା ସେହି ଦିବ୍ୟ ପୁରୁଷ ବନ୍ଧନ ଯୁକ୍ତଙ୍କ ଗହଣରୁ ବନ୍ଧନ ମୁକ୍ତ ହୋଇ ନିର୍ବିକାର ଚିତ୍ତରେ ମୁକ୍ତ ବିହଙ୍ଗବତ୍ ନିଃସଙ୍ଗତାର ସଂଗୀତ ଗାଉଥିବା ମହାଶୂନ୍ୟରେ ଚିରଦିନ ପାଇଁ ବିଲୀନ ହୋଇଯାଇଥିଲେ।

ମଧୁମିତା ଉଦ୍ଗାତା:-

ମୁଁ ମଧୁମିତା, ସ୍ୱର୍ଗତ ଡ଼କ୍ଟର ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କର ଅଷ୍ଟମ ସନ୍ତାନ। ଆଠ ଭାଇ ଭଉଣୀରେ ସବୁଠୁ ସାନ ବୋଲି ମତେ ସମସ୍ତେ 'ଲିଟିଲ୍' (Little) ଡ଼ାକିଲେ। ଯେତେବେଳେ ଛୋଟଥିଲି, ସେତେବେଳେ ମୋତେ ସମସ୍ତ କହୁଥିଲେ, "ଆରେ ଏବେ ସିନା ତୁ ଛୋଟ ଅଛୁ ଯେ ତୋ ନା ଲିଟିଲ" ଯେତେବେଳେ ବଡ

Digitized by srujanika@gmail.com

ହେବୁ, ସେତେବେଳେ କଣ ତୋ ନାଁଟା ବିଗ୍ (Big) କରିଦେବା ?" ଆଉ ନାନା ଖାଲି ହସୁଥିଲେ, ସତରେ, କେବେ ଭାବି ନଥିଲି, ଯେ ମୁଁ ଏତେ ବଡ଼ ହେଇ ଯିବି। ଜାଣିନଥିଲି ଯେ ଯେଉଁ ବାପା ମୋର ଆଦର୍ଶ, ଯାହାଙ୍କ ପରାମର୍ଶ ବିନା ମୁଁ ଗୋଟେ ପାଦ ମଧ୍ୟ ଆଗେଇ ପାରୁ ନଥିଲି, ସେ ମତେ ଛାଡ଼ି ଚାଲିଯିବେ ଏବଂ ମୋର ସବୁ ସମସ୍ୟାର ସମାଧାନ କାହାରି ସାହାଯ୍ୟ ବିନା ମତେ ନିଜେ ଇ କରିବାକୁ ପଡ଼ିବ।

ଏବେ ବି ମନେ ପଡ଼େ, ଛୋଟବେଳେ ପଢ଼ା ସମୟରେ କୌଣସି ବିଷୟରେ ଯଦି କିଛି ବି ସନ୍ଦେହ ଆସୁଥିଲା, ବାପାଙ୍କୁ ପଚାରିଲେ ସଙ୍ଗେ ସଙ୍ଗେ ତାର ଉତ୍ତର ମିଳିଯାଉଥିଲା। ଗଣିତ, ସାହିତ୍ୟ, ଇଂରାଜୀ, ଭୂଗୋଳ, ସବୁ ବିଷୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ଇଂରାଜୀର ବଡ଼ ବଡ଼ କବିତା ଗୁଡ଼ାକ ତାଙ୍କର ମୁହେଁ ମୁହେଁ ମନେଥିଲା। ବେଳେବେଳେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଯେ ଯଦିଓ ଓଡ଼ିଆ ଏବଂ ସଂସ୍କୃତ ତାଙ୍କର Specialities ଥିଲା, ତଥାପି ଏତେ ସୁନ୍ଦର English ସେ ଲେଖି ପାରୁଥିଲେ ଏବଂ ଆମକୁ ପଢ଼େଇ ମଧ୍ୟ ପାରୁଥିଲେ।

ଆମେ ଭାଇ ଭଉଣୀମାନେ ତାଙ୍କୁ 'ବାପା' ବା ନନା ନ ଡାକି 'ନାନା' ବୋଲି ଡାକୁଥିଲୁ। ସବା ସାନ ବୋଲି ନାନା ମାଁଙ୍କର ଗେଲବସର ତଥିଲି ମୁଁ, ବାକି ସବୁ ନାନୀ ଓ ଭାଇ ମଧ୍ୟ ମତେ ଭାରି ସ୍ନେହ କରୁଥିଲେ ଏବଂ ଏବେ ମଧ୍ୟ କରନ୍ତି। ଯଦିଓ ମୋ ଭାଇ ମୋ ଠାରୁ ମାତ୍ର ସାଢ଼େ ତିନି ବର୍ଷ ବଡ଼, ତଥାପି ସବୁବେଳେ ସେ ମତେ ଅତି ଛୋଟ ଭଉଣୀ ଭଳିଆ ଭାବେ ଏବଂ ମୋର ସବୁ ସୁବିଧା ଅସୁବିଧାରେ ମତେ ସାହାଯ୍ୟ କରେ। ଗୋଟେ ବଡ଼ କଥା ହେଲା, ଆମେ ଦୁହେଁ କେବେ ବି କଳି କଜିଆ କରିନୁ।

ସେତେବେଳେ ବୋଧହୁଏ ମୁଁ ତିନିଚାରି ବର୍ଷର ହୋଇଥିବି। ନୂଆଁ ନୂଆଁ ଅକ୍ଷର ଲେଖା ଶିଖୁଥିଲି। ନାନା ତାଙ୍କର କଣସବୁ ଲେଖା ଲେଖି କରୁଥିଲେ। ତାଙ୍କରି ପାଖରେ ବସି ମୁଁ ହସ୍ତାକ୍ଷର ଲେଖୁଥାଏ। ଗୋଟିଏ ପୃଷ୍ଠା ଲେଖା ଶେଷ କରି ନାନାଙ୍କୁ ଦେଖେଇ ଲି। ସେ କହିଲେ, "ହଁ, ଭଲ୍ ତ ଲେଖୁଛୁ ଯେ, ଆଉଟିକେ ଭଲ ଲେଖିବାକୁ ଚେଷ୍ଟାକର।" ମୁଁ କହିଲି, "ନାନା, ତମ ଅକ୍ଷର ଏତେ ସୁନ୍ଦର! ତୁମେ କେମିତି ଏମିତି ଲେଖିପାରୁଛ ?" ସେ କହିଲେ, "ଆରେ ମୋ ଅକ୍ଷର କଣ ସୁନ୍ଦର ? ତୋର ହରି କାକା (ହରିଶ୍ଚନ୍ଦ୍ର) ବଡ଼କାକା (ଶ୍ରୀ ଗିରୀଶ୍ ଚନ୍ଦ୍ର ଉଦ୍‌ଗାତା) ଙ୍କର ଅକ୍ଷର ତ

Digitized by srujanika@gmail.com

ଆହୁରି ବହୁତ ସୁନ୍ଦର । ଏକ୍‌ଦମ୍ ଗୋଲ୍ ଗୋଲ୍ । ସେମିତି ଲେଖିବାକୁ ଚେଷ୍ଟାକର ।”

ସେଇ ଛୋଟ ବେଳେ ମଧ୍ୟ ମୁଁ ବୁଝିଗଲି ଯେ ନାନା ତାଙ୍କ ମୁହଁରେ ତାଙ୍କ ପ୍ରଶଂସା ଶୁଣିବାକୁ ଭଲ ପାଆନ୍ତି ନି । ଅବଶ୍ୟ ପରେ ମୋର ହସ୍ତାକ୍ଷର ନାନା ଦେଖେଇଲେ ଡ଼କ୍ଟର୍ ଗୋପାଳ ଚନ୍ଦ୍ର ମିଶ୍ରଙ୍କୁ । ସେ ମତ ଦେଇଥିଲେ ଯେ, ଏତେ ଭଲ ଅକ୍ଷର ଯାହାର, ତାମୁଣ୍ଡରେ ନିଶ୍ଚୟ ଭଲ ବୁଦ୍ଧିଥିବ ।” ତାଙ୍କର ସେ ଉକ୍ତିର ସତ୍ୟତା କିଛିଟା ମୁଁ ପ୍ରମାଣିତକଲି । ଈଶ୍ୱରଙ୍କ ତଥା ତାଙ୍କ ଅଶେଷ ଆଶୀର୍ବାଦରୁ ମୁଁ ମ୍ୟାଟ୍ରିକ ପର୍ଯ୍ୟନ୍ତ ପ୍ରାୟ ସବୁବେଳେ Class ରେ 1st ହେଉଥିଲି । ମ୍ୟାଟ୍ରିକ୍ ରେ ୮୦% ଓ I.Sc. ରେ ୭୦% ନମ୍ବର ରଖି ମୁଁ Chem. Hons. ନେଇ B.Sc. ପଢ଼ିବା ଆରମ୍ଭ କଲି G.M. College ରେ । ସେଇଥର ମୁଁ Sambalpur University ରେ B.Sc. ରେ Chemistry (Hons) ରେ 1stClass 1st ହେଲି । ଯେଉଁଦିନ B.Sc. Result ବାହାରିଲା, ନାନା ମତେ କୁଣ୍ଢାଇ ପକାଇଲେ ଓ ଦୁହେଁ ମିଶି କାନ୍ଦିଥିଲୁ । ତାହାଥିଲା ଖୁସିର କାନ୍ଦ । ଏହାପରେ ମୁଁ M.Sc., M.Phil ଓ B.Education ମଧ୍ୟ Complete କଲି ଓ ପ୍ରାୟ ଦୁଇବର୍ଷ ମଦନାବତୀ ପବ୍ଲିକ ସ୍କୁଲ୍‌ରେ ଶିକ୍ଷକତା କଲି । ତାପରେ ମୋର ବାହାଘର ହୋଇଗଲା । ଏବଂ ଘର ସଂସାର ଜଞ୍ଜାଳକୁ ପ୍ରଥମ ଓ ଚାକିରୀକୁ ଦ୍ୱିତୀୟ ଶ୍ରେୟ ଦେବା ଯୋଗୁଁ ଆଉ ଚାକିରୀରେ ଯୋଗଦାନ କଲି ନାହିଁ ।

ମୋର ଏବଂ ନାନାଙ୍କର ସଂପର୍କ ଅତି ନିବିଡ଼ । ଯଦିଓ ଆମ ଭିତରେ ବୟସର ତଫାତ୍ ଥିଲା ପ୍ରାୟ ୪୭ ବର୍ଷ, କିନ୍ତୁ ମୁଁ କେବେ ବି ତାଙ୍କୁ ଭୟ କରିନାହିଁ । ସବୁବେଳେ ଭକ୍ତି ଶ୍ରଦ୍ଧା ହିଁ କରି ଆସିଛି । ସେ ବି ମୋ ସହିତ ଅନେକ ପ୍ରକାର ସମସ୍ୟାରେ ଆଲୋଚନା କରୁଥିଲେ । କାରଣ ମୁଁ କଲେଜ୍‌ରେ ପାଦଦେଲା ବେଳକୁ ମୋର ଛଅ ନାନୀଙ୍କର ବିବାହ ହୋଇ ସାରିଥିଲା । ଦାଦା ଏବଂ ମୁଁ ଦୁହେଁ ଘରେ ରହିଲୁ । ଦାଦାତ ବେଶୀ ସମୟ ଘରୁ ବାହାରେ ରହୁଥିଲେ ସାଙ୍ଗମାନଙ୍କ ସହ ପଢ଼ା ପଢ଼ି କରିବା ପାଇଁ । ତେଣୁ ଘରେ କେବଳ ମାଁ ଏବଂ ମୁଁ ରହୁଁ । ମାଁ ତ ବେଶୀ ସମୟ ଘର କାମରେ ବ୍ୟସ୍ତ ରହୁଥିଲେ । ତେଣୁ ମୋ ସହିତ ନାନା ବହୁତ ସମୟ ଅତିବାହିତ କରୁଥିଲେ । ମୋତେ ବି ତାଙ୍କ କଥା ଶୁଣିବାକୁ ଖୁବ୍ ଭଲ ଲାଗୁଥିଲା, କାରଣ

Digitized by srujanika@gmail.com

ସେସବୁରୁ ମୋତେ ବହୁତ ଜ୍ଞାନ ମିଳୁଥିଲା ।

ନାନାଙ୍କର ପ୍ରକୃତି ଥିଲା, ସେ ଯାହା ବି କରିବେ, ସେଇଟା Perfect ହବା ଦରକାର । ଅବସରଗ୍ରହଣ କରିବା ପରେ ଯେତେବେଳେ ଘର ତିଆରି ଆରମ୍ଭ କଲେ, ସେପର୍ଯ୍ୟନ୍ତ ଘରତିଆରି ବିଷୟରେ ତାଙ୍କର କିଛି ଜ୍ଞାନ ନଥିଲା । ତେଣୁ ପ୍ରଥମେ ଠିକାଦାର ଠାରୁସବୁ ପଚାରି ବୁଝିଲେ । କେମିତି ଲୁହା ଦରକାର, କେମିତି ସିମେଣ୍ଟ ଦରକାର, କୋଉଠି ମିଳେ, କେତେ ଗାତ ଖୋଳିବା ଦରକାର, କାହିଁକି ଏତିକି ଗାତ ଖୋଳାହବ, ସବୁ ବିଷୟରେ ଏତେ Detail ରେ ବୁଝିଲେ ଯେ, ଶେଷରେ ସେ ଘର ତିଆରି, ରେ ନିଜେ ସୁଦକ୍ଷ ହୋଇଗଲେ । ପରେ ସେ ଅନ୍ୟମାନଙ୍କୁ ଘର ତିଆରି ବିଷୟରେ ବିଭିନ୍ନ ଧାରଣା ମଧ ଦେଇପାରୁଥିଲେ, ଏପରିକି ଲୋକଙ୍କୁ ଘରର Plan ତିଆରି କରିବାରେ ବି ସାହାଯ୍ୟ କରିପାରୁଥିଲେ ।

ଯେଉଁଦିନ ଆମଘରର ଛାତ ପଡ଼ିଲା, ସେଦିନ ପ୍ରାୟ ତିରିଶ ଜଣ ଲୋକ ସକାଳ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ କାମ କରିଥିଲେ । ସେ ସମସ୍ତଙ୍କୁ ସକାଳ ଜଳଖିଆ ଚା, ଦ୍ୱିପ୍ରହର ଖାଇବା ଓ ସନ୍ଧ୍ୟାର ଚା ଦିଆ ହୋଇଥିଲା । ସେମାନଙ୍କ ଦ୍ୱିପ୍ରହର ଖାଇବା ତିଆରି ପାଇଁ ମାଁ ଏବଂ ଆମେ ସବୁ ଭଉଣୀ ମିଶି ପ୍ରାୟ ଦେଢ଼ଶ ଖଣ୍ଡ ଘର ତିଆରି ଘିଅ ଲଗା ରୁଟି ତିଆରି କଲୁ ଓ ହାଣ୍ଡିଏ ତରକାରୀ ତିଆରି କରାହୋଇଥିଲା । ସେଦିନ ତ ସତେ ଯେମିତି ଘରେ ଉତ୍ସବ ! ନାନା ବେଶୀ ଖୁସିଥିଲେ ଯେ ଏତେ ଲୋକଙ୍କୁ ସେ ପେଟ ପୂରା ଖାଇବାକୁ ଦେଉଥିଲେ । ସତରେ, ଘରକୁ କେହି ଅତିଥି ଆସିଲେ ନାନା ମାଁ ତାଙ୍କୁ ନ ଖୁଆଇ କେବେ ବି ଛାଡୁ ନ ଥିଲେ । କେହି ମଧ ଘରକୁ ଆସିଲେ ଚା ବା ସରବତ୍ ତ ନିଶ୍ଚୟ ଦିଆଯିବ । ମୁଁ ଯେତେବେଳେ ଛୋଟଥିଲି, ସେତେବେଳେ ମାଁ ବା ଅନ୍ୟ ନାନୀମାନେ ଚା ସରବତ୍ ତିଆରି କରୁଥିଲେ ଏବଂ ମୁଁ ତାହା ନେଇ ସେମାନଙ୍କୁ ଦେଉଥିଲି । ମୁଁ ବଡ଼ ହେଲାପରେ ଏଇ ଦାୟିତ୍ୱ ଆପେ ଆପେ ମୋ ମୁଣ୍ଡକୁ ଆସିଗଲା । ଛୁଟୀ ମାନଙ୍କରେ ଯେତେବେଳେ ସବୁ ନାନୀ ଭାଇନାମାନେ ଆସୁଥିଲେ, ଦିନକୁ ଚାଳିଶ ପଚାଶ କପ୍ ଚା ବି ମୁଁ ତିଆରି କରୁଥିଲି ଓ ସମସ୍ତଙ୍କୁ ଦେଉଥିଲି ।

ଆଉ ଗୋଟେ କଥା । ନାନା ଯେ ମତେ ସମସ୍ତଙ୍କ ଅପେକ୍ଷାଟିକେ ବେଶୀ ଭଲ ପାଉଥିଲେ, ଏକଥା ମୁଁ ବି ଜାଣିଥିଲି ଆଉ ସବୁ ନାନୀମାନେ ବି ଜାଣିଥିଲେ ।

Digitized by srujanika@gmail.com

ତେଣୁ କୌଣସି ବିଷୟରେ ନାନାଙ୍କ ଅନୁମତି ଦରକାର ପଡ଼ିଲେ ସେମାନେ ମୋ ଦ୍ୱାରା ହିଁ ତାହା କରାଉଥିଲେ । ବେଶୀ କରି ଯଦି ସିନେମା ଯିବାକୁ ଥିଲା, ତେବେ ମତେ ହିଁ ସାମ୍ନାରେ ରଖି ପଛଆଡୁ ସେମାନେ ସବୁ କଥା କହୁଥିଲେ । ଏଇ ଯେଉଁ ଖେଳଟା ନାନାଙ୍କୁ ବି ନିଶ୍ଚେ ଖୁବ୍ ମଜା ଲାଗୁଥିଲା । କାରଣ ସେ ସବୁବେଳେ ଅନୁମତି ଦେଇ ଦେଉଥିଲେ ଏବଂ କେବେ ବି ରାଗୁ ନ ଥିଲେ ।

ମୋ ବଡ଼ନାନୀର ବିବାହର ପ୍ରାୟ ୩ ବର୍ଷ ପରେ ମୋର ଜନ୍ମ । ତେଣୁ ସେ ତ ମତେ ନିଜର ଝିଅ ଭଳିଆ ବ୍ୟବହାର କରେ । ମୀରାନାନୀ ମତେ ଛୋଟବେଳେ 'ମାଳି' ବୋଲି ଡ଼ାକୁଥିଲା । କଲେଜ୍‌ରୁ ଫେରିଲାକ୍ଷଣି ଆଗ ମତେ ହିଁ ଖୋଜୁଥିଲା । ଜ୍ୟୋତିନାନୀ ର ତ Embroidery, Painting ସିଲେଇ ଇତ୍ୟାଦିରେ ଭାରି ସଉକ୍ ଥିଲା । ସେ ମୋ ପାଇଁ ସବୁଠାରୁ ସୁନ୍ଦର ଡ଼ିଜାଇନ୍‌ର ଫ୍ରକ୍ ତିଆରି କରୁଥିଲା । ଜ୍ୟୋସ୍ନା (ଗୁଲୁ) ନାନୀର କାହାଣୀ ଏବଂ କବିତା ଲେଖିବାର ଭାରି ସଉକ୍‌ଥିଲା । ଆଉ ଆମେ ସବୁ ଲୁଚିଲୁଚି ସେସବୁ ପଢୁଥିଲୁଁ କାରଣ ସେ ଆମକୁ ପଢ଼ିବାକୁ ଦେଉ ନଥିଲା । ମୋର ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସେ ମତେ ଓଡ଼ିଆ ପଢ଼ାଇଥିଲା । ତାପରେ ତାର ବାହାଘର ହୋଇଗଲା । ଇନ୍ଦିରା (ଝୁଲୁ) ନାନୀ ମୋର ସବୁଠୁ ପ୍ରିୟଥିଲା । ମୁଁ ସବୁବେଳେ ତାରି ପାଖରେ ଶୋଇବାକୁ ଜିଦ୍ କରୁଥିଲି । ସେ ମଧ୍ୟ ବିରକ୍ତ ନ ହୋଇ ମୋର ସବୁ ଜିଦ୍‌କୁ ସହୁଥିଲା । ତାପରେ ରେଖା (ମାମୀ) ନାନୀ, ଦାଦା ଏବଂ ମୁଁ ପ୍ରାୟ ସାଙ୍ଗ ଭଳିଆ ଥିଲୁ ଯଦିଓ ଆମ ଭିତରେ ବୟସର ବେଶ୍ ତଫାତ୍ ଥିଲା । ଆମ ଭାଇ ଭଉଣୀଙ୍କ ଭିତରେ ବୟସର ତଫାତ୍ ଆମ ସଂପର୍କର ନିବିଡ଼ତାକୁ କମ୍ କରିଦେଇ ପାରି ନି । ଏବେ ମଧ୍ୟ ଆମ୍ଭମାନଙ୍କର ସଂପର୍କ ସେହିଭଳି ନିବିଡ଼ ଓ ଅତୁଟ ରହିଛି । ଭଗବାନଙ୍କ ଦୟାଯୋଗୁଁ ମୋର ସବୁ ଭିଣୋଇମାନେ ଏବଂ ଭାଉଜ ଏହି ନିବିଡ଼ତାକୁ କମ୍ କରିବାକୁ ଚେଷ୍ଟା କରି ନାହାନ୍ତି । ବରଂ ଆମର ସଂପର୍କ ଆହୁରି ଦୃଢ଼ ହୋଇଛି ଏବଂ ଆମ ପରିବାର ଆନନ୍ଦମୟ ହୋଇଛି ।

ନାନା ତାଙ୍କ Free time ରେ ଆମକୁ ଗୀତ ଶିଖାଉଥିଲେ । ସେ ନିଜେ ଖୁବ୍ ଭଲ ହାରମୋନିୟମ୍ ବଜାଇ ପାରୁଥିଲେ ଏବଂ ଗୀତ ରଚନା କରି ତାର ସ୍ୱର ମଧ୍ୟ ଦେଇ ପାରୁଥିଲେ ତାଙ୍କର ଟ୍ରେନିଂ ଯୋଗୁଁ ଦଶ ବର୍ଷ ବୟସରୁ ମୁଁ ମଧ୍ୟ

Digitized by srujanika@gmail.com

ହାରମୋନିୟମ୍ ବଜାଇବା ଶିଖିଗଲି । ପରେ ମୁଁ ଏବଂ ଦାଦା ଶ୍ରୀ ଜ୍ଞାନରଞ୍ଜନ ମହାପାତ୍ରଙ୍କ ପାଖରୁ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଶିଖିବା ଆରମ୍ଭ କଲୁଁ । ଆମ ସହିତ ବଡ଼ନାନୀର ଦୁଇଝିଅ ସୁଶ୍ରୀ, ସ୍ୱସ୍ତି ଏବଂ ମୀରାନାନୀର ଝିଅ ବର୍ଣ୍ଣାଳୀ ମଧ୍ୟ ସଙ୍ଗୀତ ଶିଖିବା ଆରମ୍ଭକଲେ । ଆମ ଭିତରେ ସବୁଠାରୁ ଭଲ ଗାଉଥିଲା ବର୍ଣ୍ଣାଳୀ । ଆମେ ସବୁ ସମ୍ବଲପୁର ଆକାଶ ବାଣୀର କଳାକାର ମଧ୍ୟ ଥିଲୁଁ । ଦାଦା ସଙ୍ଗୀତ ସହିତ ତବଲା ବଜାଇବା ମଧ୍ୟ ଶିଖିଥିଲା । ଗ୍ରୀଷ୍ମ ଛୁଟୀରେ ରାତି ୧୨ଟା/୧ଟା ପର୍ଯ୍ୟନ୍ତ ଆମ ଭାଇ ଭଉଣୀଙ୍କର ସଙ୍ଗୀତ ଆସର ଚାଲୁଥିଲା । କିନ୍ତୁ ନାନା ସେଥିରେ କେବେ ବି ବିରକ୍ତ ହେଉନଥିଲେ, ଯଦିଓ ତାଙ୍କ ଶୋଇବାରେ ନିଶ୍ଚୟ କିଛି ବାଧା ହେଉଥିଲା । ମର୍ଯ୍ୟାଦାର ସୀମା ଲଙ୍ଘନ ନକରି ଆମକୁ ସେ ଆମ ଇଚ୍ଛାନୁଯାୟୀ କିଛି ବି କାର୍ଯ୍ୟ କରିବାକୁ ଅନୁମତି ଦେଉଥିଲେ ।

ଆଉ ମାଁ ତଥିଲେ ଅଫୁରନ୍ତ ସ୍ନେହର ପ୍ରତିମୂର୍ତ୍ତି । ସେ ସମୟରେ ମୋର ସବୁ ସାଙ୍ଗ ପଞ୍ଚମ ଶ୍ରେଣୀରୁ ସବୁରନ୍ଧା ବଢ଼ା ଶିଖି ନିଜ ନିଜ ମାଁ ମାନଙ୍କୁ ସାହାଯ୍ୟ କରୁଥିଲେ । ଆଉ ମୁଁ ମ୍ୟାଟ୍ରିକ୍ ପାଶ୍ କରିବା ପର୍ଯ୍ୟନ୍ତ କେବଳ ଚା ତିଆରି କରିବା ବ୍ୟତୀତ ଆଉ କିଛି ଜାଣି ନଥିଲି । କାରଣ ମୁଁ ଭଲ ପଢୁଥିଲି ବୋଲି ମାଁ ମତେ ରନ୍ଧାକାମ କରିବାକୁ କହୁନଥିଲେ । ମୋର ମ୍ୟାଟ୍ରିକ୍ ପରେ କଲେଜ୍ ଆରମ୍ଭ ବେଳକୁ ମାଁଙ୍କର ଭୀଷଣ ଦେହ ଖରାପ ହେଲା । ଭୟଙ୍କର ନିମୋନିଆ । ସେତେବେଳେ ଘରେ ଥିଲୁଁ ମୁଁ, ଦାଦା ଓ (ରେଖା) ମାମୀ ନାନୀ । ମାମୀ ନାନୀ ମଦନାବତୀ ସ୍କୁଲ୍‌ରେ ଶିକ୍ଷୟତ୍ରୀଥିଲା । ସେଇ ସମୟରେ ମୁଁ ସବୁ ରନ୍ଧାବଢ଼ା ଶିଖିଗଲି । କାରଣ ମାଁଙ୍କୁ ପ୍ରାୟ ମାସେ କାଳ ବିଛଣାରେ ପଡ଼ିବାକୁ ହୋଇଥିଲା ।

ମୋର ବିବାହ ହେଲା ୧୯୯୩ ଜାନୁୟାରୀ ୨୮ ତାରିଖ ଦିନ । ବାହାଘରର କିଛିଦିନ ପରେ ମୁଁ ସ୍ୱାମୀ ସୁଦୀପ୍ତ ପଣ୍ଡାଙ୍କ ସହିତ ତାଙ୍କ ଚାକିରୀସ୍ଥଳ ବମ୍ବେ ଆସିଲି । ଓଡ଼ିଶା ଛାଡ଼ି ବାହାରକୁ ଯିବାରେ ମୁଁ ଆମ ଘରର ପ୍ରଥମ ବ୍ୟକ୍ତି । ମୋର ଏବଂ ମୋ ନାନା ମାଁଙ୍କର ବନ୍ଧନ ଯେ କେତେ ମୁଁ ଯେ ନାନା ମାଁଙ୍କୁ Miss କରୁଅଛି; ବାହା ଘରର ଅଳ୍ପଦିନ ମଧ୍ୟରେ ମୋ ସ୍ୱାମୀ ବୁଝିପାରିଥିଲେ । ଏଣେ ଏତେ ବଡ଼ ପରିବାରରୁ ଆସି ଏକ ଅଜଣା ଜାଗାରେ ଏକାକୀ ରହିବା ମୋ ପାଇଁ ମୁସ୍କିଲ୍

Digitized by srujanika@gmail.com

ହୋଇଯାଇଥିଲା । ଅଧିକାଂଶ ଦିନ ମୁଁ ସମସ୍ତଙ୍କୁ ମନେକରି କାନ୍ଦୁଥିଲି । ସେତେବେଳେ ସେ କହୁଥିଲେ, "ହଉ, ଚାଲ, ନାନାଙ୍କ ସହିତ ଟିକେ ଟେଲିଫୋନ୍‌ରେ କଥା ହୋଇଯାଅ । ତମ ମନ ଠିକ୍ ହେଇଯିବ ।" ଆଉ ସତକୁ ସତ ମୁଁ ନାନାଙ୍କ ସହିତ ଅଧଘଣ୍ଟା କଥା ହୋଇଗଲା ପରେ ମୋ ମନ ଖୁସୀ ହୋଇଯାଉଥିଲା । ଏବେ ମୋର ଦୁଇ ସନ୍ତାନ ଅନିଶା (ଝୁମ୍‌କି) ଏବଂ ଅର୍ଣ୍ଣବ ମୋ ପିଲାବେଳ କଥା ଶୁଣିବାକୁ ଭାରି ଭଲ ପାଆନ୍ତି । ନାନା ତାଙ୍କ ପିଲାବେଳ କଥା ଆମକୁ କହୁଥିଲେ ଓ ସେଥିରୁ ଆମକୁ ଅନେକ ଶିକ୍ଷା ମିଳୁଥିଲା । ମୁଁ ମଧ୍ୟ ଆଶା କରୁଅଛି ଯେ ମୋ ବାଲ୍ୟକାଳ, ନାନା ମାଁଙ୍କର ବଡ଼ପଣ ଏବଂ ଆମଭାଇ ଭଉଣୀଙ୍କ ସ୍ନେହ ଶ୍ରଦ୍ଧା ବିଷୟ ଶୁଣି ମୋ ପିଲାଙ୍କ ମନରେ କିଛିଟା Values ଜାଗ୍ରତ ହେବ । ପରିଶେଷରେ ତାଙ୍କ ପଦତଳେ ଏହା ମୋର ଭକ୍ତି ପୂତଶ୍ରଦ୍ଧାଞ୍ଜଳି ।

ସୁକୁମାର ମିଶ୍ର

ମୁଁ ନାନାଙ୍କ ବଡ଼ନାତି ରେଣୁ ମିଶ୍ରଙ୍କ ପୁଅ ମାଁ କହୁଥିଲେ, ମୋର ଜନ୍ମ ବେଳେ ନାନା ତାଙ୍କୁ ତୋ ପୁଅ ଗଣେଶ ହେବ ବୋଲି କହିଥିଲେ । ମୁଁ ଇଂଜିନିୟରିଙ୍ଗ ପାଠ ଶେଷ କରି ଇଉ.ସି.ଇ ବୁର୍ଲ୍ଲାରେ ଅଧ୍ୟାପକ ଭାବରେ ଚାକିରି କଲି । ଏଜୁକେସନ୍ ଲାଇନରେ ଥିବାରୁ ନାନାଙ୍କର ଆଉ ମୋର ଚାକିରି ନେଇ ବହୁତ କଥାବାର୍ତ୍ତା ହେଉଥିଲୁଁ । ତେଣୁ କଥା କଥାରେ ସେ ମୋତେ ସବୁବେଳେ ନିଜର ଚାକିରି ପ୍ରତି ଏବଂ ଶିକ୍ଷା ପଥରେ ଉନ୍ନତି କରିବା ପାଇଁ କହୁଥିଲେ । ମୁଁ ସବୁବେଳେ ଭାବୁଥିଲି ଯେ ଦିନେନା ଦିନେ ମୁଁ ମଧ୍ୟ ନାନାଙ୍କ ପରି Natitional Level ପୁରସ୍କାର ପାଇବି । ସେ ସମୟରେ ସେ ମତେ ସବୁବେଳେ ପି.ଏଚ୍.ଡ଼ି. କରିବା ପାଇଁ ପରାମର୍ଶ ଦେଉଥିଲେ । କାରଣ ସେ ବୋଧେ ଜାଣି ସାରିଥିଲେ ଯେ ପି.ଏଚ.ଡ଼ି. ର ଗବେଷଣା ଧୀରେ ଧୀରେ ମୋତେ ଗବେଷଣା ଲାଇନରେ ହିଁ ଆଗକୁ ନେଇ ପୁରସ୍କାର ପାଇବାରେ ସାହାଯ୍ୟ କରିବ । ଏପରିକି ସେ ସବୁବେଳେ ମୋ ସ୍ତ୍ରୀଙ୍କୁ ମଧ୍ୟ ମାମାଙ୍କ ପରି ତମକୁ ମଧ୍ୟ ବହୁତ ସେକ୍ରିଫାଇସ କରିବାକୁ ପଡ଼ିବ ବୋଲି କହୁଥିଲେ । ଆଜି

Digitized by srujanika@gmail.com

ମୋର ଡ଼କ୍ଟରେଟ୍ ଡ଼ିଗ୍ରୀ ପାଇବାର ଆଠବର୍ଷ ଏବଂ ଜାତୀୟ ସ୍ତରର ପୁରସ୍କାର INSA ଆଜି ପାଇବାପରେ ମୁଁ ଭାବେ ନାନାଙ୍କର ସେହି ଆଶୀର୍ବାଦରୁ ମୁଁ ଆଜି ବଞ୍ଚିତ । ମୋଜୀବନର ଏସବୁ ଖୁସୀରେ ସେ ସାମିଲ ନଥିଲେ ତଥାପି ପ୍ରତିମୁହୂର୍ତ୍ତରେ ମୁଁ ତାଙ୍କର ଖୁସୀ ଅନୁଭବ କରିପାରେ ଯାହାକି ଆଜି ମଧ୍ୟ ମୋର ପାଥେୟ । ମୁଁ ତାଙ୍କ ଚ଼ରଣ ତଳେ ଅର୍ପଣିକରୁଛି ମୋର ଭକ୍ତି ପୂର୍ଣ୍ଣ ଶ୍ରଦ୍ଧା ସୁମନ ।

ଶକୁନ୍ତଳା ମିଶ୍ର

ମୁଁ ଏହି ପରିବାରକୁ ଆସିଥିଲି ତାଙ୍କ ବଡ଼ ନାତିବୋହୂ ହୋଇ । ନାନାଙ୍କ ସାଙ୍ଗରେ ମୋର ସମ୍ପର୍କ ୯୬ ସାଲରୁ ତାଙ୍କ ନାତି ବୋହୂ ହେଲାପରେ ହେଲା । ଯଦିଓ ତାଙ୍କନାଁ ସାହିତ୍ୟିକ ଭାବରେ ଶୁଣିଥିଲି କିନ୍ତୁ ମୁଁ ଯେଦିନେ ତାଙ୍କ ନାତିବୋହୂ ହେବି ଭାବି ନଥିଲି । ୯୬ ଖ୍ରୀ: ରେ ନାନା ଯେତେବେଳେ ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଲେ ସେତେବେଳେ ମୋ ବାହାଘର ହେଇ ନଥିଲା । ଟିଭି.ରେ ତାଙ୍କ ପୁରସ୍କାର ଏନାଉନ୍‌ସ୍ ମେଣ୍ଟ ଶୁଣି ସମସ୍ତେ ମୋତେ ତୋ ଅଜା ଶ୍ୱଶୁରଙ୍କୁ ଦେଖିବୁ ଆ ବୋଲି ଡାକିଥିଲେ । ସେ ମୁହୂର୍ତ୍ତରେ ଟିଭିରେ ତାଙ୍କଛବି ଦେଖି ମନେ ମନେ ଗର୍ବ ଅନୁଭବ କରିଥିଲି ।

ତାପରେ ବାହାଘରର ପନ୍ଦର ଦିନ ପରେ ଭାରି ଭୟର ସହିତ ମୋର ପ୍ରଥମ ହାତରନ୍ଧା (ମୁଗମଣ୍ଡା) ନେଇ ତାଙ୍କ ପାଖକୁ ଯାଇଥିଲି । କାରଣ ମୁଁ ଶୁଣିଥିଲି ଯେ ନାନା ସବୁଖାଦ୍ୟର ସ୍ୱାଦ ନେଇ ଭାରି ପର୍ଟିକୁଲାର । ସେ ମୋହାତରୁ ମୁଗମଣ୍ଡାନେଇ ଯେତେବେଳେ ଖାଉଥିଲେ ମୁଁ ତାଙ୍କ ଆଖିରେ ତୃପ୍ତିର ଆଭା ଦେଖିପାରିଥିଲି । ଯଦିଓ ମୁଁ ସେମିତି ବହୁତ ଭଲ ରାନ୍ଧୁଣି ନୁହେଁ ତଥାପି ସେଦିନ ନାନା ଅନେକ ସ୍ନେହର ସହିତ ମୋ ହାତରନ୍ଧାର ପ୍ରଶଂସା କରିଥିଲେ ଏବଂ ମଦାଳିଆ ସ୍ୱରରେ କହିଥିଲେ ତମେତ ତମ ମାମାଙ୍କୁ ବି ଜିତିଯିବ । ତାପରେ ମୋର ପ୍ରଥମ ପୁଅ ହେଲାବେଳେ ଯେହେତୁ ମୁଁ ମାମାଙ୍କ ହାତରନ୍ଧା ବହୁତ ପସନ୍ଦ କରୁଥିଲି ମୋ ପାଖକୁ ପ୍ରତିଦିନ କିଛି କିଛି ପଠାଇଲା ପରେ ଯାଇ ନାନା ଖାଉଥିଲେ । ନାନା ମାମାଙ୍କର ସେହି ସ୍ନେହ ଅବର୍ଣ୍ଣନୀୟ । ତାଙ୍କପାଦ ତଳେ ନତମସ୍ତକ ହୋଇ ଅର୍ପଣ କରୁଛି ମୋର ସଭକ୍ତି ପୁଷ୍ପାଞ୍ଜଳି ।

Digitized by srujanika@gmail.com

ସୁଶ୍ରୀ ମିଶ୍ର

ମୋ ଅଜାଙ୍କୁ ଆମେ ସମସ୍ତେ ନାନା ବୋଲି ଡ଼ାକୁଥିଲୁଁ ନାନା ଶିକ୍ଷାବିତ୍ "ରୁଷୋ" ଙ୍କର ଶିକ୍ଷାଦାନ ପଦ୍ଧତି ପାଳନ କରୁଥିଲେ । ଗ୍ରୀଷ୍ମାବକାଶରେ ମୋ ପିତାମାତା ବିଭୂତି ଓ ରେଣୁଙ୍କ ଛୁଟୀ ହେଲେ ଆମେ ସମସ୍ତେ ନାନାଙ୍କ ଘରକୁ ଆସୁଥିଲୁଁ । ମୋର ଅନ୍ୟ ମାଉସୀ, ମଉସା ଓ ତାଙ୍କ ପୁତ୍ର କନ୍ୟା ମଧ୍ୟ ଆସୁଥିଲେ । ସମସ୍ତେ ସେ କିଛିଦିନ ଆନନ୍ଦରେ, ଏକତ୍ରିତ ସଙ୍ଗୀତ, ନାଟକ ଘର ମଧ୍ୟରେ ପରିବେଷଣ, ପଦ୍ୟାନ୍ତ, ଗଳ୍ପ କଥନ ଇତ୍ୟାଦି କରି ସମୟ ଅତିବାହିତ କରୁଥିଲୁଁ । ଖରାଦିନରେ ପ୍ରାୟ ବିଦ୍ୟୁତ୍ ସରବରାହ ରାତିରେ ବହୁତ ସମୟ ଧରି କଟାହୁଏ । ସମୟ ସଦ୍‌ବିନିଯୋଗ ଶିକ୍ଷା ସେ ଆମକୁ ଦେଉଥିଲେ । ସେହିପରି ସମୟରେ ନାନା ମଧ୍ୟ ତାଙ୍କର ଅନ୍ୟାନ୍ୟ ପାଠ ପ୍ରଭୃତି କାମ ବନ୍ଦ କରି ଆମ ଗହଣକୁ ଚାଲି ଆସନ୍ତି । ସେତେବେଳେ ସେ ଆମକୁ ନୀଳାକାଶର ଗ୍ରହ ନକ୍ଷତ୍ର ମଣ୍ଡଳ ଯଥା :- ଶୁକ୍ର, ମଙ୍ଗଳ, ଶନି, ବିଛା, ଧନୁ, କୁମ୍ଭ, କନ୍ୟା, କୃତ୍ତିକା, ଅରୁନ୍ଧତୀ, ଧ୍ରୁବ, କାଳପୁରୁଷ, ଛାୟାପଥ ଇତ୍ୟାଦିକୁ ଜଣ ଜଣ କରି ଚିହ୍ନାଇ ଦେଉଥିଲେ । ଫଳରେ ଆମେ ସମସ୍ତେ ବହୁତ ଖୁସୀ ହେଉଥିଲୁଁ ଆମେ ତଦ୍ ବିଷୟକ ଜ୍ଞାନ ଲାଭ କରି ସେସବୁକୁ ବର୍ତ୍ତମାନ ଆମ ପରିବାର ବର୍ଗଙ୍କୁ ଶିକ୍ଷା ଦେଉଛୁଁ । ଫଳରେ ତାଙ୍କର ପଣନାତି ନାତୁଣୀଙ୍କର ମଧ୍ୟ ୰ ନାନାଙ୍କ ବିଷୟ ସହ ପରିଚୟ ବଢ଼ିବା ସଙ୍ଗେ ସଙ୍ଗେ ଗ୍ରହନକ୍ଷତ୍ରାଦି ବିଷୟକ ଜ୍ଞାନ ଲାଭକରି ଆନନ୍ଦିତ ହେଉଛନ୍ତି ।

୧୯୮୬ ଖ୍ରୀ:ର କଥା । ସେତେବେଳେ ମୁଁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେଉଥିଲି । ପରୀକ୍ଷା ପ୍ରୋଗ୍ରାମ୍‌ରେ ଗୋଟିଏ ଦିନ ସଂସ୍କୃତ ପତ୍ର ପରୀକ୍ଷା ଥିଲା । ପରୀକ୍ଷା ପ୍ରଶ୍ନ ପତ୍ରରେ ବ୍ୟାକରଣ ପ୍ରଶ୍ନ ଆସିଥିଲା - ଦାନାର୍ଥେ ଚୁତୁର୍ଥୀ ବିଭକ୍ତିର ଏକ ଉଦାହରଣ ଦିଅ । ମୁଁ ନାନାଙ୍କର ବଡ଼ ନାତୁଣୀ 'ସୁଶ୍ରୀ' । ମୁଁ ମାଉସୀମାନଙ୍କର ବାହାଘର ବେଳେ କନ୍ୟାଦାନ ସମୟରେ ନାନା ଯେଉଁ ଶ୍ଳୋକ "କନ୍ୟାଂ ସାଭରଣାଂ ତୁଭ୍ୟମହଂ ସଂପ୍ରଦଦେ" କହୁଥିଲେ, ତାହା ଶୁଣିଥିଲି । ସେ ସମୟରେ ନାନା ଏତେ ଭାବ ପ୍ରବଣ ହୋଇ ଯାଉଥିଲେ ଯେ ତାଙ୍କ ଚକ୍ଷୁରୁ ଲୋତକ ବିନିର୍ଗତ ହୋଇ ଯାଉଥିଲା, କଣ୍ଠ ବାଷ୍ପରୁଦ୍ଧ ହୋଇ ଯାଉଥିଲା । ଫଳରେ, ସେତେବେଳେ ସେଠାରେ

Digitized by srujanika@gmail.com

ଉପସ୍ଥିତ ସମସ୍ତ ବ୍ୟକ୍ତି ଶୋକାପ୍ଲୁତ ହୋଇ ଯାଉଥିଲେ ।

ପରୀକ୍ଷା ହଲ୍‌ରେ ମୋର ନାନାଙ୍କର ସେହି କନ୍ୟାଦାନ ବେଳର 'ଶ୍ଳୋକଟି ମନେ ପଡ଼ିଗଲା ଏବଂ ମୁଁ ତାହା ମୋର ଉତ୍ତର ଖାତାରେ' ଦାନାର୍ଥେ ଚତୁର୍ଥୀ ପ୍ରଶ୍ନ' ର ଉତ୍ତର ରୂପେ ଲେଖିକରି ଘରକୁ ଆସିଲି । ପରୀକ୍ଷାରୁ ଆସି ନାନାଙ୍କୁ ତାହା କହିଲି । ସେ କହିଲେ - "ତା ହେଲେ ତୁମେ ପରୀକ୍ଷାରେ ଆମ କଥା ଠିକ୍ ଠିକ୍ ମନେ ପକାଇ ଲେଖି ଆସିଲ । ତୁମ ଉତ୍ତର ଠିକ୍ ମନେ ପକାଇ ଲେଖି ଆସିଲ । ତୁମ ଉତ୍ତର ଠିକ୍ ଅଛି । ତାଙ୍କର କଥା, କାର୍ଯ୍ୟାବଳୀ ସବୁଥିଲା ଜ୍ଞାନୋଦ୍ଦୀପ୍ତ ।

୧୯୯୬ ଖ୍ରୀ: ଜୁନ ମାସ ମୋର ପ୍ରଥମ ସ୍ୱପ୍ନ ସାକାର ହେଲା । ମୁଁ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଉଚ୍ଚ ଇଂରାଜୀ ବିଦ୍ୟାଳୟ ମୋଚିବାହାଲ ରେ Direct T.G.T. ଭାବରେ ଯୋଗଦାନ କଲି କିନ୍ତୁ ତା' ସହିତ ମୋର ଦ୍ୱିତୀୟ ସ୍ୱପ୍ନ (ମୁଁ ବାହା ହେବିନି) କୁ ସମ୍ଭବ କରିପାରିବା ର ଆଶା ବି ବଳବତ୍ତର ହେଉଥିଲା । ମୋର ଜ୍ଞାତ ଅଜ୍ଞାତ ରେ ମୋ ସ୍ୱପ୍ନ ବି ବଢିବାରେ ଲାଗିଥିଲା ।

୧୯୯୮ ଜାନୁୟାରୀ ତା: ୧୭ ହଠାତ୍ ମୋର ବାହାଘର ଠିକ୍ ହୋଇଗଲା ଖୋର୍ଦ୍ଧାର ଏମ୍.ବି.ଏ.ପାସ୍ କରିଥିବା ଶ୍ରୀଯୁକ୍ତ ମାନସ ପଣ୍ଡାଙ୍କ ସହିତ । ଏ ସ୍ଥାନରେ "ହଠାତ୍" ଶବ୍ଦ ବ୍ୟବହାର କରିବାର କାରଣ ସ୍ୱତନ୍ତ୍ର । ସେତେବେଳେ ମୁଁ ଥିଲି ଭୁବନେଶ୍ୱରର ମୋ ମାଉସୀ ଘରେ । ପ୍ରଥମ ସାକ୍ଷାତରେ ହିଁ ମୋଶାଶୁ ଶ୍ୱଶୁର ମୋତେ ମୁଦି ପିନ୍ଧାଇ ଦେଇ ବିବାହ ପାଇଁ ସମ୍ମତ ହୋଇଗଲେ । ଆଉ ମୁଁ କାନ୍ଦି କାନ୍ଦି ମୁଦି ପିନ୍ଧି ସମସ୍ତଙ୍କ ଆଶୀର୍ବାଦ ନେଲି । ସତ କହୁଛି । ମୁଁ କାହିଁକି କାନ୍ଦିଲି ସେ କାରଣ ମୋତେ ବି ଜଣା ନଥିଲା । କିନ୍ତୁ ମୁଁ କାନ୍ଦୁଥିଲି ଲଗାତାର ସାତ ଦିନ ଧରି । ମୁଦି ପିନ୍ଧାର ପରବର୍ତ୍ତୀ ଶନିବାର ପର୍ଯ୍ୟନ୍ତ ।

ପ୍ରାୟ ସବୁ ସପ୍ତାହ ପରି ମୋ ମାମାଙ୍କର (ଆଈଙ୍କ) ହାତରନ୍ଧା ଖାଇବି ବୋଲି ତାଙ୍କ ଘରେଯାଇ ପହଞ୍ଚିଲି । ଜାନୁୟାରୀ ତା: ୧୯ ଶନିବାର ଆଈଙ୍କ ସାଙ୍ଗରେ ଭୋଜନ କରିବା ସ୍ଥାନରେ ବସି ଗପୁଛି । ନାନା ଆସି ମୋ ପିଠି ଥାପୁଡ଼ାଇ କହିଲେ "ଆସ ଟିକେ କଥା ହେବା" । ନାନାଙ୍କ କଥାରେ କ'ଣ ସମ୍ମୋହନ ଥାଏ କେଜାଣି ତାଙ୍କ କଥା ମାନିବାକୁ ହିଁ ହୁଏ । ମୁଁ ତାଙ୍କ ପଛେ ପଛେ ଯାଇ ତାଙ୍କ କୋଠରୀ

Digitized by srujanika@gmail.com

ଦୁଆର ମୁହଁରେ ଠିଆ ହେଲି । ସେତେବେଳେ ମୁଁ କାନ୍ଦୁଛି । ମୁଁ ଜାଣିନି କାହିଁକି ? ମୋ ମନରେ ଅସଂଖ୍ୟ ପ୍ରଶ୍ନ, ଅସଂଖ୍ୟ ଭାବନା ।

ନାନାତାଙ୍କ ହାତ ଭିତରେ ମୋର ଗୋଟିଏ ହାତ ନେଇ ପିଠି ଥାପୁଡ଼ାଇ କହିଲେ "କ'ଣ ବାହା ହେବନି ବୋଲି କାନ୍ଦୁଛ ?" ମୁଁ ଅନେଇଲି ତାଙ୍କ ଚଷମା ପିନ୍ଧା ଆଖିକୁ, ଆଖି ଭିତରେ ଆଖିଏ ସ୍ନେହ । ମୁଁ ଆଶ୍ଚର୍ଯ୍ୟ ! ମୋ ଜାଣିବା ପୂର୍ବରୁ ମୋ ମନକଥା ସେ କେମିତି ଜାଣିଲେ । କ'ଣ ଭାବୁଛ ? ଆମେ ତୁମ ସମ୍ମତି ବିନା ତୁମକୁ ବାହା କରିଦେବୁ ? ତାଙ୍କ ଚଷମା ଫାଙ୍କରୁ ମୁଁ ଦେଖିଥିଲି ସେ ନିର୍ଣ୍ଣୟ କାରୀ କ୍ଷମତା । ମୁଁ ଜାଣିଛି ତୁମେ ଅବିବାହିତା ରହିବାକୁ ଚାହୁଁଛ । ହଠାତ ମୁଁ ଅନୁଭବ କଲି ତାଙ୍କର ପ୍ରତିଟି ପ୍ରଶ୍ନ ମୋତେ ମୋର ଭାବନା ର ଜାଲରୁ ବାହାରକୁ ଆଣୁଥିଲା । କିଛି ସମୟ ରହିଯାଇ ସେ କହିଲେ "ଆମେ ତୁମକୁ କିନ୍ତୁ ସେ କଥା କହିବାକୁ ଦେବୁନି । ମୁଁ ଅନୁଭବ କଲି ତାଙ୍କ ନିର୍ଣ୍ଣୟର ଦୃଢ଼ତା । ବର୍ତ୍ତମାନ ସେ ମୋତେ ସିଧା ସଳଖ ଦେଖିଲେ । ତାଙ୍କ ଆଖିରେ ବିଲୁହ । ମୋତେ ଛାତି ପାଖରେ ଧରିଥିଲେ । ତାଙ୍କ ଲୁହର ଉଷ୍ମତା ମୁଁ ବି ଅନୁଭବ କରୁଥିଲି । କହିଲେ "ମା, ବିବାହତ କରିବାକୁ ହେବ । ଏହା ତୁମର ସଂସାର ପ୍ରତି କର୍ତ୍ତବ୍ୟ । କିନ୍ତୁ ଯଦି ଏଇ ବ୍ୟକ୍ତିକୁ ତୁମର ପସନ୍ଦ ନାହିଁ ତାହେଲେ ତୁମ ସମ୍ମତି ବିନା ଏ ବିବାହ ହେବନି ।" ତାଙ୍କ ଛାତି ପାଖରେ ସେ ଦୃଢ଼ ଆଶ୍ୱାସନାର ସମସ୍ତ ଶବ୍ଦ ମୋର ବିବାହ ପାଇଁ ସମ୍ମତିର ଦ୍ୱାର ଖୋଲିଦେଇ ଥିଲା । ମୋର ସମସ୍ତ ପ୍ରଶ୍ନର ଉତ୍ତର ମୁଁ ପାଇଯାଇଥିଲି । ସେ କେବଳ ପିତା ଭାବରେ ନୁହେଁ ମାତାମହ ହୋଇବି ବିବାହରେ କନ୍ୟାର ମତାମତକୁ ପ୍ରାଧାନ୍ୟ ଦେଉଥିଲେ । ସେ ଦିନ ମୋଜୀବନର ସବୁଠୁ ଗମ୍ଭୀର ନିର୍ଣ୍ଣୟ କୁ ସେ ସୁଖଦ କରିଦେଇଥିଲେ । ଆଜି ଦଶବର୍ଷର ସୁଖମୟ ଦାମ୍ପତ୍ୟ ନୀଡ଼ରେ ତାଙ୍କର ଆଶୀର୍ବାଦ ପଦେ ପଦେ ଅନୁଭୂତ । ତାଙ୍କ ପଦତଳେ ମୋର ଭକ୍ତି ପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ।

ଶୋଭନ କୁମାର ମିଶ୍ର

ମୁଁ ଶୋଭନ କୁମାର ମିଶ୍ର । ମୁଁ ୵ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା (ନାନା) ଙ୍କ ଦୁଇ ନମ୍ବର ନାତି । ମୋର ପିତା ଡ଼ : ବିଭୂତି ଭୂଷଣ ମିଶ୍ର ନାନାଙ୍କର ଜ୍ୟେଷ୍ଠ ଜାମାତା

Digitized by srujanika@gmail.com

ଏବଂ ମାତା ଡ଼ଃ ଶ୍ରୀମତୀ ରେଣୁ ମିଶ୍ର, ତାଙ୍କର ଜ୍ୟେଷ୍ଠ କନ୍ୟା । ମୋ ମାଁ କହୁଥିଲେ - ମୁଁ କୁଆଡ଼େ ଜନ୍ମ ହେବା ସମୟରେ ତୋପାଂଗୋରା୍ ହୋଇ ବହୁତ ସୁନ୍ଦର ଦେଖାଯାଉଥିଲି । ସେତେବେଳେ ମୋତେ ଦେଖି ମୋ ନାନା ମୋର ନାମ ରଖିଥିଲେ କୁଏଲ । ତାପରେ ନାମକରଣ କଲେ ଶୋଭନ । ନାନା ମୋତେ ସବୁବେଳେ କିନ୍ତୁ 'ଭାୟା' ବୋଲି ଡାକନ୍ତି ।

ଆମ ଘର ତାଙ୍କ ଘରକୁ ଲାଗି କରି ରହିଥିଲା । ୧୯୮୫ଖ୍ରୀ:ରେ ମୋ ମାଁ ବଲାଙ୍ଗିର ମହିଳା ମହାବିଦ୍ୟାଳୟ ରୁ ବଦଳି ହୋଇ ସମ୍ବଲପୁର ମହିଳା ମହାବିଦ୍ୟାଳୟରେ ଯୋଗଦାନ କଲେ । ସେତେବେଳେ ଆମେ ସମସ୍ତେ ଆମଘରେ ରହିଲୁଁ । ନାନାଙ୍କ ଘରେ ଥାନ୍ତି ମାମା ଆଣ୍ଟି (ମାଉସୀ) ମାନେ ଓ ମାମୁଁ । ପୂଜା ବେଳେ ଅନ୍ୟ ଆଣ୍ଟିମାନେ ଓ ତାଙ୍କ ପୁଅଝିଅ ସମସ୍ତେ ସେଠାରେ ଏକତ୍ରିତ ହେଉଁ ଓ ବହୁତ ମଜା କରୁଁ । ନାନା ମାମା ଆମ ସମସ୍ତଙ୍କୁ ରିକ୍ସା ୪/୫ଟା ଭଡାକରି ସାଙ୍ଗରେ ନେଇ ସମ୍ବଲପୁରର ଦୁର୍ଗା ମେଢ଼ ସବୁ ଦେଖାଇ ନେଉଥିଲେ । ପୂଜାଛୁଟୀ, ଗ୍ରୀଷ୍ମଛୁଟୀ ଇତ୍ୟାଦି ବେଳେ ଆମେ ତାଙ୍କର ନାତିନାତୁଣୀ ସମସ୍ତେ ମିଶି ଗୀତ, ନାଚ, ଛୋଟ ନାଟକ ଇତ୍ୟାଦି ମିଶାଇ Variety Entertainment କରୁଥିଲୁଁ । ସେଥିରେ ମୁଖ୍ୟ ଅତିଥି ଓ ବିଚାର ପତି ହୁଅନ୍ତି ନାନା । ସମସ୍ତଙ୍କୁ ଚକଲେଟ୍ ଓ ଜଳଖିଆଦିଆ ଯାଉଥିଲା । ବିବିଧ ବିନୋଦନର ଉପକାରିତା, ଆବଶ୍ୟକତା ଇତ୍ୟାଦି ବିଷୟରେ ନାନା ଭାଷଣ ଦେଉଥିଲେ । ସର୍ବଶ୍ରେଷ୍ଠ ପରିବେଷଣକାରୀଙ୍କୁ ନାନା ପୁରସ୍କାର ଦେଉଥିଲେ ଓ ତାହା ଅଂଶୀଦାରମାନଙ୍କ ମଧ୍ୟରେ ବଣ୍ଟନ କରିବା ପାଇଁ କହୁଥିଲେ ।

କ୍ରମେ ତାଙ୍କର ଶରୀର ଅସୁସ୍ଥତା ଆଡ଼କୁ ଗତିକଲା । ମଝିରେ ମଝିରେ ଔଷଧ ଆଣିଦେବା ପାଇଁ ମୋତେ କହୁଥିଲେ । ତାଙ୍କ ଡାକ ମୋତେ ବହୁତ ମୁଗ୍ଧ କରିଦେଉଥିଲା । କୋମଳ ମଧୁର ଭାବରେ ସେ କହୁଥିଲେ "ଭାୟା, ମୋ ପାଇଁ ଏ ଔଷଧ ଟା ଆଣିଦେବ ? ଏଚିଠିଟି ଡ଼ାକବାକ୍ସରେ ଗଳାଇ ଦେବ ? ମୁଁ ଯାଇତାଙ୍କ କଥାନୁସାରେ ସାଙ୍ଗେ ସାଙ୍ଗେ ଉକ୍ତ କାମ ସବୁ କରି ଦେଉଥିଲି ।

ଯେତେବେଳେ ତା:୨୯ ରାତିରେ ତାଙ୍କର ଅସୁସ୍ଥତା ବିଶେଷ ଭାବରେ ଅବନତି ଆଡ଼କୁ ଗତିକଲା ମୋର ଆଣ୍ଟିମାନେ ଆମକୁ ଫୋନ କରିଦେଲେ । କାରଣ

Digitized by srujanika@gmail.com

ଆମ ଘରର ସମସ୍ତେ ମୋର ନାନୀ ସୁଶ୍ରୀ ମିଶ୍ରର ପ୍ରଥମ କନ୍ୟାସନ୍ତାନର ଜନ୍ମନେଇ ବ୍ୟସ୍ତରହି କଟକକୁ ଯାଇପାରି ନଥିଲୁଁ। ଫୋନ୍ ପାଇ, ମୁଁ ଓ ମାଁ ଦୁହେଁ କଟକକୁ ଗଲୁଁ। ସେଠାରେ ପହଞ୍ଚିଲା ବେଳକୁ ନାନା ଆମ ସମସ୍ତଙ୍କୁ ଛାଡ଼ି ଚାଲି ଯାଇଥିଲେ କେଉଁ ଅଜଣା ଅଶୁଣା ଅଦେଖା ରାଇଜକୁ। କେବଳ ପଡ଼ିରହିଥିଲା ତାଙ୍କର ମରଶରୀର।

ତାର ସଂସ୍କାର କରିବାଲାଗି ଯେତେବେଳେ ତାଙ୍କୁ ଜଗନ୍ନାଥଙ୍କ କ୍ଷେତ୍ରର ସ୍ୱର୍ଗ ଦ୍ୱାରକୁ ନିଆ ହେଲା ସେତେବେଳେ ନାତିମାନଙ୍କ ମଧ୍ୟରୁ ଏକୁଟିଆ କେବଳ ମୁଁ ଅନ୍ୟମାନଙ୍କ ସହ ଯାଇଥିଲି। ତାଙ୍କର ସେହି ଶେଷ ଦର୍ଶନ ମୋର ସୌଭାଗ୍ୟଥିଲା। ସେଠାରେ ତାଙ୍କର ଅନ୍ତିମ ସଂସ୍କାର ଶେଷ ହେବାପରେ ଆମେ ତାଙ୍କର ସମ୍ବଲପୁର ଘରକୁ ଫେରିଲୁଁ। ପରିଶେଷରେ ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ମୁଁ ଏହିକ୍ଷୁଦ୍ର ପୁଷ୍ପ ଅର୍ପଣ କରି ଗଭୀର ନିବେଦନ କରୁଛି।

ସ୍ୱସ୍ତି ମିଶ୍ର

ମୁଁ ସ୍ୱସ୍ତି ମିଶ୍ର, ସ୍ୱର୍ଗତଃ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କର ନାତୁଣୀ ଏବଂ ଡ଼. B.B. MISHRA ତଥା Renu Mishra ଙ୍କର ସାନ ଝିଅ। ନାନା ମୋତେ ଡ଼ାକୁଥିଲେ "ହନି ବାବୁ"।

ନାନାଙ୍କ ଜୀବନୀ ଲେଖୁଛି ବୋଲି ମାଁ ମୋତେ ଫୋନ ରେ କହିଲେ। କହିଲେ ତାଙ୍କ ବିଷୟରେ ତୁମ ମାନଙ୍କର ମନ କଥା ମଧ୍ୟ ବହିରେ ଛପା ହେବ। ତେଣୁ ତୁମେ ମାନେ ମଧ୍ୟ ଲେଖି ପଠାଅ।

ନାନାଙ୍କ ସହିତ ବିତେଇ ଥିବା ଗୁଡ଼ାଏ ସମୟ ମଧ୍ୟରୁ କିଛିଟା ଘଟଣା। ମନରୁ ଭୁଲି ହେଉ ନାହିଁ। ଏବେ ମଧ୍ୟ ଲେଖିଲା ବେଳେ ତାଙ୍କ ଚେହେରାଟା ଓ ତାଙ୍କର ସେହି ଭାଷା ଏବଂ ସେହି କଥା କହିବାର ଶୈଳୀ ଆଖିରେ ଝଲସି ଉଠୁଛି।

ନାନାଙ୍କର ତ ସବୁ ବିଷୟରେ ପାଣ୍ଡିତ୍ୟ ଥିଲା। ସେ ଜଣେ ହୋମିଓ ପ୍ୟାଥି ଚିକିତ୍ସକ ଏବଂ ଜ୍ୟୋତିଷ ମଧ୍ୟ ଥିଲେ। ହୋମିଓପ୍ୟାଥି ଖୋଲି ଖାଇବାର ମଜା ପାଇଁ ହିଁ ଟିକେ କିଛି ଦେହ ଅସୁସ୍ଥ ଲାଗିଲେ ମା, ବାପାଙ୍କୁ କହିବା ପୂର୍ବରୁ ମୁଁ ପହଞ୍ଚି ଯାଉଥିଲି ନାନାଙ୍କ ପାଖରେ।

Digitized by srujanika@gmail.com

ନାନା ଯେତେବେଳେ ଖୁସୀ ଗଳ୍ପ କରିବା ମିଜାଜ୍‌ରେ ରହୁଥିଲେ ଆମେ ନାନାଙ୍କୁ ଆମର ଭବିଷ୍ୟତ ବତାଅ ବୋଲି କହୁଥିଲୁ । ଏପରିକି ମୋର ଜଣେ ଦୁଇଜଣ ସାଙ୍ଗ ମଧ୍ୟ ଆସୁଥିଲେ । ନାନା ସେତେବେଳେ ଭାରି ମଜା ମଜା କଥା କହି ଆମକୁ ଖୁସୀ କରି ଦେଉଥିଲେ । କିନ୍ତୁ ଜୀବନରେ ଦୁଇଟା ଘଟଣାର ସମ୍ମୁଖୀନ ହେଲା ପରେ ଜାଣିପାରିଲି ନାନାଙ୍କର ଜ୍ୟୋତିଷ ଶାସ୍ତ୍ରର ଜ୍ଞାନ କେତେ ଦୃଢ଼ ଥିଲା ।

୧୯୯୯ ମସିହା ସେପ୍‌ଟେମ୍ବର ମାସରେ ମୋର ବିବାହର ପ୍ରସ୍ତାବ ଆସିଥିଲା । ସେତେବେଳେ ମୁଁ ଏମ୍.ବି.ଏ ପଢୁଥିଲି । ଆମ ଘରର ସମସ୍ତଙ୍କର ଜାତକ ମେଳକ ନାନାହିଁ କରୁଥିଲେ । ମାମା ରନ୍ଧାଘରେ ରୁଟି କରୁଥିଲେ ଏବଂ ମୁଁ ତାଙ୍କ ପାଖରେ ବସିଥିଲି । ନାନା ଆସି କହିଲେ "ବୁଝିଲ ମାମା ବାବୁ, ହନି ବାବୁଙ୍କର ଉଡ଼ିବା ସମୟ ଆସିଗଲା ।"

ସେତେବେଳେ ସେ ମୋର ଏବଂ ମୋ ସ୍ୱାମୀ ରାଉରକେଲା ନିବାସୀ ଙତପନ ଦାସଙ୍କର ଜାତକ ମେଳକ କରି ସାରିଥିଲେ ।

ନାନା କହିଲେ, ସେ ଆଉ ବେଶୀ ଦିନ ଆମ ପାଖରେ ରହିବେନି । ମାମା କହିଲେ "ଆରେ ତା'ର ତ ପାଠ ସରିନି" । ନାନା କହିଲେ ନା,ନା ଏଥର ଆଉ ଏଡ଼ାଯାଇ ପାରିବନି, ଅତିଶୀଘ୍ର ତାଙ୍କର ବିବାହ ଯୋଗ ଆସୁଛି । ପରେ କହିଲେ ତମ ଜାତକ କହୁଛି ତମ ପାଠ ଅସମ୍ପୂର୍ଣ୍ଣ ରହିବନି । ସତକୁ ସତ ସେଇଠି ମୋର ବାହାଘର ଠିକ୍ ହେଲା ଏବଂ ମୋର ଶ୍ୱଶୁର ବିବାହ ପରେ ମଧ୍ୟ ମୋର MBA ପାଠ ସମ୍ପୂର୍ଣ୍ଣ କରିପାରି ବି ବୋଲି ଅନୁମତି ଦେଇଥିଲେ । ପରେ ମୋର ସ୍ୱମୀଙ୍କ ସମ୍ପୂର୍ଣ୍ଣ ସହଯୋଗରେ ମୁଁ ଏମ୍.ବି.ଏ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲି ଏବଂ ନାନାଙ୍କ ଜାତକ ଗଣନାନୁଯାୟୀ ଭବିଷ୍ୟତ ବାଣୀ ମଧ୍ୟ ସତ୍ୟ ହୋଇଥିଲା ।

୧୯୯୯ ଅକ୍ଟୋବର ମାସରେ ମୋର ନିର୍ବନ୍ଧ ହୋଇଯାଇଥିଲା ଏବଂ ପ୍ରାୟ ନଭେମ୍ବର ଆରମ୍ଭରେ ନାନା ଖୁବ୍ ଯୋର୍‌ରେ ଅସୁସ୍ଥ ହୋଇ ପଡ଼ିଥିଲେ । ଯେତେବେଳେ ନାନାଙ୍କୁ ଚିକିତ୍ସା କରିବା ପାଇଁ କଟକ ନିଆ ଯାଉଥିଲା ଆମେ ସମସ୍ତେ ତାଙ୍କୁ ଦେଖା କରି ଆସିଥିଲୁ । ସେତେବେଳେ ମୋର ବିବାହ ଜାନୁୟାରୀ ତା: ୧୮/ ୨୦୦୦ ରେ ହେବ ବୋଲି ସ୍ଥିରୀକୃତ ହୋଇ ଯାଇଥିଲା ।

Digitized by srujanika@gmail.com

ମୁଁ, ନାନୀ ଆମେ ସମସ୍ତେ ବସିଥିଲୁ । ନାନା କହିଲେ "ହନି ବାବୁଙ୍କର ବାହାଘର ଦେଖିବା ଆମର ସୌଭାଗ୍ୟ ନାହିଁ । ଆମେ ଏଥର ଉକ୍ତ ଉତ୍ସବରେ ଯୋଗଦେଇ ପାରିବୁନି । ଏଠି ସେ ଯେ "ଆମେ" ଶବ୍ଦଟାକୁ ମୁଁ ରେ କହୁଥିଲେ ତାହା ଆମେ କେହି ବୁଝି ପାରି ନଥିଲୁ । ସତକୁ ସତ ସେ ଯୋଉ କଟକ ଗଲେ ଆଉ ଫେରିଲେ ନାହିଁ ।

ପରେ ଆମେ ହୃଦୟଙ୍ଗମ କରି ପାରିଲୁ ଯେ ସେ ନିଜର ମୃତ୍ୟୁ ବିଷୟ ନିଜ ଜାତକ ଦେଖିକି ଜାଣି ସାରିଥିଲେ ।

ଆମ ନାନା ଓ ମାମା ଉଭୟ ଝିଅ ମାନଙ୍କର ପାଠ ପଢ଼ାକୁ ଖୁବ୍ ସମର୍ଥନ କରୁଥିଲେ । ଯେତେବେଳେ ପରୀକ୍ଷା ଦେଇ ଯିବା ପୂର୍ବରୁ ମୁଁ ମାମାଙ୍କ ପାଦ ଛୁଇଁ ନମସ୍କାର କରୁଥିଲି, ମାମା କହୁଥିଲେ ପ୍ରଥମ ସ୍ଥାନ ପାଅଓ ଗୋଟେ ଭଲବର ଆସି ନେଇଯାଉ ।

ଯେତେବେଳେ ମୋର Graduation ର Result ବାହାରି ଥିଲା, ମୁଁ ନାନାଙ୍କୁ ପ୍ରଣାମ କରିଥିଲି, ନାନା ମୋର ମୁଣ୍ଡରେ ହାତ ଦେଇଥିଲେ ଏବଂ ପିଠି ଥାପୁଡ଼େଇ ଦେଇ କହିଥିଲେ "ବୁଝିଲ ହନି ବାବୁ ଆମ ପାଖରେ କେବଳ ଗୋଟିଏ ସମ୍ପତ୍ତି ଅଛି, ତାହାହେଲା "ବିଦ୍ୟାରତ୍ନ ।" ଆଉ ବିଦ୍ୟାଧନରେ ଧନୀ ଲୋକ ସର୍ବଦା ସୁଖୀ ଅଟନ୍ତି ।

ନାନା ଯେ କେବଳ ଆମକୁ ପାଠ ପଢ଼ା ପାଇଁ Encourage କରୁଥିଲେ ତା ନୁହେଁ । ସେ ଆମ ସାଙ୍ଗରେ ଖେଳୁ ମଧଥିଲେ । ସେ ହେଲେ ଆମର ତାସ ଖେଳର ସାଙ୍ଗ । ସେ ଆମ ମାନଙ୍କୁ ବ୍ରିଜ୍ ଖେଳ ଶିଖାଇ ଥିଲେ । ଯେତେବେଳେ Vacation ରେ ସମସ୍ତେ (ନାତି ନାତୁଣୀ) ମିଶୁଥିଲୁ ସେତେବେଳେ ଆମ ସହିତ ସେ ବ୍ରିଜ୍ ଏବଂ Twenty nine ଖେଳୁଥିଲେ ଏବଂ ସବୁ tricks ମଧ୍ୟ ଶିଖାଉଥିଲେ ।

ନାନା ଆମର Diary ମଧ୍ୟ ଲେଖୁଥିଲେ । ଦିନେ ନାନାଙ୍କ ସହ ବସି କଥା ବାର୍ତ୍ତା ହେଲା ବେଳକୁ, ମୁଁ ନାନାଙ୍କୁ କହିଥିଲି "ନାନା ଗୋ, ମୋତେ ବି Diary ଲେଖିବାକୁ ଭଲ ଲାଗେ । କିନ୍ତୁ ମୋତେ time ହୁଏନି ଏବଂ daily ଲେଖିବାକୁ ଇଚ୍ଛା ହଉନି । ସେ ମୋତେ ବୁଝାଇଥିଲେ ଯେ, "ତୁମକୁ କିଏ କହିଲାଯେ diary ଲେଖିବା ଗୋଟେ routine ର କାମ । ନିୟମ କଲା ଭଳି ସବୁଦିନ ନିଶ୍ଚୟ diary

Digitized by srujanika@gmail.com

ରେ କିଛି ଲେଖିବି ବୋଲି ଭାବିବା ଭୁଲ୍ ଧାରଣା । କ'ଣ ସବୁଦିନ ତୁମ ଜୀବନରେ କିଛି ନୂଆ ଘଟଣା ଘଟୁଛି ? ଯେଉଁ ଦିନ ତୁମକୁ ଲାଗିବ କି ଆଜି ଏକ ମହତ୍ତ୍ୱପୂର୍ଣ୍ଣ ଦିନ, ସେ ଦିନ ର feelings ଟାକୁ ଲେଖି ପକାଅ । Suppose ଗୋଟେ କୌଣସି ଏକ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଦେଖା ହେଲା । ତା'ହା ସେଇ Date ଦେଇ ଘଟଣା ଟାକୁ ବର୍ଣ୍ଣନା କରି ଲେଖି ପକାଅ ।

ନାନାଙ୍କର ଏମିତି ଏକ ବାର୍ତ୍ତାଳାପ ପରେ ମୁଁ ମୋର ଡାଏରୀ ଲେଖିବା ଆରମ୍ଭ କରି ଦେଇଥିଲି । ଏବେବି କୌଣସି କାରଣରୁ ମନ ବ୍ୟସ୍ତ ଲାଗୁଥିଲେ ମୁଁ ଡାଏରୀ ଲେଖିବା ପାଇଁ ବସିପଡ଼େଁ । ତାହା ହେଲେ ସବୁ ଏଣୁତେଣୁ ଭାବନା ଓ ମନ ଦୁଃଖ ବାହାରି ଯାଏ ଲେଖାରେ ଏବଂ ମନଟା ହାଲୁକା ଲାଗେ ।

ନାନାଙ୍କ ପାଖରୁ ପାଇଥିବା ଏହି ଡାଏରୀ ଲେଖା ପ୍ରେରଣା ଟା ଆଜିକାର ଏଇ ବ୍ୟସ୍ତତା, ଚିନ୍ତାପୂର୍ଣ୍ଣ ଦୁନିଆରେ ଖୁସି ରହିବାରେ ମୋତେ ଖୁବ୍ ସାହାଯ୍ୟ କରୁଛି । ପରିଶେଷରେ ତାଙ୍କ ପ୍ରତି ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

କୁନାଲଗୌରବ ପାଣିଗ୍ରାହୀ

ନାନା । ସେ ଆଜି ଆମ ଗହଣରେ ନାହାନ୍ତି । ଏତେ ବଡ଼ ବ୍ୟକ୍ତିତ୍ୱ କିନ୍ତୁ ଆମ ନାତି ନାତୁଣୀ ମାନଙ୍କ ପାଇଁ ସେ ଆଦର୍ଶ ଅଜା । ଦଶହରା ଛୁଟିରେ ଆମେ ଯେତେ ବେଳେ ସମସ୍ତେ ଜମା ହେଉଥିଲୁ ଭାଇ ଜିଉନ୍ତିଆ ବା ଦୁର୍ଗାଷ୍ଟମୀ ପରେ ଆମେ ପିଲାମାନେ ନାଚଗୀତ କରୁ । ମୋ ମା (ମାମା) ସମସ୍ତଙ୍କୁ ଡ୍ରାମା, ଶିଖାନ୍ତି । ଆମେ ସମସ୍ତେ ନାଚ ଗୀତ କରୁଁ । ନାନା ମାମା ଆଉ ଅନ୍ୟ ସମସ୍ତେ ଥିଲେ ଆମ ଦର୍ଶକ । ସମସ୍ତଙ୍କର Inspiration ଥିଲେ ସିଏ । ସେ ହସି ହସି ଧୈର୍ଯ୍ୟ ସହ ଆମ Programme ଦେଖନ୍ତି । ତାପରେ ଟଙ୍କା ଦିଅନ୍ତି Chocolate ଖାଇବା ପାଇଁ । ସତରେ ସେଥିରେ କି ଆନନ୍ଦ ଆମ ସମସ୍ତଙ୍କର ।

ମୋତେ ଗର୍ବ ଲାଗେ ନାନା ମୋ ନାଁ 'କୁନାଳ' ଦେଇଥିଲେ । ମୋ ଜନ୍ମଦିନ 14th Nov. ଜବାହାର ଲାଲ ନେହେରୁ ଙ୍କ ଜନ୍ମଦିନରେ । ମାମା କିନ୍ତୁ ତାଙ୍କ ଅଭ୍ୟାସ ମତେ ସେ ଯେତେବେଳେ ମୋ ଜାତକ ତିଆରିକଲେ 'କ' ଅକ୍ଷର ର ନାମ

Digitized by srujanika@gmail.com

ବାହାରିଲା । ଆଉ ସାଙ୍ଗେ ସାଙ୍ଗେ ନାନା 'କୁନାଳ' ଦବା ବୋଲି କହିଲେ ଓ 'କୁନାଳ' ଙ୍କ ପିତୃଭକ୍ତିର ଉଦାହରଣ ଦେଇଥିଲେ । ତେଣୁ ନାନା ମୋତେ ସବୁ ବେଳେ 'କୁନାଳ' ବୋଲି ଡାକନ୍ତି କିନ୍ତୁ ଅନ୍ୟ ମାନେ ମୋତେ କୁନାଲ୍ ବୋଲି ଡାକନ୍ତି । ନାନାଙ୍କ ସାଙ୍ଗରେ ସେଇ 'କୁନାଳ' ଡାକ ସବୁଦିନ ପାଇଁ ଚାଲିଗଲା ଓ ମୁଁ କୁନାଲ୍ ହେଇଗଲି ।

୧୯୮୭ ମସିହା କଥା । ମନେ ପଡ଼ିଗଲେ ଏବେ ବି ମୋର ରୋମ ଟାଙ୍କୁରି ଉଠେ । ପାପା ଶରତ୍ ପାଣିଗ୍ରାହୀ ଖଡ଼ଗ୍‌ପୁର ରେ M.Tech ପଢ଼ିବା ପାଇଁ ଯାଇଥାନ୍ତି । ଖରାଛୁଟୀ ମାମା (ଝୁଲୁ) ଓ ମୁଁ ଖଡ଼ଗପୁରରୁ କଟକ ଜ୍ୟୋତି ଆଣ୍ଟିଙ୍କ ଘରକୁ ଆସିଲୁ ନାନା ସମ୍ବଲପୁରରୁ ଆସିଥାନ୍ତି । ତେଣୁ ସମସ୍ତେ ମିଶି ଆମେ ପୁରୀ ବାହାରିଲୁ, ନାନା, ପଞ୍ଚାନନ ମଉସା, ଜ୍ୟୋତି ଆଣ୍ଟି, ବାବୁନ ଭାଇନା, ସୁବୁନ୍ ଭାଇନା, ମାମା ଓ ମୁଁ । ମୁଁ ସବୁଠୁ ଛୋଟ । ପୁରୀ ଠାକୁର ଦେଖା ଠାରୁ ସମୁଦ୍ର ଦେଖିବାର ଆନନ୍ଦ ମୋର ବେଶୀଥିଲା । ପ୍ରଥମେ ଠାକୁର ଦର୍ଶନ ସରିଲା ସମସ୍ତେ ସମୁଦ୍ର କୂଳକୁ ଗଲୁ । ପଞ୍ଚାନନ ମଉସାଙ୍କୁ ଛାଡ଼ି ନାନାଙ୍କ ସହିତ ଆମେ ସମସ୍ତେ ସମୁଦ୍ର ଢେଉ ସାଙ୍ଗେ ବହୁତ ଖେଳିଲୁ । ମତେ ତ ଡର ଲାଗୁନଥାଏ । ତେଣୁ ନାନାଙ୍କ ହାତଧରି ମୁଁ ବେଶ୍ ଭିତରକୁ ଯାଇଥାଏ । ସମସ୍ତେ ଆମେ ଅଧା ଅଧା ଭିଜିଯାଇ ଥାଉ । ପ୍ରାୟ ଘଣ୍ଟେ ପରେ ଆମେ ସମସ୍ତେ ଗାଡ଼ି ପାଖକୁ ଆସିଲୁ । ମୁଁ, ମାମା, ଆଣ୍ଟି ଓ ବାବୁନ ଭାଇନା ପଛରେ ବସିଗଲୁ । ମୁଁ, ଝରକା ପାଖରେ ବସିଥାଏ । ନାନା ତାଙ୍କ ହାତ ଗାଡ଼ିର କବାଟ ଯୋଉଠି ଲାଗିବ ସେଇଠି ରଖି ବସିବାକୁ ଯିବାବେଳେ ମୁଁ ଗାଡିର ପଛ Door କୁ ବନ୍ଦ କରିଦେଲି ଓ Door ଟା ନାନାଙ୍କ ହାତ ଆଙ୍ଗୁଠିରେ କୁଟି ହୋଇଗଲା । କି ଯନ୍ତ୍ରଣା ହେଇଥିବ ମୁଁ ବର୍ତ୍ତମାନ ଅନୁମାନ କରିପାରୁଛି । କିନ୍ତୁ ଆମ ନାନା ନିର୍ବିକାର । ସତେ ଯେମିତି କିଛି ହେଇନି । କେବଳ ଥରେ 'ଓ ହୋ' ବୋଲି କହିଲେ । ତାପରେ ମତେ ବୁଝେଇ ବସିଲେ । କାରଣ ତାଙ୍କ ହାତ ଛେଚିହେଲା । ଅଥଚ କାନ୍ଦିଲି ମୁଁ । ଏବେ ଭାବୁଚି ସେ କେତେ ସହିଷ୍ଣୁ ଥିଲେ । ମତେ ଟିକେବି ଗାଳି ଦେଲେନି । ମାମା ଗାଳିଦେଲା । ସେ ଓଲଟି ମାମାକୁ ବୁଝେଇ ଲେ । "ପିଲାଲୋକ, ସେ କ'ଣ ଜାଣିକି Door ଟା ବନ୍ଦ କରିଦେଲା । ତା'କୁ କିଛି କହନି । ଘରେ ପହଞ୍ଚିଲେ 'Arnicamont' ଲଗେଇ ଦେବି । ଭଲ ହୋଇ

Digitized by srujanika@gmail.com

ଯିବ ।" ସମସ୍ତେ ଚୁପଚାପ୍ ହୋଇଗଲୁ, କିନ୍ତୁ ନାନା ସେ କଷ୍ଟ ଭୁଲିଗଲେ ଯେମିତି । ଅନ୍ୟାନ୍ୟ ଗପ ବିଭିନ୍ନ କଥା ସବୁ ରାସ୍ତାଯାକ କହି ଆମ ମନ ଭୁଲାଉ ଥିଲେ ସିଏ । କଟକ ଆସି ଦେଖିଲୁ। ବୁଢ଼ା ଆଙ୍ଗୁଠିଟା ପୂରା ଛେଚି ହୋଇଯାଇଥାଏ । ନାନା ଆସି ଔଷଧ ଲଗାଇବା ବେଳେ ମୋତେ ଡାକି ତାଙ୍କ ପାଖରେ ବସାଇଲେ । ମୁଁ କିନ୍ତୁ ପୂରା ଡରି ଯାଇଥାଏଁ ।

ଏଇ ଘଟଣାଟି ମୋର ମନରେପୂରା ଚିତ୍ର ପରି ରହିଯାଇଛି । ଛୁଞ୍ଚିଟିଏ ଫୋଡ଼ି ହେଇ ଗଲେ ଆମ ପାଇଁ ଅସହ୍ୟ । କିନ୍ତୁ ଏତେ କଷ୍ଟରେ ବି ତାଙ୍କ ମୁହଁରୁ ସେହସ ଲିଭି ନଥିଲା । ଛୋଟ ପିଲାହେଇ ଥିଲେ ବି ତାଙ୍କ ଭଳିଆ ହବାପାଇଁ ବୋଧେ ମୋମନ ସବୁ ବେଳେ ଚାହୁଁଥିଲା । ସେଥିଲେ ମୋ ପାଇଁ ସବୁଠୁ ଆଦର୍ଶ ବ୍ୟକ୍ତିତ୍ୱ । ସାନ ମାଉସୀ (ଲିଟିଲ୍ ଆଣ୍ଟି)ଙ୍କ ବାହାଘର ବେଳେ ମତେ ପ୍ରାୟ ୧୦ ବର୍ଷ । ପାପା ମାମାଙ୍କ ସାଙ୍ଗେ ଆମେ ନାନାଙ୍କର ଜଣେବନ୍ଧୁଙ୍କ ଘରକୁ Invitation Card ଦେବାପାଇଁ ଯାଇଥାଉଁ । ସେଠି ସେ ମଉସା ମୋତେ ଦେଖିକି କହିଲେ "ବାବୁର କପାଳଟା ପୂରା Sir ଙ୍କ ପରି ହେଇଛି ।" ମୁଁ ବହୁତ ଖୁସୀ ହୋଇ ଯାଇଥିଲି ।

ଆଜି ମୁଁ ଆମେରିକାରେ । ନାନା ଥିଲେ କେତେ ଖୁସି ହେଇ ଥାନ୍ତେ । ମୁଁ Engineering ରେ admission ନେଲା ବେଳକୁ ଆଉ ନାନା ନାହାନ୍ତି । ତଥାପି ତାଙ୍କୁ ଅଦର୍ଶ କରି ନେଇଚି ମୁଁ। ଆମ ମାନଙ୍କର Successରେ ସେ ଖୁସୀରେ ଆତ୍ମହରା ହୋଇ ଯାଉଥିଲେ । କହୁଥିଲେ, ନିଜଲକ୍ଷ୍ୟ କୁ ନିଶ୍ଚିତ କରି ଆଗେଇଲେ ତାହା ହାସଲ କରିବା ସୁନିଶ୍ଚିତ । ସେ ଆମକୁ Discipline ଓ Systematic ହବା ପାଇଁ ସବୁବେଳେ କହୁଥିଲେ । ଆଜି ତାଙ୍କରି ଆଶୀର୍ବାଦ ହିଁ ମୋ ଜୀବନର ସାଫଲ୍ୟ ର ମୂଳଭିତ୍ତି ଓ ସାଥୀ । ଏହା ତାଙ୍କ ପାଦତଳେ ମୋର ଭକ୍ତି ପୂତ ଶ୍ରଦ୍ଧାଞ୍ଜଳି ।

ରତ୍ନରାଜ (ଟିଙ୍କୁଲୁ)

ମୁଁ ପିଲାଟି ଦିନରୁ ନାନା ଓ ମାମା ବାବୁଙ୍କ (ମାମାଙ୍କ) ତତ୍ତ୍ୱାବଧାନରେ ବଢ଼ିଛି । ଗୋଟିଏ ଦିନର କଥା ଆଜି ଲେଖୁଛି । ମାମୁଁ ଘରକୁ (ଗୋପାଳମାଳ) ଯେତେବେଳେ ଆଣ୍ଟିମାନେ ସମସ୍ତେ ଆସନ୍ତି ସେତେବେଳେ ୨୦,୨୫ଜଣଙ୍କର ଖାଇବା ପିଇବା ବ୍ୟବସ୍ଥା ନାନା ଙ୍କୁ ହିଁ ବୁଝିବାକୁ ହୁଏ । ମୁଁ ସେତେବେଳେ ଛୋଟ

Digitized by srujanika@gmail.com

ପିଲା ଚତୁର୍ଥ ଶ୍ରେଣୀ ମାନେ ୮ ବର୍ଷ ବୟସ । ନାନାଙ୍କୁ ସେତେବେଳେ ୭୩,୭୪ ବର୍ଷ । ନାନା ବେଗ୍ ୨,୪ଟା ଧରି ବଜାର ବାହାରିଲେ । ପରିବା ପତ୍ର ଆଣିଲେ ଘରେ ରନ୍ଧା ବଢ଼ା ହବ । ମୋ ମନରେ ପ୍ରଶ୍ନ "ଏତେ ଜିନିଷ ନାନା ଏକୁଟିଆ କେମିତି ଆଣିବେ ?" ଚୁପ୍ କରି "Bajaj Sunny" ର ଚାବି ଟା ଆଣିଲି ନାନାଙ୍କୁ କହିଲି ଚାଲ ଆଜି ମୁଁ ତୁମକୁ ବଜାର ନେଇଯିବି ନାନା କହିଲେ "ତୁମେ ନେଇ ପାରିବ ?" ମୁଁ କହିଲି ଚାଲତ । ନାନା ଓ ମୁଁ ବଜାର ଗଲୁ । ଘରେ ହୁରି-ଟିଙ୍କୁଲୁ କୁ ଆଢ଼େ଼ ଗଲା ? ୨ଘଣ୍ଟା ପରେ ଆମେ ଯେତେବେଳେ ବଜାରରୁ ଫେରୁ, ସମସ୍ତେ ଆଶ୍ଚର୍ଯ୍ୟ ! ଏତେ ଟିକେ ପିଲା ନାନାଙ୍କୁ ବସାଇ ବଜାର ନେଇଥିଲା । ସେଦିନ ବଜାର ରୁ ଫେରିବା ପରେ ନାନା କହିଲେ "ଏତେ ଛୋଟ ବେଳୁ ଯିଏ ଗୁରୁଜନଙ୍କ ମନ କଥା ବୁଝି କାମ କରି ପାରୁଛି - ସେଇ ମାନଙ୍କ ଆଶୀର୍ବାଦରେ ତା ଜୀବନର ରାସ୍ତା ସଦା ସର୍ବଦା ପୁଷ୍ପମୟ ହେବ ।" ଇଂଜିନିୟର ହେଇ ଆଜି ମୁଁ ବମ୍ବେରେ ଏକୁଟିଆ ଥିବା ବେଳେ ଅତୀତରଏଇ ସ୍ମୃତି ଗୁଡ଼ିକୁ ଅଣ୍ଡାଳି ବେଳେ ବେଳେ ନିଜ ମନକୁ ହାଲୁକା କରିନିଏ । ଦିନେ ଦିନେ ମନ ବିଦ୍ରୋହ କରେ।ଭାବେଁ ଆଉ ଥରେ ମୋ ନାନା ଆସି ମୋ ମୁଣ୍ଡରେ ହାତ ବୁଲେଇ ଦେବେ କି ? ପର ମୁହୂର୍ତ୍ତରେ ସ୍ୱପ୍ନ ଭାଙ୍ଗିଯାଏ ବାସ୍ତବ ଜୀବନକୁ ଫେରି ଆସେ ତାଙ୍କ ଚରଣ ତଳେ ମୋର ସଭକ୍ତି ସୁମନାଞ୍ଜଳି ।

ସ୍ୱପ୍ନଲିପି (ରୁଚି)

ମୁଁ ନାନାଙ୍କର ୧୪ ନମ୍ବର ନାତୁଣୀ, ନାନାଙ୍କ ସହିତ ଜଡ଼ିତ କେତେ ଗୁଡ଼ିଏ ସ୍ମୃତି ଭିତରୁ ଗୋଟିଏ ସ୍ମୃତି କୁ ଲେଖିବାକୁ ଚେଷ୍ଟା କରୁଛି ।

ମୁଁ ସେତେବେଳେ କେନ୍ଦ୍ରୀୟ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ଛାତ୍ରୀ । ବାର୍ଷିକ ଉତ୍ସବ ରେ ନାଚରେ ଭାଗ ନେଇଥାଏ । ନାନା ମୋର ନାଚ କେବେ ଦେଖି ନଥିଲେ । ସେଥର ମୁଁ ଜିଦ କଲି "ତୁମେ ଦିଜଣ (ନାନା ଓ ମାମାବାବୁ) ମୋର ନାଚ ଦେଖିବାକୁ ନିଶ୍ଚୟ ଯିବ ।" ନାନା ପଚାରିଲେ "କାହିଁକି" ? ମୁଁ କହିଲି- "ଏଥର ମୋର ମମି (ରେଖା) ତୁମେ ବଲାଙ୍ଗୀରରେ ଥିଲାବେଳେ ଯେଉଁ ନାଚ ଶିଖେଇ ଥିଲ ସେଇ ନାଚ ଆମେ କରୁଛୁ ସେଇ ଟା ହେଲା ।
ନିଖିଳ ଭାରତ ଜନନୀ ମାଁ ଗୋ" .....।

Digitized by srujanika@gmail.com

ତାପରେ ନାନା କହିଲେ ଆଚ୍ଛା ତାହେଲେ "ମୁଁ ଯିବି ।"

Function ଦେଖିସାରିକି ଆସିଲେ । ସେଇଟା ଗୋଟିଏ "ଦୀପ ନାଚ" ଥିଲା । ମୋପିଠିରେ ହାତ ଆପୁଡ଼େଇ କହିଲେ "ତୁମର expression ଖୁବ୍ ଭଲଥିଲା । ତୁମେ କେନ୍ଦ୍ରୀୟ ବିଦ୍ୟାଳୟର "ବୈଜୟନ୍ତୀ ମାଳା" । ୭ମ ଶ୍ରେଣୀ ପଢୁଥିବା ବେଳେ BBSR region ରୁ select ହୋଇ ମୁଁ All India Kendriya vidyalaya sangathan ର ପଲ୍ଲୀ ନୃତ୍ୟ Competition ରେ ତୃତୀୟ ସ୍ଥାନ ଅଧିକାର କରିଥିଲି । ଆଜି ମୁଁ "ଦାନ୍ତ ଡ଼ାକ୍ତର" ହେବାକୁ ଯାଉଛି - ହେଲେ ସବୁବେଳେ ମତେ ଲାଗେ ଯେମିତି ମୋ ମୁଣ୍ଡ ଉପରେ ଆଜି ବି ନାନା ଓ ମୋର ମାମା ବାବୁଙ୍କର ଆଶୀର୍ବାଦ ଯୋଗୁଁ ମୋ ଜୀବନ ସିଡ଼ିରେ ଏପର୍ଯ୍ୟନ୍ତ ଆସି ପାରିଛି । ଏହା ମୋର ତାଙ୍କ ଚରଣ ତଳେ ସଭକ୍ତି ଶ୍ରଦ୍ଧାଞ୍ଜଳି ।

(ରୁଚି)

ଅନ୍ୱେଷାଉଦ୍‌ଗାତା

୧୯୯୩ ଖ୍ରୀଷ୍ଟାବ୍ଦ ବେଳକୁ ମୁଁ ଈଶ୍ୱରଙ୍କ ଆଶୀର୍ବାଦରୁ ଦରୋଟି ଭାଷା କହିବାକୁ ଆରମ୍ଭ କଲି । ଖନେଇ ଖନେଇ କେତେବେଳେ ଖାଲି ଶବ୍ଦ ତ କେତେବେଳେ ଛୋଟ ବାକ୍ୟ ମାଧ୍ୟମରେ ମୋର ମନ କଥା ପ୍ରକାଶ କରୁଥିଲି । ମୁଁ ମୋର ଜେଜେବାପା (ନାନା) ଜେଜେ ମାଁ (ମାମା), ଓ ମୋର ବାପା ମା (ଆଶିଷ ଓ ଆରତୀ) ଗୋପାଳମାଳରେ ରହୁଥିଲୁଁ । ଗୋପାଳମାଳରେ ମଇଁଷି ପଲ ଧରି ଗାଈଆଳ ଟୋକାମାନେ ରାସ୍ତାରେ ଚରେଇବାକୁ ନେଉଥିଲେ ଏବଂ ସନ୍ଧ୍ୟା ବେଳେ ଘରକୁ ଫେରୁଥିଲେ । ମୋତେ କାଖ କରି ନାନା ଦାଣ୍ଡ ଦୁଆରେ ପ୍ରାୟ ଠିଆ ହୁଅନ୍ତି । ମଇଁଷି ପଲ ଦେଖି ମୁଁ ଖୁସୀ ହୋଇଯାଏଁ । ସେତେବେଳେ ନାନା ମୋତେ ସରଳ ସାବଲୀଳ ଭାଷାରେ ଯେଉଁ ଗୀତ ଶିଖାଇଦେଇଥିଲେ, ସେ ଗୀତଟି ଆଜି ମଧ୍ୟ ମୋ ମନରେ ଗଭୀର ଭାବରେ ରେଖାପାତ କରିଛି । ସେହି ଗୀତଟି ମୁଁ ଏଠାରେ ନ ଲେଖି ରହିପାରୁ ନାହିଁ । ତାହା ହେଲା "କଳା କଳା ମଇଁଷି, ଶିଙ୍ଗ ଯୋଡ଼େ ରଖିଛି,........" । ୧୯୯୧ ରେ ମୁଁ ଜନ୍ମ ହେଲି । ସମସ୍ତେ କହନ୍ତି, ସେତେବେଳେ

Digitized by srujanika@gmail.com

ମୁଁ ବହୁତ ଗୋରା ଥିଲି । ତାହା ଦେଖି ନାନା ଗେଲରେ ମୋତେ ଡାକୁଥିଲେ ଚାନ୍ଦନୀ । ଏବେ ପର୍ଯ୍ୟନ୍ତ ସମସ୍ତେ ମୋତେ ସେହି ନାମରେ ଡାକନ୍ତି । ଯେତେବେଳେ ମୁଁ ବଡ଼ ହେଲି, ମୋର ବିଦ୍ୟାଳୟରେ ମୁଁ କବିତା ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ନାମ ଦେଇଥିଲି । ପ୍ରଗତି ଉତ୍କଳ ସଂଘର ନିମନ୍ତ୍ରଣ ରକ୍ଷାକରି ସେଥିରେ ଯୋଗଦେବାପାଇଁ ସେତେବେଳେ ନାନା ରାଉରକେଲାକୁ ମାମାଙ୍କ ସହିତ ଆସିଥିଲେ । ଗୋଦାବରୀଶ ମହାପାତ୍ରଙ୍କର ରଚିତ କବିତା "ଉଠ କଙ୍କାଳ" କବିତାର ଦୁଇଟିପଦ "ଦୁର୍ଗମ ଗିରି ଦୁର୍ଗ ପ୍ରଚୀର ଜୀର୍ଣ୍ଣ ଦୁଆ ରେବସି ...." ଶିଖାଇ ଦେଇଥିଲେ । ତାହା ମୁଁ ସ୍କୁଲରେ ଆବୃତ୍ତି କରି ତିନି ବର୍ଷ ପର୍ଯ୍ୟନ୍ତ କବିତା ଅବୃତ୍ତି ପ୍ରତି ଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲି । ମୋର ଭାଇ ଅରିଜିତ୍ ମଧ ସେହି କବିତାଟିକୁ ଆବୃତ୍ତି କରି ପ୍ରଥମ ସ୍ଥାନ ଅଧିକାର କରିଥିଲା । ତାଙ୍କରି କରୁଣାରୁ ମୁଁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ପରୀକ୍ଷାରେ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ପାଉଥିଲି । ୧୯୯୯ ମସିହା ଡ଼ିସେମ୍ବର ତା : ୩୦ରୁ ଆମେ ସମସ୍ତେ ଉକ୍ତ ସୌଭାଗ୍ୟ ରୁ ବଞ୍ଚିତ ହୋଇଗଲୁଁ । ଶେଷରେ ମୁଁ ମୋର ଭକ୍ତି ପୂତ ଶ୍ରଦ୍ଧାଞ୍ଜଳି ତାଙ୍କ ପାଦତଳେ ଅର୍ପଣ କରୁଛି ।

ସୁମକେଶ ମିଶ୍ର (ସିମ୍ପର)

ମୁଁ ନାନାଙ୍କ ପଣ ନାତି, ସୁକୁମାର ମିଶ୍ରଙ୍କ ପୁଅ । ନାନା ମାମାଙ୍କୁ ଦେଖିଲେ ମୋତେ ବହୁତ ଖୁସି ଲାଗୁଥିଲା କାହିଁକି ନା ଖାନା ଦେଉଥିଲେ । ନାନା ମାମା ମୋତେ ଦେଖିଲେ ଭାୟା ଆସିଗଲେ କହୁଥିଲେ । ମୁଁ ନାନାଙ୍କ ଘରକୁ ଗଲେ ସିଧା ନାନାଙ୍କ ରୁମ୍‌କୁ ପଶିଯାଉଥିଲି ଏବଂ ନାନାଙ୍କ କୋଳରେ ବସି ଗେଲ ହେଉଥିଲି । ନାନାଙ୍କ ସାଙ୍ଗରେ ଗେଲ ନ ହେଲେ ତାଙ୍କଘରୁ ଆସୁ ନଥିଲି । ନାନା ଗଲାପରେ ସେ ଗେଲରୁ ମୁଁ ସବୁଦିନ ପାଇଁ ବଞ୍ଚିତ ହୋଇଗଲି । ଏବେବି ସେ ଘରକୁ ଯେବେ ଦେଖେ ନାନା ମାମା ଙ୍କର କଥା ବହୁତ ମନେ ପଡେ । ନାନା ମତେ ସବୁବେଳେ ସୁନାପୁଅ ହବ ବୋଲି କହୁଥିଲେ । ତାଙ୍କ ପାଦ ତଳେ ଏହା ମୋର ସଭକ୍ତି କୁସୁମାଞ୍ଜଳି ।

Digitized by srujanika@gmail.com

ଅନ୍ତିମ ପର୍ଯ୍ୟାୟ

ରେଖା ଉଦ୍‌ଗାତା (ମାମୀ)

୧୯୯୯ ମସିହାରେ ଦୀପାବଳୀ ଅମାବାସ୍ୟାର ୨ ଦିନ ପୂର୍ବରୁ ନାନାଙ୍କର ପେଟରେ ଭୀଷଣ ବ୍ୟଥା ହେବା ଯୋଗୁଁ ସନ୍ଧ୍ୟାରେ ନାନାଙ୍କୁ ମୁଁ (ମାମୀ), ମାଁ ଏବଂ ମହେଶ୍ୱର ବାବୁ ନେଇ ଯାଇଥିଲୁ ଡ଼ାଃ ରାଜକିଶୋର ହୋତାଙ୍କ ନର୍ସିଂହୋମ୍‌କୁ ଗୋଟେ ରିକ୍ସାରେ । ସେଠି ପହଞ୍ଚିବାପରେ ତାଙ୍କୁ ଗୋଟେ Phenergan injection ଏବଂ Pain killer injection ଦିଆଯାଇଥିଲା । ଯେମିତି ସେ injection ଦିଟା ଦିଆଗଲା ତାପରେ ମୋ ନାନାଙ୍କ ପାଟିଖନି ବାଜି ଗଲା । ସେହିଦିନୁ ତାଙ୍କର ପରାମର୍ଶରେ ନର୍ସିଂହୋମରେ ଭର୍ତ୍ତି କରାଗଲା ମୋମନଟା ସାଙ୍ଗେ ସାଙ୍ଗେ ମରିଗଲା । ମୋ ଶାଶୁଙ୍କ ପାଖରୁ ଶୁଣିଥିଲି ଯଦି ମଣିଷର ସ୍ୱର ବଦଳିଯାଏ ତେବେ ୪ ମାସ କିମ୍ୱା ୬ ମାସ ଭିତରେ ସେ ଇହଧାମ ତ୍ୟାଗ କରେ । ମନକଥା ମନରେ ରଖିଲି । ଛାତିଟା କିନ୍ତୁବହୁତ ଜୋରରେ ଧକ୍ ଧକ୍ କଲା । ତାପରେ ଖବର ପାଇ ବଡ଼ନାନୀ ଘର ସମସ୍ତେ ପହଞ୍ଚିଲେ । ଡ଼ା: ରାଜ କିଶୋର ହୋତା ମୋ ପୁତୁରା ତାଙ୍କର treatment ଆରମ୍ଭ କଲେ । ନାନାଙ୍କର ମନବଳ ବହୁତ ବେଶୀ । ତାପର ଦିନ ସନ୍ଧ୍ୟାରେ କାହାକଥା ନ ମାନି ବୁଲି ବାହାରିଲେ ସାଙ୍ଗରେ ମୁଁଥିଲି । ମତେ କହିଲେ ମୋର କଣ ହୋଇଛି ତୁ ମୋ ସାଙ୍ଗରେ କାହିଁକି ଆସୁଛୁ । ମୁଁ ଯଦି ପଡ଼ିରହିବି ତାହେଲେ ମୁଁ ପଙ୍ଗୁ ହୋଇଯିବି ଡାକ୍ତର ବାବୁ ତ ତାଙ୍କର ନାତି ତେଣୁ ତାଙ୍କୁ କହିଲେ - ମତେ ତୁ ଶୀଘ୍ର ଛାଡ଼ ଘରକୁ ଦୀପାବଳୀ ଦିନମତେ ଦୀପଦାନ ଶ୍ରାଦ୍ଧ କରିବାକୁ ଅଛି । ତଥାପି ସେତିକେ ଦୁର୍ବଳ ହୋଇଥିଲେ ଏବଂ ଡ଼ାକ୍ତରଖାନାରୁ ଛାଡ଼ ପାଇଥିଲେ ଦୀପାବଳୀ ଦିନ ସନ୍ଧ୍ୟାରେ । ତେଣୁ ପିତୃ ପୁରୁଷଙ୍କ ର ଦୀପଦାନଶ୍ରାଦ୍ଧ କରିବା ଆଉ ସମ୍ଭବପର ହୋଇ ପାରିନଥିଲା ତାଙ୍କର ମନଖୁବ୍ ଦୁଃଖ ହୋଇଥିଲା ସେ କହିଥିଲେ ଯେ, "ଏଇ ବର୍ଷ ବୋଧେ ସବୁ ସରିଯିବ, ଆଉ ବୋଧେ ପିତୃପୁରୁଷଙ୍କ ପାଇଁ ଦୀପଦାନ ଶ୍ରାଦ୍ଧ କରିବା ମୋ ଭାଗ୍ୟରେ ନାହିଁ । ମନରେ ମୋର ଆସୁଥିଲା - ସତେ କଣ ଏ ପାଟି ଖନି ବାଜିବା, ଦୀପଦାନ ଶ୍ରାଦ୍ଧବନ୍ଦ୍ ହୋଇଯିବା ଗୋଟିଏ

Digitized by srujanika@gmail.com

ଗୋଟିଏ ଅଶୁଭ ଲକ୍ଷଣ ।

ତାପରେ କିଛିଦିନ ଚାଲିଲା ଟିକେ ଟିକେ ଠିକ୍ - କଥା କିନ୍ତୁ ଆଉ ସ୍ପଷ୍ଟ ହେଲା ନାହିଁ - ତାପରେ ନାନା କେବେ କେବେ କହନ୍ତି - ଆଉକଣ ମୁଁ କେଉଁଠି ବକ୍ତୃତା ଦେଇପାରିବିନି । ମୋଭିତରେ କୋହ ଉଠେ - ମୋ ନାନା କଣ ଆଉ ସତରେ ଲୋକ ମୁଗ୍ଧକାରୀ ବକ୍ତୃତା ଦେଇପାରିବେନି । ଦୁର୍ବଳତା ବଢ଼ିଚାଲିଲା । ନାନାଙ୍କ ହାତ ଥରିବାକୁ ବସିଲା । ନାନା ବଡ଼ନାନୀ ଆଗରେ କହିଲେ- "ମୋର ତ ହାତ ଥରିଲାଣି ମୁଁ ବୋଧହୁଏ ଆଉକିଛି ଲେଖି ପାରିବିନି । ବଡ଼ନାନୀ ନାନାଙ୍କୁ କହିଲା "ମୁଁ ତ ଅବସର ଲାଭ କଲିଣି ତୁମେ ଚିନ୍ତା କରନି । ତୁମେ ଯାହା ଲେଖିବାକୁ ଭାବିବ ମତେ ଡ଼ାକିଦେଲେ ମୁଁ ତୁମ ପାଖରେ ବସି ସବୁ ଲେଖି ଦେବି । ଏତେଦେହ ଖରାପରେ ମଧ୍ୟ 'ଶ୍ରୀରାଧା'ର ପାଣ୍ଡୁ ଲିପି ଶ୍ରୀନିବାସ କାକାଙ୍କ ପାଖରେ ରହିଗଲା ବୋଲି ସବୁ ବେଳେ ସେ ନିଜର ବ୍ୟାକୁଳତା ପ୍ରକାଶ କରୁଥିଲେ । ଆସ୍ତେ ଆସ୍ତେ ତାଙ୍କର କୋଷ୍ଠ କାଠିନ୍ୟତା ବଢ଼ିଗଲା । ପେଟଟା ଛୁଇଁଲେ ପୂରା ପଥର ଭଳି ଲାଗେ । ଭାତଖାଇ ବା ପୂରା କମିବାକୁ ବସିଲା । ବଡ଼ ନାନୀର ଜନ୍ମଦିନ । ନାନୀ ଆସିଥିଲା Women's College Quarters ରୁ ଗୋପାଳ ମାଲ ଘରକୁ ମାଁ ପାଖରେ ବନ୍ଦାଇ ହେବ ବୋଲି । ନାନାଙ୍କୁ ବୋଧେ ଗିଳିବାକୁ କଷ୍ଟ ହେଉଥିଲା ମୁଁ ଖୁଆଇ ଦଉଥିଲି ମୋ ନାନା ସବୁ ଖାଇଦେବେ ବୋଲି ମୁଁ ଟିକେ ବଡ଼ ବଡ଼ ଗୁଣ୍ଡା ଖୁଏଇ ଦିଏ । ସେଥିପାଇଁ ସେ ମୋ ଉପରେ ବିରକ୍ତ ହୁଅନ୍ତି । ସେ ଦିନ ନାନୀର ଜନ୍ମଦିନ । ବଡ଼ ନାନୀ କହିଲା ମୁଁ ଖୁଏଇ ଦେବି "ନାନା ସାଙ୍ଗେ ସାଙ୍ଗେ କହିଲେ ହଁ ମୁଁ ତୋ ମୁଁହରେ ପ୍ରଥମେ ମହୁପାଣି ଦେଇଥିଲି ଆଉ ଆଜି ତୁ ମତେ ଖୁଆଇ ଦେଉଛୁ ।" କଣ ଜନ୍ମଋଣ ପରିଶୋଧ କରିଦଉଛୁ କି ?

ଏମିତି ଆସ୍ତେ ଆସ୍ତେ ତାଙ୍କର ଅବସ୍ଥା ଖରାପ ଆଡ଼କୁ ଗତିକରି ବସିଲା । ଗିଳିବାକୁ ତାଙ୍କୁ କଷ୍ଟହେଉଥିଲା, ପେଟ କାଟୁଥିଲା ଏବଂ ଦୁର୍ବଳତା ଏତେ ଅଧିକ ଥିଲା ଯେ କୁନ୍ଥେଇ କି ଝାଡ଼ା ବାହାର କରିବାର ଶକ୍ତି ତାଙ୍କର ଆଉ ନଥିଲା । ପ୍ରକୃତରେ କିନ୍ତୁ ତାଙ୍କର ଅସୁସ୍ଥତାର କାରଣ ଜଣା ପଡୁନଥିଲା Dt. 12.12.1999 December ରେ Dr. Hota ରାତିରେ ଆସିଥିଲେ ଘରକୁ । ନାନା ସେତେବେଳକୁ

Digitized by srujanika@gmail.com

ଅର୍ଦ୍ଧ ଶାୟିତ ଅବସ୍ଥାରେ ଥାନ୍ତି । ଡ଼ାକ୍ତର ବାବୁ ତାଙ୍କୁ ଟିକେ ଦେଖିଲେ, ତାପରେ ମୁଁ ତାଙ୍କୁ ଟିକେ ଦେଖିଲି । ତାପରେ ମୁଁ, ଓ ମହେଶ୍ୱର ବାବୁ ଡ଼ାକ୍ତରଙ୍କ ସାଙ୍ଗରେ ବାହାରକୁ ଆସିଲୁ । ସେଇଠି ଡ଼ାକ୍ତର କହିଲେ ଏତେ ଅଳ୍ପଦିନ ଭିତରେ ତାଙ୍କର ସ୍ୱାସ୍ଥ୍ୟର ଯେଉଁ ପ୍ରକାରର ଅବନତି ଘଟିଛି ବୋଧହୁଏ ଏହା Cancer ହୋଇପାରେ ।

ଘରଭିତରକୁ ଆସିଲାପରେ ସେହି ଅର୍ଦ୍ଧଶାୟିତାବସ୍ଥାରେ ମତେ ନାନା ପଚାରିଲେ - କଣ ସବୁ ଡ଼ାକ୍ତର ବାବୁ କହିଲେ - ମୁଁ କହିଲି କିଛି ନାହିଁ । ନାନା ଅଳ୍ପହସି ଦେଲେ କହିଲେ ମୁଁ ଜାଣିଛି ତୁ ମତେ କହିବୁନି କିନ୍ତୁ ତୋ ମୁହଁ କହୁଛି । କଣ କହିଲେ ଆଉ ବେଶି ଦିନ ନୁହେଁ ? ଏତିକି କହି ସେ ଆଖିବନ୍ଦ କଲେ ବୋଧହୁଏ ଶୋଇବାର ବାହାନା କଲେ ।

ସେତେବେଳେ ମୋ ଆଖିରେ ଲୁହ ଜକେଇ ଆସିଲା । ମାଁ ପାଖରୁ ଲୁହ ଲୁଚେଇ ମୁଁ ପଳେଇ ଆସିଲି । ରାତିରେ ଭାବିଲି ଯାହା ଡ଼ାକ୍ତର କହିଗଲେ ତା ଯଦି ସତହୁଏ ତେବେ ଯାପରର Step କଣ ହେବ । ପ୍ରଥମରେ ରାଜାକୁ ଖବର ଦେବାକୁ ହେବ । ତାପରେ ଭାବିବାକୁ ପଡ଼ିବ ଆଉ କେଉଁ ଡ଼ାକ୍ତରଙ୍କ ପାଖରେ ଚିକିତ୍ସା କରିବାକୁ ହେବ ।

ସେଦିନ ରାତିରେ ଭାବିବାକୁ ଆଉ ଆଖି ପାଇ ନ ଥିଲା ଯାପରେ କଣ ହେବ ? ନାନା ନିଜେ ହୋମିଓପ୍ୟାଥି ଉପଚାର କରୁଥିଲେ । ଯଦିଓ ସେ ଜଣେ ସାହିତ୍ୟିକଥିଲେ ଶାରୀରିକ ବିଜ୍ଞାନ ଉପରେ ତାଙ୍କର ପ୍ରଗାଢ଼ ଜ୍ଞାନ ଥିଲା । ତେଣୁ ତାଙ୍କର ଯେଉଁ ପେଟ କାଟୁଥିଲା ସେ ଭାବୁଥିଲେ ସେଇଟା ବୋଧେ ତାଙ୍କର Urinary System ର ଗଣ୍ଡଗୋଳ । ତେଣୁ ସେ ଡ଼: Laxmikanta Sahu Urologist ଯିଏ କି ସେତେବେଳେ SCB Medical College ର Principal ଥିଲେ ତାଙ୍କ ସହିତ ସେ କଥାବାର୍ତ୍ତା ହେଲେ ଏବଂ ଠିକଣା ହେଲାତାଙ୍କୁ କଟକ ନିଆଯିବ ।

୧୯.୧୨.୦୮ ସନ୍ଧ୍ୟାରେ ରାଜାବାବୁ ତାର ପରିବାର ସହିତ ରାଉରକେଲାରୁ ଆସି ପହଞ୍ଚିଲା ସମ୍ବଲପୁରରେ । ସ୍ଥିର ହେଲା ୨୦.୧୨.୦୮ ରେ ରାଜା ମା ଏବଂ ମହେଶ୍ୱର ବାବୁଙ୍କ ସହିତ ଗୋଟିଏ Taxi ରେ ନାନା ତାଙ୍କର

Digitized by srujanika@gmail.com

Cuttack ଯାତ୍ରା ଆରମ୍ଭ କରିବେ । କିଏ ଜାଣିଥିଲା, ସେ କଟକରୁ ଆଉ ଘରକୁ ଫେରିବେନି ବୋଲି । ୨୦.୧୨.୦୮ ସେଦିନ ସକାଳୁ କଟକ ଯିବା ପାଇଁ ଯାହା ବ୍ୟବସ୍ଥା କରାଯିବା କଥା ହଉଥାଏ । ସକାଳୁ ଆସିଥିଲେ ଶମ୍ଭୁ ପ୍ରସାଦ ମିଶ୍ର ଏବଂ ଭାଗବତ ନନ୍ଦ ନାନାଙ୍କ ସାଙ୍ଗରେ ଦେଖା କରିବାପାଇଁ । କିନ୍ତୁ, ସେମାନେ ବି ଜାଣି ନଥିଲେ ଯେ ତାହା ତାଙ୍କର ଶେଷ ଦେଖା ହେଇଯିବ ଉଦଗାତା ବାବୁଙ୍କ ସାଙ୍ଗରେ । ଦିନ ୨ଟାରେ ନାନା ତାଙ୍କର ଯାତ୍ରା ଆରମ୍ଭ କଲେ ସମ୍ବଲପୁରରୁ କଟକ ପାଇଁ ତାଙ୍କର ଉଚ୍ଚସ୍ତରର ଚିକିତ୍ସାପାଇଁ । ମାପୁଥିଲି ମୋ ଆଖିରେ ମୁଁ ନାନାଙ୍କ ଭାବନାକୁ ଯେତେବେଳେ ନାନା ଘରର ବାରଣ୍ଡା ତଳକୁ ଆସିଲେ ଥରେ ପଛକୁ ଚାହିଁଲେ ଏଇଟା ତାଙ୍କ ତିଆରି ଘର ଯେଉଁଥିରେ ସେ ତାଙ୍କ ଜୀବନର ଶେଷ ସଞ୍ଚୟ ଲଗେଇ ଦେଇଥିଲେ । ଯେଉଁଘର ଥିଲା ତାଙ୍କର ସବୁ ପ୍ରକାରର ସୁଖ ଦୁଃଖର ମୂକ ସାକ୍ଷୀ । ତାଙ୍କ ଆଖି କହୁଥିଲା ରେ ମୂକ ସାକ୍ଷୀ ମୋତେ ବିଦାୟ ଦେ, ଆଉ ବୋଧେ ମୁଁ, ତୋ କୋଳକୁ ଫେରିବିନି । ନାନା ଗାଡ଼ିରେ ବସିଲେ ମୁଁ ଓ ବଡ଼ ନାନୀ ମୁଁଣ୍ଡିଆ ମାରିଲୁଁ । ନାନା ତାଙ୍କର ଶୂନ୍ୟ ଚକ୍ଷୁ ଥରେ ଚାରିଆଡ଼େ ବୁଲେଇ ଦେଇ ଗାଡ଼ିରେ ବସିଲେ । ମୁଁ ଆଉ ବଡ଼ ନାନୀ ଫେରି ଆସିଲୁ ଆମ ଘରର ପାହୁଞ୍ଚ ଉପରେ ବସି ଧରାଧରି ହୋଇ ବହୁତ କାନ୍ଦିଲୁ । କିନ୍ତୁ ତଥାପି ମନରେ ଆସିନଥିଲା ଯେ ନାନା ଆଉ କଟକରୁ ଫେରିବେ ନାହିଁ ।

ଜୀବନର ଧ୍ରୁବ୍ୟସତ୍ୟକୁ ମନମୋର ଗ୍ରହଣ କରିପାରୁ ନଥିଲା । ଆରତୀ, ଚାନ୍ଦନୀ, ରୋଶନ, ରୁଚି, ଟିଙ୍କୁଲୁ ଓ ମୁଁ କଟକରେ ପହଞ୍ଚିଲୁ ୨୬ ତାରିଖ ରାତି ୮.୩୦ ଟା ରେ ବସ୍‌ଷ୍ଟାଣ୍ଡରୁ ସିଧା ସରକାରୀ Hospital ଗଲୁ । ନାନା ଥାନ୍ତି ICU Cardiology ରେ । Oxygen ଲାଗିଥାଏ । ଭାବିପାରିଲି ନି ଏ ଛଅଦିନ ଭିତରେ କଟକ ସହର ମୋ ନାନାଙ୍କୁ କଣ କରି ଦେଇଛି । ଏତେ ଦୁର୍ବଳ ସେ ଦେଖାଯାଉଥିଲେ, କିନ୍ତୁ ମୁହଁର ତେଜ ଟିକେ ବି ମଉଳା ଦିଶୁ ନଥିଲା । କିଛି ସମୟପରେ ମାଆଙ୍କୁ ଧରି ଆମେ ମାନେ ମୀରାନାନୀ ଘରକୁ ମହାନଦୀ ବିହାର ଚାଲି ଆସିଲୁ ।

ସେଠି ମୁଁ ଜାଣିଲି ସମ୍ବଲପୁର ରୁ ଆସିବା ପରଠାରୁ ନାନା ଆଉ ଭାତଖାଇ

Digitized by srujanika@gmail.com

ନାହାଁନ୍ତି । ୨୭ ତାରିଖ ସକାଳୁ ଭାତ, ଡ଼ାଲି ଟିକେ ସନ୍ତୁଳା ନେଇ ମୁଁ ଓ ମାଁ ଗଲୁ ଡ଼ାକ୍ତର ଖାନା । ସେଦିନ ନାନାଙ୍କ ଦେହ ଟିକିଏ ଭଲଥିଲା ଡ଼ାକ୍ତର ମାନେ ପରୀକ୍ଷା କରୁଥାନ୍ତି କିଛିସମୟ Oxygen କାଢ଼ିଦେଲେ କିଛି ଅସୁବିଧା ହଉଛି କି ନାହିଁ ବୋଲି ? ଅଳ୍ପ ଭାତ ନାନାଙ୍କୁ ଖୁଆଇ ଦେଲି, ଭାରି ତୃପ୍ତିରେ ସେ ଖାଇଲେ । ଏମିତି ୨୮-୧୨ ମଧ୍ୟ କଟିଗଲା ତାପରେ ଆସିଲା ତା ୨୯.୧୨.୯୯ । ସେଦିନ ସକାଳୁ ସବୁଦିନ ପରି ମୁଁ ଓ ମାଁ ମୀରା ନାନୀ ଘରୁ Hospital ଗଲୁ । ନାନାଙ୍କ ସ୍ୱାସ୍ଥ୍ୟରେ ବେଶ ଉନ୍ନତି ହେଉଥାଏ । ସେଦିନ ପୂରା Oxygen କାଢ଼ି ଦିଆହୋଇଥାଏ ।

ୟ୦ ତାରିଖ ସକାଳୁ ନାନାଙ୍କର ଅବସ୍ଥା ଖରାପ ଥାଏ । ତଥାପି ମନ ମାନିବାକୁ ପ୍ରସ୍ତୁତ ନଥାଏ ଯେ ନାନାଙ୍କର ଆର ପାରିକୁ ଯିବାର ବେଳ ଆସିଗଲାଣି ବୋଲି । ନାନା ଜ୍ୟୋତି ନାନୀକୁ କହିଥିଲେ ସତ୍ୟ ନାରାୟଣ ପୂଜା ଗୋଟିଏ କରିବା ଲାଗି । ୨୯.୧୨ ର ଅବସ୍ଥା ଦେଖି ବୋଧ ହୁଏ ପଞ୍ଚାନନ ଭାଇନା (ତାଙ୍କର ୩ୟ ଜ୍ୱାଇଁ) ଗଡ଼ ଗଡ଼ିଆ ଘାଟରେ ଥିବା ଶିବ ମନ୍ଦିର ରେ ସତ୍ୟନାରାୟଣ ପୂଜାଟା ପୂରାକଲେ । ଶରୀର ରକ୍ତ ଶୂନ୍ୟ ତଥାପି ତାଙ୍କର କଥାବାର୍ତ୍ତା ପୂରା ସ୍ୱଷ୍ଟଥିଲା ଦିନ ୧୨ ଟାପର୍ଯ୍ୟନ୍ତ । ୨୯.୧୨ ରାତିରେ Hospital ରେ ସମସ୍ତେ ଥିଲୁ । ତେଣୁଁ ବିଶ୍ରାମ ନେବା ପାଇଁ ଭାଗ ଭାଗ ହୋଇ ନାନୀ ଘରକୁ ଯିବାକୁ ବାହାରିଲେ ଜଣ ଜଣ କରି । ନାନାଙ୍କର ଶରୀରର ଅବସ୍ଥା ଓ Memory କେମିତି ଅଛି ଜାଣିବା ପାଇଁ ମହେଶ୍ୱର (୬ଷ୍ଠ ଜ୍ୱାଇଁ) ବାବୁ ପଚାରିଲେ ନାନାଙ୍କୁ, ମୁଁ କିଏ କହ ? ନାନା କହିଲେ କଣ ତୁମେ ମତେ ପରୀକ୍ଷା କରୁଛ ?" ତୁମେ ପରା ମହେଶ୍ୱରବାବୁ । ଗୋଟିଏ ଜ୍ୱାଇଁ ହୋଇ ଶ୍ୱଶୁର ଙ୍କୁ ଏମିତି ପ୍ରଶ୍ନ କଣ ପଚାରୁଛ ? ମୁଁ ପରାତୁମ ଶ୍ୱଶୁର । ଏଇ ଉପରୋକ୍ତ ଉକ୍ତିଟି ଲେଖିବାର ତାତ୍ପର୍ଯ୍ୟ ହେଲା ଦିନ ୩ଟାରେ ପ୍ରାଣ ଗଲା କିନ୍ତୁ ସେ ତେଜସ୍ୱୀ ସ୍ୱାଭିମାନୀ ଉଦ୍ଗାତା ବାବୁଙ୍କର ବ୍ୟକ୍ତିତ୍ୱ ଶେଷ ପର୍ଯ୍ୟନ୍ତ ଅମଳିନ ଥିଲା ।

ତାଙ୍କର ତାପରେ ପଞ୍ଚାନନ ମିଶ୍ର (୩ୟ ଜ୍ୱାଇଁ) ସତ୍ୟନାରାୟଣଙ୍କର ପ୍ରସାଦ ନେଇ ମାଁଙ୍କ ହାତରେ ଦେଲେ । ମାଁ ନେଇ ତାଙ୍କ ମୁଣ୍ଡରେ ଛୁଆଁଇ ଦେଲା ଏବଂ ତାଙ୍କ ପାଟିରେ ଟିକେ ପଞ୍ଚାମୃତ ଦେଇଦେଲା । ତାପରେ ନାନା କହିଲେ ହେଇଗଲା ତୁମେ ଟିକିଏ ନିଅ । ମାଁ ପ୍ରସାଦ ଗ୍ରହଣ କଲେ । ସେଥିଲା ଶେଷକଥା ତାଙ୍କ ଜୀବନର ।

Digitized by srujanika@gmail.com

ତାଙ୍କ କେବିନ ବାହାରେ ସବୁଭାଇ ଭଉଣୀ ଓ କ୍ଵାଇଁମାନେ ବସିଥିଲେ କାହାରି ମୁହଁରେ ଭାଷା ନଥିଲା ମୁଁ ତଥାପି ଭାବୁଥିଲି କିଛି ଗୋଟିଏ ସପ୍ତାଶ୍ଚର୍ଯ୍ୟ ହେବ ଏବଂ ମୋ ନାନା ପୁଣି ଠିକ୍ ହୋଇ ଯିବେ । ଏଡ଼େ ବଡ଼ ଗୋଟେ ବ୍ୟକ୍ତିତ୍ୱକୁ କଣ ଭଗବାନ ଏତେ ଶୀଘ୍ରନେଇ ଯିବେ । ପଞ୍ଚାନନ ମିଶ୍ର, ଅନ୍ତର୍ଯ୍ୟାମୀ ଦାସ, ଶରତ ପାଣିଗ୍ରାହୀଙ୍କ ସହିତ ମୋତେ (ମାମୀ) ବାଧକରି ସେ ଗଡ଼ ଗଡ଼ିଆ ଘାଟମନ୍ଦିରକୁ ନେଇ କି ଗଲେ ପ୍ରସାଦ ସେବନ ପାଇଁ । ମନମୋର ଟିକେ ବି ନଥିଲା ନାନାଙ୍କୁ ଗୋଟିଏ ମୁହୂର୍ତ୍ତ ଛାଡ଼ିକି ଯିବାପାଇଁ । କିନ୍ତୁ ବଡମାନଙ୍କୁ ଜବାବ ଦେବା ଆମ ଘରେ ଚଳଣି ନାହିଁ । ତେଣୁ ପଞ୍ଚାନନଭାଇନାଙ୍କ କଥା କାଟି ନପାରି ବାଧ ହୋଇ ସେମାନଙ୍କ ସାଙ୍ଗରେ ମନ୍ଦିର କୁ ଗଲି । ଭାତ ତଣ୍ଟିରେ ଗଲୁ ନଥାଏ । ଜବର ଦସ୍ତି କିଛି ଖାଇ Hospital କୁ ଫେରି ଆସିଲୁ । ଆମେ ଆସିବାପରେ ଅନ୍ୟ ନାନୀମାନେ, ଭାଇନା ମାନେ ଓ ରାଜା ସମସ୍ତେ ମହାନଦୀବିହାର ଗଲେ ଖାଇବା ପାଇଁ । ନାନାଙ୍କ ପାଖରେ ରହିଲୁ ମୁଁ ଓ ମାଁ ଏବଂ ସରୋଜ ବୋଲି ଗୋଟିଏ ପିଲା । ମାଁର ନାଲି କାଚଚୂଡ଼ିରେ ଭର୍ତ୍ତି ହାତ ଯୋଡ଼ାକ ତାମୁଣ୍ଡରେ ସ୍ଥିର ହୋଇଯାଇଥାଏ ଅପରାହ୍ଣ ଦୁଇଟା । ସେତେବେଳେ ୩୦ ତାରିଖର ପ୍ରାୟ ୨ଟା ଖଣ୍ଡେ ହବ ଯେତେବେଳେ ମତେ ଓ ମାଁ କୁ ଛାଡ଼ି ସମସ୍ତେ ଖାଇବାକୁ ଚାଲିଗଲେ । ଖଟଉପରେ ନାନା ନୀରବ ଓ ନିଶ୍ଚିନ୍ତରେ ଆଖିଖୋଲି ଉପରକୁ ଦେଖୁଥାନ୍ତି । ମାଁ ସେଠି ଏକମନରେ ଏକ ଲୟରେ ତଳେ ବସି ନାନାଙ୍କୁ ଦେଖୁଥିଲେ । ବେଳେବେଳେ ଆଖିଟା ମାଁ ଆଡ଼କୁ ପଳାଇ ଯାଉଥିଲା ତାର ଦୁଇ ହାତକୁ ମୁଁ ଚାହିଁ ରହିଥିଲି । "ତାର ଆଖି ସାମନାରେ ତାର ସ୍ୱାମୀ ଯାହାଙ୍କୁନେଇ ସେ ସଂସାର ଆରମ୍ଭ କରିଥିଲେ । ୯ ବର୍ଷ ବୟସ ପରେ ଯିଏ ବାହାର ଦୁନିଆଁ କଣ ଜାଣିନି ଯାହାର ପୃଥିବୀ ଆରମ୍ଭ ଏବଂ ଶେଷତାର ହୁଏ ସ୍ୱାମୀ ଓ ୮ଟା ଛୁଆଙ୍କର ଅଳି ଅର୍ଦ୍ଦଳି ପୂରାପୂରି ସେମାନଙ୍କୁ ମାନବ ସମାଜରେ ମାନବର ମର୍ଯ୍ୟାଦା ନେଇଠିଆ କରିବାରେ ତାକୁ ପୁଣି ସାଥୀହୀନ ଭାବରେ କେଜାଣି କେତେ ଦିନ ବଞ୍ଚି ରହିବାକୁ ପଡ଼ିବ ମୁଁ (ମାମୀ) ଭାବୁଥିଲି । ପିତୃତ୍ୱର ଆଶୀର୍ବାଦ ଭରାହାତ ଟା ଯଦି ମୁଣ୍ଡ ଉପରୁ ଉଠିଯାଏ ତେବେ କେମିତି ବଞ୍ଚିବି । ସବୁ ମନେପଡ଼ି ଯାଉଥାଏ, ଛୁଆ ଦିନରୁ ୪୦ ବର୍ଷ ପର୍ଯ୍ୟନ୍ତ ଘଟଣା ଗୁଡ଼ାକ । ୨ଟା ୩୦ ବେଳକୁ

Digitized by srujanika@gmail.com

ମୁଁ ଦେଖିଲି ନାନାଙ୍କର ଆଖି ଡ଼ୋଳା ଦୁଇଟା ଡ଼ାହାଣ ଆଡ଼କୁ ସ୍ଥିର ହୋଇ ରହିଗଲା । ମାଁ ବି ଦେଖୁଥିଲା - ମାଁ ସାଙ୍ଗେ ୨ ମତେ କହିଲା " ମାମୀ ଲୋ, ନାନା ତ କଣ ଆଖି ଯୋଡ଼ାକ ସ୍ଥିର କରି ଦେଲେଣି । ମୋ ଛାତି ଟା ଧଡ଼ କଲା । କିନ୍ତୁ ମାଁଙ୍କୁ ସାହସ ଦେବା ପାଇଁ କହିଲି କିଛି ହୋଇ ନାହିଁ" ଏତିକି କହି ନାନାଙ୍କ ଖଟ ପାଖକୁ ପଳେଇ ଆସିଲି ଛାତିରେ ହାତ ଦେଇ ଡାକିଲି ନାନା ନାନା ନାନା ଟିକେ ହଲିଲେ, ଆଖିର ପଲକ ପଡ଼ିଗଲା । ମୁଁ ପୁଣି କିଛି ସମୟ ପାଇଁ ନିଶ୍ଚିନ୍ତ ହେଲି । ନାନାଙ୍କ ଛାତିରେ ହାତ ଟା ଦେଇଥାଏ । ଛାତିର ଧକ ଧକ ଟା ଅନୁଭବ କରୁଥାଏ । Heart Beat ଟିକେ ସ୍ଥିର ଲାଗୁଥିଲା । ଛାତିରୁ କିନ୍ତୁ ଆଉ ମୁଁ ହାତ କାଢ଼ିନି ହଠାତ ମୁଁ ଅନୁଭବ କଲି ଛାତିର ସ୍ପନ୍ଦନ ବନ୍ଦ ହୋଇଗଲା - ଆଖିତ ଆଗରୁ ସ୍ଥିର ହୋଇଯାଇଥିଲା । ମୁଁହରେ ସ୍ମିତ ହାସ୍ୟଟାଏ ଲାଗି ରହିଥାଏ । ସମସ୍ତେ କହନ୍ତି ଠିକ୍ ମୃତ୍ୟୁ ସମୟରେ କୁଆଡ଼େ ମୁଖ ବିକୃତ ହୋଇଯାଏ, ବ୍ୟକ୍ତିଟି ବହୁତ କଷ୍ଟ ପାଏ, କିନ୍ତୁ ମୋ ନାନାଙ୍କ ପାଖରେ ମୁଁ କୌଣସି କଷ୍ଟ ଦେଖିଲିନି । ନିଶ୍ଚିନ୍ତ ନିଦରେ ନାନା ଶୋଇ ପଡ଼ିଲେ । ଦୌଡ଼ିଗଲି ଡ଼ାକ୍ତରଙ୍କୁ ଡ଼ାକିବାକୁ । ଡ଼ାକ୍ତର ଆସିଲେ ଦୁଇ ଚାରିଥର ତାଙ୍କ ଛାତିରେ ଚାପଦେଇ ହୃତପିଣ୍ଡର ସ୍ପନ୍ଦନ ଫେରାଇ ଆଣିବାକୁ ଚେଷ୍ଟାକଲେ, କିନ୍ତୁ ସବୁ ବ୍ୟର୍ଥ ହେଲା । ଉଦ୍‌ଗାତା ବାବୁଙ୍କ ବ୍ୟକ୍ତିତ୍ୱର ପରି ସମାପ୍ତି ହେଲା ।

ନାଟକର ପରଦା ଖୋଲିଲା ବେଳେ ଯେମିତି ଗୋଟିଏ ହୁଇସିଲ ବାଜେ ଓ ପର୍ଦ୍ଦାଟି ଖୋଲେ ସେମିତି ମଣିଷଟିଏ ଜନ୍ମ ହେଲେ ତା ଜୀବନର ନାଟକ ହୁଇସିଲ ପରି କାନ୍ଦରେ ଆରମ୍ଭ ହୁଏ, ଠିକ ସେମିତି ଯେତେବେଳେ ମନୁଷ୍ୟ ଜୀବନର ନାଟକ ଶେଷ ହୁଏ ମାନେ ପର୍ଦ୍ଦା ଟା ପଡ଼େ ସେତେବେଳେ ମଧ୍ୟ ହୁଇସିଲ ଭଳିଆ କାନ୍ଦରୋଳର ଶବ୍ଦରେ ଜୀବନ ନାଟିକାଟି ଶେଷହୁଏ ।

ଜ୍ୟୋତ୍ସ୍ନାଉଦ୍‌ଗାତା :- ସେଦିନ ଥିଲା ଡ଼ିସେମ୍ବର ୨୦ ତାରିଖ । ସମ୍ବଲପୁରରୁ ଖବର ପାଇଲି ନାନାଙ୍କୁ ନେଇ ରାଜା, ମହେଶ୍ୱର ଓ ମାଁ କଟକ ଆସୁଛନ୍ତି । ସନ୍ଧ୍ୟାରେ ପହଞ୍ଚିବେ । ମନରେ ବିଭିନ୍ନ ପ୍ରକାରର ଚିନ୍ତା ଆସିଲା । ହଠାତ୍ କଟକ ହସ୍‌ପିଟାଲ୍‌କୁ ଆସିବାର ଏତେ ଆବଶ୍ୟକତା କ'ଣ ପଡ଼ିଗଲା ? ଯାଇଥିଲି ଦଶ'ରା ଛୁଟୀରେ । ଦେହତ ଦୁର୍ବଳ ଥିଲା ତାଙ୍କର । କିନ୍ତୁ ସେ ଶଯ୍ୟାଶାୟୀ ହୋଇନଥିଲେ ।

Digitized by srujanika@gmail.com

ପାହାନ୍ତିଆରେ ମୁଁ, ଝିଅ ସୋନି ଓ ସ୍ୱାମୀ ପ୍ରସନ୍ନ ତ୍ରିପାଠୀଙ୍କ ସହିତ ପହଞ୍ଚିଥିଲୁ। ନିଦରୁ ଉଠିଲେ ମୁଣ୍ଡିଆ ମାରିଲି କହିଲେ " ଆସିଲୁ ହଉ"। ତା' ପରେ ତାଙ୍କ ଆଖିରୁ ଲୁହ ଧାରେ ବୋହିଗଲା। କହିଲେ - "ଲେଖିପାରୁନି, ଆଉ ଯଦି ଲେଖି ନ ପାରିବି, ପଢ଼ି ନ ପାରିବି ତେବେ ବଞ୍ଚିରହିବାର ଅର୍ଥ କଣ ?"

ଏତେ ବୟସରେ ବି ଲେଖାପଢ଼ାରେ ତାଙ୍କର ପ୍ରତିଦିନ ନିୟମିତ ୫/୬ ଘଣ୍ଟା ନିଶ୍ଚୟ ବିତୁଥିଲା। ଲେଖିବା ହିଁ ତାଙ୍କ ଜୀବନର ସର୍ବଶ୍ରେଷ୍ଠ ଧ୍ୟେୟ ଥିଲା। ଦେହ ଦୁର୍ବଳ କାହିଁକି ହୋଇଯାଇଛି ବୋଲି ଡ଼ାକ୍ତରଙ୍କୁ ପଚାରିବାକୁ ଯାଇଥିଲେ ଯେତେବେଳେ ଡ଼ାକ୍ତର ତାଙ୍କୁ କହିଲେ - "ଦୁଇଟା ସାଲାଇନ୍ ଦେଇଦବା ଦେହଠିକ୍ ହୋଇଯିବ।" ତା' ପରେ କିନ୍ତୁ କ'ଣ ହେଲା କେଜାଣି ସେଇ ସାଲାଇନ ଲଗାଯାଇଥିବା ହାତଟି ଆଉ ଚଳପ୍ରଚଳ କ୍ଷମ ହେଇପାରିଲାନି। ଧୀରେ ଧୀରେ ଯାହା ବି ଟିକିଏ ଉନ୍ନତି ହେଲା, ଲେଖିବା ସମୟରେ କିନ୍ତୁହାତ ଥରୁଥିଲା। ତେଣୁ ଲେଖାଲେଖି ପ୍ରାୟ ବନ୍ଦ ହୋଇଗଲା। ତାଙ୍କର ସେଇ କ୍ଷୋଭ ତାଙ୍କୁ ଅନ୍ତିମ ନିରାଶା ଆଣିଦେଉଥିଲା। କିନ୍ତୁ ହଠାତ୍ ଦେହର ଅବସ୍ଥା ଏଇ ମାସେ ଦେଢ଼ମାସ ଭିତରେ ଏତେ ସିରିୟସ୍ ହୋଇ ଯାଇଛି ବୋଲି ମୋର ଅନ୍ତତଃ ଧାରଣା ନଥିଲା। ଡ଼ିସେମ୍ବର ୨୧ ତାରିଖଦିନ ସକାଳୁ କଲେଜ କୁ ଯାଇ ଛୁଟି ପାଇଁ ବ୍ୟବସ୍ଥା କରି କଟକରେ ପହଞ୍ଚିଲୁ ଦିନ ସାଢ଼େ ତିନିଟା ଚାରିଟା ବେଳକୁ। ସେଇଦିନ ସକାଳୁ ନାନାଙ୍କର ବିଭିନ୍ନ ପ୍ରକାରର ପରୀକ୍ଷା କରିବାକୁ ଡ଼ାକ୍ତର, ମୀରା ନାନୀର ଦେଢ଼ଶୁର ଶ୍ରୀ ଅମୂଲ୍ୟ ଦାସ ଭାଇନା କହିଲେ। ତା ସହିତ ଆଉଗୋଟେ ପ୍ରସ୍ତାବ ଦେଲେ ଡ଼ାକ୍ତରଖାନାରେ ଭର୍ତ୍ତି କରିଦେବାପାଇଁ ସେଇ ଯେ ଘରୁ ବାହାରିଥିଲେ ଆଉ ଘରକୁ ଫେରିବା ହେଲାନି। ସାଙ୍ଗେ ସାଙ୍ଗେ ଗୋଟେ କେବିନ୍ ମିଳିବା ତ ସମ୍ଭବ ନୁହେଁ, ତେଣୁ ସାଧାରଣ ୱାର୍ଡରେ ତାଙ୍କୁ ରଖିଲେ। ଆମେ କଟକ ବଡ଼ ଡ଼ାକ୍ତରଖାନା ର ମେଡ଼ିସିନ୍ ୱାର୍ଡରେ ପହଞ୍ଚିଲୁ। ନାନା ଶୋଇଥିଲେ ବେଡ଼ରେ। ପାଖରେ ମାଁ ଗୋଟେ ଚୌକିରେ ବସିଥିଲା। ଶୁଖିଲା ମୁହଁର ପାଣିଚିଆ ଆଖି ଟେକି ଆମକୁ ଚାହିଁଲା ମୋ ଛାତି ଭିତର ଥରି ଉଠିଲା। ନାନା ଯେମିତି ଖଟରେ ମିଶି ଯାଇଥିଲେ। କିଛି ଖାଇପାରୁ ନଥିଲେ। ଖାଇବା ଜିନିଷ ଚକଟି ପାଣି ଭଳିଆ କରି ଚାମଚରେ କୌଣସିମତେ

Digitized by srujanika@gmail.com

ଗଳେଇ ଦିଆ ହଉଥିଲା । ସେଇ ଖାଇବା କାମଟା ରାଜା ଓ ମହେଶ୍ୱର କରୁଥିଲେ । ସେମାନଙ୍କ ଉପରେ କେବଳ ନାନାଙ୍କର ଭରସା ଥିଲା । ସେ ଦିହେଁ ସାଢ଼େଦଶଟା ଏଗାରଟା ବେଳକୁ ମୀରା ନାନୀ ଘରକୁ ଯାଇଥିଲେ ଟିକେ ବିଶ୍ରାମ ନେବାକୁ । ତା'ପରେ ମୁଁ ଓ ପ୍ରସନ୍ନ ରହୁଥିଲୁ । ଝୁଲୁ, ମୀରାନାନୀ, ଜ୍ୟୋତିନାନୀ ଭାଇନା ମାନେ ଯିଏ ଯାହାର ପହଞ୍ଚୁଥିଲେ । ରାଜା ମହେଶ୍ୱର ଚାଲିଗଲା ପରେ ନାନା ପ୍ରସନ୍ନଙ୍କ ଉପରେ ବେଶୀ ଆସ୍ଥା ରଖୁଥିଲେ । ଦୁଇ ତିନିଦିନ ପରେ ନାନା ପ୍ରସନ୍ନଙ୍କୁ ପାଖକୁ ଡ଼ାକିଲେ । ସେ ଲଇଁ ପଡ଼ିଲେ ନାନା କ'ଣ କହୁଛନ୍ତି ବୋଲି ।। ନାନା ତାଙ୍କ ମୁହଁକୁ ଧରି ପାଖକୁ ଭିଡ଼ିନେଇ ଚୁମାଟିଏ ଦେଇ କହିଲେ - "ବହୁତ କଲ ବାବା ତୁମେ ମୋର ଜ୍ୱାଇଁ ନୁହେଁ ପୁଅ ।" ଆମ ସମସ୍ତଙ୍କ ଆଖିରୁ ଲୁହ ଝରିଗଲା ।

ଡ଼ିସେମ୍ବର ୨୩ ତାରିଖ । ନାନା ୱାର୍ଡରେ ରହିଛନ୍ତି ବୋଲି କିଛି କିଛି ଲୋକ ଜାଣିଯାଇଥିଲେ । ତେଣୁ ପ୍ରାୟ ପ୍ରତିଦିନ କେହି କେହି ଦେଖିବାକୁ ଆସନ୍ତି । କଥାହେବା ବେଳେ ନାନା ମାଁ ର ଅଲରା ବାଳ ଓ ସାଧା ଶାଢ଼ୀର ବ୍ୟସ୍ତ ଚେହେରାକୁ ଦେଖି ନାନା ବିରକ୍ତ ହେଇ କହିଲେ- "ଏତେ ଲୋକ ଆସୁଛନ୍ତି ତାଙ୍କ ସାମନାରେ ଏମିତି ବେଶରେ କାହିଁକି ବସୁଚ ? ସବୁଦିନ ତାଙ୍କୁ ଭଲଲାଗେ, ସମସ୍ତେ ଭଲ ଲୁଗା ପିନ୍ଧିବେ । ନିଜର ଯତ୍ନ ନେବେ । ପିଲାଦିନର ଗୋଟେ କଥା ମୋର ମନେ ପଡ଼ିଯାଉଛି । ବଡ଼ନାନୀ ତ ବାହା ହେଇଯାଇଥିଲା । ମୁଁ ଝୁଲୁ ଦଶମ ଶ୍ରେଣୀରେ ପଢୁଥିଲୁ । ମୀରା ନାନୀ, ଜ୍ୟୋତି ନାନୀ କଲେଜ୍‌ରେ । ଖରାଛୁଟୀ ସମୟ । ନା ଆମମାନଙ୍କର ଗାଧୋଇବାର ଠିକ୍ ସମୟଥିଲା, ନା ଖାଇବାର, ନା ମୁଣ୍ଡ କୁଣ୍ଡାଇବାର । ଚାରି ଛଅ ଦିନ ଆମ ଗତି ବିଧି ଦେଖିଲା ପରେ ନାନା କହିଲେ - ତୁମେମାନେ ସକାଳ ସାତଟା ସୁଦ୍ଧା ଯଦି ତୁମର ନିତ୍ୟକର୍ମ ସାରି ଜଳଖିଆ ଖାଇ ଦେବ ତେବେ ପନ୍ଦରଦିନ ଦେଖିଲା ପରେ ତୁମକୁ ମୁଁ ଗୋଟେ ପିକ୍‌ଚର ଦେଖିବାକୁ ପଇସା ଦେବି । ପିକ୍‌ଚର ନାଁ ଶୁଣି ଆମେ ଲାଗି ପଡିଥିଲୁ ସକାଳୁ କାମ ସାରିବାପାଇଁ । ପିକ୍‌ଚର ବି ଯାଇଥିଲୁ ।

ହସ୍‌ପିଟାଲରେ ମାଁ କୁ ଏଇକଥା ନାନା କହିବା ପରେ ମୁଁ ମା କୁ କହିଥିଲି - "ମାଁ ନାନାଙ୍କୁ ଭଲ ଲାଗୁନି । କାଲିଠୁ ତୁ କୁଞ୍ଚକରି ଶାଢ଼ୀ ପିନ୍ଧିବୁ" । ତା' ପରଦିନ ଠୁ ଶେଷଦିନ ପର୍ଯ୍ୟନ୍ତ ମାଁ କୁଞ୍ଚକରି ଲୁଗା ପିନ୍ଧିଥିଲା । ନାନା ଙ୍କ ମନ ଶାନ୍ତି ପାଇଁ,

Digitized by srujanika@gmail.com

ସେଇ ଦିନ ଦିପହରରେ ମୀରାନାନୀ ସାଙ୍ଗରେ ପ୍ରତିଭାନାନୀ (ABIT ର Principal) ଆସିଥିଲେ ନାନାଙ୍କୁ ଦେଖିବାକୁ । ହାତରେ ତାଙ୍କର ନୂଆବର୍ଷର ଗୋଟେ ଡ଼ାଏରୀ । ପ୍ରତିବର୍ଷ ନାନାଙ୍କୁ ସେ ନୂଆ ଡ଼ାଏରୀ ଉପହାର ଦିଅନ୍ତି । ନାନା ସେ ଡ଼ାଏରୀ ଟି ଦେଖି କହିଲେ- "ଏ ଡ଼ାଏରୀ ଆଉ ମୋ କାମରେ ଲାଗିବନି । କାହିଁକି ଆଣିଚ ?" ଆମ ସମସ୍ତଙ୍କ ମୁହଁ ଶୁଖିଗଲା । ସେଇଦିନ ଖବର ପାଇଲୁ ଲକି - ବଡ଼ନାନୀର ଝିଅର ଝିଅଟିଏ ହେଇଚି । ନାନା ଶୁଣିଲେ ଦୁଇହାତ ମୁଣ୍ଡରେ ଯୋଡ଼ିଲେ ।କହିଲେ ଦୀର୍ଘଜୀବୀ ହଉ ।

P.S.C. member ଡ଼କ୍ଟର ହାଡ଼ିବନ୍ଧୁ ମିର୍ଦ୍ଧା, DIG ଧନେଶ୍ୱର ପତି ଆସିଥିଲେ ନାନାଙ୍କୁ ଦେଖାକରିବାକୁ । ଏଇ ଜେନେରାଲ୍ ୱାର୍ଡ଼ରେ ଦୁଇଦିନ ହେଲାଣି ନାନା ରହିଛନ୍ତି ବୋଲି ଭାରି ବ୍ୟସ୍ତ ହେଲେ । ଡ଼କ୍ଟରମାନଙ୍କ ସହିତ କଥାବର୍ତ୍ତା ହେଲେ କୌଣସି ମତେ ଗୋଟିଏ କ୍ୟାବିନ୍‌ର ବ୍ୟବସ୍ଥା କରିବା ପାଇଁ । ଛବିଶ ତାରିଖ ଦିନ ମିଳିଥିଲା ସ୍ପେଶାଲ୍ କେବିନ୍ ।

ତା ପୂର୍ବରୁ ଏଇ ଜେନେରାଲ୍ ୱାର୍ଡ଼ର ରହଣୀ ଭିତରେ ନାନାଙ୍କର ସ୍ୱାସ୍ଥ୍ୟରେ କିନ୍ତୁ କିଛି Improvement ଦେଖାଯାଉନଥିଲା । କ'ଣ ହୋଇଛି ବୋଲି କେହି ସ୍ଥିର ସିଦ୍ଧାନ୍ତରେ ପହଞ୍ଚିପାରୁନଥିଲେ । ତେଣୁ Medicine Professor ଙ୍କ କଥା ଅନୁସାରେ ୨୪ ତାରିଖ ସକାଳୁ ୯ ଟା ବେଳକୁ ପେଟର Ultra Sound କରିବାକୁ ଅନ୍ତର୍ଯ୍ୟାମୀ ଭାଇନା, ମହେଶ୍ୱର ଓ ରାଜା ନେଇ କି ଗଲେ । ସେଇଠି ହସ୍‌ପିଟାଲ୍ ବାହାରେ ଗୋଟେ Private Clinic ରେ Ultra Sound କରିବାକୁ ଷ୍ଟ୍ରେଚର ରେ ନେଇ ଗଲେ । ପ୍ରାୟ ଦିନ ୧୧ଟା ବେଳକୁ ଫେରିଲେ । ତା ପରଠୁ ଗୋଟେ ଅଦ୍ଭୁତ କଥା ନାନା କହିବାରେ ଲାଗିଲେ । କହିଲେ - "ଚାରି ଜଣ ଲୋକ ଗୋଟେ ଶବ ବୋହିକି ଯାଉଥିଲେ । ସୁନ୍ଦର ଫୁଲରେ ସଜା ହେଇଥିଲା । ଜଗନ୍ନାଥ ଦେଖେଇ ଦେଲେ । ଭାରି ଶୁଭ । ଏଥର ସବୁ ମଙ୍ଗଳ ହେବ ।"

ରାଜା ଓ ମହେଶ୍ୱର କୁ ପଚାରିଲୁ ସତରେ ସେମିତି କିଛି ଦେଖିଲେ କି ? ସେମାନେ ମନା କଲେ । ଅମ ମନକୁ ପାପ ଛୁଇଁଲା । ସେଇଦିନ ଦିପହର ବେଳ ପାଖରେ ମୁଁ, ଝୁଲୁ, ରାଜା ଓ ମାଁ ଥାଉ । ହଠାତ୍ ନିଶ୍ୱାସ ନେବାରେ କଷ୍ଟ ହେଲା । ୱାର୍ଡ଼ ରେ ତ ଥାଆନ୍ତି ।Doctor ସାଙ୍ଗେ ସାଙ୍ଗେ ଆସିଲେ । ଦେଖିଲେ ଆମକୁ କହିଲେ - "Heart function ମଝିରେ ମଝିରେ Miss କରୁଚି । ଏଇଟା Mild

Digitized by srujanika@gmail.com

heart attack । ଆଗରୁ ଗୋଟେ Massive attack ହେଇଛି" ଆମେ ସେଇଟା ଜାଣି ପାରି ନଥିଲୁ ।

ଡ଼ିସେମ୍ବର ୨୫ ତାରିଖ ଖାଦ୍ୟ ଖାଇବାତ ପ୍ରାୟ ନଥିଲା କହିଲେ ଚଳେ । ସେଦିନ ଦିପହରେ ଯିଏ ତାଙ୍କୁ ଦେଖା କରିବାକୁ ଆସିଲେ ସେମାନଙ୍କ ସହିତ ବି ଭଲରେ କାହିଁକି କଥା ହେଲେନି । କେମିତି ଗୋଟେ ବିରକ୍ତ ବିରକ୍ତ ଭାବ ଦେଖିଲୁ । ମୁହଁ ଖୋଲି କି କହିଲେ - "କାହିଁକି ଏତେ ଲୋକ ଆସୁଛନ୍ତି ମନାକର" ଅଳ୍ପ ନିଦ ବି ହେଇଗଲା ତାଙ୍କୁ ।

ସନ୍ଧ୍ୟାବେଳେ ଆଗ ରାଜା ପହଞ୍ଚିଲା । ମୁଁ, ଝୁଲୁ, ମାଁ ବେଡ ପାଖରେ ଅଛୁ । ହଠାତ୍ ରାଜା କୁ ଡାକିଲେ - ବାବୁ, ଏଇଠି ସବୁ କାମ କରିବା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ, "ଟଙ୍କା ଅଧିକ ଆଣିଛ ନା ନାଇଁ" ରାଜା ହତବାକ୍ । ଦେହତ Normal ଅଛି, ଏମିତି କାହିଁକି କହୁଛନ୍ତି ? ରାଜା କହିଲା - "ଟଙ୍କା ମୁଁ ଆଣିଛି ତୁମେ ଚିନ୍ତା କରିବା ଦରକାର ନାହିଁ" ଦୂରକୁ ଟିକେ ଚାଲିଅସି ଆଖିରୁ ଲୁହ ପୋଛିଲା । ତା'ପରେ ନାନା ମାଁ କୁ ପାଖକୁ ଡାକିଲେ । ତା ହାତ ଦିଟା ଛାତି ଉପରକୁ ନେଇ ଚୁଡି ତକ ଆଉଁସି ଦେଲେ । ତା ମୁହଁ ଟାକୁ ଆଉଁସି ଦେଇ କହିଲେ - "ହଉ ଏଥର ଯିବା, ଆରତୀ, ମାମୀ ଓ ପିଲାମାନଙ୍କୁ ଡକାଇ ଦିଅ" ଆମେ, ଆଖିରୁ ଲୁହ ପୋଛୁ ଥାଉ । ନାନା କହିଲେ- "ମିଛ ଜିନିଷରେ ମନକୁ ସାନ୍ତ୍ୱନା ଦଉଛେ । ଆମେ ଯୋଉଟା ସତ୍ୟ ସେଇଟାକୁ ସାମନା କରିବାକୁ କାହିଁକି ସାହାସ ନାହିଁ । ସତ୍ୟ କୁ ଗ୍ରହଣ କରିବାକୁ ହେବ । ସେଥି ପାଇଁ ସମସ୍ତେ ପ୍ରସ୍ତୁତ ହୋଇଯାଅ" ଆମ ସମସ୍ତଙ୍କୁ ମାନସିକ ସ୍ତର ରେ କିଛିଟା ସବଳ କରିଦେବାର ପ୍ରୟାସ ଏଇଟା ତାଙ୍କର । ଜାଣିଥିଲେ ସେ ଖୁବ ଭଲଭାବରେ, ଆମେ ସମସ୍ତେ- ପୁଅ, ବୋହୁ, ଝିଅ, ଜୋଇଁ, ନାତି, ନାତୁଣୀତାଙ୍କ ଉପରେ କେତେ ନିର୍ଭରଶୀଳ ।

୨୯ ତାରିଖ ସକାଳ ସାଢ଼େ ଦଶଟା, ଏଗାରଟା ସମୟ ହେବ । ଡ଼କଟର ହାଡ଼ିବନ୍ଧୁ ମିର୍ଦ୍ଧା ପହଞ୍ଚିଲେ ନାନା ଙ୍କ ପାଖରେ । ସ୍ପେଶାଲ କେବିନ ପାଇଁ ଆଗରୁ ତ ଚେଷ୍ଟା ଚାଲିଥିଲା । ମିର୍ଦ୍ଧା ବାବୁ ମଧ ଅନ୍ତର୍ଯ୍ୟାମୀ ଭାଇନା ଙ୍କ ସହିତ ଯାଇ କେବିନ ବ୍ୟବସ୍ଥା କରି ଆସିଲେ । ସେତେବେଳେ ସେ PSC ଚେୟାର ମ୍ୟାନ୍ ଥାଆନ୍ତି ।

Digitized by srujanika@gmail.com

ତେଣୁ କେବିନ ସଙ୍ଗେ ସଙ୍ଗେ ମିଳିଗଲା । ଆମେ ନାନା ଙ୍କୁ ନେଇ ଗଲୁ ସେଠିକି । ସେଠି ପହଞ୍ଚିବା ସଙ୍ଗେ ସଙ୍ଗେ ନାନା କହିଲେ - ଆରେ ହସପିଟାଲ ଭିତରେ ଏତେ ସୁନ୍ଦର ଯାଗା ଅଛି । ପାଟି ନାହିଁ - ଲୋକ ଗହଳି ନାହିଁ । ମତେ ତ ସ୍ୱର୍ଗ ଭଳିଆ ଲାଗୁଛି । ମାଁ ଖାଲି ପାଖରେ ବସିଥାଉ ତୁମେ ସମସ୍ତେ Comfortable ଯାଗାରେ ବସ । ମତେ ଜଗିବା କିଛି ଦରକାର ନାହିଁ "ମୁଁ ଚୁପ ଚାପ ଶୋଇବି । ଏଠି କିଛି Disturbance ନାହିଁ ।"

ଆମେ ଝିଅ ଜୋଇଁ ମାନେ ସାମନା ରୁମ୍ କୁ ଚାଲି ଆସିଲୁ । ଯା ପରଠୁ ସେ ଆଉ କାହାକୁ ଦେଖିଲେ ଖୁସି ହେଲେନି । ନିଜର ମାୟା ସତେ ଅବା ତୁଟାଇବାକୁ ସେ ସାଧନାରତ ହେଇଗଲେ । ସ୍ୱାସ୍ଥ୍ୟ ତାଙ୍କର ଟିକେ Improve ହେଲା ଭଳିଆ ମନେ ହେଲା । ସନ୍ଧ୍ୟାବେଳେ ମାମୀ, ଆରତୀ,ରୁଚି, ଚାନ୍ଦିନୀ, ରୋଶନ ସିଧା ହସ୍‌ପିଟାଲ୍‌ରେ ପହଞ୍ଚିଲେ । ସେମାନଙ୍କୁ ଖାଲି ଦେଖିଲେ । କିନ୍ତୁ ।ଦେଖିବାରେ ବା କଥା କହିବାରେ ସେମିତି ସ୍ନେହାଚ୍ଛନ୍ନ ବ୍ୟଗ୍ରତା ଆମେ ଖୋଜିପାଇଲୁ ନି । ସେ ଯେମିତି ସଂସାର ପ୍ରତି ନିର୍ଲିପ୍ତ ହବାକୁ ଚେଷ୍ଟା କରୁଥିଲେ ।

୨୭ ତାରିଖ ଦିନଟି ସେମିତି ଭଲରେ ଭଲରେ ଗଲା । ସେଦିନ ବଙ୍କିମଚନ୍ଦ୍ରଙ୍କର 'କପାଳ କୁଣ୍ଡଳା' ଉପନ୍ୟାସ ବିଷୟରେ ଆମଆଗରେ ବର୍ଣ୍ଣନା କଲେ । କହିଲେ - "ପଢ଼ିବ ବହିଟା ।" ସ୍ୱାସ୍ଥ୍ୟ ଆଉଟିକିଏ ଭଲ ଦିଗକୁ ଗତି କରୁଛି ବୋଲି ଆମର ହୃଦବୋଧ ହେଲା । ଆମ ଜେଜେମା ମାନେ ନାନାଙ୍କର ବୋଉ କେମିତି ରୋଷାଇ କରନ୍ତି, କେତେ ଭଲଲାଗେ ସେ କଥା କହିଲେ । ଏଇଭଳି ଭାବରେ ସେ ଦିନଟି କଟିଗଲା ।

୨୮ ତାରିଖ ଦିନ ଦଶଟା ଏଗାରଟା ବେଳକୁ ପୁଣି ଆରମ୍ଭ ହେଲା ତାଙ୍କର ଗପ । କୋଉ ନାଟକରେ କ'ଣ ଅଭିନୟ କରିଥିଲେ କହୁଥାଆନ୍ତି । ସ୍ୱରରେ ଖୁସି ଭରପୂର । କହିଲେ - "ଉପେନ୍ଦ୍ର ଭଞ୍ଜ ନାଟକରେ ଶ୍ରୀପତି ପଣ୍ଡିତ ହୋଇଥାଏଁ ମୁଁ । ଶେଷଦୃଶ୍ୟରେ ମୋର ମରିବା କଥା । ବିଷ ପିଆଇ ଦିଆଯାଇଛି । ମୁଁ ମରିବାର ଅଭିନୟ କରୁଛି । ସେ ଅଭିନୟ ଏତେ ସୁନ୍ଦରଥିଲା - ଦେଖାଣାହାରୀ ଖାଲି ତାଳି

Digitized by srujanika@gmail.com

ଉପରେ ତାଳି ମାରି ଚାଲିଥାଆନ୍ତି । "ଏହି ଭଳିଆ ଗୁଡ଼ାଏ ଗପ କହୁଥାନ୍ତି । ବର୍ତ୍ତମାନ ଭାବିଲେ ମନେହେଉଛି - ବୋଧହୁଏ ତାଙ୍କ ମନରେ ଆସୁଥିଲା, ତାଙ୍କ ଶେଷ ମୁହୂର୍ତ୍ତ ଏମିତି ଆସିବ । ସେଇଟାକୁ ବୋଧେ ସେ ଚିନ୍ତା କରୁଥିଲେ ।

ପରିବା ସୁପ୍ ଚକଟି ପାଣି କରି ମାମୀ ତାଙ୍କୁ ଚାମଚରେ ଖୁଆଇ ଦଉଥାଏ । ତାଙ୍କ ଆଖି ପଡ଼ିଗଲା ଅକ୍‌ସିଜେନ୍ ସିଲିଣ୍ଡର ଉପରେ । କହିଲେ - "ଏଇଟା ହଉଛି ମୋର ଜୀବନ । ଏଇଟାକୁ ପୂରା ପାଖରେ ରଖ । ଯତ୍ନରେ ରଖ ।"

ଏଇ ଭଳିଆ କିଛି ନା କିଛି କଥା କହିଚାଲିଥାଆନ୍ତି । ସେଇଦିନ ରାତିରେ ରାଜା, ମହେଶ୍ୱର ଓ ମାଁ ତାଙ୍କ ପାଖରେ ବେଡ୍ ଉପରେ ମୁଣ୍ଡଦେଇ ଶୋଇଯାଇଥାଆନ୍ତି । ହଠାତ୍ ନାନାଙ୍କର ନିଦ ଭାଙ୍ଗିଗଲା । ମହେଶ୍ୱରଙ୍କ ମୁଣ୍ଡରେ ହାତ ମାରିଦେଲେ । ସେ ଧୀରେ ପଚାରିଲେ - "କ'ଣ ହେଲା ?" ନାନା କହିଲେ - "ଚାଲ । ମତେ ନେଇଚାଲ । ଡ଼ିଆସିଲ୍ ଗୋଟେ କାଠି ମାରିଦେଲେ ତ ସରିଲା ସବୁ । ରାଜା ଶୋଇଥାଉ । ସେ ଏସବୁ ପାରିବନି । ଆମେ ଯିବା ଚାଲ ।"

ମହେଶ୍ୱର ଆଉ କହିବେ କ'ଣ ? ରାଜା ଓ ମାଁ ବି ଝାପ୍‌ସା ନିଦରୁ ଉଠିପଡ଼ିଲେ । ମହେଶ୍ୱର କହିଲେ - ହଉ, ହଉ ଶୋଇପଡ଼ । ପୁଣି ଶୋଇପଡ଼ିଲେ ସେ ।

ଡ଼ିସେମ୍ବର ୨୯ ତାରିଖ ସକାଳୁ ବ୍ଲଡ଼, ଇଉରିନ, ଷ୍ଟୁଲ୍ ଟେଷ୍ଟ କରିବାକୁ ଦିଆହେଲା । ଗୁଡ଼ାଏ ଗପ କରୁଥାଆନ୍ତି । ବେଶି ତାଙ୍କ ବୋଉ କଥା କହୁଥାଆନ୍ତି । ଦିପହରେ ଟିକେ ଶୋଇପଡ଼ିଥିଲେ । ଚାରିଟା ବେଳକୁ ହଠାତ୍ କହିଲେ ମୁଁ ଟିକେ ଚାଲିବି ।" ପ୍ରସନ୍ନ, ମୁଁ ଝୁଲୁ ଟିକେ ବ୍ୟସ୍ତହେଇଗଲୁ କେମିତି ଚଲାଇବୁ ବୋଲି । ତାପରେ କହିଲେ-ପେପର୍ ପଢ଼ିନି ବହୁତଦିନ ହେଲା । ଟିକେ ବସେଇଦିଅ ।" ତାଙ୍କୁ ବସାଇ ଦେଇ ମୁଣ୍ଡଉପରୁ ଚଷମାଟା ଆଣି ଦେଇଦେଲୁଁ ଅଳ୍ପ ସମୟ ବସିଲେ । କ'ଣ ଟିକେ ପଢ଼ିଲେ । ପୁଣି କହିଲେ 'ଶୋଇ ପଡ଼ିବି ।'

ସେଦିନ ହସ୍‌ପିଟାଲ୍‌ରେ କ'ଣ ଗୋଟେ ଅସୁବିଧା ହୋଇଥିଲା । ଡ଼ାକ୍ତରମାନେ ପ୍ରାୟ କେହି ନଥାନ୍ତି । ଜଣେ ଡ଼ାକ୍ତର ୱାର୍ଡ଼ ଓ ସ୍ପେଶାଲ୍ କେବିନ୍ ରାଉଣ୍ଡ ଦେଇ କାଜୁଆଲ୍‌ଟିକୁ ଚାଲିଯାଇଥାଆନ୍ତି । ସେ ଡ଼ାକ୍ତର ନାନାଙ୍କର ବ୍ଲଡ଼ ରିପୋର୍ଟ ଦେଖି କହିଲେ ବ୍ଲଡ଼ରେ ପୋଟାସିୟମ୍ କମିଯାଇଛି । ମେଡ଼ିସିନ୍

Digitized by srujanika@gmail.com

ଲେଖିଦେଲେ । ଠିକ୍ ସେତିକିବେଳେ ରାଜା ଆସି ପହଞ୍ଚିଲା । ସାଙ୍ଗେ ସାଙ୍ଗେ ଔଷଧ ଆଣି ପାଣିରେ ଗୋଳାଇ ପିଆଇଦେଲୁ । ସେତେବେଳକୁ ସନ୍ଧ୍ୟା ହେଇଆସୁଛି ।

ଔଷଧ ପିଇବାର ୧୫ ମିନିଟ୍ ଖଣ୍ଡେ ଯାଇଥିବ । ହଠାତ୍ ପାଟିଦେଇ ରକ୍ତ ବାହାରି ଆସିଲା, ତିନି ଚାରି ଚଳା । ଆମେ ସବୁ ଭୟରେ ପାଟିକରି ଉଠିଲୁ । ତାଙ୍କୁ ଟାୱେଲ୍ ରେ ସଫା କଲାବେଳକୁ ସେ ଅତି ଧୀରସ୍ଥିର ଭାବରେ କହିଲେ "କାହିଁକି ବ୍ୟସ୍ତ ହଉଛ । ଇଏ ବ୍ଲଡ୍ ନୁହେଁ । ମୁଁ ଯୋଉ ନାଲିଆ କଲର ର ଔଷଧ ଖାଇଥିଲି ସେଇଟା ବାହାରିଗଲା ।"ମୁଁ ସ୍ପେଶାଲ୍ କେବିନ୍ ରୁ ଉପରମହଲାକୁ ଦୌଡ଼ିଗଲି ଡ଼ାକ୍ତର କି ନର୍ସ କିଏଥିବେ ବୋଲି । ସେଇଠୁ କାଜୁଆଲ୍‌ଟି କୁ ଫୋନ୍ କଲି ଡ଼ାକ୍ତରଙ୍କୁ କହିଲି ବାନ୍ତିରେ ବ୍ଲଡ଼ ଆସିଲା ବୋଲି । ନର୍ସ ମୋ ସାଙ୍ଗରେ ଆସିଲା । ରାଜା ଚାଲିଗଲା କାଜୁଆଲ୍‌ଟି ରୁ ଡ଼କ୍ଟରଙ୍କୁ ଡ଼ାକି କି ଆଣିବାପାଇଁ ।

ମୀରା ନାନୀ ଘରକୁ ଫୋନ୍ କରିଦେଲୁ । ନାନୀ,ଭାଇନା, ଆରତୀ, ମାମୀ, ମହେଶ୍ୱର ସମସ୍ତେ ଆସିକି ପହଞ୍ଚିଗଲେ । ଅନ୍ତର୍ଯ୍ୟାମୀ ଭାଇନା ତାଙ୍କ ଡ଼ାକ୍ତର ଭାଇ ଅମୂଲ୍ୟ ଭାଇନାଙ୍କୁ ମଧ୍ୟ ଡ଼କାଇ ଦେଲେ । ପ୍ରସନ୍ନ ଓ ଶରତ୍ ଚା ପିଇବାକୁ ବାହାରକୁ ଯାଇଥିଲେ । ଆସିବା ଭିତରେ ଏସବୁ ଘଟଣା ହେଇଗଲା । ପଞ୍ଚାନନ ଭାଇନା ବି ଆସି ପହଞ୍ଚିଗଲେ । ସାତଟା ବେଳକୁ ଭୀଷଣ ଯନ୍ତ୍ରଣା ଭିତରେ କଳାଝାଡ଼ା ସହିତ ରକ୍ତ ବାହାରିଗଲା ମଳଦ୍ୱାର ଦେଇ । ସାଙ୍ଗେ ସାଙ୍ଗେ ରକ୍ତ ଦେବାର ବ୍ୟବସ୍ଥା କରାହେଲା ।

ଆମ ସମସ୍ତଙ୍କ ଭିତରେ ନିରାଶାର ବାଦଲ୍ ଖେଳିଗଲା । ଭୁବନେଶ୍ୱର କୁ ଫୋନ୍ କରିଦେଲି । ମୋ ଘରେ ମୋ ଝିଅ ସୋନି ଏକୁଟିଆ । ଝୁଲୁ ଘରେ କୁନାଲ୍ ଓ ଟିଙ୍କଲୁ, ଆମେ ଆଉ ରାତିରେ ଘରକୁ ଫେରିବାର ନାହିଁ। ତେଣୁ ସେମାନେ ତାଙ୍କ ବ୍ୟବସ୍ଥା କରିବେ ।

ରାତି ବାରଟା ପର୍ଯ୍ୟନ୍ତ ଅମୂଲ୍ୟ ଭାଇନା ବି ବସିଥାଆନ୍ତି । କିନ୍ତୁ ସେ ନିରାଶା ସୂଚକ ଇଙ୍ଗିତ ଦେଇସାରିଥାଆନ୍ତି । ଆମେ ସମସ୍ତେ ବେଡ୍‌ର ଚାରିପାଖରେ ଘେରି କି ହତାଶାରେ ଠିଆ ହେବା ଛଡ଼ା ଅନ୍ୟକିଛି ଉପାୟ ନଥିଲା । ରାତିସାରା ଦେହରେ ଭୀଷଣ ଯନ୍ତ୍ରଣା ହଉଥାଏ ତାଙ୍କର । ବ୍ଲଡ୍ ସ୍ଟୁଲ୍ ମଧ୍ୟ ଆହୁରି ଦୁଇ ତିନିଥର

Digitized by srujanika@gmail.com

ହେଇଗଲା । ବାଉଳି ହେବାରେ ଲାଗିଥାନ୍ତି । ପାଟି କେତେବେଳେ ବନ୍ଦ ନଥାଏ । ପ୍ରାୟ ପ୍ରତି ପନ୍ଦର ମିନିଟ୍‌ରେ ବଡ଼ ପାଟିରେ ଚିତ୍କାର କରୁଥାଆନ୍ତି । "ହେ ଜଗନ୍ନାଥ ।" ଘର ଲୋକଙ୍କୁ କାହାକୁ ଖୋଜିବା ବା ପାଖକୁ ଡ଼ାକିବା ନଥାଏ ତାଙ୍କର । କହୁଥାଆନ୍ତି - "ଓ ଗୋ କବି ଗୁରୁ । ତୁମି କୁଥାଏ ଆଛୋ ?" ଗୀତାଞ୍ଜଳି ର କବିତା ଆବୃତ୍ତି କରୁଥାଆନ୍ତି ବଙ୍ଗଳା ଭାଷାରେ । ମଝିରେ ମଝିରେ ଚିତ୍କାର କରୁଥାଆନ୍ତି । "ମତେଛାଡ଼" । ଚାରିପାଖରେ ଆମେ ଘେରି ରହିବାଟା ହୁଏତ ଅନୁଭବ କରୁଥିଲେ । ହୁଏତ ମାୟା ର ଡ଼ୋରୀ ଛିଣ୍ଡେଇବା ରାସ୍ତାରେ ଆମେ ସବୁ ପ୍ରତିବନ୍ଧକ ହଉଥିଲୁ ।

ଡ଼ିସେମ୍ବର ୩୦ ତାରିଖ । ଭୋର ହେଇଆସିଲା । ଲାଗିଲା ସତେକି କାଳ ରାତିର ଅବସାନ ହେଇଗଲା । ସୂର୍ଯ୍ୟଙ୍କର ନୂଆକିରଣ ଭଳି ଆମ ମନରେ ମଧ୍ୟ ଆଶାର କିରଣ ସଞ୍ଚରିଗଲା । ନାନାଙ୍କର ଆଉ ଏତେଟା ଶରୀର କଷ୍ଟ ନଥିଲା ବୋଧେ, ପ୍ରଳାପ ଅନେକ ପରିମାଣରେ କମିଯାଇଥିଲା ।

ହସ୍‌ପିଟାଲ୍‌ରେ ମାଁ ସାମନାରେ ମନଖୋଲି କାନ୍ଦି ବି ହଉନଥିଲା । ମାଁ ମୁହଁକୁ ଅନାଇଁ ହଉନଥାଏ । କାହାକୁ କିଛି ପଚାରୁ ନଥାଏ ସେ । ନାନାଙ୍କ ପାଖରେ ପଥର ମୂର୍ତ୍ତିଭଳି ବସିଥାଏ । ମୁଁ, ମୀରାନାନୀ ତାଙ୍କର ମହାନଦୀ ବିହାର ଘରକୁ ଆସିଲୁ ଶୀଘ୍ର ନିତ୍ୟକର୍ମ ସାରି ଫେରିଯିବାକୁ । ରାସ୍ତା ସାରା ଚୁପ୍ କ'ଣ ବା କହିବାକୁ ଅଛି ? କ'ଣ ବା ଶୁଣିବାକୁ ଅଛି ? ଘରେ ପହଞ୍ଚିଲା ପରେ ଦିହେଁ ଦିହିଁଙ୍କୁ କୁଣ୍ଢାଇ ଆଗ କିଛି ସମୟ କାନ୍ଦିଲୁ । ତା' ପରେ ପୁଣି କର୍ତ୍ତବ୍ୟ । ସମ୍ବଲପୁର ବଡ଼ନାନୀ ଘରକୁ ଫୋନ୍ କଲି । କୁଏଲ୍ ଧରିଲା । "ଦେଖିବାକୁ ଚାହୁଁଛତ ସାଙ୍ଗେ ସାଙ୍ଗେ ଚାଲିଆସ ।" ଏତିକି ହିଁ କହିଲି । ଆଉତ କିଛି କହିବାର ନଥିଲା । ଆମ ପାଖରୁ ଯେ ନାନା ଧୀରେ ଧୀରେ ଅପହଞ୍ଚ ଦୂରତ୍ୱକୁ ଚାଲିଯାଉଛନ୍ତି ସେ କଥା ଅନୁଭବ କରିସାରିଥିଲୁ । ବଲାଙ୍ଗୀର, ରାୟଗଡ଼ା ସବୁ ଯାଗାକୁ ଫୋନ୍ କରି ହସ୍‌ପିଟାଲ୍‌କୁ ଫେରି ଆସିଲୁ ।

ଆମେ ପହଞ୍ଚିବାପରେ ମହେଶ୍ୱର ମାଁ କୁ ନେଇ ଘରକୁ ଆସିବା କଥା । ନାନାଙ୍କର ବାଉଳି ହବାଟା ସକାଳୁ ବେଶ କମିଯାଇଥାଏ । ମହେଶ୍ୱର କହିଲେ- "ନାନା, ଆସୁଛି ।" ଚଟ କରି ନାନାଙ୍କ ଆଖି ଖୋଲିଗଲା । ଗୋଟେ ହାତରେ ମହେଶ୍ୱରଙ୍କୁ ଜାବୁଡ଼ି ଧରିଲେ । କପାଳରେ ଗୋଟେ ଚୁମା ଦେଇ କହିଲେ- "ପୁଅଠୁ

Digitized by srujanika@gmail.com

ବଳିଗଲ ବାବା ।" ତାପରେ ଆଉଁସି ଦେଲେ ।

ମୀରା ନାନୀ, ଝୁଲୁ ବାହାରେ ବାରଣ୍ଡାରେ ଥାଆନ୍ତି, ରାଜା ଓ ମୁଁ ନାନାଙ୍କ ପାଖରେ ଥାଉ । ହଠାତ୍ ଆଖିଖୋଲି ନାନା ରାଜାଙ୍କୁ ଚାହିଁ ହସିଲେ । କହିଲେ - "ଚାଲ ଯିବା ।" ରାଜା ପଚାରିଲା - "କୁଆଡ଼େ ?" ନାନା କହିଲେ - "ରାଉରକେଲା" ସେଠୁ ପୁଣି ଆଖିବନ୍ଦ କରି ରହିଲେ । ନରେନ୍ ଭାଇନା ଆସିଲେ ଦେଖିବାକୁ । ନାନା କିନ୍ତୁ ତାଙ୍କୁ ଚିହ୍ନିପାରିଲେ ନି । ହିନ୍ଦିରେ ଇଆଡୁ ସେଆଡୁ ବାଉଳି ହେଲେ ଖାଲି ।

ନାନା ଯେତେବେଳେ କଟକ ପ୍ରଥମେ ପହଞ୍ଚିଥିଲେ, ସେତେବେଳେ ପ୍ରାୟ ପ୍ରତିଦିନ ଭାରି ଅବଶୋଷଭରା ଆବେଗରେ କହନ୍ତି ସତ୍ୟନାରାୟଣ ପୂଜା ଗୋଟେ କରିବାରଥିଲା । ସେଇଟା ଆଉ ପୂରା ହେଇ ପାରିବନି ।" ସେ ନିଜେ ସବୁ ବେଳେ ସତ୍ୟନାରାୟଣ ପୂଜା କରନ୍ତି । ପଞ୍ଚାନନ ଭାଇନାଙ୍କୁ କହିଥିଲେ - "ବାବୁ ତୁମେ ତ କଟକରେ ସତ୍ୟନାରାୟଣ ପୂଜା କରୁଥିଲ । କାହା ପାଖରେ କରେଇଦେବ; ଏହି ଡ଼ିସେମ୍ବର ୩୦ ତାରିଖ ଗଡ଼ଗଡ଼ିଆ ମନ୍ଦିର ଠି ସତ୍ୟନାରାୟଣ ପୂଜା ହବାର ସ୍ଥିର ହେଇଥିଲା । ତେଣୁ ଭାଇନା ଜ୍ୟୋତିନାନୀ କୁ ହସ୍‌ପିଟାଲ୍ ରେ ଛାଡ଼ି ଦେଇ ପୂଜା ଯାଗାକୁ ଗଲେ ।

ଦିନ ଦଶଟା ବେଳକୁ ନାନାଙ୍କର ପୁଣିଥରେ ରକ୍ତଝାଡ଼ା ହେଇଗଲା । ତା ପରଠୁ ପ୍ରାୟ ନିସ୍ତେଜ ହେଇଯାଇଥାନ୍ତି ସେ । ଡ଼ାକ୍ତର ଆସି କହିଲେ ଆଉ ଗୋଟେ ବ୍ଲଡ଼ ଦେବାକୁ ପଡ଼ିବ । ସେତେବେଳକୁ ରେଡ଼କ୍ରସ୍ ଅଫିସ୍ ବନ୍ଦ ହେଇଯାଇଥିଲା ନାନାଙ୍କର ବ୍ଲଡ଼ଗ୍ରୁପ AB + ଆମର କାହାରି ନୁହେଁ ଦୁଇଟା ପରେ ଅଫିସ୍ ଖୋଲିଲେ ରକ୍ତ ଆସିବ ବୋଲି ଅପେକ୍ଷାରେ ରହିଲୁ । ଦୁଇଟା ବେଳକୁ ସବୁ ଜ୍ୱାଇଁମାନେ ଓ ମାମୀଙ୍କୁ ଆମେ ଜବରଦସ୍ତି ମନ୍ଦିରକୁ ପଠେଇଦେଲୁ ଖାଇକି ଆସିବାପାଇଁ । ସେମାନେ ଖାଇକି ଫେରିଲେ ନାନାଙ୍କ ପାଖରେ ରହିବେ । ତା'ପରେ ଆମେ ମୀରାନାନୀ ଘରଠୁ ଖାଇକି ଆସିବୁ ବୋଲି କଥାହେଲା । ସମସ୍ତେ ଅଧଘଣ୍ଟା ଭିତରେ ଫେରି ଆସିଲେ । ସାଙ୍ଗରେ ସତ୍ୟନାରାୟଣଙ୍କ ପଞ୍ଚାମୃତ । ରାଜା ନାନାଙ୍କ ମୁହଁ ପାଖକୁ ମୁହଁନେଇ ଡ଼ାକିଲା "ନାନା, ନାନା, ସତ୍ୟନାରାୟଣ ପୂଜାର ପଞ୍ଚାମୃତ ।"

Digitized by srujanika@gmail.com

ବହୁତ ଦୂରରୁ ଯେମିତି ସେ ଡ଼ାକ ତାଙ୍କ କାନରେ ବାଜିଲା । ତା ପୂର୍ବରୁ ଡ଼ାକିଲେ ବି ଉତ୍ତର ଦେଉନଥିଲେ । ରାଜାର ଡ଼ାକରେ "ହଁ, ଦିଅ" ବୋଲି କହିଲେ । ରାଜା ଅଳ୍ପଟିକେ ତାଙ୍କ ଜିଭରେ ମାରିଦେଲା । ପୁଣି ଆଖିବନ୍ଦ କରି ରହିଲେ ।

ରାଜା ଓ ମହେଶ୍ୱର ଚାଲିଗଲେ ମୀରାନାନୀ ଘରକୁ ଖାଇକି ଆସିବେ ବୋଲି । ସେମାନେ ଯିବାପରେ ଅନ୍ତର୍ଯ୍ୟାମୀ ଭାଇନା ଓ ଶରତ୍ ବାବୁ ଚାଲିଗଲେ ବ୍ଲଡ଼ ଆଣିବା ପାଇଁ । ମାଁ ଖାଇବାକୁ ମନାକଲା ତେଣୁ, ମାଁ, ମାମୀ ଓ ପ୍ରସନ୍ନ ନାନାଙ୍କ ପାଖରେ ରହିଲେ । ଆମେ ଚାରି ଭଉଣୀ ମହାନଦୀ ବିହାର ଗଲୁ ଯେତେ ଶୀଘ୍ରହେବ ଖାଇକି ଚାଲି ଆସିବୁ ବୋଲି । ମହାନଦୀ ବିହାରରେ ପହଞ୍ଚିଲା ବେଳକୁ ବଡ଼ନାନୀ ଓ ଜୁଏଲ୍ ପହଞ୍ଚି ଆରତୀକୁ ଧରି ହସ୍‌ପିଟାଲ୍ ବାହାରିଥାଆନ୍ତି । ରାଜା, ମହେଶ୍ୱର ବି ଖାଇସାରି ବାହାରୁଥାଆନ୍ତି ।

ସୋନି, କୁନାଲ୍, ଟିଙ୍କଲୁ, ସୋନାଲ୍ ଭୋରରୁ କଟକ ପହଞ୍ଚି ହସ୍‌ପିଟାଲ୍‌ରେ ନାନାଙ୍କୁ ଦେଖି ମହାନଦୀ ବିହାରରେ ଥାଆନ୍ତି ହାପି ଓ ଝିଲ୍‌ମିଲ୍‌ଙ୍କ ସହିତ ।

ଖାଇବା ପାଇଁ ଟେବୁଲ୍‌ରେ ବଢ଼ା ହେଇଗଲା । କାହାକୁ ତ ମନହେଉ ନଥାଏ ଖାଇବା ପାଇଁ । ଠିକ୍ ଟେବୁଲ୍ ରେ ବସିଛୁ, ହସ୍‌ପିଟାଲ୍ ରୁ ଫୋନ୍ ଆସିଗଲା । ମୀରାନାନୀର ଦେଢ଼ଶୁରଙ୍କ ଡ୍ରାଇଭର ସରୋଜ ଫୋନ୍ କଲା । ଝିଲ୍‌ମିଲ୍ ଧରିଥିଲା । ତା ଚିତ୍କାରରେ ସମସ୍ତେ ଚମକି ଉଠି ପଡ଼ିଲୁ । ସାଙ୍ଗେ ସାଙ୍ଗେ ହସ୍‌ପିଟାଲ୍ ଦୌଡ଼ିଲୁ ।

ଆମେ ସମସ୍ତେ ପହଞ୍ଚିଲା ବେଳକୁ ନାନା ଆଉ ନାହାନ୍ତି । ମାଁ, ପ୍ରସନ୍ନ ଓ ମାମୀ କେବଳ ରହିଥିଲେ ନାନାଙ୍କ ଶେଷ ସମୟରେ । ଶୁଣିଲୁ-ଯେମିତି ଶୋଇଥିଲେ ଠିକ୍ ସେମିତି ତାଙ୍କର ଶେଷ ନିଶ୍ୱାସ ଚାଲିଗଲା । ନିଶ୍ଚଳ ଅବସ୍ଥାରେ କେବଳ ବନ୍ଦପାଟିଟା ଟିକିଏ ଖୋଲିଯାଇଥିଲା । ମାମୀ ଗୋଡ଼ ପାଖରେ ବସିଥିଲା । କ'ଣ ତାକୁ ସନ୍ଦେହ ହେଲା, ନାନାଙ୍କ ନାଡ଼ୀରେ ହାତଦେଲା । ସବୁ ନିଶ୍ଚଳ । ସବୁଦିନ ପାଇଁ ନାନାଙ୍କର ଆଶୀର୍ବାଦର ହାତ ଆମ ମୁଣ୍ଡ ଉପରୁ ଅପସରିଗଲା ।

ଡ଼ିସେମ୍ବର ୨୯ ତାରିଖ ସନ୍ଧ୍ୟାବେଳେ ନାନାଙ୍କର ବନ୍ଧୁ ମାଧବ ଦାଶ୍ ଦେଖିବାକୁ ଆସିଥିଲେ । ତାଙ୍କୁ ନାନା କହିଥିଲେ - "ମାଧବ ବାବୁ, ମହାକାଳ

Digitized by srujanika@gmail.com

ଆସୁଛି । ଆଉ ମିଲେନିୟମ୍ କୁ ମୁଁ ଦେଖିପାରିବି ନି ।" ସତରେ ସେଇଆ ହିଁ ଘଟିଗଲା । ସତେ ଅବା ନିଜର ମୃତ୍ୟୁର ମୁହୂର୍ତ୍ତ ସେ ଆଗରୁ ଲେଖି ରଖିଥିଲେ । ୨୦୦୦ ମସିହା ର ଦିନକ ପୂର୍ବରୁ ସଂସାର ରୁ ବିଦାୟ ନେଇ ଚାଲିଗଲେ ଆମ ସମସ୍ତଙ୍କୁ ମିଲେ ନିୟମ୍‌ରେ ଶୂନ୍ୟତାର ଉପହାର ଦେଇ ।

ନାନାଙ୍କର ଦେହାନ୍ତର ଖବର ପ୍ରଚାର ହୋଇଯିବା ମାତ୍ରେ ସମାଜର ସଂପାଦିକା ମନୋରମା ମହାପାତ୍ର, ହାଡ଼ିବନ୍ଧୁ ମିର୍ଦ୍ଧା, ଧନେଶ୍ୱର ପତି ଓ ଆହୁରି ଅନେକ ହସ୍‌ପିଟାଲ୍‌ରେ ପହଞ୍ଚିଗଲେ । ସାନ କକେଇ ଶରତ୍ ଚନ୍ଦ୍ର ଉଦ୍‌ଗାତା ଓ ଭାଇ ବିଧୁଭୂଷଣ ମଧ୍ୟ ପହଞ୍ଚିଯାଇଥିଲେ । ସମସ୍ତଙ୍କ ଗହଣରେ ସେଇ କଟକ ହସ୍‌ପିଟାଲ୍‌ରୁ ବାହାରିଲା ତାଙ୍କର ଅନ୍ତିମ ଯାତ୍ରା ପୁରୀ ସ୍ୱର୍ଗଦ୍ୱାର କୁ । ମନୋରମା ମହାପାତ୍ରଙ୍କ ଭାଷାରେ "ସଂସ୍କୃତିର ଉଦ୍‌ଗାତା ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ନିଜ ପରିବାର କୁ ନିଜର ଅତି ଅନ୍ତରଙ୍ଗ ସାହିତ୍ୟ ଜଗତକୁ ଚିରଦିନ ପାଇଁ ଶେଷ ବିଦାୟ ଦେଇ ଚାଲିଗଲେ କେଉଁ ଅଦେଖା, ଅଜଣା ଅପହଞ୍ଚ ଅନନ୍ତ ଶୂନ୍ୟତାକୁ । ପୁତ୍ର, ଜାମାତା, ନାତି ଓ ବନ୍ଧୁମାନଙ୍କ ସହ ଅନ୍ତିମ ଯାତ୍ରାକଲେ ଜଗନ୍ନାଥଙ୍କ କ୍ଷେତ୍ରର ସ୍ୱର୍ଗଦ୍ୱାରକୁ । ସେଠାରେ ରହିବା ପାଇଁ ସ୍ଥାନ ନେଲେ ମାତ୍ର ସାଢ଼େ ତିନିହାତ ।

ଲେଖିକାଙ୍କ ଅଭିମତ

ପରିଶେଷରେ, ସେଥିଲେ ଜଣେ ସାର୍ଥକ ଜନ୍ମା । ବ୍ୟକ୍ତି, ସମାଜ,ଜାତି, ପରିବାରର ଅଗ୍ରଗତି ନିମିତ୍ତ ତାଙ୍କର ଚିନ୍ତାଧାରା ଓ ଜୀବନର ବିଭିନ୍ନ ଅଧ୍ୟାୟ ଅନୁସରଣୀୟ । ପରିବାରବର୍ଗଙ୍କର ଉନ୍ନତି ତଥା ପ୍ରତିଷ୍ଠା, ତାଙ୍କର ବୃଷାଳ ପିତୃ ପୁରୁଷଙ୍କ ଦ୍ୱାରା ରୋପିତ ବୃକ୍ଷର ସବୁଜିମାର ସୁରକ୍ଷା କରିବାକୁ ସେ ଇଶ୍ୱରଙ୍କ ଅଶେଷ ଶୁଭଶୀର୍ବାଦରୁ ଥିଲେ ସମର୍ଥ । ତେଣୁ ଉକ୍ତି ଅଛି :-

ପରିବର୍ତ୍ତିନୀ ସଂସାରେ ମୃତଃ କୋଽବା ନ ଯାୟତେ
ସଜାତଃ, ଯେନ ଜାତେନ ଜାତି ବଂଶଃ ସମୁନ୍ନତିମ ।
ଓଁ ତତ୍ ସତ୍

****

Digitized by srujanika@gmail.com

√ ଲଡୁକେଶ୍ୱର ଓ ନେତ୍ରମଣି

√ ସରସ୍ୱତୀ ଓ ଗୋବିନ୍ଦ ଚନ୍ଦ୍ର

Digitized by srujanika@gmail.com

ମା ଓ ନାନା

ଶ୍ରୀମତୀ ରେଣୁ ମିଶ୍ର

'ନାନା' ପୁସ୍ତକଟି ଜଣେ ପିତାଙ୍କର ଜୀବନୀ । ଏହା ସ୍ୱଳ୍ପ ବେତନ ଭୋଗୀ, କୁଳୀନ, ରକ୍ଷଣଶୀଳ, ମଧ୍ୟବିତ୍ତ, ବହୁ କୁଟୁମ୍ବୀ ବ୍ରାହ୍ମଣ ପରିବାରର ଜ୍ୟେଷ୍ଠ ସନ୍ତାନ ତଥା କର୍ତ୍ତା, ହାହୁତାଶ ଭରା ସଂଘର୍ଷମୟ ଜୀବନ ସଂଗ୍ରାମ ମଧ୍ୟରେ ଲକ୍ଷ୍ୟ ସ୍ଥଳରେ ଉପନୀତ ହୋଇପାରିଥିବା ୰ଡ଼ଃ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କ ସମଗ୍ର ଜୀବନର ମର୍ମସ୍ପର୍ଶୀ ତଥା ପ୍ରେରଣା ଦାୟକ ବିବରଣୀ ଉପରେ ଆଧାରିତ ।

ଲେଖିକା ଡ଼ଃ. ରେଣୁ ମିଶ୍ରଂ (ଉଦ୍‌ଗାତା) ୧୯୪୧ ମସିହା ନଭେମ୍ବର ମାସ ତା. ୨୩ ଦିନ ବଲାଙ୍ଗୀର ଜିଲ୍ଲାର ଟିକ୍ରାପଡ଼ାରେ ଜନ୍ମ ଗ୍ରହଣ କରିଥିଲେ । ସେ ସ୍ୱର୍ଗତ ଡ: ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ଏବଂ ସରସ୍ୱତୀ ଦେବୀଙ୍କର ପ୍ରଥମ ସନ୍ତାନ । ଶ୍ରୀମତୀ ମିଶ୍ର ୧୯୬୧ ମସିହାରେ ରେଭେନ୍‌ସା ମହାବିଦ୍ୟାଳୟରୁ ସଂସ୍କୃତ ସମ୍ମାନ ସହ ସ୍ନାତକ ହେଲାପରେ ୧୯୬୨ ମସିହାରେ ରାଧାନାଥ ପ୍ରଶିକ୍ଷଣ ମହାବିଦ୍ୟାଳୟରୁ ବି.ଏଡ୍. ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୬୩ ମସିହାରେ ଓଡିଆରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ ।

ଓଡିଆ କୃଷ୍ଣ ସାହିତ୍ୟରେ ରୀତି କାବ୍ୟ ପରମ୍ପରା ବିଷୟରେ ଗବେଷଣା କରି ସେ ୧୯୮୮ ମସିହାରେ ପିଏଚ୍.ଡି ଲାଭ କରିଥିଲେ । ସେ ବିଶିଷ୍ଟ ଐତିହାସିକ ପ୍ରାକ୍ତନ ଅଧ୍ୟକ୍ଷ ଡ଼: ବିଭୁତି ଭୂଷଣ ମିଶ୍ରଙ୍କ ଧର୍ମ ପତ୍ନୀ । ୧୯୬୩ ମସିହାରେ ସେ ଓଡିଆ ଅଧ୍ୟାପିକା ରୂପେ ଚାକିରୀ ଆରମ୍ଭ କରି ପରେ ପ୍ରାଧ୍ୟାପିକା ଓ ଅଧ୍ୟକ୍ଷ ହୋଇ ୧୯୯୯ ମସିହା ନଭେମ୍ବର ତା ୩୦ରେ ସରକାରୀ ମହିଳା ମହାବିଦ୍ୟାଳୟ ସମ୍ବଲପୁରରୁ ଅବସର ଗ୍ରହଣ କରିଥିଲେ । ଚାକିରୀ ପ୍ରାରମ୍ଭରୁ ଅଦ୍ୟାବଧି ସେ ଅନେକ ଗବେଷଣା ମୂଳକ ପ୍ରବନ୍ଧ ଉପସ୍ଥାପନ, ସାହିତ୍ୟ ଆଲୋଚନା ତଥା ବିଭିନ୍ନ ସଭାସମିତିରେ ଯୋଗଦାନ ରତା । ତାଙ୍କ ରଚିତ ପୁସ୍ତକ - "ପ୍ରାଚ୍ୟ କାବ୍ୟ ତତ୍ତ୍ୱ ଓ ତା'ର ପ୍ରୟୋଗ --- ରସକଲ୍ଲୋଳ" ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟ କ୍ରମରେ ଅନ୍ତର୍ଭୁକ୍ତ ହୋଇଛି । "ପ୍ରଭାବତୀ ଦେବୀ ଆଶାର ବତି ଘର" ତାଙ୍କର ଅନୁବାଦିତ ପୁସ୍ତକ । ସାହିତ୍ୟ କୃତି ପାଇଁ ସେ ପ୍ରଜାତନ୍ତ୍ର ପ୍ରଚ୍ଚାର ସମିତି ଦ୍ୱାରା ପୁରସ୍କୃତା । ସେ ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁରର ପ୍ରାକ୍ତନ ଉପସଭାପତି । ଅଧୁନା ହୀରାଖଣ୍ଡ ନାଗରିକ ପରିଷଦର ସଦସ୍ୟା, ଉତ୍କଳ ମହିଳା ସମିତି, ସମ୍ବଲପୁର ଓ S.E.C.S., ଗୋପାଳମାଳର ସଭାପତି ଏବଂ ଉଦ୍‌ଗାତା ସ୍ମୃତି କମିଟୀ ର ସମ୍ପାଦିକା ।

Digitized by srujanika@gmail.com